ମାର୍ଚ୍ଚ ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in

## ପ୍ରସଙ୍ଗ :
## ପର୍ଯ୍ୟଟନ





HIGHLAND
A Highland Group Entity
A state of the art shrimp processing plant
Our Certifications :
SGS
FSSC 22000
BRCGS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

## ରେବତୀ
### ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୫ମ ସଂଖ୍ୟା, ମାର୍ଚ୍ଚ ୨୦୨୩ ■ Vol-5, Issue : 5, March 2023



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କମ୍ପ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
***rebatimedia@gmail.com***

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
***rebati.rebati2018@gmail.com***
***rebati.edit2020@gmail.com***


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର


। ୫ମ ବର୍ଷ । ୫ମ ସଂଖ୍ୟା । ମାର୍ଚ୍ଚ ୨୦୨୩ ।

ଆମ ମାଟିର ସ୍ୱର




୭ ସମ୍ପାଦକୀୟ : ପରିବାର ଓ ପର୍ଯ୍ୟଟନ : ସୁବାସିନୀ ଜେନା




୮
ବିଶେଷ ମତ : ଅସହିଷ୍ଣୁତାର ଏକ...: ଡକ୍ଟର ଶିଶିର ବେହେରା

୧୦
ସ୍ମରଣୀୟେଷୁ : ବାଲେଶ୍ୱରର ବରପୁତ୍ର: ଉଦୟ ନାରାୟଣ ଦାସ

୨୦
ପର୍ଯ୍ୟଟନ-୧ : ଦ୍ରାବିଡ଼ଙ୍କ ଦେଶେ: ପ୍ରଜ୍ଞାଶ୍ରୀ ରଥ

୩୦
ପର୍ଯ୍ୟଟନ-୨ : ସୌନ୍ଦର୍ଯ୍ୟର ସଖା...: ଜୟନ୍ତ ଶେଠ୍

୪୦
ପର୍ଯ୍ୟଟନ-୩ : ଆଶାର ଇସାରା : ଇଶା: ହିରଣ୍ମୟୀ ମିଶ୍ର

୪୬
ପର୍ଯ୍ୟଟନ-୪ : ଶୁଭ୍ରବରଣୀ ଫିନ୍‌ଲ୍ୟାଣ୍ଡ: ସୌରଭ ରଂଜନ ମହାପାତ୍ର


୫୧
ପର୍ଯ୍ୟଟନ-୫ : ଶୂନ୍‌ଶାନ୍ ସୁନାପୁର : ରତୁରାଜ ଦାସ

୫୪ ଦ୍ୱି-ପ୍ରଚ୍ଛଦ : ମନିଷା ଧର ମହାପାତ୍ର
୫୬ ଧାରାବାହିକ କାବ୍ୟ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ରାମକୃଷ୍ଣ ସାହୁ
: ଚକ୍ରପାଣି ପରିଚ୍ଛା
୫୮ : ନୃସିଂହ ତରାଇ
: ସ୍ୱୀକୃତି ସୁପ୍ରଭା
୫୯ : ରଜନୀ ଶତପଥୀ
: ଡ. ସାୟନ୍ତନୀ ବେହୁରା
୬୦ : ଜ୍ୟୋତ୍ସ୍ନାରାଣୀ ଭୋଇ
୬୧ : ଗୋଦାବରୀଶ ମିଶ୍ର
୬୨ : ଡ. ମମତା ସାହୁ
୬୩ : ଡ. ସୁମିତ୍ରା ମିଶ୍ର
୬୪ : ସୁନନ୍ଦା ମିଶ୍ର













୬୫ କଥା-କାହାଣୀ : କେଶବଚନ୍ଦ୍ର ରାଉତରାୟ
୭୦ ପର୍ଯ୍ୟଟନ-୬ : ମୀନା ସ୍ୱାଇଁ
୭୬ ପର୍ଯ୍ୟଟନ-୭ : ଲକ୍ଷ୍ମୀପ୍ରିୟା ଓଝା
୮୨ ବିହଙ୍ଗବିଚିତ୍ରା : ଦେବଯାନୀ ରାୟ
୮୮ ପୁଷ୍ପବିତାନ : ଶ୍ୱେତା ରାଉତ
୯୩ ଧାରାବାହିକ : ଜୟନ୍ତୀ ରଥ
୯୭ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ





## ନିୟମିତ ବିଭାଗ

ରୋଷେଇଶାଳ:


୧୦୦ : ରଷିକା ରୁଚିରମ୍ୟା
୧୦୨ : ରୋନାଲିସା ପଣ୍ଡା
୧୦୩ : ଗୀତିକା ଜ୍ୟୋତିପର୍ଣ୍ଣା
୧୦୪ : ସବିତା ମହାଲିକ

୧୦୬ ଶେଷପୃଷ୍ଠା : ସାହିତ୍ୟିକ ଓ ପୁରସ୍କାର : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ମୋକ୍ଷଦା ରାୟ,** ଖୋର୍ଦ୍ଧା
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ବୃତ୍ତି : **କ୍ୟାମ୍ପେନ୍ ମ୍ୟାନେଜର୍, ଡିଜିଟାଲ୍ ମାର୍କେଟିଂ ସେକ୍ଟର**
ରୁଚି : **ଭ୍ରମଣ, କାର୍ଟୁନ୍ ସ୍କେଚ୍, ଖାଦ୍ୟପ୍ରିୟ**
ଶିକ୍ଷା : **+୨ ସାଇନ୍ସ, ବିଟେକ୍**
ପ୍ରଚ୍ଛଦ ଫଟୋଗ୍ରାଫି : **ଅଜିତ କୁମାର,** ଶାରଳା ଫ୍ୟାଶନ୍ ଷ୍ଟୁଡ଼ିଓ
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ସୋନପୁର
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **ଚିନ୍ମୟୀ ବେହେରା,** ଏସ୍୪ ବିୟୁଟି ଷ୍ଟୁଡ଼ିଓ
ଫଟୋଶୁଟ୍ ସ୍ଥାନ : **ଜଟଣୀ**

**ମଲାଟ କଥା :** ଦୋଳଯାତ ବା ଦୋଳପୂର୍ଣ୍ଣିମା ବା ଫଗୁଖେଳ ଫଗୁଣ (ଫାଲଗୁନ)ମାସର ପୂର୍ଣ୍ଣିମା ତିଥିରେ ପାଳିତ ହୁଏ । ଏହା ପ୍ରେମ ଓ ଭାଇଚାରାର ଏକ ବଡ଼ ହିନ୍ଦୁ ପର୍ବ । ଏହା ସାରାଭାରତର ଅତି ଲୋକପ୍ରିୟ ପର୍ବ ଭିତରୁ ଅନ୍ୟତମ । ବସନ୍ତ ଋତୁର ଏଇ ଖେଳକୁ ସବୁ ବର୍ଗର ଲୋକେ ଉପଭୋଗ କରିଥାନ୍ତି । ଏଇ ପର୍ବରେ ଲୋକମାନେ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଘରକୁ ଘର ବୁଲିଥାନ୍ତି । ଫଗୁ ପୁନେଇଁ ଦିନ ସବୁ ବିମାନଙ୍କୁ ଦୋଳମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଏ । ପୁନେଇ ଦିନ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନମାନଙ୍କର ମନୋରମ ଶୋଭାଯାତ୍ରାକୁ ମେଲଣ କୁହାଯାଏ । ଏହାର ପରଦିନ ରଙ୍ଗଖେଳ ହୋଇଥାଏ । ସେଇ ଖେଳରେ ବ୍ୟବହୃତ ରଙ୍ଗ ପିଚକାରୀ ଓ ଅବିରର ପ୍ରତୀକାତ୍ମକ ମୁହୂର୍ତ୍ତ ହିଁ ଏ ମାସର ପ୍ରଚ୍ଛଦ ଆମର ।






## ମତ-ଅମତ

### ସାହିତ୍ୟରେ ଶିଷ୍ଟାଚାର ପ୍ରସଙ୍ଗ ଶିକ୍ଷଣୀୟ

● ଆଜି 'ରେବତୀ' ପାଇଲି । ଏଥର 'ରେବତୀ' ଠିକ୍ ରେବତୀ ପରି ଦିଶିଲା । ଚମତ୍କାର । ମୋର 'ରେବତୀ' ପଢ଼ିବା ଆରମ୍ଭ ହୁଏ । 'ଶେଷପୃଷ୍ଠା'ରୁ । ସାହିତ୍ୟରେ ଶିଷ୍ଟାଚାର ପ୍ରସଙ୍ଗଟି ଅତ୍ୟନ୍ତ ଶିକ୍ଷଣୀୟ ଓ ମର୍ମସ୍ପର୍ଶୀ । ଓଡ଼ିଶାର ଅନନ୍ୟ ଓ ଅମ୍ଳାନ ପ୍ରତିଭା ସ୍ୱର୍ଗତ ଅସୀମ ବସୁଙ୍କ ଉପରେ ଝିଅ ଶ୍ରୀମତୀ ଭାସ୍ୱତୀ ବସୁଙ୍କ ଆଲେଖଟି ହୃଦୟକୁ ଛୁଇଁଲା । ଜୟନ୍ତୀ ମାଡାମ୍‌ଙ୍କର ମାନନୀୟା ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କୁ ସାକ୍ଷାତ୍ କରି ଗପଟିଏ ମାଗିବାର ସ୍ମୃତି ବେଶ୍ ଭାବପୂର୍ଣ୍ଣ ଓ ଛଳଛଳ । ସ୍ୱର୍ଗତ କବି ଚନ୍ଦ୍ର କୁମାର ମହାନ୍ତିଙ୍କ କବିତା ସମେତ ପ୍ରଥମେ କେତୋଟି କବିତା ଖୁବି ଛୁଇଁଲା । ଶେଷ କିଷାନଙ୍କ ପରି ପିଲାମାନେ ହିଁ ପ୍ରକୃତରେ gifted child, ଅନ୍ୟ ସବୁ ବିଭାଗ ମନକୁ ବେଶ୍ ମନଛୁଆଁ । ଆଉସବୁ ପଢ଼ି ସାରିଲେ କହିବି ।

**ସାବିତ୍ରୀ କବି,** ଭଦ୍ରକ

### ସାହିତ୍ୟିକର ଶିଷ୍ଟାଚାର ହୃଦୟସ୍ପର୍ଶୀ ଆଲେଖ୍ୟ

● ଆଜି 'ରେବତୀ' ଆଣିଲି ଏବଂ ପ୍ରଥମେ 'ଶେଷ ପୃଷ୍ଠା' ପଢ଼ିଲି । ମୁଁ ପ୍ରାୟତଃ 'ରେବତୀ' ସେମିତି ହିଁ ପଢୁଛି । 'ଶେଷପୃଷ୍ଠା'ରୁ ଆରମ୍ଭ ! 'ସାହିତ୍ୟିକର ଶିଷ୍ଟାଚାର' ଏକ ହୃଦୟସ୍ପର୍ଶୀ ଆଲେଖ୍ୟ । ପଢ଼ିଲା ପରେ ମୁଁ ଆପଣଙ୍କ ସମ୍ପର୍କରେ ଢେର୍ ସମୟ ଭାବିବାକୁ ଲାଗିଲି, କାହିଁକି କେଜାଣି ଆପଣଙ୍କ ସହିତ ଥରେ ଦେଖା କରିବାକୁ ମନରେ ଖୁବ୍ ଆଗ୍ରହ ଆସୁଛି ! ଆପଣଙ୍କ ଆଲେଖ୍ୟରୁ ମୁଁ ଏତିକି ବୁଝୁଚି ଯେ ଆପଣ ଜଣେ ଖୁବ୍ ଉଦାର, ମେଳାପି, ମିଷ୍ଟଭାଷୀ, ଅନ୍ୟକୁ ଅନାବିଳ ଭାବେ ଭଲ ପାଇବା ଓ ସମ୍ମାନ ଦେବା, ବିଶେଷ କରି ଏକ ମହାମାନବୀୟ ଚେତନାରେ ପରିପୂର୍ଣ୍ଣ ଋଷି ତୁଲ୍ୟ ବ୍ୟକ୍ତିତ୍ୱ !

**ଭଗବାନ ପଣ୍ଡା ଭଗତ,** ବ୍ରହ୍ମପୁର

### 'ଶେଷପୃଷ୍ଠା'ରେ ଉପଯୋଗୀ କଥାଟିଏ ଅଛି

● ଏବେ ଏବେ 'ରେବତୀ' ସଂଖ୍ୟା ହାତକୁ ଆସିଲା । ବହୁତ ଭଲ ଲେଖା ସବୁ ଅଛି । ଆଦିବାସୀ ଯୁବକ ଶେଷଦେବଙ୍କ ସଂଘର୍ଷମୟ କାହାଣୀ ବାସ୍ତବରେ ପ୍ରେରଣାଦାୟୀ । 'ଶେଷପୃଷ୍ଠା'ରେ ଆପଣ ଖୁବ୍ ଉପଯୋଗୀ କଥାଟିଏ ଲେଖିଛନ୍ତି । ଶିଷ୍ଟାଚାର ବାସ୍ତବରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଆପଣଙ୍କୁ ଅନେକ ଧନ୍ୟବାଦ । ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେବାର ପ୍ରୟାସ ଜାରି ରହୁ । ଏଭଳି ଲେଖା ପଢ଼ି ଯଦି ମଣିଷ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତି, ତେବେ ଆପଣଙ୍କ ଶ୍ରମ ସାର୍ଥକ ହେଲା ।

**ପ୍ରଜ୍ଞା ବଳ,** କେନ୍ଦୁଝର




### ଶେଷଦେବ କିସାନଙ୍କ ଜୀବନ କାହାଣୀ ଭଲ ଲାଗିଲା

● 'ରେବତୀ'ର ଫେବୃଆରୀ ୨୦୨୩ ସଂଖ୍ୟା ପାଇବାର ଦୁଇ ଦିନ ମଧ୍ୟରେ ସମସ୍ତ ଲେଖା ପଢ଼ି ଶେଷ କଲି ! ଏହି ପତ୍ରିକାଟି ସମ୍ପାଦନା ତଥା ପ୍ରକାଶ କରିବାରେ ଯେ କେତେ ଶ୍ରଦ୍ଧାମିଶ୍ରିତ ଶ୍ରମ ଉପଯୋଗ ହୋଇଥିବ, ତାହା ଅନୁଭବ କରି ଏଥିରେ ସଂପୃକ୍ତ ପ୍ରତ୍ୟେକ ସାହିତ୍ୟମନସ୍କ ବ୍ୟକ୍ତିଙ୍କୁ ମୋର ବିନମ୍ର ଶ୍ରଦ୍ଧା ଓ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ଏହି ଚିଠି ଲେଖୁଛି ! ସର୍ବପ୍ରଥମେ 'ରେବତୀ' ପତ୍ରିକାର ଚମତ୍କାର ସୌଷ୍ଠବ, ପ୍ରାସଙ୍ଗିକ ବିଷୟ ଚୟନ, ପରିପାଟୀ ଓ ଉଚ୍ଚମାନର କାଗଜ ତଥା ଫଟୋ ବ୍ୟବହାର ଯୋଗୁଁ ଏହାକୁ ସୁଦୃଶ୍ୟ, ସୁଖପାଠ୍ୟ, ତଥା ଚିତ୍ତ ବିନୋଦକ କରି ପାରିଥିବାରୁ ସମ୍ପାଦିକା, ସମ୍ପାଦନା ମଣ୍ଡଳୀ, ଲେଖକ / ଲେଖିକା, ପ୍ରସଙ୍ଗ ଉପସ୍ଥାପକଙ୍କୁ ହାର୍ଦ୍ଦିକ ଧନ୍ୟବାଦ ! ପ୍ରଚ୍ଛଦରେ ସର୍ବଦା ସୁନ୍ଦର ସୁନ୍ଦର ଝିଅଙ୍କ ଫଟୋ ରହୁଥିବାରୁ ଆକର୍ଷଣୀୟ ହୋଇ ପାରୁଛି ସତ, ମାତ୍ର କେବେ ଅନ୍ୟ କିଛି ଯଥା ସୁନ୍ଦର ଚିତ୍ରଟିଏ ଯାହା ଭିତରେ ଦିଆ ଯାଇଛି ତାହା ଦେଇ ପାରିବା ! କାରଣ ନାରୀକୁ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ରୂପେ ନଦେଖି ପ୍ରକୃତିର ଅନ୍ୟାନ୍ୟ ବସ୍ତୁରେ ଅପ୍ରମିତ ସୌନ୍ଦର୍ଯ୍ୟ ଅଛି ବୋଲି ପ୍ରମାଣ କରି ପାରିବା ! ଅସୀମ ବସୁଙ୍କ ଉପରେ ତାଙ୍କ କନ୍ୟା ଭାସ୍ୱତୀଙ୍କ ଚର୍ଚ୍ଚା ଯୋଗୁଁ ଜଣେ ପ୍ରତିଭାଶାଳୀ କଳାକାର, ଓଡ଼ିଶା ମାଟିର ଅନନ୍ୟ ପ୍ରଚ୍ଛଦ ଓ ମଂଚ ସଜ୍ଜା କରୁଥିବା ଚିତ୍ରଶିଳ୍ପୀଙ୍କ ବିଷୟରେ ଅନେକ କଥା ଜାଣିହେଲା ! ମୁଁ ଭାସ୍ୱତୀଙ୍କ କଳାକାର ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ! ଏଥରର ପ୍ରସଙ୍ଗ ଥିଲା 'ଜନଜାତି' । ଏହି ପ୍ରସଙ୍ଗକୁ ନେଇ 'କାଦମ୍ବିନୀ'ର ଏକ ବିଶେଷ ସଂଖ୍ୟା ବାହାରିଥିଲା, ପଢ଼ିଥିଲି ! ମାତ୍ର ଏଠାରେ ଉପସ୍ଥାପିତ ଅନେକ କଥା ସେଥିରେ ଯାଇ ନଥିଲା ! ଫଟୋଗୁଡ଼ିକ ଖୁବ୍ ସୁନ୍ଦର ହୋଇଛି ! 'ଖଡ଼ିଆଙ୍କ ଖୋଜ୍'ରେ ଦେବପ୍ରିୟ ଜନଜାତିଙ୍କ ମୁଖ୍ୟ ଜୀବିକା ତଥା ସେମାନଙ୍କ ଜୀବନ ଶୈଳୀ, ପରମ୍ପରା, ପର୍ବପର୍ବାଣି ସଂକ୍ରାନ୍ତରେ ସବିଶେଷ ତଥ୍ୟ ପରିବେଷଣ କରିଛନ୍ତି ! ଏହି ତଥ୍ୟ ମୋ ପରି ସାଧାରଣ ପାଠକଙ୍କୁ ଅଜଣା ଥିବାରୁ ରୋଚକ ହୋଇପାରିଛି ! ଅଜିତ୍‌ଙ୍କର 'ଧରନୀ ତତ୍ତ୍ୱ' ମଧ୍ୟ ବିଶେଷ ଗବେଷଣା ଆଧାରିତ ! ମାତ୍ର ଏହା ପରିବେଷଣ ଶୈଳୀ ବୌଦ୍ଧିକ ନହୋଇ ଟିକେ ସାହିତ୍ୟିକ ଭାଷା, ଭାବ ଓ ଆବେଗ ସହ ପରିବେଷିତ ହୋଇଥିଲେ ଆଉ ଟିକେ ସୁଖପାଠ୍ୟ ହୋଇ ଥାଆନ୍ତା ବୋଲି ମୋର ମତ ! ରଂଜନ ପ୍ରଧାନଙ୍କ ଶୈଳୀ ବେଶ୍ ସରଳ, ସାବଲୀଳ ହେଲେ ବି ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ! ଜନଜାତିଙ୍କ ପୋଷାକ ପରିଧାନ ଉପରେ ବିସ୍ତୃତ ବିବରଣୀ ଫଟୋ ସହ ଦେଇଥିବାରୁ ଖୁବ୍ ଉପଭୋଗ୍ୟ ହେଲା ! ସେହିପରି ଦେବାଶିଷ ପାତ୍ର, ସବ୍ୟସାଚୀ ବିଷୋୟୀ, ବିଜୟ ଜେନା ଆଦି ଉପସ୍ଥାପନା କରିଥିବା ସବୁ ବିଷୟ ରୋଚକ ମନେହେଲା ! 'ମା' କଣ୍ଟା ବାଉଁଶୁଣୀ'ଙ୍କ କାହାଣୀ ଭାରି ଭଲ ଲାଗିଲା ! ବାଉଁଶ, ଅରଖ ଓ ମାଣ୍ଡିଆ ଆଦି ଜନଜାତିଙ୍କ ପ୍ରିୟ, ବ୍ୟବହାର୍ଯ୍ୟ ବସ୍ତୁ ବିଷୟରେ ଅନେକ ତଥ୍ୟ ଯୋଗାଇ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ! ଏହି ଜନଜାତି ସମ୍ବନ୍ଧୀୟ ସଂଖ୍ୟାଟି ପଢ଼ି ହୃଦ୍‌ବୋଧ ହେଲା ଯେ ପ୍ରତ୍ୟେକ ସାମାଜିକ ଜୀବନର ଏକ ସଂସ୍କୃତି ଓ ପରମ୍ପରା ରହିଛି, ଯାହା ଅନ୍ୟ ସଭ୍ୟତା ଠାରୁ ଅଲଗା ହେଲେ ବି ନିମ୍ନ ନୁହେଁ ! ଆମେ ନିଜର ଅଜ୍ଞତା ଓ ଗର୍ବ ଯୋଗୁଁ ସେମାନଙ୍କୁ ଛୋଟ ମଣିବା ଆଦୌ ସମୀଚୀନ ନୁହେଁ ! ଧାରାବାହିକରେ ପ୍ରାକ୍ତନ ଇଂରାଜୀ ପ୍ରଫେସର୍, ରେଭେନ୍ସାରେ ମୋର ବିଭାଗୀୟ ମୁଖ୍ୟ ତଥା ଅଧ୍ୟକ୍ଷ ରହିଥିବା ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ' ଭଲ ଲାଗୁଛି ! ମୋତେ ସବୁଠୁ ବେଶୀ ଭଲ ଲାଗିଲା ଡ. ଶେଷଦେବ କିସାନ୍‌ଙ୍କ ଜୀବନ କାହାଣୀ ! ପେପର୍‌ରୁ ପଢ଼ିଥିଲି, ଭୁଲି ଯାଇଥିଲି ! ଫଟୋ ସହ ତାଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ଜାଣି ବହୁତ ଆନନ୍ଦିତ ହେଲି ! ତାଙ୍କ ବୈବାହିକ ଓ ବୈଜ୍ଞାନିକ ଜୀବନ ପଥ କୁସୁମିତ ହେଉ ଏବଂ ସେ ବହୁତ ଆଗକୁ ବଢ଼ନ୍ତୁ ! ଦେଶ, ଦଶର ସେବା କରି ନିଜ ଜୀବନକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରି ମହନୀୟ କରି ତୋଳନ୍ତୁ, ଏଇ କାମନା ! 'ସାହିତ୍ୟିକର ଶିଷ୍ଟାଚାର' କୃଷ୍ଣ ଭାଇଙ୍କ ସୁବିଚାର ପ୍ରକାଶ କରୁଛି ! ସଭ୍ୟ ଓ ଅସଭ୍ୟ ଭିତରେ ପ୍ରଭେଦ ତ କେବଳ ବ୍ୟବହାରରୁ ହିଁ ଜଣାପଡ଼େ, ଧନ ସଂପଦରୁ ନୁହେଁ ! ସମସ୍ତଙ୍କୁ ମୋର ସାଦର ସାରସ୍ୱତ ପ୍ରଣାମ ! ମାର୍ଚ୍ଚ ସଂଖ୍ୟା ଅପେକ୍ଷାରେ ରହିଲି !

**ଡକ୍ଟର ସୁମିତ୍ରା ମିଶ୍ର,** କୋଲଥିଆ, ଭୁବନେଶ୍ୱର

### ସାହିତ୍ୟିକର ଶିଷ୍ଟାଚାର ସମସ୍ତ ସାହିତ୍ୟିକ ଅନୁଭବ କରିବା ଉଚିତ

● ଭାଇ ନମସ୍କାର ! ଫେବୃଆରୀ ମାସର 'ରେବତୀ'ରୁ 'ସାହିତ୍ୟିକର ଶିଷ୍ଟାଚାର' ପଢ଼ିଲି । ମୁଁ ବି ଥରେ ଏମିତି କଥା ଶୁଣି ବ୍ୟଥିତ ହୋଇଥିଲି । କିନ୍ତୁ କିଛି କହିପାରି ନଥିଲି । ତେଣୁ ଆଜି ମୋତେ ବହୁତ ଭଲ ଲାଗୁଛି । ସବୁ ସାହିତ୍ୟିକ ଅନୁଭବ କରିପାରିଲେ ହେଲା । ଲେଖା ପାଇଁ ଅନ୍ତରରୁ ଧନ୍ୟବାଦ ।

**ଡକ୍ଟର ମମତା ସାହୁ,** ଭଦ୍ରକ

# ପରିବାର ଓ ପର୍ଯ୍ୟଟନ

ଘଷରା ଜୀବନଚର୍ଯ୍ୟାରୁ ସାମାନ୍ୟ ମୁକ୍ତି ପାଇବା ପାଇଁ ଆମେ ଅନେକ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଥିବା କିଛି ସ୍ଥାନ ଅଭିମୁଖେ ଯାତ୍ରା କରିଥାଉଁ । ସେସବୁ ପ୍ରାକୃତିକ ଶୋଭାରାଜି ଭିତରେ ହଜିଗଲା ବେଳେ ମନରୁ ଲିଭିଯାଏ ଦୈନନ୍ଦିନ ଦିନଚର୍ଯ୍ୟାର ଯାବତୀୟ ବିରକ୍ତିକର ଛାପ । ଅର୍ଥାତ୍ ମନୋରଞ୍ଜନର ଏକ ସୁନ୍ଦର ମାଧ୍ୟମ ହେଉଛି ପର୍ଯ୍ୟଟନ ବା ଭ୍ରମଣ । କିଛି ଫୁର୍ସତ୍ ସମୟର ଆନନ୍ଦ ଉଠାଇବା ପାଇଁ ଏବଂ ପ୍ରତିଦିନ ଏକ ପ୍ରକାର ଘଷରା କାମ କରି କରି ବିରକ୍ତ ହୋଇଯିବା ହେତୁ ତହିଁରୁ ମୁକ୍ତି ପାଇବା ପାଇଁ ଆମେ ଅନେକ ସମୟରେ ମନପସନ୍ଦର ସ୍ଥାନକୁ ବୁଲିବା ପାଇଁ ଯୋଜନା କରୁ । ମୂଳତଃ ଆନନ୍ଦ ଉଠାଇବା ଏବଂ ପୁଣିଥରେ ନିଜ କର୍ମରେ ପୂର୍ବବତ୍ ସ୍ଫୂର୍ତ୍ତିଶୀଳ ହୋଇ ଲାଗିବା ହେଉଛି ଏହି ପର୍ଯ୍ୟଟନ ବା ଭ୍ରମଣର ଲକ୍ଷ୍ୟ ।


ପର୍ଯ୍ୟଟନ ଏବେ ସାରା ଦୁନିଆରେ ଏକ ଆରାମଦାୟକ ଗତିବିଧି ରୂପରେ ବେଶ୍ ଲୋକପ୍ରିୟ ହୋଇପାରିଛି । ଆମ ମଧ୍ୟରୁ ଊଣାଅଧିକେ ସଭିଏଁ ବର୍ଷରେ ଥରେ କିମ୍ବା ଏକାଧିକ ଥର ବିଭିନ୍ନ ସ୍ଥାନ ପରିଭ୍ରମଣରେ ଯାଆନ୍ତି । ସେସବୁ ସ୍ଥାନ ବିଷୟରେ ଐତିହାସିକ ତଥ୍ୟ ଓ ସେଠାକାର ଲୋକମାନଙ୍କ ସମ୍ପର୍କରେ ଅଧିକ ଜ୍ଞାନ ମଧ୍ୟ ମିଳିଥାଏ । ତେଣୁ ପର୍ଯ୍ୟଟନ ଯେ କେବଳ ମନୋରଂଜନର ମାଧ୍ୟମ ସେପରି ନୁହେଁ, ଏହାଦ୍ୱାରା ଜ୍ଞାନ ମଧ୍ୟ ଆହରଣ କରିହୁଏ । ପର୍ଯ୍ୟଟନ କେବଳ ଯେ ରାଜ୍ୟ ରାଜ୍ୟ ଭିତରେ ହୁଏ ତାହା ନୁହେଁ? ଦେଶ ଦେଶ ମଧ୍ୟରେ ବି ଭ୍ରମଣ ଆନନ୍ଦ ଉଠାଇଥାଉଁ ଆମେ । ପର୍ଯ୍ୟଟନ ହେଉ ଅବା ପରିଭ୍ରମଣ, ଏହା ଭାରତର ଏକ ସବୁଠୁ ବଡ଼ ସେବାକ୍ଷେତ୍ର । ଭାରତୀୟ ପରମ୍ପରା, ସଂସ୍କୃତି, ବ୍ୟାପାର ଏବଂ ଅର୍ଥନୀତି ଏହାରି ଅନ୍ତର୍ଗତ ଅଟେ । ଏସବୁ କ୍ଷେତ୍ରରେ ଭାରତୀୟ ପର୍ଯ୍ୟଟନର ଏକ ବିକଶିତ ରୂପ ଆମେ ଦେଖିଥାଉଁ । ସେଥିପାଇଁ ପର୍ଯ୍ୟଟନର ବିକାଶ ହିଁ ଦେଶର ବିକାଶ ବୋଲି କୁହାଯାଇଥାଏ । ପର୍ଯ୍ୟଟନର ବିକାଶ ପାଇଁ ଦେଶ ମଧ୍ୟରେ ଥିବା ବିଭିନ୍ନ ଲୁକ୍କାୟିତ ବା ଜନସମୁଦାୟ ପହଞ୍ଚି ପାରିନଥିବା ସ୍ଥାନମାନଙ୍କୁ ଆବିଷ୍କାର କରି ସେସବୁକୁ ଗମନାଗମନ ଓ ରହିବା ଯୋଗ୍ୟ କରିବା ଉଚିତ୍ । ସେହିଭଳି ଆମ ରାଜ୍ୟ ମଧ୍ୟରେ ଏମିତି ଅନେକ ପର୍ଯ୍ୟଟନ ମାନ୍ୟତା ପାଇବା ଭଳି ଯୋଗ୍ୟ ସ୍ଥାନ ଅନାବିଷ୍କୃତ ହୋଇ ରହିଛି । ଯାହାକୁ ପର୍ଯ୍ୟଟନ ସ୍ଥଳି ଭାବେ ସମୃଦ୍ଧ କରି ତୋଳିବାର ଆବଶ୍ୟକତା ରହିଛି । ଅନେକ ପର୍ଯ୍ୟଟନ ସ୍ଥଳିର ବିକାଶ ଦିଗରେ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ନେବା ଜରୁରୀ । ଏହାଦ୍ୱାରା କେବଳ ଆମ ରାଜ୍ୟ ସମୃଦ୍ଧିଶାଳୀ ହେବ ନାହିଁ, ବିକାଶର ଏକ ନୂଆ ଦିଶା ତିଆରି ହେବ । ଅର୍ଥନୈତିକ ଦିଗରୁ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରୁ ଯଥେଷ୍ଟ ରାଜସ୍ୱ ଆସିପାରିବ ।

ପର୍ଯ୍ୟଟନ ହେଉଛି ଜୀବନାନନ୍ଦର ଆଉ ଏକ ବାଟ । କହିବାର ତାତ୍ପର୍ଯ୍ୟ ହେଲା ଜୀବନରେ ଏକ ପ୍ରକାର କାର୍ଯ୍ୟ କରି କ୍ଳାନ୍ତ ହୋଇପଡ଼ିବା ସ୍ୱାଭାବିକ । ଏଥିରୁ ସାମାନ୍ୟ ବିରତି ନେଇ ଆମେ ସମସ୍ତେ ସପ୍ତାହାନ୍ତରେ କିମ୍ବା ବର୍ଷକର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ କୌଣସି ନା କୌଣସି ପର୍ଯ୍ୟଟନ ସ୍ଥଳ ବୁଲିବା ପାଇଁ ଯୋଜନା କରୁ । ତେବେ ଏହି ପର୍ଯ୍ୟଟନ ସହିତ ଆମେ ଯଦି ଆମ ପରିବାରକୁ ଯୋଡ଼ି ଦେଉ ତେବେ ନୂତନ ଭାବେ ଏକ ସୁଖଦ ଅନୁଭବ ମିଳିପାରିବ । ପରିବାର ସହିତ ବୁଲାବୁଲି କରି ଆନନ୍ଦ ଉଠାଇବା ବେଳେ ଆମେ ଭୁଲିଯାଉ ଯେ, ପରିବାରର ସମସ୍ତ ସଦସ୍ୟ ଏହି ବୁଲାବୁଲିରୁ ଏକ ଆତ୍ମିକ ଆନନ୍ଦ ପାଆନ୍ତି । ପରିବାରର ବନ୍ଧନ ଏମିତି ଏକ ସଶକ୍ତ ବନ୍ଧନ, ଏହାକୁ ଭାଙ୍ଗିବା ସହଜ ନୁହେଁ । ଏଥିପାଇଁ ଅବଶ୍ୟ ପାରିବାରିକ ଦାୟ ଦାୟିତ୍ୱର କଥା ରହିଛି । ପରିବାରର ମୁରବୀ କେବଳ ଏ ବିଷୟରେ ଚିନ୍ତା ଭାବନା କରି ପରିବାରର ସମସ୍ତଙ୍କୁ ପର୍ଯ୍ୟଟନର ସୁଖ ଦେବାକୁ ଭାବିଥାଏ । ମିଳିମିଶି ପରିବାରର ସମସ୍ତେ ବୁଲିବାକୁ ଗଲେ ଉପଭୋଗର ସାନ୍ଦ୍ରତା ବଢ଼େ । ସାନପିଲାମାନଙ୍କ ଭିତରେ ଜ୍ଞାନ ବଢ଼ିବା ସହିତ ମିଳିମିଶି ଆନନ୍ଦ ଉପଭୋଗ କରିବାର ଏକ ମାନସିକତା ଛୋଟ ବେଳୁ ସୃଷ୍ଟି ହୁଏ ।

ପର୍ଯ୍ୟଟନର ପ୍ରଭାବ ପରିବାର ଉପରେ ପଡ଼େ- ଏ କଥାକୁ ଅଣଦେଖା କରିବା ଉଚିତ ନୁହେଁ । ଅନେକ କ୍ଷେତ୍ରରେ ଦେଖାଯାଏ, ପର୍ଯ୍ୟଟନକୁ ପରିବାର ଭିତରେ ପ୍ରାଧାନ୍ୟ ଦିଆ ଯାଏନି । ଅର୍ଥାତ୍ ବର୍ଷ ବର୍ଷ ଧରି ସେ ପରିବାରର କେହି ବି କେବେ ପରିଭ୍ରମଣରେ ଯାଆନ୍ତି ନାହିଁ । ଅର୍ଥାତ୍ ସେପରି ପରିବାରରେ ଆନନ୍ଦ ଓ ସୁଖଶାନ୍ତି ବିରାଜମାନ ହେବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ । ପାରିବାରିକ ଶୃଙ୍ଖଳାରେ ଆବଦ୍ଧ ହୋଇ ଗୃହକର୍ମରେ ସାରାକାଳ ନିୟୋଜିତ ନାରୀଟିଏ କ'ଣ ବାହାର ଦୁନିଆକୁ ନିଜ ପରିବାର ସହ ଉପଭୋଗ କରିବାକୁ ଚାହେଁନା? ଏହାକୁ ଥରେ ଆନ୍ତରିକ ଭାବେରେ ଭାବିଲେ, ଆମେ ନିଶ୍ଚୟ ବୁଝି ପାରିବା ଯେ ପର୍ଯ୍ୟଟନର ମୂଲ୍ୟ କେତେ ବେଶୀ, ଗୋଟେ ପରିବାର ପାଇଁ । ଏଣୁ ସର୍ବଦା ପରିବାରକୁ ପର୍ଯ୍ୟଟନର ଆନନ୍ଦ ଦେବା ପାଇଁ ସ୍ୱତନ୍ତ୍ର ଯୋଜନା ତିଆରି କରିବା ହେଉଛି ଉତ୍ତମ ଗାର୍ହସ୍ଥ୍ୟ ଜୀବନର ମୂଳମନ୍ତ୍ର- ଏ କଥା ଆମେ କସ୍ମିନକାଳେ ଭୁଲିଯିବା ଉଚିତ ନୁହେଁ ।

ଏଥରର 'ରେବତୀ'କୁ ପର୍ଯ୍ୟଟନ ବିଶେଷାଙ୍କ ଭାବେ ପ୍ରସ୍ତୁତ କରି ଆପଣମାନଙ୍କ ହାତକୁ ବଢାଇ ଦେବା ବେଳେ ଆଶା କରିବି ଆପଣମାନେ ପରିବାର ସହିତ ଥରେ ହେଲେ ଭ୍ରମଣର ଆନନ୍ଦ ଉଠାଇବେ । ସମସ୍ତଙ୍କୁ ହୋଲି ଓ ପବିତ୍ର ଦୋଳପୂର୍ଣ୍ଣିମାର ଶୁଭେଚ୍ଛା ।

**ସମ୍ପାଦିକା**



# ଅସହିଷ୍ଣୁତାର ଏକ ଉପଚାର : ସାହିତ୍ୟିକ ଶିଷ୍ଟାଚାର


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪



▲ ଶିଶିର ବେହେରା

ବ୍ୟବହାର କେବଳ ମଣିଷର ପରିଚୟ ମାତ୍ର ନୁହେଁ; ଏହା ଏକ ନୈତିକ ଶୃଙ୍ଖଳା ଏବଂ ସୁସ୍ଥ ମାନସିକତାର ସମୁଚିତ ରୂପାୟନ । ବ୍ୟକ୍ତିର ଆଚାର-ଆଚରଣ ହିଁ ତାଙ୍କୁ ସମାଜରେ ଅନ୍ୟ ଠାରୁ ପୃଥକ କରାଏ । ସେଥିପାଇଁ ଜଡ଼, ବସ୍ତୁ, ପଶୁପକ୍ଷୀ, ବୃକ୍ଷଲତାଙ୍କ ମଧ୍ୟରେ ମନୁଷ୍ୟ ହିଁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି । ନିଜର ଚିନ୍ତାଧାରା, ବିଚାର-ବିଶ୍ଲେଷଣ, ଜ୍ଞାନ ଓ ଶିକ୍ଷା ଦ୍ୱାରା ଅପର ପ୍ରତି ନିଜର ଶିଷ୍ଟାଚାରକୁ ପ୍ରଦର୍ଶନ କରି ଅନ୍ୟର ଶ୍ରଦ୍ଧାଭଜନ ହେବା ହିଁ ଯଥାର୍ଥରେ ଉତ୍ତମ ବ୍ୟକ୍ତିର ସ୍ୱଭାବ ।  ସମଭାବ ଓ ସମଦର୍ଶୀ ଆବେଗରେ ଉଭୟ ଜୀବନ ଓ ଜଗତର ମଧୁମଙ୍ଗଳ ପ୍ରାରୂପଟି ଅଧିକ ଉଜ୍ଜ୍ୱଳି ଉଠେ । ସେଥିପାଇଁ ମଣିଷର ବିବେକ ଓ ମନକୁ ପରିଚାଳନା କରିବା ପାଇଁ ପ୍ରାଚୀନରୁ ଏଯାବତ୍ ନୀତିଶାସ୍ତ୍ର ଓ ବିଦ୍ୱାନଗଣ ସମ୍ବୋଧିତ କରି ଆସିଛନ୍ତି । 'ଶୃଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ଏହାର ସର୍ବଶ୍ରେଷ୍ଠ ଉଚ୍ଚାରଣ ।

ବ୍ୟକ୍ତିର ଶିଷ୍ଟ ଆଚରଣରେ ପୋଷା ମାନେ ପ୍ରକୃତି, ତା'ର କୋମଳ ବ୍ୟବହାରରେ ବଶୀଭୂତ ହୁଏ ପ୍ରାଣୀଜଗତ, ମଧୁର ବ୍ୟବହାରରେ ପରାଭୂତ ହୁଏ ସମସ୍ତ ଅନିଷ୍ଟକାରୀ ଦୁରାତ୍ମା । ପ୍ରୀତି ସମ୍ଭାଷଣରେ ଅନ୍ୟ ପ୍ରତି ଥିବା ବୈର ଭାବ ବଦଳି ଯାଇ ମିତ୍ରଭାବ ସୃଷ୍ଟି ହୁଏ ଅତି ସହଜରେ । ଗୌତମବୁଦ୍ଧଙ୍କ ଶିଷ୍ଟ ସମ୍ଭାଷଣରେ ଅଙ୍ଗୁଳିମାଳ ଭଳି କ୍ରୁର ଦସ୍ୟୁ ମଧ୍ୟ ମଣିଷ ପଣିଆର ସର୍ବଶ୍ରେଷ୍ଠ ନିଦର୍ଶନ ଛାଡ଼ି ଦେଇପାରେ । ପୁଣି ସାହିତ୍ୟଗ୍ରନ୍ଥ ତ ମଣିଷର ବିବେକ-ଜାଗୃତିର ଉତ୍ସାହଦାତା । ସାହିତ୍ୟିକ ସନ୍ନିହିତ ଚେତନା ଓ ଜୀବନ ସଂଜୀବନୀର ସଂବାହକ । ଯେତେବେଳେ ମାନବିକତାର ପ୍ରଶ୍ନ ଉଠିଛି, ମାନବିକ ଚେତନାର କଥା ଆସିଛି, ସେତେବେଳେ ମାନବଜାତିର ଦୃଷ୍ଟି ଓ ବିବେକକୁ ଉନ୍ମୀଳିତ କରିଛନ୍ତି ସାହିତ୍ୟିକମାନେ । ତାଙ୍କର ଦିଗ୍‌ଦର୍ଶନ ଓ ଶିଷ୍ଟାଚରଣ ସାମଗ୍ରିକ ଜୀବନକୁ ଶୃଙ୍ଖଳିତ କରିପାରିଛି । ଚଳିତ ଫେବୃଆରୀ ୨୦୨୩ ସଂଖ୍ୟା **'ରେବତୀ'**ର 'ଶେଷପୃଷ୍ଠା'ରେ ଏହିଭଳି ଶିଷ୍ଟାଚାର ସଂପର୍କରେ ସୂଚନା ଦେଇଛନ୍ତି ସହଯୋଗୀ ସମ୍ପାଦକ **କୃଷ୍ଣ କୁମାର ମହାନ୍ତି** । 'ସାହିତ୍ୟିକର ଶିଷ୍ଟାଚାର' ଶୀର୍ଷକରେ ସେ ଅଧୁନା ତରୁଣ ସାହିତ୍ୟିକଙ୍କ ଆଚରଣ ସଂପର୍କରେ କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କର ମତାମତ ସଂପର୍କରେ ମୋର ଏହି ବିଶେଷ ମତ ।

'ରେବତୀ'ର ସମସ୍ତ ଗ୍ରାହକ ପ୍ରତି ସଂଖ୍ୟାରେ 'ଶେଷପୃଷ୍ଠା'ରେ ଲିଖିତ କୃଷ୍ଣ ମହାନ୍ତିଙ୍କ ଲେଖାକୁ ଆଗ୍ରହ ସହ ଅପେକ୍ଷା କରିଥାନ୍ତି । ସେଥିରେ ସେ ସବୁବେଳେ ସାଂପ୍ରତିକ ସମାଜ, ଜୀବନ ସହିତ ସାହିତ୍ୟର ସମ୍ବନ୍ଧ ଏବଂ ସାହିତ୍ୟିକମାନଙ୍କର ଦାୟିତ୍ୱବୋଧ ସମ୍ପର୍କରେ ଅନେକ ଗଠନମୂଳକ ମତାମତ ଉପସ୍ଥାପନ କରିଥାନ୍ତି । ସେଥିପାଇଁ 'ରେବତୀ'ର ନଭେମ୍ବର ୨୦୨୧ ସଂଖ୍ୟାରେ ଆମ୍ଭେ ତାଙ୍କର 'ଶେଷପୃଷ୍ଠା' ସମ୍ପର୍କରେ ମତାମତ ଦେଇ "ନିର୍ମଳ, ନିର୍ଭୀକ ସମ୍ପାଦକୀୟ ଅନୁଚିନ୍ତା: ଶେଷପୃଷ୍ଠା"ବୋଲି ପ୍ରକାଶ କରିଥିଲୁ । ଆଜି ମଧ୍ୟ ସେହି ଉକ୍ତିର ପ୍ରାସଙ୍ଗିକତା ଦୋହରାଉଛି । ସାହିତ୍ୟିକର ଶିଷ୍ଟାଚାର ସଂପର୍କରେ ତାଙ୍କର ସଂକ୍ଷିପ୍ତ ମତାମତ କିନ୍ତୁ ଏକ ବୃହତ୍ ଆଲୋଚନାର ଅପେକ୍ଷା ରଖେ । ସାହିତ୍ୟ କର୍ମ ସହ ସଂଶ୍ଲିଷ୍ଟ ସାହିତ୍ୟିକ ଏବଂ ସାହିତ୍ୟରେ ପ୍ରବେଶ କରୁଥିବା ତରୁଣ ବର୍ଗଙ୍କ ଆଚରଣ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଏହା ମଧ୍ୟ ବହୁ ଭାବରେ ଯଥାର୍ଥ । ଏଭଳି ଏକ ସ୍ପର୍ଶକାତର ବିଷୟ ସମ୍ବନ୍ଧରେ ମତ ଦେବାବେଳେ ମଧ୍ୟ ନିରପେକ୍ଷ ଓ ନିର୍ଭୀକ ହେବା ଜରୁରୀ ବୋଲି ବିଚାର କରେ । ବୟୋଭେଦରେ ସାହିତ୍ୟର ବିଭାଗୀକରଣ ହୋଇନପାରେ, କିନ୍ତୁ ପୂଜ୍ୟପୂଜାରେ ବ୍ୟତିକ୍ରମ ସାହିତ୍ୟିକ ମର୍ଯ୍ୟାଦାର ଉଲ୍ଲଂଘନ ବୋଲାଯାଏ । ଇଂରାଜୀରେ ଏକ କଥା ଅଛି: A tree is known by its fruit ଅର୍ଥାତ୍ ଫଳ ଦ୍ୱାରା ବୃକ୍ଷର ପରିଚୟ ମିଳିପାରେ । ମାର୍ଜିତ ବ୍ୟବହାର, ସୌଜନ୍ୟବୋଧ, ବିନୟୀ ଭାବ ଏବଂ କୋମଳ ଆଚରଣ ହିଁ ବ୍ୟକ୍ତିତ୍ୱକୁ ବିକଶିତ କରାଇଥାଏ । ସାହିତ୍ୟ ଏହି ସତ୍ୟର ଦ୍ୟୋତକ । ପ୍ରାଚୀନ ଗ୍ରନ୍ଥ ଠାରୁ ସାଂପ୍ରତିକ କାଳ ଯାଏଁ ଏହି ସତ୍ୟ ଓ ତଥ୍ୟକୁ ପ୍ରତିପାଦିତ କରି ଆସିଛି । ସେଥିପାଇଁ କୁହାଯାଇଛି:

"ପ୍ରିୟ ବାକ୍ୟପ୍ରଦାନେନ ସର୍ବେ ତୁଷ୍ୟନ୍ତି ଜନ୍ତବଃ
ତସ୍ମାଭଦେବ ବକ୍ତବ୍ୟମ୍ ବଚନେକା ଦରିଦ୍ରତା ।"

ବଚନରେ ଦରିଦ୍ର ଅପେକ୍ଷା ଶିଷ୍ଟାଚାର ହୀନ ବ୍ୟବହାର କିନ୍ତୁ ଆଘାତ ଦିଏ ଅଧିକ । ଏହା ପୁଣି ଜଣେ ସର୍ଜନଶୀଳ ବ୍ୟକ୍ତି ଠାରେ ଲକ୍ଷିତ ହେବା ଦୁର୍ଭାଗ୍ୟର ବିଷୟ ! ସାହିତ୍ୟ ଯୁଗେ ଯୁଗେ ମାନବିକତାର ଜୟଗାନ କରି ଆସିଛି । 'ବସୁଧୈବ କୁଟୁମ୍ବକମ୍' ନ୍ୟାୟରେ ସକଳଙ୍କୁ ନିଜର କରିନେବାର ମନ୍ତ୍ର ଶିଖାଇଛି । ପୁଣି ନିଜେ ଜଣେ ସାହିତ୍ୟିକ କିପରି ଏଥିରୁ ବ୍ୟତିକ୍ରମ ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସାହିତ୍ୟ କର୍ମକୁ ପବିତ୍ର-ଉପାସନା ଭାବରେ ସ୍ୱୀକାର କରୁଥିବା ସାହିତ୍ୟିକ ପ୍ରଥମେ ଜଣେ ଶିଷ୍ଟପୂର୍ଣ୍ଣ ବ୍ୟକ୍ତିତ୍ୱ ହେବା ଜରୁରୀ । ନଚେତ୍, ମନ୍ଦିରରେ ପ୍ରବେଶ କରି ମଧ୍ୟ ଆତ୍ମା ଅଶୁଦ୍ଧି ବଶତଃ ଦିଅଁ ଦର୍ଶନ ଲାଭରୁ  ବଞ୍ଚିତ ହେବା ଭଳି ଅବସ୍ଥା ଉପୁଜିପାରେ । ନିଜକୁ ସଂଯତ, ମାର୍ଜିତ, ସଂଶୋଧିତ ଏବଂ ଶିଷ୍ଟାଚାରରେ ଦୀକ୍ଷିତ କରାଇ ନପାରିଲେ 'ସଇତାନ ମୁଖରେ ବେଦପାଠ' ଭଳି ନ୍ୟାୟ ଆସିଯିବ । କୃଷ୍ଣବାବୁ ଏଭଳି ଶିଷ୍ଟାଚାରହୀନ ତଥାକଥିତ ମୁଷ୍ଟିମେୟ କନିଷ୍ଠ ଲେଖକଙ୍କ ବ୍ୟବହାର ସଂପର୍କରେ ଆପତ୍ତି ଉଠାଇ କହିଛନ୍ତି- "ଅନେକ ସମୟରେ ଲକ୍ଷ୍ୟ କରାଯାଏ, କୌଣସି ଜଣେ ବରିଷ୍ଠ ବା ଅଗ୍ରଜ ଲେଖକଙ୍କ ଅନୁପସ୍ଥିତିରେ ଥୋକେ କନିଷ୍ଠ ଲେଖକ ଅସମ୍ମାନଜନକ ଭାଷା ପ୍ରୟୋଗ କରି କଥା ହୁଅନ୍ତି । ଅନୁପସ୍ଥିତ ବ୍ୟକ୍ତି ପ୍ରତି ତୁଚ୍ଛ ଭାବ ଦେଖାଇବାର କୁସଂସ୍କାରରୁ ଆମେ କେବେ ଆଉ ନିଜକୁ ମୁକୁଳାଇବା ? **(ଶେଷପୃଷ୍ଠା/ଫେବୃଆରୀ ୨୦୨୩)**

ଲକ୍ଷ୍ୟ କରାଯାଉଛି, ଏକ ଅଭଦ୍ରୋଚିତ ଓ ଉନ୍ମତ୍ତ ପାଗଳାମି କରୁଥିବା ବେଳେ ତଥାକଥିତ କରୁଣ ଲେଖକଧାରୀଙ୍କ ଠାରେ ଏଭଳି ଆଚରଣ ପ୍ରକାଶ ପାଉଛି । ଏମାନେ ଯେ ସାହିତ୍ୟ କର୍ମ ପ୍ରତି ବିଶ୍ୱସ୍ତ ବା ସାହିତ୍ୟର ସତ୍ୟ ପ୍ରତି ସଜାଗ, ତାହା ଚିନ୍ତା କରିବା ବୃଥା । କୂପ ମଣ୍ଡୁକତ୍ୱ ବା ଉନ୍ମାଦନାରେ ବିଶ୍ୱାସୀ ଏହି ଗୋଷ୍ଠୀ । ଏମାନଙ୍କ ସାହିତ୍ୟ ସୃଷ୍ଟିଧର୍ମୀ ନହୋଇ ଗୋଷ୍ଠୀଧର୍ମୀ ହୋଇଛି । ଦଳେ ହଠାତ୍ ଯଶପ୍ରାପ୍ତି ଆଶାୟୀ, ମଞ୍ଚରେ ମାନପତ୍ର ଲାଭ ପ୍ରୟାସୀ,  ସାମାଜିକ ଗଣମାଧ୍ୟମରେ ବାହାସ୍ଫୋଟ ମାରୁଥିବା ଆତ୍ମଘୋଷିତ ତରୁଣ ଲେଖକ ହିଁ ନିଜକୁ ବହୁ ସମୟରେ ଅସୁରକ୍ଷିତ ମନେକରେ । ମହତଙ୍କ ହାବୁଡ଼ରେ ପଡ଼ି ନିଜକୁ ଯେତେବେଳେ ଅପମାନିତ ବୋଧ କରେ, ସେତେବେଳେ ତାଙ୍କର ସର୍ଜନଶୀଳ ପ୍ରତିଭାର ନମନୀୟତା ଅପେକ୍ଷା ଗର୍ଜନଶୀଳ କ୍ଷୁର୍ଣ୍ଣ ଅହଙ୍କାରର ଦୟନୀୟତା ପ୍ରକାଶ ପାଏ । ଫଳରେ ତାଙ୍କର ଛଦ୍ମବେଶୀ ନିର୍ମୋକଟି ଖସି ପଡ଼ି ଅସଲ ଚେହେରା ଝଟକି ଉଠେ । ଔଷଧ ବିକଳରେ ତାଟିଆ କାମୁଡ଼ି ଅନ୍ୟକୁ ଅଶିଷ୍ଟ ବ୍ୟବହାର କରିବାକୁ ହିଁ ସେ ପୁରୁଷାର୍ଥ ମନେ କରେ । ଏଭଳି ଚରିତ୍ର ଚିର ଉପହସିତ ଓ ନିନ୍ଦନୀୟ । ସାହିତ୍ୟ ଶାନ୍ତି-ମୈତ୍ରୀ-ପ୍ରୀତିର ଇସ୍ତାହାର,



ସତ୍ୟ-ଶିବ-ସୁନ୍ଦରର ଉପାସକ । ସାହିତ୍ୟିକ ଏହି ସୌନ୍ଦର୍ଯ୍ୟକୁ ବାଣ୍ଟିବାରେ ବ୍ୟସ୍ତ ଜଣେ ସହୃଦୟ କଳାକାର । ହୃଦୟ ସହ ମିଶି ଯିବାର ଏହା ଏକ ଅମୃତମୟ ପ୍ରୟାସ । ସେଥିପାଇଁ କାର୍ଲାଇଲ୍ କହିଛନ୍ତି: "ସାହିତ୍ୟ କୌଣସି ବ୍ୟକ୍ତି ବିଶେଷର ଭାବରାଜ୍ୟର ପ୍ରତିଷ୍ଠା ନୁହେଁ, ଏହା ସମଗ୍ର ଜାତିର ଆଭ୍ୟନ୍ତରୀଣ ପ୍ରତିଛବି । ସାହିତ୍ୟର ମୂଳ ଉପାଦନର ଜାତୀୟ ଚରିତ୍ର, ଧର୍ମତତ୍ତ୍ୱ ଏବଂ ସଭ୍ୟତା । ଜାତିର ମନକଥାରେ ଲିଖିତ ରୂପ ହେଉଛି ସାହିତ୍ୟ ।" ଏଥିରେ ଅସୂୟା, ହିଂସା, ଦ୍ୱେଷ, ପରଶ୍ରୀକାତରତାର ସ୍ଥାନ ନାହିଁ । ବରିଷ୍ଠଙ୍କୁ ଅନୁସରଣ ସହ ସମ୍ମାନପ୍ରଦାନ ହେଉଛି ଉତ୍ତରପିଢ଼ିର ଦାୟିତ୍ୱ । ଏକ ଦ୍ରୁମ ପ୍ରତି ଅନ୍ୟ ନବାଙ୍କୁରର ଉଦ୍ରେଚିତ ସ୍ୱୀକାରୋକ୍ତି ଓ ମର୍ଯ୍ୟାଦାବୋଧ ହିଁ ତା'ର ଯଥାର୍ଥ ଉତ୍ତରଣକୁ ସୂଚିତ କରିଥାଏ । କିଛି ଲେଖାଲେଖି କରିଦେଲେ, କିଛି ରଚନା ବା ପୁସ୍ତକ ପ୍ରକାଶ କରିଦେଲେ କିମ୍ବା ସାମାଜିକ ଗଣମାଧ୍ୟମରେ ହଟଚମଟ ସୃଷ୍ଟି କରିଦେଲେ କେହି ସାହିତ୍ୟିକ ହୋଇ ଯାଇପାରିବେ ନାହିଁ । ଏଥିପାଇଁ ଲୋଡ଼ା ନିରନ୍ତର ସାଧନା, ସହୃଦୟତା, ମୌଳିକ ଦୃଷ୍ଟିଭଙ୍ଗୀ, ସର୍ବୋପରି ବିଭୁକୃପା । ଅତୀତ ପ୍ରତି ଅନୁରାଗ, ସମ୍ମାନବୋଧ ହିଁ ବର୍ତ୍ତମାନର ସବୁଠୁ ବଡ଼ ସଫଳତା । ସାହିତ୍ୟ ସଦାବେଳେ ଏହି ବ୍ୟବହାରିକ ଜ୍ଞାନ ଓ ସୌଜନ୍ୟକୁ ପ୍ରକାଶ କରି ଆସିଛି । 'ଭାଗବତ'ର 'ମଧୁର ବିନୟ ବଚନ / କହି ତୋଷିବ ପ୍ରାଣୀ ମନ' ହେଉ ଅବା ରାମକୃଷ୍ଣ ନନ୍ଦଙ୍କ 'ଦୟାବିନୟ ହଉ ମୋ ଭୂଷଣ / କାହା ମନେ ନଦିଏ ମୁଁ କଷଣ' ହେଉ, ସବୁଠାରେ ଅହଂକାରଶୂନ୍ୟ ନିର୍ମଳ ଶିଷ୍ଟାଚାରର କଥା କୁହା ଯାଇଛି ।

▲ କୃଷ୍ଣ କୁମାର ମହାନ୍ତି

ଶିଷ୍ଟାଚାର ସକଳ ଲେଖକଙ୍କ ପ୍ରାଥମିକ ଧର୍ମ ହେବା ଉଚିତ୍ । ମାର୍ଜିତ ଓ ପରିଶୀଳିତ ଭଦ୍ରପୂର୍ଣ୍ଣ ଆଚରଣ ହିଁ ଶିଷ୍ଟାଚାର । ସେଥିପାଇଁ ସୃଜନର (ବ୍ୟୁତ୍ପତ୍ତିଗତ ଅର୍ଥରୁ) ଭାବରୁ ଆମେ 'ସୌଜନ୍ୟ'କୁ ସ୍ୱୀକାର କରୁ । ସୁନ୍ଦର ବ୍ୟବହାର, ଆଚରଣ ଦ୍ୱାରା ଏହା ପ୍ରକାଶ ପାଏ । ଜୀବନର ପ୍ରତିଟି କ୍ଷେତ୍ରରେ, ଚାଲିଚରଣ, ରୀତିନୀତି, କାର୍ଯ୍ୟଧାରାରେ ଏହାର ପ୍ରତିଫଳନ ଘଟିଥାଏ । ବଡ଼ ସାନ ନିର୍ବିଶେଷରେ ଏହି ଆଚରଣ ସକଳଙ୍କ ଠାରେ ଉପଲବ୍ଧ ହେବା ଉଚିତ୍ । ସାହିତ୍ୟିକମାନେ ସମାଜ ଓ ଜୀବନକୁ ଦିଗ୍‌ଦର୍ଶନ ଦେଇଥାନ୍ତି । ସାହିତ୍ୟରେ ପ୍ରତିଫଳିତ ହୁଏ ଅନ୍ୱେଷାବୋଧ । ଯଦି ଆଚରଣ ଓ ଉଚ୍ଚାରଣରେ ଭିନ୍ନତା ଲକ୍ଷ୍ୟ କରାଯିବ, ତାହା ଅନ୍ୟପାଖରେ ହାସ୍ୟାସ୍ପଦ ହେବ । ଏଣୁ ସମ୍ବୋଧନ, ଉଚ୍ଚାରଣ ଓ ବ୍ୟବହାରରେ ଶାଳୀନତା ପ୍ରଥମେ ଲୋଡ଼ା । ଯାହା ସୃଜନ କର୍ମକୁ ଅଧିକ ନିଟୋଳ କରିପାରିବ । ତରୁଣମାନେ ଯେପରି ବରିଷ୍ଠ ଓ ଅଗ୍ରଜଙ୍କୁ ଯଥାମାନ୍ୟ ଦେବେ, ସେହିପରି ଅଗ୍ରଜମାନେ ମଧ୍ୟ ସମଗୁଣରେ ତରୁଣଙ୍କୁ ଉତ୍ସାହିତ ଓ ଆଶୀର୍ବାଦ କରିବା ବିଧେୟ । ଅନେକ କ୍ଷେତ୍ରରେ କିଛି ବରିଷ୍ଠ ମଧ୍ୟ ପ୍ରତିଭାବାନ ତରୁଣଙ୍କୁ ଉପେକ୍ଷା କରିବା ସହ ଅସମ୍ମାନ କରୁଥିବାର ଲକ୍ଷ୍ୟ କରା ଯାଉଛି । ଏହା ମଧ ଏକ କୁପରମ୍ପରା ତିଆରି କରୁଛି । ବରିଷ୍ଠ ଯେମିତି ତରୁଣଙ୍କୁ ଆମନ୍ତ୍ରିତ କରିବ, ତରୁଣ ସେମିତି ତାହାଙ୍କୁ ଯଥାମାନ୍ୟ ଦେଇ ପୂଜ୍ୟପୂଜାକୁ ଅକ୍ଷୁର୍ଣ୍ଣ ରଖିବେ ଏବଂ ଶିଷ୍ଟାଚାରରେ ପରସ୍ପରକୁ ସଂଖୋଳିବେ, ଅତୀତ ସହିତ ବର୍ତ୍ତମାନକୁ ଯୋଡ଼ି ଭବିଷ୍ୟତ ଲାଗି ଏକ ସୁଦୃଢ଼ ସୃଜନ-ପାହାଚ ନିର୍ମାଣ କରିବେ । ତେବେ ଯାଇ ଜଣେ ଲେଖକ ତାର ପ୍ରଭାବ ଓ ପ୍ରତିଷ୍ଠା ବଜାୟ ରଖି ପାରିବେ । କୃଷ୍ଣ ମହାନ୍ତି ଏହି ବିଚାରକୁ ସମ୍ମୁଖକୁ ଆଣିଛନ୍ତି । କହିଛନ୍ତି: "ସାହିତ୍ୟର ସ୍ରଷ୍ଟାଟିଏ ବା ଆମର ସାହିତ୍ୟିକଟିଏ ସବୁବେଳେ ଉଚ୍ଚାରଣ ଓ ଆଚରଣରେ ଏକ ହେବା ଉଚିତ୍ । ସାହିତ୍ୟିକର ସ୍ୱଭାବ ସବୁବେଳେ ମାନବଜାତିକୁ ପ୍ରେରିତ କରୁଥିବା ଦରକାର । ଜଣେ ସର୍ଜନକାର ତା'ର ଆଚରଣ ଓ ଶିଷ୍ଟାଚାର ବଳରେ ପାଠକ ମହଲ ବା ତାର ଅନୁଗାମୀମାନଙ୍କ ମଧ୍ୟରେ ତିଷ୍ଠି ରହିପାରେ ତମାମ୍ ଜୀବନ ।"**(ରେବତୀ/ ଫେବୃଆରୀ ୨୦୨୩, ଶେଷପୃଷ୍ଠା)**

ପ୍ରସଙ୍ଗୋଚିତ ଏହିଭଳି ଅନେକ ଉପାଦାନ ସାହିତ୍ୟ ଓ ସାହିତ୍ୟିକଙ୍କୁ ଆନ୍ଦୋଳିତ କରୁଛି । କେହି ନିରୁତ୍ତର, କେହି ପ୍ରତିବାଦୀ । କେହି ମୂକଦର୍ଶକ ତ କେହି ଦେଖଣାହାରୀ । କିନ୍ତୁ, ସମ୍ପାଦକ ଭାବରେ କୃଷ୍ଣ କୁମାର ମହାନ୍ତି ଏହିଭଳି ଅନେକ ପ୍ରସଙ୍ଗକୁ ଉତ୍‌ଥାପନ କରୁଛନ୍ତି 'ରେବତୀ'ରେ ପ୍ରତିଥର । ଏହା କେବଳ ଆମ ପ୍ରତି ସଚେତନ ଘଣ୍ଟି ନୁହେଁ, ନିଜର ବ୍ୟକ୍ତିତ୍ୱ, ସୃଜନପଣ ପ୍ରତି ଏହା ଏକ ମୋହ ମୁଦ୍‌ଗର । ସୌଜନ୍ୟ ଓ ଶିଷ୍ଟାଚାରକୁ ନେଇ ତାଙ୍କର ଏ ପରାମର୍ଶ ଆମ ପାଇଁ ଏକ ଆହ୍ୱାନ, ତରୁଣଙ୍କ ପାଇଁ ସତର୍କବାଣୀ, ପ୍ରବୀଣଙ୍କ ପାଇଁ ମର୍ଯ୍ୟାଦା ରକ୍ଷକ ନିବେଦନ । ସର୍ଜନ ଓ ସୃଜନ କ୍ଷେତ୍ରରେ ଏହି ଐଶ୍ୱର୍ଯ୍ୟକୁ ସକଳେ ଆହରଣ କରିବା ଉଚିତ । ସେଥିପାଇଁ କୁହାଯାଇଛି: The greatest ornament of an illustrious life is modesty and humanity. ଏହି ଶିଷ୍ଟାଚାର ହିଁ ବ୍ୟକ୍ତି ଜୀବନକୁ ସଫଳ ଓ ଜନପ୍ରିୟ କରି ତୋଳିବାରେ ସହାୟକ ହେବ ।


# FORM OF DECLARATION
## FORM-IV

I, **Subasini Jena,** declare that I am the printer and publisher of the Monthly Odia Magazine entitled "REBATI AMA MATIRA SWARA" Published from Mansingh Bazar, P.O. Motiganj, Dist. Balasore, Odisha and Printed at Print-Tech Offset Pvt. Ltd., F-66 /1 & F-66 / 2, Chandaka Industrial Area, P.O. KIIT, Bhubaneswar-751024, Odisha and the particulars in respect of the said magazine given under are true to the best of my knowledge and belief.

| | | |
|---|---|---|
| 1. Title of the Magazine | : | REBATI AMA MATIRA SWARA |
| 2. RNI Regd No. | : | ODIODI / 2018 / 78444 |
| 3. Language in which it is to be published | : | ODIA |
| 4. Periodicity of its publication | : | MONTHLY |
| 5. Retail selling Price | : | Rs. 50.00 (Per Copy) |
| 6. Publisher's Name & Address | : | SUBASINI JENA<br>Mansingh Bazar<br>P.O.: Motiganj<br>Dist: Balasore, Odisha<br>Pin : 756001 |
| 7. Nationality | : | INDIAN |
| 8. Place of publication (Please give complete postal address) | : | Mansingh Bazar<br>P.O.: Motiganj<br>Dist: Balasore, Odisha<br>Pin : 756001 |
| 9. Printer's Name & Address | : | SUBASINI JENA<br>Mansingh Bazar<br>P.O.: Motiganj<br>Dist: Balasore, Odisha<br>Pin : 756001 |
| 10. Name of the printing press where printing is to be conducted & true description of the premises on which the press is installed | : | Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. : KIIT, Bhubaneswar-751024, Odisha |
| 11. Editor's Name | : | SUBASINI JENA |
| Nationality | : | INDIAN |
| Address | : | Mansingh Bazar<br>P.O.: Motiganj, Dist : Balasore<br>Odisha, Pin : 756001, |
| 12. Owner's Name | : | SUBASINI JENA |
| Please state the particulars of individual or of the firms, joint stock company, trust, Co-operative society or association which owns the magazine | | Mansingh Bazar<br>P.O.: Motiganj,Dist : Balasore<br>Odisha, Pin : 756001<br>Rebati Media House Pvt. Ltd. |

Place : Balasore
Date : 01 / 03 / 2023

Sd/- **SUBASINI JENA**
Printer & Publisher




# ବାଲେଶ୍ୱରର ବରପୁତ୍ର

# ବାଲେଶ୍ୱରର ମହାରାଜା
# ବୈକୁଣ୍ଠନାଥ ଦେବ

**ଉଦୟ ନାରାୟଣ ଦାସ**

ଚୁନଭାଟି କଲୋନୀ, ଗୋପାଳଗାଁ
ବାଲେଶ୍ୱର-୭୫୬୦୦୧
ଫୋନ: ୭୭୩୫୯୫୧୩୮୪

ଫଟୋ ସୌଜନ୍ୟ : ସଞ୍ଜୟ କୁମାର ଜେନା
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ନିତ୍ୟାନନ୍ଦ ସାହୁ

**ବାଲେଶ୍ୱରର ବରପୁତ୍ର ଜାତିପ୍ରାଣ ମହାରାଜା ବୈକୁଣ୍ଠନାଥ ଦେବଙ୍କ ଜନ୍ମମାସ ଏହି ମାର୍ଚ୍ଚ ମାସ । 'ରେବତୀ' ଏହି ମାସରୁ ଆରମ୍ଭ କରୁଛି ସେହି ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ ପର୍ବ । ବାଲେଶ୍ୱର ମାଟିରେ ନିରବି ଯାଇଥିବା ତାଙ୍କ ସ୍ମୃତିଚାରଣ, ପୁଣି ଥରେ ମନ୍ତ୍ର ପରି ଉଚ୍ଚାରିତ ହେଉ ସଭିଙ୍କ ପ୍ରାଣରେ, ଏହି ଆଶା ରଖୁଛୁ ଆମେ ।**


▲ ଲେଖକ ଉଦୟ ନାରାୟଣ ଦାସ

## ଉପକ୍ରମଣିକା

ପବିତ୍ର ମକର ସଂକ୍ରାନ୍ତି । ୧୪-୦୧-୨୦୨୩ ଥିଲା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ । ବାଲେଶ୍ୱର ଶାନ୍ତିକାନନରେ ତାଙ୍କ ଜୟନ୍ତୀ ପାଳନ ଅବସରରେ 'ଉତ୍କଳ ସମ୍ମିଳନୀ' ବାଲେଶ୍ୱର ଜିଲ୍ଲା ଶାଖା, ଜାତିପ୍ରାଣ ମହାରାଜା ବୈକୁଣ୍ଠନାଥ ଦେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଟାଉନହଲ ପରିସରରେ ସ୍ଥାପନ ଉତ୍ସବ ସମାପନ କରିଥିଲା । ମହାମହିମ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ, ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନଙ୍କ କରକମଳରେ ରାଜାଙ୍କ ପ୍ରତିମୂର୍ତ୍ତି ଅନାବରଣ ହେଇଥିଲା ।

ସମସ୍ତ କାର୍ଯ୍ୟକୁ ଶୃଙ୍ଖଳାର ସହିତ ଆଗେଇବାରେ ପଥ ପ୍ରଦର୍ଶନ କରୁଥିଲେ ମହାରାଜାଙ୍କ ଅଣନାତି ଶ୍ରୀମାନ ସୁଜିତ ଦେବ । ତାଙ୍କ ସଭାପତିତ୍ୱରେ ବାଲେଶ୍ୱରରେ ଗଠିତ ହୋଇଛି ବୈକୁଣ୍ଠନାଥ ସ୍ମୃତି ସଂସଦ ।

କଳା ମୁଗୁନି ପଥରର ରାଜାଙ୍କର ଦୀର୍ଘ ମୂର୍ତ୍ତି ବାଲେଶ୍ୱର ଟାଉନ୍‌ହଲ୍ ପରିସରରେ ଶୋଭା ପାଇଲା ସେଇଦିନ ଠୁଁ । ହଜାର ହଜାର ବାଲେଶ୍ୱରବାସୀ ନିରେଖି ଦେଖିଲେ ପ୍ରତିମୂର୍ତ୍ତିକୁ ଯାହାଙ୍କ ଜନ୍ମ ବାସର ଥିଲା ୧୦-୦୩-୧୮୫୨ ଓ ତିରୋଧାନ ଥିଲା ୦୭-୧୨-୧୯୧୩ ପ୍ରତିମୂର୍ତ୍ତି ତଳେ ଯୁଗପୁରୁଷ ଫକୀରମୋହନଙ୍କ 'ଅବସର ବାସରେ' କାବ୍ୟରେ ଥିବା ରାଜାଙ୍କ ସଂପର୍କିତ ପଙ୍‌କ୍ତି ମୂର୍ତ୍ତି ତଳେ ଲେଖାଥିଲା ।

"ହେ ରାଜା ବୈକୁଣ୍ଠନାଥ ତୁମେ ହିଁ କେବଳ,
ଜନ୍ମିଛ ଉତ୍କଳେ ସାଧୁ ଦୃଷ୍ଟାନ୍ତର ସ୍ଥଳ ।
ଦେଶବାସୀ ନରନାରୀ ମଂଗଳ କାରଣ,
ଧନମାନ ପ୍ରାଣ ସର୍ବ କରିଛ ଅର୍ପଣ ॥
+ + + +
ଯେ ନାମ ଅଂକିତ କଲ ପୁରାଣ ଗ୍ରନ୍ଥରେ,
ଗାଇବେ ଉତ୍କଳ ବାସୀ ଯୁଗ ଯୁଗାନ୍ତରେ ।"

ବିନମ୍ର ମିଷ୍ଟଭାଷୀ ଶ୍ରୀ ସୁଜିତ ଦେବଙ୍କ ସହିତ ସେଇଠି ମୋର ଅଳ୍ପ କଥା ହେଲା । ମୋର ରାଜାଙ୍କ ସଂପର୍କରେ ବିଷଦ କଥା ଜାଣିବାର ଜିଜ୍ଞାସା ବିଷୟରେ ତାଙ୍କୁ କହିଲି । ସେ ସହାସ୍ୟ ବଦନରେ ମୋତେ ତଥ୍ୟ ଯୋଗାଇବାକୁ ସମ୍ମତି ଦେଲେ ।

ସୁଜିତ ଦେବ ସିନେମା ବଜାର ସ୍ଥିତ ନିଶି ହୋଟେଲର ସତ୍ୱାଧିକାରୀ । ସେଇ ହୋଟେଲ୍‌କୁ ସେ ମୋତେ ଡାକିଥିଲେ । ମୁଁ ଠିକ୍ ୧୨ଟାରେ ତାଙ୍କ କଥା ମୁତାବକ ହୋଟେଲ୍‌ରେ ପହଞ୍ଚିଲା ବେଳକୁ ସୁଜିତ ଦେବ ମହାରାଜାଙ୍କ ସଂପର୍କରେ କିଛି ପୁସ୍ତକ ତଥା ନଥି ଧରି ଉପସ୍ଥିତ ହେଇ ଯାଇଥିଲେ । ମୁଁ ବସୁ ବସୁ କଫି ଓ ନାସ୍ତା ଆସିଗଲା । ବେଶ୍ ଅତିଥି ପରାୟଣ ଶ୍ରୀଯୁକ୍ତ ଦେବ୍ । ତାଙ୍କର ଆତିଥ୍ୟ ମୋତେ ମୁଗ୍ଧ କରିଥିଲା । କାଳ ବିଳମ୍ବ ନକରି ସେ ବିଭିନ୍ନ ବହିରୁ ରାଜାଙ୍କ କୀର୍ତ୍ତିର ନମୁନା ସବୁ ପଢ଼ାଇ ଶୁଣାଉଥିଲେ ଓ ସ୍ଥଳ ବିଶେଷରେ ସେସବୁ ଜେରକ୍ସ କରି ମୋତେ ବଢ଼ାଇ ଦେଉଥିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲି ଶ୍ରୀଯୁକ୍ତ ଦେବ ତାଙ୍କ ଅଣ ଜେଜେଙ୍କ ସଂପର୍କିତ ଏତେ ଏତେ ତଥ୍ୟ ଆଖି ପିଛୁଳାକେ ଦେଖାଇ ପାରୁଥିଲେ ।

ଓଡ଼ିଶାର କୋଣାର୍କକୁ ଆଜି ବିଶ୍ୱ ଦେଖୁଛି । କୋଣାର୍କର ଚିତ୍ର ବିଶ୍ୱ ପର୍ଯ୍ୟଟକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । ଏହାର ଚିତ୍ରକୁ ସମଗ୍ର ପୃଥିବୀ ଫଟୋରେ ଉତ୍ତୋଳିତ କରୁଛି । କିନ୍ତୁ କେତେ ଜଣ ଏହି କୋଣାର୍କ ନିର୍ମାଣ କରିଥିବା ବିନ୍ଧାଣୀ ଧର୍ମପଦକୁ ଜାଣିଛନ୍ତି ବା ତାର ଫଟୋ ପାଇଁ ଉତ୍‌କଣ୍ଠିତ ହେଇଛନ୍ତି ? ଠିକ୍ ସେଇପରି ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ଧର୍ମପଦ ଥିଲେ ଜାତିପ୍ରାଣ ମହାରାଜ ବୈକୁଣ୍ଠନାଥ ଦେବ । ତାଙ୍କର ଅବଦାନ ଓ ସୁଦୂର ପ୍ରସାରୀ ଦୂରଦୃଷ୍ଟିର ସୁଫଳ ହେଉଛି ଆମ ଆଜିର 'ନୂଆ ଓଡ଼ିଶା' ଓ ରାଷ୍ଟ୍ରୀୟ ଭାଷାର ମର୍ଯ୍ୟାଦା ଲାଭ କରିଥିବା ଆମ ଓଡ଼ିଆ ଭାଷା । ରାଜା ହେଉଛନ୍ତି ମହାନ ବ୍ୟକ୍ତିତ୍ୱ ଯିଏ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜେ ବଙ୍ଗଭାଷୀ ହୋଇ ବି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଥିଲେ ।

ଆଜି କ୍ଷୋଭ ଓ ଅନୁତାପ ଆସେ, ବିଶେଷକରି ବାଲେଶ୍ୱର ମାଟି ଓ ଏ ମାଟିର ସନ୍ତାନ ଭୁଲିଯାଇଛି ଓଡ଼ିଶା ଗଠନର ପ୍ରଚ୍ଛଦପଟ ନାୟକ ମହାରାଜ ବୈକୁଣ୍ଠନାଥ ଦେବଙ୍କୁ । ସେ କିପରି ଓଡ଼ିଆ ଭାଷା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନର ମହାନାୟକ ଥିଲେ ସେ କଥା ଆଜିଯାଏ ଜନ ମାନସକୁ ଆସିପାରି ନାହିଁ । ଏପରିକି ଶାନ୍ତିକାନନରେ ବହୁ ବିଶିଷ୍ଟ ସାହିତ୍ୟିକଙ୍କ ଜନ୍ମଦିନ ବା ମୃତ୍ୟୁଦିନ ପାଳନ ହେଉଥିଲେ ବି ରାଜାଙ୍କ ପାଇଁ ଏ ମାଟି କେବେ ବି ମୁଖରିତ ହୁଏ ନାହିଁ କି ତାଙ୍କ କଥା

ଆଲୋଚନାକୁ ଆସେ ନାହିଁ । ଏହା ହିଁ ଆମ ମାଟିର ପରମ ଦୁର୍ଭାଗ୍ୟ ।

ରାଜାଙ୍କ ମୃତ୍ୟୁର ୧୧୦ ବର୍ଷ ପରେ ଆସନ୍ତୁ ସେଇ ମହାପୁରୁଷଙ୍କୁ ସମ୍ୟକ ଜାଣିବା ଓ ତାଙ୍କର ଅକ୍ଷୟ କୀର୍ତ୍ତିକୁ ପ୍ରତି ଓଡ଼ିଆଙ୍କ ପାଖରେ ସଂପ୍ରସାରିତ କରିବାର ପ୍ରୟାସ କରିବା ।

## ରାଜପରିବାର

ଶ୍ରୀ ସୁଜିତ ଦେବଙ୍କ ଠୁଁ ରାଜ ପରିବାରର ବଂଶ ଲତିକା ନିମ୍ନମତେ ସଂଗ୍ରହ ହୋଇଥିଲା ।

ମଧୁସୂଦନ ଦେବ
ଈଶ୍ୱର ଦେବ
ନାରାୟଣ ଦେବ
ରତ୍ନାକର ଦେବ
ଶ୍ୟାମ ଚରଣ ଦେବ
ହୃଦୟ ରାମ ଦେବ
ଜୟକୃଷ୍ଣ ଦେବ
ମନିକରାମ ଦେବ
ରଘୁନାଥ ଦେବ

ଶ୍ୟାମାନନ୍ଦ ଦେବ
(ଜନ୍ମ:୧୬.୦୨୧୮୧୭)
(ମୃତ୍ୟୁ: ୧୦-୧୯୮୮)

ବୈକୁଣ୍ଠନାଥ ଦେବ — ସତ୍ୟେନ୍ଦ୍ର ଦେବ

ସତ୍ୟେନ୍ଦ୍ର ଦେବ → ମନ୍ମଥ, ମନୋରଂଜନ

ମନୋରଂଜନ → ଅସିତ ଦେବ, ନିଶିତ୍ ଦେବ

ନିଶିତ୍ ଦେବ → ସୁଜିତ ଦେବ

ବାଲେଶ୍ୱରର ଏହି ରାଜ ପରିବାର ଥିଲେ ମାୟାପୁର ନିବାସୀ । ଏହି ଜନବହୁଳ ଗ୍ରାମ ମାୟାପୁର ହୁଗୁଳି ଜିଲ୍ଲାରେ ଅନ୍ତର୍ଭୁକ୍ତ । ଏହି ଉପରୋକ୍ତ ପରିବାରର ବହୁ ପୁରୁଷ ମାୟାପୁରୀରେ ଅତିବାହିତ ହୋଇଛି । ଏ ବଂଶ ଜାତିରେ ତାମୁଳୀ ଥିଲେ । ଏହି ଜାତି ସହିତ ମୁସଲମାନ ଶାସକଙ୍କର ବିଦ୍ରୋହ ହେବାରୁ ଏ ଜାତି ପୂର୍ବ ପୁରୁଷ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ସମସ୍ତ ତାମୁଳୀ ଏ ମାଟି ଛାଡ଼ି ବିଭିନ୍ନ ସ୍ଥାନକୁ ଚାଲି ଯାଇଥିଲେ । ରାଜବଂଶର ମଧୁସୂଦନ ଦେବ ମେଦିନୀପୁର ଜିଲ୍ଲାର ବରଦା ଗ୍ରାମରେ ସ୍ଥାୟୀ ଭାବରେ ରହିଲେ ।

ବଂଶାନୁକ୍ରମରେ ସେଇ ଜାତି ବରଦାରେ ରହୁଥିଲା ବେଳେ ସେଇ ବଂଶର ଜୟକୃଷ୍ଣ ଦେବ ବାଲେଶ୍ୱର ବନ୍ଦରରେ ସେତେବେଳର ବ୍ୟବସାୟିକ ଗୁରୁତ୍ୱ ଦୃଷ୍ଟିରୁ ୧୭୬୫ ମସିହାରେ ବାଲେଶ୍ୱରର ମାଣିଖମ୍ବ ଅଧିବାସୀ ହେଲେ । The Balasore Raj Family by Trailokya Nath Ghose ରେ ଉଲ୍ଲେଖ ଅଛି The Raj family of Balasore so well known for its public spirit and charity did not origirally belong to Orissa, but migrated to it from Bengal Proper about the year 1765 A.D.

ଏହି ବଂଶର ରାଜା ଶ୍ୟାମାନନ୍ଦ ଦେବ(୧୮୧୭) ଜଣେ ଧର୍ମ ଓ ସମାଜ ସଂସ୍କାରକ ଥିଲେ । ସମାଜର ଶିକ୍ଷା, ରାସ୍ତା, ଆଲୋକ, ଦରିଦ୍ର ପ୍ରପୀଡ଼ିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ବହୁ ଖ୍ୟାତି ଅର୍ଜନ କରିଥିଲେ । ୧୮୬୬ ଖ୍ରୀଷ୍ଟାବ୍ଦ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ତାଙ୍କର ଅବଦାନ କେବେ ଭୁଲିହେବ ନାହିଁ । ତାଙ୍କ କାର୍ଯ୍ୟରେ ତତ୍କାଳୀନ ସରକାର ସନ୍ତୁଷ୍ଟ ହୋଇ ତାଙ୍କୁ ରାଜା ଓ 'ରାଜା ବାହାଦୂର' ଉପାଧି ପ୍ରଦାନ କରିଥିଲେ ।

## ବୈକୁଣ୍ଠନାଥଙ୍କ ବାଲ୍ୟ ଜୀବନ ଓ ଶିକ୍ଷା

କୁମାର ବୈକୁଣ୍ଠନାଥ ଓ କୁମାର ସତ୍ୟେନ୍ଦ୍ରନାଥ ଥିଲେ ରାଜା ଶ୍ୟାମାନନ୍ଦଙ୍କର ଦୁଇ ସୁପୁତ୍ର । ୧୮୮୮ ନଭେମ୍ବର ମାସରେ ଓଡ଼ିଶା ଓ ବଙ୍ଗଳାର ବହୁ ବ୍ରାହ୍ମଣ ଓ ପଣ୍ଡିତ ଏକତ୍ରିତ ହୋଇ ଏଇ ଦୁଇ କୁମାରଙ୍କ ଉଦାରତା ଓ ସରଳ ବ୍ୟବହାରରେ ପ୍ରୀତ ହୋଇ ସେମାନଙ୍କୁ 'ଦେବ' ଉପାଧି ପ୍ରଦାନ କରିଥିଲେ । ବୈକୁଣ୍ଠ ଦେବ ଜିଲ୍ଲାସ୍କୁଲର ଛାତ୍ର ଥିଲେ । କବିବର ରାଧାନାଥ ଥିଲେ ତାଙ୍କର ସହପାଠୀ । ରାଜା ଅନେକ ସମୟରେ ରାଧାନାଥଙ୍କ ବଟେଶ୍ୱରସ୍ଥ ଗୃହକୁ ପାଠ ଆଲୋଚନା ପାଇଁ ଆସୁଥିଲେ । ଖାଲି ସେତିକି ନୁହେଁ, ବୈକୁଣ୍ଠ ନାଥ ସାଙ୍ଗରେ ମେଟ୍ରିକ୍ ପାସ୍ କରିବା ପାଇଁ ରାଜା ଶ୍ୟାମାନନ୍ଦ ରାଧାନାଥଙ୍କୁ ଅନୁରୋଧ କରିଥିଲେ । ତାଙ୍କ ପୁଅକୁ ପାଠ ପଢ଼ାରେ ସହାୟକ ହେବାକୁ ।

## ଫକୀରମୋହନ ଓ ରାଜା

ଫକୀରମୋହନ ରାଜାଙ୍କୁ ଜୀବନର ଜଣେ ପରମ ସୁହୃଦ୍ ତଥା ସହକର୍ମୀ ଭାବେ ଦେଖୁଥିଲେ । ରାଜା ମଧ୍ୟ ଫକୀରମୋହନ ଓ ରାଧାନାଥଙ୍କୁ ସାହିତ୍ୟିକ ଭାବେ ଉତ୍ତମ ସମ୍ମାନ ଦେଉଥିଲେ । ବିଶେଷ କରି ଫକୀରମୋହନଙ୍କ ବିଚକ୍ଷଣତା, ନେତୃତ୍ୱ, ଦେଶ ଓ ଜାତି ପ୍ରୀତି, ମାତୃଭାଷା ଓ



ସମାଜସେବା ତାଙ୍କୁ ବହୁଳ ଆକୃଷ୍ଟ କରିଥିଲା । ଅବଶ୍ୟ କେତେକ କ୍ଷେତ୍ରରେ ଦୁଇଜଣଙ୍କ ଭିତରେ ସାମାନ୍ୟ ମତ ଭିନ୍ନତା ଥିଲେ ବି ସଂପର୍କ ଧୀରେ ଧୀରେ ଘନିଷ୍ଠ ଓ ଅକ୍ଷୁର୍ଣ୍ଣ ରହିଥିଲା । ଏହି ମଧୁମୟ ସଂପର୍କକୁ ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣ (୧୯୦୨) ରେ ରାଜାଙ୍କ ଗୁଣଗାନ କରି ଲେଖିଛନ୍ତି:

"ହେ ବୈକୁଣ୍ଠନାଥ ଦେ ରାଜା ବାହାଦୂର,
ସତେ ସତେ ତମେ ଜଣେ ଅଟ ବାହାଦୂର ।
କରିବାକୁ ଦେଶ ଉପକାର ବୀର ପଣେ,
ନଥିଲା ନହେବ ନାହିଁ ତୁମ୍ଭ ପରି ଜଣେ ।
ତୁମ୍ଭର ଅକ୍ଷୟ କୀର୍ତ୍ତି ରାଜା ବାହାଦୂର,
ବାଲେଶ୍ୱର ମଧେ ଷୋଳ ନେଉଳା ପୁକୁର ।
ହେବ ଏହା ଉପକାରୀ ସୌନ୍ଦର୍ଯ୍ୟର ଖଣି,
ମୋତିଗଂଜ ହୃଦୟର କଉସ୍ତଭ ମଣି ।
ଧନ୍ୟଧନ୍ୟଧନ୍ୟ ତୁମ୍ଭ ନାମପ୍ରତି ଟାଣ,
ଦୀର୍ଘଜୀବୀ ହୁଅ ରାଜ୍ୟ କରୁଛି କଲ୍ୟାଣ ।
ତୁମର ମହତ କାର୍ଯ୍ୟ ସକାଶେ ବୈକୁଣ୍ଠ
ରଖିବ ଜଗତେ କୀର୍ତ୍ତି, ଲଭିବ ବୈକୁଣ୍ଠ ।"

ସେ ପୁଣି ତାଙ୍କ 'ଆତ୍ମଜୀବନ ଚରିତ'ର ଲେଖିଛନ୍ତି ତାଙ୍କ ନିଃସଙ୍ଗ ଜୀବନରେ ପୃଷ୍ଠବ୍ରଣ ଜନିତ ଯନ୍ତ୍ରଣା ଭୋଗ କରୁଥିଲା ବେଳେ ରାଜା ପ୍ରତିଦିନ ତାଙ୍କ ପାଖରେ ପହଞ୍ଚି ତାଙ୍କର ସୁବିଧା ଅସୁବିଧା ବୁଝିବା ସହ ସାନ୍ତ୍ୱନା

ଦେଉଥିଲେ । ସେ ରାଜାଙ୍କ ବିଷୟରେ ଲେଖିଛନ୍ତି, "ଫକୀରମୋହନ ବାବୁ ଏହା ଗୁହାଳିଆ ପତ୍ର । ଏହି ପତ୍ର ବ୍ରଣ ଉପରେ ଲଗାନ୍ତୁ, ନିଶ୍ଚୟ ଭଲ ହୋଇଯିବ । ମହାରାଜା ମୋ ସହିତ କେତେ ଦଣ୍ଡ ପର୍ଯ୍ୟନ୍ତ କଥୋପକଥନ କରି ମେଲାଣି ଘେନିବା ସମୟରେ କହିଲେ, 'ମୁଁ କାଲି କଲିକତା ଯାଉଛି । ବାହୁଡ଼ି ଆଇଲେ ଦେଖାହେବ ।' ହାୟ ବାଲେଶ୍ୱର ପକ୍ଷରେ କି ଦୁର୍ଭାଗ୍ୟର ବିଷୟ, ମହାରାଜାଙ୍କୁ ଆଉ ବାହୁଡ଼ିବାକୁ ହେଲା ନାହିଁ । ଓଲାଓଠା ରୋଗରେ କଲିକତାରେ ସେ ପ୍ରାଣତ୍ୟାଗ କଲେ । ମୁଁ ରୋଗଶଯ୍ୟାରେ ପଡ଼ି ତାଙ୍କର ମୃତ୍ୟୁ ସମ୍ବାଦ ଶୁଣିଲି । ମହାରାଜଙ୍କ ପରି ପରୋପକାରୀ ଲୋକ ଅତି ଅଳ୍ପ ଦେଖିଛି । ମୋ ପ୍ରତି କୌଣସି ବିପଦ ବା ପୀଡ଼ା ସମ୍ବାଦ ଶୁଣିବା ମାତ୍ରେ ସେ ମୋ ପାଖକୁ ଧାଇଁ ଆସୁଥିଲେ । କେବଳ ମୋ କଥା ବୋଲି ନୁହେଁ, ସହର ମଧ୍ୟରେ କୌଣସି ଭଦ୍ରଲୋକ ପୀଡ଼ା ସମ୍ବାଦ ଶୁଣିବା ମାତ୍ରେ ତାହା ପାଖକୁ ଧାଇଁଯାଇ ତାହାର ଉପକାର କରିବାକୁ ପ୍ରସ୍ତୁତ ହେଉଥିଲେ । ବାଲେଶ୍ୱରରେ ଶିକ୍ଷା ବିସ୍ତାର, ଉତ୍କଳ ଭାଷାର ଉନ୍ନତି ସାଧନ ଓ ସାଧାରଣ ହିତ ଜନକ କାର୍ଯ୍ୟରେ ମହାରାଜା ଅଗ୍ରଣୀ ଥିଲେ ।"

## ରାଧାନାଥ ଓ ରାଜା

ରାଜାଙ୍କ ପରିବାର ସହିତ ରାଧାନାଥଙ୍କ ସୁସମ୍ପର୍କ ଥିଲା । ଉଭୟ ଥିଲେ ଉତ୍କଳୀୟ ବଙ୍ଗଭାଷୀ ଓ ଦୁଇ ପରିବାରର କଥିତ ଭାଷା ଥିଲା ବଙ୍ଗଳା । ବାଲେଶ୍ୱର ଗଡ଼ଗଡ଼ିଆ ପୋଖରୀର ପୂର୍ବ ରାସ୍ତା ରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଦକ୍ଷିଣ ପାଖକୁ ରାଧାନାଥଙ୍କ ବସାଘର ଥିଲା ।



ରାଜାଙ୍କ ପତ୍ରିକା 'ଉତ୍କଳଦର୍ପଣ'ରେ ରାଧାନାଥ ଓ ତାଙ୍କ ଭାଇ ସୀତାନାଥଙ୍କ ବହୁ ଲେଖା ପ୍ରକାଶ ପାଉଥିଲା । ରାଜା ରାଧାନାଥଙ୍କ ସହିତ ଅନେକ ଚିଠି ଦିଆନିଆ କରୁଥିଲେ । ସ୍କୁଲ୍ ପ୍ରତିଷ୍ଠା, ପ୍ରାଇଜ୍ ଓ ଛାତ୍ରବୃତ୍ତିକୁ ନେଇ । ପ୍ରତିବର୍ଷ ରାଜାଙ୍କ ବାରବାଟୀ ଦୁର୍ଗାପୂଜାକୁ ରାଧାନାଥ ଓ ତାଙ୍କ ପୁଅ ଶଶିଭୂଷଣ ନିଶ୍ଚୟ ଯାଉଥିଲେ । ଦୁଇ ପରିବାର ସଂପର୍କ ଥିଲା ଖୁବ୍ ନିବିଡ଼ ।

## ସାହିତ୍ୟିକ ରାଜା ବୈକୁଣ୍ଠନାଥ

ମହାରାଜା ଜଣେ ଏକନିଷ୍ଠ ସାରସ୍ୱତ ସାଧକ ଥିଲେ । ସେ କାବ୍ୟ କବିତା ଆଦି ସୃଷ୍ଟି କରିଥିଲେ । ସେ ନିଜେ ସାହିତ୍ୟ ସ୍ରଷ୍ଟା ହୋଇଥିବାରୁ ଅନ୍ୟର ସୃଷ୍ଟି ପ୍ରତି ତାଙ୍କର ଅଖଣ୍ଡ ଶ୍ରଦ୍ଧା ଓ ସମ୍ମାନ ଥିଲା ।

ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ ଓ ଅଭିମନ୍ୟୁଙ୍କ କବିତାକୁ ସେ ବଙ୍ଗଳାରେ ଅନୁବାଦ କରି 'କବିତାବଳୀ' ନାମରେ ପ୍ରକାଶ କରିଥିଲେ । 'ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ(ଆଖ୍ୟାନ ମଂଜରୀ'କୁ ସେ ସୁନ୍ଦର ଭାବରେ ଅନୁବାଦ କରି ପ୍ରକାଶ କରିଥିଲେ । ସେ 'ସୁବର୍ଣ୍ଣରେଖା' କାବ୍ୟକାର ବୋଲି ମଧ୍ୟ ଶୁଣାଯାଏ ।

ରାଧାନାଥ ଓ ଫକୀରମୋହନଙ୍କ ଅନେକ ପୁସ୍ତକକୁ ସେ କଲିକତାକୁ ନେଇ ପ୍ରକାଶ କରିଥିଲେ । ବିଦ୍ୟାର୍ଥୀମାନଙ୍କ ଆବଶ୍ୟକତା ଲକ୍ଷ୍ୟ କରି ବୈକୁଣ୍ଠନାଥ ଦେବ ଯେଉଁ 'ପ୍ରଥମ ଶିକ୍ଷା' ପୁସ୍ତକଟି ରଚନା କରିଥିଲେ, ତାହା ସେହି ସମୟରେ ଚାଟଶାଳୀ ମାନଙ୍କରେ ପଢ଼ା ଯାଉଥିଲା । ପୁସ୍ତକ ଉପରେ ଲେଖା ଯାଇଥିଲା- 'ଓଡ଼ିଶା ପାଠଶାଳାମାନଙ୍କ ବ୍ୟବହାର ନିମନ୍ତେ' । ଉଭୟ ରଚନା ଓ ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିବା ଏହି ମହାରାଜାଙ୍କ ଶିଶୁ ସୁଲଭ ମାନସିକତାକୁ ଅନୁଭବ କରି ପୁସ୍ତକର ଚିତ୍ର ସଂଯୋଗକୁ ତାରିଫ କରିବାକୁ ପଡ଼େ । ପୁସ୍ତକରେ ବର୍ଣ୍ଣଗୁଡ଼ିକ ପରିଚୟ ଦେବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ପିଲାମାନଙ୍କ ଗ୍ରହଣଶୀଳତାର ପରୀକ୍ଷା କରିବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ପୁସ୍ତକଟି ଯେଉଁମାନେ ଦେଖିବେ, ସେମାନେ ଅନୁମାନ କରି ପାରିବେ ତାଙ୍କର ବିଚକ୍ଷଣ ମୁଦ୍ରଣ ପ୍ରତି ଥିବା ପ୍ରତିବଦ୍ଧତା ସଂପର୍କରେ । ଶିଶୁ ମାନସିକତା ସହିତ ଅନ୍ୟ ସାହିତ୍ୟ ପ୍ରତି ରୁଚି ରଖିବା ଓ ତାର ପ୍ରଚାର ପ୍ରସାର ଦିଗରେ ସେ ଅହରହ ଉଦ୍ୟମ କରିଥିଲେ ।

ରାଜା ୧୮୮୫ରେ ଏହି 'ପ୍ରଥମ ଶିକ୍ଷା' ପୁସ୍ତକ ରଚନା କରିଥିଲେ ଓ

## ରାଜା ଓ ତାଙ୍କର କେତେକ କାର୍ଯ୍ୟର ନମୂନା

- ନିଜ ବାପାଙ୍କର ସ୍ମୃତିରେ ସେ 'ଶ୍ୟାମ ସାଗର ଫଣ୍ଡ୍' କରି ଜିଲ୍ଲା ଲୋକଙ୍କ ପାଇଁ ନିର୍ମଳ ପାଣିର ଯୋଗାଣ ବ୍ୟବସ୍ଥା କରିଥିଲେ ।
- ନିଜ ମାଆଙ୍କ ସ୍ମୃତିରେ 'ରାଣୀ ଶ୍ରୀମତୀ ଫଣ୍ଡ୍' କରି ଚାନ୍ଦବାଲି ହସ୍‌ପିଟାଲକୁ ଔଷଧ ଯୋଗାଣ କରୁଥିଲେ ।
- ୧୮୮୮ରେ ବାଲେଶ୍ୱର ଜିଲ୍ଲାସ୍କୁଲରେ ସଂସ୍କୃତ ପରୀକ୍ଷା ସର୍ବୋଚ୍ଚ ମାର୍କ ରଖିଥିବା ପିଲାଙ୍କୁ 'ବେଲି ମେଡ଼ାଲ' ପ୍ରଦାନ କରୁଥିଲେ ।
- ବାଲେଶ୍ୱର ଟାଉନ ଠାରୁ କୋଷ୍ଟକେନାଲ ପର୍ଯ୍ୟନ୍ତ ରୋଡ୍ (୧୮୮୯) ନିର୍ମାଣ କରି ସାଧାରଣ ମଣିଷଙ୍କ ଯାତାୟତରେ ସୁବିଧା କରିଥିଲେ ।
- ଅନନ୍ତପୁର ଠାରେ ୧୮୯୦ରେ Middle Varnacular School ସ୍ଥାପନ କରିଥିଲେ ।
- ୧୮୯୧ ଜଗନ୍ନାଥ ସଡ଼କ ପାଖରେ ଇଲିୟଟ୍ ଦାତବ୍ୟ ଚିକିତ୍ସାଳୟ ଖୋଲିଥିଲେ ।
- ଶ୍ରୀମତୀ ମହିଳା ଦାତବ୍ୟ ଚିକିତ୍ସାଳୟ ବାରବାଟୀ ସ୍କୁଲ ପରିସରରେ ବସାଇଥିଲେ ।
- ଜଳେଶ୍ୱରରେ ଆଲବଟ୍ ଭିକ୍ଟୋରିଆ ଦାତବ୍ୟ ଚିକିତ୍ସାଳୟ ବସାଇଥିଲେ ।
- ବାଲେଶ୍ୱର ଟାଉନରେ ୧୮୯୧ରେ ରାଣୀସାଗର ପୋଖରୀକୁ ପୁନଃ ଖନନ କରିଥିଲେ ।
- ନାରୀ ଶିକ୍ଷାର ପ୍ରସାର ପାଇଁ ୧୮୯୨ ରେ ମିସେସ୍ ସ୍ମିଥ ପାଇଁ ଫଣ୍ଡ୍ କରି ଜିଲ୍ଲାର ବାଳିକାମାନଙ୍କ ଶିକ୍ଷା ପାଇଁ ପ୍ରୋତ୍ସାହନ ଦେଉଥିଲେ ।
- ୧୮୯୩ରେ ରାଜା ଶ୍ୟାମାନନ୍ଦ ସ୍କଲାରସିପ୍ ଫଣ୍ଡ୍ କରି ସଂସ୍କୃତ ପିଲାଙ୍କୁ ଉତ୍ସାହିତ କରୁଥିଲେ ।
- ଜିଲ୍ଲାସ୍କୁଲର ୧୮୯୪ରେ ବିଦ୍ୟାସାଗର ସ୍କଲାରସିପ୍‌ରେ ଅନେକ ଦରିଦ୍ର ପିଲାଙ୍କୁ ବୃତ୍ତି ପ୍ରଦାନ କରୁଥିଲେ ।
- ୧୮୯୪ରେ ରାଜା ରାଜେନ୍ଦ୍ର ଲାଲ ମିତ୍ର ଜିମନେଷ୍ଟିକ୍ସ ପ୍ରାଇଜ କରି ଏଥିପ୍ରତି ସହର ତଥା ଜିଲ୍ଲାର ଯୁବକମାନଙ୍କୁ ରାଜା ଆକୃଷ୍ଟ କରିଥିଲେ ।
- ଏକ ରୁଚିପୂର୍ଣ୍ଣ ପାଠାଗାର ୧୮୯୭ରେ କେନ୍ଦ୍ରାପଡ଼ା ଠାରେ ରାଜା ନିର୍ମାଣ କରିଥିଲେ ।
- ଡାକ୍ତରଖାନା କର୍ମଚାରୀମାନଙ୍କ ପାଇଁ ବହୁ ରହିବା ଘର ରାଜା ନିର୍ମାଣ କରିଥିଲେ ।
- ବାଲିଆପାଳ ଓ ବସ୍ତା ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ବୃକ୍ଷରୋପଣ କରାଇଥିଲେ ।
- ଗରୀବ ପିଲାମାନଙ୍କ ପାଇଁ ଓଡ଼ିଆ ପାଠ୍ୟ ପୁସ୍ତକ ଓ ମାନପତ୍ର ଖୁବ୍ କମ ଦାମରେ ଛପାଇ ରାଜା ଯୋଗାଣ କରୁଥିଲେ ଇତ୍ୟାଦି ଇତ୍ୟାଦି ।

ଏହା ବର୍ଣ୍ଣଶିକ୍ଷାର ଏକ ଉପାଦେୟ ପୁସ୍ତକ ଭାବେ ବିବେଚିତ ହୋଇଥିଲା ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଓ ରାଜା

ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଙ୍କ ଶାସନ କାଳରୁ ମୟୂରଭଂଜର ସୁବର୍ଣ୍ଣ ଯୁଗ ବୋଲି ଆଖ୍ୟା ଦିଆଯାଏ । ସେମିତି ବୈକୁଣ୍ଠ ନାଥଙ୍କ ଶାସନ କାଳକୁ ବାଲେଶ୍ୱର ଇତିହାସରେ ସୁବର୍ଣ୍ଣଯୁଗ କହିଲେ କିଛି ବି ଭୁଲଖ ହେବ ନାହିଁ । ଏହି ଦୁଇ ରାଜାଙ୍କ ମଧ୍ୟର ଏକ ମଧୁମୟ ଓ ଅନ୍ତରଙ୍ଗ ସମ୍ପର୍କ ଥିଲା । ସେମାନେ ଏକ ମନ ଓ ଏକ ପ୍ରାଣ ହୋଇ ଉତ୍କଳ ସମ୍ମିଳନୀରେ କାମ କରୁଥିଲେ । ଓଡ଼ିଶାର ବିଭିନ୍ନ ଜାତୀୟ କର୍ମ ପ୍ରବାହରେ ସେମାନେ ମିଶ୍ରିତ ହୋଇଥିଲେ । ବିଭିନ୍ନ ପର୍ବପର୍ବାଣି ଓ ମହୋତ୍ସବରେ ଦୁଇ ରାଜବାଟୀରେ ବନ୍ଧୁମିଳନ ହେଉଥିଲା । ଫ୍ରେଜର ସାହେବଙ୍କ ରୂପ୍ସା-ବାରିପଦା ରେଳପଥ ଉଦ୍‌ଘାଟନ ଉତ୍ସବ ଅବସରରେ ମଧ୍ୟ ଏପରି ଏକ ବନ୍ଧୁମିଳନ ଘଟିଥିଲା । ଉକ୍ତ ସଂଧ୍ୟାରେ



ମହାରାଜା ଶ୍ରୀରାମ ବାରବାଟୀ ରାଜବାଟୀରେ ଶ୍ରୀମତୀ ଓ ଶ୍ରୀମାନ ଶ୍ରୀ ଫ୍ରେଂଜରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଭିତରେ ମହାରାଜା ବୈକୁଣ୍ଠନାଥ ଦେବ ଥିଲେ । ଏହି ଉତ୍ସବ ବାଲେଶ୍ୱର ଓ ମୟୂରଭଂଜର ନିବିଡ଼ ବନ୍ଧୁତ୍ୱର ମଧୁମୟ ସଂସ୍କୃତିକୁ ଅବିସ୍ମରଣୀୟ କରି ରଖିଛି ।

## ପୁରୀ ଶ୍ରୀମନ୍ଦିର ଓ ରାଜା

ରାଜା ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ତାଙ୍କ ସମୟରେ ସେ ବାଲେଶ୍ୱରରେ ନିମକାଳି ଓ ଝାଡ଼େଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ପୁରୀରେ ଶ୍ରୀଗୁଣ୍ଡିଚା ମନ୍ଦିର ରାଜା ଇନ୍ଦ୍ରଦ୍ୟୁମ୍ନ ନିର୍ମାଣ କରିଥିଲେ । ଏହି ମନ୍ଦିର ଭଗ୍ନ ଅବସ୍ଥାରେ ଥିଲା । ରାଜା ଶ୍ୟାମାନନ୍ଦ (ବୈକୁଣ୍ଠନାଥଙ୍କ ପିତା) ୮୦୦୦୦ଟଙ୍କା ବ୍ୟୟ କରି ଏହାର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏଥିରେ ପୁରୀ ଗଜପତି ରାଜା ପ୍ରୀତ ହୋଇ ଏକ ସୁନ୍ଦର ସନନ୍ଦ ଅର୍ପଣ କରିଥିଲେ ।



'ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳ ପରିଛାଙ୍କୁ ସମସ୍ତ କର୍ମଚାରୀଙ୍କୁ ଭଣ୍ଡାର ମେକାପଙ୍କୁ ମଧ୍ୟ ଚିଟାଉ, ବାଲେଶ୍ୱର ନିବାସୀ ଶ୍ୟାମାନନ୍ଦ ଦେବଙ୍କୁ ଯେ ଚାମର ସେବା ଆଜ୍ଞା ଦେଲୁଁ । ଭଣ୍ଡାରରୁ ଉପଚାର ଚାମର ଦେଇ ଏ ସେବା ଅରଗଳି କାଠ ଠାରେ ରଥ ଉପରେ ଚାପ ଉପରେ ଯାନିଯାତ୍ରା ମାନଙ୍କରେ ଖଟାଇବ । ଗୁଣ୍ଡିଚାନଗର ଠାରେ ଚାଳି ତିଆରି କରି ପନ୍ତି କରିବେ, ଏ ଦର୍ଶନକୁ ଗଲାବେଳେ ଦେଉଳ ବେଢ଼ାକୁ ଗୋଟାଏ ମସଲା ଯାଉଥିବ ଅଟକ ନକରିବ, ୯ଅଙ୍କ କୁମ୍ଭ ଦି ୨୦ରେ ।'

ରାଜା ଶ୍ୟାମାନନ୍ଦ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଏତେ ଟଙ୍କା ଦାନ କରିଥିବା ଏମିତିକି ତାଙ୍କ ଦୁଇ ପୁଅଙ୍କୁ ବି ଜଣାଇନଥିଲେ । ରାଜା ବୈକୁଣ୍ଠନାଥଙ୍କ ଏ ଦାନ କଥା କେବେ ବି ବାହାସ୍ଫୋଟ ମାରି କହୁ ନଥିଲେ କାହାରିକୁ । ଏହା ହିଁ ଥିଲା ରାଜ ବଂଶର ଧର୍ମୀୟ ମହାଚେତନା ।

## ଅନ୍ୟ ଭାଷା ପ୍ରତି ରାଜାଙ୍କ ପୃଷ୍ଠପୋଷକତା

ମହାରାଜା ଶ୍ରୀରାମ ସଂସ୍କୃତ ଟୋଲ୍‌ର ପୃଷ୍ଠପୋଷକ ଥିଲେ । ସେ ବାଲେଶ୍ୱର ସଂସ୍କୃତ ସମିତିର ସଭାପତି ଥିଲେ । ରାଜା ସଂସ୍କୃତ ଓ ସଂସ୍କୃତି ପ୍ରିୟ ଥିଲେ ବୋଲି ଜଣାପଡ଼େ । ସେ



## ବାଲେଶ୍ୱର କଟକ ପୁରୀ ରେଳପଥ ନିର୍ମାଣ ଓ ରାଜା ବୈକୁଣ୍ଠନାଥ ଦେବ

ରାଜା ଥିଲେ କର୍ମବାଦୀ । କର୍ମ ଥିଲା ତାଙ୍କ ଜୀବନର ସାଧନା, ଧ୍ରୁବତାରା ଓ ଧର୍ମ । ଓଡ଼ିଶାରେ ରେଳ ରାସ୍ତା ନଥିଲା । ଗୌରୀ ଶଙ୍କରଙ୍କ ପ୍ରେରଣାରେ ରେଳରାସ୍ତା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଦାବି ହେଉଥିଲା । ହେଲେ କିଛିଦିନ ପରେ ନିରବତା ଦେଖାଯାଉଥିଲା ।

ଠିକ୍ ଏମିତି ଅବସ୍ଥା ଥିଲା ବେଳେ ବାଲେଶ୍ୱରରେ ପ୍ରଥମେ ଆନ୍ଦୋଳନ ହେଲା । ଓଡ଼ିଶାକୁ ବଂଗଳା ଦସହିତ ରେଳଦ୍ୱାରା ଯୋଗ କରିବା ନିମିତ୍ତ ବାଲେଶ୍ୱରରେ ଗୋଟେ କମିଟି ବସିଲା । ଏହି କମିଟିର ମୁଖ୍ୟ ଥିଲେ ରାଜା ବୈକୁଣ୍ଠ । କମିଟିରେ ବିସ୍ତୃତ ଆଲୋଚନା କରି ଗୋଟେ ରେଳ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହେଲା । ରାଜା ଅଗ୍ରଣୀ ଭୂମିକା ନେଇଥିଲେ ।

ବୈକୁଣ୍ଠନାଥ ଓଡ଼ିଶାର ରେଳ ସମ୍ବନ୍ଧୀୟ କାର୍ଯ୍ୟ ସକାଶେ ବିଦେଶ ଯାଇଥିଲେ । ସେ ପ୍ରଥମେ ମେଦିନିପୁରକୁ ସେଠାରେ ଧନୀ ଲୋକମାନଙ୍କୁ ଏ ବିଷୟରେ ପ୍ରବର୍ତ୍ତାଇଥିଲେ । ତା'ପରେ ଉତ୍ତର ପଶ୍ଚିମାଞ୍ଚଳକୁ ଗଲେ ।

ସେ ବଂବେ ଓ ନାଗପୁର ଯାଇ ରେଳ କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ । ସେଠି କର୍ତ୍ତୃପକ୍ଷ ୫ଲକ୍ଷ ଟଙ୍କା ଲାଇନ ବିଛାଇବା ଖର୍ଚ୍ଚ ବାବଦକୁ ପୈଠ କରିବାକୁ କହିଲେ । ରେଳ ସକାଶେ ମୟୂରଭଂଜ ରାଜା ଦୁଇଲକ୍ଷ, ବୈକୁଣ୍ଠ ଦେବ ୫୦,୦୦୦ ଗଂଗା ନାରାୟଣ ୩୦,୦୦୦ ଓ ମୋହନ ରାୟ ୨୫୦୦ ଦେଇଥିଲା ଆଉ ସବୁଟଙ୍କା ରାଜା ବାଲେଶ୍ୱର ବାସୀଙ୍କଠୁଁ ଆଦାୟ କରିଥିଲେ । ରେଳ ରାସ୍ତା ହେବା ଦିଗରେ ରାଜାଙ୍କ ଅକ୍ଲାନ୍ତ ଶ୍ରମ ଓ ନେତୃତ୍ୱ ସଫଳ ହେଲା । ଆଜି ଆମେ ତାଙ୍କର ଉତ୍ତର ପୁରୁଷ ଭାବେ ତାଙ୍କ ଶ୍ରମ ଲବ୍ଧ ଫଳ ଉପଭୋଗ କରୁଛୁ ।

ଆମ TV
ଏକ ନୂଆ ଆରମ୍ଭ



# ଆମେ ସମ୍ପର୍କ ଯୋଡୁ

ପ୍ଲଟ ନଂ - ୭୦/୭୬୯, ଜଗନ୍ନାଥ କଲୋନୀ, ଲେନ୍-୧ (ଜଗନ୍ନାଥ ଆଶ୍ରମ ପଛ)
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୧୮

ମଧ୍ୟ ସୁନହଟରେ ଉର୍ଦ୍ଦୁ ଶିକ୍ଷାର ଉନ୍ନତି ପାଇଁ B.N.Dey Urdu School ସ୍ଥାପନ କରିଥିଲେ । ଏ ସବୁରୁ ଜଣାଯାଏ ରାଜାଙ୍କର ଅନ୍ୟ ଭାଷା ପ୍ରତି ବିଦ୍ୱେଷ ଭାବ ନଥିଲା ।

## ଜନ୍ ବୀମ୍ସ୍ ଓ ରାଜା

ରାଜା ସମାଜର ବିଭିନ୍ନ କାର୍ଯ୍ୟରେ ଜିଲ୍ଲାପାଳଙ୍କ ସହିତ ଯୋଗ ଦେଉଥିଲେ । ଫଳରେ ରାଜାଙ୍କର ନିଷ୍ଠାପର ସମାଜ ସେବା, କାର୍ଯ୍ୟଦକ୍ଷତା, ଧର୍ମପ୍ରାଣ ବ୍ୟକ୍ତିତ୍ୱ ତଥା ତାଙ୍କ ଦେଶପ୍ରୀତିରେ ସନ୍ତୁଷ୍ଟ ହୋଇ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଏହି ସହୃଦୟତା ପାଇଁ ଜନ୍ ବୀମ୍ସ୍ ବୈକୁଣ୍ଠନାଥ ଦେବଙ୍କୁ ବାଲେଶ୍ୱର ଅବୈତନିକ magistrate ଭାବରେ ନିଯୁକ୍ତି ଦେବା ପାଇଁ ଏକ ବ୍ୟକ୍ତିଗତ ଚିଠି ଓଡ଼ିଶାର କମିସନର ଟି.ଇ.ରେଭେନ୍ସାଙ୍କୁ ସୁପାରିଶ କରିଥିଲେ । ଉକ୍ତ ଚିଠିରେ ଲେଖାଥିଲା, 'Babu Baikunth Nath De, a resident of the town of Balasore having expressed a desire to become an honorary Magistrate, I have the honour to recommend him for that post.'



ଜନ୍ ବୀମ୍ସ୍ ବାଲେଶ୍ୱରରେ ଜନ ହିତାକାରୀ ଜିଲ୍ଲାପାଳ ଥିବାରୁ ରାଜା ତାଙ୍କର ସ୍ମୃତି ସମ୍ମାନ ପାଇଁ ଜିଲ୍ଲାସ୍କୁଲ୍ ହଲ୍‌ରେ ୧୮୮୭ରେ ଏକ ମାର୍ବଲ ପ୍ରସ୍ତର ମୂର୍ତ୍ତି ଅବସ୍ଥାପିତ କରିଥିଲେ । ରାଜା ଲେଖିଥିଲେ: "ଏହା ଜନ ବୀମ୍ସ୍‌ଙ୍କ ପ୍ରତି ସାମାନ୍ୟ ହେଲେ ମଧ୍ୟ ବାଲେଶ୍ୱର ସେ କାଳରେ ତାଙ୍କୁ ସ୍ମରଣ କରିବା ପାଇଁ କିଛି କରିଛି । ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ ଶେଷ ହୋଇନାହିଁ ।"

## ରେଭେନ୍ସା ସାହେବ ଓ ରାଜା

ଜନ ବୀମ୍ସ୍‌ଙ୍କ କମିଶନରଙ୍କୁ recommendation ଚିଠିକୁ ଅନୁଧ୍ୟାନ କରି କମିସନର ରେଭେନ୍ସା ସାହେବ ରାଜା ବୈକୁଣ୍ଠନାଥ ଦେବଙ୍କୁ ବାଲେଶ୍ୱରର Honorary magistrate ଭାବେ ନିଯୁକ୍ତି ଦେଇଥିଲେ ।

ରାଜା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ପାଇବା ପରେ ତାଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ କମିଶନର୍ ବାଲେଶ୍ୱର କାର୍ଯ୍ୟକାରୀ ଜିଲ୍ଲାପାଳ T.Normanଙ୍କ ପାଖକୁ ୪.୧.୧୮୭୪ରେ ଏକ ସରକାରୀ ପତ୍ରରେ ଲେଖିଥିଲେ, 'I Find the arrangement in Babu Baikuntha De's office very complete and satisfactory. He offers to give very creditable and intelligent attention to the work and he has disposed of a very, large number of petty cases.



କମିଶନରଙ୍କ ସହିତ ରାଜାଙ୍କ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା । ଏପରିକି ସେ ବାଲେଶ୍ୱର ଆସିଲେ ଜନ୍ ବୀମ୍ସ୍‌ଙ୍କ ସହିତ ବାଲେଶ୍ୱର ରାଜାଙ୍କ ଉଆସକୁ ଯାଇ ରାଜାଙ୍କ ଆତିଥ୍ୟ ଗ୍ରହଣ କରୁଥିଲେ ।

## ସମ୍ବଲପୁର ହିତୈଷିଣୀ ଓ ରାଜା

ରାଜାଙ୍କ ବିଷୟରେ ୨୨-୦୮-୧୮୯୪ ରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାର ସମ୍ପାଦକୀୟର ଲେଖା ହୋଇଥିଲା, 'ଓଡ଼ିଶା ବର୍ତ୍ତମାନ ଯେତେ ବ୍ୟକ୍ତି ନିଜ ନିଜ ପ୍ରତିଭା ଏବଂ ଅଧ୍ୟବସାୟ ଗୁଣରୁ ଖ୍ୟାତନାମା ହେଇ ଅଛନ୍ତି, ରାଜା ବୈକୁଣ୍ଠନାଥଙ୍କୁ ସେମାନଙ୍କର ଅଗ୍ରଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ବଙ୍ଗର ଜଣେ ବିଶିଷ୍ଟ ବ୍ୟକ୍ତି କହିଥିଲେ, 'ବୈକୁଣ୍ଠନାଥଙ୍କ ସହିତ ତୁଳନୀୟ ହେବାର ଯୋଗ୍ୟ ବ୍ୟକ୍ତି, ସୁବିସ୍ତୃତ ବ୍ୟକ୍ତିତ୍ୱ ବଙ୍ଗଦେଶରେ ମଧ୍ୟ ବିରଳ ।'

ବାସ୍ତବିକ ତାଙ୍କ ପରି ବ୍ୟକ୍ତିତ୍ୱ ସେତେବେଳେ ସମଗ୍ର ଓଡ଼ିଶାରେ ଦେଖିବାକୁ ମିଳିନଥିଲା ।

## ଦିଲ୍ଲୀ ଦରବାର ଓ ରାଜା

୧୯-୭-୧୯୦୨ ରେ ରାଜାଙ୍କୁ ଦିଲ୍ଲୀରେ ଅନୁଷ୍ଠିତ ରାଜସ୍ୱ ଦରବାରରେ ଯୋଗଦେବା ପାଇଁ ବଙ୍ଗ ସରକାର ନିମନ୍ତ୍ରଣ କରି ଲେଖିଥିଲେ, 'Dear Raja, as you are aware His excellency the viceroy intends to hold at Delhi on 1st January 1903 an imperial durbar to celebrate the coronation of his imperial majesty the king emperor"

ଏହାପରେ ବୈକୁଣ୍ଠନାଥ ଦିଲ୍ଲୀ ଯାତ୍ରା ପାଇଁ କଲିକତା ତାମ୍ବୁଳୀ ସଂଘ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରତି ଉତ୍ତରରେ ରାଜା ଲେଖିଥିଲେ- I am really grateful for the honour you have done to me in presenting me with these several adresses on my return from Delhi Durbar to which I had the

## ନାରୀଶିକ୍ଷା ଓ ରାଜା




ରାଜା ଥିଲେ ବାଲେଶ୍ୱରର ନାରୀ ଶିକ୍ଷା ପ୍ରଚଳନର ପ୍ରଥମ ପ୍ରବର୍ତ୍ତକ । ନିଜେ ବାରବାଟୀ ହିନ୍ଦୁ ବାଳିକା ସ୍କୁଲ ପ୍ରତିଷ୍ଠା କରି ପରିଚାଳନାର ସମସ୍ତ ଦାୟିତ୍ୱ ବୁଝୁଥିଲେ । ବାଳିକା ସ୍କୁଲ ପାଇଁ ପୁସ୍ତକ ଅଭାବ ବେଳେ ତାଙ୍କ ରଚିତ 'ବାଳିକା ପାଠ (୧୮୮୦-ପ୍ରଥମଭାଗ) ଉକ୍ତ ସ୍କୁଲର ପାଠ୍ୟପୁସ୍ତକ ଥିଲା । ତା'ପରେ ୧୮୯୨ ଫେବୃଆରୀ ମାସରେ D.F.Smith ଆମେରିକାରୁ ବାଲେଶ୍ୱର ଆସି ରାଜା ବୈକୁଣ୍ଠନାଥ ଦେବ ଓ ସତ୍ୟେନ୍ଦ୍ରନାଥ ଦେବଙ୍କ ସଂସ୍ପର୍ଶରେ ଆସି ନାରୀ ଶିକ୍ଷାର ପ୍ରସାର ପାଇଁ ବିଶେଷ ଉଦ୍ୟମ କରିଥିଲେ । ନାରୀ ଶିକ୍ଷା ପ୍ରସାର ପାଇଁ ରାଜାଙ୍କ ସହ ମିଶି ଜିଲ୍ଲାପାଳ ଜନ ବୀମ୍ସ୍ ମଧ୍ୟ ବହୁଳ କାର୍ଯ୍ୟ ହାତକୁ ନେଇଥିଲେ ।

# ଓଡ଼ିଆ ଭାଷା ଓ ରାଜା



## ଓଡ଼ିଆ ଭାଷା ଆନ୍ଦୋଳନ ଓ ରାଜା

ଓଡ଼ିଶା ଥିଲା ବଙ୍ଗଳା ଅଧୀନରେ । ଓଡ଼ିଶାର ଶିକ୍ଷିତଙ୍କ ସଂଖ୍ୟା ଖୁବ୍ ନଗଣ୍ୟ ଥିଲା । ଉଚ୍ଚଶିକ୍ଷା ପାଇଁ ଓଡ଼ିଶାର ଲୋକେ କଲିକତା ଉପରେ ନିର୍ଭର କରୁଥିଲେ । ବଂଗୀୟ ଶିକ୍ଷିତ ବ୍ୟକ୍ତି ଓଡ଼ିଶାର ଶାସକ ଭାବରେ ନିଯୁକ୍ତି ପାଉଥିଲେ । ଓଡ଼ିଶାର ଶିକ୍ଷାୟତନ ମାନଙ୍କରେ ବଂଗୀୟ ଶିକ୍ଷକଙ୍କର ପ୍ରଭାବ ଥିଲା । ବାଲେଶ୍ୱର ତତ୍କାଳୀନ ଜମିଦାର ବୃନ୍ଦାବନ ଚନ୍ଦ୍ର ମଣ୍ଡଳ, ଜିଲ୍ଲାସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀନାଥ ଦତ୍ତ ଇତ୍ୟାଦି ଓଡ଼ିଶାରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ ପାଇଁ ଚେଷ୍ଟା କରୁଥିଲେ । କ୍ରାନ୍ତିଚନ୍ଦ୍ର 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ'(୧୮୭୦) ପୁସ୍ତକ ରଚନା କରିବା ଓଡ଼ିଆ ଭାଷା ତିଷ୍ଠିବା ପାଇଁ ଥିଲା ଏକ କୁଠାରଘାତ ।

କିନ୍ତୁ ଏହି ହୀନ ଆନ୍ଦୋଳନକୁ କିଛି ବିଜ୍ଞ ସୁପଣ୍ଡିତ ବଙ୍ଗ ବିଦୂଷୀ ଓଡ଼ିଆ ଲୋକଙ୍କ ସହିତ ମିଶି ଓଡ଼ିଆ ଭାଷା ରକ୍ଷା କରିବାକୁ ଉଦ୍ୟମ କରିଥିଲେ । 'ଦୀପିକା'ର କର୍ଣ୍ଣଧାର ଗୌରୀଶଙ୍କର, ପ୍ୟାରୀମୋହନ, 'ଉତ୍କଳ ହିତୈଷିଣୀ'ର ସମ୍ପାଦକ କାଳିପଦ ବନ୍ଦୋପାଧ୍ୟାୟ, ସାହିତ୍ୟିକ ରଂଗଲାଲ, ନାଟ୍ୟକାର ଜଗମୋହନ, ରାମଶଙ୍କର, ଔପନ୍ୟାସିକ ରମେଶ ଚନ୍ଦ୍ର, ପ୍ରାବନ୍ଧିକ କୃଷ୍ଣବସୁ ଏବଂ ରାଜା ବୈକୁଣ୍ଠନାଥ ଦେବ ପ୍ରଭୃତି ଓଡ଼ିଶାବାସୀଙ୍କ ସହିତ ମିଶି ଓଡ଼ିଆ ଭାଷା ସାହିତ୍ୟର ବିକାଶ ଦିଗରେ କାମ କରିଥିଲେ । ପରବର୍ତ୍ତୀ କାଳରେ ବାଲେଶ୍ୱରରେ ୭ ଜଣିଆ ସଭ୍ୟଙ୍କୁ ନେଇ ସୃଷ୍ଟି ହେଇଥିଲା ୧୮୬୬ରେ 'ସାହିତ୍ୟ ସଭା' ଯାହା ଓଡ଼ିଆ ଭାଷା ଆନ୍ଦୋଳନ ପାଇଁ ଖସଡ଼ା ତିଆରି କରିଥିଲା ।

## ଦେ'ଙ୍କ ଉତ୍କଳ ପ୍ରେସ୍ ଓ ରାଜା

ଭାଷା ବିଲୋପ ଆନ୍ଦୋଳନ ବେଳେ ବାଲେଶ୍ୱରରେ ଫକୀରମୋହନ, ଗୋବିନ୍ଦ ଚନ୍ଦ୍ର ସେନାପତି, ରାଧାନାଥ ରାୟ, ଜନବୀମ୍ସ୍‌ଙ୍କ ସହିତ ରାଜା ବୈକୁଣ୍ଠ ନାଥ ଦେବ ମିଶିଥିଲେ । ସେତେବେଳେ କଟକରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳଦୀପିକା' ପ୍ରକାଶିତ ହେଉଥିଲା ବେଳେ ବାଲେଶ୍ୱର ପି.ଏମ୍.ସେନାପତି ଏଣ୍ଡ କୋ-ଉତ୍କଳ ପ୍ରେସ୍‌ରୁ ଗୋବିନ୍ଦ ପଟ୍ଟନାୟକଙ୍କ ସମ୍ପାଦନାରେ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦବାହିକା'ର ଓଡ଼ିଆ ପୁନଃ ଜୀବିତ କରିବାର ଭୂମିକା ନିର୍ବାହ କରୁଥିଲା । ଓଡ଼ିଆ ଭାଷାର ସୁରକ୍ଷା, ଓଡ଼ିଆ ପାଠ୍ୟ ପୁସ୍ତକ ରଚନା, ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଆଲୋଚନା ଆଦି ବିବିଧ ପୁସ୍ତକର ମୂଳ ଉତ୍ସ ଥିଲା ଦେ'ଙ୍କ ପ୍ରେସ୍ ପ୍ରତିଷ୍ଠା । ରାଜା ୧୮୭୨ରେ ଏ ପ୍ରେସ୍ ବସାଇଥିଲେ ।

ଏହି ପ୍ରେସ୍‌ରେ ଫକୀରମୋହନଙ୍କ ରଚିତ ରାମାୟଣ ଓ ବୌଦ୍ଧ ଅବତାର ପ୍ରକାଶ ପାଇଥିଲା । ଫକୀରମୋହନ ଲେଖିଛନ୍ତି, "ଢେଙ୍କାନାଳରୁ ଚାଲି ଆସି ବାଲେଶ୍ୱରରେ ବ୍ୟର୍ଥ ବସି ରହିଥାଏ । ରାମାୟଣ କେତେଖଣ୍ଡ ଛପା ହେଇ ଯାଇଥିଲା । ଅବଶିଷ୍ଟ କାଣ୍ଡମାନ ଛପା ସକାଶେ ଅର୍ଥାଭାବ ହେଲା । କୁମାର ବୈକୁଣ୍ଠନାଥ ଦେବ ସ୍ୱତନ୍ତ୍ର ରୂପେ ସାତଖଣ୍ଡ ରାମାୟଣ ଛପାଇ ଦେବାକୁ ସ୍ୱୀକୃତି ଦେଲେ । ପ୍ରକାଶକ ସ୍ୱରୂପ ରାଜା ଶ୍ୟାମାନନ୍ଦ ବାହାଦୂରଙ୍କ ନାମରେ ପୁସ୍ତକ ମୁଦ୍ରିତ ହେବା କଥା ସ୍ଥିର ହେଲା । ରାଜା ବାହାଦୂର ପୁରସ୍କାର ସ୍ୱରୂପ ମୋତେ ସାଢ଼େ ସାତ ଶହ ଟଙ୍କା ଦେଲେ । ପୂର୍ବରୁ କିଛି ଦେଣା ଥିଲା । ସେହି ଟଙ୍କାରେ ସମସ୍ତ ଦେଣା ପରିଶୋଧ କରି ପକାଇଲି ।"

ତତ୍କାଳୀନ ସ୍କୁଲରେ ପାଠ୍ୟପୁସ୍ତକ ଘୋର ଅଭାବ ଅନୁଭବ କରି ବହୁ ବିଶିଷ୍ଟ ବ୍ୟକ୍ତି ପାଠ୍ୟ ପୁସ୍ତକ ରଚନା କରିଥିଲେ । ଫକୀରମୋହନ, ମଧୁସୂଦନ, ବିଚ୍ଛନ୍ଦ ଚରଣ, ନନ୍ଦ କିଶୋର, ଚନ୍ଦ୍ରମୋହନ ମହାରଣା, ରାଧାନାଥ ରାୟ ଓ ତାଙ୍କ ସାନଭାଇ ସୀତାନାଥ ରାୟ, ଗୌରୀ ଶଙ୍କର ରାୟ, ଚନ୍ଦ୍ରନାଥ ରାୟ, ବୈକୁଣ୍ଠନାଥ ଦେବ ଓ ସତ୍ୟେନ୍ଦ୍ର ନାଥ ଦେବ ଥିଲେ ଅନ୍ୟତମ ।

ରାଧାନାଥ ରାୟଙ୍କ 'ଭୂଗୋଳ', ଅକ୍ଷୟ କୁମାର ଦତ୍ତଙ୍କ 'ଚାରୁପାଠ' ସୀତାନାଥ ରାୟଙ୍କ ପ୍ରଥମ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପାଠ, ଶିଶୁ ପାଠ, ଲିପିମାଳା, ଗୌରୀଶଙ୍କର ରାୟଙ୍କ ଭୂଗୋଳ ତତ୍ତ୍ୱ, ବୈକୁଣ୍ଠନାଥ ଦେବଙ୍କ ନୀତିପାଠ ଥିଲା ପାଠ୍ୟପୁସ୍ତକ ।

ଦେ' ପ୍ରେସ୍ ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ରାଧାନାଥଙ୍କ ରଚିତ 'ସାବିତ୍ରୀ' ପ୍ରଥମ ଓଡ଼ିଆ ରିପନ୍ ମାନଚିତ୍ରାବଳୀ ଇତ୍ୟାଦି ମୁଖ୍ୟ ଥିଲା । 'The Balasore Raj Family ରେ ଉଲ୍ଲେଖ ଅଛି, The compilation and publication of many odia useful books and an atlas in Odia at a very cheap price, which has placed useful literature within easy reach of the poor.

## ଉତ୍କଳ ଦର୍ପଣ ଓ ରାଜା

ରାଜ ବୈକୁଣ୍ଠନାଥ ଦେବଙ୍କ ଉତ୍କଳ ପ୍ରେସ୍‌ର ମୁଖପତ୍ର ଥିଲା 'ଉତ୍କଳ ଦର୍ପଣ'(୧୮୭୩) ମାସିକ ପତ୍ରିକା । ଏହା ଥିଲା ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକା । ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ପୃଷ୍ଠପୋଷକ ବୈକୁଣ୍ଠନାଥ ଦେବ ଏହି ପତ୍ରିକାର ପରିଚାଳକ ଥିଲେ । ବାଲେଶ୍ୱରର ତତ୍କାଳୀନ ଜିଲ୍ଲାପାଳ ବୀମ୍ସ୍‌ଙ୍କ ନିର୍ଦ୍ଦେଶ କ୍ରମେ ରାଧାନାଥଙ୍କ ପ୍ରବର୍ତ୍ତନାରେ ଏ ପତ୍ରିକା କାମ ରାଜା ହାତକୁ ନେଇଥିଲେ । 'ଉତ୍କଳ ଦର୍ପଣ' ପ୍ରଥମ ଦୁଇବର୍ଷ ୧୮୭୩-୭୪ ମାସିକ ୧୮୭୫ ଜାନୁଆରୀରୁ ପାକ୍ଷିକ ଏବଂ ୧୮୭୭ରୁ ସାପ୍ତାହିକ ରୂପ ନେଇ ୧୮୮୫ ବେଳକୁ ବନ୍ଦ ହେଇ ଯାଇଥିଲା ।

'ଉତ୍କଳ ଦର୍ପଣ' ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟିର ପ୍ରାରମ୍ଭ କାଳରେ ଥିଲା ଏକ ମାତ୍ର ସାହିତ୍ୟ ପତ୍ରିକା, ଯାହା ଆଧୁନିକ ଓଡ଼ିଆ ସାହିତ୍ୟର ନବୀନ ଲେଖକ ଗୋଷ୍ଠୀ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ରାଧାନାଥ ଓ ମଧୁସୂଦନଙ୍କ ପରି ବିଶିଷ୍ଟ ଲେଖକମାନେ ଏଥିରେ ସେମାନଙ୍କ ସାହିତ୍ୟ କୃତୀ ପ୍ରକାଶ କରୁଥିଲେ ।

## ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ ଓ ରାଜା

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ରାଜାଙ୍କର ବିଶେଷ ଅବଦାନ ଥିଲା । ସେ ଓଡ଼ିଆ ପ୍ରଥମ ବ୍ୟକ୍ତି ଯିଏ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ୧୮୮୩ରୁ ୧୮୮୬ ଯାଏଁ ତିନିବର୍ଷ ସଭ୍ୟ ଥିଲେ । ସେ ଓଡ଼ିଶାକୁ ଗୋଟିଏ ଶାସନାଧୀନ କରିବାକୁ ପ୍ରସ୍ତାବ ଦେଇଥିଲେ । ସେତେବେଳେ ଓଡ଼ିଶାର ଅଞ୍ଚଳ ଗୁଡ଼ିକ ମାନ୍ଦ୍ରାଜ, ଆନ୍ଧ୍ର, ବଙ୍ଗ ସହିତ ମିଶିଥିବାରୁ ସେ ଏସବୁକୁ ଏକତ୍ରିତ କରି ଓଡ଼ିଆ ଭାଷାକୁ ସରକାରୀ ଭାବେ ପ୍ରଚଳନ କରିବାକୁ ଦାବି ଉପସ୍ଥାପିତ କରୁଥିଲେ । ୧୯୦୨ ମସିହାରେ ଡିସେମ୍ବର ୧୫ ତାରିଖରେ ରାଜା ଭାରତର ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ପାଇଁ ଏକ ସ୍ମାରକପତ୍ରରେ ଏକ ଲକ୍ଷ ଲୋକଙ୍କ ସ୍ୱାକ୍ଷର ସହିତ ପ୍ରେରଣ କରିଥିଲେ । ସ୍ମାରକ ପତ୍ରର ଶିରୋନାମା ରଖିଥିଲେ, 'Memorial for uniting the oriya speaking lands usfer different administration into one administration', ଏଥିରେ ଓଡ଼ିଶାର ଗୌରବପୂର୍ଣ୍ଣ ଅତୀତ, ବିଭବ, ଐତିହାସିକ ମହତ୍ତ୍ୱ, ସୀମାରେଖା, ଭାଷା, ସଂସ୍କୃତି ବିଷୟରେ ବିଶେଷ ଆଲୋକପାତ କରାଯାଇଥିଲା ।

୧୯୧୦ ମସିହାରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ରାଜା ସଭାପତି ଭାବରେ ଯୋଗ ଦେଇଥିଲେ ।

# ଉତ୍କଳ ହିତୈଷୀ ବୈକୁଣ୍ଠନାଥ ଦେବ



**ଡକ୍ଟର ଅରବିନ୍ଦ ଗିରି**

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ସମଗ୍ର ଓଡ଼ିଶାରେ ବାଲେଶ୍ୱର ଥିଲା ଜନସଚେତନତାର ପ୍ରଧାନ ପୀଠ । ଲୋମହର୍ଷଣକାରୀ ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ସହିତ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ- ବାତ୍ୟା, ସମୁଦ୍ରପ୍ଳାବନ, ବନ୍ୟା, ମରୁଡ଼ି ତଥା ବହୁବିଧ ସଂକ୍ରାମକ ରୋଗ (ମେଲେରିଆ, କଲେରା, ବସନ୍ତ, ହାଡ଼ଫୁଟି), ଓଡ଼ିଶାର ଅର୍ଥନୀତିକୁ ତଥା ସାମାଜିକ ଜୀବନଧାରାକୁ ବିପନ୍ନ କରିଦେଇଥିଲା ।

ବାଲେଶ୍ୱର ଥିଲା ଆଧୁନିକ ଓଡ଼ିଆ ସାହିତ୍ୟର ତ୍ରିବେଣୀ ସଂଗମ ସ୍ଥଳୀ । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମହାମିଳନ ଭଳି ଏ ମାଟିରେ ରାଧା-ମଧୁ ଓ ଫକୀରମୋହନଙ୍କର ଅପୂର୍ବ ମିଳନ ଘଟିଥିଲା । ଏହି ସମୟରେ ବାଲେଶ୍ୱରରେ ସୃଷ୍ଟି ହୋଇଥିବା 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ଆଧୁନିକ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ଏକ ଜାତୀୟ ସଚେନତା ସୃଷ୍ଟି କରିଥିଲା । ଏହି ଜିଜ୍ଞାସୁ ଯୁବମାନସ ସ୍ୱୀୟ ମାତୃଭାଷା ସାହିତ୍ୟ ଓ ସଂସ୍କୃତିର ଅବକ୍ଷୟ ଅବସ୍ଥା ଉପଲବ୍ଧି କରି ଏହା ଉନ୍ନତି ଓ ବିକାଶ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ପ୍ରେସ୍ ପ୍ରତିଷ୍ଠା, ପାଠ୍ୟ ପୁସ୍ତକ ରଚନା, ଭାଷା ସୂତ୍ରରେ ଓଡ଼ିଶା ପ୍ରଦେଶ ଗଠନ, ବିବିଧ ପତ୍ରପତ୍ରିକା ପ୍ରକାଶନ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କ୍ଷେତ୍ରରେ ବିଶେଷ ଧ୍ୟାନ ଦେଇ ଓଡ଼ିଆ ଭାଷା, ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଜୀବନର ବିକାଶ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ।

ସେ ସମୟରେ ଅନ୍ୟ ଜଣେ ଉତ୍କଳ ହିତୈଷୀ, ସମାଜର ସଚେତନଶୀଳ ବ୍ୟକ୍ତିତ୍ୱ ଯେକି ଓଡ଼ିଆ ସାମାଜିକ ଜୀବନର ସର୍ବାଙ୍ଗୀନ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ସେ ହେଉଛନ୍ତି ଉତ୍କଳ ହିତୈଷୀ **ମହାରାଜା ବୈକୁଣ୍ଠନାଥ ଦେବ** । ସମାଜସେବା, ଶାସନ ଶୃଙ୍ଖଳା, ଧର୍ମ ପ୍ରତିଷ୍ଠା, ମାତୃଭାଷା ସାହିତ୍ୟର ଉନ୍ନତି ପାଇଁ ପ୍ରେସ (ଦେ'ଙ୍କ ଉତ୍କଳ ପ୍ରେସ, ୧୮୭୨) ପ୍ରତିଷ୍ଠା, ସାହିତ୍ୟ ପତ୍ରିକା (ଉତ୍କଳ ଦର୍ପଣ-୧୮୭୩), ଓଡ଼ିଆ ଓ ନବ ସମ୍ବାଦ (୧୮୮୦-୮୧) ପତ୍ରିକା ପ୍ରକାଶନ, ବିବିଧ ପାଠ୍ୟ ପୁସ୍ତକ ରଚନା ଓ ପ୍ରକାଶନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଚାର ବ୍ୟବସ୍ଥାର ବିକାଶ, ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଲୋକମାନଙ୍କୁ ଖାଦ୍ୟ, ବସ୍ତ୍ର, ବଣ୍ଟନ ତଥା ବିବିଧ ସାମାଜିକ ଧର୍ମୀୟ ଅନୁଷ୍ଠାନକୁ ଆର୍ଥିକ ଅନୁଦାନ ପ୍ରଦାନ ଆଦି ଜନହିତକର କାର୍ଯ୍ୟରେ ନିୟୋଜିତ ରହି ଦେଶମାତୃକାର ସେବାକୁ ଜୀବନର ବ୍ରତଭାବରେ ଗ୍ରହଣ କରିଥିଲେ । କବିବର ରାଧାନାଥ, ବ୍ୟାସକବି ଫକୀରମୋହନ ଥିଲେ ତାଙ୍କର ପରମ ବନ୍ଧୁ । ଭାଷା ସୂତ୍ରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯାହାଙ୍କର ଥିଲା ପ୍ରଥମ ଉଦ୍ୟମ । 'ଉତ୍କଳ ସମ୍ମିଳନୀ'ର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନଙ୍କର ସେ ଥିଲେ ପରମ ସହଯୋଗୀ । ସମଗ୍ର ୬୧ବର୍ଷ ଜୀବନ କାଳ ମଧ୍ୟରେ ଉତ୍କଳର ସାମାଜିକ, ଅର୍ଥନୀତିକ ତଥା ଜାତୀୟ ଜୀବନର ବିକାଶ କ୍ଷେତ୍ରରେ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଏହି ଉତ୍କଳ ପ୍ରାଣତାରେ ମୁଗ୍ଧହୋଇ ଫକୀରମୋହନ ତାଙ୍କ ସ୍ୱରଚିତ 'ଆତ୍ମଚରିତ'ରେ ତାଙ୍କୁ ଭୂରିଭୂରି ପ୍ରଶଂସା କରିଛନ୍ତି । ଫକୀରମୋହନଙ୍କ ଭାଷାରେ-

"ହେ ରାଜା ବୈକୁଣ୍ଠନାଥ ତୁମ୍ଭେ ହିଁ କେବଳ,
ଜନ୍ମିଛ ଉତ୍କଳ ସାଧୁ ଦୃଷ୍ଟାନ୍ତର ସ୍ଥଳ ।
ଦେଶବାସୀ ନରନାରୀ ମଂଗଳ କାରଣ,
ଧନମାନ ପ୍ରାଣସର୍ବ କରିଛ ଅର୍ପଣ ।
ଉତ୍କଳ ଦେଶର ହେବ ଯେପର ଉନ୍ନତି
ଜୀବନ ସେଥିପାଇଁ ହୋଇଅଛ ବ୍ରତୀ ।" (ଅବସର ବାସରେ/ ୧୮୬୩/ପୃ ୩୬୩)

ସେହି ମହାନପୁଣ୍ୟାତ୍ମା, ଉତ୍କଳର ଯୋଗ୍ୟତମ ବରପୁତ୍ର ଏ ଜାତିର ଚିର ନମସ୍ୟ ।

honour of being invited by the govt to represent the people of Odisha.

## ବଡ଼ଲାଟଙ୍କ 'ମହାରାଜା' ଉପାଧି ପ୍ରାପ୍ତ

ସେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହିତ ଅନେକ ଜନହିତକର କାର୍ଯ୍ୟ କରି ଇଂରଜ ଶାସକଙ୍କ ପ୍ରୀତି ଭାଜନ ହୋଇ ପାରିଥିଲେ । ବାଲେଶ୍ୱର ସମେତ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଆପ୍ରାଣ ଉଦ୍ୟମ କରିଥିବାରୁ ସେ ସର୍ବତ୍ର ପ୍ରଶଂସିତ ହେଇଥିଲେ । ନିଜର ଜନ୍ମଭୂମି- ଉତ୍କଳ, ମାତୃଭାଷା- ଓଡ଼ିଆ, ସଂସ୍କୃତି- ଓଡ଼ିଶୀ ତଥା ନାରାୟଣ ତୁଲ୍ୟ ଓଡ଼ିଶା ବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ସେ ଯେଉଁ ପରାକାଷ୍ଠା ଦେଖାଇଥିଲେ ସେସବୁକୁ ବିଚାର କରି ୧୯୧୩ ରେ କଟକ ଠାରେ ବଡ଼ଲାଟ ଲର୍ଡ଼ ହାର୍ଡିଙ୍କ ଦ୍ୱାରା ଅନୁଷ୍ଠିତ ଦରବାରରେ ବୈକୁଣ୍ଠ ନାଥ ଦେବଙ୍କୁ 'ମହାରାଜା' ଉପାଧିରେ ସମ୍ମାନିତ କରାଯାଇଥିଲା ।

## ବିଭିନ୍ନ ମହାନ ବ୍ୟକ୍ତିଙ୍କ ପ୍ରଶଂସାପତ୍ର ଓ ରାଜା

ପାଲଲହଡ଼ା ରାଜା ବୈକୁଣ୍ଠନାଥଙ୍କ କାର୍ଯ୍ୟବଳୀକୁ ପ୍ରଶଂସା କରି କବିତା ଲେଖିଥିଲେ,

"ମହାରାଜା ଶ୍ରୀ ବୈକୁଣ୍ଠ ବାଲେଶ୍ୱରି ମଣି
ତ୍ୟାଗ ଦେଶ ପ୍ରେମରେ ତ ଅଟ ରତ୍ନମଣି
ତୁମ ଦାନେ ଶ୍ରୀ ଫକୀର, ମଧୁ, ରାଧାନାଥ
ଓଡ଼ିଶାରେ ନିଜ କୀର୍ତ୍ତି କରନ୍ତି ସାବ୍ୟସ୍ତ ।"

Macualay ଓଡ଼ିଶା କମିଶନରଙ୍କୁ ଏକ ପତ୍ରରେ ଲେଖିଥିଲେ- 'I am directed to request that you will be good enough to convey to Kumar Baikunth Nath Dey an expression of the Lieutenant Governor's appreciation of his liberality and public Spirit in offering to subscribe 50 monthly towards the maintenance of a temporary

charitable Dispersal in the district of Balasore of the treatment of sick suffering from malarious fever which has, recently broken out in that district.


୧୮୭୭ ରେ ଜନ ବୀମ୍‌ସ୍ Officiating commissoner ଥାଇ ବାଲେଶ୍ୱର ଆସି ରାଜାଙ୍କ ବିଷୟରେ ଲେଖିଥିଲେ, This gentleman merits the fullest confidence of the authorities and is entitled to our cordial thanks and acknowledemtnt fo his public spirit in devoting so much of his time gratiously to magisterial work.

## ବାଲେଶ୍ୱର ମ୍ୟୁନିସିପାଲିଟି ଓ ରାଜା

୧୮୭୭ରେ ବାଲେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟ ଆରମ୍ଭ କଲା । ଅଗଷ୍ଟ ମାସରେ ରାଜା ଭାଇସ୍ ଚେୟାରମ୍ୟାନ ଭାବରେ କାର୍ଯ୍ୟ ଆରମ୍ଭ କରି ୧୮୯୧ ଯାଏ ସେଇ ଦାୟିତ୍ୱରେ ଥିଲେ । ଏହାପରେ ତିନିବର୍ଷ ପାଇଁ ସେ ବାଲେଶ୍ୱର ମ୍ୟୁନିସିପାଲିଟିର ଚେୟାରମ୍ୟାନ ରହି ବାଲେଶ୍ୱର ନଗରର ସର୍ବାଙ୍ଗୀନ ଉନ୍ନତି କରିବାକୁ  କାର୍ଯ୍ୟ ଓ ପ୍ରକଳ୍ପ ଆରମ୍ଭ କରିଥିଲେ । ଏତଦ୍ ବ୍ୟତୀତ ବାଲେଶ୍ୱର ଜିଲ୍ଲା ବୋର୍ଡ଼ର କର୍ମକର୍ତ୍ତା ବି ଥିଲେ । ସେ Royal Asiatic Society Bengal, Zoological garden KolKata ଇତ୍ୟାଦିରେ ସଭ୍ୟଥିଲେ ।

## ବାଲେଶ୍ୱର ଜିଲ୍ଲା ସ୍କୁଲ ଓ ରାଜା

ରାଜା ଜିଲ୍ଲାସ୍କୁଲରେ ଛାତ୍ର ଥିବାରୁ ଏ ବିଦ୍ୟାଳୟ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ଥିଲା । ଜିଲ୍ଲା ସ୍କୁଲ Visiting Commitee ର ସଦସ୍ୟ ଥାଇ ସେ ଅଚାନକ ୧୨-୦୪-୧୮୭୮ରେ ଜିଲ୍ଲାସ୍କୁଲ ପରିଦର୍ଶନ କରି ମନ୍ତବ୍ୟ ଲେଖିଥିଲେ:




"Visited the School this morning, Heard the Head Master teach the 1st Class, I have instructed anonymous applications any more if they have any grievances to inform the committee if necessary.

ରାଜାଙ୍କ ର ବାସ୍ତବିକ ଏ ମନ୍ତବ୍ୟ ସ୍କୁଲର ଶିକ୍ଷକମାନଙ୍କ ପ୍ରତି ଗୋଟେ ଚେତାବନୀ ଥିଲା ।

## ବାଲେଶ୍ୱର ଜମିଦାନ

ସାହିତ୍ୟ ଶ୍ରୀକ୍ଷେତ୍ର ବାଲେଶ୍ୱର ବୈକୁଣ୍ଠନାଥ ଦେବଙ୍କୁ ବିସ୍ମରି ଯାଇଛି । ତାଙ୍କ ଦ୍ୱାରା ନିର୍ମିତ ଟାଉନ ହଲ୍ ଏବେ ନାହିଁ । ତାକୁ ଭାଙ୍ଗି ପରବର୍ତ୍ତୀ ଅନ୍ୟ ରୁଚିରେ ଟାଉନହଲ ସଂସଦ ପାର୍ଶ୍ୱରେ ନିର୍ମିତ ହୋଇଛି । ଏହା ମଧ୍ୟ ରାଜାଙ୍କ ନାମରେ ନାମିତ ହୋଇ ନାହିଁ । ଏହି ପ୍ରାଚୀନ ଐତିହାସିକ ପୁରୁଷଙ୍କ ସ୍ମୃତି ଚାରଣ କରିବାରେ ଆଜିର ନେତାମାନେ କୁଣ୍ଠିତ । ଫକୀରମୋହନଙ୍କ ପ୍ରିୟ ମାଟି ଶାନ୍ତିକାନନର ବିଭିନ୍ନ ସଭାରେ ବି ବୈକୁଣ୍ଠନାଥଙ୍କ ଚର୍ଚ୍ଚା କରିବାକୁ ବାଲେଶ୍ୱର ବାସୀ ଭୁଲି ଯାଇଛନ୍ତି । ଟାଉନହଲ, ମ୍ୟୁନିସିପାଲିଟି, ବସଷ୍ଟାଣ୍ଡ, ଗାନ୍ଧିସ୍ମୃତି ଭବନ, ମହିଳା କଲେଜକୁ ଲାଗି ସ୍ୱାସ୍ଥ୍ୟ କେନ୍ଦ୍ରର ଜାଗା ମହାନୁଭବ ରାଜା ଅକାତରେ ଦାନ କରିଛନ୍ତି । ଏପରିକି ଶାନ୍ତିକାନନ ପଛପଟ ଜାଗା ବି ରାଜା ବୈକୁଣ୍ଠନାଥ ଦାନ କରିଥିବା କଥା ଶୁଣାଯାଏ । ବାଲେଶ୍ୱରର ବୁଦ୍ଧିଜୀବୀ, ରାଜନେତା ଓ ସାରସ୍ୱତ ସାଧକ ମାନେ କାହିଁକି ତାଙ୍କ ସ୍ମୃତିଚାରଣରେ ନିରବିତ ତାହା ଏଯାଏଁ ଜଣା ନାହିଁ । ବିଶିଷ୍ଟ ଯୁବ ସାହିତ୍ୟିକ କୃଷ୍ଣ କୁମାର ମହାନ୍ତି ଏଇ ଅଳ୍ପ ଦିନ ତଳେ ରାଜାଙ୍କ ବିଷୟରେ କେତୋଟି ଉପଯୋଗୀ ପ୍ରଶ୍ନ ବାଲେଶ୍ୱର ଜନତାଙ୍କ ପାଖରେ  ଉପସ୍ଥାପିତ କରିଥିଲେ । ତାହା ଏହିପରି ଥିଲା,

"କାହିଁକି ନାହିଁ ତାଙ୍କର ଚର୍ଚ୍ଚା ? କାହିଁକି ହୁଏନା ତାଙ୍କୁ ନେଇ ଫକୀରମୋହନ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ଜାତୀୟ ସିମ୍ପୋଜିଅମ୍ ? କାହିଁକି ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର ଆୟୋଜନ କରେନା ବୈକୁଣ୍ଠନାଥ ବକ୍ତୃତାମାଳା ? କାହିଁକି କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପାଳିତ ହୁଏନା ତାଙ୍କୁ ନେଇ ସେମିନାର୍ ବା ଆଲୋଚନା ସଭା ? କାହିଁକି ଓଡ଼ିଆ ପତ୍ରପତ୍ରିକା ତାଙ୍କୁ ନେଇ କରନ୍ତି ନାହିଁ ବିଶେଷ କ୍ରୋଡ଼ପତ୍ର ? କାହିଁକି ତାଙ୍କ ଜନ୍ମଦିନ ବା ସ୍ମୃତି ଦିବସ ପାଳନ ହୁଏନା ? କାହିଁକି ତାଙ୍କ ପ୍ରତି ଏତେ ଉଦାସୀନ ଆମେ ? କାହିଁକି ତାଙ୍କୁ ଏତେ ଅବହେଳା ତାଙ୍କ ନିଜ ମାଟିରେ ?"

## ଉପସଂହାର

ସୁଜିତ ବାବୁଙ୍କ  ନିମନ୍ତ୍ରଣ ରକ୍ଷା କରି ତାଙ୍କ ରାଜବାଟିକୁ ଗଲି । ମୋର ବି ବହୁଦିନର ଏକ ଅବଦମିତ ଇଚ୍ଛା ଥିଲା ସେହି ମହଲର ଭିତରକୁ ଯାଇ ରାଜାଙ୍କ କୀର୍ତ୍ତି ସବୁ ପରିଦର୍ଶନ କରିବି । ମୁଁ ଅନେକଥର ସେହି ମହଲ ବାଟେ ଗଲେ ଦେହ ରୋମାଞ୍ଚିତ ହୋଇଛି ମହଲକୁ ଅନାଇ । ଆଜି ମୋ ପାଦ ସଗର୍ବରେ ତା ଭିତରେ ପଡୁଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଥିଲି । ସୁଜିତ ଦେବ ତାଙ୍କ ଭବନରେ ମୋ ପାଇଁ ଲଞ୍ଚର ସୁବନ୍ଦୋବସ୍ତ କରିଥିଲେ । ମୁଁ ଉଲ୍ଲସିତ ହୋଇଗଲି, ଏଇଥିପାଇଁ ଯେ ଯେଉଁ ଭବନରେ 'ଜନ୍ ବୀମ୍‌ସ୍ ଓ ରେଭେନ୍ସା ସାହେବ ଆତିଥ୍ୟ ନେଇଥିଲେ ସେଠି ମୋ ପରି ଜଣେ ଅକିଞ୍ଚନ ପାଇଁ ଆତିଥ୍ୟ । ଆମେ ସାଙ୍ଗ ହେଇ ଲଞ୍ଚ୍ କରିସାରିଲା ବେଳକୁ ସମୟ ଅପରାହ୍ନ । ସେ ମୋତେ ରାଜାଙ୍କ ଟଙ୍ଗା ଯାଇଥିବା ଫଟୋଚିତ୍ର ଦେଖାଇଲେ । ମୁଁ ପ୍ରଣାମ କଲି । ଫେରିଲା ବେଳକୁ ଅନେକ ଆହୁରି ଅଭୁଲା ସ୍ମୃତି ସବୁକୁ ରାଜ ଉଆସରୁ ଛାଡ଼ି ଆସୁଥିଲି ।

ଆସିଲା ବେଳେ ମନରେ ଆନ୍ଦୋଳିତ ହେଉଥିଲା ଏହି ଦିବଂଗତ ଜାତୀୟ ବ୍ୟକ୍ତିଙ୍କ ଉପରେ ବାଲେଶ୍ୱର ବାସୀ ତଥା ସରକାର କାହିଁକି ଉଦାସୀନ ହୋଇ ଯାଇଛନ୍ତି । ତାଙ୍କର ସ୍ମୃତି ଚାରଣ ପାଇଁ ବାଲେଶ୍ୱରରେ କୌଣସି ସକ୍ରିୟ ଅନୁଷ୍ଠାନ ନାହିଁ କି ତାଙ୍କର ପ୍ରତିମୂର୍ତ୍ତି ବାଲେଶ୍ୱରର ମୁଖ୍ୟ ଜାଗାରେ ଦୃଶ୍ୟ ହୁଏ ନାହିଁ । ଦାନୀ ହରିଶ୍ଚନ୍ଦ୍ରଙ୍କ ପରି ରାଜା ସବୁ କିଛି ଦାନ କରି ଦେଇଥିଲେ । ଭାଷା ଆନ୍ଦୋଳନ ଠୁଁ ଫକୀରମୋହନ ଓ ରାଧାନାଥଙ୍କ ପୁସ୍ତକ ପ୍ରକାଶନ ତଥା ବାଲେଶ୍ୱରରେ ବିଭିନ୍ନ ଅନୁଷ୍ଠାନ ନିର୍ମାଣ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ପୌରପାଳିକାର ବିକାଶ ଠାରୁ ନାରୀ ଶିକ୍ଷାର ପ୍ରବର୍ତ୍ତକ ଥିଲେ ସେ ।

ଆସିଲା ବେଳେ ସୁଜିତ ଦେବ କ୍ଷୋଭର ସହିତ କହିଲେ, "ଏ ମାଟିରେ ବିଭିନ୍ନ ଅନୁଷ୍ଠାନ ହେଲା । କିନ୍ତୁ କେଉଁଠି ବି ବୈକୁଣ୍ଠନାଥ ଦେବଙ୍କ ନାମରେ କୌଣସି ସରକାରୀ ଅନୁଷ୍ଠାନର ନାମକରଣ ନହେବା ଏକ ଅପରାଧ ବୋଲି ମୋତେ ବୋଧ ହୁଏ । ସେ ଦାନ କରିଥିବା ଗୋପବନ୍ଧୁ ପାର୍କ ଜାଗାରେ ବି ତାଙ୍କର ମୂର୍ତ୍ତି କରା ଯାଇପାରନ୍ତା । ଯେଉଁ ରାଜାଙ୍କ ସମୟ ବାଲେଶ୍ୱରର ସୁବର୍ଣ୍ଣଯୁଗ ବୋଲି କୁହା ଯାଉଛି, ତାଙ୍କୁ ଏ ବାଲେଶ୍ୱରର ଉତ୍ତର ପୁରୁଷ କେମିତି ବିସ୍ମରିଗଲା କେଜାଣି ।"

ସତରେ ଶ୍ରୀ ଦେବ୍‌ଙ୍କ ଏହି କ୍ଷୋଭ ମନ ଭିତରେ ଗୁଞ୍ଜରିତ ହେଲା । ମୁଁ ଅନେକ ରାତିଯାଏଁ ତାଙ୍କ କଥାରେ ଘାରି ହେଲି ।

(ଏ ଆଲେଖ ପ୍ରସ୍ତୁତିରେ ଡକ୍ଟର ଅରବିନ୍ଦ ଗିରି, ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର, ଶ୍ରୀ ଉତ୍ପଳ ମହାନ୍ତି, ଶ୍ରୀ ସୁଜିତ ଦେବ, ଶ୍ରୀ ମାଧବାନନ୍ଦ ପାତ୍ର ପ୍ରମୁଖଙ୍କ ସହଯୋଗ ପାଇଥିବାରୁ ଋଣ ସ୍ୱୀକାର କରୁଛି ।)

# ଦ୍ରାବିଡ଼ଙ୍କ ଦେଶେ



# ପୋଙ୍ଗଲ୍‌ରେ ତାମିଲ୍‌ନାଡୁ

**ପ୍ରଜ୍ଞାଶ୍ରୀ ରଥ**
ମାର୍ଫତ: ଇଂ. ପ୍ରକାଶ କୁମାର ନନ୍ଦ,
ବି-୨୦୧, ଏଚ୍‌ଆଇଜି ଫ୍ଲାଟ୍ସ(ଓଏସ୍‌ଏଚ୍‌ବି),
ଡୁମୁଡୁମା, ଫେଜ୍-୬,
ଭୁବନେଶ୍ୱର-୭୫୧୦୧୯
ଫୋନ:୯୪୩୭୦୩୩୨୧୦


ଫଟୋ ସୌଜନ୍ୟ: ଲେଖିକା ଓ ଅନ୍ୱେଷା ନନ୍ଦ

ଆଗରୁ ଦୁଇଥର ତାମିଲ୍‌ନାଡୁ ଯାଇଥିଲେ ବି ବଡ଼ ମନ ଥିଲା ପୋଙ୍ଗଲ୍ ସମୟରେ ଏହି ପ୍ରଦେଶରେ ପହଞ୍ଚି ଉତ୍ସବରେ ବାତାବରଣରେ ନିଜକୁ ସାମିଲ୍ କରିପାରନ୍ତି କି ! ଚଳିତବର୍ଷ ସେ ସୁଯୋଗଟି ମିଳିଲା । ପିଲାମାନଙ୍କୁ ଓ ସେମାନଙ୍କ ପାପାଙ୍କୁ ଦଶଦିନର ଛୁଟି ମିଳିଗଲା । ଟ୍ରାଭେଲ୍ ଏଜେଣ୍ଟ୍‌କୁ ଯୋଗାଯୋଗ ନକରି ଏଥର ଆମେ ନିଜର ଯାତ୍ରା ପାଇଁ ସବୁକିଛି ନିଜେ ବନ୍ଦୋବସ୍ତ କଲୁ । କାରଣ ଅଳ୍ପ ସମୟରେ ଗୁଡ଼ାଏ ଜାଗାରେ ଖାଲି ଟିକେ ଅଟକି ଅଟକି ନରହି, ଯାହା ଦେଖିବୁ, ଭଲକି ଆଖିପୂରେଇ, ମନପୂରେଇ ଦେଖିବୁ ବୋଲି ଭାବିଲୁ । ତଦନୁଯାୟୀ ମାସକ ଆଗରୁ ଏୟାର୍‌ଟିକେଟ୍ ଓ ହୋଟେଲ୍ ବୁକିଂ ଆଦି କରା ହେଲା । ଆମର ସମଗ୍ର ଯାତ୍ରାକୁ ସୁରକ୍ଷିତ ଭାବରେ ଶେଷ କରିବା ପାଇଁ ଜଣେ ବିଶ୍ୱାସୀ ବନ୍ଧୁଙ୍କ ସହାୟତାରେ ଗୋଟିଏ ଇନୋଭା ଗାଡ଼ି ଓ ହିନ୍ଦୀ, ଇଂରାଜୀ ବୁଝୁଥିବା ଡ୍ରାଇଭର୍ ବି ନିଯୁକ୍ତ ହେଲେ । ପୋଙ୍ଗଲ୍ ସମୟରେ ଏହି ପ୍ରଦେଶର ଛୋଟବଡ଼ ସବୁ ଜାଗା ପ୍ରବଳ ଗହଳି ଥାଏ । ତେଣୁ ବହୁ ପୂର୍ବରୁ ଏଇତକ ସୁବିଧାର ବନ୍ଦୋବସ୍ତ କରିବାକୁ ହେଲା ।

ତାମିଲ୍‌ନାଡୁର ପୁରୁଣା ନାଁ ହେଲା ମାଦ୍ରାଜ ପତ୍ତନମ୍ । ଭାଷା ଭିତ୍ତିକ ରାଜ୍ୟ ପ୍ରତିଷ୍ଠା ହେଲା ପରେ ୧୯୫୭ ରେ ଏହାର ନାଁ ହେଲା ତାମିଲ୍‌ନାଡୁ, ଅର୍ଥାତ୍ ତାମିଲ୍‌ମାନଙ୍କର ରାଜ୍ୟ । ତାମିଲ୍ ହେଉଛି ପୃଥିବୀର ଏକ ପ୍ରାଚୀନ ଶାସ୍ତ୍ରୀୟ ଭାଷା, ଦ୍ରାବିଡ଼ମାନଙ୍କ ଦ୍ୱାରା ଅଧିକୃତ ଅଞ୍ଚଳରେ ତାମିଲ୍ ମୁଖ୍ୟ ଭାଷା, ଚେର, ଚୋଳ, ପାଣ୍ଡ୍ୟ, ପଲ୍ଲବ ତଥା ବିଜୟନଗରମ୍ ରାଜବଂଶର ରାଜାମାନେ ଏହି ଭୂମିର ଶାସକ ଥିଲେ । ସପ୍ତଦଶ ଶତାବ୍ଦୀରେ ଇଂରେଜମାନେ ଆସି ଏଠାରେ ସେମାନଙ୍କର ପ୍ରଥମ ଦୁର୍ଗ ପ୍ରତିଷ୍ଠା କରି ବ୍ୟବସାୟ ବାଣିଜ୍ୟ ଆରମ୍ଭ କଲେ ଓ ପରେ ପରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଏହି ଅଞ୍ଚଳଟିର ନାଁ 'ମାଡ୍ରାସ୍ ପ୍ରୋଭିନ୍‌ସ୍' ରଖିଥିଲେ । ପୁରୁଣା ଶାସକମାନଙ୍କ ରାଜଧାନୀ କାଞ୍ଚିପୁରମ୍ ଥିଲା କିନ୍ତୁ ଇଂରେଜମାନେ ସେମାନଙ୍କ ଦୁର୍ଗ 'ଫୋର୍ଟ ସେଣ୍ଟ ଜର୍ଜ' ଓ ଆଖପାଖ ଇଲାକାକୁ ରାଜଧାନୀ ସହରରେ ପରିଣତ କରି 'ଏହାର ନାଁ ରଖିଲେ 'ମାଡ୍ରାସ୍', ୧୯୯୬ରେ ରାଜଧାନୀ ସହରର ନାଁ ହେଇଚି 'ଚେନ୍ନଇ', ବିଜୟନଗର ସାମ୍ରାଜ୍ୟର ଜଣେ ସେନାପତି, ତଥା ପ୍ରଗଣାମୁଖିଆ ଡାରମାଲା ଚେନ୍ନପା ନାୟକଙ୍କ ନାଁ ଅନୁସାରେ ରାଜଧାନୀର ନାଁ 'ଚେନ୍ନଇ', ମଜାକଥା ହେଲା 'ଚେନ୍ନଇ'ର ଅର୍ଥ ତାମିଲ୍ ଭାଷାରେ ନାହିଁ, ଏଟା ଗୋଟେ ତେଲୁଗୁ ଶବ୍ଦ । ସେ ଯାହାହେଉ ଆଧୁନିକ ଚେନ୍ନଇର ବିମାନ ପତ୍ତନସ୍ଥଳ ବା ଏୟାର୍‌ପୋର୍ଟରେ ଆମେ ପହଞ୍ଚିଲୁ ଜାନୁୟାରୀ ୧୪ଦିନ ଦୁଇଟା ବେଳେ ।

ଭୁବନେଶ୍ୱରରେ ମକର ସଂକ୍ରାନ୍ତିର ପୂଜା ଓ କିଛି ପିଠାପଣା ସାଙ୍ଗରେ ନେଇ ଯାଇଥିଲି । ଚେନ୍ନଇ ଏୟାରପୋର୍ଟରୁ ମହାବଳୀପୁରମ୍ ଯିବା ରାସ୍ତାରେ ଆମର ଗାଡ଼ି ଭିତରେ ଇ ମଧ୍ୟାହ୍ନଭୋଜନ ହେଲା । ଚେନ୍ନଇରୁ ମହାବଳୀପୁରମ୍ ୫୭ କିଲୋମିଟର । ଗାଡ଼ିରେ ପୁରା ଦେଢ଼ ଘଣ୍ଟା ଲାଗିଲା । ଆମେ ଇଷ୍ଟକୋଷ୍ଟ ହାଇୱେରେ ଯାଉଥିଲୁ ସମୁଦ୍ର ଓ ଝାଉଁବଣ ଦେଖିଦେଖି, ରାସ୍ତା ବହୁତ ଗହଳି,ତାମିଲ୍‌ନାଡୁ ପୋଲିସର ଦଳ ରାସ୍ତାସାରା କର୍ତ୍ତବ୍ୟରତ ଅବସ୍ଥାରେ ଥିଲେ । ଦେଖିକି ଖୁସି ଲାଗିଲା ।

'ୱଣକ୍କମ୍', ସୁସ୍ୱାଗତ କହି ଅଭିନନ୍ଦନ ଜଣାଇଲେ ହୋଟେଲର୍ ମୁଖ୍ୟ ପରିଚାଳକ । ଶେରଟନ୍ ଗ୍ରୁପର ଗୋଟିଏ ଅଭିଜାତ ରିସୋର୍ଟରେ ଆମ ପାଇଁ ଗୋଟେ କଟେଜ୍ ବୁକ୍ ହେଇଥିଲା । ଦୁଇଟି ଶୋଇବା ଘର, ଗୋଟେ ଲିଭିଂରୁମ୍, ବାଲ୍‌କୋନୀ, ପ୍ରଶସ୍ତ ଲନ୍ ଥାଇ ସୁନ୍ଦର ଜାଗା । ଜଳଖିଆ, ମଧ୍ୟାହ୍ନଭୋଜନ ଓ ରାତ୍ରିଭୋଜନ କଟେଜ୍‌ର ଭଡ଼ା ସହ ମିଶିକି ପୂର୍ବରୁ ସଂରକ୍ଷିତ ହୋଇ ରହିଥିଲା । ଆଉ ଆମେ ବହୁତ ଖୁସି ହେଇଚୁ ସେମାନଙ୍କର ବିରାଟ ଡାଇନିଂହଲ୍‌ର ବହୁ ସଂଖ୍ୟକ ସୁସ୍ୱାଦୁ ଖାଦ୍ୟର ସମ୍ଭାରରେ । ପ୍ରତି ପ୍ରଦେଶର ମୁଖ୍ୟ ଖାଦ୍ୟ ମିଳୁଥିଲା । ଓଡ଼ିଆ ଡାଲ୍‌ମା, ମାଛବେସର, ରସଗୋଲା ଓ ଚାଉଳ କ୍ଷୀରିକୁ ମେନୁରେ ଦେଖି ସମସ୍ତେ ଖୁସି । ଭାରତୀୟ ଖାଦ୍ୟ ବ୍ୟତୀତ ଥାଇ, ଚାଇନିଜ୍ ଓ କଣ୍ଟିନେଣ୍ଟାଲ୍ ଖାଦ୍ୟ ବି ଥିଲା ଯାହା ପିଲାଙ୍କର ବଡ଼ ପସନ୍ଦ ଆଜିକାଲି । ପୋଙ୍ଗଲ୍ ପାଇଁ ହୋଟେଲ୍ ତରଫରୁ ସେଇଦିନ ସନ୍ଧ୍ୟାରେ ଗୋଟିଏ ଚା'ଭୋଜି ଆୟୋଜନ ହେଇଥିଲା ଉପହାର ଭାବରେ । 'ମୁଣ୍ଡୁ' ପିନ୍ଧିଥିବା ପୁରୁଷ ଓ ଶାଢ଼ି ପିନ୍ଧିଥିବା ମହିଳା ପରିଚାରକ, ପରିଚାଳିକା ମାନେ ପ୍ରତି ଅତିଥିଙ୍କ ପସନ୍ଦ ଅନୁଯାୟୀ ମୃଦୁପାନୀୟ, ଚା', କଫି, ଜଳଖିଆ ପରିବେଷଣ କରୁଥିଲେ । ପୋଙ୍ଗଲ୍ ପାଇଁ ପ୍ରସ୍ତୁତି ସ୍ୱତନ୍ତ୍ର କାଠଚୁଲି, ବନ୍ଦଗାଡ଼ିର ମଡେଲ୍ ସହ ଥିଲା ବିଡ଼ା ବିଡ଼ା ଆଖୁ....ଆଖୁ ହେଉଛି ମଧୁର ଭାବର ପ୍ରତୀକ, ଶସ୍ୟଦେବୀ, ଅନ୍ନର ଦେବୀ କାମାକ୍ଷୀଅମ୍ମନଙ୍କ ହାତରେ ଶୋଭା ପାଉଥାଏ ଆଖୁ, ଅତଏବ ପୋଙ୍ଗଲ୍‌ରେ ତାମିଲ୍‌ନାଡୁର ଘର, ରାସ୍ତା, ଦୋକାନବଜାର ଯୁଆଡ଼େ ଚାହିଁବ ଆଖୁଗଛ ବିଡ଼ାବିଡ଼ା ସଜା ହେଇଥିବ । ପ୍ରତି ଘର, ପ୍ରତି ଦୋକାନ ଆଗରେ ସୁଦୃଶ୍ୟ 'କୋଲମ୍'/ ଝୋଟି / ଆଳ୍ପନା ଦେଖିବାକୁ ମିଳିଲା । ମକରସଂକ୍ରାନ୍ତି ଦିନଟି ଭୋଗୀ ପୋଙ୍ଗଲ୍ ତାପରେ ପୋଙ୍ଗଲ୍, ତା ପରଦିନଟି ମଟ୍ଟୁ ପୋଙ୍ଗଲ୍ ଓ ଶେଷ ଦିନଟି କୁନ୍ନୁମ୍ ପୋଙ୍ଗଲ୍ ଭାବରେ ମହାସମାରୋହରେ ପାଳିତ ହୁଏ । ଆମେ ଭୋଗୀପୋଙ୍ଗଲ୍‌ର ଧୂମ୍ ଧଡ଼ାକରେ ସାମିଲ୍ ହେଇଗଲୁ ରିସୋର୍ଟ



▶ଲେଖିକା ପ୍ରଜ୍ଞାଶ୍ରୀ ରଥ



ପରିସରରେ ।

ମହାବଳୀପୁରମ୍‌ର ନୂଆ ନାଁ ହେଲା ମାମଲ୍ଲାପୁରମ୍ । ମାମଲ୍ଲା ନରସିଂହବର୍ମନ୍ ନାମକ ପଲ୍ଲବରାଜାଙ୍କ ନାମର ପ୍ରଥମ ଶବ୍ଦରୁ ଆନୀତ ଏଇ ନୂଆ ନାଁଟି ଏବେ ମହାବଳୀପୁରମ୍‌ର ରାସ୍ତାଘାଟ ଚାରିଆଡ଼େ । ଚେଙ୍ଗଲ୍‌ପଟ୍ଟୁ ଜିଲ୍ଲା ଅନ୍ତର୍ଗତ ଏଇ ପୌରାଣିକ ତଥା ଐତିହାସିକ ସ୍ଥଳଟି ବୁଲି ଦେଖିବାର ଆଗ୍ରହ କହିଲେ ନସରେ ।

ଅଷ୍ଟମ ଶତାବ୍ଦୀରେ ପଲ୍ଲବରାଜାମାନଙ୍କର ରାଜଧାନୀ ସହର ଥିଲା ଏହି ସହରଟି, ମହାବଳୀପୁରମ୍ । ବୀର ପଲ୍ଲବ ରାଜାମାନେ କଳାପ୍ରେମୀ, ସଂସ୍କୃତି ସମ୍ପନ୍ନ, ଗୁଣୀ ଓ ବହୁଶାସ୍ତ୍ରବିତ୍ ଥିଲେ । ଭାରତୀୟ ବାଙ୍‌ମୟରେ ସଂସ୍କୃତ ତଥା ତାମିଲ୍ ଭାଷାର ସଂଗମ ସାହିତ୍ୟର ମର୍ଯ୍ୟାଦା କେତେ ଅଧିକ ତାହା ସେମାନେ ଅନୁଭବ କରିଥିଲେ । ବିଶେଷକରି ମହାଭାରତ ମହାପୁରାଣକୁ ଏହି ସହରର ଛତ୍ରେ ଛତ୍ରେ ସେମାନେ ପ୍ରସ୍ତର କୀର୍ତ୍ତିରେ ସଜାଇ ଦେଇ ବିଶ୍ୱସମୁଦାୟକୁ ଆଶ୍ଚର୍ଯ୍ୟଚକିତ କରିଯାଇଛନ୍ତି । ଭାରତୀୟ ଦେବତା, ଋଷିମୁନି, ଗନ୍ଧର୍ବ, କିନ୍ନର, ଅପ୍‌ସରା, ଜୀବଜନ୍ତୁ, ଯୋଦ୍ଧା, ନାଗରିକ, ନଟ ନଟୀ, ସାମନ୍ତ, ପାରିଷଦ କାହାର ବା ଚିତ୍ର ଅଥବା ମୂର୍ତ୍ତି ଏଠି ନାହିଁ! ଆଉ ସବୁଠୁ ଆଶ୍ଚର୍ଯ୍ୟ ହେଲା Shore Temple ବା ସମୁଦ୍ରତଟ ମନ୍ଦିର । ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ମତରେ ଏଇଭଳି ଆଉ ପାଞ୍ଚୋଟି ମନ୍ଦିର ଅଦ୍ୟାପି ସମୁଦ୍ର ଗର୍ଭରେ ବୁଡ଼ିରହିଚି । ଏବେ ଯେଉଁ Shore Temple ଆମେ ଦେଖି ଆସିଲୁ ସେ ୨୦୦୪ରୁ ସୁନାମୀ ସମୟରେ ସମୁଦ୍ରଗର୍ଭରୁ ଆପେ ଆପେ ଉଠି ଆସିଚି । ସମୁଦ୍ରଜଳ ସୁନାମୀ ପୂର୍ବରୁ ଭୟଙ୍କର ଭାବରେ ଅପସାରିତ ହୋଇଗଲା ପ୍ରାକୃତିକ କ୍ରିୟାରେ ଝଡ଼ର ତାଣ୍ଡବଲୀଳା ପରେ ବର୍ଷା, ପବନରେ ଧୋଇନେଲା ଯା ଉପରୁ ମାଟିକାଦୁଅ । ସୁନାମୀ ବହୁତ୍ କିଛି ଉଜାଡ଼ି ଦେଇଗଲେ ବି ଫେରେଇ ଦେଲା ଆମକୁ ଏଇ ଅଦ୍ଭୁତ କଳାକୃତି...ସଂପ୍ରତି UNESCO ଦ୍ୱାରା ଏହା ବିଶ୍ୱ ଐତିହ୍ୟ ମାନ୍ୟତା ପାଇଥିବା ଏକ ଅନୁପମ ପର୍ଯ୍ୟଟନସ୍ଥଳୀ । ବିଭିନ୍ନ ଗୁମ୍ଫାଚତ୍ର, ଭାସ୍କର୍ଯ୍ୟ ଶିଳ୍ପ, ଧାତୁବିଦ୍ୟା, ନଗରନିର୍ମାଣ ଶୈଳୀ, ପୌରାଣିକ କଥାବସ୍ତୁ ଆଧାରରେ ବିରାଟ ବିରାଟ ଶିଳାଚିତ୍ର ଇତ୍ୟାଦିରେ ଗହ ଗହ ହେଉଛି ଏ ସହରଟି । ମୋର କୌତୁହଳୀ ଆଖି ଖୋଜି ବୁଲୁଥିଲା ଶିଳାଲେଖମାନଙ୍କୁ ତାମିଲ୍‌ରେ ସବୁ ଲେଖା ହେଇଚି । ଇଂରାଜୀରେ ଅନୁବାଦ କଲେ ସ୍ଥାନୀୟ ଗାଇଡ୍ । ପଲ୍ଲବରାଜାମାନେ ୨୭୫ ଖ୍ରୀଷ୍ଟାବ୍ଦରୁ ୮୯୭ ଖ୍ରୀଷ୍ଟାବ୍ଦ ଯାଏଁ ମହାବଳୀପୁରମ୍‌ର ଶାସକ ଥିଲେ । ପ୍ରଥମ ରାଜା ସିଂହବର୍ମନ୍ ଓ ଶେଷରାଜା ଅପରାଜିତବର୍ମନ୍ । ତେବେ ୬୦୦ରୁ ୬୬୮ ପର୍ଯ୍ୟନ୍ତ ସମୟଥିଲା ପଲ୍ଲବମାନଙ୍କ ସୁବର୍ଣ୍ଣଯୁଗ । ମହେନ୍ଦ୍ର ବର୍ମନ୍‌ଙ୍କ ପରେ ତାଙ୍କ ପୁଅ ମାମଲ୍ଲା ନରସିଂହ ବର୍ମନ୍‌ଙ୍କ ଶାସନକାଳରେ ନିର୍ମିତ ହେଇଚି ସଂଖ୍ୟାଧିକ ମନ୍ଦିର, ଭିତ୍ତିଚିତ୍ର, ସ୍ଥାପତ୍ୟକଳା । ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ପଲ୍ଲବରାଜାଙ୍କ ସମୟରେ ମହାବଳୀପୁରମ୍ ପରିଭ୍ରମଣ କରିଯାଇଛନ୍ତି । ତାଙ୍କ ବିବରଣୀ ଅନୁସାରେ ଏହା ଏକ ଚିରନ୍ତନ ସୁଖର ଭୂମି, ଦେବତାମାନଙ୍କ ରହଣିସ୍ଥଳ ।

ଜାନୁୟାରୀ ୧୫ ତାରିଖ ଦିନ ପିଲାମାନେ ସେମାନଙ୍କ ପାପାଙ୍କ ଜନ୍ମଦିନଟି ପାଳିବାକୁ ଉତ୍ସାହିତ ଥିଲେ । ରିସୋର୍ଟର କର୍ମଚାରୀମାନେ ଆସି ଫୁଲ, ବେଲୁନ୍‌ରେ ରୁମ୍ ସଜେଇ ଦେଲେ । ଚକୋଲେଟ୍ କେକ୍‌ଟିଏ କାଟିଲେ ପାପା ମହାଶୟ, ତାପରେ ବାହାରିଲୁ ବୁଲି । ପ୍ରଥମେ Shore temple ଟିକେଟ୍ କାଟିକି ଯିବାକୁ ହୁଏ ଭିତରକୁ । ଆମେ ପୂରା ସହରଟିର ସବୁ ଦର୍ଶନୀୟ ସ୍ଥଳ ପାଇଁ ଏକାଥରେ ଟିକେଟ୍ କାଟିଦେଲୁ । ଝାମେଲା ଶେଷ ।

ମାମଲ୍ଲା ନରସିଂହବର୍ମନ୍‌ଙ୍କୁ ମନେ ପକାଇ ଦେଖିଲୁ ପୂର୍ବଦିଗକୁ ମୁହଁ କରିଥିବା 'କ୍ଷତ୍ରିୟସିଂହ ପଲ୍ଲବେଶ୍ୱର ମନ୍ଦିର' । ଏହା ଗୋଟିଏ ଶିବମନ୍ଦିର ଓ ସ୍ଥାପିତ ଦେବତାଙ୍କ ନାମ 'ଧାରଲିଙ୍ଗମ୍', ତାଙ୍କ ପଛପଟ କାନ୍ଥରେ ଖୋଦେଇ ହେଇଚି 'ସୋମସ୍କନ୍ଧ ଶିବ'ଙ୍କର ବିଶାଳ ପ୍ରତିମା...ବାହାରେ ସୁନ୍ଦର କାରୁକାର୍ଯ୍ୟମୟ ମୂର୍ତ୍ତି ସବୁଥିଲା, ଦୀର୍ଘ ଶତାବ୍ଦୀ ଧରି ସମୁଦ୍ର ଭିତରେ ବୁଡ଼ି ରହିଥିବା ହେତୁ ପଥର କ୍ଷୟ ପାଇଁ କାରୁକାର୍ଯ୍ୟ ବିଗିଡ଼ି ଯାଇଛି । ତେବେ କଳା ମୁଗୁନି ପଥରର ଧାରଲିଙ୍ଗମ୍‌କୁ ଛୁଇଁଲେ ସତେକ ଲହୁଣୀ ଉପରେ ହାତ ଅଛି, ସେମିତି ଲାଗିଲା ।

ଏଥର ସମୁଦ୍ରକୁ ମୁହଁ କରି ଶୋଇଥିବା ଭଗବାନ ବିଷ୍ଣୁଙ୍କର ବିଶାଳ ଶୟନ ପ୍ରତିମା । ସ୍ଥାନୀୟ ଭାଷାରେ 'ପଲ୍ଲୀ ଗୋଣ୍ଡରୁଲିୟା ଦେବ', ଅର୍ଥାତ୍ 'ସୁଖନିଦ୍ରାରେ ଶୋଇଥିବା ଭଗବାନ', ତାଙ୍କ ଚତୁର୍ଭୁଜରେ ନାହିଁ ଶଙ୍ଖ, ଚକ୍ର, ଗଦା, ପଦ୍ମ ନାହାନ୍ତି କ୍ଷୀର ସମୁଦ୍ରରେ ଫଣା ଟେକିଥିବା ଶେଷନାଗ, ମହାବିଷ୍ଣୁ ନିରାଲମ୍ବ ହୋଇ ଭୂଇଁରେ ଶୋଇ ପଡ଼ିଛନ୍ତି ଯୋଗନିଦ୍ରାରେ....ମୁହଁରେ ଦିବ୍ୟ ପ୍ରଶାନ୍ତିର ଭାବ । ଏଇ ମୂର୍ତ୍ତିଟି Monolithic , ଅର୍ଥାତ୍ ଗୋଟିଏ ପଥର କାଟି ପ୍ରସ୍ତୁତ ହୋଇଛି ।

ପଶ୍ଚିମମୁଖା ମନ୍ଦିରଟି ହେଉଛି 'ରାଜସିଂହ ପଲ୍ଲବେଶ୍ୱର ମନ୍ଦିର' । ସୋମସ୍କନ୍ଧ ଓ ଦିଗପାଳ ମାନେ କାନ୍ଥରେ ଖୋଦିତ । ଏହା ସମ୍ମୁଖରେ ପଥରର ବଳିପୀଠ, ଧ୍ୱଜସ୍ତମ୍ଭ ଓ ତ୍ରିପୁରାନ୍ତକ ଶିବଙ୍କର ଅପୂର୍ବ ମୂର୍ତ୍ତି...ରାଜସିଂହବର୍ମନ୍‌ଙ୍କର କିଛି ଶିଳାଲେଖ, ଅନେକ ନନ୍ଦୀମୂର୍ତ୍ତି, ସିଂହ, ହାତୀ ଓ ଅଷ୍ଟଭୁଜାଦୁର୍ଗାଙ୍କର ପଥରଖୋଦେଇ ମୂର୍ତ୍ତି । ପଲ୍ଲବରାଜା ମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିବା ଚାଲୁକ୍ୟ ରାଜାମାନେ ନଷ୍ଟଭ୍ରଷ୍ଟ କରିଦେଇଥିଲେ ସେମାନଙ୍କ ସହରର କିଛି ମୂର୍ତ୍ତି, କାହାର ମୁଣ୍ଡ କାଟି ଦେଇଥିଲେ, କାହାକୁ ଗଡ଼ଗଡ଼ କରି ହାଣିଥିଲେ...ମଣିଷର

ପାଶବିକତା ବା କେତେବେଳେ ନଥାଏ ।

ମଧ୍ୟାହ୍ନଭୋଜନ ଓ ଅଳ୍ପବିଶ୍ରାମ ପରେ ଆମେ ଗଲୁ ମାମଲ୍ଲାପୁରମ୍‌ର ମୁଖ୍ୟରାସ୍ତା କଡ଼ରେ ଥିବା ପ୍ରସିଦ୍ଧ 'ଅର୍ଜୁନଙ୍କ ତପସ୍ୟା ସ୍ଥଳ'କୁ । ଏକକ ପ୍ରସ୍ତର ଉପରେ ଖୋଦିତ ଅନେକ ପୌରାଣିକ ଆଖ୍ୟାୟିକାର ଅନୁପମ ସମାହାର । ପଶୁପତ ଅସ୍ତ୍ର ପାଇଁ ଅର୍ଜୁନଙ୍କର ତପସ୍ୟା ବେଳର ଦୃଶ୍ୟରେ ଜୀବନ୍ତ ଦିଶୁଥିଲେ ସନ୍ନ୍ୟାସୀ ବେଶରେ ଥିବା ପ୍ରୌଢ଼ ଅର୍ଜୁନ, ମହାଦେବ ଓ ପଶୁପତ ଅସ୍ତ୍ରର ଚିତ୍ର ସହ ଅନେକ ହାତୀ, ଘୋଡ଼ା, ସଖୀ, ଅପ୍ସରା, ଶୋଭାଯାତ୍ରାର ଚିତ୍ର ଖୋଦିତ ହୋଇଚି ପୁଣି ଦୁଇ ପଥରର ଯୋଡ଼େଇ ଜାଗାରେ ଗଙ୍ଗାବତରଣର ଅପୂର୍ବ ଦୃଶ୍ୟ ଭଗୀରଥଙ୍କ ମୂର୍ତ୍ତି....ଜଣେ ନଦେଖିଲେ ବିଶ୍ୱାସ କରିପାରିବ ନାହିଁ ଯେ ଗୋଟେ ବିଶାଳ ପଥରଖଣ୍ଡର ଅଧଇଞ୍ଚ ଜାଗା ବି ଖାଲି ନାହିଁ । ବିଲେଇ, କୁକୁର, ମୟୂର, ଯୋଦ୍ଧା, ମାଙ୍କଡ଼, ଗଛବୃଛ ସବୁକିଛି ଚିତ୍ରିତ ଓ ଜୀବନ୍ତ ଭଳି ଦିଶୁଛନ୍ତି । ମହାକବି ଭାରବିଙ୍କର 'କିରାତାର୍ଜୁନୀୟମ୍' କାବ୍ୟରେ କିଛି ଅଂଶ ମଧ୍ୟ ଏଠାରେ ଖୋଦିତ । ଯାପରେ ଦେଖିଲୁ 'କୃଷ୍ଣଙ୍କ ଲହୁଣୀ ମୁଣ୍ଡା' ଭାବରେ ପ୍ରସିଦ୍ଧ ଗୋଟିଏ ବିରାଟକାୟ ଗ୍ରାନାଇଟ୍ ପଥର ଖଣ୍ଡକୁ ଯାହା 'ଗଣେଶରଥ' ମନ୍ଦିର ନିକଟରେ ଗୋଟିଏ ପାହାଡ଼ ଢାଲୁରୁ ତଳକୁ ଗଡ଼ି ଆସିବା ମୁଦ୍ରାରେ ଦୀର୍ଘ ବାରଶହ ବର୍ଷ ଧରି ସ୍ଥିର ହୋଇ ରହିଛି । ୬ ମିଟର ଉଚ୍ଚ, ୫ ମିଟର ଚଉଡ଼ା ଓ ପାଖାପାଖି ୨୫୦ଟନ୍ ଓଜନର ଏଇ ବିଶାଳ ପଥରଖଣ୍ଡକୁ ଆମର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ତାଙ୍କର ମହାବଳୀପୁରମ୍ ଗସ୍ତ ସମୟରେ 'କୃଷ୍ଣଙ୍କ ଲହୁଣୀମୁଣ୍ଡା' ବୋଲି ଅଭିହିତ କରିଥିଲେ । ପଲ୍ଲବରାଜାଙ୍କର ଅକ୍ଷୟ କୀର୍ତ୍ତିରାଜି ସହିତ ଏହି ଅଦ୍ଭୁତ ପ୍ରାକୃତିକ ବୈଚିତ୍ର୍ୟଟି କେଡ଼େ ମନଲୋଭା ସତେ ! ଆମେ ଚାରିଜଣ ଏଇଠି ଠିଆହେଇ ଗୋଟେଫଟୋ ନେଲୁ ।



ପଲ୍ଲବ ରାଜବଂଶର ରାଜକୀୟ ଚିହ୍ନ

ମହାଭାରତକାଳୀନ କଥାବସ୍ତୁ, ଭିତିଚିତ୍ର ଓ ମୂର୍ତ୍ତିକଳା ପାଇଁ ପଲ୍ଲବରାଜାମାନେ କାହିଁକି ଏତେ ଆଗ୍ରହୀ ଥିଲେ ? ପ୍ରଶ୍ନଟି ମୋ ମନରେ ଉଙ୍କି ମାରୁଥିଲା । ଗାଇଡ୍ ଯାହା କହିଲେ ଲେଖୁଚି, ସଂସ୍କୃତ ଶବ୍ଦ 'ପଲ୍ଲବ'ର ଅର୍ଥ କଅଁଳି ଆସୁଥିବା ନୂଆପତ୍ର' । ପୁରାଣ ମତରେ ଦ୍ରୋଣପୁତ୍ର ଅଶ୍ୱତ୍ଥାମା ଓ ଜଣେ ନାଗ ରାଜକନ୍ୟାଙ୍କ ପ୍ରଣୟ ଫଳରେ କୋମଳ ପଦ୍ମପତ୍ର ଉପରେ ବିକଶିତ ଜଣେ ନାଗଶିଶୁ ହେଲେ 'ପଲ୍ଲବ' ବଂଶର ପ୍ରଥମ ପୁରୁଷ । ତାଙ୍କ ସ୍ମୃତି ଓ ସମ୍ମାନ ରକ୍ଷା ଉଦ୍ଦେଶ୍ୟରେ 'ପଲ୍ଲବ' ରାଜାମାନେ ତାଙ୍କରରାଜକୀୟ ଚିହ୍ନ ଭାବରେ ଜଣେ 'ସର୍ପପୁରୁଷ'ଙ୍କ ଛବି ବ୍ୟବହାର କରନ୍ତି । ଏହି ସର୍ପପୁରୁଷଙ୍କର ମୂର୍ତ୍ତି, ଚିତ୍ର, ପତାକାର ବହୁଳ ବ୍ୟବହାର ମହାବଳୀପୁରମ୍‌ର ଛତ୍ରେ ଛତ୍ରେ ଦେଖିବାକୁ ମିଳେ । ପୁଣି ନାଗବଂଶୀୟ ହୋଇଥିବାରୁ ମହାଦେବ ସେମାନଙ୍କର ସତତ ଆରାଧ୍ୟ ଦେବତା, ଶିବ, ପାର୍ବତୀ, ନନ୍ଦୀ, ଗଣେଶଙ୍କର ସଂଖ୍ୟାଧିକ ମନ୍ଦିର । ଆଉ କୁମାର କାର୍ତ୍ତିକେୟ, ମୁରୁଗାନ ଓ ସୁବ୍ରମଣ୍ୟମ୍ ଅସୁବିଧା ହେଲେ କି ଆଶ୍ଚର୍ଯ୍ୟ ହେଲେ ଆମେ ଯେମିତି କହୁ 'ହେ ଭଗବାନ୍' ସେମିତି ତାମିଲ୍ ଭାଷାଭାଷୀଙ୍କର କଥା କଥାକେ ଖାଲି 'ମୁରୁଗାନ୍', ପ୍ରତିଟି ଗଳିରେ ଅତିକମ୍‌ରେ ଛୋଟବଡ଼ ଦୁଇଟି ମନ୍ଦିର ଥିବ ତାଙ୍କ ପାଇଁ ମହାବଳୀପୁରମ୍‌ର ମନ୍ଦିରମାନଙ୍କ ଭିତରେ ବୁଲୁ ବୁଲୁ ଯେତିକି କାହାଣୀ ଗାଇଡ୍ ଜଣକ ଶୁଣେଇଲେ, ଲେଖିଲେ ଖଣ୍ଡେ ବହି ହେଇପାରିବ । ମହାରାଜ ମାମଲ୍ଲା ନରସିଂହବର୍ମନଙ୍କ ବାପା ମହେନ୍ଦ୍ର ବର୍ମନ୍‌ଙ୍କ ମୂର୍ତ୍ତିର ମୁଣ୍ଡଟି ଚାଲୁକ୍ୟରାଜାମାନେ କାଟି ଦେଇଛନ୍ତି, ବରାହସିଂହ ମୂର୍ତ୍ତିର ମୁଣ୍ଡଟି ବି କଟା ହେଇଚି, ଦ୍ରୋଣ ଆଣ ଅଗସ୍ତ୍ୟଙ୍କ ମୂର୍ତ୍ତିର ମୁଣ୍ଡ ବି....କାହିଁକି ? ନା ଯେମିତି ଅଗସ୍ତ୍ୟ ଋଷି 'ବାତାପି' ନାମକ ଅସୁରକୁ ଗିଳି ବାତାପିନଗରୀକୁ ଧ୍ୱଂସ କରିଥିଲେ, ସେପରି ମାମଲ୍ଲା ନରସିଂହ ବାତାପିନଗରୀର ପରବର୍ତ୍ତୀ ଶାସକ ଚାଲୁକ୍ୟମାନଙ୍କ ରାଜଧାନୀ 'ଐହୋଲ'କୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ । ତାଙ୍କ ଠାରୁ ଯୁଦ୍ଧରେ ହାରିଥିବା ଚାଲୁକ୍ୟ ରାଜାମାନେ ତାଙ୍କ ଅନ୍ତେ ମହାବଳୀପୁରମ୍ ମନ୍ଦିର ସମୂହରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ । ରାଜନୀତି, ଯୁଦ୍ଧନୀତି, କୂଟନୀତିର ପଶାପାଲିରେ ଆମେ ଭାରତୀୟମାନେ ଚିରକାଳ ହରେଇ ଚାଲିଥାଏ ଆମର ସୁନ୍ଦର ସୁନ୍ଦର ମଠ, ମନ୍ଦିର ଓ ଆରାଧନା ପୀଠ ଗୁଡ଼ିକ, ମଣିଷର ଦୁଷ୍ଟବୁଦ୍ଧି କେତେବେଳେ ବା ନଥାଏ !

କଥା ହେଉ ହେଉ ପଥର ଉପରେ ଗୋଡ଼ ରଖି ଚାଲିଗଲି ଟିକେ ଉପରକୁ । 'ମାଙ୍କଡ଼ଙ୍କ ଉକୁଣୀବଛା' ମୂର୍ତ୍ତି ପାଖରେ ଠିଆ ହେଇଗଲି । ଆଖପାଖର ଲୋକ ଓ ମୋ ପରିବାରର ସଦସ୍ୟମାନେ ହାଁ କରି ଅନେଇଚନ୍ତି, ଦେଖିନି ମୁଁ ସେଠିକି ଚଢ଼ିକି ଯିବାକୁ ମନାକରା ହେଇଚି । ଜାଣିଲା ପରେ ଅପ୍ରତିଭ ହେଇଗଲି । ଏମାନେ ହସିଦେଲେ, ଯାଇଚ ଯଦି ଗୋଟେ ଫଟୋ ଉଠେଇ ଦବା, ଫଟୋ ଉଠିଲା । ଆହୁରି ବହୁତ ଗୁଡ଼େ ଜାଗା ରହିଲାଣି ଶୀଘ୍ର ଶୀଘ୍ର ଚାଲ...ଗାଇଡ୍ କହିଲେ ଓ ଆମେ ଚାଲିଲୁ ।

ପଞ୍ଚପାଣ୍ଡବ ଗୁମ୍ଫା, କୃଷ୍ଣମଣ୍ଡପମ୍, ତ୍ରିମୂର୍ତ୍ତି ଗୁମ୍ଫା, ହାତୀଗୁମ୍ଫା, ଗଣେଶ ରଥ, ବରାହ ମଣ୍ଡପ, ମହିଷମର୍ଦ୍ଦିନୀ ଗୁମ୍ଫା ଆଦି ଅନେକ ସୁନ୍ଦର ସୁନ୍ଦର ପ୍ରାଚୀନ କଳାକୃତି, ବୁଲିବା ବେଳେ ଲାଗୁଥାଏ ଆମେ ଫେରିଯାଉଚୁ କୋଉ ପୁରୁଣା ଯୁଗକୁ । ଆକାଶରେ ସନ୍ଧ୍ୟାର ସିନ୍ଦୂରୀ



ରଙ୍ଗ, ଅଦୂରରେ ସମୁଦ୍ରର ଉତ୍ତାଳ ତରଙ୍ଗ, ପାହାଚ ପରେ ପାହାଚ ଚଢ଼ି ପହଞ୍ଚିଗଲୁ ପୁରୁଣା ବତୀଘର ପାଖରେ ଏଇ ଯାହାକୁ ବତୀଘର ବୋଲି କୁହାଯାଉଛି, ସିଏ ପ୍ରକୃତରେ ଗୋଟିଏ ମନ୍ଦିର ମହାନ୍ ଶିବଭକ୍ତ ପଲ୍ଲବରାଜା ରାଜସିଂହବର୍ମନ୍ଙ୍କ ଦ୍ୱାରା ନିର୍ମିତ 'ଓଲ୍ଲାକ୍କନାଥ ମନ୍ଦିର', ଶିବଙ୍କର ବିଭିନ୍ନ ରୂପକୁ ଚିତ୍ରାୟିତ କରାଯାଇଛି ପଥରରେ...ଦକ୍ଷିଣମୂର୍ତ୍ତି ଶିବ, ରାବଣାନୁଗ୍ରହ ମୂର୍ତ୍ତି, ଅଲ୍ଲିଧାନ ଚାଉମୂର୍ତ୍ତି ପ୍ରଭୃତି ବିବିଧ ଦୃଶ୍ୟରାଜି ସମ୍ବଳିତ ପ୍ରସ୍ତରକଳା ଦୃଷ୍ଟି ଆକର୍ଷଣ କଲା।

ଏହି ସ୍ଥାନରୁ କଳ୍ପକମ୍ ଆଣବିକ କେନ୍ଦ୍ରର ପରିସର ଦୃଶ୍ୟମାନ ହୁଏ। ସଂପ୍ରତି ତାହା ସୁଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ଭିତରେ ରହିଛି। ଫେରିବା ରାସ୍ତାରେ ମହାବଳୀପୁରମ୍ର ପ୍ରସିଦ୍ଧ ପଥରର କାରୁକାର୍ଯ୍ୟ ମଣ୍ଡିତ ଅସଂଖ୍ୟ କଳାକୃତିର ସ୍ଥାନୀୟ ବଜାର, ଦେଖିବାକୁ ସୁନ୍ଦର କିନ୍ତୁ ଓଜନିଆ ଜିନିଷ କିଣି ଆମର ଲଗେଜର ଓଜନ ଆଉ ବଢ଼ାଇବାକୁ ଚାହିଁଲୁନାହିଁ। ମୋ ସାଙ୍ଗମାନଙ୍କ ପାଇଁ କିଛି ମାଳି ଆଉ ଶଂଖଶାମୁକାର କିଛି ଘରସଜା ଜିନିଷ କିଣିଲୁ। ହଁ, ମହାବଳୀପୁରମ୍ରେ ଅଛି ଏସିଆର ବୃହତ୍ତମ ଶାମୁକା ସଂଗ୍ରହାଳୟ। **Indian Seashell Museum** । ରାଜା ମହମ୍ମଦ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ଦେଶର ପ୍ରାୟ ଛ,ହଜାରରୁ କିଛି ଅଧିକ ସଂଖ୍ୟକ ଶଂଖଶାମୁକା ଏଠି ରହିଛି। ଏବେ ଏହାର ମାଲିକ ଓ ତତ୍ତ୍ୱାବଧାରକ ହେଉଛନ୍ତି ଗରୀଶ ଆରୋଗ୍। ବିଭିନ୍ନ ପ୍ରଜାତିର ବିରକ୍ତି ମାଛଙ୍କର ଅନେକ ଆକ୍ୱାରିୟମ୍, ପ୍ରଜାପତିଙ୍କର ମଡେଲ୍, ଶଙ୍ଖ, ଶାମୁକା ନିର୍ମିତ ବିରାଟ ବିଟ କଳାକୃତି ମଣ୍ଡିତ ଏହି ମ୍ୟୁଜିୟମ୍ର ବିକ୍ରୟ କେନ୍ଦ୍ରରୁ କିଣିଲି ହଳେ ଝୁମ୍କା।

୧୬ ଜାନୁୟାରୀରେ ଆମର ଯୋଜନା ମୁତାବକ ସକାଳୁ ସକାଳୁ ବାହାରି ପଡ଼ିଲୁ କାଞ୍ଚିପୁରମ୍। ମହାବଳୀପୁରମ୍ରୁ କାଞ୍ଚିପୁରମ୍ର ଦୂରତା ୬୭ କିଲୋମିଟର, ରାସ୍ତାର ଅବସ୍ଥା ଓ ଟ୍ରାଫିକ୍ର ଅବସ୍ଥା ଉପରେ ନିର୍ଭର କରି



କହିହବ କେତେ ସମୟରେ ପହଞ୍ଚିହବ। ଆମକୁ ତ ପୂରା ଦୁଇଘଣ୍ଟା ଲାଗିଲା। ମା' କାମାକ୍ଷୀ ଅମ୍ମନ୍ଙ୍କୁ ଦର୍ଶନ କରିସାରି ଜଳଖିଆ ଖାଇବୁ ବୋଲି ଆମର ରିସୋର୍ଟର ପରିଚାଳିକା ଆମ ପାଇଁ ଖାଇବା ଜିନିଷ ସୁନ୍ଦର ଭାବେ ପ୍ୟାକ୍ କରି ଦେଇଥିଲେ। ଏଇ ଘରୋଇ ଆଚରଣଟି ଭାରି ଭଲଲାଗିଲା। ମା କାମାକ୍ଷୀ ବା କାମାକ୍ଷୀ ଅମ୍ମନ୍ ହେଉଛନ୍ତି ସମଗ୍ର ତାମିଲ୍ନାଡୁର ଇଷ୍ଟଦେବୀ, ଶସ୍ୟଦେବୀ, ତାଙ୍କ ସହରକୁ ଆସିବା ରାସ୍ତାର ଦୁଇପାଖେ ସବୁଜ ଧାନକ୍ଷେତ, ନଡ଼ିଆ ବଗିଚା, କଦଳୀ ବଗିଚା' ପରିବା ବଗିଚା ସବୁ ଦେଖି ଦେଖି ଆସିଲୁ। ରାସ୍ତା ସାରା ଯେତେ ଘର, ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନ ଦେଖିଲୁ, ସବୁଠି ବିରାଟ ବିରାଟ ରଙ୍ଗୀନ୍ ଆଳ୍ପନା, 'କୋଲମ୍'ର ଅଭୁତ ବର୍ଣ୍ଣଛଟା...ମୁରୁଜ ଅଙ୍କିତ କଳାକୃତି ପାଖରେ ସଯତ୍ନେ ପୋତାହେଇଚି ତିନୋଟି ଲେଖାଏଁ ଆଖୁଗଛ। ମା କାମାକ୍ଷୀଙ୍କ ହାତରେ ଅଛି ଆଖୁଗଛ, ତେଣୁ ପୋଙ୍ଗଲ୍ର ସାଜସଜ୍ଜାରେ ଆଖୁଗଛ ନହେଲେ ନଚଳେ....।



ମହାବଳୀପୁରମ୍‌ର ପଲ୍ଲବରାଜାମାନଙ୍କର ପ୍ରାଚୀନ ରାଜଧାନୀ ଥିଲା କାଞ୍ଚିପୁରମ୍ । ଷଷ୍ଠ ଓ ସପ୍ତମ ଶତାବ୍ଦୀ ବେଳକୁ ଏଇ ସହରଟିରେ ନିର୍ମାଣ କରାଯାଇଥିଲା ଅନେକ ଗୁଡ଼ିଏ ସୁନ୍ଦର ମନ୍ଦିର । ଏଇ ସହରଟି ଭାରତର ସାତଟି ପବିତ୍ରତମ ସହର ମଧ୍ୟରୁ ଗୋଟିଏ । ଛୋଟବଡ଼ ଏକ ହଜାର ମନ୍ଦିର ଭିତରୁ ପ୍ରମୁଖ ଓ ପ୍ରଧାନ ମନ୍ଦିରଟି ହେଉଛି କାମାକ୍ଷୀଅମ୍ମନ୍ ମନ୍ଦିର । ଦେବୀ ପୁରାଣ ବର୍ଣ୍ଣିତ ଲଳିତାତ୍ରିପୁରସୁନ୍ଦରୀ 'କାମକୋଟ୍ଟା ନାୟକୀ'ତୀର୍ଥରେ ଭାଣ୍ଡାସୁର ନାମକ ଅସୁରକୁ ବିନାଶ କରିବା ପରେ ଏ 'ଥୋଡ଼ାଇମଣ୍ଡଳମ୍'ର ଅଧିଷ୍ଠାତ୍ରୀ ଦେବୀ ଭାବରେ ଏହି ମନ୍ଦିରରେ ପଦ୍ମାସନରେ ଆସି ବିରାଜମାନ ହେଲେ । ଏହି ସହରରେ ଅନେକ ଶିବ ଓ ବିଷ୍ଣୁ ମନ୍ଦିର ଥିଲେ ହେଁ ଦେବୀ ମନ୍ଦିର ଏଇ ଗୋଟିକ । ମାତାଙ୍କୁ ଆଗ ଦର୍ଶନ କରି ପରେ ମହାଦେବଙ୍କୁ ଦର୍ଶନ କରିବୁ ଭାବି ଦର୍ଶନାର୍ଥୀଙ୍କ ଲମ୍ବା ଧାଡ଼ିରେ ଯାଇ ଛିଡ଼ା ହେଇଗଲୁ । ଫୁଲ ବିକୁଥିଲେ ଅନେକ ମାତୃସ୍ଥାନୀୟା ମହିଳା, ତାମିଲ୍‌ରେ କହୁଥିଲେ ଫୁଲ ନେଇକି ଯାଅ, ଆମେ ସେ ଭାଷା ବୁଝୁ ନଥିଲେ ବି ସଂକେତ ବୁଝିଗଲୁ, ମାଙ୍କ ପାଇଁ ଗୋଲାପ ଗଜରାଟିଏ କିଣିକି ଆଣିବା ବେଳେ ଫୁଲବାଲୀ ଆମ୍ମା ମୋ ମୁଣ୍ଡରେ ଗୋଟେ ମଲ୍ଲୀଗଜରା ଆଉ ଗୋଲାପ ଫୁଲ ଖୋସିଦେଲା । 'ସୁହାଗିନୀ ସ୍ତ୍ରୀଲୋକର ମୁଣ୍ଡରେ ଫୁଲ ନଦେଖିଲେ ମା ରାଗିବେ'– ସିଏ ତା ଭାଷାରେ କହିଲା ଓ ଆମେ ତା କଥାରେ ହସିଲେ ବି କଥା ମାନିଲୁ ।



ବିରାଟ ଧାଡ଼ିରେ ଥିଲେ ବି ମନ୍ଦିରର ବିଶାଳ ପ୍ରାଙ୍ଗଣରେ ସଜ୍ଜିତ ପଥର ମୂର୍ତ୍ତି, ସୁନାଛାଉଣୀ ଧ୍ୱଜସ୍ତମ୍ଭ, ମା'ଙ୍କ ବାହାନ ସିଂହଙ୍କୁ ଦେଖୁ ଦେଖୁ ମନ ଭିତରେ ସ୍ମରଣ କରୁଥିଲି ମା'ଙ୍କୁ 'ସିନ୍ଦୂରାରୁଣାବିଗ୍ରହୀ' ତ୍ରିନୟନାଂ ମାଣିକ୍ୟ ମୌଳିସ୍ଫୁରନ୍ ଭାରନାୟକଶେଖରାଂ ସ୍ମିତମୁଖୀ ମାନୀନବକ୍ଷୋରୁହାମ୍... ଧ୍ୟାୟେତ୍ ପଦ୍ମାସନସ୍ଥାଂ ବିକଶିତବଦନା ପଦ୍ମପତ୍ରାୟଣକ୍ଷୀ; ହେମାଭଂ ପୀତବସ୍ତ୍ରାଂ କରକଳି ତ ସଂଦ୍ଧେତପଦ୍ମାଂବରଙ୍ଗୀମ୍ ଶ୍ରୀବିଦ୍ୟାଂ ଶାନ୍ତମୂର୍ତ୍ତି ସକଳ ସୁରସୁତରାଂ ସର୍ବସମ୍ପନ୍ନଦାତ୍ରୀମ୍''... ମୋ ଆବିଷ୍ଟ ଭାବ କଟିଲା ବେଳକୁ ଆମେ ଗର୍ଭଗୃହରେ ପହଞ୍ଚି ସାରିଥିଲୁ । ବାରିକେଡ୍ ତଥାପି ଥିଲା । ଭିତର ପଟେ ବିଭିନ୍ନ ପରିବାର ମାଳ ମାନ, କାନ୍ଧି କାନ୍ଧି କଦଳୀ, ନଡ଼ିଆ, ଚାଉଳ ଇତ୍ୟାଦି ରଖା ହେଇଥିଲା । ସେଦିନ 'ମଟ୍ଟୁ ପୋଙ୍ଗଲ୍' ଥିଲା । ମାଙ୍କ ପୀଠରେ ବିଶେଷ ଉତ୍ସବ 'ପି ପୋଙ୍ଗଲ୍' ଭାବରେ ଶସ୍ୟଦେବୀଙ୍କୁ କୃତଜ୍ଞତା ଜଣାଇବାକୁ ତାମିଲ୍ ପରିବାରମାନଙ୍କର ନାହିଁ ନଥିବା ଉତ୍ସାହ ।

ମାଙ୍କ ଦର୍ଶନ ମିଳିଲା....ପଦ୍ମାସନରେ ବସିଥିବା ଶାନ୍ତ, ସୌମ୍ୟ କମନୀୟ ମୂର୍ତ୍ତି....ଚତୁର୍ଭୁଜା ଦେବୀଙ୍କର ହାତରେ ପାଶ, ଅଙ୍କୁଶ, ଗୋଛାଏ ଫୁଲ ଉପରେ ବସିଥିବା ଗୋଟେ ଶୁଆ, ଆଉ ଆଖୁଗଛଟିଏ....ଏଭଳି ମୂର୍ତ୍ତି ଆଉ କେଉଁଠି ନାହିଁ....ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କ ବିରଚିତ ଶ୍ରୀଯନ୍ତ୍ରର ସଂରଚନା ମଧ୍ୟ ଏଠାରେ ଫୁଲଦ୍ୱାରା ଆଚ୍ଛାଦିତ, ଗର୍ଭଗୃହର ଚାରିପଟେ ମହାସରସ୍ୱତୀଙ୍କ ଆସ୍ଥାନ ରହିଛି । ପ୍ରତିଦିନ ସକାଳୁ ପ୍ରଥମେ ହାତୀ ଓ ପରେ ମା'ଙ୍କର ପୂଜା କରାଯାଏ । ଗର୍ଭଗୃହ ସାମ୍ନାରେ ପହଞ୍ଚି ନାମ, ଗୋତ୍ର, ନିବାସ ସ୍ଥାନ ଇତ୍ୟାଦି କହିଲା ବେଳକୁ ପୂଜକ ମହାଶୟ 'ଜଗନ୍ନାଥପୁରୀ'ରୁ ଆସିଚୁ ଶୁଣି କିଛି ବିଶେଷ କୃପା କଲେ, ମାଙ୍କର ଖଇରିଆ ସିନ୍ଦୂର ଓ ଭୋଗ ସହ ଅଙ୍ଗଲାଗି ହଳଦୀଗୁଣ୍ଡ ଓ ଛଡ଼ାମାଳ ଦେଲେ । ଆମ ଠାକୁର ଆମର ପରିଚୟ ହୋଇ ରହିଛନ୍ତି ସବୁବେଳେ । ଓଡ଼ିଆମାନେ ଭାଗ୍ୟବାନ୍ । ଆମ ଠାକୁରଙ୍କ ପରି ମା' କାମାକ୍ଷୀଙ୍କର ମଧ୍ୟ ରଥ, 'ଥେର୍' ଯାତ୍ରା ହୁଏ । ଫରକ୍ କେବଳ ଏତିକି ଯେ ଜଗନ୍ନାଥଙ୍କ ଧାମରେ ପ୍ରତିବର୍ଷ ନୂଆ ନୂଆ ରଥ ନିର୍ମାଣ ହେଉଥିବା ବେଳେ ମା କାମାକ୍ଷୀଙ୍କ 'ଥେର୍'ର କାଷ୍ଠ ଓ ଧାତୁମିଶ୍ରିତ ରଥଟି ସଂରକ୍ଷିତ ହୋଇ ସୁରକ୍ଷିତ ସ୍ଥାନରେ ରଖା ହୋଇଥାଏ । ମା କାମାକ୍ଷୀଙ୍କ ଲକ୍ଷ୍ମୀ ରୂପର ଦର୍ଶନ ମିଳେ ଗର୍ଭଗୃହ ସମ୍ମୁଖସ୍ଥ 'ଗାୟତ୍ରୀ ମଣ୍ଡପମ୍'ରେ ଯେଉଁଠି 'ଅରୂପଲକ୍ଷ୍ମୀ' ଓ 'ସ୍ୱରୂପଲକ୍ଷ୍ମୀ' ଭାବରେ ମାଙ୍କର ଦୁଇଟି ପ୍ରତିମା ରହିଛି ।

ମାଙ୍କର ଦର୍ଶନ ଉତ୍ତାରେ କେବଳ ଟିକେ କମଳା ରସ ପିଇକି ଗଲୁ ଏକାମ୍ବରେଶ୍ୱର ମନ୍ଦିର । ଏହାକୁ 'ପଞ୍ଚଭୂତ ସ୍ଥଳ' ମଧ୍ୟ କୁହାଯାଏ । ଏଠାରେ ମହାଦେବ 'ପୃଥ୍ୱୀଲିଙ୍ଗମ୍' ଭାବରେ ପୂଜା ପାଉଛନ୍ତି । ତାମିଲ୍‌ଙ୍କ ସନ୍ଥକବିମାନେ, ଯାହାଙ୍କୁ 'ନୟନାର୍' ବୋଲି କୁହାଯାଏ, ସେମାନେ ଏହି ସ୍ଥଳଟିକୁ 'ପାଡ଼ଲପେଟ୍ରାସ୍ଥଳମ୍' ଭାବରେ ଅଭିହିତ କରିଛନ୍ତି । ସ୍ଥାନୀୟ ଭାଷାରେ 'ଅରୁମିଲଗୁ କାଞ୍ଚି ଏକାମ୍ବରନାଥର ଥିରୁ କୋଇଲ' । ଏହି ମନ୍ଦିରର ମୁଖ୍ୟ ଗୋପୁରଦ୍ୱାରର ଉଚ୍ଚତା ୧ ୯ ୨ ଫୁଟରୁ କିଛି ଅଧିକ । ନବମ ଶତାବ୍ଦୀରେ ଚୋଳ ରାଜବଂଶ ଦ୍ୱାରା ନିର୍ମିତ ମୁଖ୍ୟ ମନ୍ଦିର ପରିସରରେ ପରବର୍ତ୍ତୀ ବିଜୟନଗର ଶାସକମାନେ ଅନେକ ନିର୍ମାଣ କାର୍ଯ୍ୟ କରାଇଲେ । ଗୋଟିଏ ଆମ୍ବଗଛ ତଳେ ବସି ତପସ୍ୟା କରୁଥିବା ପାର୍ବତୀଙ୍କୁ ଏହି ସ୍ଥାନରେ ମହାଦେବ ଅଗ୍ନିବର୍ଷା କରାଇଥିଲେ ବୋଲି କିମ୍ବଦନ୍ତୀ ରହିଛି । ମହାଦେବଙ୍କ ପରୀକ୍ଷାରେ ମାତା ପାର୍ବତୀଙ୍କୁ ଶିବଙ୍କ ଜଟାର ଚନ୍ଦ୍ରମା ଓ ମହାନଦୀଶ୍ୱରୀ ଗଙ୍ଗାଙ୍କର ଶୀତଳ ଜଳ କରାଇ ଶୀତଳ ରଖିଲେ । ଗଙ୍ଗା ଓ ମାତା ପାର୍ବତୀ ଉଭୟ ହିମାଳୟଙ୍କ କନ୍ୟା ହୋଇଥିବାରୁ ପରସ୍ପର ପ୍ରତି ଭଗ୍ନୀଭାବ ରଖି ମହାଦେବଙ୍କ ସେବା କରନ୍ତି, ଏହାହିଁ କିମ୍ବଦନ୍ତୀର ବିଷୟ, ଆମ ଓଡ଼ିଆର କବି ସମ୍ରାଟ ତାଙ୍କ ବୈଦେହୀଶ ବିଳାସରେ ଗଙ୍ଗାନଦୀର ବର୍ଣ୍ଣନା କରିବା ବେଳେ କହିନାହାନ୍ତି କି 'ବିଦ୍ୟ ହୈମବତୀ ପୟରେ, ବିଷକଣ୍ଠ ତୋଷୀଦାନୀ ବେନି ମତରେ'....ସେଇ ଧାଡ଼ିଟା



ସେଇଠି ବି ମନେପଡ଼ିଗଲା । ବେଗମତୀ ନଦୀ ତୀରର ଗୋଟିକିଆ ଆମ୍ୱଗଛ ତଳେ ସ୍ୱୟଂଭୂ ଶିବଲିଙ୍ଗ ପରବର୍ତ୍ତୀ କାଳରେ 'ଏକାମ୍ୱରେଶ୍ୱର' ଭାବରେ କଥିତ ହେଲେ । ଅନ୍ୟ ଏକ କାହାଣୀ ଅନୁସାରେ ମାତା ପାର୍ବତୀଙ୍କ ଦ୍ୱାରା ପୂଜିତ ବାଲୁକା ଶିବଲିଙ୍ଗଙ୍କୁ ବେଦମତୀ ନଦୀ ଧୋଇ ଦେବାର ଆସ୍ପର୍ଦ୍ଧା କରିବାରୁ ମାତା ପାର୍ବତୀ କାମାକ୍ଷୀ ରୂପରେ ସେଇ ବାଲୁକାଲିଙ୍ଗଙ୍କୁ କଣ୍ଠାଗ୍ରତ କରି କୋଳେଇ ନେଲେ, ଅର୍ଥାତ୍ ସେହିସ୍ଥାନରେ ଉଭୟଙ୍କର ବିବାହ ଓ ମିଳନ ଘଟିଲା । ତାମିଲ୍ ଭାଷାରେ ଏହି ସ୍ଥାନରେ ମହାଦେବଙ୍କୁ 'ତଝୁବାକୁଝିନଥାର' (ଯେ ଆଲିଙ୍ଗନରେ ମିଳେଇଗଲା) ଭାବରେ ସମ୍ବୋଧନ କରାଯାଏ ପାର୍ବତୀପୁତ ଭାବରେ ନିଜକୁ ଅଭିହିତ କରିଥିବା ପଲ୍ଲବରାଜା ମାନେ ପ୍ରଥମେ ଏଠାରେ ମନ୍ଦିର ସ୍ଥାପନ କରିଥିଲ, ପରେ ଚୋଳ ଓ ବିଜୟନଗରୀ ରାଜବଂଶର ଅଧିପତିମାନେ ସଂପୂର୍ଣ୍ଣ ମନ୍ଦିର ଶୃଙ୍ଖଳାଟି ତିଆରି କଲେ । ବିଜୟନଗର ରାଜବଂଶ ଦ୍ୱାରା ନିର୍ମିତ ହଜାରେ ସ୍ତମ୍ଭବାଲା ବିରାଟ ହଲ୍ ଟିଏ ଏଠି ଅଛି, ଯାହାକୁ ଆଘାତ କଲେ ବାଦ୍ୟଯନ୍ତ୍ରର ଶବ୍ଦ ଶୁଭେ ।

ଏହି ମନ୍ଦିରର ମୁଖ୍ୟ ଦେବତାଙ୍କୁ ଦର୍ଶନ କରିବା ବେଳେ ନାଦସ୍ୱରମ୍ ଓ ତାବିଲ୍ ର ଧବନି ଅବିସ୍ମରଣୀୟ । ସୋମବାର ଦିନ ଭଗବାନ ମହାଦେବଙ୍କୁ ପୋଙ୍ଗଲ୍ ସମୟରେ ଦର୍ଶନ କଲୁ ବୋଲି ମନରେ ଅଶେଷ ଶାନ୍ତି ଓ ଆନନ୍ଦ ହେଲା । କିନ୍ତୁ ଦୁଃଖ ବି ଲାଗିଲା କାରଣ ଏଇ ମନ୍ଦିରରୁ ବାହାରୁ ବାହାରୁ ମନ୍ଦିର ଫାଟକ ବନ୍ଦ ହେଇଗଲା ।

ତାମିଲ୍‌ନାଡୁର କୌଣସି ମନ୍ଦିରରେ ବେଢ଼ା ଭିତରେ ଫଟୋ ଉଠେଇବା ମନା, ଏକାମ୍ୱରେଶ୍ୱରଙ୍କ ପୀଠ ସାମ୍ନାରେ ଫଟୋ ଉଠେଇକି ଗାଡ଼ିରେ ବସିବା ବେଳକୁ ପ୍ରବଳ ଭୋକ । ସାଙ୍ଗରେ ଆଣିଥିବା ଇଡ୍‌ଲି, ପୋହା, ଉପ୍‌ମା, ନଡ଼ିଆଚଟଣୀକୁ ସମସ୍ତେ ମିଶି ଖାଇଲୁ । ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ଥିଲା ବରଦରାଜ ପେରୁମଲ ମନ୍ଦିର, ଯେଉଁଠି ମହାବିଷ୍ଣୁ 'ପେରୁମଲ କୋଇଲ' ଭାବେ ପୂଜା ପାଉଛନ୍ତି । ଆମେ ଗଲାବେଳକୁ ଠାକୁରଙ୍କ ପହଡ଼ ପଡ଼ି ସାରିଥିଲା । ମଧ୍ୟାହ୍ନଧୂପ ପରେ ଅବକାଶ ଭଳିଆ ବ୍ୟବସ୍ଥା । ତେଣୁ ଭିତରକୁ ଯାଇ ହେଲାନି । ତେବେ କାମାକ୍ଷୀ ଅମ୍ମନ୍, ଏକାମ୍ୱରେଶ୍ୱର ଓ ବରଦରାଜ ପେରୁମଲ୍ ମିଶିକି ଆମର 'ମୁର୍ମୁର୍ତ୍ତିବାମ୍' (ତ୍ରିଦେବଙ୍କ ବାସସ୍ଥାନ) ଦର୍ଶନ ହେଇଗଲା । ଏଇ ମନ୍ଦିରଟି ମଧ୍ୟ  ଦ୍ରାବିଡ଼ ବାସ୍ତୁକଳାର ଅପୂର୍ବ ନମୂନା । ତୃତୀୟା ଶତାବ୍ଦୀର ନିର୍ମିତ ଜୀର୍ଣ୍ଣ ମନ୍ଦିରଟିର ଅନେକବାର ଜୀର୍ଣ୍ଣୋଦ୍ଧାର ହୋଇଛି । ଏହା ଏବେ 'ଥିରୁନାରାୟଣପୁରମ୍' ଭାବରେ ତାମିଲ୍‌ବାସୀଙ୍କର ପ୍ରିୟ ପୂଜାସ୍ଥଳ । ବିଶିଷ୍ଟାଦ୍ୱୈତ ଦର୍ଶନର ପ୍ରବକ୍ତା ରାମାନୁଜାଚାର୍ଯ୍ୟମ୍‌ଙ୍କର ଆରାଧ୍ୟ ବିଷ୍ଣୁପ୍ରତିମାୟେ, ରାମାନୁଜାଚାର୍ଯ୍ୟଙ୍କ ବେଦାନ୍ତଦେସିକାର ଛନ୍ଦ ସବୁ ଏବେ ପ୍ରାଚୀରରେ ଲେଖା ହେଇଚି । ପ୍ରଭୁଙ୍କୁ ସିଂହଦ୍ୱାର ଠାରେ ପ୍ରଣାମ କରି ବାହାରିଲୁ କାଞ୍ଚିକାମକୋଟି ପୀଠମ୍ । ସେଠାରେ ମଧ୍ୟ ସମାନ ଅବସ୍ଥା, ଅର୍ଥାତ୍ ମୁଖ୍ୟଦ୍ୱାର ବନ୍ଦଥିଲା ।

ବାହାରୁ ଯେତିକି ଦିଶିଲ, ସେତିକି ଦେଖିଲୁ । ମହାତ୍ମା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପ୍ରସିଦ୍ଧ ହିନ୍ଦୁପୀଠଟିରେ ଏବେ ଜଗଦ୍‌ଗୁରୁ ଭାବରେ ବିଜୟେନ୍ଦ ସରସ୍ୱତୀ ମହାରାଜା ଅଭିଷିକ୍ତ । ଅଦ୍ୱୈତ ପରମ୍ପରାର ଏହି ପ୍ରାଚୀନ ମଠଟିର ବର୍ତ୍ତମାନ ସ୍ୱରୂପଟି ଷୋଡ଼ଶ ଶତାବ୍ଦୀରୁ ବିଦ୍ୟମାନ । ପୂର୍ବରୁ ଏହା କୁମ୍ଭକୋଣମ୍ ଠାରେ ଶୃଙ୍ଗେରୀପୀଠର ଏକ ଶାଖା ଭାବରେ ଅବସ୍ଥାପିତ ହୋଇଥିଲା, ପରେ ଯୁଦ୍ଧଜନିତ ପରିସ୍ଥିତିରେ ମଠର କିଛି ଅଂଶ ନଷ୍ଟ ହୋଇଯିବାରୁ ତତ୍କାଳୀନ ଜଗଦ୍‌ଗୁରୁଙ୍କ ନିର୍ଦ୍ଦେଶ କ୍ରମେ କାଞ୍ଚିପୁରମ୍‌ର କାମାକ୍ଷୀଅମ୍ମନ୍‌ଙ୍କୁ ସମର୍ପିତ ଏକ ଦେବୀମଠ ଭାବରେ ଏହାର ସ୍ଥାପନ କରାଗଲା । ବାହାରେ ଖରାର ପ୍ରକୋପ ବଢ଼ି ଚାଲିଥିଲା । ଆମେ ଏଥର କାଞ୍ଚିପୁରମ୍‌ର ପ୍ରସିଦ୍ଧ ସିଲ୍‌କ୍ ଶାଢ଼ି କିଣି ବାହାରିଲୁ... ।

ପୋଙ୍ଗଲ୍ ପାଇଁ ବଜାର ବନ୍ଦ ଥିଲା, ତେଣୁ ଫେରି ଆସିଲୁ... । ଏଇଠି ଟିକିଏ କହେ, କାଞ୍ଚିପୁରମ୍‌ର ରାସ୍ତାଘାଟ ବହୁତ ଅଣଓସାରିଆ ଦୁଇପଟେ ଲାଗି ଲାଗି କରି ଘର, ଏତେ ଏତେ ଟିକେ ରାସ୍ତାରେ ଦୁଇପାଖେ ଗାଡ଼ିସବୁ ଧାଡ଼ି ଧାଡ଼ି ହେଇକିଥିବ, ଗଦାଗଦା ବାଇକ୍ ଏପଟସେପଟ ହେଇକି ଥିବ । ଗୋଟେ ଗାଡ଼ି ଯାଉଥିଲେ, ଅନ୍ୟପଟରୁ ଆସୁଥିବା ଗାଡ଼ି ପାଇଁ



ଜାଗା ଟିକେ ବି ନଥିବ, ଆମର 'ଇନୋଭାଟି' ବିଚାରୀ ବଡ଼ କଷ୍ଟରେ ସେ ଭିଡ଼ ଭିତରେ ଯା ଆସ କରୁଥାଏ, ଏକରେ ମନ୍ଦିରର ଲମ୍ବା ଧାଡ଼ି, ଦୁଇରେ କଦର୍ଯ୍ୟ ଟ୍ରାଫିକ୍ ବ୍ୟବସ୍ଥା ଓ ଉତ୍ସବକାଳୀନ ଅସୁବିଧାସବୁ । ଏତିକି ବୁଲାବୁଲିରେ କ୍ଳାନ୍ତ ଲାଗୁଥାଏ । ମହାବଳୀପୁରମ୍‌ରେ ଆମର ଆରାମଦାୟକ ରିସୋର୍ଟକୁ ଫେରିଆସି ପାଖାପାଖି ତିନିଟା ବେଳେ ମଧ୍ୟାହ୍ନଭୋଜନ କଲୁ । ସେଦିନ ସେଇ ରିସୋର୍ଟ ଭିତରେ ହିଁ ପୋଙ୍ଗଲ୍ ପାଇଁ 'ଲନ୍‌ପାର୍ଟି' ଆୟୋଜନ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା ଅତିଥିମାନେ ନିଜ ନିଜର ପାରମ୍ପରିକ ପୋଷାକ ପିନ୍ଧି ପାର୍ଟିକୁ ଆସିଲେ । ମୃଦୁ ପାନୀୟ, ସୁସ୍ୱାଦୁ ଖାଦ୍ୟ, ଗୀତ, ନାଚରେ ସନ୍ଧ୍ୟାଟି ସୁନ୍ଦର କଟିଲା । ରୁମ୍‌କୁ ଫେରି ପିଲାଙ୍କ ସହ କ୍ୟାରମ୍ ଖେଳି, ଗପସପ କରି ପରଦିନର ଯୋଜନା ତିଆରି ହେଲା ।

୧୭ ତାରିଖ ଦିନ ପୂର୍ବାହ୍ନରେ ଆମେ ବାହାରିଲୁ ପୁଡୁଚେରୀ ବା ପଣ୍ଡିଚେରୀ... ଦୀର୍ଘ ଶତାବ୍ଦୀ ଧରି ପର୍ତ୍ତୁଗୀଜ, ଫରାସୀ ଓ ଇଂରେଜ ଉପନିବେଶ ଭାବରେ ରହି ଆସିଥିବା ଏହି ଅଞ୍ଚଳଟି ଏବେ ଭାରତ ସରକାରଙ୍କର ଅଧୀନ ଏକ କେନ୍ଦ୍ର ଶାସିତ ଅଞ୍ଚଳ...ରାଜନୈତିକ ଦୃଷ୍ଟିକୋଣରୁ ଏହି ଆଧ୍ୟାତ୍ମିକ ସହରଟି ତାମିଲନାଡୁରୁ ଅଲଗା ହେଲେ ବି ଭୌଗୋଳିକ ତଥା ଆଞ୍ଚଳିକ ବାତାବରଣ ଦୃଷ୍ଟିରୁ ତାମିଲନାଡୁର ଏକ ଅଂଶ । ଆମେ ଯେଉଁଦିନ ସେଠି ପହଞ୍ଚିଲୁ, ସେଦିନ ଥିଲା 'କୁନୁମ୍ ପୋଙ୍ଗଲ୍' ଗୃହପାଳିତ ପଶୁମାନଙ୍କୁ ପରିଚର୍ଯ୍ୟା କରି, ସେମାନଙ୍କୁ ଖୁଆଇ, ସଜେଇ ସେମାନଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଦିନ । ଆମେ ବାଟସାରା ସେଇ ଦୃଶ୍ୟ ଦେଖି ଦେଖି ଆସୁଥିଲୁ । ପହଞ୍ଚୁ ପହଞ୍ଚୁ ଆମ ହୋଟେଲ ପାଖାପାଖି 'ପ୍ରୋମେନାଦ୍ ବିଚ୍'ରେ ଲମ୍ବିଥାଏ ବଳଦ ଦୌଡ଼ ବା 'ରେଖିଲା'ରେସ୍‌ର ଧାଡ଼ି, ମାଲିକମାନେ ତାଙ୍କର ସୁସଜ୍ଜିତ ବଳଦଗୁଡ଼ିକୁ ଶଗଡ଼ଗାଡ଼ିରେ ଯୋଚି, ନାନାପ୍ରକାରେ ସଜେଇ ଶୋଭାଯାତ୍ରାରେ ଚାଲିଥାଆନ୍ତି । ସବାଆଗରେ ବିଜୟୀର ବଳଦଗାଡ଼ି, ତହିଁରେ ସବାର୍ ଗାଡ଼ିଆଳ ଆଉ ମାଲିକଙ୍କ ସହ ତାଙ୍କ ପତ୍ନୀ ଓ ପରିବାର ଲୋକ, ପରକୁ ପର ହେଇ ଚାଳିଶ୍ ପଚାଶ ଶଗଡ଼ଗାଡ଼ି, ବାଜା, ନାଚ, ଗହଳିରେ ଜାଗାଟା ଫାଟି ପଡୁଥାଏ...ବାପଝିଅ ମିଶିକି ତା'ର ଭିଡ଼ିଓ ବନେଇଲେ, ମୁଁ ଦେଖୁଥାଏ ଶୋଭାଯାତ୍ରାର ଭିଡ଼ ଭାଙ୍ଗିବା ପରେ ଗୋମୂତ୍ର, ଗୋବର ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ି ରାସ୍ତାଟା କି ଅସନା !

୧୯୫୪ରେ ଫରାସୀ ଉପନିବେଶବାଦରୁ ମୁକୁଳିଥିବା ଏହି ନଗରରାଜ୍ୟରେ ଅଦ୍ୟାପି ଫରାସୀ ସଭ୍ୟତାର ଝଲକ ଦେଖିବାକୁ ମିଳେ, ରାସ୍ତାର ଦୁଇ ପାଖରେ ଘଞ୍ଚ ଗଛର ନିବିଡ଼ ସବୁଜିମା, ସୋରିଷଫୁଲ ରଙ୍ଗର ଧାଡ଼ି ଧାଡ଼ି କୋଠାରେ ଫରାସୀ ବାସ୍ତୁକଳାର ଛଟା ସହ ପ୍ରତିଟି ଗଳି, ଉପଗଳିରେ ଛୋଟବଡ଼ ଅନେକ ଫରାସୀ ରେସ୍ତୋରାଁ ଆଉ 'କାଫେ': ଏହାକୁ ପ୍ରଖର ପ୍ୟାରିସ୍ କହିପାରିବା, ଆଧ୍ୟାତ୍ମିକ ଚିନ୍ତନ ଓ ଦାର୍ଶନିକ ଭାବଧାରା ସମ୍ପନ୍ନ ଭାରତୀୟ ଯୋଗୀ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର କର୍ମଭୂମି ଭାବରେ ଏହା 'The City of Dawn' ବା ସୂର୍ଯ୍ୟୋଦୟର ସହର ଭାବରେ ପ୍ରସିଦ୍ଧ । ପୁରାଣ ଯୁଗରେ ଏହା ଅନେକ ବେଦବିଜ୍ଞାନୀ ପଣ୍ଡିତମାନେ ବସବାସ କରୁଥିଲେ, ତେଣୁ ପୁରାଣ ସମୟର ଏହାକୁ 'ବେଦପୁରୀ' କୁହା ଯାଉଥିଲା । ସେ ସମୟରେ ସ୍ଥାନୀୟ ଏକ ବଜାର 'ପୋଡୁକା'ର ନାମ ଅନୁସାରେ ଆଧୁନିକ 'ପୁଡୁଚେରୀ'ର ନାମକରଣ ହୋଇଛି । ଏଇ ନୂଆ ସହରର ପୁରୁଣା ଅଂଚଳ ଅର୍ଥାତ୍ ଫରାସୀ ଉପନିବେଶର ଅବଶେଷ White Town ରେ ଆମର ରହିବା ବ୍ୟବସ୍ଥା ହୋଇଥିଲା ଏକ heritage hotel 'ଲେଡ୍ୟୁପ୍ଲେ'ରେ । ୨୦୦ଶହ ବର୍ଷ ପୁରୁଣା ଏକ ଆମ୍ବଗଛର ଡାଳସବୁ ଆବଶ୍ୟକତା ଅନୁସାରେ କାଟି ଏଇ ହୋଟେଲର ଅଗଣାରେ ରଖା ଯାଇଛି । ସପ୍ତଦଶ ଶତାବ୍ଦୀରେ ଶେଷ ଫରାସୀ ଗଭର୍ଣ୍ଣର ଜେନେରାଲ୍ ଫ୍ରାନସିସ୍ ଡ୍ୟୁପ୍ଲେଙ୍କର ସରକାରୀ ବଙ୍ଗଳା ଥିବା ଲେଡ୍ୟୁପ୍ଲେ ଫରାସୀ ବାସ୍ତୁକଳାର ଏକ ଅଦ୍ଭୁତ ନମୂନ । ଏହାର କାଠର ସିଡ଼ି, କାଚର ଚଟାଣ, ଚେଟିନାଡ୍ ଏଭାପ୍ଲାଷ୍ଟରରେ ସୁରକ୍ଷିତ କାନ୍ଥ, ଜାଁ ଫ୍ରାନକୋଇସ୍‌ଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସିଦ୍ଧ ସୂଚୀଶିଳ୍ପରେ ସଜ୍ଜିତ ପରଦା, ଝାଲେରି, କୁଶନ୍ ଇତ୍ୟାଦି ଦେଖିଲେ ଲାଗିବ କୋଉ ଇତିହାସର ସମୟରେ ଆମେ ଅଛୁ । ସମୁଦାୟ ଚଉଦଟି କୋଠରୀରୁ ଗୋଟିଏ ଆମ ପାଇଁ ସଂରକ୍ଷିତ ଥିଲା ଯାହାକି ପୂର୍ବତନ ଗଭର୍ଣ୍ଣର ଜେନେରାଲ୍ ଫ୍ରାନ୍‌ସିସ୍ ଡ୍ୟୁପ୍ଲେଙ୍କର 'ଖାସ୍ କମରା' ଥିଲା । ଫ୍ରାନ୍‌ସିସ୍‌ଙ୍କର କାର୍ଯ୍ୟକାଳ ପୂରିବା ପରେ ସେ ଯେତେବେଳେ ପ୍ୟାରିସ୍ ଫେରିଗଲେ ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଲା । ସେ ସମୟର ଶାସନ ବ୍ୟବସ୍ଥା ଅନୁରୂପ ତାଙ୍କୁ ଭୋକିଲା ଗଧିଆଙ୍କ ମେଳରେ ଛାଡ଼ି ଦିଆହେଲା । ତାଙ୍କ ହାଡ଼ମାଂସର ଗଧିଆ ଭୋଜି ହେଉଥିବା ବେଳେ ଏପଟେ ଲେଡ୍ୟୁପ୍ଲେକୁ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ ଅକ୍ତିଆର କରି ପାରୁ ପର୍ଯ୍ୟନ୍ତ ନଷ୍ଟଭ୍ରଷ୍ଟ କରିଦେଲେ । ଭାରତ ସ୍ୱାଧୀନ ହେବା ପରେ ଏହାର ମାଲିକାନା ଭାରତ ସରକାରଙ୍କ ଅଧୀନକୁ ଆସିଲା । ୧୯୮୦ରେ ପ୍ରସିଦ୍ଧ ଚମଡ଼ା ବ୍ୟବସାୟୀ ତଥା ପ୍ରସ୍ତରଶିଳ୍ପୀ ଦିଲୀପ କପୁର ଏହାର ମାଲିକାନା ସତ୍ତ୍ୱ ହାସଲ କରି ତାଙ୍କ ନିଜସ୍ୱ ଉଦ୍ୟମରେ ପୂର୍ବରୁ ଥିବା ବଙ୍ଗଳା ଡିଜାଇନ୍‌କୁ ଅକ୍ଷୁର୍ଣ୍ଣ ରଖି ଏହାର ଜୀର୍ଣ୍ଣୋଦ୍ଧାର ଆରମ୍ଭ କଲେ । ଆମେ ସେ ହୋଟେଲ୍‌ର ଐତିହାସିକ ମୂଲ୍ୟ ଦୃଷ୍ଟିରୁ ସେଠି ଦୁଇଦିନ ପାଇଁ ହଉ ପଛେ, ସାମାନ୍ୟ ଅଧିକା ଭଡ଼ା ଦେଇ ରହିଲୁ । ଫରାସୀ ଖାଦ୍ୟ, ଫରାସୀ ମଦ୍ୟ ଓ ସୁନ୍ଦରୀ ନାରୀ ପରିଚାରିକା ଥିବା ଏଇ ସ୍ଥାନଟି ସତରେ ଅପୂର୍ବ ।

ଆଖପାଖରେ ଭାରତୀ ପାର୍କ, ପଣ୍ଡିଚେରୀର ପ୍ରସିଦ୍ଧ ମେଡ଼ିକାଲ କଲେଜ, କାଫେଡେ ଆର୍ଟସେ ପରି ପ୍ରାଚୀନ ଫରାସୀ ରେସ୍ତୋରାଁ ତଥା ଅନେକ ଛୋଟ ବଡ଼ ବୁଟିକ୍ ହୋଟେଲ୍ ଥିଲା । ଅଦୂରରେ ଅରବିନ୍ଦ ଆଶ୍ରମ, ବର ବରାଜ ପେରୁମଲ ମନ୍ଦିର, ଅରୁଲମିଛ ମନାକୁଲା ବିନାୟକ ମନ୍ଦିର, ବେଦପୁରୀଶ୍ୱର ମନ୍ଦିର ଦେଖି ଆସିଲୁ । ପରଦିନ ଆମର ଗସ୍ତ ଥିଲା ସେଠାରୁ ବାରକିଲୋମିଟର ଦୂରରେ ଥିବା ଅରୋଭିଲ୍‌ର ମାତୃମନ୍ଦିର, ପ୍ରେମ, ସମାଧି, ଜ୍ଞାନ ଓ କରୁଣା ଓ ସେବାର ସମ୍ମିଳିତ ରୂପ ଭାବରେ ମାତୃମନ୍ଦିରର ପ୍ରସିଦ୍ଧି ରହିଛି । ପାଖାପାଖି ୧୨୪ ଦେଶର ନାଗରିକ ଏହାର ସୁନ୍ଦର ପରିସରରେ ବାସ କରନ୍ତି । ମାତୃମନ୍ଦିରରେ ଧ୍ୟାନ



କରିବା ପାଇଁ ସକାଳ ଆଠଟା ସୁଦ୍ଧା ସେଠାରେ ପହଞ୍ଚିବାକୁ ହୁଏ । ଆମର ତନ୍ଦ୍ରାଳସ ପିଲା ଓ ସେମାନଙ୍କର ପାପା ଡେରିରେ ଉଠିବାରୁ ଆମେ ସେଠି ପହଞ୍ଚିବା ବେଳକୁ ସେ ସମୟଟି ଅତିକ୍ରାନ୍ତ ହୋଇ ସାରିଥିଲା । ପାଞ୍ଚ କିଲୋମିଟର ବାଟ ଚାଲିଚାଲି ଯାଇକି ସମସ୍ତେ ହାଲିଆ । ଅରୋଭିଲର ପରିସରରେ ମାତୃମନ୍ଦିରକୁ ଯିବାକୁ ଯେଉଁ ପାଞ୍ଚ କିଲୋମିଟର ଚାଲିଲୁ ତାହା କୋଉ ମର୍ତ୍ତ୍ୟର ନନ୍ଦନକାନନ ଠାରୁ ଊଣା ନୁହେଁ । ଫୁଲଗଛ, ଫଳଗଛ ସହ ଧାଡ଼ିଧାଡ଼ି ଔଷଧୀୟ ଗୁଳ୍ମଲତାର ସମ୍ଭାର । ଆଉ ଶାଖା ପ୍ରଶାଖା ମେଲାଇଥିବା କେତେ ଶତାବ୍ଦୀତଳର ବିଶାଳ ବଟବୃକ୍ଷ ।

ସେଠି ମୋର ପିଲାଦିନେ ପଢ଼ିଥିବା 'ଜହ୍ନମାମୁ'ର 'ବିକ୍ରମବେତାଳ' ବର୍ଣ୍ଣିତ ଅରଣ୍ୟ ମନେପଡ଼ିଲା । ମନୋଜ ଦାସଙ୍କ ପୁଣ୍ୟ ପବିତ୍ର ସ୍ମୃତିବିଜଡ଼ିତ ଅରୋଭିଲ୍‌ରେ ଓଡ଼ିଆଲୋକ, ଲେଖକ, ପାଠକ, ସାଧକ କିଏ ବା ଅଭିଭୂତ ନହେବ !

ଫେରିବା ବେଳେ ଅନେକ ଫଟୋ ଉଠାଇଲୁ ଓ ଶ୍ରୀ ଅରବିନ୍ଦଙ୍କ ଫଟୋ ଓ ବହି କିଣିଲୁ । ପରଦିନ ଆମର ଚିଦାମ୍ବରମ ଗସ୍ତ ପାଇଁ ବନ୍ଦୋବସ୍ତ ହୋଇଥିଲା ।

ଚିଦାମ୍ବରମ୍‌ର ପ୍ରସିଦ୍ଧ ଶିବ ନଟରାଜ ମନ୍ଦିରରେ ଜଳାଭିଷେକ, ଦୁଗ୍ଧାଭିଷେକ, ରୁଦ୍ରାଭିଷେକ କରେଇବା ପାଇଁ ପଣ୍ଡିତ ମହାଶୟଙ୍କୁ କହି ରଖିଥିଲୁ । ତଦନୁଯାୟୀ ପ୍ରଭୁ ନଟରାଜଙ୍କ ଦର୍ଶନ, ଭଜନ, ପରିକ୍ରମା, ସଂକଳ୍ପ, ଅନୁଷ୍ଠାନ, ପୂଜନ ସମ୍ପନ୍ନ ହେଲା । ପ୍ରଭୁଙ୍କ ଲାଗିମାଳ ଓ ଅଙ୍ଗବସ୍ତ୍ରମ୍ ଦେଲେ ପଣ୍ଡିତ ମହାଶୟ । ଦକ୍ଷିଣା ଦେଇ ଆମମାନଙ୍କ ନାମଗୋତ୍ର ଲେଖି ଫେରିଲୁ । ଶିବ ନଟରାଜ ରୂପରେ ପୂଜିତ । ଗୋଟେ ନୀଳକାନ୍ତ ମଣି ପିନ୍ଧା ଦେଢ଼ଫୁଟ ଉଚ୍ଚ ମୂର୍ତ୍ତିରୁ ଦିବ୍ୟତେଜ ବାହାରୁଥିଲା । ନୃତ୍ୟରାଜ ନଟରାଜ ଶିବଙ୍କର ଏହି ମନ୍ଦିରଟି ଚାରିଗୋଟି ସୁଦୃଶ୍ୟ ତୋରଣ ବା





ଗୋପପୁର ଦ୍ୱାରରେ ସଜ୍ଜିତ ଥିଲାଇ ନଟରାଜ ମନ୍ଦିରର ପ୍ରତ୍ୟେକଟି କାନ୍ଥରେ ଭରତମୁନିଙ୍କ ରଚିତ ନାଟ୍ୟ ଶାସ୍ତ୍ରର ମୁଦ୍ରା ସବୁ ଖୋଦିତ ହୋଇଅଛି ଏବଂ ଏହି ମନ୍ଦିରଟି ଭାରତନାଟ୍ୟମର ଜନ୍ମସ୍ଥାନ, ଦ୍ରାବିଡ଼ ବାସ୍ତୁକଳା ଓ ନୃତ୍ୟକଳାର ଅପୂର୍ବ ସଙ୍ଗମ ଏଇ ମନ୍ଦିରଟି ଥିଲବନ ବା ଥିଲାଇ ଭାବରେ କଥିତ । ଥିଲାଇ ହେଉଛି ଆର୍ଦ୍ରଭୂମିରେ ଜନ୍ମୁଥିବା ଗଛସବୁ । ଥିଲାଇ ବା ଲୁଣାଗଛର ଜଙ୍ଗଲ ପିଚାବରମ୍ ଅଦୂରରେ ଅବସ୍ଥିତ । ଭଗବାନ ଶିବ ଓ ମାତା ପାର୍ବତୀଙ୍କ ନୃତ୍ୟ ପ୍ରତିଯୋଗିତାର ଦନ୍ତକଥା ବି ଏହି ମନ୍ଦିର ସହ ଜଡ଼ିତ । ଏହିଠାରୁ ମାତ୍ର ପନ୍ଦର କିଲୋମିଟର ଦୂରରେ ଅବସ୍ଥିତ ଏସିଆର ଦ୍ୱିତୀୟ ବୃହତ୍ତମ ଲୁଣାଜଙ୍ଗଲ ବା Mangrove forest ଅବସ୍ଥିତି । ସେଠାରେ ଜୈବ ବିବିଧତା ଦର୍ଶନୀୟ । ଆମେମାନେ ମୋଟରବୋଟ୍ ଯୋଗେ ଏହାର ବ୍ୟାପକ ଅଞ୍ଚଳ ବୁଲିଲୁ । ପିଚାଭରମ୍‌ର ଆର୍ଦ୍ରଭୂମିରେ ପ୍ରଚୁର ଫସଲ ଉପୁଜାଉଥିବା କ୍ଷେତ ବି ରହିଚି । ଫେରିବା ବେଳେ ଖୁବ୍ ପିଜୁଳି କିଣି ଖାଇଖାଇ ଆସିଲୁ ।

ପୁଡୁଚେରୀରୁ ବାହାରିଲା ବେଳକୁ ଓଡ଼ିଆ ସମାଜ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ବି ଦେଖିଲୁ । ଯାପରେ ବାଟରେ ସିରୁସେରି ଠାରେ ମୋ ଝିଅର ଅଫିସ୍‌ରେ ଟିକେ ସମସ୍ତଙ୍କୁ ଦେଖା କରି ଚେନ୍ନାଇ ପହଞ୍ଚିଲୁ ।


ଚେନ୍ନାଇରେ ଆମର ରହଣିସ୍ଥଳ ଲୀଳା ପ୍ୟାଲେସ୍ ହୋଟେଲ୍ । ବିଶାଳ, ଭବ୍ୟ ଇମାରତ୍, ନବମ ମହଲାର ସମୁଦ୍ରମୁହାଁ ସୁଟ୍‌ଟିଏ ଆମମାନଙ୍କ ପାଇଁ ଥିଲା । ପିଲାମାନେ ବିରାଟ କାଚକାନ୍ଥ ସେପଟେ ଫେନିଳ ସମୁଦ୍ର ଦେଖି ଖୁବ୍ ଖୁସି । ଚେନ୍ନାଇକୁ ପୂର୍ବଗୋଲାର୍ଦ୍ଧର ଡେଟ୍ରଏଟ୍ କୁହାଯାଏ ଏହାର ବିଶାଳ ଅଟୋମୋବାଇଲ୍ ଶିଳ୍ପ ଯୋଗୁଁ ତାମିଲ୍ ସିନେମାର ସିଂହଭାଗଟି ଚେନ୍ନାଇରେ ପ୍ରସ୍ତୁତ ହୁଏ । ପରୀକଥାର ସହରରେ ପହଞ୍ଚିଗଲୁ ।

ପରଦିନ ଫୋର୍ଟ ସେଣ୍ଟ ଜର୍ଜକୁ ଗଲୁ । ସରକାରୀ ଅଫିସ୍ ଘେରା ଏଇ ଦୁର୍ଗଟି ଭାରତରେ ଅବସ୍ଥାପିତ ପ୍ରଥମ ଇଂରେଜ ଦୁର୍ଗ । ଏହାର ଇତିହାସ ସପ୍ତଦଶ ଶତାବ୍ଦୀରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସଜୀବ । ଭାରତର ପ୍ରଥମ ରାଷ୍ଟ୍ରୀୟ ଧ୍ୱଜାଟି ଏହାର ତୃତୀୟ ମହଲାରେ ସଂରକ୍ଷିତ ହୋଇ ରହିଛି । କିନ୍ତୁ ପୁନରୁଦ୍ଧାର କାର୍ଯ୍ୟ ଯୋଗୁଁ ଆମେ ସେଠିକି ଯାଇ ପାରିଲୁନି ଫୋର୍ଟ ସେଣ୍ଟ ଜର୍ଜରେ ରବର୍ଟ କ୍ଲାଇଭ୍‌ଙ୍କ ଠାରୁ ଆରମ୍ଭ କରି ଲର୍ଡ଼ ମାଉଣ୍ଟବ୍ୟାଟେନଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବଡ଼ଲାଟଙ୍କ ମୂର୍ତ୍ତି, ଚିତ୍ର ତଥା ଅସ୍ତ୍ରଶସ୍ତ୍ର, ବାସନକୁସନ, ଗୋଳାବାରୁଦ, ମୁଦ୍ରା, ନଥିପତ୍ର ସବୁକିଛି ସୁସଜ୍ଜିତ ହୋଇ ରହିଛି । ଦେଖୁଦେଖୁ ଦିନ ଗଡ଼ିଗଲା । ପାଖରେ ଥିବା ବିବେକାନନ୍ଦ ମେମୋରିଆଲ୍‌କୁ ଗଲୁ, ମରିନା ବିଚ୍‌ରେ ସୂର୍ଯ୍ୟାସ୍ତ ଦେଖିଲୁ । ପରଦିନ ପୋଲିସ୍ ମ୍ୟୁଜିୟମ୍, ପାର୍ଥସାରଥୀ ମନ୍ଦିର, କପାଳେଶ୍ୱର ମନ୍ଦିର, ରୁକ୍ମିଣୀ ମାଧବ ମନ୍ଦିର ଦର୍ଶନ କରି ଟିକେ ବଜାର ବୁଲି ବାହାରିଲୁ । କେତେ ଖଣ୍ଡ ସୁନ୍ଦର ଶାଢ଼ି କିଣିଲି 'ନଲ୍ଲୀ'ରୁ ତାପରେ ହୋଟେଲ ଫେରି ଆସି ଚେକ୍ ଆଉଟ୍ କଲୁ । ରାତି ଆଠଟାରେ ଫ୍ଲାଇଟ୍ ଥିଲା । ଜାତୀୟ ପତାକା ଦେଖି ନପାରିବାର ଗ୍ଲାନିରେ ଗୋଟେ କବିତା ସେଇ ଉଡ଼ାଜାହାଜରେ ବସି ଲେଖିଲି । ବାଇଶ ତାରିଖରେ ଆମେ ଆସିଲୁ ଓ ସେ କବିତାଟି ତେଇଶ୍ ତାରିଖ ଦିନ ଭୁବନେଶ୍ୱର 'ଦୂରଦର୍ଶନ କେନ୍ଦ୍ର'ରେ ପଢ଼ିଲି । ଚେନ୍ନାଇ ଆଉଥରେ ଯିବି । ତାଞ୍ଜାଭୁର୍, ମଦୁରାଇ, ନାଗପଟ୍ଟନମ୍ ଆହୁରି କେତେ ଜାଗା ଅଛି ବୁଲିବାକୁ ।





**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

# ସୌନ୍ଦର୍ଯ୍ୟର



# ସଖା : ସିକ୍କିମ୍



# ଉତ୍ତର-ପୂର୍ବାଞ୍ଚଳର ରାଣୀ ସୁନ୍ଦରୀ ସିକିମ୍


**ଜୟନ୍ତ ଶେଠ୍**
ପ୍ଲଟ୍ ନଂ- ୧୧୩୪, ପଞ୍ଚମ ଗଳି,
ଏୟାରପୋର୍ଟ ଏରିଆ,
ଭୁବନେଶ୍ୱର-୭୫୧୦୨୦
ଫୋନ: ୭୦୦୮୭୭୩୫୪୪

ଫଟୋ ସୌଜନ୍ୟ : ଲେଖକ

ଯଦିଓ ଉତ୍ତରପୂର୍ବାଞ୍ଚଳର ସାତ ଭଉଣୀ (ମିଜୋରାମ, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା, ଅରୁଣାଚଳ ପ୍ରଦେଶ ଓ ନାଗାଲ୍ୟାଣ୍ଡ)ଙ୍କ ମଧ୍ୟରେ ସିକିମ୍ ଅନ୍ତର୍ଭୁକ୍ତ ନୁହେଁ, ଏବଂ ଏହାକୁ କେହି କେହି ସାତ ଭଉଣୀଙ୍କ ଭାଇ ବୋଲି କହିଥାନ୍ତି, କିନ୍ତୁ ମୋ' ପାଇଁ ସିକିମ୍ ହେଉଛି ଅପରୂପା ସୁନ୍ଦରୀ । ଏହା ଏଭଳି ରାଜ୍ୟ ଯେଉଁଠି ମଣିଷମାନେ ପ୍ରକୃତି ମନସ୍କ, ଯେଉଁଠି ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ସଂସ୍କୃତିର ଝଲକକୁ ଅନୁଭବ କରିହୁଏ । ସିକିମ୍ ହେଉଛି ଅନେକ ସ୍ୱାତନ୍ତ୍ର୍ୟର ସମାହାର । କାହିଁକି କେଜାଣି ଏଥର ହଠାତ୍ ସିକିମ୍ ଯିବା ପାଇଁ ଇଚ୍ଛା ହେଲା । ବହୁତ କିଛି ଶୁଣିଥିଲି, ପଢ଼ିଥିଲି ସତେ ଯେମିତି ଲାସ୍ୟମୟୀ ସିକିମ୍ ଆହ୍ୱାନ କଲା ଥରେ ତା'ମାଟିରେ ପାଦ ପକେଇବା ପାଇଁ ।

ସିକିମ୍‌ରେ ପହଞ୍ଚିବା ପାଇଁ ରେଳପଥ ଓ ଆକାଶପଥରେ ନିଉ ଜଲପାଇଗୁଡ଼ି (ସିଲିଗୁଡ଼ି)ରେ ପହଞ୍ଚିବାକୁ ହୁଏ । ତା'ପରେ କାର୍ କିମ୍ବା ବସ୍‌ରେ ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକ୍‌ରେ ପହଞ୍ଚିବାକୁ ପଡ଼େ । ଅଫିସ୍‌ରୁ ଛୁଟି ମିଳିବାରେ ବିଳମ୍ବ ହେତୁ, ଏବଂ ମାର୍ଚ୍ଚ ମାସରୁ ଉତ୍ତର ପୂର୍ବାଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ପିକ୍‌ସିଜିନ୍ ଆରମ୍ଭ ହେଉଥିବାରୁ ଟ୍ରେନ୍‌ରେ ରିଜର୍ଭେସନ୍ ମିଳିଲା ନାହିଁ, ତେବେ ଭଲ ଦରରେ ଭୁବନେଶ୍ୱରରୁ ବାଗଡୋଗ୍ରା (ଭାୟା-କୋଲକାତା) ଯିବା ଆସିବା ଫ୍ଲାଇଟ୍ ଟିକେଟ୍ ମିଳିଗଲା । ଏଥର କିନ୍ତୁ ମୋର ଯାତ୍ରା ଥିଲା ଏକାକୀ ବା ସୋଲୋ ଟ୍ରାଭେଲ୍ । ସୋଲୋ ବା ଏକାକୀ ବୁଲିବା ବ୍ୟାକ୍‌ପ୍ୟାକ୍ ଟ୍ରାଭେଲିଂର ଏକ ସ୍ୱତନ୍ତ୍ର ଦିଗ ।ଏକାକୀ ବୁଲିବାର ଅନୁଭବ ନିଆରା ଏବଂ ଏଥିରେ ଅନେକ ଫାଇଦା ବି ଅଛି । ଏ ବର୍ଷ (୨୦୨୨)ର ଯାତ୍ରା ସ୍ଥିର ହେଲା ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ । ଯାତ୍ରା ସୂଚୀରେ ଉତ୍ତର ସିକିମ୍‌ର ୟୁମ୍‌ଥ୍ୟାଙ୍ଗ୍ ଭ୍ୟାଲି, ଗୁରୁ ଡୋଙ୍ଗମା ହ୍ରଦ ପୁଣି ପୂର୍ବସିକିମର ନାଥୁଲା ପାସ୍, ଚାଙ୍ଗୁହ୍ରଦ ସାମିଲ୍ ଥିଲା । ଭୋର୍ ଚାରିଟାରୁ ବାହାରି ପଡ଼ିଲି ଏୟାରପୋର୍ଟ୍ । ଭୁବନେଶ୍ୱରରୁ ଫ୍ଲାଇଟ୍‌ରେ କୋଲକାତାରେ ପହଞ୍ଚିଲା ବେଳକୁ ସକାଳ ସାଢ଼େ ଛଅଟା । ହାତରେ ପ୍ରଚୁର ସମୟ । ପ୍ରାୟ ପାଞ୍ଚଘଣ୍ଟା । ଚାଲିଲି ଏୟାରପୋର୍ଟ ଲାଉଞ୍ଜ୍‌କୁ । ସେଠାରେ ମୋର ଡେବିଟ୍‌କାର୍ଡ଼ ମାଧ୍ୟମରେ ମାତ୍ର ଦୁଇଟଙ୍କା ବିନିମୟରେ ଲାଉଞ୍ଜ୍‌ରେ ପେଟପୁରା ସକାଳ ଜଳଖିଆ । ଆଉ ତା' ସାଙ୍ଗକୁ ତାଜା ଜୁସ୍ ଗୋଟେ ଗ୍ଲାସ୍ । ଲାଉଞ୍ଜ୍‌ରେ କିଛି ସମୟ ଆରାମଦାୟକ ସୋଫାରେ ଅତିବାହିତ କରିବା ପରେ ନିର୍ଦ୍ଧାରିତ ସମୟ ଫ୍ଲାଇଟ୍‌ରେ ବୋର୍ଡ଼ିଂ ଆରମ୍ଭ ହେଲା । ମାତ୍ର ପଇଁଚାଳିଶ ମିନିଟ୍‌ର ଉଡ଼ାଣ ପରେ ପହଞ୍ଚିଲି ବାଗଡୋଗ୍ରା ଏୟାରପୋର୍ଟରେ । ବାଗଡୋଗ୍ରା ସିଲିଗୁଡ଼ି ଉପକଣ୍ଠରେ ଅବସ୍ଥିତ ଗୋଟିଏ ଛୋଟ ଗାଁ ।

ଏଠାରେ ଥିବା ଏକ ବାୟୁସେନା ଘାଟୀର କିଛି ଅଂଶକୁ ବ୍ୟବସାୟିକ ଭାବେ ଏୟାରପୋର୍ଟ୍ ଭାବେ ବ୍ୟବହାର କରାଯାଏ । ସାଧାରଣତଃ ଗ୍ୟାଙ୍ଗଟକ୍ ଓ ଦାର୍ଜିଲିଂ ଯାଉଥିବା ପର୍ଯ୍ୟଟକ ଫ୍ଲାଇଟ୍‌ରେ ଆସିଲେ ବାଗଡୋଗ୍ରାରେ ପହଞ୍ଚନ୍ତି, ତା'ପରେ ଟ୍ୟାକ୍ସିରେ ଯାଆନ୍ତି । ଠିକ୍ ସେହିପରି ଟ୍ରେନ୍‌ରେ ଆସୁଥିବା ପର୍ଯ୍ୟଟକମାନେ ନିଉ ଜଲପାଇଗୁଡ଼ିରେ ପହଞ୍ଚି ସେଠାରୁ ଟ୍ୟାକ୍ସିରେ ଯାଆନ୍ତି । ଏୟାରପୋର୍ଟ୍ କ୍ୟାଣ୍ଟିନ୍‌ରେ ମଧ୍ୟାହ୍ନଭୋଜନ ଶେଷ କରି ପୂର୍ବରୁ ବୁକ୍ କରିଥିବା ଏକ ଟ୍ୟାକ୍ସିରେ ଚାଲିଲି ଗ୍ୟାଙ୍ଗଟକ୍ (ସୋଲୋ ବା ଏକୁଟିଆ ଯାତ୍ରା କରୁଥିବା ବ୍ୟକ୍ତି ଆରାମଦାୟକ ଯାତ୍ରା ପାଇଁ ଟ୍ୟାକ୍ସିର ଗୋଟିଏ ସିଟ୍ ବୁକ୍ କରିପାରିବେ) । ସମୟ ଅପରାହ୍ନ ପ୍ରାୟ ତିନିଟା । ରାସ୍ତାରେ ଯିବା ବେଳେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଏକ ବିରଳ ସୁଯୋଗ ମିଳିଲା । କେଉଁଠି ପାହାଡ଼ ଉପରେ ପାଇନ୍ ଗଛର ଘଞ୍ଚ ଜଙ୍ଗଲ ତ ଆଉ କେଉଁଠି ପାହାଡ଼ିଆ ଘାଟୀ ରାସ୍ତାର ଶହ ଶହ ଫୁଟ୍ ତଳେ ନାଚି ନାଚି ଯାଉଥିବା ତିସ୍ତା ନଦୀର ଦୃଶ୍ୟ । ପୁଣି ଆଉ କେଉଁଠି ଉତ୍ତର ପୂର୍ବାଞ୍ଚଳର ନିଆରା ଘର ଥିବା ଗାଁ ଦାଣ୍ଡ । ସତରେ ଏଇ ଅଞ୍ଚଳର ମାଟି, ପାଣି ଜଙ୍ଗଲ ସବୁକିଛି ଭିନ୍ନ । ଗ୍ୟାଙ୍ଗଟକ୍ ଆଉ ପ୍ରାୟ ୩୦ କିଲୋମିଟର ଥାଏ, ଚେକ୍‌ପୋଷ୍ଟ୍ ଆସିଲା । ପୋଲିସ୍ ମୋ ଠାରୁ ସିକିମ୍ ଟ୍ରାଭେଲ୍ କାର୍ଡ଼ ନେଇ ଯାଞ୍ଚ କଲେ । (ସିକିମ୍ ଯିବା ପୂର୍ବରୁ ସିକିମ୍ ଟ୍ରାଭେଲ୍ କାର୍ଡ଼, ସଂଗ୍ରହ କରିବା ଜରୁରୀ । ଏଥିପାଇଁ ମାଗଣାରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ।)



ଲେଖକ ଜୟନ୍ତ ଶେଠ୍

ପାଞ୍ଚ ଘଣ୍ଟାର ଯାତ୍ରା ପରେ ପହଞ୍ଚିଲି ଗ୍ୟାଙ୍ଗଟକ୍‌ରେ । ଗାଡ଼ି ସିଧା ନେଇ ପହଞ୍ଚାଇ ଦେଲା ଗ୍ୟାଙ୍ଗଟକ୍‌ର ମହାତ୍ମାଗାନ୍ଧୀ ମାର୍ଗସ୍ଥିତ ବା ହଷ୍ଟେଲ ମେଲୋ ଫେଲୋ ବ୍ୟାକ୍‌ପ୍ୟାକର୍ସରେ । ହଷ୍ଟେଲ୍‌ର ରିସିପ୍‌ସନ୍‌ରେ ହସ ହସ ମୁହଁରେ ସ୍ୱାଗତ କଲେ ଦୁଇ ତିବ୍ବତୀୟ ତରୁଣୀ । ହଷ୍ଟେଲ୍‌ର ପରିବେଶ ଖୁବ୍ ଭଲ ଲାଗିଲା । ଯେଉଁ ରୁମ୍‌ରେ ବେଡ୍ ପାଇଲି, ସେଠାରେ ୪ଟି ବେଡ୍‌ରୁ ମୋ ସହିତ କେବଳ ଜଣେ ପର୍ଯ୍ୟଟକ ରହୁଥିଲେ । ଅନ୍ୟ ଦୁଇଟି ଖାଲି ଥିଲା । ପରିଷ୍କାର, ପରିଚ୍ଛନ୍ନ ଓ ରୁଚିପୂର୍ଣ୍ଣ, ରାତିକୁ ବେଡ୍ ପିଛା ଭଡ଼ା ୭୦୦ଟଙ୍କା, ତାହା ପୁଣି ଗ୍ୟାଙ୍ଗଟକ୍‌ର କେନ୍ଦ୍ରସ୍ଥଳରେ । ଅବଶ୍ୟ ମୋ ପାଇଁ ଏହା ଥିଲା ମହଙ୍ଗା, କାରଣ ରଷିଆରେ ମାତ୍ର ୪୦୦ଟଙ୍କାରେ ହଷ୍ଟେଲ୍‌ରେ ରହିଥିଲି । ମୁହଁ ହାତ ଧୋଇ ସାରି ହଷ୍ଟେଲ ଛାତ ଉପରେ ଥିବା ସମ୍ମିଳନୀ କକ୍ଷକୁ ଯାଇ କିଛି ସମୟ ବସିଲି ।

ସେଠାରେ ଥିଲା ଏକ ଭିନ୍ନ ପରିବେଶ । ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟାକ୍‌ପ୍ୟାକର୍ ଯୁବକ-ଯୁବତୀମାନେ ତାସ୍ ଖେଳୁଥାନ୍ତି, ଆଉ କିଛି ଯୁବକ-ଯୁବତୀ ଖୁସି ଗପରେ ମାତିଥାନ୍ତି । ଜଣେ କିଏ ଗୀଟାର ବଜାଇ ଗୀତ ବୋଲୁଥାନ୍ତି । ଗୀତର ତାଳେ ତାଳେ ଗୋଟିଏ ବ୍ୟାକ୍ ପ୍ୟାକର୍ ଯୁବକଯୁବତୀ ନାଚୁଥାନ୍ତି । ଖୁବ୍ ଚମତ୍କାର ପରିବେଶ । ସମସ୍ତେ ନିଜ ନିଜ ଢଙ୍ଗରେ ସେଦିନର ସନ୍ଧ୍ୟାକୁ ଉପଭୋଗ କରୁଥାନ୍ତି । ମତେ ଏକୁଟିଆ ବସିଥିବାର ଦେଖି ପ୍ରାୟ ପଚାଶ ବର୍ଷ ବୟସ୍କ ଜଣେ ଭଦ୍ରବ୍ୟକ୍ତି ମୋର ପରିଚୟ, କେଉଁଠାରୁ ଆସିଛି, ଜାଣିବାକୁ ଚାହିଁଲେ । ତାଙ୍କ ନାଁ ଡେଙ୍ଗ୍‌ଜୋପା । ସିଏ ମେଲୋଫେଲୋ ହଷ୍ଟେଲ୍‌ର ମାଲିକ ।

ବ୍ୟାକ୍‌ପ୍ୟାକ୍‌ର୍‌ମାନଙ୍କୁ ଭାରି ଭଲ ପାଆନ୍ତି । ମୁଁ ଓଡ଼ିଶାରୁ ଆସିଛି ଜାଣି ଖୁବ୍ ଖୁସି ହେଲେ । ଆଉ ଜଣେ ଯୁବକଙ୍କ ସହ ପରିଚୟ କରାଇ ଦେଲେ । ତାଙ୍କ ନାଁ **ସୁଗାତ ଶତପଥୀ** ସେ ଜଣେ ଓଡ଼ିଆ । ଘର-ଭୁବନେଶ୍ୱର । ସୁଗାତ ଜଣେ ବାଇକ୍ ପ୍ରେମୀ ଓ ଭୁବନେଶ୍ୱରର ଜଣାଶୁଣା ରେଷ୍ଟୁରାଣ୍ଟ୍ ଚେନ୍ ବିରିଆନି ବକ୍ସର । ସିଏ ସାରା ଭାରତବର୍ଷ, ନେପାଳ, ଭୁଟାନ୍ ବାଇକ୍‌ରେ ବୁଲି ସାରିଛନ୍ତି । ଗ୍ୟାଙ୍ଗ୍‌ଟକ୍‌ରେ ଗତ ଫେବୃଆରୀ ମାସରୁ ଅଛନ୍ତି । ଏଠାରେ ୧୫ଟି ବାଇକ୍ କିଣି ପର୍ଯ୍ୟଟକମାନଙ୍କୁ ଭଡ଼ାରେ ଯୋଗାଇବା ବ୍ୟବସାୟ ଆରମ୍ଭ କରିଛନ୍ତି । ଆଉ କର୍ପା ହେଉଛନ୍ତି ତାଙ୍କ ବ୍ୟବସାୟିକ ପାର୍ଟନର୍ । ଗ୍ୟାଙ୍ଗ୍‌ଟକରେ ବ୍ୟବସାୟ ଠିକ୍ ଠାକ୍ ଚାଲିବା ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ଛ'ସାତମାସ ପର୍ଯ୍ୟନ୍ତ ସେ ରହିବେ । ତାଙ୍କ ଠାରୁ ବିଭିନ୍ନ ଭ୍ରମଣ ଅନୁଭୂତି ଓ ଅଭିଜ୍ଞତା ମୂଳକ କିଛି ଘଟଣା ବାବଦରେ ଜାଣିବା ପରେ ଚମତ୍କୃତ ହେଲି । ବାସ୍ତବିକ ସୁଗାତଙ୍କ କାହାଣୀ ଯେମିତି ପ୍ରେରଣାଦାୟକ ସେମିତି ଆମୋଦଦାୟକ ମଧ୍ୟ । ଦୁଇ ପର୍ଯ୍ୟଟନ ପ୍ରେମୀଙ୍କ ସହ କିଛି ସମୟ ବିତେଇବା ପରେ ଚାଲିଲି ଗ୍ୟାଙ୍ଗ୍‌ଟକ୍‌ର ମହାତ୍ମାଗାନ୍ଧୀ ମାର୍ଗ । ଗ୍ୟାଙ୍ଗ୍‌ଟକ୍ ସହର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହା ପ୍ରମୁଖ ବ୍ୟବସାୟିକ ଅଞ୍ଚଳ । ଖୁବ୍ ସୁନ୍ଦର, ସୁସଜ୍ଜିତ ଓ ଖୁବ୍ ପରିଷ୍କାର ସନ୍ଧ୍ୟା ସମୟକୁ ଅତିବାହିତ କରିବା ପାଇଁ ପର୍ଯ୍ୟଟକମାନଙ୍କର ପ୍ରିୟ ସ୍ଥାନ ହେଉଛି ମହାତ୍ମା ଗାନ୍ଧୀ ମାର୍ଗ । ରାସ୍ତାର ଦୁଇ ପାଖରେ ବିଭିନ୍ନ ଜିନିଷର ଦୋକାନ ରେଷ୍ଟୁରାଣ୍ଟ୍ । ସବୁଠୁ ବେଶି ଭିଡ଼ ଜମୁଥାଏ ଉପହାର ଦୋକାନ ଗୁଡ଼ିକରେ । ଭିତରୁ ଭାସି ଆସୁଥାଏ ପାଶ୍ଚାତ୍ୟ ସଂଗୀତର ଧାରା । ପୁଣି ନୂଆ କଥା ଦେଖିଲି । କ୍ୟାସିନୋ ବା ଜୁଆ ଖେଳ ଘର । ଭାରତ ସରକାର ପର୍ଯ୍ୟଟନକୁ ଦୃଷ୍ଟିରେ ରଖି ଗୋଆ, ଡାମନ୍ ଓ ସିକିମ୍‌ରେ ଜୁଆଖେଳକୁ ଆଇନ୍ ଅନୁଯାୟୀ ଅନୁମତି ପ୍ରଦାନ କରିଛନ୍ତି । ତେବେ କ୍ୟାସିନୋର ଏଣ୍ଟ୍ରି ଫି ଶୁଣି ମୁଣ୍ଡରେ ହାତ ଦେଇ ସେଠାରୁ ପଳାୟନ କଲି । ସାଧାରଣ ବଗିର କ୍ୟାସିନୋର ଏଣ୍ଟ୍ରି ଫି ହେଉଛି ୪ହଜାର ଟଙ୍କା । ତେବେ ଷ୍ଟାର୍ ହୋଟେଲ୍ କ୍ୟାସିନୋର ଏଣ୍ଟ୍ରି ଫି କେତେ ହୋଇଥିବ ଅନୁମାନ କରନ୍ତୁ । ରାତି ଆଠଟା ବାଜିବାକୁ ଯାଉଥିଲା । ନେପାଳି ରେଷ୍ଟୁରାଣ୍ଟ 'ନିମ୍‌ଫୋ'କୁ ପ୍ରବେଶ





କଲି ରାତ୍ରୀ ଭୋଜନ ପାଇଁ । ବହୁତ ଶୁଣିଥିଲି 'ନିମ୍‌ଫୋ' ସଂପର୍କରେ । ସାଧାରଣ ନେପାଳି ନିରାମିଷ ଥାଳି ମଗାଇଲି । କଂସାଥାଳିରେ ବଢ଼ା ହେଲା ବିଭିନ୍ନ ପ୍ରକାରର ନେପାଳି ବ୍ୟଞ୍ଜନ । କେବଳ ଭାତ ଓ କାନ୍ଦୁଲ ଡାଲିକୁ ବାଦ୍ ଦେଲେ ମୋ' ପାଇଁ ସବୁ ଥିଲା ନୂଆ ଖାଦ୍ୟ । ବିଭିନ୍ନ ପ୍ରକାର ପରିବାକୁ ନେଇ ତିନି ପ୍ରକାରର ତରକାରୀ । ତେଲ ମସଲା ଖୁବ୍ କମ୍, ସ୍ୱାସ୍ଥ୍ୟକର ଏବଂ ସୁସ୍ୱାଦୁ ମଧ୍ୟ । ଏହାକୁ ନେପାଳୀ ଥାକାଲି ଥାଳି କୁହାଯାଏ । ରେଷ୍ଟୁରାଣ୍ଟ୍‌ରେ ଏହାର ମୂଲ୍ୟ ୨୫୦ଟଙ୍କା । ସାଧାରଣତଃ ସିକିମରେ ଖାଦ୍ୟର ଦର ଅଧିକ । କାରଣ ଏଠାରେ ଖୁବ୍ କମ୍ ପରିମାଣର ପନିପରିବା ଉତ୍ପାଦିତ ହୁଏ ଏବଂ ତାହା ବି ପୁଣି ଜୈବିକ କୃଷି ଭିତ୍ତିରେ । ସାର, କୀଟନାଶକ ଦିଆ, ହାଇବ୍ରିଡ୍ ଶସ୍ୟ ଚାଷ କରିବା ପୂର୍ଣ୍ଣ ନିଷିଦ୍ଧ । ରାତ୍ରୀ ଭୋଜନ ଶେଷରେ ଫେରିଲି ହଷ୍ଟେଲ୍‌କୁ । ତାପମାତ୍ରା ଥାଏ ୧୧ ଡିଗ୍ରୀ । ରେଜେଇ ଭିତରେ ଖୁବ୍ ଶୀଘ୍ର ନିଦ ଆସିଗଲା ।

ପରଦିନ ସକାଳୁ ଯିବାର ଥିଲା ଉତ୍ତର ସିକିମ୍ ଅଭିମୁଖେ । ଏଥିପାଇଁ ମୁଁ ଦୁଇ ରାତି ତିନିଦିନିଆ ପ୍ୟାକେଜ୍ ବୁକ୍ କରିଥିଲି ଟ୍ରାଭେଲ୍ ଏଜେଣ୍ଟ ଏଲିନା ଲିମ୍ବୋଙ୍କ ମାଧ୍ୟମରେ । (ଜଣଙ୍କ ସହ ଯିବା ଆସିବା, ଦୁଇରାତି ରହଣି ଓ ଖାଦ୍ୟପେୟକୁ ମିଶାଇ ଜଣ ପିଛା ଖର୍ଚ୍ଚ ୩ହଜାର ଟଙ୍କା ଅଫ୍ ସିଜିନରେ ମିଳିଯାଏ) । ସିକିମର ପର୍ଯ୍ୟଟନ ବ୍ୟବସ୍ଥିତ ଓ ରାଜ୍ୟ ସରକାରଙ୍କ ଦ୍ୱାରା ସୁପରିଚାଳିତ । ଏଣୁ ଆପଣଙ୍କୁ ଯାହା ହେଲେ ବି ଟ୍ରାଭେଲ ଏଜେଣ୍ଟଙ୍କ ସହାୟତା ନେବାକୁ ପଡ଼ିବ । ଏଠାରେ ପର୍ଯ୍ୟଟନ କ୍ଷେତ୍ର ସରକାରଙ୍କର ସଂପୂର୍ଣ୍ଣ ନିୟନ୍ତ୍ରଣରେ ଥିବାରୁ ଏଜେଣ୍ଟମାନେ ପ୍ରାୟ କେହି ଅଧିକ ମୂଲ୍ୟ ନିଅନ୍ତି ନାହିଁ କିମ୍ବା ପର୍ଯ୍ୟଟକମାନଙ୍କୁ ହଇରାଣ ହରକତ କରନ୍ତି ନାହିଁ । ସିକିମର ଅଧିବାସୀ ଭଦ୍ର, ମିଷ୍ଟଭାଷୀ, ସଙ୍କୋଚ ଏବଂ ପରିଶ୍ରମୀ । ସମସ୍ତେ ନିଜ ରାଜ୍ୟକୁ ଭଲପାଆନ୍ତି ଏବଂ ପରିବେଶର ଯତ୍ନ ନିଅନ୍ତି ।

ସିକିମ୍‌ର ପ୍ରତି ପରିବାରର କେହିନା କେହି ସଦସ୍ୟ ନିଶ୍ଚିତ ରୂପେ ପର୍ଯ୍ୟଟନ ଶିଳ୍ପ ସହ ସିଧାସଳଖ ସଂପୃକ୍ତ । ସକାଳ ୧୧ଟାରେ ଆରମ୍ଭ ହେଲା ଉତ୍ତର ସିକିମ୍ ଜିଲ୍ଲାର ଲାଚୁଙ୍ଗ୍ ସହର ଯାତ୍ରା । ଗ୍ୟାଙ୍ଗ୍‌ଟକ୍‌ରୁ ଲାଚୁଙ୍ଗ୍‌ର ଦୂରତା ପ୍ରାୟ ୧୨୦ କିଲୋମିଟର । ବିପଦ ସଂକୁଳ ପାହାଡ଼ି ରାସ୍ତା ଦେଇ ଆମ ଗାଡ଼ି ଚାଲିଥାଏ । ଯେଉଁଠି ରାସ୍ତାର ପ୍ରାୟ ୧୦୦୦ ଫୁଟ୍ ତଳେ ଉପତ୍ୟକା ପାହାଡ଼ିଆ ଗାଁ ପୁଣି କେଉଁଠି ଘଞ୍ଚ ମାଇନ୍ ଜଙ୍ଗଲ । ଯେତେ ଆଗକୁ ଯାଉଥାଉ, ତାପମାତ୍ରା ସେତେ କମି କମି ଯାଉଥାଏ । ବାଟ ସାରା ରହି ରହି ପ୍ରାୟ ୫/୬ଟି ଜଳପ୍ରପାତ ଦେଖିବାର ସୁଯୋଗ ମିଳିଲା । ସବୁ ଜଳପ୍ରପାତର ଉଚ୍ଚତା ଖୁବ୍ ଅଧିକ ଆଉ ଦେଖିବାକୁ ଭିନ୍ନ ମଧ୍ୟ । ମଧ୍ୟାହ୍ନ ଭୋଜନ ପାଇଁ ଘଡ଼ିଏ ଅଟକିଲୁ ଛୋଟ ଏକ ସହରରେ । ଗୋଟିଏ ଛୋଟ ହୋଟେଲରେ ଖାଇବା ବ୍ୟବସ୍ଥା କରା ଯାଇଥିଲା । ଭାତ, ମସୁର ଡାଲି, ଚିକେନ ଝୋଳ ଓ ଆଳୁଭଜା । ଖାଦ୍ୟର ପରିମାଣ କମ୍,

କିନ୍ତୁ ସୁସ୍ୱାଦୁ ଥିଲା । ୧୨୦ କିଲୋମିଟର ଦୂର ଯାତ୍ରା କରିବା ପରେ ଲାଚୁଙ୍ଗ୍‌ରେ ପହଞ୍ଚିବା ବେଳକୁ ରାତି ଆଠଟା । ଗାଡ଼ିରୁ ବାହାରିବା ବେଳକୁ ପ୍ରବଳ ଥଣ୍ଡାରେ ଗୋଡ଼ହାତ କୋଳ ମାରି ଯାଉଥାଏ । ତାପମାତ୍ରା ଥିଲା ସାତ ଡିଗ୍ରୀ ସେଲ୍‌ସିଅସ୍ । ହୋଟେଲ୍ ରୁମ୍‌ରେ ଚେକ୍‌ଇନ୍ କରି ଗରମ ପାଣିରେ ଧୁଆଧୋଇ ହୋଇ ଡାଇନିଙ୍ଗ୍ ହଲ୍‌ରେ ଏକାଠି ହେଲୁ । ଏତେ ଶୀତ ଯେ ହାତରେ ଗ୍ଲୋଭ୍‌ସ୍, ଗୋଡ଼ରେ ମୋଜା ପିନ୍ଧିବାକୁ ପଡ଼ିଲା । ଆଉ ଦେହହାତ ବଡ଼ି୍ୱାର୍ମର, ପ୍ୟାଣ୍ଟ-ସାର୍ଟ, ସ୍ୱେଟର୍ ଆଉ ତା ଉପରେ ଜ୍ୟାକେଟ୍ । ଏମିତି ଚାରିସ୍ତରର ପୋଷାକ । ମୋ ସହିତ ଥିଲେ ତିନୋଟି ବଙ୍ଗୀୟ ଦମ୍ପତ୍ତି । ସକାଳ ୧୧ଟା ପୂର୍ବରୁ ସମସ୍ତେ ପରସ୍ପରକୁ ଚିହ୍ନିନଥିଲୁ, କିନ୍ତୁ ୯ଘଣ୍ଟାର ଯାତ୍ରା ପରେ ମନେ ହେଉଥିଲା ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ହସ ଖୁସି ଥଟ୍ଟାମଜା ଚାଲିଥାଏ । ଗରମ୍ ଭାତ, ରୁଟି, ବହଳିଆ ଡାଲି ଆଉ ଅଣ୍ଡା ତରକାରୀ ବଢ଼ା ହେଲା । ୯ଘଣ୍ଟାର ଯାତ୍ରା ପରେ ଏଇ ଖାଦ୍ୟ ଅମୃତ ମଣୋହି ପରି ଅନୁଭୂତ ହେଲା । ଖାଇ ସାରିବା ପରେ ହୋଟେଲ ରୁମ୍‌ରେ ମୋଟା ରେଜେଇ ଓ କମ୍ବଳ ଭିତରେ ହଜିଗଲି ନିଦ ମାଉସୀଙ୍କ କୋଳରେ ।

ମୋବାଇଲ ଫୋନ ଆଲାର୍ମରେ ନିଦ ଭାଙ୍ଗିଲା ଠିକ୍ ରାତି ଚାରିଟାରେ । ତରବର ହୋଇ ନିତ୍ୟକର୍ମ ଶେଷ କରି ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ଦେଖିଲି ଅନ୍ୟ ସହଯାତ୍ରୀମାନେ ଫୁଲ୍ ରେଡି । ବାହାରେ ପ୍ରବଳ ଥଣ୍ଡା । ଦାନ୍ତକୁ ଦାନ୍ତ ଠକ୍ ଠକ୍ ହୋଇ ବାଜୁଥାଏ । ବଡ଼ି ଭୋର୍‌ରୁ ଲାଚୁଙ୍ଗ୍ ନିକଟରେ ଥିବା କାଟାଓକୁ ଯିବାର ଥିଲା ସୂର୍ଯ୍ୟୋଦୟ ଦେଖିବା ପାଇଁ । 'କାଟାଓ' ହେଉଛି ସିକିମ୍‌ର ଏକ ଉଚ୍ଚ ଶୃଙ୍ଗ । ଗାଡ଼ି ଚାଲିଲା ପାହାଡ଼ିଆ ରାସ୍ତାରେ । 'କାଟାଓ' ନିକଟରେ ପହଞ୍ଚିବା ବେଳକୁ ଆକାଶ ଫର୍ଚ୍ଚା ହୋଇ ଆସୁଥାଏ । ସମୁଦ୍ର ପତ୍ତନ ଠାରୁ ୮ହଜାର ଫୁଟ୍ ଉଚ୍ଚରେ ଠିଆ ହେଲା ବେଳକୁ ଶ୍ୱାସକ୍ରିୟାରେ ସାମାନ୍ୟ ଅସୁବିଧା ଅନୁଭୂତ ହେଉଥାଏ । କିନ୍ତୁ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଲା, ତାହା କେବେ ଭୁଲି ହେବ ନାହିଁ । 'କାଟାଓ' ପର୍ବତର ବରଫ ଆଚ୍ଛାଦିତ ଶିଖରରେ ଉଦିତ ସୂର୍ଯ୍ୟଙ୍କର କିରଣ ପଡ଼ି ଏକ ସ୍ୱର୍ଣ୍ଣାଭ ଦୃଶ୍ୟ ସୃଷ୍ଟି କରୁଥାଏ । ସାଥିରେ ଥିବା ଗ୍ରୁପର ଅନ୍ୟ ସହଯାତ୍ରୀମାନେ ଫଟୋ ଉଠାଇବାରେ ବ୍ୟସ୍ତ ଥାନ୍ତି । କିଛି ବାଟ ଏକୁଟିଆ ଚାଲିଚାଲି ଆଗକୁ ଗଲି । ଦେଖିଲି ଏକ ଅଦ୍ଭୁତ ଦୃଶ୍ୟ । ଗୋଟିଏ ଜଳପ୍ରପାତରୁ ପଡୁଥିବା ପାଣି ଅଧା ବରଫ ପାଲଟି ଯାଇଛି । ବରଫ ପାଲଟି ଯାଇଥିବା ପାଣିଧାର ଲମ୍ବା ଲମ୍ବା ସ୍ତମ୍ଭ ଭଳି ମନେ ହେଉଥାଏ । ଏମିତି ଏକ ସ୍ଥାନର ସୌନ୍ଦର୍ଯ୍ୟରେ କିଛି ସମୟ ହଜିଗଲି । ହଠାତ୍ ଡ୍ରାଇଭରଙ୍କ ଡାକରେ ପ୍ରକୃତିସ୍ଥ ହେଲି । ଏଥର ଫେରିବାର ସମୟ । ପୁଣି ଫେରିଲୁ ହୋଟେଲ୍‌କୁ । ଗାଧୁଆ ପାଧୁଆ ସାରି, ସକାଳ ଖାଦ୍ୟ ଗ୍ରହଣ କରି ପୁଣି ଯାତ୍ରା ଆରମ୍ଭ କଲୁ ଆଉ ଏକ ନୂଆ ସ୍ଥାନକୁ ।

ଆବୁଡ଼ା-ଖାବୁଡ଼ା ପାହାଡ଼ିଆ ରାସ୍ତାରେ ଗାଡ଼ି ଚାଲିଥାଏ । ଅଣ୍ଟା ପିଠି ଦରଜ ହୋଇ ଯାଉଥାଏ । ଏଭଳି ଯାତ୍ରାରେ ଅଭ୍ୟସ୍ତ ନଥିବାରୁ ଅନ୍ୟ ସହଯାତ୍ରୀମାନଙ୍କ ସହ ମୋର ମୋସନ୍ ସିକ୍‌ନେସ୍ ଆରମ୍ଭ ହୋଇଥିଲା । ମୁଣ୍ଡ ଘୂରାଇବା ସାଙ୍ଗକୁ ବାନ୍ତି ଆସିବା ଭଳି ମନେହେଲା । ତେବେ ଯାହା ହେଉ କଷ୍ଟେମଷ୍ଟେ ପ୍ରାୟ ଦୁଇ ଘଣ୍ଟାର ରାସ୍ତା ଯିବା ପରେ ଗାଡ଼ି ରହିଲା । ଗାଡ଼ିରୁ ବାହାରିବା ପରେ ଦେଖିଲି ଆଉ ଏକ ବିଚିତ୍ର ଦୃଶ୍ୟ । ଚାରିଆଡ଼େ ଖାଲି ବରଫ ଆଉ ବରଫ । ପାହାଡ଼ ତ ବରଫ ପାଲଟିଛି, ଆଉ ତା' ସହିତ ରାସ୍ତା ଘାଟରେ ବି ପ୍ରବଳ ବରଫ ଜମି ଯାଇଛି ।

ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେବା ଭଳି ଅନୁଭବ । ଏହି ସ୍ଥାନକୁ ଜିରୋ ପଏଣ୍ଟ କୁହାଯାଏ । ଏଠାରୁ ଭାରତ-ତିବ୍ବତ ସୀମା ମାତ୍ର ୨/୩ କିଲୋମିଟର । ଆଗକୁ ସାଧାରଣ ଲୋକଙ୍କ ଯାତାୟତ ନିଷିଦ୍ଧ ଏବଂ ଏହା ଜନବସତିଶୂନ୍ୟ ଅଞ୍ଚଳ । ସହଯାତ୍ରୀମାନେ ପରସ୍ପରକୁ ବରଫରେ ରଖି, ସେଲ୍‌ଫି ପରେ ସେଲ୍‌ଫି ନେଉଥାନ୍ତି । ମୁଁ ଏକେଲା । ଶ୍ୱେତବସ୍ତ୍ର ପରିହିତା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥାଏ ଖାଲି । ଜିରୋ ପଏଣ୍ଟର ବରଫସ୍ତୂପ ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ବର୍ଷକର ପାଞ୍ଚ ମାସ ଏହା ବନ୍ଦ ଥାଏ । କେବଳ ଏଠାରେ ସେନାର ବଙ୍କର ଓ ଚେକ୍‌ପୋଷ୍ଟ ଥାଏ । ଏହି ଜିରୋ ପଏଣ୍ଟର ଗ୍ଲାସିଅର୍ ହେଉଛି 'ଲାଚୁଙ୍ଗ୍' ନଦୀର ଉତ୍ପତ୍ତି ସ୍ଥଳ । ଯେଉଁ ସ୍ଥାନରେ ବରଫ ତରଳି ନଦୀର ରୂପ ଧାରଣ କରେ । ମାତ୍ର ଅଧଘଣ୍ଟା କି ପଇଁଚାଳିଶ ମିନିଟ୍ ପରେ ସେନା ସୁରକ୍ଷା କର୍ମୀଙ୍କ ତାଗିଦ୍ ପରେ ଫେରି ଆସି ଗାଡ଼ିରେ ବସିଲୁ । ପ୍ରାୟ ଘଣ୍ଟାକର ଯାତ୍ରା ପରେ ପହଞ୍ଚିଲୁ ଆଉ ଏକ ଆକର୍ଷଣୀୟ ସ୍ଥାନରେ । ଉତ୍ତର ସିକିମର ଗର୍ବ ଓ ଗୌରବ ୟୁମ୍ ଥାଙ୍ଗ୍ ଭ୍ୟାଲି । ଚାରିପଟେ ବରଫାବୃତ ପାହାଡ଼ । ମଝିରେ ଢାଲୁ ଅଞ୍ଚଳ । ପୁଣି ବହି ଯାଇଛି ଲାଚୁଙ୍ଗ୍ ନଦୀ । ସ୍ୱର୍ଗୀୟ ପରିବେଶ । ୟୁମ୍‌ଥାଙ୍ଗ୍ ଭ୍ୟାଲିରେ ଦେଖିବାକୁ ମିଳିଲା ମାଟି, ପାହାଡ଼ ଆଉ ବାଦଲମାନଙ୍କର ମିଳିତ ନୃତ୍ୟ । ଚାରିଆଡ଼େ ଅନୁଭୂତ ହେଉଥାଏ ଏକ ବିଚିତ୍ର ସାଂଗୀତିକତା ।

ନଦୀକୂଳରେ ସ୍ଥାନୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ଲଗାଇଥିବା ଲମ୍ବା ଲମ୍ବା ରଂଗୀନ ପତାକା ସବୁ ପବନରେ ଫରଫର ଉଡୁଥାଏ । ସେଠାରେ ଥଣ୍ଡା ପବନ ମାଡ଼ ଖାଇ କିଛି ସମୟ ବସିବା ପରେ ମନେହେଲା 'ଲାଚୁଙ୍ଗ୍' ନଦୀର କୁଳୁକୁଳୁ ଶବ୍ଦରେ କେମିତି ଏକ ମଧୁର ସଂଗୀତ । ଆଉ ତା ସହିତ ୟୁମ୍‌ଥାଙ୍ଗ୍ ଭ୍ୟାଲିର ନୀରବତା କି ଏକ ଅପୂର୍ବ ପୁଲକ ସୃଷ୍ଟି କରୁଥାଏ । 'ୟୁମ୍‌ଥାଙ୍ଗ୍' ଭ୍ୟାଲିକୁ ଭ୍ୟାଲି ଅଫ୍ ଫ୍ଲାୱାର୍ ମଧ୍ୟ କୁହାଯାଏ । ଯେଉଁଠି ବସନ୍ତ ଋତୁରେ ବିଭିନ୍ନ ରଂଗର ଫୁଲ ଫୁଟି ଖୁବ୍ ସୁନ୍ଦର ଦେଖାଯାଏ । କିନ୍ତୁ ଏ ବର୍ଷ ଏତେ ପରିମାଣରେ ବରଫପାତ ହୋଇଛି ଯେ ମାର୍ଚ୍ଚ ୩୦ ତାରିଖରେ ବି ବେଶି ଫୁଲ ଦେଖିବାକୁ ମିଳିଲା ନାହିଁ । ତଥାପି କିଛି ସୁନ୍ଦର ଫୁଲଙ୍କ ମେଳରେ ଲାଲ୍ ଟହଟହ 'ରେଡ୍ ଡେଡ୍ରନ୍' ଫୁଲ ଏବଂ କିଛି ବିରଳ ଅର୍କିଡ୍ ପ୍ରଜାତିର ଫୁଲ ଦେଖିବାର ସୁଯୋଗ ମିଳିଲା । ଦିନ ଗୋଟାଏ ବାଜିବାକୁ ଯାଉଥିଲା । ଗାଡ଼ିରେ ବସି ଫେରିଲୁ । ଯେହେତୁ ହୋଟେଲ୍‌ରୁ



ଚେକ୍ ଆଉଟ୍ କରି ଲାଚୁଙ୍ଗ୍ ଗାଁରୁ ବାହାରି ଆସିଥିଲୁ । ବାଟରେ ଗୋଟିଏ ଛୋଟ ରେଷ୍ଟୁରାଣ୍ଟରେ ମଧ୍ୟାହ୍ନ ଭୋଜନ ଶେଷ କରି ସଂଧ୍ୟାବେଳକୁ ପହଞ୍ଚିଲୁ ଉତ୍ତର ସିକିମ୍‌ର ଆଉ ଏକ ସୁନ୍ଦର ଗାଁ ଲାଚେନ୍‌ରେ । ସେଠାରେ ପୁଣି ଗୋଟିଏ ହୋଟେଲ୍‌ରେ ଆଶ୍ରୟର ବ୍ୟବସ୍ଥା ।

ସାରାଦିନର ବୁଲାବୁଲି ତା' ସାଙ୍ଗକୁ ମୋସନ୍ ସିକ୍‌ନେସ୍ ଏବଂ ଆଲ୍‌ଟିଚ୍ୟୁଡ୍ ସିକ୍‌ନେସ୍ ଦେହକୁ ଦୁର୍ବଳ କରି ଦେଇଥାଏ । ବାହାରେ ପ୍ରବଳ ଶୀତ । ତାପମାତ୍ରା ୧ ଡିଗ୍ରି ସେଲ୍‌ସିଅସ୍ । ହୋଟେଲ ବା ହୋମ୍‌ଷ୍ଟେର ଡାଇନିଂ ରୁମ୍‌ରେ ରୁଟି, ଡାଲି ଓ ଅଣ୍ଡା ତରକାରୀ ଖାଇ ସାରି ରୁମ୍‌ରେ ରେଜେଇ ଭିତରେ ଶୋଇ ପଡ଼ିଲି ଗଭୀର ନିଦରେ ।

ପରଦିନ ବଡ଼ି ଭୋର୍‌ରୁ ୫ଟା ବେଳକୁ ଡକରା ଆସିଲା । ବାଥ୍‌ରୁମ୍‌ରେ ପାଣି ପୁରା ବରଫ ଭଳି ଥଣ୍ଡା । ଲାଇନ୍ ନଥିବାରୁ ଗିଜର୍ ବି କାମ କରୁନାହିଁ । କୌଣସିମତେ ବ୍ରଶ୍ କରି ବାହାରି ପଡ଼ି ଗାଡ଼ିରେ ବସିଲି । 'ଲାଚେନ୍' ଉତ୍ତର ସିକିମର ଗୋଟିଏ ସୁନ୍ଦର ଗାଁ । ହିମାଳୟ ପାର୍ବତ୍ୟ ଶ୍ରେଣୀରେ ଉଚ୍ଚାଉଚ୍ଚା ପାହାଡ଼ ତଳେ ଧାଡ଼ି ଧାଡ଼ି ହୋଇ ତିବ୍ବତୀୟ ଶୈଳୀରେ ନିର୍ମିତ ହୋଇଛି କାଠର ଘର । କିଛି କିଛି କାଠଘର ବି ଗଢ଼ି ଉଠିଲାଣି । ଏଠାକାର ଗ୍ରାମବାସୀ ମୁଖ୍ୟତଃ ପର୍ଯ୍ୟଟନ, ୟାକ୍ ଓ ଗୋପାଳନ ଉପରେ ନିର୍ଭରଶୀଳ । ଗାଁର ଘର ଗୁଡ଼ିକ ଏଭଳି ଭାବରେ ପାହାଡ଼ିଆ ସ୍ଥାନରେ ରହିଛି ଯେ, ଦୂରରୁ ଖୁବ୍ ସୁନ୍ଦର ଦେଖାଯାଏ ।

ଗାଡ଼ି ଚାଲିଥାଏ । ପ୍ରାୟ ଦୁଇଘଣ୍ଟାର କଠିନ ଯାତ୍ରା (ଏ ଅଞ୍ଚଳରେ ଗାଡ଼ିରେ ଯାତ୍ରା କରିବା ସୁଖକର ନୁହେଁ) ପରେ ପହଞ୍ଚିଲୁ ୟାଥାନ୍ ଭ୍ୟାଲିରେ । ସମୁଦ୍ର ପତ୍ତନ ଠାରୁ ୧୨୦୦୦ ଫୁଟ୍ ଉଚ୍ଚରେ ଏକ ଛକରେ ଗୋଟିଏ ଛୋଟ ହୋଟେଲରେ ଓହ୍ଲାଇଲୁ । ଡ୍ରାଇଭରଙ୍କ ପରାମର୍ଶ ଅନୁଯାୟୀ ସେଠାରେ ହିଁ ସକାଳ ଜଳଖିଆ ଶେଷ କଲୁ । କାରଣ ଆଗରେ କିଛି ମିଳିବାର ସମ୍ଭାବନା ନଥଲା । କିନ୍ତୁ ହାୟ,ଦର ଶୁଣିକି ମୁଣ୍ଡ ଘୁରିଗଲା । ଗୋଟିଏ ପ୍ୟାକେଟ୍ ନୁଡୁଲ୍‌ସର ପ୍ଲେଟ୍ କିମ୍ବା ୪ ପିସ୍ ପାଉଁରୁଟି ସାଙ୍ଗକୁ ଅଳ୍ପ ଟିକିଏ ଜାମ୍‌ର ଦାମ ଷାଠିଏ ଟଙ୍କା । ତେବେ ଯାହାହେଉ, କୌଣସି ପ୍ରକାରେ ଜଳଖିଆ ପର୍ବ ଶେଷ କରି ପୁଣି ଗାଡ଼ିରେ ବସିଲୁ । ରାସ୍ତା ସାରା କଦର୍ଯ୍ୟ ରାସ୍ତାରେ ଯିବା ବେଳେ ଶରୀର ପୀଡ଼ା ହେଉଥାଏ ସତ କିନ୍ତୁ ଗାଡ଼ି ଯେତେ ଆଗକୁ ଆଗକୁ ଚାଲିଥାଏ, ରାସ୍ତା ପାଖର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ସବୁ ପ୍ରକାର ପୀଡ଼ାକୁ ଦୂର କରି ଦେଉଥାଏ । ହଜାର ହଜାର ଫୁଟ୍ ଉଚ୍ଚର ପାହାଡ଼ ଆଉ ତାହା ବି ବରଫାବୃତ । ଏଭଳି ଦୃଶ୍ୟ ଆଉ ଜୀବନରେ କେବେ ଦେଖିବାର ସୁଯୋଗ ପାଇବି କି ନାହିଁ ଜାଣେନା । ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁଥାଏ । ପ୍ରାୟ ଘଣ୍ଟାଏ ପରେ ପହଞ୍ଚିଲୁ କାଲାପଥର୍ ନାମକ ସ୍ଥାନରେ । ଏଠାରେ ପାହାଡ଼ ସବୁ ଦେଖିବାକୁ କଳାରଙ୍ଗର ସେଥିପାଇଁ







ଏହାର ଏପରି ନାମକରଣ କରାଯାଇଛି । କଳା, କଳା ପଥର ଉପରେ ଧଳା ବରଫର ଆସ୍ତରଣ । ଏ ଆଉ ଏକ ସୁନ୍ଦର ଦୃଶ୍ୟ । ଗାଡ଼ି ରହିବା ସ୍ଥାନରୁ ଅନ୍ୟମାନଙ୍କ ସହ ଚାଲି ଚାଲି କିଛି ଦୂର ପର୍ଯ୍ୟନ୍ତ ଗଲି ବରଫ ଉପରେ ପାହାଡ଼ିଆ ରାସ୍ତାରେ । ଏଠାରେ ବର୍ଷ ସାରା ବରଫ ଦେଖିବାକୁ ମିଳେ । ୧୫୦୦୦ଫୁଟ୍ ଉଚ୍ଚରେ ଗୋଟିଏ ମୋଡ଼ରେ ଦେଖିବାକୁ ମିଳିଲା ଏକ ଚମତ୍କାର ଦୃଶ୍ୟ । ପଥର ଶଯ୍ୟାରେ ଅଧା ବରଫ, ଅଧା ପାଣି ଥିବା ଅବସ୍ଥାରେ ଝରଣା ଧାରଟିଏ ପ୍ରବାହିତ ହେଉଛି । ସାଙ୍ଗରେ ଥିବା ଜଣେ ସ୍ଥାନୀୟ ବ୍ୟକ୍ତି କହିଲେ ଏହା ହେଉଛି ଲାଚେନ୍ ନଦୀର ଉତ୍ପତ୍ତିସ୍ଥଳ । ଜିରୋ ପଏଣ୍ଟରୁ ବି ଅଛି ଲାଚୁଙ୍ଗ୍ ନଦୀର ଉତ୍ପତ୍ତି ସ୍ଥଳ । କିନ୍ତୁ ଅନୁମତି ନଥିବାରୁ ତାହା ଦେଖିବା ସମ୍ଭବପର ନଥିଲା । ଲାଚେନ୍ ଓ ଲାଚୁଙ୍ଗ ନଦୀ ଲାଚୁଙ୍ଗ୍ ନିକଟରେ ଏକାଠି ହେବା ପରେ ସୃଷ୍ଟି ହୋଇଛି ତିସ୍ତା ନଦୀ । ପ୍ରାୟ ଘଣ୍ଟାଏ କାଳ କଳାପଥରରେ ବିତେଇ ସାରିବା ପରେ ଆମ ଗାଡ଼ି ଚାଲିଲା ସିକିମର ପ୍ରସିଦ୍ଧ ଗୁରୁ ଡୋଙ୍ଗମାର ହ୍ରଦ ଦିଗରେ । ବାଟସାରା ଖାଲି ସେନାବାହିନୀ ପକ୍ଷରୁ କଡ଼ାକଡ଼ି ଚେକିଂ । ଆବୁଡ଼ା ଖାବୁଡ଼ା ପଥୁରିଆ ରାସ୍ତାର ଅବସ୍ଥା ଏମିତି ଯେ ପୁଣି ମୁଣ୍ଡ ବୁଲେଇବା ସାଙ୍ଗକୁ ବାନ୍ତି ଆସିଲା । ଏଣେ ଗାଡ଼ିର କାଠ ଝରକା ଫାଙ୍କ ଦେଇ ପ୍ରବଳ ଥଣ୍ଡା ପବନ ମାଡ଼ ହେଉଥାଏ । ଏଭଳି ଅବସ୍ଥାରେ ମାତ୍ର ୧୨/୧୫ କିଲୋମିଟର ରାସ୍ତାରେ ପ୍ରାୟ ଘଣ୍ଟାଏ ଧରି ଯିବା ପରେ ପହଞ୍ଚିଲୁ 'ଗୁରୁ ଡୋଙ୍ଗମାର' ହ୍ରଦ କୂଳରେ । ଗାଡ଼ିରୁ ଓହ୍ଲାଇବାରେ ପ୍ରବଳ ଥଣ୍ଡା ପବନର ମାଡ଼କୁ ସହିବାକୁ ପଡ଼ିଲା । କିନ୍ତୁ ଏତେ କଷ୍ଟ ସତ୍ତ୍ୱେ ଯେଉଁ ଦୃଶ୍ୟ ଦେଖିବାକୁ ମିଳିଲା, ତାହା ମନ ଓ ହୃଦୟକୁ ଚହଲେଇ ଦେଲା । ତାହା ଥିଲା ଏମିତି ଏକ ସ୍ୱର୍ଗୀୟ ଅନୁଭବ । ଯାହା କେବେ ଆଗକୁ ଜୀବନରେ ଆସିବ କି ନାହିଁ ତାହା ଜାଣେନା । ଚାରିଆଡ଼େ ବରଫାବୃତ ପାହାଡ଼ ଆଉ ପାହାଡ଼ ତଳେ ଅଧା ବରଫ ପାଲଟିଥିବା ବିଶାଳ ଗୁରୁ ଡୋଙ୍ଗମାର ହ୍ରଦ । ଏଭଳି ଦୃଶ୍ୟକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦର ଅଭାବ ପଡୁଛି । ହ୍ରଦକୂଳର ପାଣି ପାଖକୁ ଯିବା ପାଇଁ ବେଶ୍ ପରିଶ୍ରମ କରିବାକୁ ପଡ଼ିଲା । କାରଣ ହ୍ରଦ ପାହାଡ଼ ତଳେ ଅବସ୍ଥିତ । ପାଣିର ପାଖକୁ ସିନା ପଳେଇଗଲି କିନ୍ତୁ ସେଥିରେ ହାତ ବୁଡ଼ାଇବାକୁ ସାହସ ହେଉ ନଥାଏ । ସ୍ୱଚ୍ଛ ପାଣି ଉପରେ ଧଳା ବରଫର ଆସ୍ତରଣ ସୂର୍ଯ୍ୟଙ୍କ କିରଣରେ ଚକ୍‌ଚକ୍ କରୁଥାଏ ।

ଗୁରୁ ଡୋଙ୍ଗମାର୍ ହ୍ରଦ ଥିବାର ଉଚ୍ଚତମ ହ୍ରଦଗୁଡ଼ିକ ମଧ୍ୟରେ ଅନ୍ୟତମ ଏବଂ ଏହା ୧୭୮୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ । ଏହି ବୌଦ୍ଧ ଶିଖ୍ ଏବଂ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ସ୍ଥାନ । ଏହାକୁ ତୀବ୍‌ବତୀୟ ବୌଦ୍ଧ

ସଂସ୍କୃତିର ପ୍ରତିଷ୍ଠାତା ଗୁରୁ ପଦ୍ମସମ୍ଭବଙ୍କ ନାମରେ ନାମକରଣ କରାଯାଇଛି । ଗ୍ଲାସିୟର୍‌ର ବରଫ ତରଳି ଏହି ହ୍ରଦ ସୃଷ୍ଟି ହୋଇଛି । ଗୁରୁଡୋଙ୍ଗ୍‌ମାର ହ୍ରଦ, ଭାରତ-ତିବ୍‌ବତ(ଚୀନ୍) ସୀମା ଠାରୁ ମାତ୍ର ୫ କିଲୋମିଟର ଦୂରରେ ଅବସ୍ଥିତ । ଶିଖ୍ ଧର୍ମାବଲମ୍ବୀଙ୍କ ମତରେ ଗୁରୁ ନାନକ ଏହି ସ୍ଥାନକୁ ପରିଦର୍ଶନ କରିଥିଲେ । କେବଳ ଗ୍ରୀଷ୍ମ ଋତୁ ସମୟରେ ଏଠାକୁ ପର୍ଯ୍ୟଟକମାନେ ଆସି ପାରନ୍ତି । ସିକିମ୍ ଯାତ୍ରାରେ ଗୁରୁ ଡୋଙ୍ଗ୍‌ମାର ହ୍ରଦ ବୁଲି ଆସିବା ନିହାତି ଜରୁରୀ । ପାଖାପାଖି ଘଣ୍ଟାକ ପରେ ଆମ ସମସ୍ତଙ୍କର ଶ୍ୱାସ କ୍ରିୟାରେ ସମସ୍ୟା ସୃଷ୍ଟି ହେଲା । ତେଣୁ ଡ୍ରାଇଭରଙ୍କ ତାଗିଦ୍ ପରେ ଫେରି ଆସିଲୁ । ସେଦିନ ଫେରନ୍ତା ଯାତ୍ରାରେ ଲାଚନ୍ ହୋଟେଲ୍‌ରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଶେଷ କରି ଫେରିଆସିଲୁ ଗ୍ୟାଙ୍ଗ୍‌ଟକ୍ ।

ଗ୍ୟାଙ୍ଗ୍‌ଟକ୍‌ରେ ପହଞ୍ଚିବା ବେଳେ ସଂଧ୍ୟା ୭ଟା । ପୁଣି ମେଲୋ ଫେଲୋ ହଷ୍ଟେଲ୍‌ରେ ବ୍ୟାଗ୍‌ପତ୍ର ଥୋଇ ସାମାନ୍ୟ ଫ୍ରେଶ୍ ହୋଇ ବାହାରିଲି ମହାତ୍ମାଗାନ୍ଧୀ ମାର୍ଗ । ହାଲକା ବର୍ଷା ହୋଇ ଛାଡ଼ିଥାଏ । ଥଣ୍ଡା ବି ପଡ଼ିଥାଏ । ସେଦିନ କାହିଁକି ଇଚ୍ଛା ହେଲା ତୀବ୍‌ବତୀୟ ଖାଦ୍ୟ ଚାଖିବା ପାଇଁ । ପହଞ୍ଚିଗଲି ତୀବ୍‌ବତୀୟ ରେଷ୍ଟୁରାଣ୍ଟ୍ 'ଟେଷ୍ଟ୍ ଅଫ୍ ତୀବ୍‌ବତ'ରେ । ସେଠାରେ ମଗାଇଲି ଥେନ୍ତୁକ୍ । ଏହା ଏକ ପ୍ରକାର ତୀବ୍‌ବତୀୟ ସୁପ୍ । ଅଳ୍ପ ସମୟ ମଧ୍ୟରେ ଟେବୁଲ୍‌ରେ ପରଷାଗଲା 'ଥେନ୍ତୁକ୍' । ସୁପ୍‌ରେ ଚିକେନ୍ ଖଣ୍ଡ ଓ ଘର ତିଆରି ଚାଉଳର ଚିପ୍‌ସ୍ ବ୍ୟବହାର ହୋଇଛି । ଚିପ୍‌ସ୍ ସିଝି ନରମ ହୋଇ ଯାଇଥିଲା । ପ୍ରଥମ ଚାମଚ ଥେନ୍ତୁକ୍ ମନ କିଣିନେଲା । ସ୍ୱାଦ ଅତୁଳନୀୟ । ପଚାରି ବୁଝିଲି ଏଥିରେ କିଛି ସିକିମିଜ୍ ଜଡ଼ିବୁଟି ଓ ମସଲା ପ୍ରୟୋଗ କରାଯାଇଛି ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକର । ଥେନ୍ତୁକ୍ ପରି ଭାନ୍ତୁକ୍ ମଧ୍ୟ ଆଉ ଏକ ତୀବ୍‌ବତୀୟ ସୁପ୍ । ଏହାପରେ ଚାଲିଲି ସ୍ଥାନୀୟ ଲାଲ୍ ବଜାରକୁ । ଗ୍ୟାଙ୍ଗ୍‌ଟକ୍‌ର ବଡ଼ ମାର୍କେଟ୍ । ମହାତ୍ମା ଗାନ୍ଧୀ ମାର୍ଗରୁ ମାତ୍ର ଦୁଇ କିଲୋମିଟର ରାସ୍ତା । ଲାଲବଜାର ଏକ ବଡ଼ ଅଟ୍ଟାଳିକାରେ ବସେ । ଦେଖିଲି ଧାଡ଼ି ଧାଡ଼ି ହୋଇ ବ୍ୟବସାୟୀ ବସିଛନ୍ତି ସବୁଜ ପନିପରିବା ପସରା ସହିତ । ଲାଲ୍‌ବଜାର ଯିବାର ଉଦ୍ଦେଶ୍ୟ ଥିଲା ଶତ ପ୍ରତିଶତ ଜୈବିକ କୃଷି ପଦ୍ଧତି ଅବଲମ୍ବନ କରୁଥିବା ସିକିମ୍‌ର ଉତ୍ପାଦିତ ପନିପରିବା ଦେଖିବା ପାଇଁ । ପରିବା ସବୁ ସାଧାରଣ ପରିବା ଠାରୁ ଆକାରରେ ଛୋଟ । ଦାମ୍ କିନ୍ତୁ ବେଶ୍ ଚଢ଼ା । କାରଣ ଜୈବିକ କୃଷି ପଦ୍ଧତିରେ ଅମଳ କମ୍ ଓ ପରିଶ୍ରମ ଅଧିକ । ଗୋଟିଏ ଦୋକାନରେ ଜଣେ ମହିଳା କିଛି ନୂଆ ଚିଜ ଧରି ବସିଥିବାର ଦେଖିଲି । ଈଷତ୍ ହଳଦିଆ ଓ ମାଟିଆ ରଂଗର ଛୋଟ ଛୋଟ ଚାରିକୋଣିଆ କ୍ୟୁବ୍ । ପଚାରି ବୁଝିଲି ଏହାକୁ ଚୁର୍‌ପି କୁହାଯାଏ । ୟାକ୍‌ର କ୍ଷୀରରୁ ପ୍ରସ୍ତୁତ ହୁଏ ଛେନା । ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ଶୁଖାଇ ଛୋଟ ଛୋଟ ଖଣ୍ଡ କରି କାଟି ଚୁର୍‌ପି ପ୍ରସ୍ତୁତ କରାଯାଏ । ଖଣ୍ଡିଏ ଚୁର୍‌ପି ପାଟିରେ ପକେଇଲି । ଚୁର୍‌ପି ପଥର ପରି ଟାଣ, କିନ୍ତୁ ସ୍ୱାଦ କ୍ଷୀର ପରି । ମହିଳାଙ୍କ ଠାରୁ ପ୍ରାୟ ୧୦ଖଣ୍ଡ ଚୁର୍‌ପି କିଣିଲି । ଦାମ୍ ୧୨୫ ଟଙ୍କା । ଅର୍ଥାତ୍ ଖଣ୍ଡକୁ ପ୍ରାୟ ୧୨ଟଙ୍କା ପଚାଶ ପଇସା । ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଲାଲବଜାରରେ ବୁଲିବା ପରେ ଚୁର୍‌ପି ଧିରେ ଧିରେ ନରମ ହୋଇ ପାଟିରେ ମିଳାଇ ଗଲା । ଚୁର୍‌ପି ସାଧାରଣତଃ ସିକିମ୍, ନେପାଳ ଆଡ଼ ଅଞ୍ଚଳରେ ଚୁଇଂଗମ୍ ପରି ବ୍ୟବହାର କରାଯାଏ । ଏଭଳି ଏକ ନୂଆ ଚିଜ ବିଷୟରେ ଜାଣି ଚମତ୍କୃତ ହେଲି । ସେଦିନ ରାତିରେ ହଷ୍ଟେଲକୁ ଫେରି ରାତିରେ ଡାଇନିଂରୁ କିଛି ସାଧାରଣ ଖାଦ୍ୟ ମଗାଇ ରାତ୍ରୀ ଭୋଜନ ଶେଷ କରି ଶୋଇ ପଡ଼ିଲି ।

ପରଦିନ ସକାଳୁ ଜଲ୍‌ଦି ଉଠି ପଡ଼ିଲି । ସେଦିନ ସିକିମ ଯାତ୍ରାର ଶେଷ ପର୍ଯ୍ୟାୟ । ଟୁର୍ ଅପରେଟର ଏଲିନା ଲିମ୍ବୋ ଡକାଇଥିଲେ ଗ୍ୟାଙ୍ଗ୍‌ଟକ୍‌ର କେନ୍ଦ୍ରସ୍ଥଳରେ ଅବସ୍ଥିତ  ବଜ୍ରା ଟ୍ୟାକ୍‌ସି ଷ୍ଟାଣ୍ଡ୍‌କୁ । ନିର୍ଦ୍ଧାରିତ ମିନିବସ୍‌ରେ ଯାଇ ବସିଲି । ସାଥିରେ ଥିଲେ ଆଉ ୧୨ଜଣ ସହଯାତ୍ରୀ । ସେଦିନ ଗନ୍ତବ୍ୟସ୍ଥଳ ଭାରତ-ଚୀନ୍ (ତିବ୍‌ବତ) ସୀମା- ନାଥୁଲା ପାସ୍, ଚାଙ୍ଗୁହ୍ରଦ, ବାବା ହରଭଜନ ସ୍ମୃତିପୀଠ, ଏଲିଫ୍ୟାଣ୍ଟ୍ ଲେକ୍ । ଏହିସବୁ ସ୍ଥାନ ପୂର୍ବ ସିକିମ୍‌ରେ ଅବସ୍ଥିତ । ଆଜିର ଯାତ୍ରା ମଧ୍ୟ ପ୍ୟାକେଜ୍‌ରେ ଅନ୍ତର୍ଭୁକ୍ତ । (କେବଳ ମଧ୍ୟାହ୍ନ ଭୋଜନ ବ୍ୟତୀତ) । ବସ୍ ଛାଡ଼ିବା ପୂର୍ବରୁ ସମସ୍ତେ ପପ୍‌କର୍ଣ୍ଣ ପ୍ୟକେଟ୍ ଏବଂ ଆଳତୀ କର୍ପୁର କିଣି ପାଖରେ ରଖିଲୁ । ନାଥୁଲା ପାସ୍ ଦିଗକୁ ରାସ୍ତା କିନ୍ତୁ ଥିଲା ଖୁବ୍ ଭଲ । ପାହାଡ଼ିଆ ରାସ୍ତା ହେଲେ ମଧ୍ୟ ବର୍ଡ଼ର ରୋଡ଼ ଅର୍ଗାନାଇଜେସନ୍ ପକ୍ଷରୁ ପକ୍କା ସଡ଼କ ନିର୍ମାଣ କରାଯାଇଛି । ତେବେ ନାଥୁଲା ପାସ୍ ଯିବାକୁ ହେଲେ ଗ୍ୟାଙ୍ଗ୍‌ଟକ୍‌ରୁ ସକାଳୁ ଶୀଘ୍ର ବାହାରିବାକୁ ପଡ଼ିବ । କାରଣ ଦିନ ଗୋଟାଏ ଭିତରେ କେବଳ ନିର୍ଦ୍ଦିଷ୍ଟ ସଂଖ୍ୟକ ଗାଡ଼ି ଏବଂ ପର୍ଯ୍ୟଟକଙ୍କୁ ପରମିଟ୍ ମିଳିଥାଏ । ପ୍ରାୟ ୪୫ କିଲୋମିଟର ଯାତ୍ରା କରିବା ପରେ ପହଞ୍ଚିଲୁ ଭାରତ-ଚୀନ୍ (ତୀବ୍‌ବତ) ସୀମା- ନାଥୁଲା ପାସ୍‌ରେ । ମନରେ ସୃଷ୍ଟି ହେଉଥାଏ ଶିହରଣ । ପ୍ରଥମଥର ପାଇଁ ଭାରତର ଆନ୍ତର୍ଜାତିକ ସୀମା ଦେଖିବାର ଏକ ବିରଳ ଅନୁଭୂତି ମିଳିବ- ଏ କଥା ଭାବି ଭାବି ମନ ଉଚ୍ଚାଟ ହେଉଥାଏ । ଗାଡ଼ିରୁ ଓହ୍ଲାଇବା ପରେ ଦେଖିଲୁ ନାଥୁଲା ପାସ୍ ସ୍ୱାଗତ ଦ୍ୱାର । ମହାନ୍ ମରାଠା ଯୋଦ୍ଧା ଛତ୍ରପତି ଶିବାଜୀ ମହାରାଜଙ୍କ ମୂର୍ତ୍ତି ଓ ପ୍ରତୀକାତ୍ମକ ଟ୍ୟାଙ୍କ୍‌ରେ ଶୋଭିତ । ଥଣ୍ଡା ପ୍ରବଳ ପୁଣି ବରଫ ଜମା ହୋଇ ରହିଥାଏ । ପହରା ଦେଉଥିବା ସୀମା ସୁରକ୍ଷା ବାହିନୀର ଜୱାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନାଥୁଲା ପାସ୍ ଯିବା ପରେ ପାହାଚକୁ ଅତିକ୍ରମ କରିବାକୁ ପଡ଼ିଲା । ସାଙ୍ଗରେ କ୍ୟାମେରା କିମ୍ବା ମୋବାଇଲ୍ ନେବା ନିଷିଦ୍ଧ । ପ୍ରାୟ ୨୦୦ ଫୁଟ୍ ଉଚ୍ଚକୁ ଯିବା ପରେ ଆସିଲା ସେହି ପ୍ରତୀକ୍ଷିତ ସ୍ଥାନ । ଏକ ପ୍ରଶସ୍ତ ପ୍ରାଙ୍ଗଣରେ ମଝିରେ ତାରବାଡ଼ ଦିଆ ଯାଇଛି । ତାରବାଡ଼ ଦୁଇ ପାଖରେ ଗୋଟିଏ ଫୁଟ୍ ଲେଖାଏଁ ଖାଲିସ୍ଥାନ । ଯାହାକୁ କୁହାଯାଏ'No Man's Land' । ବାଡ଼ ଏପଟେ ଭାରତୀୟ ସେନାର କାର୍ଯ୍ୟାଳୟ, ବାଡ଼ ଆର ପଟେ ଚୀନ୍ ସେନାର କାର୍ଯ୍ୟାଳୟ । ପୁଣି ଦେଖିଲୁ ସୀମାରେ ଦୁଇପଟର ଦ୍ୱାର । ଯେଉଁ ବାଟ ଦେଇ ବାଣିଜ୍ୟିକ କାରବାର ପାଇଁ ପଣ୍ୟବାହୀ ଟ୍ରକ ଯାତାୟତ କରେ । ପୁଣି ଆଖିରେ ପଡ଼ିଲା ଚୀନ୍ ପଟରେ ପ୍ରାୟ ୧୦୦ମିଟର ଦୂରରେ 'ୱାଚ୍ ଟାୱାର' । ଯେଉଁଠି ସଶସ୍ତ୍ର ଚୀନା ସୈନିକ ପହରା ଦେଉଥିଲେ । ଆମେ ହାତ ହଲାଇ ସେମାନଙ୍କୁ ସମ୍ଭାଷଣ ଜଣାଇଲୁ, ସେମାନେ ମଧ୍ୟ ହାତ ହଲାଇଲେ । ଏଭଳି ଅନୁଭୂତି ସତରେ ଥିଲା ନିଆରା । କେବେ ଦିନେ ଭାରତର ସୀମାକୁ ଆସି ପାରିବୁ- ଏ କଥା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ଅନ୍ୟ ପର୍ଯ୍ୟଟକଙ୍କ ଠାରୁ



ଶୁଣିଲି ସୀମାର ତାରବାଡ଼ ନିକଟରେ ତ ଚୀନା ସୈନିକ ଲୋକଙ୍କ ସହ ହାତ ମିଳାନ୍ତି । କିନ୍ତୁ ସେଦିନ ସେଠାରେ କୌଣସି ସୈନିକ ନଥିଲେ । ମାତ୍ର ପନ୍ଦର-କୋଡ଼ିଏ ମିନିଟ୍ ପରେ ପୁଣି ସୁରକ୍ଷାକର୍ମୀଙ୍କ ନିର୍ଦ୍ଦେଶରେ ସେଠାରୁ ଚାଲି ଆସିଲୁ । ଫେରିଲା ବେଳେ ଦେଖିଲି ଗୋଟିଏ ସ୍ଥାନରେ ସେନା ପକ୍ଷରୁ ନାଥୁଲା ପାସ୍ ପରିଦର୍ଶନର ଏକ ସ୍ମାରକୀ ସାର୍ଟିଫିକେଟ୍ ଦିଆ ଯାଉଛି । ଅବଶ୍ୟ ଏଥିପାଇଁ ୧୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଅନ୍ୟମାନଙ୍କ ପରି ମୁଁ ମଧ୍ୟ ଏକ ସ୍ମାରକୀ ସାର୍ଟିଫିକେଟ୍ ସଂଗ୍ରହ କଲି । ଭଲ ବ୍ୟବସ୍ଥା ନାଥୁଲା ପାସ, ଟୁରକୁ ସ୍ମୃତିର ଆଇନାରେ ସାଇତି ରଖିବା ପାଇଁ । ସମସ୍ତେ ଗାଡ଼ିରେ ବସିବା ପରେ ଡ୍ରାଇଭର ଓ ଗାଇଡ୍ ଦେଲେ ଏକ ସୂଚନା । ଯଦି ଏଲିଫେଣ୍ଟ୍ ହ୍ରଦ ଓ ପୃଥିବୀର ଉଚ୍ଚତମ ଗଲଫ୍ କୋର୍ସ ଦେଖିବା ପାଇଁ ଚାହାନ୍ତି ତେବେ ଜଣ ପିଛା ତିନିଶହ ଟଙ୍କା ଦେବାକୁ ପଡ଼ିବ । ଆମେ ବିଚାର କଲୁ ଏଭଳି ଆଇଡିଆ ମନ୍ଦ ନୁହେଁ ।



ଗାଡ଼ି ଚାଲିଲା ପୂର୍ବ ସିକିମ୍‌ର ଘାଟି ରାସ୍ତାରେ । ପାହାଡ଼ରୁ ଉପରୁ ନାଥୁଲା ପାସ୍‌ର ସାପ ପରି ଦେଖା ଯାଉଥିବା ଅଙ୍କାବଙ୍କା ରାସ୍ତା ଖୁବ୍ ସୁନ୍ଦର ଦେଖା ଯାଉଥାଏ । ଗାଡ଼ି ଭିତରୁ ହିଁ ଦେଖିବାକୁ ପାଇଲୁ ପୃଥିବୀର ଉଚ୍ଚତମ ଗଲ୍ଫ କୋର୍ସ । ସାଧାରଣ ଗଲ୍ଫ କୋର୍ସ ଭଳି ଦେଖା ଯାଉଥିଲା । ଏହାକୁ ମୁଖ୍ୟତଃ ସେନା ଅଧିକାରୀମାନେ ବ୍ୟବହାର କରିଥାନ୍ତି । ତେବେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ଏଠାକୁ ଜାତୀୟ ତଥା ଆନ୍ତର୍ଜାତିକ ସ୍ତର ଗଲଫ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି । ଆଗକୁ ଆହୁରି ୪ କିଲୋମିଟର ଯିବା ପରେ ଦେଖିଲୁ ଆଉ ଏକ ଆକର୍ଷଣୀୟ ସ୍ଥାନ । ଉଚ୍ଚ ପାହାଡ଼ ତଳେ ମେଘର ଆସ୍ତରଣ ତଳେ ସୁନ୍ଦର ହ୍ରଦଟିଏ । ଦୂରରୁ ଦେଖା ଯାଉଥାଏ ହାତୀ ଆକୃତିର । ଏହାକୁ ଏଲିଫ୍ୟାଣ୍ଟ୍ ଲେକ୍ କୁହାଯାଏ । ଉତ୍ତର ସିକିମ୍‌ର କୁପ୍‌ଉପ୍ ଠାରେ ଅବସ୍ଥିତ ଏହି ହ୍ରଦଟିକୁ ଖୁବ୍ ପବିତ୍ର ସ୍ଥଳ ଭାବେ ବିବେଚନା କରାଯାଏ ଏବଂ ଏହା ୧୩୦୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ । ବର୍ଷ ତମାମ ଏଠାରେ ବିଶେଷ ପୂଜାର୍ଚ୍ଚନା ଚାଲିଥାଏ । ଗାଡ଼ିରୁ ଓହ୍ଲାଇ କିଛି ସମୟ ଏଲିଫ୍ୟାଣ୍ଟ୍ ଲେକ୍‌ର ଫଟୋ ଉଠାଇ ସାରିବା ପରେ ପୁଣି ଆଗକୁ ଚାଲିଲୁ । ଏହି ଦୁର୍ଗମ ରାସ୍ତା Old Silk Route ବା ପ୍ରାଚୀନ ରେଶମ ପଥରେ ଅନ୍ତର୍ଭୁକ୍ତ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଏହି ରାସ୍ତା ଏସିଆ ସହ ମଧ୍ୟ ପ୍ରାଚ୍ୟ ଓ ୟୁରୋପକୁ ସଂଯୋଗ କରୁଥିଲା । ଏହା ମାଧ୍ୟମରେ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ସହ ରେଶମ ବସ୍ତ୍ର ମଧ୍ୟ ପରିବହନ ହେଉଥିଲା । ଏଲିଫ୍ୟାଣ୍ଟ୍ ଲେକ୍ ଠାରୁ ପ୍ରାୟ ୫ କିଲୋମିଟ ଯିବା ପରେ ଗୋଟିଏ ସ୍ଥାନରେ ଗାଡ଼ି ରହିଲା । ଓହ୍ଲାଇ ଦେଖିବାକୁ ପାଇଲୁ ବାବା ହରଭଜନ ସିଂହଙ୍କ ମନ୍ଦିର । ସିଏ ଜଣେ ବିରଳ ବ୍ୟକ୍ତିତ୍ୱ । ଭାରତୀୟ ସେନାବାହିନୀର ପଞ୍ଜାବ ରେଜିମେଣ୍ଟରେ ଜଣେ ସିପାହୀ ଥିବା ହରଭଜନ୍ ସିଂହ ୧୯୬୮ ମସିହାରେ ମାତ୍ର ୨୨ବର୍ଷ ତଳେ ଶହୀଦ୍ ହୋଇ ଯାଇଥିଲେ ନାଥୁଲା ପାସ୍ ନିକଟରେ ଗୁଳି ବିନିମୟ ସମୟରେ । ଆଜି ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟରତ ପ୍ରତ୍ୟେକ ସୈନିକଙ୍କ ବିଶ୍ୱାସ, ବାବା ହରଭଜନ ସିଂହଙ୍କର ମହାନ ଆତ୍ମା ଏବେ ବି ଭାରତୀୟ ସେନାକୁ ସହାୟତା କରୁଛନ୍ତି । ଶହୀଦ୍ ହରଭଜନ୍ ସିଂହ ଡ୍ୟୁଟି କରିବା ବେଳେ ଯେଉଁ ବଙ୍କରରେ ରହୁଥିଲେ, ତାକୁ ସଂରକ୍ଷିତ କରାଯାଇ ସେଠାରେ ଏକ ସ୍ମୃତିପୀଠ ସ୍ଥାପନ କରାଯାଇଛି । ଏହାକୁ ବାବାଙ୍କ ପୁରାତନ ମନ୍ଦିର ବୋଲି କୁହାଯାଏ । ମନ୍ଦିର ଓ ବଙ୍କର୍ ଭିତରକୁ ଯିବା ପୂର୍ବରୁ ସେନାବାହିନୀର ଯୱାନମାନେ ଆମକୁ ସାଦରେ ପାଛୋଟି ନେଲେ । ହରଭଜନ ସିଂହଙ୍କର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଏଠାରେ ରଖା ଯାଇଛି । ସେନାବାହିନୀର ବିଶ୍ୱାସ ବାବା ଶତ୍ରୁପକ୍ଷର ସବୁ ତଥ୍ୟ ସ୍ୱପ୍ନରେ ଦେଖା ଦେଇ ପ୍ରଦାନ କରନ୍ତି ଓ ସତର୍କ କରି ଦିଅନ୍ତି । ବାବା ହରଭଜନ୍‌ଙ୍କର ବ୍ୟକ୍ତିଗତ ସାମଗ୍ରୀକୁ ନେଇ ପ୍ରତିବର୍ଷ ସେପ୍ଟେମ୍ବର ମାସରେ ତାଙ୍କର ତିରୋଧାନ ଦିବସ ଅବସରରେ ଗୋଟିଏ ଗାଡ଼ି ନିଉଜଲ୍‌ପାଇଗୁଡ଼ି ଷ୍ଟେସନକୁ ଯାଏ । ସେଠାରୁ ଯେକୌଣସି ଟ୍ରେନ୍‌ରେ ଏକ ସଂରକ୍ଷିତ ବୁଥିରେ ବାବାଙ୍କ ପଞ୍ଜାବ ସ୍ଥିତ ତାଙ୍କ ଗାଁକୁ ପଠାଯାଏ । ଏବେ ବି ଭାରତୀୟ ସେନା ବିଶ୍ୱାସ କରେ ଯେ ସେ ଅବସର ଗ୍ରହଣ କରି ସେନାକୁ ସାହାଯ୍ୟ କରୁଛନ୍ତି । ବାବାଙ୍କୁ ସମ୍ମାନସୂଚକ ଭାବେ କ୍ୟାପ୍‌ଟେନ୍ ର୍ୟାଙ୍କ୍ ଦିଆ ଯିବା ସହିତ ଏହି ର୍ୟାଙ୍କ୍ ଅନୁଯାୟୀ ତାଙ୍କ ପରିବାରକୁ ଏଯାବତ୍ ପେନ୍‌ସନ୍ ପ୍ରଦାନ କରାଯାଇ ଆସୁଛି ।

ଆଉ ଏକ କୌତୂହଳ ପୂର୍ଣ୍ଣ କଥା ହେଉଛି, ପ୍ରତି ସୋମବାର ଓ ମଙ୍ଗଳବାର ଦିନ ନାଥୁଲା ପାସ୍ ସୀମାରେ ଭାରତ ଓ ଚୀନ୍ ସେନା ପକ୍ଷରୁ ଆୟୋଜିତ ଦ୍ୱିପାକ୍ଷିକ ଅଫିସର ସ୍ତରୀୟ ସୀମା ସୁରକ୍ଷା ବୈଠକରେ ବାବାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଚଉକି ଖାଲି ରଖା ଯାଇଆସୁଛି । ବାବା ହରଭଜନ ସିଂହଙ୍କର ଜୀବନ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ପ୍ଲସ୍ ମାଇନସ୍' ନିର୍ମିତ ହୋଇଥିଲା ୨୦୧୮ ମସିହାରେ । ଏଥିରେ ବାବା ହରଭଜନ ଭୂମିକାରେ ଅଭିନୟ କରିଥିଲେ ଲୋକପ୍ରିୟ ୟୁଟ୍ୟୁବର୍ ଭୁବନ ବାମ୍ । ଅଭିନେତ୍ରୀ ବିଦ୍ୟା ଦତ୍ତା ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ । ଆପଣ ଏହାକୁ ୟୁଟ୍ୟୁବ୍‌ରେ ଦେଖି ପାରିବେ । ଶହୀଦ ହରଭଜନଙ୍କ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିପୀଠରେ ପ୍ରଣିପାତ କଲି । ସେଠାରୁ ଫେରନ୍ତା ଯାତ୍ରାରେ ଆସିଲା ବେଳେ ପୁଣି ରହିଲୁ ଆଉଗୋଟିଏ ସ୍ଥାନରେ । ବାବା ହରଭଜନ ସିଂହଙ୍କର ନୂତନ ସ୍ମୃତିପୀଠ । କିଛିବର୍ଷ ତଳେ ଏହି ସ୍ଥାନରେ ସେନାବାହିନୀର ଏକ ହେଲିକେପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସି ପଡ଼ିଥିଲା । ଆଶ୍ଚର୍ଯ୍ୟର କଥା ଏଥିରେ ଥିବା ସମସ୍ତ ଅଧିକାରୀ ଓ ସୈନିକ ସୁରକ୍ଷିତ ଥିଲେ ।

କୁହାଯାଏ ବାବା ହରଭଜନ ଦୁର୍ଘଟଣା ଘଟିବାର ପୂର୍ବ ରାତିରେ ସ୍ୱପ୍ନରେ ଦେଖା ଦେଇ ସତର୍କ କରି ଦେଇଥିଲେ । ଏହି ଘଟଣା ପରେ ସେନାବାହିନୀ ପକ୍ଷରୁ ଏଠାରେ ନିର୍ମାଣ କରାଗଲା ବାବା ହରଭଜନ ସିଂହଙ୍କର ନୂତନ ମନ୍ଦିର । ମନ୍ଦିର ନିକଟରେ ପର୍ଯଟକମାନଙ୍କ ପାଇଁ ଏକ କ୍ୟାଫେ ଓ ଗିଫ୍ଟ ସପ୍ ମଧ୍ୟ ଅଛି । ଯାହାକୁ ଭାରତୀୟ ସେନା ପରିଚାଳନା କରିଥାଏ । ଏଠାରେ ସେନା ପକ୍ଷରୁ ଏକ ଦେଶଭକ୍ତି ସ୍ଥଳ ଏବଂ ବିଶାଳକାଳ ଶିବମୂର୍ତ୍ତି ମଧ୍ୟ ନିର୍ମାଣ କରା ଯାଇଛି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ । ଶିବ ମୂର୍ତ୍ତି ନିକଟରେ ସୁନ୍ଦର ଜଳପ୍ରପାତ ଅବସ୍ଥିତ । ଏଭଳି ଏକ ମନୋରମ ପରିବେଶରେ ଆମେ କିଛି ସମୟ କଟେଇଲୁ । ବାବା ହରଭଜନ ସିଂହଙ୍କ ନୂଆ ମନ୍ଦିରରୁ ଫେରିବା ବାଟରେ ପଡ଼ିଲା ଚାଙ୍ଗୁହ୍ରଦ ବା ସୋଙ୍ଗମୋ ହ୍ରଦ । ଏହା ଗ୍ଲାସିୟର୍ ବା ହିମଖଣ୍ଡରୁ ସୃଷ୍ଟ ଆଉ ଏକ ସୁନ୍ଦର ହ୍ରଦ, ଯାହା ଗ୍ୟାଙ୍ଗଟକ୍ ଠାରୁ ୪୦ କିଲୋମିଟର ଦୂରରେ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୧୩୦୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ । ସିକିମ୍‌ର ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ । ବର୍ଷର ବିଭିନ୍ନ ଋତୁରେ ଚାଙ୍ଗୁଲେକ୍‌ର ପାଣିର ରଂଗର ପରିବର୍ତ୍ତନ ଘଟେ । ତେଣୁ ବୌଦ୍ଧଗୁରୁ ମାନେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଚାଙ୍ଗୁ ହ୍ରଦକୁ ଏକ ପବିତ୍ର ସ୍ଥାନ ଭାବେ ଗ୍ରହଣ କରନ୍ତି । ପ୍ରବଳ ଶୀତରେ ଦାନ୍ତ ଠକ୍ ଠକ୍ କରୁଥାଏ । ହ୍ରଦ ଉପରେ ବାଦଲ ଘୋଡ଼େଇ ହୋଇ ରହିଥାଏ । ସ୍ପଷ୍ଟ ଭାବରେ ହ୍ରଦ ଦେଖାଯାଉ ନଥାଏ । ତଥାପି ଏହାର ସୌନ୍ଦର୍ଯ୍ୟ ଅତୁଳନୀୟ । ଏଠାରେ ଏକ ରୋପ୍‌ୱେ ମଧ୍ୟ ଅଛି । କିନ୍ତୁ ସେଦିନ ପାଗ ଖରାପ ଥିବା ଯୋଗୁଁ କାମ କରୁନଥିଲା । ହ୍ରଦକୂଳରେ ଆପଣମାନେ ଦେଖିବେ

ଦଳଦଳ ହୋଇ ଅପେକ୍ଷା କରିଥିବେ ୟାକ୍ (ଅଣ୍ଡିରା) ପର୍ଯ୍ୟଟକମାନଙ୍କୁ ବସାଇ ସବାରି କରାଇବା ପାଇଁ । ସ୍ଥାନୀୟ ୟାକ୍ ପାଳକ ପାଇଁ ଏମାନେ ରୋଜଗାରର ଉତ୍ସ । ୟାକ୍ ବା ଚମରି ଗାଈ ସାଧାରଣତଃ ହିମାଳୟର ପାଦ ଦେଶରେ ବହୁଳ ଭାବେ ପାଳିତ ହୁଅନ୍ତି । ଏମାନଙ୍କର ଲମ୍ୱା ଲମ୍ୱା ଲୋମ ଥାଏ । ୟାକ୍ ଦୁଗ୍ଧ ଏତେ ବହଳିଆ ଯେ ଆମ ଭଳି ଲୋକ ହଜମ କରି ପାରିବେ ନାହିଁ । ମୁଁ ଚେଷ୍ଟା କଲି ୟାକ୍ ଦୁଗ୍ଧ ଚାଖିବା ପାଇଁ । କିନ୍ତୁ ମୋତେ ଆମ ଟୁର୍ ଅପରେଟର ଓ ସ୍ଥାନୀୟ ଲୋକେ ବାରଣ କଲେ । ତିବ୍ବତୀୟମାନେ ୟାକ୍ ମାଂସ ବି ଖାଆନ୍ତି । ତେବେ ନେପାଳ, ତିବ୍ବତ ଓ ସିକିମ୍‌ରେ ୟାକ୍‌ମାନଙ୍କର ରକ୍ତକୁ ଲୋକମାନେ ଏକ ସ୍ୱତନ୍ତ୍ର ପର୍ବରେ ପାନ କରନ୍ତି । ତେବେ ଏଥିପାଇଁ ୟାକ୍‌କୁ ହତ୍ୟା କରିବାକୁ ପଡ଼େ ନାହିଁ ।



ସଂଧ୍ୟା ହୋଇ ଆସୁଥିଲା । ଆମ ଗାଡ଼ି ଗଡ଼ିଲା ଫେରନ୍ତା ରାସ୍ତାରେ । ଗ୍ୟାଙ୍ଗଟକରେ ପହଂଚିବା ବେଳକୁ ରାତି ଆଠଟା । ସେଦିନ ଜଲ୍‌ଦି ରାତ୍ରି ଭୋଜନ ଶେଷ କରି ଶୋଇ ପଡ଼ିଲି ।

ପରଦିନ ସକାଳେ ପାଗ ମେଘୁଆ ଥିଲା । ହାତରେ ଥିଲା ମାତ୍ର ୪ ଘଣ୍ଟାର ସମୟ । ବହଳିଆ ବାଦଲ ଯୋଗୁଁ ବିଭିନ୍ନ ଭିୟୁପଏଣ୍ଟ ଦେଖି ହେଲା ନାହିଁ, ତେବେ ନ୍ୟାମ୍‌ଗ୍ୟାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟିବେଟୋଲଜି ଦୋ-ଦ୍ରୁଲ ଚୋରଟେନ ବୌଦ୍ଧସ୍ତୁପ, ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୁଲିବା ପରେ ତୀବ୍ବତୀୟ ବୌଦ୍ଧ ଦର୍ଶନ ଓ ବୌଦ୍ଧଗୁରୁ ପଦ୍ମ ସମ୍ଭବଙ୍କ ସଂପର୍କରେ ଜାଣିବାର ସୁଯୋଗ ମିଳିଲା ।

ଏଇଠି ଶେଷ ହେଲା ସିକ୍କିମ ଯାତ୍ରା । ଏହା ଥିଲା ଏକ ସ୍ମରଣୀୟ ଅନୁଭୂତି । ଲେଖାଟି ଶେଷ କରିବା ପୂର୍ବରୁ କେତେକ ତଥ୍ୟ ଜଣାଇବାକୁ ଉଚିତ ମନେ କରୁଛି ।

୧. ଯଦିଓ ସିକିମରେ ଖର୍ଚ୍ଚ ଅଧିକ, କିନ୍ତୁ ଆପଣମାନେ ଚାହିଁଲେ ସଠିକ୍ ପ୍ଲାନିଂ ଓ ସ୍ଥାନୀୟ ଟୁର୍ ଅପରେଟରଙ୍କ ସାହାଯ୍ୟରେ କମ୍ ଖର୍ଚ୍ଚରେ ସିକିମ୍ ଯାଇପାରିବେ । ଯେମିତି ମୋର ଖର୍ଚ୍ଚ ହୋଇଥିଲା ମାତ୍ର ୧୬,୫୦୦ଟଙ୍କା ।

୨. ସିକିମ୍‌ରେ ପହଂଚିବା ପରେ ହୁଏତ ସବୁ ସ୍ଥାନକୁ ଯିବା ପାଇଁ ପରମିଟ୍ ମିଳି ନପାରେ, ତଥାପି ନିରାଶ ହେବେ ନାହିଁ । ଆପଣଙ୍କ ପାଇଁ ଉତ୍ତର ଓ ପୂର୍ବ ସିକିମ୍ ବ୍ୟତୀତ ପଶ୍ଚିମ ଓ ଦକ୍ଷିଣ ସିକିମ୍‌ରେ ବହୁତ କିଛି ଅଛି ଉପଭୋଗ କରିବା ପାଇଁ ।

୩. ସିକିମ୍‌ର ଅଧିକାଂଶ ସ୍ଥାନ ସମୁଦ୍ର ପତ୍ତନ ଠାରୁ ଖୁବ୍ ଅଧିକ ଉଚ୍ଚତାରେ ଥିବାରୁ ଆପଣ ଆଲ୍‌ଟିଟ୍ୟୁଡ୍ ସିକ୍‌ନେସ୍ ଏବଂ ମୋସନ୍ ସିକ୍‌ନେସ୍‌ର ଶୀକାର ହୋଇ ପାରନ୍ତି । ତେବେ ବ୍ୟସ୍ତ ହେବେ ନାହିଁ । ଏହା ଅସ୍ଥାୟୀ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ପୂର୍ବ ପ୍ରସ୍ତୁତି କରିବା ଆବଶ୍ୟକ ।


୪. ଯେତେ ସୁକୁମାରିଆ ହୋଇଥିଲେ ବି ସିକିମ୍ ବୁଲିବାକୁ ହେଲେ ଆପଣଙ୍କୁ ଶାରୀରିକ କ୍ଳାନ୍ତି ଓ କଷ୍ଟକୁ ସହ୍ୟ କରିବାକୁ ପଡ଼ିବ ।

ମୋ ପାଇଁ ସିକିମ୍ ପରିଭ୍ରମଣ ଥିଲା ଜୀବନର ଏକ ମୂଲ୍ୟବାନ ଅନୁଭୂତି ଯାତ୍ରାରେ ବାଧାବିପତ୍ତି ଓ ସମସ୍ୟା ତ ଥିଲା, କିନ୍ତୁ ସୁନ୍ଦରୀ ସିକିମ୍‌ର ସୌନ୍ଦର୍ଯ୍ୟ ଆଗରେ ସେସବୁ ଗୌଣ ମନେହେଲା । ଭାବୁଛି ପୁଣି ସୁନ୍ଦରୀ ସିକିମ୍‌କୁ ଭେଟିବି ।

## ଦେବ୍ରାଜ ଲେଙ୍କାଙ୍କ ମତଅମତ

● 'ରେବତୀ'କୁ ଦେବ୍ରାଜ ଲେଙ୍କାର ବେଜାଏ ସ୍ନେହ ଓ ଆଶୀର୍ବାଦ, ବେଜାଏ ବେଜାଏ ବେଜାଏ ଅର୍ଥ ପୂରାପୂରି ସମୁଦ୍ରେ...ସମୁଦ୍ରେ....ସମୁଦ୍ରେ... ଆପଣମାନେ ଜାଣିବା ହେବେ ।

କଥା କ'ଣ କି? କ'ଣ ହେଲା ନା...ଆପଣଙ୍କ ପତ୍ରିକାରେ ଡକ୍ଟର ରଂଜନ ପ୍ରଧାନ ମୋର ଏକ ସାକ୍ଷାତକାର ନେଲେ ଜାନୁଆରୀ ମାସ ପାଇଁ । ମୁଁ ରାଜି ହେଲି ଏବଂ ସେ ନେଲେ । ଗୋଟାଏ ଟିପା ଖାତାରେ ମୋ କହିବା କଥାକୁ ସେ ଟିପୁଥିଲେ, କାଳେ ଭୁଲିଯିବେ ବୋଲି । ଜଣେ ନିଷ୍ଠାପର ଲେଖିଲାବାଲା ବୋଲି ମୁଁ ଭାବିନେଲି । କିନ୍ତୁ ଛପାରେ ସେ ମୋ ନକହିବା କଥାକୁ ଛାପିଲେ । ମତେ ଏସବୁ ପ୍ରମାଦପୂର୍ଣ୍ଣ ବୋଲି ଜଣାଗଲା । ପ୍ରଥମେ : ମୁଁ କହୁଛି, ମୋ ରେଡ଼ିଓ ପୁରୁଣା ନୁହେଁ । ଏବେ ଦି'ଚାରିଟା ବର୍ଷ ତଳେ ଇଏ କିଣା ହେଇଥିଲା । କିନ୍ତୁ ସେ ଲେଖିଲେ ଇଏ ପୁରୁଣା ରେଡ଼ିଓ । ଦ୍ୱିତୀୟ: ସେ ମତେ ଆଡ଼ବାୟା କହିଲେ । କ'ଣ ଦେଖିଲେ ଯେ ମତେ ସେ ଆଡ଼ବାୟା ବୋଲି କହିଲେ? ସାଲ୍‌ଭାଡ଼ର୍ ଡ୍ୟାଲି କିମ୍ୱା କିଶୋର କୁମାର, କିମ୍ୱା ଏମ୍.ଏଫ୍. ହୋସେନ୍ କ'ଣ ଆଡ଼ବାୟା? ତୃତୀୟ: ମତେ ପହଁରା ଆସେନା । ଚତୁର୍ଥ: ମୁଁ ବେକାର୍ ନଥିଲି । ମୋର ଜମିବାଡ଼ି ଥିଲା । ଏବଂ ସେଥିରେ ରୀତିମତ୍ ଚାଷ ବି ଥିଲା । ମୋର ତିନିଟା ଗୁହାଳରେ ଗାଈ, ଗୋରୁ ଭର୍ତ୍ତି ଥିଲେ । ମୋର ଛେଳି, ମେଣ୍ଢା, କୁକୁର ଥିଲେ । ଏସବୁ ବୁଝୁଥିଲା କିଏ? ପଞ୍ଚମରେ: ମୋର ତିନି ଭଉଣୀ ନଥିଲେ । ମୋର ଦି'ଭଉଣୀ । ସେମାନେ ମୋ ଠାରୁ ବଡ଼ । ଷଷ୍ଠ: ମୋର ଶହଶହ ଏକର ଜମି । ରାଜା, ମହାରାଜଙ୍କର ବି ଶହ ଶହ ଏକର ଜମି ବର୍ତ୍ତମାନ ସମୟରେ ଆଉ ନାହିଁ । ସପ୍ତମ: ମୋ ବାପାଙ୍କର ଓକିଲାତି ସମୟରେ ହାଇକୋର୍ଟ ନଥିଲା ଓଡ଼ିଶାରେ । ଜଜ୍ କୋର୍ଟ ସବୁ ମାଲି ମୋକଦ୍ଦମା ଫଏସଲା କରୁଥିଲେ । ଅସଲରେ ମୋ ବାପା ସର୍କାରୀ ଓକିଲ ନଥିଲେ । ନବମ: ମୋ ବାପା ହୀରାକୁଦ ନଦୀ ବନ୍ଧରେ କିଛି କାମ କରୁନଥିଲେ । ଦଶମ:ମୋ ବାପା ଦୈତାରୀ-ପାରାଦ୍ୱୀପ ଏକ୍ସପ୍ରେସ୍ ହାଇୱେରେ କିଛି କାମ କରି ନଥିଲେ । ଏସବୁ ଭୁଲ୍ କଥା । ଏକାଦଶ: ମୋର ବ୍ୟାକରଣ ଗତ ଭୁଲ୍ କେଉଁଠି ନାହିଁ । ମୁଁ ଅଣ୍ଡିରା ମାଇ ପରି କୃତ୍ ଶବ୍ଦକୁ କେବେ ବ୍ୟବହାର କରିନାହିଁ । ଦ୍ୱାଦଶ: ଗୋଟାଏ ଗର୍ହିତ ଭୁଲ୍ ମତେ ବ୍ୟଥିତ କଲା । ମହାନ ରଥଯାତ୍ରା ଦିନ, 'ଚିତ୍ରା' ସମ୍ପାଦିକା ରତ୍ନମାଳା ସ୍ୱାଇଁ ଏବଂ ତାଙ୍କ ସ୍ୱାମୀ ଅଜୟ କୁମାର ସକାଳୁ ସକାଳୁ କାର୍ ନେଇ ମୋ ଗାଁ ଘରେ ଆସି ହାଜର୍ । ମୋର ଉପନ୍ୟାସ ପାଇଁ ସେ ବେକରେ ମୋର ଦେଢ଼ଭରି ଓଜନର ଗୋଟିଏ ସୁନା ହାର ପକେଇ ଦେଇଥିଲେ । ମୁଦି ନୁହଁ । ସୁନା ହାର ସୁନାହାର । ସୁନାହାର । ଏଥିପାଇଁ ମୁଁ ତାଙ୍କ ପାଖରେ ଋଣୀ । କିନ୍ତୁ ରଂଜନ ବାବୁ ଲେଖିଲେ ମୁଦି? ବଡ଼ ଆଶ୍ଚର୍ଯ୍ୟ!



ଯେଉଁମାନେ ପତ୍ରିକାରେ ମୋ ଲେଖା ସମ୍ପର୍କରେ ମତାମତ ଦେଇଛନ୍ତି ଆକର୍ଷିତ ଭାବେ, ସେମାନଙ୍କୁ ମୁଁ ଧନ୍ୟବାଦ ନଦେଇ ରହିପାରୁନି । ସେମାନେ ହେଲେ: ସର୍ବଶ୍ରୀ ତରୁଣକାନ୍ତି ମିଶ୍ର, ଅଜୟ ସ୍ୱାଇଁ, ସରୋଜିନୀ ସାହୁ, ସଦାନନ୍ଦ ତ୍ରିପାଠୀ, ସରୋଜ ବଳ ଓ ସଂଜୟ ଭଞ୍ଜ । କବିତା ବାରିକ ମୋ ଲେଖା ସଂପର୍କରେ କିଛି କହି ନାହାଁନ୍ତି । ବରଂ ମୋ ଦୋକାନ, ବହି କିଣାବିକା ଓ ତାଙ୍କ ଲିଖିତ ବହି ବାବଦରେ କହିଛନ୍ତି ।

ପରିଶେଷରେ 'ରେବତୀ' ସଂପର୍କରେ ଏତିକି କହିବି ଯେ, ରେବତୀ : ★★★★★(ଫାଇଭ୍ ଷ୍ଟାର୍)

ଦେବ୍ରାଜ ଲେଙ୍କା, କଟକ

SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK**
**Flat Available**

RERA APPROVED







**7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001



# ଆଶାର ଇସାରା : ଇଶା

# ପ୍ରେମତୀର୍ଥର ପର୍ଯ୍ୟଟନ

**ହିରଣ୍ମୟୀ ମିଶ୍ର**

ୟୁ.ଏନ୍.କଲେଜ, ଅଡ଼ଶପୁର,
କଟକ-୭୫୪୦୧୧
ଫୋନ: ୭୮୯୪୭୪୪୦୦୧

ଫଟୋ ସୌଜନ୍ୟ: ଲେଖିକା ଓ ଅନ୍ୱେଷା ନନ୍ଦ

ମୁଁ ବୈରାଗ୍ୟର ବିଶ୍ୱାସୀ ନୁହେଁ । ଝଡ଼, ବର୍ଷା, ଧୂଳି, ଧୂଆଁକୁ ବେଖାତିର କରି ଜୀବନ ବଂଚିବାରେ ମୋର ଆଗ୍ରହ । ଏଇଟା ବି ଏକପ୍ରକାର ମୋ ବଂଚିବାର ରାହା । ଜୀବନ ଯେତେ ନାଲିଆଖି ଦେଖେଇଲେ ବି ମୁଁ ହସିବାକୁ ଚାହେଁ । ଗତବର୍ଷ ସାରା ମୋର ଶାରୀରିକ ଅସୁସ୍ଥତା ପାଇଁ ବେଶ୍ କିଛି ଦିନ ହସ୍ପିଟାଲରେ ରହିଥିଲି । ସେଇଠି ଥିବାବେଳେ ବି ମୁଁ ଅହରହ ଶୁଣୁଥିଲି ଜହ୍ନରାତିର ଡାକ, ଶୀତ ସଂଧ୍ୟାର ଲେଉଟିଯିବା ସବୁଦିନେ ମତେ ଗୋଟେ ନିଶ୍ଚୁପ ରାତି ଭିତରକୁ ଡାକିନେବା ବେଳେ ବି ମୁଁ ଖୋଜୁଥିଲି ଜୀବନର ସୁନେଲି ଆଲୁଅକୁ । ଆଉ ଏମିତି ଗୋଟେ ସମୟରେ, ଗୋଟେ ଖରା, ଛାଇର ମାନସିକ ଋତୁରେ ମୁଁ ବ୍ୟସ୍ତ ହେଇ ବେଶ୍ କିଛି ସକରାତ୍ମକ ଭିଡ଼ିଓ ଖୋଜି ଦେଖୁଥିଲି ଓ ଶୁଣୁଥିଲି ।

ବୈରାଗ୍ୟର କଥା କହୁଥିବା ବାବା, ସାଧୁ ଓ ମହାତ୍ମାମାନଙ୍କୁ ମୋର ଖୁବ୍ ଡର । ତେଣୁ ସେସବୁ ଏଡ଼େଇ ଯାଉଥିଲି ସଯତ୍ନରେ । ଏମିତି ସମୟରେ ଦେଖିଲି ଆଦି ଯୋଗୀଙ୍କର ମୂର୍ତ୍ତି ଓ ସେଠି ଜାଗୀ ବାସୁଦେବ ବା ସଦ୍‌ଗୁରୁଙ୍କର ଶିବରାତ୍ରି ପାଳନ । ଆଦିଯୋଗୀଙ୍କର ସେ ବିରାଟ ପ୍ରତିମୂର୍ତ୍ତି ଦେଖି ମତେ ଲାଗିଲା ମୁଁ ଠିଆ ହେଇଛି ସେଇ ପାଖରେ, ଆଉ ସେଇଠି କୋଉଠି ଯେମିତି ଠିଆ ହେଇଛି ଅସଂଖ୍ୟ ଶିବଭକ୍ତଙ୍କ ଗହଳିରେ ।

ମୁଁ ସଦ୍‌ଗୁରୁଙ୍କ ବିଷୟରେ କିଛି ବି ଉଲ୍ଲେଖ କରିବାକୁ ଚାହିଁବିନି । ସତ କହିଲେ, ମୁଁ ତାଙ୍କ ବିଷୟରେ ସେମିତି ବିଶେଷ କିଛି ବି ଜାଣିନି ବା ତାଙ୍କର ଭକ୍ତ ବି ନୁହେଁ । ମୁଁ ଆପଣମାନଙ୍କୁ ମୋ ସାଙ୍ଗରେ ନେଇଯିବାକୁ ଚାହିଁବି କେବଳ ମୋର ସେଇ ତିନିଦିନର ଜୀବନ ଭିତରକୁ, ଯାହା ମୋ ଭିତରୁ କ୍ଷୀଣ ହେଇ ଆସୁଥିବା ନା ବିଭିନ୍ନ କାରଣରୁ କମି ଆସୁଥିବା ଜୀବନ-ପ୍ରେମକୁ ବଢ଼େଇଛି । ଯାହା ମତେ ପୁଣିଥରେ ଅନୁଭବ କରିବାକୁ ଦେଉଛି ଯେ ଏ ବିଶ୍ୱବ୍ରହ୍ମାଣ୍ଡର ବିରାଟ ରୂପ ଆଗରେ ଜଣେ ବ୍ୟକ୍ତିର ସ୍ଥାନ କେତେ ନଗଣ୍ୟ, ଅଥଚ କେତେ ଗୁରୁତ୍ୱପୂର୍ଣ୍ଣ ହେଇପାରେ ସେ ଜୀବନର ଅବଦାନ !

ସମ୍ଭବତଃ ଡିସେମ୍ବର ମାସର ପ୍ରଥମ ସପ୍ତାହରେ ମୁଁ ମୋର ବାନ୍ଧବୀ ଲେଖିକା ନବଜ୍ୟୋତିଙ୍କୁ ଫୋନ୍‌ରେ ପଚାରିଲି, “ଆମେ କୋଏମ୍ବାଟୁର ଯିବା ? ଈଶା ଫାଉଣ୍ଡେସନର ଆଶ୍ରମକୁ, ଦୁଇ ତିନି ଦିନ ପାଇଁ ?” ମୁଁ ଜାଣେନି, କ'ଣ ପାଇଁ ଓ କେମିତି ନବଜ୍ୟୋତି ସେଦିନ ଖୁବ୍ କମ ସମୟ ଭିତରେ 'ହଁ' ଭରିଦେଲେ ମୋ କଥାରେ । ଯେକୌଣସି ସ୍ଥାନକୁ ଘେରାଏ ବୁଲି ଆସିଲେ ମନ ବଦଳିଯାଏ ମୋର । ମନେପଡ଼ିଲା, କୋଭିଡ୍ ପୂର୍ବରୁ ୨୦୨୦ ଜାନୁଆରୀରେ ଆମେ କିଛି ସାଙ୍ଗ ଯେତେବେଳେ ପଣ୍ଡିଚେରୀ ଯାଇଥିଲୁ, ସେଦିନ ନବଜ୍ୟୋତିଙ୍କର ଦେହରେ ଜର ଥିଲା । ରାତିସାରା ଥରକୁ ଥର ଟ୍ରେନ୍‌ରେ ମୁଁ ତାଙ୍କୁ ଦେଖୁଥିଲି, ସେ ଟିକିଏ ଶୋଇ ପଡ଼ିଲେ ଉଠେଇ ଦେଉଥିଲି ନିଦରୁ । ଅଥଚ ପରଦିନ ସକାଳେ ପଣ୍ଡିଚେରୀରେ ପହଞ୍ଚିବା ବେଳକୁ ତାଙ୍କର ଶ୍ୱାସକଷ୍ଟ, ଜର ସବୁ ଗାଏବ୍ । ପରବର୍ତ୍ତୀ ଚାରିଦିନ ଆମେ ଖରାରେ ଖୁବ୍ ଚାଲିଛୁ ଓ ବୁଲିଛୁ । ଏଥର ମୁଁ ଅସୁସ୍ଥ, ସମ୍ଭବତଃ ସୁସ୍ଥତା ପାଇଁ ଏ ପର୍ଯ୍ୟଟନର ଯୋଜନା ବୋଲି ସେ ଭାବିଥିବେ ।

ସବୁ ଟିକେଟ୍ ଓ କଟେଜ୍ ବୁକିଂ ସରିବା ପରେ କିନ୍ତୁ ହଠାତ୍ ପୁଣିଥରେ ଡିସେମ୍ବର ଶେଷ ଆଡ଼କୁ ଶୁଭିଲା କୋଭିଡ଼ର ପୁନରାଗମନର ଆଶଙ୍କା । ସେସବୁ ପୁଣି ସମୟ କ୍ରମେ ଉଭେଇଗଲା ଓ ଆମର ଯିବା ନିଶ୍ଚିତ ହେଇଗଲା ।

ଶୂନ୍ୟ ମନ ନେଇ ଯାଇଥିଲି । କେବଳ ଶୂନ୍ୟ, କିଛି ବିଶେଷ ଅପେକ୍ଷା ନଥିଲା, କିନ୍ତୁ ମନତଳେ ଗୋଟିଏ ଇଚ୍ଛା ଥିଲା କିଛିଦିନ ସବୁଜିମା ଭିତରେ ବଂଚିବାକୁ । ଘରଠୁ ଦୂରରେ, ବହୁତ ଦୂରରେ, କିଛି ନଥିବ ଘରୋଇ ଦାୟିତ୍ୱ, ଚାକିରୀର ବାଧ୍ୟବାଧକତା, ଆଉ ଆଖି ଖୋଲିଲେ ଦିଶୁଥିବ ସବୁଜିମା । ପାଦ ତଳେ ଥିବ ମାଟି, କେବଳ ମାଟି, କଂକ୍ରିଟ୍‌ର ରୋଡ୍ ନୁହେଁ କି ପିଚୁ ରାସ୍ତା ନୁହେଁ, ମାଟିର ରାସ୍ତା । ଯାହା ଭାବିଥିଲି, ତା'ଠୁ ଢେର୍ ଅଧିକ ନେଇ ଫେରିଲି । ଏବେ ଆପଣଙ୍କୁ ଦେଖେଇବି, ସେଇ କୋମଳ ଅନୁଭବର ଦୃଶ୍ୟସବୁ, ଯାହା ଧରି ପାରିବ ନାହିଁ ପୃଥିବୀର କୌଣସି ମୋବାଇଲ୍ ବା କୌଣସି ଉଚ୍ଚ ଶକ୍ତି ସଂପନ୍ନ କ୍ୟାମେରା, କେବଳ ହୃଦୟର ଲେନ୍‌ସ୍‌ରେ ହିଁ ସାଇତି ହୁଏ ଏ ଚିତ୍ରସବୁ ।



▲ ଲେଖିକା ହିରଣ୍ମୟୀ ମିଶ୍ର

ଆମେ ଦୁହେଁ କୋଏମ୍ବାଟୁର୍ ଏଆରପୋର୍ଟରେ ପହଞ୍ଚିବା ବେଳକୁ ଏତେ କ୍ଳାନ୍ତ ହେଇଥିଲୁ ଯେ କେବଳ ଭାବୁଥିଲୁ କେମିତି ଖଟ ଉପରେ ଯାଇ ଶୋଇପଡ଼ିବୁ । ତା'ପୂର୍ବରୁ ଇଣ୍ଡିଗୋ ଏଆର୍‌ଲାଇନ୍ସ ଖୁବ ନିର୍ଦ୍ଦୟ ଭାବରେ ଆମର ଫ୍ଲାଇଟ୍‌ର ନିର୍ଦ୍ଦିଷ୍ଟ ଗତିପଥକୁ ବଦଳେଇ ବାଙ୍ଗାଲୋର୍ ପରିବର୍ତ୍ତେ ଆମକୁ ହାଇଦ୍ରାବାଦ ଦେଇ ଆସିବାକୁ ବାଧ୍ୟ କରିଥିଲା । ସେଥିରେ ପୁଣି ହାଇଦ୍ରାବାଦ ଏଆରପୋର୍ଟରେ ପାଞ୍ଚଘଣ୍ଟାର ଅଟକି ରହିବା । ସେ ଯାହାହେଉ, କୋଏମ୍ବାଟୁର୍ ଏଆର୍‌ପୋର୍ଟରେ ଆମକୁ ଈଶା ଫାଉଣ୍ଡେସନ୍‌ର କାର୍ ଅପେକ୍ଷା କରିଥିଲା । ଏମିତିରେ ସେଠୁ ଈଶା ଫାଉଣ୍ଡେସନ୍ ଆଶ୍ରମର ଦୂରତା ୩୯ କି.ମି., କିନ୍ତୁ ରାସ୍ତା ବେଶୀ ଭଲ ନଥିବାରୁ ପହଂଚିବାକୁ ପ୍ରାୟ ଦେଢ଼ଘଂଟା ଲାଗିଗଲା । ସେଠି ୱେଲ୍‌କମ୍ ପଏଣ୍ଟରେ ଗାଡ଼ି ପହଞ୍ଚିବା ବେଳକୁ ପ୍ରାୟ ରାତି ୮ଟା ହେଲାଣି । ପେଟରେ କ୍ଷୁଧା ଓ ଆଖିରେ ନିଦ । ଦେହରେ ଭୀଷଣ

କ୍ଲାନ୍ତି । ଅବଶ୍ୟ ଆମକୁ ସେଠି ଅପେକ୍ଷା କରିଥିଲେ ଶୁଭଶ୍ରୀ, ଆମ ଓଡ଼ିଶାର ଝିଅ । ଶୁଭଶ୍ରୀଙ୍କ କଥା ପରେ କହିବି ।

ତରବର ହେଇ ନଦୀ କଟେଜ୍‌ରେ ଚେକ୍‌ଇନ୍ କରି ସେଠି କାଉଣ୍ଟରରେ ଲଗେଜ୍ ରଖିଦେଇ ଦୌଡ଼ିଲୁ ଭିକ୍ଷା ହଲ, ଯୋଉଠି ଖାଇବାକୁ ମିଳେ । ସେଦିନ ଥାଏ ଅମାବାସ୍ୟା, ମାଘ ମାସର ଅମାବାସ୍ୟା । ସେଠିକାର ନିୟମ ଅନୁସାରେ ଅମାବାସ୍ୟା ଓ ପୂର୍ଣ୍ଣିମାର ସଂଧ୍ୟା ପର ଠାରୁ ରାତି ୧୦ଟା ଯାଏଁ ସବୁ ଆଲୁଅ ବନ୍ଦ କରି ଦିଆଯାଏ, ସେଦିନ ବି ସେମିତି ହେଇଥିଲା । ଟର୍ଚ୍ଚ ଓ ମୋବାଇଲ୍‌ର ଆଲୁଅରେ ଧିମା ଧିମା ଦିଶୁଥାଏ ସବୁଆଡ଼ । ଶୀତ ବି ଲାଗୁଥାଏ ବାହାରେ, ଆମେ ସେ ଅନ୍ଧାରରେ ଜାଣି ପାରିଲୁ ଯେ ଚାରିଆଡ଼େ କେବଳ ଗଛ ହିଁ ଗଛ । ନାଦୀ ବୋଲି ସେମାନେ କହୁଥିଲେ ବି ପ୍ରକୃତରେ ସେଠି ସବୁ ନଦୀମାନଙ୍କ ନାଁରେ ରହିବା କୋଠରୀ ହେଇଛି । ଆମକୁ ମିଳିଥିଲା ଭାଗିରଥିର ସାତନମ୍ବର କଟେଜ୍ । ଏଇଟା ଡାଇନିଂ ହଲ୍‌ଠୁ ସବୁଠୁ ପାଖରେ । ଭିକ୍ଷା ହଲ୍‌ରେ ରାତିର ଖାଦ୍ୟ ସେଦିନ ଖୁବ୍ ଭଲ ଲାଗିଲା । ଆମେ ଫେରି ଆସିବା ବେଳକୁ ଆଲୁଅ ଆସିଲାଣି । ପ୍ରଥମେ ଦୃଷ୍ଟିରେ ପଡ଼ିଲା କଟେଜ୍‌ର ରିସେପସନ୍ ପାଖରେ ଥିବା ବିରାଟ ତମ୍ୱାର କୁମ୍ଭ ଉପରେ । ସେଇଠୁ ପାଣି ନେଇ ଆସି ରୁମ୍‌ରେ ଶୋଇପଡ଼ିଲୁ । ସକାଳୁ ଉଠିବା ବେଳକୁ ସାତଟା ବାଜି ସାରିଥିଲା । ସାଧାରଣତଃ ସକାଳ ପାଞ୍ଚରେ ମୋ ନିଦ ଭାଙ୍ଗିଯାଏ କିନ୍ତୁ ଭୀଷଣ କ୍ଲାନ୍ତି ଯୋଗୁଁ ଡେରିରେ ଉଠିଲି । ନିଜକୁ ଦୋଷୀ ଦୋଷୀ ଲାଗିଲା ବାହାରର ଦୃଶ୍ୟ ଦେଖି । ହଠାତ୍ ଅନୁଭବ ହେଲା ଯେ କୋଉଠୁ ଗୋଟେ ସାମୂହିକ ସ୍ୱରରେ 'ଓଁ' ଧ୍ୱନି ଭାସି ଆସୁଛି ପବନରେ । ସେ ଧ୍ୱନି ଏତେ ପ୍ରଭାବଶାଳୀ ଥିଲା ଯେ ତା' ପରଠୁ ଆମେ ସେ ପରିସର ଛାଡ଼ିବା ପର୍ଯ୍ୟନ୍ତ ଅହରହ ସେ ଧ୍ୱନି ଶୁଭୁଥାଏ । ସତେ ଯେମିତି ଦେହ ଭିତରେ ପଶି ଯାଉଛି ସେ ଧ୍ୱନି !

ଆମେ ପ୍ରସ୍ତୁତ ହେଇ ବାହାରକୁ ଆସିଲୁ । ପ୍ରଥମ ଦିନ ହିଁ ନଦୀ କଟେଜ୍‌ର ବାହାରେ ଗୁଡ଼ିଏ ମୟୂର ଖୁବ୍ ସ୍ୱଚ୍ଛନ୍ଦରେ ବୁଲୁଥିବାର ଦେଖିଲୁ । ଦେଖିଲୁ, ଟିକିଏ ଆଗରେ ପଡ଼ିଆଟିରେ ଚରୁଛନ୍ତି ବିରାଟ ଶିଙ୍ଗବାଲା ବଳଦ ଓ ଖୁବ୍ ସୁସ୍ଥ ଗାଈମାନେ । ସବୁଠି ମୋବାଇଲ୍ ବ୍ୟବହାର ନକରିବାକୁ ଅନୁରୋଧ ଲେଖାଅଛି । ତେଣୁ ମୋବାଇଲ୍‌କୁ ରୁମ୍‌ରେ ଛାଡ଼ିଦେଇ ଗଲୁ । ଧାର୍ମିକ ଭାବନା ନୁହେଁ ବା ବଜାରରୁ ଗୁଡ଼ାଏ କିଛି କିଣିବା ପାଇଁ ନୁହେଁ, କେବଳ ଗୋଟେ ପବିତ୍ର ପର୍ଯ୍ୟଟନ ହିଁ ଥିଲା ଆମର ଉଦ୍ଦେଶ୍ୟ । ତେଣୁ ଆମେ ଉଦ୍ଦେଶ୍ୟହୀନ ଭାବେ ଘୂରି ବୁଲିଲୁ ସେ ବିରାଟ ହତା ଭିତରେ ।

ଯେଉଁଆଡ଼େ ଦେଖିବେ ହସହସ ଉଜ୍ଜ୍ୱଳ ମୁହଁ । ହଜାର ହଜାର ତରୁଣ, ତରୁଣୀ ନିଜ ନିଜ କାମରେ ବ୍ୟସ୍ତ । କେହି ବାହାର ବେଶ ପୋଷାକକୁ ଦେଖିବାର ନାହିଁ କି କିଏ କାହାର ରୁଚିକୁ ନେଇ କିଛି ମନ୍ତବ୍ୟ ଦେବାର ନାହିଁ । ପୁଣି ତାରି ଭିତରେ ଦେଖା ଯାଉଥାନ୍ତି କେତେଜଣ ବିଦେଶୀ ତରୁଣ ଓ ବିଦେଶିନୀ ତରୁଣୀ । କିଏ ଶାଢ଼ି ପିନ୍ଧି ଯତ୍ନରେ ଜୁଡ଼ା କରି ଶ୍ୱେତପୁଷ୍ପରେ ଗଭା ସଜେଇଛନ୍ତି ତ କେହି କେହି ପୁଣି ଲଣ୍ଡିତ ମସ୍ତକ । ଚାରିଆଡ଼େ ଚିକ୍‌ଚିକ୍, ପରିଷ୍କାର, ସହସ୍ରାଧିକ ମଣିଷଙ୍କର ଆତଯାତ ସତ୍ତ୍ୱେ ଅଖଣ୍ଡ ନୀରବତା । ଅଥଚ ସେ ନୀରବତାରେ ଗୋଟେ ଅଦ୍‌ଭୂତ ଉଚ୍ଛ୍ୱାସ ରହିଛି । କେତେ ପ୍ରକାରର ଗଛପତ୍ର, କେତେ ପ୍ରକାରର



ଇଶାନିବାସୀ ଶୁଭଶ୍ରୀ ସ୍ୱାଇଁଙ୍କ ସହିତ ଲେଖିକା

ଫୁଲ ଓ କେତେ ପ୍ରକାରର ଫଳ । ଟିକିଏ ଦୂରରେ ରହିଛି ୱେଲିଙ୍ଗିରି ପାହାଡ଼ମାଳା । ବସ୍ତୁତଃ ତିନିପଟେ ଘେରି ରହିଛି ସେ ପାହାଡ଼ । ପାହାଡ଼ର ପାଦଦେଶରେ ଏ ପ୍ରତିଷ୍ଠାନ ଓ ହଜାର ହଜାର ଗୁଆଗଛ ।

ସବୁକିଛି ଅନୁଭବ କରିବା ପରି । ପାହାଡ ଉପରେ, କୁଣ୍ଡ ପାଖରେ, ଧ୍ୟାନଲିଙ୍ଗମ୍‌ର ବାହାର ବା ନନ୍ଦୀଙ୍କ ପାଖରେ-କୋଉଠି ବି ଆପଣ ଦେଖି ପାରିବେ ଧ୍ୟାନ ଓ ଯୋଗ କରୁଥିବା ମଣିଷମାନଙ୍କୁ । କେହି କେହି କେବଳ 'ଓଁ ନମୋ ଶିବାୟ' ଉଚ୍ଚାରଣ କରି ଚାଲିଥିବେ ତ କେହି କେହି ପ୍ରାଣାୟାମ କରି ଚାଲିଥିବେ । ତାରି ଭିତରେ ଅଛନ୍ତି ଓଡ଼ିଶାର କିଛି ତରୁଣ ତରୁଣୀ । କହିଥିଲି, ଶୁଭଶ୍ରୀଙ୍କ କଥା । ଏବେ ତାଙ୍କ କଥାଟି କହିଦିଏ । ତାଙ୍କ ବିଷୟରେ ନ କହିଲେ ଏ ଆଲେଖ୍ୟ ଅସମ୍ପୂର୍ଣ୍ଣ ରହିଯିବ ।

ଶୁଭଶ୍ରୀ ସ୍ୱାଇଁ । ବୟସ ୩୦ । ବାଙ୍ଗାଲୋର୍‌ର ଆଇ.ଟି. ଇଞ୍ଜିନିୟର ଥିଲେ । ବେଶ୍ ଭଲରେ ପଢ଼ାପଢ଼ି କରି ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି କରୁଥିଲେ । ଦୁଇଥର ବିଫଳ ହେବା ପରେ ମନ ବଦଳେଇବାକୁ ଆଶ୍ରମ ଆସିଥିଲେ ଯେ ଏବେ ସବୁଦିନ ପାଇଁ ସେଠିକାର ବାସିନ୍ଦା ହେବା ପାଇଁ ଏକପ୍ରକାର ମନ ସ୍ଥିର କରି ସାରିଛନ୍ତି ।

ଶୁଭଶ୍ରୀ ଆମ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଓ 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ଅଗ୍ରଜ କାର୍ତ୍ତିକ ସ୍ୱାଇଁଙ୍କର ସୁକନ୍ୟା । ଶୁଭଶ୍ରୀଙ୍କୁ ଦେଖିଲେ ହିଁ ଜଣା ପଡ଼ିଯାଉଛି ସେ କେତେ ଭଲ ପାଉଛି ତାହାର ଏ ନୂଆ ଜୀବନକୁ ।

ଶୁଭଶ୍ରୀ ଏବେ ସେଠି ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଛନ୍ତି । ଶୁଭଶ୍ରୀଙ୍କୁ ପଚାରିଲି, "ଏତେ ଅଳ୍ପ ବୟସରେ କାହିଁକି ଏ ଇଚ୍ଛା ହେଲା ?" ଶୁଭଶ୍ରୀ ଯାହା କହିଲେ, ସଂକ୍ଷେପରେ ଲେଖିଲେ ତା' ଏମିତି ହେବ । ସେ ଆଦୌ ଈଶ୍ୱରବିଶ୍ୱାସୀ ନଥିଲେ । ପରିବାରରେ ବଡ଼ମାନେ ତାଙ୍କୁ ସେଥିପାଇଁ ଅନେକବାର ରାଗିଛନ୍ତି । କିନ୍ତୁ ଏ ରାସ୍ତା, ଯାହାକୁ ସେ ଏବେ 'ସାଧନାପାଦ' କହନ୍ତି, ତାଙ୍କୁ ଅନେକ କିଛି ଦେଇଛି । ଜୀବନ ବଂଚିବାର ଦିଶାଶୂନ୍ୟତାରୁ ଜୀବନ ବଂଚିବାର ଆନନ୍ଦ ପାଖରେ ସେ ପହଞ୍ଚିପାରିଛନ୍ତି ଇଶା ଫାଉଣ୍ଡେସନର ଏ ପରିବେଶରେ ।

କେବଳ ଶୁଭଶ୍ରୀ ନୁହନ୍ତି, ଓଡ଼ିଶାର ଗୋଟିଏ ଦମ୍ପତି, ଯେଉଁମାନେ ଆମେରିକାର ସିଲିକନ୍ ଭ୍ୟାଲିର ଚାକିରୀ ଛାଡ଼ି ଆସିଛନ୍ତି, ସେମାନେ ଓ ଆହୁରି ଅନେକ ସେ ପରିବେଶର ମାୟାରେ ପଡ଼ି ଭ୍ରମଣ କରିବାର ଉଦ୍ଦେଶ୍ୟରୁ ସ୍ଥାୟୀ ବାସିନ୍ଦା ହେଇଯାଇଛନ୍ତି ।

ଆଉଥରେ କହିଦିଏ, ସଦ୍‌ଗୁରୁ ବା ଜାଗୀ ବାସୁଦେବଙ୍କୁ ଆମେ ଭେଟିନୁ କି ତାଙ୍କର ପ୍ରବଚନ ଶୁଣିନୁ, ଶୁଣିବାର ଇଚ୍ଛା ବି କରିନୁ ସେଠି ଥିବାବେଳେ । କିନ୍ତୁ ଜଣେ ବ୍ୟକ୍ତି ଓ ତାଙ୍କର ଦୂରଦୃଷ୍ଟି, ସ୍ୱପ୍ନ କେତେ ସୁଦୂରପ୍ରସାରୀ ହେଲେ ଏମିତି ଗୋଟେ ସକାରାତ୍ମକ ଶକ୍ତି ମିଳୁଥିବା ସ୍ଥାନ ସୃଷ୍ଟି ହେଇପାରେ, ତା' ମତେ ସତରେ ଭୀଷଣ ଭାବରେ ବିସ୍ମିତ ଓ ଆନ୍ଦୋଳିତ କରି ରଖିଛି ।

## ଗୋଟିଏ ଦିନର ଡାଏରୀ

ତାମିଲ୍‌ନାଡୁର କୋଏମ୍ବାଟୁର୍ ସହର ଠାରୁ ପ୍ରାୟ ଚାଳିଶ କିଲୋମିଟର ଦୂରରେ ଥିବା ୱେଲିଙ୍ଗିରି ପାହାଡ଼ ତଳେ ଥିବା ଏଇ ଇଶା ଫାଉଣ୍ଡେସନର ମୁଖ୍ୟ ପରିସରଟିରେ ରହିଛି ଜଣେ ମୁକ୍ତମନା ପର୍ଯ୍ୟଟକ ପାଇଁ ବିବିଧ ଆକର୍ଷଣ ।

ଏଠି ସକାଳ ଆରମ୍ଭ ହୁଏ ଗୁରୁପୂଜାରୁ । ଗୁରୁପୂଜା ପାଇଁ ଏଇ ପରିସର ଭିତରେ ରହିଛି ଚାରିଟି ସ୍ଥାନରେ ସନ୍ନିଧି । ସେଠି ସକାଳେ ସାଢ଼େ ପାଞ୍ଚରେ ଏକାଠି ହୁଅନ୍ତି ଆଶ୍ରମବାସୀ । ଆପଣ ଥରେ ସେଠି ପହଞ୍ଚିଗଲେ ୱେଲକମ୍ ପଏଣ୍ଟରୁ ହିଁ ଆପଣଙ୍କ ହାତରେ ପିନ୍ଧେଇ ଦିଆଯାଏ ଗୋଟେ ମୋଟା କାଗଜ ତିଆରି ବ୍ୟାଣ୍ଡ୍ । ଆଉ ତା'ପରେ ଆପଣଙ୍କୁ ସେଠି ରହଣି ଭିତରେ ସବୁ ସ୍ଥାନରେ ପ୍ରବେଶ କରିବାର ଅନୁମତି ମିଳେ । ଗୁରୁ ସନ୍ନିଧି ପାଖକୁ ଆମେ ସକାଳୁ ଉଠି ଯିବାବେଳେ ମୋ ମନରେ କିଛି ପ୍ରଶ୍ନ ଥିଲା । କିନ୍ତୁ ଗୁରୁପୂଜା ଆରମ୍ଭ ହେଲା 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ'ରୁ ଏବଂ ଶେଷ ହେଲା 'ଓଁ ନମୋ ଶିବାୟ'ରେ ।

ତା'ପରେ ଆମେ ଗଲୁ ସୂର୍ଯ୍ୟକୁଣ୍ଡ ଦେଖିବାକୁ । ଗୋଟେ ସୁନ୍ଦର ପୁଷ୍କରିଣୀ ଭିତରେ ତମ୍ବାର ଶିବଲିଙ୍ଗ ସବୁ ଚକ୍ ଚକ୍ ହେଇ ଝଲସୁଥାନ୍ତି । ଉତ୍ସାହୀ ପର୍ଯ୍ୟଟକମାନେ ସେଠି ସ୍ନାନ କରିବାର ବ୍ୟବସ୍ଥା ଅଛି । ସ୍ନାନ କରିବା ପୂର୍ବରୁ ପୋଷାକ ବଦଳେଇବା ପାଇଁ ବି ସୁନ୍ଦର କୋଠରୀ ସବୁ ରହିଛି । ସେଠି ପର୍ଯ୍ୟଟକମାନେ ଅସଂଖ୍ୟ ସଂଖ୍ୟାରେ ଗାଧୋଉଥିଲେ । ସବୁଆଡ଼େ ନିନାଦିତ ହେଉଥିଲା ଓଁ ଧ୍ୱନି ।

ତା'ପରେ ଆମେ ଇଶା ଫାଉଣ୍ଡେସନର ଆକର୍ଷଣର କେନ୍ଦ୍ରବିନ୍ଦୁ ଧ୍ୟାନଲିଙ୍ଗମ୍‌କୁ ଗଲୁ । ଧ୍ୟାନଲିଙ୍ଗମ୍ ବାହାରେ ବସିଛନ୍ତି କଳା ରଂଗର ସୁଉଚ୍ଚ ନନ୍ଦୀ । ଖୁବ୍ ସୁନ୍ଦର ଭାବେ ନନ୍ଦୀଙ୍କ ସାମ୍ନାରେ ରହିଛି ଏକ ସ୍ତମ୍ଭ, ଯେଉଁଥିରେ ସର୍ବଧର୍ମ ସମନ୍ୱୟର ଚିହ୍ନ ସବୁ ରହିଛି । ଏଠି ଜାତି, ଧର୍ମ, ସମ୍ପ୍ରଦାୟ କିଛିର ବିଭେଦ ନାହିଁ । ପୃଥିବୀର କାହିଁ କେତେ ଦୂରରୁ, କେଉଁ କେଉଁ ଦେଶରୁ ସବୁ ପର୍ଯ୍ୟଟକମାନେ ଆସିଛନ୍ତି । କୁହାଯାଏ, ଧ୍ୟାନଲିଙ୍ଗମ୍‌ର ପ୍ରତିଷ୍ଠା ପାଇଁ ବହୁ କଷ୍ଟ ବରଣ କରିଛନ୍ତି ସଦ୍‌ଗୁରୁ । ଧ୍ୟାନଲିଙ୍ଗମ୍‌ର ପ୍ରବେଶ ପଥରେ ଠିଆ ହେଇଥିଲେ କିଛି ବ୍ରହ୍ମଚାରୀ । ସେମାନେ ଇଙ୍ଗିତରେ ନୀରବ ରହିବାକୁ ଜଣାଉଥିଲେ । ପତଞ୍ଜଳିଙ୍କର ଏତେ ବଡ଼ ମୂର୍ତ୍ତି ମୁଁ କେଉଁଠି ଦେଖିନଥିଲି । ଧ୍ୟାନ ଲିଙ୍ଗମ୍‌ର ଗର୍ଭ ଗୃହକୁ ଏକା ସହିତ ଯାଉଥିଲେ ପ୍ରାୟ ପାଞ୍ଚଶହ ଦର୍ଶକ । ଭିତରେ ନାଗଙ୍କ ଉପରେ ଠିଆ ହୋଇଛନ୍ତି ୧୩ ଫୁଟ୍ ୯ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଧ୍ୟାନଲିଙ୍ଗମ୍ । ଧ୍ୟାନଲିଙ୍ଗମ୍ ଯେହେତୁ ଏ କ୍ୟାମ୍ପସର ମୁଖ୍ୟ ଆକର୍ଷଣ, ତେଣୁ ଏଠିକୁ ଆସୁଥିବା ପ୍ରତିଟି ଆଗ୍ରହୀ ଦର୍ଶକ ଥରେ ହେଲେ ବି ଏ ଭିତରକୁ ଆସନ୍ତି ନିଶ୍ଚୟ । ଗୋଟିଏ ବିଶାଳ ଗ୍ରାନାଇଟ୍‌ରୁ ତିଆରି ଧ୍ୟାନଲିଙ୍ଗମଙ୍କର ମସ୍ତକ ଉପରେ ଅହରହ ବିନ୍ଦୁ ବିନ୍ଦୁ ଜଳ ପଡୁଛି ଉପରେ ଥିବା ଛାତର କେନ୍ଦ୍ରବିନ୍ଦୁରୁ । ତଳେ ରହିଛି ପଦ୍ମ ଫୁଟୁଥିବା ଜଳସୀମା । ଲାଗୁଛି, ଯେମିତି ଭାସମାନ ଅବସ୍ଥାରେ ରହିଛନ୍ତି ଧ୍ୟାନଲିଙ୍ଗମ୍ ।

କୁହାଯାଏ ଏଠି ସପ୍ତଚକ୍ରର ସମନ୍ୱୟ ହେଇଛି । ତେଣୁ ଶ୍ରଦ୍ଧାଳୁମାନେ ଧ୍ୟାନ କରିବାକୁ କୌଣସି ପ୍ରୟାସ ନକଲେ ବି ଧ୍ୟାନର ସୁଫଳ ମିଳିଥାଏ । କେବଳ ଦଶମିନିଟ୍ ଏଠି ବସିଲେ ହିଁ ମନ ଶାନ୍ତ, ସ୍ଥିର ହେଇଯାଏ । ଏତେ ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁମାନେ ସାରାଦିନ ଧ୍ୟାନଲିଙ୍ଗମ୍‌ର ଦର୍ଶନ କରୁଛନ୍ତି ଏବଂ କୌଣସି ଠେଲାପେଲା ନଥାଇ ବାହାରି ଯାଉଥାନ୍ତି । ଏଠି ସକାଳେ ଓ ସଂଧ୍ୟାରେ ଦୁଇଥର 'ନାଦ ଆରାଧନା' ହୁଏ ।

ଚମତ୍କାର ଭାବେ ବିଦେଶିନୀ ଜଣେ ସେଦିନ ଗୋଟିଏ ରାଗର ଆଳାପ କରୁଥିଲେ । ଅନ୍ୟମାନଙ୍କ ସହ ଆମେ ବି ମନ୍ତ୍ରମୁଗ୍ଧ ହେଇ ସେ 'ନାଦ ଆରାଧନା'ର ସଂଗୀତ ଶୁଣୁଥିଲୁ । ସେ ରାଗର ଆଳାପ ଶୁଣିବା ବେଳେ ଆଉ କିଛି କଥା ବି ମନକୁ ଆସୁ ନଥିଲା ।

ଧ୍ୟାନଲିଙ୍ଗମ୍‌ରୁ ବାହାରିଲେ ଦକ୍ଷିଣ ପଶ୍ଚିମ କଣରେ ରହିଛନ୍ତି ଲିଙ୍ଗ ଭୈରବୀ । ମା' ଭୈରବୀଙ୍କ ମନ୍ଦିରରେ ସକାଳୁ ସକାଳୁ ଗୋଟେ ବାହାଘରର ପ୍ରସ୍ତୁତି ଚାଲିଥିଲା । ଜଣେ ଦକ୍ଷିଣ ଭାରତୀୟ ଝିଅ ବାହା ହେଉଥିଲେ ଜଣେ ବିଦେଶୀ ପୁଅଙ୍କୁ । ଉଭୟ ପକ୍ଷର ପରିବାର ବି ସେଠି ଥିଲେ । ପଚାରି ବୁଝିଲୁ ବର-କନ୍ୟା ଉଭୟ ସେ ଆଶ୍ରମରେ ରହନ୍ତି । ଆଶ୍ରମର ଏ ଦିଗଟି ସଂପର୍କରେ ଆଉ ଟିକିଏ ପରେ ଉଲ୍ଲେଖ କରିବି । ଏବେ ଲିଙ୍ଗ ଭୈରବୀଙ୍କ ପାଖକୁ ଯିବା । ଆମ ଭାରତୀୟ ପରମ୍ପରାରେ ଶିବ ଓ ଶକ୍ତି ଉଭୟଙ୍କ ଉପାସନା ହିଁ ପୂର୍ଣ୍ଣାଙ୍ଗ ଉପାସନା ଭାବେ ଗ୍ରହଣ କରାଯାଏ । ସମ୍ଭବତଃ ନାରୀ ଓ ପୁରୁଷ ଉଭୟଙ୍କୁ ସମାନ ସ୍ୱୀକୃତି ଦେବା ଏ ବିଶ୍ୱାସର ମୂଳ । ମୁଁ ବ୍ୟକ୍ତିଗତ ଭାବେ ଖୁବ୍ ବେଶୀ ଧର୍ମ ବିଶ୍ୱାସୀ ବା ଧାର୍ମିକ ନୁହେଁ, ତେଣୁ ସବୁକଥା ପଛରେ ଥିବା ଯୁକ୍ତି ଓ ବିଶ୍ୱାସ ପଛରେ ଥିବା ଜୀବନର ମନ୍ତ୍ରଟି ଅନ୍ୱେଷଣ କରେ ।

ଲିଙ୍ଗ ଭୈରବୀ ନା ଭୈରବୀ ମନ୍ଦିର ଭିତରେ ସ୍ତ୍ରୀ ଲୋକମାନେ ହିଁ ପୂଜା କରୁଥାନ୍ତି । ମା'ଙ୍କର ସାଜସଜ୍ଜା, କାନ୍ଥରେ ଥିବା ଦୀପ ଜଳେଇବା, ଆରତୀ, ଅଭିଷେକ, ଏଭଳିକି ବିବାହ କାର୍ଯ୍ୟ ମଧ୍ୟ ସ୍ତ୍ରୀଲୋକମାନେ କରୁଥାନ୍ତି । ଏଇ କଥାଟି ମତେ ଖୁବ୍ ଭଲ ଲାଗିଲା । ସେ ମନ୍ଦିର ଭିତରେ ଗୋଟେ ଖୁବ୍ ଶକ୍ତିଶାଳୀ ପ୍ରଭାବ ଯେ କେହି ଅନୁଭବ କରିପାରିବେ । ଝୁଣା, ଚନ୍ଦନ, ଘିଅର ବାସ୍ନା ସାଙ୍ଗକୁ ଦକ୍ଷିଣ ଭାରତର ସୁନ୍ଦର ଭାବେ ଫୁଲ ଗୁନ୍ଥିବାର ଶୈଳୀରେ ଭୈରବୀ ମା' ଦିଶୁଥାନ୍ତି ଅପୂର୍ବ । ଅହରହ ଶୁଭୁଥିବା ପ୍ରାର୍ଥନା 'ଜୟ ଭୈରବୀ ଦେବୀ, ସ୍ୱୟଂଭୁ ନମସ୍ତେ' । ମା'ଙ୍କର ଅନେକ ନାମରେ ଏ ପ୍ରାର୍ଥନାର ପ୍ରଭାବରୁ କେହି ବି ନିଜକୁ ଭିନ୍ନ କରି ପାରିବେନି ।

ଭୈରବୀ ଦେବୀଙ୍କ ସମ୍ମୁଖରେ ଅଛନ୍ତି ଶିବଙ୍କର ତିନିରୂପ-ଆଶୁତୋଷ, ସଦାଶିବ ଏବଂ ରୁଦ୍ର । ଟିକିଏ ପାଖରେ ଅଛି ଯୋଗ ହଲ୍ । ସେଠି ସକାଳ ନଅଟାରୁ ସଂଧ୍ୟା ପାଞ୍ଚଟା ଯାଏଁ ଯୋଗ ଚାଲିଥାଏ । ମୁଁ ଭାବିଥିଲି ଯୋଗାସନର କଷ୍ଟ ଆସନ ସବୁ ବା ବିଭିନ୍ନ ପ୍ରକ୍ରିୟା କରିବା ମୋ ପକ୍ଷେ ଏବେ ଆଉ ସମ୍ଭବ ନୁହେଁ । କିନ୍ତୁ ସେଠି ଶିଖା ଯାଉଥିବା 'ଉପଯୋଗ' ଏବଂ 'ଇଶାକ୍ରିୟା' ସମସ୍ତେ କରିପାରିବେ । ସୁସ୍ଥ ଜୀବନ ପାଇଁ ସହଜ ଉପାୟରେ ଶିଖା ଯାଉଥିବା ଏହି ଦୁଇଟି କର୍ମ ଖୁବ୍ ଉପାଦେୟ ।

ଟିକିଏ ଆଗକୁ ଗଲେ ରହିଛି ଚନ୍ଦ୍ରକୁଣ୍ଡ, ଯେଉଁଠି ଝରଣାର ପାଣିକୁ ଗୋଟିଏ ଛୋଟ ପୋଖରୀ ଭଳି ଜାଗାରେ ରଖା ଯାଉଛି, ପୁଣି ସେ ପାଣି ବହିଯାଉଛି । ସେଠି କେବଳ ସ୍ତ୍ରୀଲୋକମାନେ ସ୍ନାନ କରନ୍ତି, ଏ ଜାଗାର ନାମ 'ଚନ୍ଦ୍ରକୁଣ୍ଡ' । ଏଠି ଜଳରେ ବିଭିନ୍ନ ଔଷଧୀୟ ଗୁଳ୍ମ ଦେଇ ବିଶୋଧନ କରାଯାଉଛି । ଆମେ ଦୁହେଁ ଯାଇଥିଲୁ ଖୁବ୍ ସାହସର ସହ ଗାଧୋଇବାକୁ । ପୂର୍ବତନ ସଂଧ୍ୟାରେ ଜଣେ ଦିଲ୍ଲୀରୁ ଆସିଥିବା ଓ ଆମଠୁ ଟିକିଏ ଅଧିକ ବୟସ୍କା ମହିଳା ଆମକୁ 'ଚନ୍ଦ୍ରକୁଣ୍ଡ'ରେ ସ୍ନାନ କଲେ କେମିତି ଖୁବ୍ ଭଲ ଅନୁଭବ ହେଉଛି, ସେକଥା ବର୍ଣ୍ଣନା କରିଥିଲେ । କିନ୍ତୁ ଆମକୁ ଦେଖୁ ଦେଖୁ ସେଠିକାର ପରିଚାରିକା ଜଣକ ସ୍ମିତ ହସ ସହ ଆମ ବୟସ ପଚାରିଲେ ଓ ଆମକୁ ଚେତେଇ



ଦେଲେ ଯେ "ଆମକୁ ନିଜ ରିସ୍କରେ ଗାଧୋଇବାକୁ ହେବ, ଯେହେତୁ ପାଣି ଖୁବ୍ ଥଣ୍ଡା।" ତଥାପି ଆମେ ସେ ସୁଦୃଶ୍ୟ କୁଣ୍ଡପାଖକୁ ପାହାଚ ପରେ ପାହାଚ ଓହ୍ଲାଇ ଚାଲିଗଲୁ। ପାଣି ଲାଗୁଥିଲା ବରଫ ତରଳିଥିବା ଭଳି। ତେଣୁ ସେ ଦୁଃସାହସିକ ଇଚ୍ଛାଟିକୁ ମନରୁ ଲିଭେଇଦେଇ ମୁଣ୍ଡରେ ଟିପାଏ ପାଣି ଲଗେଇ ଫେରି ଆସିଲୁ ସେଠୁ।

ତା'ପରେ ସ୍ଥିର କଲୁ କପେ ଗରମ ଚା' ପିଇବା ପାଇଁ। ଆଶ୍ରମ ପରିସରରେ ପର୍ଯ୍ୟଟକ ଓ ଅନ୍ତେବାସିନୀମାନଙ୍କ ପାଇଁ ରହିଛି ଦୁଇଟି କ୍ୟାଫେଟେରିଆ। ସେଠି ବଢ଼ିଆ ଦକ୍ଷିଣ ଭାରତୀୟ ଖାଦ୍ୟ ସହ ମିଳେ ଫିଲ୍‌ଟର୍ କଫି ଓ ଚା'। ସେଠି ଚା' ପିଇ ଆମେ ବାହାରିଲୁ ଆଦିଯୋଗୀଙ୍କୁ ଦେଖିବାକୁ। ଆଦିଯୋଗୀ ସେଠୁ ଅତି କମ୍‌ରେ ତିନି କିଲୋମିଟର ଦୂର ହେବ। 'ସର୍ପ ଭାସ୍‌ଲମ୍' ହେଉଛି ଆଶ୍ରମର ମୁଖ୍ୟ ପ୍ରବେଶ ଦ୍ୱାର। ସେଠି ପହଞ୍ଚିବା ପରେ ଗୋଟେ କିଲୋମିଟର ପରେ ଆଦିଯୋଗୀଙ୍କର ବିରାଟ ୧୧୨ ଫୁଟ୍‌ର ମୂର୍ତ୍ତି ରହିଛି। ସେ ମୂର୍ତ୍ତି ପୁରା ଷ୍ଟିଲ୍‌ରେ ତିଆରି। ଆମେ ଆସିବାବେଳକୁ 'ସର୍ପ ଭାସ୍‌ଲମ୍' ଦେଖିନଥିଲୁ, ଅନ୍ୟବାଟରେ କାର୍ ନେଇ ଯାଇଥିଲା ଭିତରକୁ। ଏବେ ଦେଖିଲୁ ଦୁଇପଟରେ ସର୍ପ ରହିଥିବା 'ସର୍ପ ଭାସ୍‌ଲମ୍'। ସେଠି 'ଆଦିଯୋଗୀ'ଙ୍କ ପାଖକୁ ଯିବା ପାଇଁ ବଳଦଗାଡ଼ିର ବ୍ୟବସ୍ଥା ରହିଛି। ଗୋଟେ ପଟେ ବଳଦଗାଡ଼ିର ଟିକେଟ୍ କାଉଣ୍ଟର୍, ତା'ର ବିପରୀତ ଦିଗରେ ସୁଦୃଶ୍ୟ ବଳଦମାନଙ୍କର ଗୁହାଳ। ବଳଦଗାଡ଼ିରେ ଚଢ଼ିବାର ଆଗ୍ରହ ପାଇଁ ଦଶଟଙ୍କା ଦେଇ ଟିକେଟ୍ କାଟିଲୁ। ସେ ବଳଦଗାଡ଼ି ଟିକିଏ ଅଲଗା ପ୍ରକାରର। ଆମ ପିଲାଦିନେ ମୋ ମାମୁଁଘରୁ ଆସୁଥିଲା ଶଗଡ଼ଗାଡ଼ି ମୋ ବୋଉକୁ ବାପଘରକୁ ନେବା ପାଇଁ। ମୋ ବାବା ଥଟ୍ଟାମଜ୍ଜାରେ କହୁଥିଲେ, "ତମ ଅଜାଙ୍କ ଆମ୍ବାସାଡ଼ର୍ ଆସିଗଲା।" ଶଗଡ଼ଗାଡ଼ି କଥା ଶୁଣି ମୋର ସେ ଶଗଡ଼ ଯାତ୍ରା ମନେ ପଡ଼ି ଯାଉଥିଲା। ବୋଉ ବାହାରେ ପ୍ରାୟ ସଂଧ୍ୟା ପରେ, ରାତି ନହେଲେ ସେ ଦାଣ୍ଡପଟକୁ ବାହାରେନି। କେବେକେବେ ଜହ୍ନରାତି ହେଇଥାଏ। ଶଗଡ଼ ଭିତରେ ପଡ଼ିଥାଏ ମସିଣା ଓ କନ୍ଥା। ତା' ଉପରେ ସୁନ୍ଦର ଭେଲ୍‌ଭେଟ୍ କପଡ଼ାର



ଆବରଣ। ଶଗଡ଼ର ସେ ବେତପାତିର ଛାତରୁ ଝୁଲୁଥାଏ ସେତେବେଳର ଘରସଜ୍ଜା ସାମଗ୍ରୀ କିଛି। ଗୋଟିଏ ମୁଣ୍ଡରେ ଝୁଲୁଥାଏ ଲଣ୍ଠନଟିଏ। ମାମୁଁଘର ହଳିଆ ଆସିଥାଏ ନେବାକୁ ଯେ ପାଞ୍ଚ କିଲୋମିଟର ରାସ୍ତାକୁ ଶଗଡ଼ ଗାଡ଼ିରେ ଲାଗେ ଅଧଘଣ୍ଟା ସମୟ। ବୋଉ ସାଙ୍ଗେ ଅନେକବର୍ଷ ତଳେ ଯାଇଥିବା ସେ ଶଗଡ଼ଗାଡ଼ିର ଯାତ୍ରାର ସୁଖଦ ସ୍ମୃତି ପୁଣି ତାଜା ହୋଇଗଲା। ଏଠି କିନ୍ତୁ ଦୃଶ୍ୟ ଭିନ୍ନ। ଗୋଟିଏ ବଳଦ ଲାଗିଛି ଏ ଗାଡ଼ିରେ, ଟିକିଏ ଆଧୁନିକୀକରଣ ହେଇଛି ଗାଡ଼ିର।

ଶହଶହ ପର୍ଯ୍ୟଟକ ଚାଲି ଚାଲି ଯାଉଥିଲେ ରାସ୍ତାରେ। ଆମେ କେବଳ ସେ ସୁନ୍ଦର ଦିଶୁଥିବା ଶଗଡ଼ଗାଡ଼ି ଯାତ୍ରାର ଅନୁଭବ ପାଇଁ ଗାଡ଼ିରେ ବସିଲୁ। ଦୁଇପଟରେ ନର୍ସରି, ଗୋଟେ ପଟେ ପୁଣି ହଜାର ହଜାର ଦୀର୍ଘଦେହୀ ଗୁଆଗଛ। ଟିକିଏ ଦୂରରେ ସଂରକ୍ଷିତ ଜଙ୍ଗଲ। ସେ ରାସ୍ତାର ସୌନ୍ଦର୍ଯ୍ୟକୁ ଆହୁରି ବହୁଗୁଣିତ କରୁଛନ୍ତି ଆଦିଯୋଗୀ। ଆଦିଯୋଗୀଙ୍କର ସେ ମୂର୍ତ୍ତିକୁ ଦେଖିଲେ ମନେହେବ ଯେମିତି ସେ ନିରୀକ୍ଷଣ କରୁଛନ୍ତି ସାରା ପୃଥିବୀକୁ। ପଢ଼ିଲେ, ଲେଖିଲେ କି ଶୁଣିଲେ ନୁହେଁ, କେବଳ ସେଠିକୁ ଯାଇ ଛିଡ଼ାହେଲେ ହିଁ ଜଣେ ଅନୁଭବ କରିପାରିବ ନିଜକୁ ସ୍ମୃତିହୀନ ମନେକରିବାର ସେ ସମୟକୁ। ଅନେକବର୍ଷ ତଳେ ହିମାଳୟକୁ ଦେଖି ଯେମିତି ଲାଗିଥିଲା, ଠିକ୍ ସେମିତି ଲାଗିଲା ମତେ ସେ ମୁହୂର୍ତ୍ତରେ। ସେଠି ଲେଖାଅଛି ଯେ ଆଜିକୁ ପନ୍ଦରହଜାର ବର୍ଷ ତଳେ, ଯେତେବେଳେ କୌଣସି ଧର୍ମ ନଥିଲା ପୃଥିବୀରେ, କୌଣସି ବିଭାଜନ ସୃଷ୍ଟିକାରୀ ସତ୍ତା ନଥିଲା ଏ ଜଗତରେ, ସେତେବେଳେ ଆଦିଯୋଗୀ ଥିଲେ– ଏ ଦେଶରେ ଯୋଗର ପ୍ରଥମ ଅଧିକାରୀ।

ଭାରତବର୍ଷ ବହୁବିଧ ଚମତ୍କାରିତାର ଦେଶ। ଧର୍ମ ଓ ଆଧ୍ୟାତ୍ମିକତାକୁ ନେଇ ଏଠି କେତେ ପ୍ରକାର ସଂଘାତ ଓ ଦ୍ୱନ୍ଦ୍ୱ। 'ଆଦିଯୋଗୀ' ସେଭଳି ଏକ ଅନୁଭବ। ସେଠି ପ୍ରତି ସଂଧ୍ୟାରେ ଯେଉଁ ଆଲୋକ ଓ ଶବ୍ଦର କାର୍ଯ୍ୟକ୍ରମ ହୁଏ, ତାକୁ ପ୍ରତ୍ୟକ୍ଷ ଭାବରେ ଦେଖିବା ବି ଏକ ମହାର୍ଘ ଅନୁଭବ। ମୁଁ କୌଣସି ଧାର୍ମିକ ପରମ୍ପରାକୁ ପ୍ରାୟତଃ ମାନେନାହିଁ। କିନ୍ତୁ ନିଜର ଅନ୍ତର୍ନିହିତ ଶକ୍ତିର ପୁନରୁଦ୍ଧାର ହେବା ପାଇଁ ଅନେକ ରାସ୍ତା ଭଳି ଆଧ୍ୟାତ୍ମିକତା ବି ଏକ ପ୍ରମୁଖ ରାସ୍ତା, ଏ କଥାରେ ମୁଁ ବିଶ୍ୱାସ କରେ।

ଆଦିଯୋଗୀଙ୍କ ପାଖରେ, ତାଙ୍କ ଆବକ୍ଷ ପ୍ରତିମାର ପାଦଦେଶରେ ବସିବା ବେଳେ ଯେତିକି ପୂର୍ଣ୍ଣ ଲାଗେ, ଫେରି ଆସିବା ପରେ ଲାଗୁଥିଲା ସେତିକି ଶାନ୍ତ। ସେଦିନ ଚାରିଟା ବେଳେ ଆମେ ସେ ଭିତରେ ଥିବା ଇଶା ହୋମ୍ ସ୍କୁଲ ବି ବୁଲିବାକୁ ଗଲୁ। ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାତୀ, ଲିପ୍‌ସା ଓ ଇଶା ଆମକୁ ବୁଲେଇ ଦେଖେଇଲେ ସ୍କୁଲ୍। ଗୁରୁକୁଳ ଭଳି ପରିବେଶରେ ସେମାନେ ଶିଖୁଛନ୍ତି ସିବିଏସ୍‌ଇ ପାଠ୍ୟ ଖସଡ଼ାର ସବୁ ପାଠ। ପରୀକ୍ଷା ଦେଉଛନ୍ତି ସିବିଏସ୍‌ଇ ଅଧୀନରେ ଦଶମ ଓ ଦ୍ୱାଦଶ ଶ୍ରେଣୀର। ସ୍କୁଲ୍ ଭିତରେ ରହିଛି ଛାତ୍ରଛାତ୍ରୀଙ୍କର ରହିବା ପାଇଁ ଘର। ଏଠିକୁ ବିଭିନ୍ନ ଦେଶରୁ ବିଭିନ୍ନ ବର୍ଗରୁ ଓ ବିଭିନ୍ନ ଉଦ୍ଦେଶ୍ୟରେ ପିଲାମାନଙ୍କୁ ମା' ବାପା ମାନେ ଛାଡ଼ି ଆସନ୍ତି। ଏଠି 'କଲେରୁ ପାୟେଟୁ' (ଯାହାକୁ ସବୁ 'ମାର୍ସିଆଲ ଆର୍ଟ୍'ର ମୂଳବିଦ୍ୟା ଭାବେ ଗ୍ରହଣ କରାଯାଏ) ମାଧ୍ୟମରେ ପିଲାଙ୍କୁ ଶାରିରୀକ ପ୍ରଶିକ୍ଷଣ ଦିଆଯାଏ। ଶୁଣି ବିସ୍ମିତ ହେଲୁ ଯେ ସେଠି ପିଲାମାନଙ୍କର ଇଚ୍ଛା ଅନୁଯାୟୀ ୩୮ଟି ଅଧିକ ପାଠ ଭିତରୁ ଯେକୌଣସି ଗୋଟିଏ ପଢ଼ିବାର ସୁଯୋଗ ରହିଛି। ସେ ଭିତରେ ରହିଛି ମାଟିପାତ୍ର ତିଆରି କରିବା, ରନ୍ଧନକଳା ଶିଖିବା, ଫୁଲ ସଜେଇବା, ବଗିଚାରେ କାମ କରିବା, ଖାଦ୍ୟ ସଜେଇବା, ପ୍ରସାଧନ ଠାରୁ ଜ୍ୟୋତିର୍ବିଦ୍ୟା ଓ କମ୍ପ୍ୟୁଟର୍‌ର ବିଭିନ୍ନ ପ୍ରକାରର ଜ୍ଞାନ ଯାଏଁ। ଆହୁରି ଅଧିକ ଚଏସ୍ ବା ଇଚ୍ଛା ଜଣେଇ ସେମିତି କିଛି ଶିଖିବାର ବି ବ୍ୟବସ୍ଥା ଅଛି। ସ୍କୁଲ୍ ଲାଇବ୍ରେରୀ ଖୁବ୍ ଭଲ ଲାଗିଲା। ସେଠି ଫକୀରମୋହନ ଓ ଗୋପୀନାଥ ମହାନ୍ତିଙ୍କର ବହି ରହିଥିବା ଦେଖି ମୁଁ ଖୁସି ହେଇଗଲି। ସଂଗୀତ ଓ ନୃତ୍ୟ ଶିକ୍ଷା ଉପରେ ବି ଖୁବ୍ ଗୁରୁତ୍ୱ ଦିଆଯାଏ। ସବୁଠୁ ଭଲ ଲାଗିଲା ସେଠି ପଢୁଥିବା ସେ ପିଲାମାନଙ୍କର ବ୍ୟବହାର ଓ ଆତ୍ମବିଶ୍ୱାସ ଦେଖି। ଶୁଣିଲୁ, ସେଠି ବି ଓଡ଼ିଆ ଦମ୍ପତିଟିଏ ଅଛନ୍ତି, ନିଜର ପ୍ରାଚୁର୍ଯ୍ୟର ଜୀବନକୁ ଛାଡ଼ିଦେଇ ସେମାନେ ସେଠି ପିଲାଙ୍କର 'ହାଉସ୍ ପ୍ୟାରେଣ୍ଟ୍‌ସ୍' ବା ଗୃହ ଦାୟିତ୍ୱରେ ଥିବା ମା', ବାପା ହେଇ ରହିଛନ୍ତି।

ଆଶ୍ରମ ପରିସର ଭିତରେ ଆଉ ଗୋଟିଏ ସ୍କୁଲ ଅଛି। ସେ ସ୍କୁଲ୍‌ରେ ବେଦିକ୍

ଗଣିତ, ଶାରୀରିକ ଶିକ୍ଷା, ନଭ ବିଜ୍ଞାନ, ସଂଗୀତ ଓ ନୃତ୍ୟ ଶିଖାଯାଏ । ଏ ଶିକ୍ଷାସବୁ ମଣିଷର ମୌଳିକ ଗୁଣଗୁଡ଼ିକର ବିକାଶରେ ସହାୟକ ହୁଏ । ଇଶା ହୋମ୍ ସ୍କୁଲ୍‌ର ପିଲାମାନଙ୍କୁ ସକାଳ ଖାଇବାରେ ସିଝା ଅଣ୍ଡା ବି ଦିଆଯାଏ । ବିଭିନ୍ନ ପ୍ରକାରର କେକ୍, ବର୍ଗର୍, ପିଜା ବି ସେଠି ଆଶ୍ରମର ରୋଷେଇ ଘରେ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଖାଇବାକୁ ଦିଆଯାଏ । କିନ୍ତୁ ଦ୍ୱିତୀୟ ସ୍କୁଲ୍‌ର ପିଲାମାନେ ଆଶ୍ରମ ପରିସରରେ ଥିବା ଭିକ୍ଷା ହଲ୍‌ରେ ଖାଇବାକୁ ଆସନ୍ତି ।

ଭିକ୍ଷା ହଲ୍‌ରେ ଖାଦ୍ୟ ଗ୍ରହଣ କରିବା ବି ଗୋଟେ ଅନନ୍ୟ ଅନୁଭବ । ଏକା ସାଙ୍ଗରେ ହଜାର ହଜାର ଲୋକ ଖାଇବା ଆରମ୍ଭ କରିବେ । ପ୍ରଥମେ ଖାଦ୍ୟକୁ ଦୁଇ ମିନିଟ୍ ନିରୀକ୍ଷଣ କରିବେ । ଖାଦ୍ୟ ସାମ୍ନାରେ ବସି ଆଉ ଗୋଟିଏ ମିନିଟ୍ 'ସହନା ଭବତୁ, ସହନୌ ଭୁନକ୍ତୁ' ଶ୍ଲୋକଟି ସାମୂହିକ ସ୍ୱର ସହ ମିଶି ଗାନ କରିବେ । ତା'ପରେ ଖାଦ୍ୟ ଖାଇବା ଆରମ୍ଭ ହେବ । ପୁରା ବିଜ୍ଞାନ ସମ୍ମତ ଉପାୟରେ ବାମ୍ଫରେ ଖାଦ୍ୟ ପ୍ରସ୍ତୁତ ହେଉଥାଏ । ଆମେ ସେଠି ଥିବା ବେଳେ ଶୁଭଶ୍ରୀ ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରିବା କାମରେ ନିୟୋଜିତ ଥିଲେ । ତେଣୁ ଆମେ ସେ ସଂପର୍କରେ ବିଶଦ୍ ଭାବରେ ବୁଝିଲୁ ତାଙ୍କ ଠୁ । ଖାଦ୍ୟରେ ବିଭିନ୍ନ ପ୍ରକାର ପରିବା, ଡାଲି, ନାଲି ଚାଉଳ ଓ କାଞ୍ଜି ଦିଆ ଯାଉଥିଲା । ତା'ସହ ଯଥେଷ୍ଟ ପରିମାଣର ସ୍ୱାଦିଷ୍ଟ ଫଳ । ଖାଇସାରିବା ପରେ ସମସ୍ତେ ନିଜ ନିଜର ବାସନ ସଫା କରି ଷ୍ଟାଣ୍ଡରେ ରଖି ଦେଉଥିଲେ । ସକାଳ ୧୧ଟା ଭିତରେ ତିନିଥର ଓ ସଂଧ୍ୟା ନଅଟା ଭିତରେ ତିନି ବ୍ୟାଚ୍‌ରେ ଯେ କେହି ଖାଦ୍ୟ ଗ୍ରହଣ କରି ପାରିବେ । ଏତେ ନିଷ୍ଠା ଓ ଶୃଙ୍ଖଳା ଭିତରେ ସେଠି ଶହଶହ ଲୋକ ଖାଉଥିଲେ, ତା'ବି ଦେଖିବାର କଥା ।





ଇଶା ଫାଉଣ୍ଡେସନ୍ ଯେକୌଣସି ଧାର୍ମିକ ବା ତୀର୍ଥ ସ୍ଥଳରୁ ଭିନ୍ନ ଏଇଥିପାଇଁ ଯେ ଏଠି ବୈରାଗ୍ୟ ନୁହେଁ, ଜୀବନକୁ ଭଲ ପାଇବା ହିଁ ଶିଖିବାକୁ ମିଳେ । ଏଠି ଆଶ୍ରମ ଭିତରେ ପ୍ରେମ ସଂପର୍କ ଗଢ଼ିଉଠେ, ସେମାନଙ୍କ ବିଚ୍ଛେଦ ବି ହେଇପାରେ । କିନ୍ତୁ ସେମାନେ ବୈବାହିକ ବନ୍ଧନରେ ବାନ୍ଧି ହେବାକୁ ଚାହିଁଲେ ସେସବୁର ବ୍ୟବସ୍ଥା ବି କରି ଦିଆଯାଏ ।

ସେଠିକାର ବରିଷ୍ଠ ଅନ୍ତେବାସିନୀ ଜଣେ ମତେ ବୁଝେଇବା ଛଳରେ କହିଲେ, "ଆମେ ଜାଣୁନା, ହୁଏତ କେତେ ଜନ୍ମର ବା ଏ ଜନ୍ମର ଆରମ୍ଭରୁ ଆମ ଭିତରେ କିଛି କିଛି ଇଚ୍ଛା ଓ କାମନା ରହିଛି ସଂଚିତ ହେଇ । ମଣିଷର ଏସବୁ ରହିବା ସ୍ୱାଭାବିକ । ଯେକୌଣସି ମଣିଷ ଭିତରେ ପ୍ରେମ କରିବାକୁ, ପ୍ରେମ ପାଇବାକୁ, ସନ୍ତାନର ମାତା, ପିତା ହେବାକୁ, ବିବାହ ବନ୍ଧନରେ ଆବଦ୍ଧ ହେବାକୁ- ଏସବୁ ଇଚ୍ଛା ରହିବା ନିହାତି ପ୍ରାକୃତିକ । ଏସବୁକୁ ଅବଦମିତ କରିବାର ପ୍ରୟାସ କଲେ କୌଣସି ମଣିଷ ଅନ୍ୟ କିଛି କାମରେ ସନ୍ତୋଷ ପାଇ ପାରିବନି । ତେଣୁ ଏଠି ଏସବୁର ଅବଦମନ ନୁହେଁ, ପୂରଣ ପାଇଁ ଉତ୍ସାହିତ କରାଯାଏ ।

ଦେଖା ହେଲା, ସ୍ୱନ୍ଦା ହଲ୍ ପାଖରେ ସ୍ମୃତିଙ୍କ ସହ । ସ୍ମୃତି କଟକର ଝିଅ, ସେଠି ପବ୍ଲିକେସନ ଡିଭିଜନରେ କାମ କରନ୍ତି । ପବ୍ଲିକେସନ୍ ବିଭାଗର ସ୍ୱାମୀ ସତ୍ୟାଜୀ ବି ଆମକୁ ବେଶ୍ କିଛି ସମୟ ଦେଲେ । ଜାଗଗି ବାସୁଦେବରୁ ସଦ୍‌ଗୁରୁରେ ପରିଣତ ହେବାର କଥା ତାଙ୍କ ଠୁ ଶୁଣିଲୁ । ସେଦିନ ସଂଧ୍ୟାରେ ବର୍ଷା ହେଲା ହଠାତ୍ । ସ୍ୱନ୍ଦା ହଲ୍‌ରେ ଆମେ କିଛି ସମୟ ଅଟକି ରହିଲୁ ବର୍ଷାରୁ ରକ୍ଷା ପାଇବା ପାଇଁ । ସ୍ୱନ୍ଦା ହଲ ସେଠି ରହୁଥିବା ଇଞ୍ଜିନିୟରମାନେ ନିର୍ମାଣ କରିଛନ୍ତି । ଆଦୌ ପିଲାର୍ ନଦେଇ ସେ ବିରାଟ ହଲ୍‌ଟିକୁ ସେମାନେ ରେକର୍ଡ଼ ସମୟ ସୀମାରେ ସାରିଛନ୍ତି । ସେଠି ଇଶା ଫାଉଣ୍ଡେସନର ବିଭିନ୍ନ କାର୍ଯ୍ୟକ୍ରମ ହୁଏ । ସେଇ ପାଖରେ ଅଛି 'ଆଦିଯୋଗୀ ଆଳୟମ୍' । ସେଠି ବି ରହିଛି ସହସ୍ରାଧିକ ମଣିଷଙ୍କ ପାଇଁ ଆଲୋଚନା କକ୍ଷ । କିନ୍ତୁ ସବୁଠୁ ଯାହା ଲକ୍ଷ୍ୟ କରିବାର କଥା, ତା'ହେଲା ସବୁଆଡ଼େ ଧ୍ୟାନ ଓ ପ୍ରାଣାୟାମରେ ମଗ୍ନ ତରୁଣ ତରୁଣୀମାନେ ।

ହଜାର ହଜାର ମଣିଷ ଯେଉଁ ପରିସର ଭିତରେ ସବୁଦିନ ରହୁଛନ୍ତି ଓ ତାଙ୍କର ସମଗ୍ର ଜୀବନ ବିତେଇବା ପାଇଁ ସିଦ୍ଧାନ୍ତ ନେଇଛନ୍ତି, ସେ ସ୍ଥାନର ସକାରାତ୍ମକ ଶକ୍ତି ଅନୁମାନ କରିବା ସହଜ ନୁହେଁ । ଖରା, ଛାଇର ଏ ଜୀବନଯାତ୍ରାରେ ଆମେ ଅନେକଥର ବୀତସ୍ପୃହ ହେଇ ଯିବା ଭଳି ସମୟ ଆସେ । ସେମିତି ସମୟ ପାଇଁ ଇଏ ଗୋଟିଏ ପ୍ରକୃଷ୍ଟ ସ୍ଥାନ । ପୁଣିଥରେ କହିବି ଯେ କେହି ଏଠି କୌଣସି ସ୍ଥାନରେ ବି ସଦ୍‌ଗୁରୁଙ୍କ ପ୍ରବଚନ, ଦର୍ଶନ ବା ମୂର୍ତ୍ତିଟିଏ ଦେଖିବାକୁ ପାଇବେ ନାହିଁ । ଆଉ ସେଇ କଥାଟି ହିଁ ସବୁଠୁ ବେଶୀ ମୋ ମନକୁ ଛୁଇଁଲା । ସବୁଠି କେବଳ ଜୀବନର ଜୟଗାନ । ରୋଗିଣା ମଣିଷ, ଦରିଦ୍ର ପରିବାରର ପିଲାମାନେ ବା ନିରାଶାର ମନଃସ୍ଥିତି ଭିତରେ ଥିବା ଆଜିର ମଣିଷ ସମସ୍ତଙ୍କ ପାଇଁ ସେଠି ରହିଛି କିଛି ନା କିଛି ସମାଧାନର ସୂତ୍ର । ବଂଚୁଥିବା ଜୀବନକୁ ଆଉ ଟିକିଏ ଅଧିକ ଭଲ ପାଇବା ପାଇଁ, ଆଉ ଟିକିଏ ଛଳଛଳ ପଣ ଭରିଦେବା ପାଇଁ, ଆଉ ଟିକେ ଜୀବନ ମନସ୍କ କରିବା ପାଇଁ ଚାହାନ୍ତି ତ, ଥରେ ବୁଲି ଆସନ୍ତୁ ଏ ସ୍ଥାନଟି । ଆମ ଦେଶରେ ଗୋଟେ ଏତେ ଚମତ୍କାର ସ୍ଥାନ ରହିଛି, ପର୍ଯ୍ୟଟକର ମନନେଇ ଯାଆନ୍ତୁ ଥରେ, ଫେରିବେ ଶାନ୍ତ ଓ କୋମଳ ଅନୁଭବର ଫୁଲଭର୍ତ୍ତି ଚାଙ୍ଗୁଡ଼ି ନେଇ ।



# ଶୁଭ୍ରବରଣୀ ଫିନ୍‌ଲ୍ୟାଣ୍ଡ

# ଫିନ୍‌ଲ୍ୟାଣ୍ଡ


## ସୌରଭ ରଂଜନ ମହାପାତ୍ର

ଏଲ୍‌ଯାସ୍ ଷ୍ଟ୍ରାସେ ୧୦, ଆଖେନ୍-୫୨୦୬୮, ଜର୍ମାନୀ
ଫୋନ: +୪୯ ୧୭୬ ୨୨୬୭୬୩୬୯


ଫଟୋ ସୌଜନ୍ୟ: ଲେଖକ



▲ଲେଖକ ସୌରଭ ରଞ୍ଜନ ମହାପାତ୍ର

ଗୋଟିଏ ଇଂରାଜି ଶବ୍ଦ ଅଛି 'ସର୍ଭେ', ଏଇ ଶବ୍ଦଟି ଆମ ଓଡ଼ିଆ ଅଭିଧାନରେ ପ୍ରବେଶ କରିସାରିଲାଣି । କାହିଁକି ନା ଆମେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଏଇ ଶବ୍ଦକୁ ଅନେକ ଥର ପ୍ରାୟ ଶୁଣୁଚେ । ଆମେ କୌଣସି ଏକ ତଥ୍ୟଭିତ୍ତିକ କଥା ହେଲା ବେଳେ ସାଧାରଣତଃ ଗୋଟିଏ ସର୍ଭେକୁ ଉଦ୍ଧୃତ କରୁ । ଆଜି ଆମେ ଏକ ରୋଚକ ସର୍ଭେ ବିଷୟରେ ନଜର ପକେଇବା । ସର୍ଭେର ନାଁ ହଉଚି ଖୁସିର ସୂଚକାଙ୍କ । ହାପିନେସ୍ ଇଣ୍ଡେକ୍ସ । ଏଇ ସର୍ଭେଟି ୨୦ ବର୍ଷ ହେଲା ହେଇ ଆସୁଛି ଆଉ ସର୍ବାଧିକ ଥର ଯେଉଁ ଦେଶଟି ପ୍ରଥମ ସ୍ଥାନରେ ରହି ଆସୁଛି ସେ ହେଉଛି ଆଜି ଆମର ଗନ୍ତବ୍ୟସ୍ଥଳ 'ଫିନ୍‌ଲ୍ୟାଣ୍ଡ୍' ।

ଯିବା ପୂର୍ବରୁ, ପୁଣି ଟିକେ ପଛକୁ ଫେରିବା । 'ଖୁସିର ସୂଚକାଙ୍କ' ବା 'ହାପିନେସ୍ ଇଣ୍ଡେକ୍ସ'କୁ ମାପିବାର କଣ କିଛି ମାପ ଫିତା ଅଛି ? ଏଇଟି କିଲୋଗ୍ରାମ ନା କିଲୋମିଟରରେ ମାପି ହବ ? ଏଇଟି ଏକ ସ୍ୱାଭାବିକ ପ୍ରଶ୍ନ । ସର୍ଭେ କରୁଥିବା ସଂସ୍ଥାଙ୍କ ଅନୁସାରେ, ଏକ ଦେଶର ଖୁସିର ସୂଚକାଙ୍କ ତାର ସୁସ୍ଥ ଜୀବନଶୈଳୀ, ଜୀବନର ବିକଳ୍ପ ବାଛିବା ପାଇଁ ସ୍ୱାଧୀନତା, ଉଦାରତା (ଦାନ ଦ୍ୱାରା ମାପି ହୁଏ), ଦୁର୍ନୀତି, ଜି.ଡି.ପି. ଶିକ୍ଷା, ଚାକିରୀ, ବାସଗୃହ ଏବଂ ମୁଣ୍ଡ ପିଛା ଆୟ ଭଳି ଅଙ୍କ ଉପରେ ଆଧାରିତ । ଏଇଠି କହି ରଖିବା ଜରୁରୀ ଯେ ଜି.ଡି.ପି. ବା ମୋଟ ଘରୋଇ ଉତ୍ପାଦ ହେଉଛି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ଦେଶରେ ଦ୍ରବ୍ୟ ଓ ସେବା ଉତ୍ପାଦନ ଦ୍ୱାରା ସୃଷ୍ଟି ହୋଇଥିବା ମୂଲ୍ୟଯୁକ୍ତ ସାମଗ୍ରୀର ମାନକ ମାପ ।

ଫିନ୍‌ଲ୍ୟାଣ୍ଡ୍ ପ୍ରଜାତନ୍ତ୍ର (Republic of Finland) ଉତ୍ତର ୟୁରୋପର ଏକ ନର୍ଡ଼ିକ୍ ଦେଶ । ସାଧାରଣତଃ 'ନର୍ଡ଼ିକ' ଏବଂ 'ସ୍କାନଡାନାଭିଆ' ବୋଲି ଦୁଇଟି ଶବ୍ଦ ଉତ୍ତର ୟୁରୋପୀୟ ଦେଶମାନଙ୍କୁ ଆଖ୍ୟା ଦିଆଯାଏ । ଫିନ୍‌ଲ୍ୟାଣ୍ଡର ଉତ୍ତର-ପଶ୍ଚିମରେ ସ୍ୱିଡ଼େନ, ଉତ୍ତରରେ ନରୱେ ଏବଂ ପୂର୍ବରେ ରୁଷିଆ, ପଶ୍ଚିମରେ ବୋଥନିଆ ଉପସାଗର ଏବଂ ଦକ୍ଷିଣରେ ଇଷ୍ଟୋନିୟା ରହିଛି । ଫିନ୍‌ଲ୍ୟାଣ୍ଡର ଆୟତନ ୩୩୮,୪୪୫ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ମାତ୍ର ୫.୬ନିୟୁତ (ଛପନ ଲକ୍ଷ) । ହେଲ୍‌ସିଙ୍କି ଏହାର ରାଜଧାନୀ ଓ ବୃହତ୍ତମ ସହର । ଜନସଂଖ୍ୟାର ଅଧିକାଂଶ ଲୋକ ଫିନ୍ସ ଅଟନ୍ତି ଏବଂ ପ୍ରାୟ ୯୦ ପ୍ରତିଶତ ଲୋକ ଫିନିଶ୍ ଭାଷାରେ କଥା ହୁଅନ୍ତି । କିନ୍ତୁ ଉଭୟ ଫିନିଶ୍ ଏବଂ ସ୍ୱିଡିଶ୍ ସରକାରୀ ଭାଷା, କାରଣ ଜନସଂଖ୍ୟାରେ କିଛି ଅଂଶ ସ୍ୱିଡ଼ିଶ୍ । ଫିନ୍‌ଲ୍ୟାଣ୍ଡ୍ ବିଶ୍ୱର ଉତ୍ତର ଓ ଭୌଗୋଳିକ ଦୃଷ୍ଟିକୋଣରୁ ଉପାନ୍ତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଏହା ଭୟଙ୍କର ଜଳବାୟୁର ଶିକାର । ଫିନ୍‌ଲ୍ୟାଣ୍ଡ୍ ଏତେ ଦୂର ଉତ୍ତରରେ ଅବସ୍ଥିତ ଯେ ଗ୍ରୀଷ୍ମ ଋତୁରେ ଦେଶରେ ଅଧିକାଂଶ ଭାଗରେ ପ୍ରାୟ ୨୪ଘଣ୍ଟା ସୂର୍ଯ୍ୟକିରଣ ମିଳିଥାଏ ଏବଂ ଶୀତଦିନେ ୨୪ ଘଣ୍ଟିଆ ସୂର୍ଯ୍ୟହୀନ ରାତି ଦେଖିବାକୁ ମିଳିଥାଏ ।

ଫିନ୍‌ଲ୍ୟାଣ୍ଡର ପ୍ରାୟ ଦୁଇ ତୃତୀୟାଂଶ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ରହିଛି, ଯାହାଦ୍ୱାରା ଏହା ୟୁରୋପର ସବୁଠାରୁ ଘଞ୍ଚ ଜଙ୍ଗଲମୟ ଦେଶ ଅଟେ । ଫିନ୍‌ଲ୍ୟାଣ୍ଡର ଜଙ୍ଗଲଗୁଡ଼ିକ ମୁଖ୍ୟତଃ ସ୍କଟସ୍ ପାଇନ୍ ଏବଂ ବାର୍ଚ୍ଚ କମ୍ବଳ ଗଛରେ ଭରି ରହିଛି । ଏହି ଜଙ୍ଗଲରେ ବ୍ରାଉନ୍ ଭାଲୁ, ଏଲ୍‌କ୍(ବଡ଼ ଶିଙ୍ଗବାଲା ବିଶାଳକାୟ ବନ୍ୟହରିଣ), ଧୂସର ରଙ୍ଗର ନେଉଳ, ଓଲଭ୍‌ରାଇନ ଓ ଲିନ୍‌କ୍ସ (ଦେଶର ଏକମାତ୍ର ବଣୁଆ ବିଲେଇ ପ୍ରଜାତି) ଇତ୍ୟାଦି ବୁଲନ୍ତି । ଫିନ୍‌ଲ୍ୟାଣ୍ଡ୍ ଉପକୂଳବର୍ତ୍ତୀ ଦ୍ୱୀପ ଗୁଡ଼ିକରେ ଅସଂଖ୍ୟ ପ୍ରଜାତିର ସାମୁଦ୍ରିକ ପକ୍ଷୀ ଦେଖିବାକୁ ମିଳନ୍ତି, ଯେପରିକି ଆର୍କଟିକ୍ ଟର୍ନ୍ ଏବଂ କଳା ପିଠିଥିବା ଗୁଲ୍ ପକ୍ଷୀ । ସାରା ଦେଶରେ ବିକ୍ଷିପ୍ତ ହଜାର ହଜାର ହ୍ରଦରେ ବତକ ଓ ଅନ୍ୟାନ୍ୟ ଜଳପକ୍ଷୀ ବାସ କରନ୍ତି । ବିଲୁପ୍ତପ୍ରାୟ ସାଇମା ରିଙ୍ଗ୍‌ଡ୍ ସିଲ୍ ବିଶ୍ୱର କେବଳ ତିନୋଟି ହ୍ରଦ ସିଲ୍ ପ୍ରଜାତି ମଧ୍ୟରୁ ଗୋଟିଏ, କେବଳ ଦକ୍ଷିଣ-ପୂର୍ବ ଫିନ୍‌ଲ୍ୟାଣ୍ଡ୍ ସାଇମା ହ୍ରଦ ପ୍ରଣାଳୀରେ ଦେଖାଯାଏ ।

ଅନେକ ଫିନିଶ୍ ସାଂସ୍କୃତିକ ରୀତିନୀତି ଏହାର ଜଙ୍ଗଲମୟ ଭୂଦୃଶ୍ୟକୁ ପ୍ରତିଫଳିତ କରେ । ଅନ୍ୟ ୟୁରୋପୀୟ ସଂସ୍କୃତି ଐତିହାସିକ ଭାବେ ଜଙ୍ଗଲକୁ ଅନ୍ଧାର ଓ ବିପଦପୂର୍ଣ୍ଣ ଭାବେ ଦେଖୁଥିବା ବେଳେ ଫିନ୍‌ଲ୍ୟାଣ୍ଡର ଲୋକମାନେ ଜଙ୍ଗଲକୁ ଆଶ୍ରୟସ୍ଥଳୀ ଓ ଦୁଃସାହସିକ କାର୍ଯ୍ୟସ୍ଥଳୀ ଭାବେ ଦେଖନ୍ତି । ଆଜି, ଅନେକ ଅଧିବାସୀମାନଙ୍କର ସହର ଜୀବନରୁ ରକ୍ଷା ପାଇବା ପାଇଁ ଜଙ୍ଗଲରେ ଦ୍ୱିତୀୟ ଘର ଅଛି । ଏଇ ଜଙ୍ଗଲ ଓ ପ୍ରକୃତିର ଆଗ୍ରହ ନେଇ ଆସନ୍ତୁ ପ୍ରଥମେ ବୁଲିଯିବା ଲାପ୍‌ଲାଣ୍ଡ୍ । ଏଇଟିକୁ ଶୀତଋତୁର ବିସ୍ମୟଭୂମି (ଉଇଣ୍ଟର୍ ୱାଣ୍ଡଲାଣ୍ଡ୍) ବୋଲି କୁହାଯାଏ । ସତରେ ଯେମିତି ଏକ ସ୍ୱପ୍ନ ପରି ମନେହୁଏ ।

ଶୀତଋତୁରେ ତାପମାତ୍ରା ସାଧାରଣତଃ ବିଯୁକ୍ତ କୋଡ଼ିଏ ଡିଗ୍ରୀ ସେଲ୍‌ସିଅସ୍ ଥାଏ । ତେଣୁ ସଂପୂର୍ଣ୍ଣ ବରଫାଚ୍ଛନ୍ନ ରହିବା ସ୍ୱାଭାବିକ । ଏମିତିକି ଗଛଗୁଡ଼ିକ ଏକ ଖୁଣ୍ଟ ପରି ମନେହୁଅନ୍ତି । ଘରଗୁଡ଼ିକ ତ୍ରିକୋଣୀୟ ତୀଖ ଛାତ ପରି ଥାଏ ଯେମିତି ବରଫପାତ ହେଲେ ବରଫ ଗୁଡ଼ିକ ଶୀଘ୍ର ଖସିଯିବ ।

ଲାପ୍‌ଲାଣ୍ଡରେ ଫିନ୍‌ଲ୍ୟାଣ୍ଡର ସବୁଠାରୁ ବଡ଼ ଜାତୀୟ ଉଦ୍ୟାନ ରହିଛି । ଏହି ଅଞ୍ଚଳରେ ପ୍ରାୟ ୩୦ ପ୍ରତିଶତ ଭାଗ ସରକାରଙ୍କ ଦ୍ୱାରା ସଂରକ୍ଷିତ ଏବଂ ଅନୁର୍ବର ଭୂଦୃଶ୍ୟରେ ମୁଖ୍ୟତଃ ସାମି ଲୋକମାନେ

ବସବାସ କରନ୍ତି । ଲାପ୍‌ଲାଣ୍ଡକୁ ଫିନ୍‌ଲ୍ୟାଣ୍ଡର ସବୁଠାରୁ ସୁନ୍ଦର ଅଞ୍ଚଳ ଭାବେ ବିବେଚନା କରାଯାଏ । ଏହା ଦଶନ୍ଧି ଦଶନ୍ଧି ଧରି ଅନେକ ଶିଶୁ ପୁସ୍ତକ, ଚଳଚ୍ଚିତ୍ର, ଗୀତର ବିଷୟ ହୋଇ ରହି ଆସିଛି । ମୁଖ୍ୟତଃ ଆମେ ଚାରୋଟି ମୁଖ୍ୟ ଆକର୍ଷଣ ବିଷୟରେ ଆଲୋଚନା କରିବା ଯାହା ଲାପ୍‌ଲାଣ୍ଡକୁ ପରିଚୟ ଦେଇଥାଏ । ସେଇ ଚାରୋଟି ଆକର୍ଷଣ ହେଲା:

୧.ଉତ୍ତର ଧୃବୀୟ ଆଲୋକ ବା ଅରୋରା ବୋରିଆଲିସ୍

୨. ସ୍ଲେଜ୍ ଗାଡ଼ି (ହସ୍କି କୁକୁର ଟାଣୁଥିବା ଗାଡ଼ି)

୩. ରାଇନ୍ ହରିଣ୍ (ରାଇନ୍ ଡିଅର)

୪. ସାଣ୍ଟାକ୍ଲଜ୍

## ୧.ଉତ୍ତର ଧୃବୀୟ ଆଲୋକ ବା ଅରୋରା ବୋରିଆଲିସ୍

ଉତ୍ତର ଧୃବୀୟ ଆଲୋକ ବା ଅରୋରା ବୋରିଆଲିସ୍ ହେଉଛି ଆଲୋକର ସୁନ୍ଦର ନୃତ୍ୟ ତରଙ୍ଗ ଯାହା ହଜାର ହଜାର ବର୍ଷ ଧରି ଲୋକମାନଙ୍କୁ ଆକର୍ଷିତ କରି ଆସିଛି । ସାଧାରଣ ଭାଷାରେ କହିବାକୁ ଗଲେ ଆକାଶରେ ଏକ ସବୁଜ ରଙ୍ଗର ଢେଉ ଆସେ ଯାହା ଏକ ଅଲୌକିକ ଘଟଣା । କେହି କେହି ଏଇ ସବୁଜ ରଙ୍ଗର ନୃତ୍ୟକୁ ବିଭିନ୍ନ ରୋଚକ ଗପ ଦ୍ୱାରା ବୁଝେଇଥାନ୍ତି । କିନ୍ତୁ ବିଜ୍ଞାନ ଭିତ୍ତିକ ତଥ୍ୟକୁ ନେଇ ଦେଖିଲେ ଏହା ହଉଚି ସୂର୍ଯ୍ୟଙ୍କ ବାୟୁମଣ୍ଡଳରୁ ନିର୍ଗତ ଚାର୍ଜ କଣିକା ସହ ପୃଥିବୀର ବାୟୁମଣ୍ଡଳରେ ଥିବା ଗ୍ୟାସୀୟ କଣିକା ମଧ୍ୟମରେ ସଂଘର୍ଷ ମାତ୍ର । ଏଇ କଣିକାର ସଂଘର୍ଷ ଯୋଗୁଁ ହିଁ ପ୍ରକୃତିରେ ନର୍ଦନ୍ ଲାଇଟ୍ ସୃଷ୍ଟି ହୋଇଥାଏ । ରଙ୍ଗର ପରିବର୍ତ୍ତନ ଗ୍ୟାସ୍ କଣିକାର ପ୍ରକାର କାରଣରୁ ହୋଇଥାଏ ଯାହା ପରସ୍ପର ସହ ଧକ୍କା ହୋଇଥାଏ । ପୃଥିବୀରୁ ପ୍ରାୟ ୬୦ ମାଇଲ୍ ଉଚ୍ଚରେ ଅବସ୍ଥିତ ଅମ୍ଳଜାନ ଅଣୁ ଦ୍ୱାରା ସବୁଠାରୁ ସାଧାରଣ ଆରୋରାଲ ରଙ୍ଗ, ଏକ ଫିକା ହଳଦିଆ- ସବୁଜ ରଙ୍ଗ ଉତ୍ପନ୍ନ ହୁଏ । ୨୦୦ ମାଇଲ ଉଚ୍ଚତାରେ ଉଚ୍ଚ ଅମ୍ଳଜାନ ଦ୍ୱାରା ବିରଳ, ଅଲ-ରେଡ ଆରୋରା ଉତ୍ପନ୍ନ ହୋଇଥାଏ । ନାଇଟ୍ରୋଜେନ୍ ନୀଳ କିମ୍ବା ବାଇଗଣୀ-ଲାଲ ଆରୋରା ଉତ୍ପନ୍ନ କରେ ।

ଏଇ ତ ଆମେ ତଥ୍ୟ ଜାଣିଲେ । ଏବେ ଅନୁଭବ ବିଷୟରେ ଜାଣିବା । ଏଇଟି ଏକ ପ୍ରାକୃତିକ ଘଟଣା । ତେଣୁ କେଉଁଦିନ ରାତିରେ ହେବ ଆଉ କେଉଁଦିନ ହେବନି ତାହା କାହାକୁ ଜଣା ନାହିଁ । ତେଣୁ ଯେତେ ରାତି ଆପଣ ସେ ସହରରେ ରହିବେ ସେତେ ଦେଖିବାର ସମ୍ଭାବନା ବଢ଼ିଯିବ । ରାତି ଯେତେ ଗାଢ଼ ଅନ୍ଧାର ହେବ ଆଲୋକଟି ସେତେ ଉଜ୍ଜ୍ୱଳ ଦିଶିବ ଆଉ ଶୀତଦିନେ ଦେଖିବାର ସମ୍ଭାବନା ସବୁଠୁ ଅଧିକ । କାରଣ ସୂର୍ଯ୍ୟାଲୋକ କମ୍ ଥାଏ । ଆମେ ଏକ ଟୁରିଷ୍ଟ କମ୍ପାନୀ ମାଧ୍ୟମରେ ଏଇ ଅନୁଭବ ନବା ପାଇଁ ଗଲୁ, ସାଙ୍ଗରେ ଜଣେ ଗାଇଡ୍ ଥିଲେ । ସେ ଆମକୁ ଏକ ସମୁଦ୍ର ପାଖକୁ ନେଲେ, ହେଲେ ସମୁଦ୍ର କାହିଁ ? ଆମେମାନେ ଭାବୁଥାଉ ସମୁଦ୍ର କଣ ଲୁଚିଗଲା ନା କଣ ? ପରେ ଜାଣି ଆଶ୍ଚର୍ଯ୍ୟ ହେଲୁ ଯେ ଆମେ ସମୁଦ୍ର ଉପରେ ହିଁ ଠିଆ ହେଇଥିଲୁ । କିଛି ଡରିବାର ନାହିଁ, ବିଯୁକ୍ତ ତାପମାତ୍ରା ଲାଗି ସମ୍ପୂର୍ଣ୍ଣ ସମୁଦ୍ରଟି ବରଫର ଏକ ଖେଳପଡ଼ିଆରେ ପରିଣତ ହେଇଚି । ଅନେକ ସମୟ ସେଠି ଠିଆ ହେଇ ଅପେକ୍ଷା କରିବା ପରେ ମଧ୍ୟ ଏଇ ସବୁଜ ଆଲୋକର ଗଙ୍ଗାଟି ପ୍ରତିଭାତ ହେଲା ନାହିଁ । ନିରାଶ ହୋଇ ଫେରିଲୁ । ଆମ ପାଖେ ଆଉ ରହିଲା ଗୋଟିଏ ରାତି । ପୁଣି ତା ପରଦିନ ଆଉ ଅତ୍ୟଧିକ ଟଙ୍କା ଖର୍ଚ୍ଚରୁ ବଞ୍ଚିବା ପାଇଁ ଆମେ କୌଣସି ଟୁରିଷ୍ଟ ଅଫିସ୍ ସହିତ ଯୋଗାଯୋଗ କଲୁ ନାହିଁ । ଏକ ଅନ୍ଧାର ଜଙ୍ଗଲ ଭିତରେ ଆମ ସହଯାତ୍ରୀଙ୍କ ସହ ବାହାରିଲୁ ସବୁଜ ଗଙ୍ଗା (ଅରୋରା) ଖୋଜିବା ପାଇଁ । ଅଦ୍ଭୁତ ! ଆଜି ଆସିଲେ ସେଇ ନୃତ୍ୟମାନ ଆଲୋକ ଓ ହୃଦୟକୁ ମିଳିଲା ଏକ ଅବ୍ୟକ୍ତ ଶାନ୍ତି ।

କେବଳ ପୃଥିବୀର ଉତ୍ତର ମେରୁରେ ଏଇ ଆଲୋକ ଦେଖାଯାଏ ତାହା ସତ ନୁହେଁ । ଉଭୟ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧର ଚୁମ୍ବକୀୟ ମେରୁ ଉପରେ ଏହି ଲାଇଟ୍ ଦେଖିବାକୁ ମିଳିଥାଏ । ସେଗୁଡ଼ିକ ଉତ୍ତରରେ 'ଅରୋରା ବୋରିଆଲିସ୍' ଏବଂ ଦକ୍ଷିଣରେ 'ଅରୋରା ଅଷ୍ଟ୍ରାଲିସ୍' ନାମରେ ଜଣାଶୁଣା ।

## ୨.ସ୍ଲେଜ୍ ଗାଡ଼ି (ହସ୍କି କୁକୁର ଟାଣୁଥିବା ଗାଡ଼ି)

ଆଜିକାଲି କୁକୁରମାନେ ଘରୋଇ ପୋଷା ପ୍ରାଣୀ ଭାବେ ବେଶ୍ ପରିଚିତ ଓ ମଣିଷର ସବୁଠାରୁ ଭଲ ବନ୍ଧୁ ବୋଲି ଶହ ଶହ ବର୍ଷ ତଳୁ ଉପାଧି ଅର୍ଜନ କରିଛନ୍ତି । ଅନେକ କୁକୁର ପ୍ରଜାତି ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ବେଳେ ଅନ୍ୟଗୁଡ଼ିକ କେବଳ ସହଯୋଗ ଦେବା ପାଇଁ ବ୍ୟବହୃତ ହୋଇଛନ୍ତି । (ଏପରିକି ଯୁଦ୍ଧରେ ସୈନ୍ୟମାନଙ୍କ ସହିତ କୁକୁରମାନେ ଥିବାର ରିପୋର୍ଟ ରହିଛି) । ଯେତେବେଳେ ଫିନ୍‌ଲ୍ୟାଣ୍ଡର କଥା ଆସୁଛି, ସେତେବେଳେ ଆମର କୁକୁର ସାଥୀମାନେ (ହସ୍କି), ଐତିହାସିକ ଭାବେ ଏକ ବିଶେଷ ଉପଯୋଗୀ ଉପାୟରେ ବ୍ୟବହୃତ ହେଉଥିଲେ: ସ୍ଲେଜ୍ ଟାଣିବା ପାଇଁ । ଏହି କାର୍ଯ୍ୟ ଭାର ବହନ ଠାରୁ ଆରମ୍ଭ କରି ସମଗ୍ର ଦେଶରେ ପରିବହନ ପର୍ଯ୍ୟନ୍ତ କିଛି ବି ହୋଇପାରେ । ଏହି ପରମ୍ପରା ଉଭୟ ସାଇବେରିଆ, ରୁଷ୍ ଏବଂ ଆଲାସ୍କାରେ ପୂର୍ବରୁ ପ୍ରମୁଖ ଥିଲା । ଏବେ କିନ୍ତୁ ଯାନ୍ତ୍ରିକ ଗାଡ଼ି ଆସିବା ପରେ ହସ୍କି କୁକୁରମାନେ କେବଳ ପର୍ଯ୍ୟଟନମାନଙ୍କ ପାଇଁ ବ୍ୟବହୃତ ହେଉଛି । ବରଫ ଉପରେ ଦ୍ରୁତ ଗତିରେ ଦୌଡ଼ିବା ହସ୍କିମାନଙ୍କର ଏକ ଅଭ୍ୟାସ । ସେମାନେ ବିଯୁକ୍ତ ୫୦ଡିଗ୍ରୀ ପର୍ଯ୍ୟନ୍ତ ବି ଶୀତରେ ରହି ପାରିବେ । ଖୁବ୍ ଧରଃବି ଯୁକ୍ତ ଚମଡ଼ା ଆଉ ଝଙ୍କାଳିଆ ଲୋମ ତାଙ୍କୁ ଶୀତରୁ ବଂଚେଇ ରଖେ ।


ଆପଣ ଦେଖି ଭାବି ପାରନ୍ତି ଆହା କୁକୁର କେଡ଼େ କଷ୍ଟ ପାଉଥିବେ ସତେ ! କିନ୍ତୁ ପ୍ରକୃତରେ ସେମାନେ ଖୁବ୍ କ୍ରୀଡ଼ା ପ୍ରେମୀ ଆଉ ଦୌଡ଼ିବାକୁ ବହୁତ ଭଲ





ପାଆନ୍ତି । ସାଧାରଣତଃ କୁକୁର ପାଳକଟି ହାଲିଆ ହେଇଯାଏ କିନ୍ତୁ କୁକୁରମାନେ ନୁହନ୍ତି । ଗୋଟିଏ ସ୍ଲେଜ୍ ଗାଡ଼ିରେ ପାଖାପାଖି ଦଶଟି କୁକୁର ଥା'ନ୍ତି । ଏକ ଦଳରେ କାମ କରିବା ସମୟରେ, କୁକୁରମାନଙ୍କର ଉତ୍କୃଷ୍ଟ ଦଳଗତ ଦକ୍ଷତା ରହିବା ଆବଶ୍ୟକ, କୁକୁରମାନେ ସାଧାରଣତଃ ପରସ୍ପର ସହିତ ପ୍ରକୃତରେ ଭଲ ଭାବରେ ମିଳନ୍ତି । ଦଳଗତ କାର୍ଯ୍ୟରେ ଗୁରୁତ୍ୱ ଥିବା ସତ୍ତ୍ୱେ ଏହି ଗୋଷ୍ଠୀ ପାଇଁ ଜଣେ ଭଲ ନେତାର ମଧ୍ୟ ଆବଶ୍ୟକତା ରହିଛି, ଯାହାର ମୁଖ୍ୟ ଦକ୍ଷତା ମଧ୍ୟରେ ଦଉଡ଼ିକୁ ଶକ୍ତ ଭାବେ ଚଳାଇ ଦଳର ଅନ୍ୟ କୁକୁରମାନଙ୍କୁ ଉତ୍ତମ ଭାବେ କାମ କରାଇବାର କ୍ଷମତା ରହିଛି ।

ଏହି ପ୍ରକାର ଲକ୍ଷଣ ସାଧାରଣତଃ ହସ୍କିମାନଙ୍କ ପାଇଁ ସହଜାତ ହୋଇଥାଏ ଏବଂ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଚାଲିଥାଏ । ଦଳ ଯେତିକି ବଡ଼, ଆଗଧାଡ଼ିର କୁକୁରର ଗୁରୁତ୍ୱ ସେତିକି ଅଧିକ । ପ୍ରକୃତରେ ଭିନ୍ନ ଭିନ୍ନ ଦୈର୍ଘ୍ୟର ସ୍ଲେଜ୍ ରାଇଡ୍ ଉପଲବ୍ଧ ଏବଂ ସବୁଠାରୁ ଦୀର୍ଘତମ ଯାତ୍ରା ଦଶ କିମ୍ବା ଶହଶହ କିଲୋମିଟର ହୋଇପାରେ । ଯେଉଁମାନେ ଭଲ ଭାବରେ ପ୍ରଶିକ୍ଷିତ ହୋଇଛନ୍ତି ସେମାନେ ମାରାଥନଙ୍କ ଭଳି, ଯେଉଁମାନେ ଭଲ ଭାବରେ ପ୍ରସ୍ତୁତ ହେଲେ ଆଲାସ୍କାରେ ପରିସ୍ଥିତିକୁ ଦାବି କରୁଥିବା କୁକୁର ସ୍ଲେଜ୍ ଦୌଡ଼ରେ ଦିନକୁ ୧୭୦୦ କିଲୋମିଟର ପର୍ଯ୍ୟନ୍ତ ସ୍ଲେଜ୍ ଟାଣି ପାରିବେ । ଆମର ଏଇଟି ଏକ ସୁନ୍ଦର ଅଭିଜ୍ଞତା ଥିଲା । ସ୍ଲେଜ୍ ଗାଡ଼ିରେ ବସିଲା ପରେ ପ୍ରଥମେ ଡର ଲାଗେ କାରଣ କୁକୁରମାନେ ଖୁବ୍ ଜୋର୍‌ରେ ଦଉଡ଼ନ୍ତି । ଶେଷରେ ସେମାନଙ୍କ ସହ ମିଶିବା ପାଇଁ ଆମକୁ ଅନୁମତି ଥିଲା ଓ କୁକୁରମାନେ ଖୁବ୍ ସ୍ନେହରେ ପର୍ଯ୍ୟଟକମାନଙ୍କ ସହ ଗେଲ ହଉଥିଲେ ।



## ୩. ରାଇନ୍ ହରିଣ (ରାଇନ୍‌ଡିଅର୍)

ଲାପ୍‌ଲାଣ୍ଡ ହେଉଛି ରାଇନ୍ ହରିଣଙ୍କ (ରାଇନ୍‌ଡିଅର୍) ସ୍ଥାନ । ମନୁଷ୍ୟଙ୍କ ଜନସଂଖ୍ୟା ତୁଳନାରେ ରାଇନ୍ ଡିଅରଙ୍କ ସଂଖ୍ୟା ଅଧିକ । ଏହି ଅନୁପାତରେ ଜଙ୍ଗଲରେ ଥିବା ସେହି ହରିଣମାନଙ୍କୁ ଚିହ୍ନିବା ଟିକିଏ ସହଜ ହୋଇଥାଏ । ଲାପ୍‌ଲାଣ୍ଡରେ ଥିବା ପ୍ରତ୍ୟେକ ହରିଣର ଜଣେ ମାଲିକ ଥାନ୍ତି, ଯିଏ 'ସାମି' ପ୍ରଜାତିର କିମ୍ବା ହରିଣ ପାଳକ । ପରିବାରର କେହି ହୋଇପାରନ୍ତି । ଲାପ୍‌ଲାଣ୍ଡରେ ରାଇନ୍ ହରିଣ ହେଉଛି ସଂସ୍କୃତିର ଏକ ଅବିଚ୍ଛେଦ ଅଙ୍ଗ । ଏହି ଅଞ୍ଚଳରେ ଆଦିବାସୀ ସାମି ଲୋକମାନଙ୍କ ପାଇଁ ଶହଶହ ବର୍ଷ ଧରି ଏହି ଜୀବଜନ୍ତୁମାନେ ସେମାନଙ୍କ ଅସ୍ତିତ୍ୱର ମୂଳଦୁଆ ଭାବେ ରହି ଆସିଛନ୍ତି, ଯାହା ଉତ୍ତର ମେରୁର ଆହ୍ୱାନପୂର୍ଣ୍ଣ ଜଳବାୟୁରେ ପରିବହନ ସହ ଉଷ୍ମତା ଏବଂ ପୋଷଣ ଯୋଗାଇ ଆସୁଛି । ଯେମିତି କି ରାଇନ୍‌ଡିଅରର ଚମଡ଼ାରେ ପୋଷାକ ଓ ଘରର ତମ୍ବୁ ତିଆରି କରିଥାନ୍ତି, ରାଇନଡିଅର୍‌ର ମାଂସକୁ ଖାଇଥାନ୍ତି (କାରଣ ବରଫ ଉପରେ ଚାଷ କରି ହୁଏନି), ରାଇନ୍‌ଡିଅର୍‌କୁ ଏକ ପ୍ରଚଳିତ ମୁଦ୍ରା ବା ସମ୍ପତ୍ତି ପରି ବ୍ୟବହାର ମଧ୍ୟ କରନ୍ତି । ରାଇନ୍‌ଡିଅର୍‌ର ସଂଖ୍ୟା ସାମି ପ୍ରଜାତି ଲୋକମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାର ପରିଚୟ ଏକ ପରିଚୟ ।

ଅତୀତରେ ସାମିମାନେ ଯାଯାବର ଥିଲେ ଏବଂ ଗଛ ବିହୀନ ସମତଳ ଜମି ମଧ୍ୟରେ ନିଜ ଗୋରୁଗାଈଙ୍କ ସହ ଚଳପ୍ରଚଳ କରୁଥିଲେ । ରାଇନ୍‌ଡିଅର୍ ପାଳନ– ଏକ ସୀମିତ ଅଞ୍ଚଳରେ ସମସ୍ତ ଆଧୁନିକ ଜ୍ଞାନକୌଶଳ ସହିତ ଆଉ ବଞ୍ଚିବାର ବିଷୟ ହୋଇ ନପାରେ । କିନ୍ତୁ ଏହା ଏବେ ମଧ୍ୟ ଏହି ଅଞ୍ଚଳର ଅନେକଙ୍କ ପାଇଁ ଏକ ପ୍ରମୁଖ ଜୀବିକା ଏବଂ ଏହାକୁ ବଞ୍ଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା ଭାବରେ ବିବେଚନା କରାଯାଏ ।





ଲାପ୍‌ଲାଣ୍ଡରେ, ରାଇନ୍‌ଡିଅର୍ ଚାଷର ଜ୍ଞାନ ପାରମ୍ପରିକ ଭାବେ ପିଢ଼ି ପରେ ପିଢ଼ି ମୌଖିକ ଭାବେ ଚାଲି ଆସିଛି, ଏବଂ ସ୍ଥାନୀୟ ସାମି ଉପଭାଷାରେ ବରଫ ପାଇଁ ଶହଶହ ନିର୍ଦ୍ଦିଷ୍ଟ ଶବ୍ଦ ଥିବାରୁ ରାଇନ୍‌ଡିଅର୍ ପାଳକ ଶବ୍ଦାବଳୀ ଅତ୍ୟନ୍ତ ନିର୍ଦ୍ଦିଷ୍ଟ । ରାଇନ୍‌ଡିଅର୍‌ମାନଙ୍କୁ ଗ୍ରୀଷ୍ମରେ ମୁକ୍ତ ଭାବରେ ବୁଲିବାକୁ ଅନୁମତି ଦିଆଯାଏ । କିନ୍ତୁ ଶୀତ ଋତୁରେ ଅଧିକ ନିର୍ଦ୍ଦିଷ୍ଟ ବାଡ଼ ଅଞ୍ଚଳରେ ରଖାଯାଏ ।

## ୪. ସାଣ୍ଟକ୍ଲଜ୍

କିଛି ବର୍ଷ ପୂର୍ବେ ହୁଏତ ଆମେ ସମସ୍ତେ ସାଣ୍ଟାକ୍ଲଜ୍ ବିଷୟରେ ଜାଣିନଥିଲେ । କେବଳ ଯେଉଁ ଯେଉଁ ବଡ଼ ବଡ଼ ସହରରେ ଚର୍ଚ୍ଚ ଓ କ୍ୟାଥୋଲିକ୍ ସ୍କୁଲ୍ ଥିଲା ସେଠି ଲୋକମାନେ ଜାଣୁଥିଲେ । ଗାଁ ଗହଳିରେ ବଡ଼ଦିନକୁ ଧାନକଟା ଛୁଟି ବୋଲି ମାନୁଥିଲେ । ତେଣୁ ହୁଏତ ଏଇ ସମ୍ପର୍କରେ ଏତେ ଜଣାଶୁଣା ନଥିଲେ । କିନ୍ତୁ ଏବେ ଟିଭି, ଚଳଚ୍ଚିତ୍ର ମାଧ୍ୟମରେ ଆମେ ନିଶ୍ଚିତ ଭାବେ ଜାଣିଛେ ଯେ ସାଣ୍ଟାକ୍ଲଜ୍ କ୍ରୀସ୍‌ମାସ୍ ସମୟରେ ଛୋଟ ପିଲାଙ୍କୁ ଉପହାର ଦେବାକୁ ଆସନ୍ତି । ଲମ୍ବା ପାଚିଲା ଦାଢ଼ି ଓ ଲାଲ୍ ରଙ୍ଗର ଡ୍ରେସ୍ ସହିତ ଟୋପି ପିନ୍ଧି ରାଇନ୍ ହରିଣର ଗାଡ଼ିରେ ଆସନ୍ତି ସାଣ୍ଟାକ୍ଲଜ୍ ।

ଯଦିଓ ସାଣ୍ଟାକ୍ଲଜ୍‌ଙ୍କ ଅଭିନୟ କେହି ବି କରିପାରେ । କିନ୍ତୁ ସାଣ୍ଟାଙ୍କର ଏକ ଗାଁ ଅଛି ଆଉ ଘର ବି ଅଛି । ସେଇଟି ହେଉଚି ପୁଣି ଫିନ୍‌ଲ୍ୟାଣ୍ଡର ଲାପ୍‌ଲାଣ୍ଡରେ । ଉତ୍ତର ଧ୍ରୁବୀୟ ବୃତ୍ତ ବା ଆର୍କଟିକ ସର୍କଲ ଉପରେ ହିଁ ଅଛି ସାଣ୍ଟାଙ୍କ ଘର । ତାଙ୍କୁ ଦେଖିବା ପାଇଁ ଏକ ଲମ୍ବା ଲାଇନ୍‌ରେ ଅପେକ୍ଷା କରିବାକୁ ପଡ଼େ, ଦେଖା ହବା ପରେ ସେ କିଛି ଉପହାର ମଧ୍ୟ ଦିଅନ୍ତି ।

ଆମେ ଯେବେ ଯାଇ ସାଣ୍ଟାକ୍ଲଜ୍‌ଙ୍କ ଅଫିସ୍‌ରେ ପହଞ୍ଚିଲୁ ସେ ଏକ ସ୍ମିତହାସ୍ୟ ଦେଇ କହିଲେ, "ତମେ ଭାରତରୁ ଆସିଛ ନା ?" ଆମେ ହଁ କହିଲା ପରେ ସାଙ୍ଗେ ସାଙ୍ଗେ ତାଙ୍କ ପାଟିରୁ ବହାରିଲା: "କିଛିଦିନ ତଳେ ବିରାଟ ଓ ଅନୁଷ୍କା ଏଠି ଆସିଥିଲେ । ତମେ ତାଙ୍କ ଫିନ୍‌ଲ୍ୟାଣ୍ଡର ଫଟୋ ଦେଖିଥିବା ଟୁଇଟର୍‌ରେ ଭାଇରଲ୍ ହେଇଥିଲା ।" ଆମେ ଆଶ୍ଚର୍ଯ୍ୟ ହେଇ ଚାହିଁଥାଉ ସାଣ୍ଟାକ୍ଲଜ୍ କେତେ ଖବର ରଖିଛନ୍ତି ।



## ଇଗ୍‌ଲୁ ଘର

ଏଇ ସାଣ୍ଟାକ୍ଲଜ୍ ଭିଲେଜ୍‌ଟି ଏକ ଯାଦୁର ଦୁନିଆ ସଦୃଶ । ସବୁଆଡ଼େ ଧଳା ଫର୍ଫର୍ ଫରଫ ଆଉ ସୁନ୍ଦର ଆଲୋକ । ଏଇ ଗାଁ ଭିତରେ ଆମେ ଦେଖିବାକୁ ପାଇଲୁ ଇଗ୍‌ଲୁ ଘର । ସମ୍ପୂର୍ଣ୍ଣ ବରଫର ପାହାଚ ଦେଇ ଏକ ସୁନ୍ଦର ଅଗଣା, ଧୀରେ ଧୀରେ ଭିତରକୁ ଗଲା ପରେ ଏକ ସୋଫା ଆଉ ଡାଇନିଂ ଟେବୁଲ୍ । ଆମେ କେବଳ ଆଶ୍ଚର୍ଯ୍ୟ ହୋଇ ଭାବୁଥାଉ ଏଇଟି ତରଳି ଯାଉନି କେମିତି ! କେମିତି ବି ତରଳିବ ? ତାପମାତ୍ରା ଯେ ବିଯୁକ୍ତ କୋଡ଼ିଏ ଡିଗ୍ରୀ । ବରଫର ଏକ ବେଡ୍‌ରୁମ୍ ଯେଉଁ ଖଟ ଉପରେ ପଡ଼ିଛି ରାଇନ୍ ଡିଅରର ଚମଡ଼ା, ଆହା କି ଥଣ୍ଡା ! ବରଫରେ କି ଉଷ୍ମମ ଚମଡ଼ାଟିଏ ! ତା ଉପରେ ବସିଲେ ଜମା ଥଣ୍ଡାଟି ଅନୁଭବ କରିହଉନି । ଇଗ୍‌ଲୁ ଘରଟି ଯଦିଓ ଆଗରୁ ଲୋକମାନେ ବ୍ୟବହାର କରୁଥିଲେ ଏବେ କିନ୍ତୁ ଏହା ଏକ ପ୍ରଦର୍ଶନ ମାତ୍ର । ଟିକେଟ କରି ଘର ଭିତରକୁ ଯାଇ ପ୍ରର୍ଯ୍ୟଟକ ମାନେ କେବଳ ବୁଲି ଦେଖିବା ପାଇଁ ରହିଛି । ସତରେ କେହି ଜଣେ ବ୍ୟକ୍ତି ଏମିତି ଘର କରି ରହୁଥିବାର ଆମେ ଦେଖି ପାରିଲୁ ନାହିଁ । ପ୍ରାୟ ସବୁ ଲୋକଙ୍କର ନିଜର ସୁନ୍ଦର ଘର ଓ ଗାଡ଼ି ଦେଖିବାକୁ ମିଳୁଥିଲା ।

ଫିନ୍‌ଲ୍ୟାଣ୍ଡର ଅନ୍ୟ ଏକ ଲୋକପ୍ରିୟ ପରମ୍ପରା ହେଉଛି ଅତି ଉତ୍ତପ୍ତ କୋଠରୀରେ ସ୍ନାନ କରିବା (ସାଉନା) ଏବଂ ପରେ ଏକ ବରଫମୟ ହ୍ରଦକୁ ଡେଇଁବା । ପ୍ରାୟ ପାଞ୍ଚ ନିୟୁତ ଲୋକଙ୍କର ଏହି ଦେଶରେ ପ୍ରାୟ ୧.୫ ନିୟୁତ ଲୋକଙ୍କର ଘରେ ସାଉନା ଅଛି । ଅଧିକାଂଶ ଲୋକ ନିଜ ଘରେ ସଉକରେ ରଖନ୍ତି ଏବଂ ଅନେକ ବଡ଼ କମ୍ପାନୀ ନିଜ କର୍ମଚାରୀଙ୍କ ପାଇଁ ସଉକରେ ରଖିଛନ୍ତି । ଫିନିସ୍ ଲୋକେ ବିଶ୍ୱାସ କରନ୍ତି ଯେ, ସାଉନା ମନକୁ ଶାନ୍ତ କରିବା ପାଇଁ ଚମତ୍କାର ଅଟେ । ସାଉନା ହୃଦ୍‌ସ୍ପନ୍ଦନ ବଢ଼ାଇଥାଏ, ରକ୍ତ ବାହିକାକୁ ବିସ୍ତାର କରିବାକୁ ଦେଇଥାଏ ଏବଂ ଚର୍ମରେ ରକ୍ତ ପ୍ରବାହ ବଢ଼ାଇଥାଏ । ଏହା ବଦଳରେ ଏହା ଶରୀରକୁ ଆରାମ ଦେଇଥାଏ ଏବଂ ଜୀବନର ଚାପ ଏବଂ ଚିନ୍ତାରୁ ଆପଣଙ୍କ ମନକୁ ଦୂର କରିଥାଏ । ଫିନିସ୍ ସାଉନା ପ୍ରାୟତଃ ସବୁବେଳେ ବିର୍ଚ ଗଛର କାଠରୁ ନିର୍ମିତ ହୋଇଥାଏ ।

ଖୁବ୍ ଥଣ୍ଡା ଥିଲେ ମଧ୍ୟ ଫିନ୍‌ଲ୍ୟାଣ୍ଡ୍ ଏକ ବିସ୍ମୟକର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ଭ୍ରମଣ କେବଳ ଆମକୁ ନୂଆ ଜାଗା ଦେଖିବାର ସୁଯୋଗ ଦିଏନି, ଆମେ ରହୁଥିବା ପୃଥିବୀର ଅନେକ ଜଣା ଅଜଣା ଜୀବ ନିର୍ଜୀବ ଜିନିଷର ସଂସ୍ପର୍ଶରେ ଆଣେ । ଅନେକ ଲୋକ ଏବଂ ସେମାନଙ୍କ ସଂସ୍କୃତିକୁ ଜାଣିଲା ଓ ଅନୁଭବ କଲା ପରେ ଆମ ଭିତରେ ସହନଶୀଳତା ବଢ଼େ । ଫିନ୍‌ଲ୍ୟାଣ୍ଡ୍ ଏହାର ଏକ ଉଦାହରଣ । ପୁଣି ଆଉ କେବେ ଆଉ ଏକ ଦେଶ ବୁଲିଯିବା ଓ ରୋଚକ ତଥ୍ୟ ଆଲୋଚନା କରିବା ।

# ଶୁନ୍‌ଶାନ୍ ସୁନାପୁର





# ବେଳାଭୂମିର ନାଁ ସୁନାପୁର


**ରତୁରାଜ ଦାସ**
ଓଡ଼ିଆ ଅଧ୍ୟାପକ: ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ବ୍ରହ୍ମପୁର-୭୬୦୦୧, ଗଂଜାମ
ଫୋନ:୯୪୩୮୪୭୬୪୭୬


ଫଟୋ ସୌଜନ୍ୟ : ଲେଖକ

ଓଡ଼ିଶା, ପୂର୍ବ ଭାରତର ବଙ୍ଗୋପସାଗର ଉପକୂଳବର୍ତ୍ତୀ ଏକ ପ୍ରାକୃତିକ ସଂପଦ ପରିପୂର୍ଣ୍ଣ ବିଶାଳ ରାଜ୍ୟ । ଉତ୍ତରରେ ବଙ୍ଗ ପ୍ରଦେଶ, ଉତ୍ତର ପଶ୍ଚିମରେ ବିହାର, ପଶ୍ଚିମରେ ମଧ୍ୟପ୍ରଦେଶ ଓ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ସୀମା ମଧ୍ୟରେ ଏହାର ଅବସ୍ଥିତି । ରାଜ୍ୟରେ ପ୍ରାକୃତିକ ସମ୍ପଦ ରୂପେ ରହିଛି ନଦୀ, ଝରଣା, ପ୍ରଶସ୍ତ ଉପତ୍ୟକା, ସୁଉଚ୍ଚ ପର୍ବତ, ବିଶ୍ୱପ୍ରସିଦ୍ଧ ହ୍ରଦ, ମନୋରମ ଜଳପ୍ରପାତ, ବିପୁଳ ଖଣିଜ ସମ୍ପଦ, ଘଞ୍ଚ ଜଙ୍ଗଲ, ସୁଦୀର୍ଘ ବେଳାଭୂମି ଓ ଅଗଣିତ ପର୍ଯ୍ୟଟନସ୍ଥଳୀ । ଆମ ରାଜ୍ୟରେ ସମୁଦ୍ରତଟର ଦୈର୍ଘ୍ୟ ପ୍ରାୟ ୪୭୭ କିଲୋମିଟର । ବଙ୍ଗୋପସାଗରୀୟ ତଟ ରାଜ୍ୟର ଦକ୍ଷିଣ-ପଶ୍ଚିମ ଭାଗରେ ଗଞ୍ଜାମ ଜିଲ୍ଲାର ବାହୁଡ଼ା ନଦୀ ମୁହାଣ ନିକଟସ୍ଥ ସୁନାପୁର ଠାରୁ ଆରମ୍ଭ ହୋଇ ରାଜ୍ୟର ଉତ୍ତର-ପୂର୍ବ ଭାଗରେ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀ ମୁହାଣର ପୂର୍ବ ପାର୍ଶ୍ୱ ସ୍ଥିତ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ପରିବ୍ୟାପ୍ତ । ତେବେ ଆସନ୍ତୁ ଆମେ ବୁଲିଯିବା ପ୍ରାକୃତିକ ଓ କୃତ୍ରିମ ସୌନ୍ଦର୍ଯ୍ୟରେ ଭରପୁର ସୁନାପୁର ବେଳାଭୂମି ।

ଗଞ୍ଜାମ ଜିଲ୍ଲାରେ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି । ତେବେ ସେଗୁଡ଼ିକ ମଧ୍ୟରେ ପର୍ଯ୍ୟଟନ ସ୍ଥଳ ରୂପେ ୨୨ଟି ସ୍ଥାନକୁ ସରକାରୀ ମାନ୍ୟତା ମିଳିଛି । ସେଗୁଡ଼ିକ ହେଲା- ଅନ୍ତରପଡ଼ା, ଆଠଗଡ଼ପାଟଣା, ଆର୍ଯ୍ୟାପଲ୍ଲୀ, ନାରାୟଣୀ, ନିର୍ମଳଝର, ପୋତାଗଡ଼, ରମ୍ଭା(ଚିଲିକା), ମା' ବୁଢ଼ୀ ଠାକୁରାଣୀ, ତାମ୍ପରା, ଗୋପାଳପୁର, ଗିରିସୋଳା, ମଂତ୍ରିଡ଼ି, ତାରାତାରିଣୀ, ଜଉଗଡ଼, ବୁଗୁଡ଼ା, ତପ୍ତପାଣି, ମହୁରୀ, କାଲୁଆ, ଘୋଡ଼ାହାଡ଼ ଡ୍ୟାମ୍, ହୁମାର ବଟେଶ୍ୱର, କୁଲାଡ଼, ଡୁମୁଳା ଓ ସୁନାପୁର ବେଳାଭୂମି ।

କରୋନା ମହାମାରୀ କାରଣରୁ ରାଜ୍ୟ ପର୍ଯ୍ୟଟନ ବିଭାଗର ଅବସ୍ଥା ଖୁବ ମାନ୍ଦା । ଦେଶ-ବିଦେଶରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଓଡ଼ିଶାକୁ କେମିତି ଆସି ପାରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ମସିହାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ପରିଚାଳିତ ଇକୋ-ରିଟ୍ରିଟ୍ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କଲେ । ଯେଉଁଥିରେ ଓଡ଼ିଶାର କୋରାପୁଟ ଓ ଗଂଜାମ ଜିଲ୍ଲା ସାମିଲ । ଗଞ୍ଜାମ ଜିଲ୍ଲାର ସୁନାପୁର ବେଳାଭୂମି ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମର ଅଂଶ ବିଶେଷ । ବ୍ରହ୍ମପୁର ରେଳଷ୍ଟେସନରୁ ସୁନାପୁର ବେଳାଭୂମିର ଦୂରତା ମାତ୍ର ୩୦ କିଲୋମିଟର । ପଶ୍ଚିମବଙ୍ଗ-ଆନ୍ଧ୍ରପ୍ରଦେଶ ଜାତୀୟ ରାଜପଥ-୧୬ରେ ପଡ଼େ ସରୋଳ ଜଙ୍କସନ୍ । ସରୋଳ ଜଙ୍କସନ୍‌ରୁ ଟିକେ ବାଟ ଆଗକୁ ଗଲେ ବାମ ପଟେ ପୂର୍ତ୍ତ ବିଭାଗ ତରଫରୁ ଗୋଟେ ସାଇନ୍ ବୋର୍ଡ଼ ଲଗା ଯାଇଛି, ଯେଉଁଥିରେ ସୁନାପୁର ବେଳାଭୂମି ୧୦ କିଲୋମିଟର ବୋଲି ଲିଖିତ ଅଛି । ସୁନାପୁର ବେଳାଭୂମିର ଠିକ୍ ୧ କିଲୋମିଟର ପୂର୍ବରୁ ଗୋଟେ ବଡ଼ ବ୍ରିଜ୍‌ଟିଏ ପଡ଼ିବ, ଯାହାକି ବାହୁଡ଼ା ନଦୀ ଉପରେ ନିର୍ମିତ । ବାହୁଡ଼ା ନଦୀ ଗଜପତି ଜିଲ୍ଲାର ରାମଗିରି ପାହାଡ଼ରୁ ବାହାରି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲାମ୍ ଦେଇ ଦକ୍ଷିଣ ବଙ୍ଗୋପସାଗରରେ ମିଶିଛି । ବ୍ରିଜ୍ ଉପରୁ ଛିଡ଼ା ହୋଇ ଆପଣ ଅପରାହ୍ନରେ ସୂର୍ଯ୍ୟାସ୍ତକୁ ଉପଭୋଗ କରିପାରିବେ । ବ୍ରିଜ୍ ପରେ ସୁନାପୁର ବେଳାଭୂମିକୁ ନାକସିଧା



▲ ଲେଖକ ରତୁରାଜ ଦାସ

ରାସ୍ତା । ଯଦି ଆପଣ ଦୁଇ ଚକିଆ ଯାନରେ ଯାଉଛନ୍ତି ତାହେଲେ ଗାଡ଼ି ଟିକେଟ୍ ପାଇଁ ୨୦ଟଙ୍କା ଓ ଚାରିଚକିଆ ଯାନ ପାଇଁ ୩୦ଟଙ୍କା ଦେବାକୁ ପଡ଼ିବ । ରାସ୍ତାର ଦୁଇପାର୍ଶ୍ୱ ବାଦାମ୍ଭ (କାଜୁବାଦାମ) ଗଛରେ ଭର୍ତ୍ତି । ଗାଡ଼ି ପାର୍କିଂ କରିସାରି ସାମ୍ନାକୁ ଦୃଷ୍ଟି ପକେଇଲେ ଆପଣଙ୍କ ଆଖିକୁ ଦିଶିଯିବ ବିଶାଳ ସମୁଦ୍ର । ମନ ଆପଣାଛାଏଁ ଉଲୁସି ଉଠିବ । ବେଳାଭୂମିର ଆଖପାଖ ପରିବେଶ ଖୁବ୍ ଶାନ୍ତ । ଚାରିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଝାଉଁ ଜଙ୍ଗଲ ପରିବ୍ୟାପ୍ତ, ଯେଉଁଠାରେ ଆପଣ ବଣଭୋଜି କରିପାରିବେ । ମୁଣ୍ଡପିଛା ୨୦ଟଙ୍କା ଟିକେଟ୍ କାଟି ଇକୋ-କଟେଜ୍ ଭିତରକୁ ପ୍ରବେଶ କରିପାରିବେ । ଶିଶୁ ଉଦ୍ୟାନ, ସମୁଦ୍ର ସ୍ନାନ ପରେ ଚେଞ୍ଜିଂ ରୁମ୍, ପ୍ରାଥମିକ ଚିକିତ୍ସା କେନ୍ଦ୍ର, କଣ୍ଟ୍ରୋଲରୁମ୍, ଫିଟ୍‌ନେସ୍ ରୁମ୍, ପୁରୁଷ ଓ ମିଳା ଶୌଚାଳୟ ଆଦିର ସୁବିଧା ଆପଣ ନେଇପାରିବେ । ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ହେଲା ଏଠି ଆପଣ କୌଣସି (ବେଳାଭୂମିରେ) କଂକ୍ରିଟ୍ ଘର ପାଇବେ ନାହିଁ । ଯେଉଁ ଘର ଗୁଡ଼ିକ ନିର୍ମାଣ କରାଯାଇଛି ସେ ସବୁ ବାଉଁଶରେ




ନିର୍ମିତ ।

ବାଉଁଶରେ ଏତେ ସୁନ୍ଦର ଘର ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । କାହିଁକିନା ଏମିତି ବାଉଁଶ ଓଡ଼ିଶାରେ ଦେଖିବାକୁ ମିଳେ ନାହିଁ । ନିଜର ସନ୍ଦେହ ଦୂର କରିବା ପାଇଁ ସେଠାରେ କାର୍ଯ୍ୟରତ ଥିବା ଜଣେ ସିକ୍ୟୁରିଟି ଭାଇଙ୍କୁ ପଚାରିଲି, "ଆଚ୍ଛା ଭାଇ, ଏ ଯେଉଁ ବାଉଁଶ ଘର ସବୁ ହୋଇଛି, ଏସବୁ ତ ଓଡ଼ିଶା ବାଉଁଶ ନୁହେଁ ? କେଉଁଠୁ ସବୁ ଆସିଛି ?" ସେ କହିଲେ, "ନାଇଁ ଆଜ୍ଞା- ଏସବୁ ତ୍ରିପୁରାରୁ ଆସିଛି । ଅର୍ଡ଼ର ମୁତାବକ ସେମାନେ ସେଠୁ ତିଆରି କରି ଆଣିଥିଲେ । ଯେତେକ ବାଉଁଶ ଘର ଦେଖୁଛନ୍ତି ସେମାନେ ହିଁ କବ୍‌ଜା 'ସ୍କ୍ରୁ' ଭିଡ଼ି ସେଟିଂ କରିଛନ୍ତି ।" ସେଠାରେ ବିଭିନ୍ନ ପ୍ରକାର ରଂଗ-ବେରଙ୍ଗର ଫୁଲ ଗଛ ଏବେ ଲଗା ଯାଉଥିବା ଦେଖିଲୁ । ଗୋଆ ବେଳାଭୂମି ପରି ଏ ବେଳାଭୂମିକୁ






ଅଧିକ ଆକୃଷ୍ଟ କରିବା ପାଇଁ ଗୁଆଗଛ, ନଡ଼ିଆଗଛ, ଆଦି ଲଗାଯାଉଛି । ସମୁଦ୍ର ଢେଉକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନଙ୍କ ପାଇଁ ବାଉଁଶ ଚେୟାର୍ ସବୁ କରାଯାଇଛି । ଗୁପ୍‌ଚୁପ୍, ଚାଟ୍, ମୁଢ଼ି ମସଲା, ମୃଦୁ ପାନୀୟ ଛଡ଼ା ଆଉ ବିଶେଷ କିଛି ଖାଇବାର ବ୍ୟବସ୍ଥା ନାହିଁ । ଅସାମାଜିକ ଲୋକଙ୍କୁ ସାବାଡ୍ କରିବା ପାଇଁ କେତେ ଜଣ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି ।

ବେଳାଭୂମି ପାଖରେ କୌଣସି ଛୋଟ କିମ୍ବା ବଡ଼ ରେଷ୍ଟୁରାଣ୍ଟ ନଥିବାରୁ ପେଟର ଭୋକ ମେଣ୍ଟେଇବା ପାଇଁ ଆପଣଙ୍କୁ ଜାତୀୟ ରାଜପଥ କଡ଼ରେ ଥିବା ଢାବା କିମ୍ବା ହୋଟେଲ୍‌କୁ ଯିବାକୁ ପଡ଼ିବ । ବେଳାଭୂମିକୁ ଯିବା ପାଇଁ ହେଲେ ବସ୍ ଚଳାଚଳର ବିଶେଷ ସୁବିଧା ନାହିଁ । ଆପଣ ଅଟୋ ରିଜର୍ଭ କରି ନିଜ ସୁବିଧା ଅନୁସାରେ ଯାଇ ପାରିବେ । ତାଜା ମାଛ କିମ୍ବା ଶୁଖୁଆ ଆଣିବାକୁ ଚାହୁଁଥିଲେ ବାହୁଡ଼ା ନଦୀକୁ ଯିବା ପାଇଁ ଦୁଇଟି ରାସ୍ତା ଅଛି । ଆପଣ ସିକ୍ୟୁରିଟି ଗାର୍ଡ଼କୁ ପଚାରି ରାସ୍ତା ସଂପର୍କରେ ସୂଚନା ପାଇ ପାରିବେ । ଅଳ୍ପ କିଛି ଅସୁବିଧା ସତ୍ତ୍ୱେ ଆପଣ ସୁନାପୁର ବେଳାଭୂମି କେବେ ବୁଲିବାକୁ ଗଲେ ନିରାଶ ହୋଇ ଫେରିବେ ନାହିଁ ।

ଓଡ଼ିଶାର ଅନ୍ୟ ବେଳାଭୂମି ପରି ଏ ବେଳାଭୂମି ମଧ୍ୟ ଆପଣଙ୍କୁ ଢେର ଖୁସି ଦେବ ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ଗତ ଦୁଇବର୍ଷ ଧରି ସୁନାପୁର ବେଳାଭୂମିରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ଜାରି ରଖିଛନ୍ତି । କିନ୍ତୁ ଗୋପାଳପୁର, ପୁରୀ, ଚାନ୍ଦିପୁର, ଚନ୍ଦ୍ରଭାଗା ବେଳାଭୂମି ପରି ଏଠି ଭିଡ଼ ହେଉ ନାହିଁ । ଏଠି ଆପଣ ଗାଧୋଇବାକୁ ଚାହୁଁଥିଲେ ବିନା ଭୟରେ ଗାଧୋଇ ପାରିବେ । କାରଣ ଗୋପାଳପୁରରେ ଉଚ୍ଚ ଢେଉ କିନ୍ତୁ ଏଠି ଢେଉର ଉଚ୍ଚତା ବହୁତ କମ୍, ତେଣୁ ସମୁଦ୍ରରେ ଭାସିଯିବାର ଭୟ ନାହିଁ । ଆଶା, ଆଗାମୀ ଦିନରେ ସୁନାପୁର ବେଳାଭୂମିର ବିକାଶ ଆହୁରି ହେବ । ଓଡ଼ିଶା ପର୍ଯ୍ୟଟନ ବିଭାଗର ସ୍ୱର୍ଣ୍ଣିମ ଇତିହାସରେ ସୁନାପୁର ବେଳାଭୂମି ପର୍ଯ୍ୟଟକଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବ ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମନିଷା ଧର ମହାପାତ୍ର
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ବୃତ୍ତି : ଅଭିନୟ
ଶିକ୍ଷା : ଇଣ୍ଟିଗ୍ରେଟେଡ୍ ବିଏଡ୍ ଓ ଏମ୍ଏଡ୍
ରୁଚି : ନାଚ ଓ ଚିତ୍ରକଳା
ପ୍ରଚ୍ଛଦ ଫଟୋଗ୍ରାଫି : ଦୀପକ ଅଗ୍ରୱାଲ୍, ଏଲିଗାଣ୍ଟ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍ଅପ୍ ଓ କଷ୍ଟ୍ୟୁମ୍ : ସୁନୀଲ ଶାହା
ସ୍ଥାନ : ବାରିପଦା

ଲେଣ୍ଡର

# ମାର୍ଚ୍ଚ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

୦୫/୦୩/ ୨୦୨୩ : ପଞ୍ଚାୟତିରାଜ ଦିବସ
୦୭/୦୩/ ୨୦୨୩ : ଦୋଳ ପୂର୍ଣ୍ଣିମା
୦୮/୦୩/ ୨୦୨୩ : ରଙ୍ଗହୋରି ଉତ୍ସବ
୨୯/୦୩/ ୨୦୨୩ : ଅଶୋକାଷ୍ଟମୀ
୩୦/୦୩/ ୨୦୨୩ : ଶ୍ରୀରାମ ନବମୀ

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

## ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୨୫

## ପ୍ରଫୁଲ୍ଲ କୁମାର ମହାନ୍ତି

**(ହସ୍ତୀନା ଦରବାରରେ ପାଣ୍ଡବ ଦୂତ)**

ସ୍ତବ୍ଧ ଅବିଶ୍ୱାସରେ ନିଶବ୍ଦ ହେଲା ରାଜସଭା
ସଭାସଦ୍ ଧୃତରାଷ୍ଟ୍ର ବିମୁଢ ହେଲେ
ପାଣ୍ଡବ ଦୂତ ଉତ୍ତର ପାଇଁ ଯୁକ୍ତି ସନ୍ଧାନରେ
ମହାମନ୍ତ୍ରୀ ବିଦୁର ତର୍ଜମା କଲେ
ଦ୍ରୁପଦ ରାଜ ପୁରୋହିତ ଆଣିଥିବା ଚିଠି
ଦୀପ୍ତ ଉଚ୍ଚାରଣରେ ପାଣ୍ଡବଙ୍କ ଜୀବିତ ଖବର
ଅନେକ କାନକୁ ବଧିର କଲା କିଛି ବେଳ ପାଇଁ
ମରି ନାହାନ୍ତି ପାଣ୍ଡବ ! ସତରେ ଜୀବିତ ସବୁ ?
ହଁ ମହାରାଜ ବାରୁଣାବନ୍ତ ଜତୁଗୃହ
ଜାଳିନାହିଁ ପାଣ୍ଡବଙ୍କ ଜୀବନ୍ତ ଶରୀର
ଖାଲି ଜୀବିତ ନୁହନ୍ତି ଦ୍ରୁପଦଙ୍କ ସ୍ୱୟଂବରେ
ଅର୍ଜୁନ ହିଁ ବିନ୍ଧିଥିଲା ବିଜୟର ତୀର
ସେମାନେ ଆଜି ମହାମାନ୍ୟ ପାଞ୍ଚାଳ ଜାମାତା:
ଅବଶ୍ୟ ହୋଇଥିଲା ସ୍ୱୟଂବର ବେଳେ
ମୃଦୁ ଗୁଞ୍ଜରଣ ଅର୍ଜୁନ ହିଁ ଥିଲା ସେ ବ୍ରାହ୍ମଣ
ଛଦ୍ମବେଶୀ ମଧ୍ୟମପାଣ୍ଡବ ଭାରତର ଶ୍ରେଷ୍ଠ ଧନୁର୍ଦ୍ଧର

ଯୁବରାଜ ଦୁର୍ଯ୍ୟୋଧନ ଅଙ୍ଗରାଜ କର୍ଣ୍ଣ
ଶକୁନି ସମେତ ସମସ୍ତେ ଜାଣି ମଧ୍ୟ ଚୁପ୍
ଯେହେତୁ ଚୂର୍ଣ୍ଣ ତାଙ୍କ ଅହଂକାର
ବିଫଳ ଧନୁର୍ବିଦ୍ୟା ଚକ୍ରାନ୍ତର ଅନାଚାର-
ହଁ ହଁ ଜାଣୁ ଆମେ ପାଣ୍ଡବ ଜୀବିତ
ସ୍ୱୟଂବର ସର୍ତ୍ତ ଜିଣି ସୌଭାଗ୍ୟ ମଣ୍ଡିତ
କିନ୍ତୁ ତାଙ୍କ ଦାବି ତାଙ୍କ ଅଧିକାର
କରୁଛି ମୁଁ ଅସ୍ୱୀକାର କହିଲା ଦୁର୍ଯ୍ୟୋଧନ:
ଟେକି ଦେଲେ ଦୁଇ ହାତ ରାଜା ଧୃତରାଷ୍ଟ୍ର
ଚୁପ୍ ରହିବାକୁ ଦେଲେ ନୀରବ ଇଙ୍ଗିତ ।
ବିଦୁର ! ଜୀବିତ ପଣ୍ଡୁପୁତ୍ର ଓଃ କି ଆନନ୍ଦ
ଯାଅ ବିଦୁର ଅବିଳମ୍ବେ ଘେନିଆସ ତାଙ୍କୁ
ଉଚ୍ଛନ୍ନ ମୋ ମନ କରିବାକୁ ପୁତ୍ର ଆଲିଙ୍ଗନ
ନାହିଁ ପିତାଶ୍ରୀ ଗଡ଼ି ଯାଇଛି ସେବେଳ
ମୋ ପାଇଁ ପାଣ୍ଡବ ମୃତ ମୃତ ତାଙ୍କ ଅଧିକାର
ମୃତ ମଧ୍ୟ ସଂପର୍କର ସବୁ ସୂତ୍ର
ତାଙ୍କ ପାଇଁ ବନ୍ଦ୍ ସବୁ ହସ୍ତୀନା ଦୁଆର ।

ଚୁପ୍ କର ଉଠି ଠିଆ ହେଲେ ଧୃତରାଷ୍ଟ୍ର
ଘୁରିଗଲା ତାଙ୍କ ଆଖି ଅନ୍ଧାରରୁ ଅନ୍ଧାରକୁ
ତଳ ଉପର ମିମାଂସା ଉତପ୍ତ ଅନ୍ଧାର
ଉଚ୍ଚାରିଲେ ଧୃତରାଷ୍ଟ୍ର: ପିତାମହ !
ପାଣ୍ଡବଙ୍କୁ ହସ୍ତୀନା ଆଣିବାରେ ମୋର ପୂର୍ଣ୍ଣ ସମର୍ଥନ
କିନ୍ତୁ...ଅଟକିଲେ ଧୃତରାଷ୍ଟ୍ର କିନ୍ତୁ...
ଛେପ ଢୋକି କହିଲେ କିନ୍ତୁ ଯୁଧିଷ୍ଠିର କଣ
ପୁଣି ହେବ ଯୁବରାଜ ହସ୍ତୀନା ରାଜ୍ୟର ?
ହଁ ମହାରାଜ କହିଲେ ବିଦୁର
ତାହା ହିଁ ନିୟମ ମର୍ଯ୍ୟାଦାର ନୈତିକ ବିଚାର ।

ମୁଁ ମାନେ ନାହିଁ ନୀତି ନ୍ୟାୟର ଯୁକ୍ତି
ପାଣ୍ଡବ ଛୁଇଁବେନି ପୁଣିଥରେ ହସ୍ତୀନାର ମାଟି
ମୁଁ ଅଛି ଯୁବରାଜ ମୁଁ ହେବି ମହାରାଜ:
କର୍ଣ୍ଣ ଶକୁନି ସମର୍ଥନରେ କମ୍ପିଗଲା ଦରବାର ।

ଭୀଷ୍ମ ଉଠିଲେ ଧୀରେ ନିଜ ଆସନରୁ
ଚିନ୍ତିତ ମୁଖରେ ଚାହିଁଦେଲେ ସଭାଗୃହ
ମୁଁ ଲଜ୍ଜିତ ଯେ ପଣ୍ଡୁପୁତ୍ର ବଞ୍ଚିଛନ୍ତି ଶୁଣି
ବିତର୍କ ହେଉଛି ମୋର ହସ୍ତୀନା ସଭାରେ !
ଯଦି ମୋର ପିଲାମାନେ ବର୍ତ୍ତୀ ଯାଇଛନ୍ତି
କପଟ ରାଜନୀତି ଜତୁଗୃହ ଅଗ୍ନି
ଯାଅ ବିଦୁର ଯାଅ ଘେନି ଆସ ସେମାନଙ୍କୁ
ଆଦର ସ୍ନେହରେ ତାଙ୍କ ନିଜର ଘରକୁ
ଉତ୍ସବ ମୁଖର ହେଉ ମୋ ହସ୍ତୀନାପୁରୀ
ଆସିଲେ ମାଡ଼ି କର୍ଣ୍ଣ ଦୁର୍ଯ୍ୟୋଧନ
ଶକୁନି ଆରମ୍ଭ କଲା ବାକ୍ୟ ପ୍ରଦୂଷଣ
ଉଞ୍ଚାଇଲେ ବିଦ୍ରବାହୁ ମହାବିରକ୍ତିରେ
କୁରୁରାଜ ଧୃତରାଷ୍ଟ୍ର ଯଦି ନିର୍ବାକ ନିଶ୍ଚଳ
ନିଜ ପୁତ୍ର ଚିତ୍କାରରେ ଯଦି ମୂକ ଅବିଚଳ
ସେ କଣ ନ୍ୟାୟ ଦେବେ ପଣ୍ଡୁର ପୁତ୍ରଙ୍କୁ ?


ଅଟକା ନିଶ୍ୱାସ ପରି ଦବିଗଲା କୁରୁସଭା
ଲଜ୍ଜାରେ ନଇଁଗଲା ଧୃତରାଷ୍ଟ୍ର ମୁଖ
ଅପାରଗ କଳଙ୍କରେ କଳା ପଡ଼ିଗଲେ



ଯେଉଁ ସମ୍ବାଦରେ ସାଜିଥାନ୍ତା ହସ୍ତୀନା
ହର୍ଷ ଉଲ୍ଲାସର ଆଲୋକମାଳାରେ
ସେହି ସମ୍ବାଦରେ ଆମେ ବିବାଦ ପାଗଳ
ଧିକ୍କାରୁଛୁ ନିଜ ରକ୍ତ ସ୍ୱାର୍ଥ ତାଡ଼ନାରେ ?
ହେ ରାଜନ୍ ! ଯଦି ତୁମେ ରାଜଧର୍ମ
ଅଧିକାର ପାଇ ଆଜି ସିଂହାସନାରୁଢ଼
ଆପଣାଅ ସେମାନଙ୍କୁ
ନ୍ୟାର୍ଯ୍ୟ ପ୍ରାପ୍ୟ ଦିଅ ସେମାନଙ୍କୁ ।
ହେବ ନାହିଁ ପିତାମହ ଗର୍ଜିଲା ଦୁର୍ଯ୍ୟୋଧନ
ରାଜଧର୍ମ ଆମେ ଜାଣୁ ପାଣ୍ଡବଙ୍କ ନାହିଁ ଅଧିକାର
ଯୁବରାଜ ଥାଉ ଥାଉ ଅନ୍ୟ କଥା ଧର୍ମ ବ୍ୟଭିଚାର-

ପୁଣି ଚାହିଁଲେ ଭୀଷ୍ମ ଯେମିତି ଜାଳିଦେବେ ସବୁ
ଧମ୍ କରିଗଲା ଗୃହ ଭୀଷ୍ମଙ୍କର ଅଗ୍ନିରୂପ ଦେଖି
ଉଚ୍ଚାରିଲେ ସ୍ପଷ୍ଟବାଣୀ ଭୀଷ୍ମ ପିତାମହ
ଶୁଣ ଧୃତରାଷ୍ଟ୍ର ଶୁଣନ୍ତୁ ସର୍ବେ ସଭାଜନ
ହସ୍ତୀନାକୁ କର ବିଭାଜନ
ବାଣ୍ଟିଦିଅ କୁରୁପାଣ୍ଡବରେ
ଏହା ହିଁ ମୋର ନିଷ୍ପତ୍ତି ଦୁର୍ଗତିର ପରିଣତି:
ବାଷ୍ପରୁଦ୍ଧ ହେଲେ ଭୀଷ୍ମ
ଧଡ଼୍ କରି ଚାଲିଗଲେ ଛାଡ଼ି ସଭାଗୃହ
କିଏ କିଛି ଭାବିବା ପୂର୍ବରୁ
ଚାଲିଗଲେ ପିତାମହ
ହୁଏତ ନିଜ ଅନ୍ତରୀକ୍ଷର ଶୂନ୍ୟ ମାପିବାକୁ ।


♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

▲ ଡ଼ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**

ସମକାଳ କବିତା

## ସାଦା ପୃଷ୍ଠା

### ରାମକୃଷ୍ଣ ସାହୁ

ସାଦା କାଜ ଖଣ୍ଡେ ସତେବା
ଉଡ଼ିଆସେ ଶୂନ୍ୟରୁପବନରେ

ଜମାରୁ ଉତୁରେ ନାହିଁ ହୃଦୟ
ଯେତେ ଚେଷ୍ଟା କଲେ ସେ କାଗଜରେ
କେବଳ ତେଡ଼ାବାଙ୍କା ଗୋଟେ ଚିତ୍ର
ଆବୁରୁ ଜାବୁରୁ କିଛି ଶବ୍ଦ
ମନ ତ ସମୟ ପରି ପିଚ୍ଛିଳ
ଗଳିଯାଏ ଶବ୍ଦର ଆଂଗୁଠି ଫାଙ୍କରେ

କେତୋଟି ଅଂକବିଶିଷ୍ଟ ସଂଖ୍ୟାରେ
ମାଟି ଉପରେ ଛିଡ଼ା
ପାଳଭୂତର ଛବି ଓ ଠିକଣାରେ
ସଂକୁଚିତ ହୋଇ ରହିଯାଏ ମୁଁ,
ଭୋଟର କାର୍ଡ଼, ପାନ୍, କାର୍ଡ଼, ଆଧାର୍ କାଡ଼
ପରିଚୟ କେବଳ ଏତିକି ମାତ୍ର

ସାଦା ପୃଷ୍ଠା ଉପରେ
ନିଶ୍ଚଳ ମୃତବତ୍ ଗୋଟେ ଚିତ୍ର

ସାଦା କାଗଜ ଉପରେ
କେବଳଛାଇଟି ପଡ଼ିରହେ
ଇତସ୍ତତଃ ବୁଣା କିଛି ଶବ୍ଦ ଓ ରଂଗରେ
ସ୍ୱପ୍ନ, ସ୍ପନ୍ଦନ ଓ ଉଡ଼ାଣ ତ ଦୂରର କଥା
ଲୁହ, ଲହୁ, ସ୍ୱେଦର ଗଂଧ ବି ନଥାଏ,
ଦୃଶ୍ୟ ଉହାଡ଼ରେ ଆଗମନ
ପ୍ରସ୍ଥାନ ବି ଦୃଶ୍ୟ ଉହାଡ଼ରେ

ବେଳେବେଳେ ଡଂଗାଟିଏ କରି
ଭସାଇ ଦିଏ ତାକୁ ବର୍ଷା ଜଳରେ
ସମୁଦ୍ରମୁହାଁ, ବେଳେବେଳେ
ବ୍ୟୋମଯାନ କରି ଉଡ଼ାଇଦିଏ ଆକାଶମୁହା
ଖେଳରେ ଖେଳରେ ସାଉଁଟା ସୁଖ ଯେତିକି
ବାସ୍ ଜୀବନ ବୋଇଲେ ସେତିକି

ସାଦା କାଗଜ ଖଣ୍ଡେ



ଫଟୋ ରାମକୃଷ୍ଣ ସାହୁ

ଶୂନ୍ୟରୁ ଉଡ଼ିଆସେ ପବନରେ
ଧରୁଧରୁ ଯାଇ ଖସିପଡ଼େ
ସିଧା ଚିତା ନିଆଁରେ ।


ଫ୍ଲାଟ୍ ୩୦୨, ୪ର୍ଥ ଫ୍ଲୋର୍,
ଶ୍ରୀଭେଙ୍କଟେଶ୍ୱର ଏନ୍‌କ୍ଲେଭ୍,
ହ୍ୱାଇଟ୍‌ଫିଲ୍ଡ଼୍, ବେଙ୍ଗାଲୁରୁ-୫୬୦୦୬୬,
ଫୋନ:୭୯୭୮୦୫୫୬୩୪


## ଚିତ୍ରଟିଏ, କାନ୍ଥରେ

### ଚକ୍ରପାଣି ପରିଚ୍ଛା

ଚିତ୍ରଟିଏ, କାନ୍ଥରେ
ବାଘର

କୋଠରୀସାରା
ନିଷ୍ଠୁର ନିରବତା
ସରୁନଥିବା ସମୟର

ଅନ୍ଧାରର କବ୍‌ଜାରେ
ଆଜିର ଏ ରାତି,
ନିଦ ଏବଂ
ସ୍ୱପ୍ନ ବି

ବାଘ ଏବେ ଗୋଟେ
ଗୃହପାଳିତ ପଶୁ
ଭୋଗୁଚି
ଚିତ୍ରାୟିତ ଜୀବନ
ଚିତ୍ରିତ ଅସହାୟତା
ଏବଂ ଅନୁଚ୍ଚାରିତ ଯନ୍ତ୍ରଣା

ଏବେ ତା ପାଇଁ

କାନ୍ଥରେ ଘର
କାନ୍ଥରେ ଜଙ୍ଗଲ
ଅବସୋସର ବିକଳମୁଦ୍ରା
କାନ୍ଥସାରା

ନା ଆକ୍ରମଣ
ନା ପ୍ରତିରୋଧ
ଗୋଟେ ନିରୀହ ହିଂସ୍ରତା
ଆତ୍ମସମର୍ପଣର

ଆଖି
ବାଘର ଅଥବା
ଅଂଧାରର
ଗୋଟେ ଶିଥିଳ ଆଗ୍ନେୟଗିରି
ମୁହଁ ଖୋଲେ
ଉଗାଳେ
ନିଜ ନିପାରିଲାପଣର

ମୃତ୍ୟୁ
ବିଶ୍ୱାସ ରଖେନା
ବିତର୍କର
ସ୍ୱୀକାର ବି କରେନା

ଅମରତ୍ୱର

କେହି ଜଣେ
ଗୁଣ୍‌ଗୁଣଉଥାଏ ହଂସଗୀତି,
ସାରାରାତି

ବୋଧେ ବାଘର ମାର୍ଫତରେ ନିଜେ ।


ବୈପାରିଗୁଡ଼ା,କୋରାପୁଟ-୭୬୪୦୪୩
ଫୋନ:୯୧୭୮୬୪୭୧୩୭




ଫଟୋ ଚକ୍ରପାଣି ପରିଚ୍ଛା

# ସ୍ୱୀକାରୋକ୍ତି

**ନୃସିଂହ ତରାଇ**

କେବେ କେବେ ମୁଁ ଲଢ଼େ
ମୋ ସହ
ମୋ ଇଚ୍ଛା
ମୋ ଆଦର୍ଶ
ମୋ ଆବେଗର
ରଙ୍ଗ ବିରୁଦ୍ଧରେ ।

ଗୋଟେ ମହାବଳ ବାଘ
କି ପୁଳାଏ ଘନ ଅନ୍ଧାରର
ରୂପ ନେଇ
ମୁଁ ପହଞ୍ଚି ସାରିଥାଏ
ମୋ ନିକଟରେ,
ମାଟିକୁ
ଆକାଶକୁ
ନଈକୁ, ବଣକୁ
ଥୁ ଥୁ କରେ
କେବେ କେବେ ।

କେବେ ଲୁହ, କେବେ ଲହୁ
କେବେ ପାପ, କେବେ କ୍ରୋଧ
କେବେ ଅନ୍ଧାର କେବେ ଆକ୍ରୋଶର
ଗୁଣ ବଖାଣେ

ଓ ଚିତ୍ରେଇ ଦିଏ ଚାରି ପଟରେ,
ଆଲୁଅକୁ ପଛ କରି
ଅନ୍ଧାରର ଗୀତ ଗାଏ ।

ସବୁ ଶୁଭ ଓ ସରଳତା
ହାର୍ ମାନେ
ତା ହୁକୁମ ପାଖରେ
ସ୍ୱପ୍ନକୁ ଦୁଃସ୍ୱପ୍ନ
ପ୍ରେମକୁ ପ୍ରତାରଣା
ସତକୁ ଅସତ
ଘାରୁଥାଏ ତ ଘାରୁଥାଏ... ।

କେବେ କେବେ
ଭାଙ୍ଗି ଦେଉଥାଏ
ମୋ ପ୍ରେମ, ପଥ, ପରିଚୟ
ଆଗକୁ ବଢ଼ିବାର ଦମ୍ଭ
ଆଦର୍ଶ... ସତ୍ୟ, ଧର୍ମ
ମାନବିକତାର ମଝି ହାଡ଼ ।

♥ ପୂର୍ବତଟ ରେଳପଥ, ଭୁବନେଶ୍ୱର
ଫୋନ: ୭୯୭୮୩୮୧୨୧୩



▲ ଚିତ୍ର : ଶିଳ୍ପୀ ଶ୍ୱେତପଦ୍ମା ମିଶ୍ର



▲ ଫଟୋ ନୃସିଂହ ତରାଇ

# ଅସମ୍ପୂର୍ଣ୍ଣ ପୂର୍ଣ୍ଣତା

**ସ୍ୱୀକୃତି ସୁପ୍ରଭା**

କିଏ କହିଲା
ସବୁ ଅଧା ଜିନିଷ ଅସମ୍ପୂର୍ଣ୍ଣ !

ମା' କୋଳରେ ଅଧା ଗପ ମଝିରେ
ଶୋଇଯିବା ହିଁ ଶାନ୍ତି,
ବାପାଙ୍କୁ ଡ୍ରେସ୍‌ର ଦାମ ଅଧା କରି କହିବାରେ ଖୁସି,
ଭଉଣୀର ସାଇତା ଅଧାଖଣ୍ଡିଆ ଚକଲେଟ୍ ହିଁ ସ୍ନେହ,
ଭାଇ ପାଇଁ ଅଧା ମାଡଗାଳି ସହିବାରେ ଭଲପାଇବା,
ଜେଜେବାପାଙ୍କ ଗିନାରୁ
ଅଧା ବାଦାମ ଚୋରି ଯେତିକି ମଜା,
ଅଧା ଦାନ୍ତ ନଥିବା ଜେଜେମାର
ପାକୁଆ ହସ ସେତେ ସୁନ୍ଦର ।

ଅଧା ଚନ୍ଦ୍ରମା ଯେତିକି ସୁନ୍ଦର
ଅଧା ଲେଖା ଚିଠି ବି ସେତିକି ରୋମାଣ୍ଟିକ୍!
ସ୍ୱାମୀ ଛାଡିଥିବା ଅଧା କପ୍ ଚା'
ପିଇବାରେ ଲୁଚିଥାଏ ନିବିଡ଼ତା,
ଆଉ ପିଲା ପାଇଁ ଅଧା ରାତି ଅନିଦ୍ରାରେ ଥାଏ ତ୍ୟାଗ ।

କିଛି ଆଶା ଅଧା ରହିଯିବା ହିଁ ଜୀବନ
ଅଧା ଗଢ଼ା ଜଗନ୍ନାଥ ବି ସମ୍ପୂର୍ଣ୍ଣ !

♥ ଆଖେନ୍, ଜର୍ମାନ



▲ ଫଟୋ ସ୍ୱୀକୃତି ସୁପ୍ରଭା

# କବିତା ପ୍ରେମ

ରଜନୀ ଶତପଥୀ

ଧୁଡୁକି ବାଲାର ଧାଡ଼ିଏ ଗୀତ ଶୁଣି
କେମିତି କେଜାଣି ଦିନେ
ଗୀତର ପ୍ରେମରେ ପଡ଼ିଲା ମୋ ଅବୋଧ ଶୈଶବ
କଳା ପଟାରେ ଧାଡ଼ିଏ ଶବ୍ଦଙ୍କ ତାରୁଣ୍ୟ
ମୋ' କୈଶୋରରେ ଭରିଦେଲା କବିତାର ପ୍ରେମ ।

କବିତା ପ୍ରେମର ନାୟିକା କବିତା
ଯେମିତି ପ୍ରେମ କବିତାରେ ଥାଏ ଜଣେ ପ୍ରେମିକା ।
ପ୍ରେମିକାର କଥାକୁହା ଆଖି ପରି
କବିତାର ଶବ୍ଦରେ ଢଳଢଳ ନୀଳ
ଅନୁଭବରେ ଆର୍ଦ୍ର ଶବ୍ଦର ଦେହକୁ
ଛାତିରେ ଜଡ଼େଇ ରଖେ ଅନୁରାଗୀଟିଏ
ବାରମ୍ବାର ।

ଶବ୍ଦ କିଛି କହେ, ଚିହ୍ନାଏ
ଅନ୍ୟ ଶବ୍ଦଙ୍କ ମେଳରେ ବସିଲେ ବୁଝାଏ
ଆଉ ଟିକେ ବେଶି
କହୁକହୁ ଛୁଇଁଦେଲେ କବିତା ପରି ଲାଗେ
ମନେରହେ ବହୁଦିନ ଯାଏଁ ।

ତୁଚ୍ଛା ଶବ୍ଦରେ ଗଢ଼ି ହୁଏନି କବିତା
କବିତା ବୋଲାଉଥିବା କିଛି ଅର୍ଥହୀନ
ଫର୍ଦ୍ଦରେ ଫୁଟେ କାଗଜ ଫୁଲର ବସନ୍ତ
ନ ଶୁଭେ କବିତାର କୁହୁ, ନଥାଏ ମହକ ।

ଯୌବନରେ ବାଟବଣା କରୁଥିବା ପ୍ରେମ ପରି
ବାଟବଣା କରେ କିଛି କବିତା...
କବିତା ବି ଦଗା ଦିଏ
କଷ୍ଟ ହୁଏ, ନଷ୍ଟ ହୁଏ ଶ୍ରଦ୍ଧା ଓ ସମୟ,
ମୋ'ପରି ଅନେକ ହୁଏତ ଏଠି ଥିବେ ନିଶ୍ଚୟ
ଯିଏ ଏକାନ୍ତରେ ଲୋଡୁଥିବେ କବିତାର ଆତ୍ମୀୟତା,
କବିତାର ପ୍ରେମ ଜୀବନ ତମାମ୍ ।

♥ ଜି-୬୦୨, ଆକ୍ରୋପଲିସ୍, ଗୋଠପାଟଣା, ଭୁବନେଶ୍ୱର-୭୫୧୦୨୯
ଫୋନ: ୯୩୩୭୯୬୫୫୬୪



ରଜନୀ ଶତପଥୀ

# କେବେହେଲେ ଗୋଲାପ ଦେଖିନଥିବା ଝିଅ

ଡ. ସାୟନ୍ତନୀ ବେହୁରା

କେମିତି ଦିଶେ ଗୋଲାପ ?
ସେଇଟା କଣ ସବୁଚାଇଁ ଭଲ ଫୁଲ ?
ମୁଣ୍ଡଙ୍ଗା ଭଳିଆ ହେଇଥିବ ନାଇଁ ?

ସୁତପା କହିଲା, ଉଁ ହୁଁ
ଝିଅଟି କହିଲା, ତାହେଲେ, ଗୋଲାପ କଣ ଦିଶେ
ଦୁଦୁରା ନା ଦଳଗାଡ଼ିଆର ବାଇଗିଣିଆ ଫୁଲ ପରି...
ପଳାଶ ଭଳିଆ ବୋଧେ
ହରଗୌରୀ, ରକ୍ତଜବା, ରାଧାତମାଳ, କଦମ୍ବ, କନିଅର, ଟଗର
ମଧୁମାଳତୀ, ମହୁଲ, କଇଁ, କେତକୀ, ଅପରାଜିତା, ସରଗୀ, ସୁଗନ୍ଧରାଜ...
ଏକ ନିଶ୍ୱାସେ ଗାଇଗଲା ଝିଅଟା
ସୁତପା ଆଶ୍ଚର୍ଯ୍ୟରେ ଝିଅଟିକୁ ବାଲୁବାଲୁ ହେଇ ଚାହିଁଲା
ଭାବିଲା କେଡ଼େ ଜାଣିସିଆଣୀ ଦେଖୁନ
ଇଲୋ ମା...ଏଡ଼େ ଫୁଲେଇ !

ତାର ନିରୀହ ଆଖିରୁ ମୁହଁ ଫେରେଇ ପାରିଲାନି ସୁତପା
ହେଇଲୋ ତୁ କଣ ସତରେ ଦେଖୁନୁ ଗୋଲାପ !
ଛୁଇଁନୁ ତାର ପାଖୁଡ଼ା !
ଛୁଇଁନୁ ତାର ସ୍ମିତହସ !
ଛୁଇଁନୁ ତାର କୋମଳତା, ତାର କଣ୍ଟକତା !
ଛୁଇଁନୁ ଲୁହର ଶିଶିରବିନ୍ଦୁ, ମୋହର ଅପାରସିନ୍ଧୁ !
ଛୁଇଁନୁ ତାର ସୌନ୍ଦର୍ଯ୍ୟ, ତାର ଐଶ୍ୱର୍ଯ୍ୟ !
ଛୁଇଁନୁ ତାର ବିଚ୍ଛେଦ, ତାର ବିଳାପ !
ତାର ଈର୍ଷା, ଆଉ ଝିପିଝିପି ବର୍ଷା
ଛୁଇଁନୁ ତାର ନଦୀକୂଳ, ଆମ୍ବତୋଟା
ତାର ପ୍ରେମ, ପ୍ରଣୟ, ରାଗ, ବିରାଗ
କେଡେ ଅପାରଗ..

ହେଇଲୋ ରହିଲୁ ରହିଲୁ
ହେଲେ ଏତେସବୁ ଫୁଲ ନାଁ କୋଉଠୁ ପାଇଲୁ !
ଗପୁ ଗପୁ ଦିହେଁ ଆମେ ଯେତିକି ଗୋଟେଇଥିଲୁ !

♥ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର-୭୫୧୦୨୨,
ଫୋନ:୭୦୦୮୭୮୯୦୬୦



ସାୟନ୍ତନୀ ବେହୁରା

# ମୃଗତୃଷ୍ଣା

## ଜ୍ୟୋସ୍ନାରାଣୀ ଭୋଇ(କିଟି)



▶ ଚିତ୍ର : ଶ୍ରେୟା ସମୀକ୍ଷା ମିଶ୍ର

ଅନ୍ଧାରର ଭିତରେ ଯେଉଁ
ଆଲୋକ ଟିକକ ସେ ହେଉଛ ତୁମେ
ସେ ତୁମେରେ ମୁଁ ଆଙ୍କି ପାରେ
ପ୍ରେମ !

ପ୍ରେମ ମାନେ
ଏକ ମିଛ ସକାଳ
ମିଛ ସନ୍ଧ୍ୟା
ମିଛ ରାତି,
ଘାରିଘୋରି ହେଉଥିବା
ଛାତିରେ ନିଃଶ୍ୱାସ ପ୍ରଶ୍ୱାସର
କିଛି ସହଜ ଜଟିଳ ମନ୍ତ୍ର ।

ପୃଥିବୀରେ ପାଦ ଥାପି
କୋଉ ସତକୁ ଧରିହୁଏ ଯେ



▶ ଫଟୋ ଜ୍ୟୋସ୍ନାରାଣୀ ଭୋଇ

ମୁଁ ଦୁଃଖଟେ କରିବି
ମିଛ ପ୍ରେମର ?

କଅଁଳା ପବନର ଖେଳ
ଖାତିର୍ କରେନି
ପ୍ରେମରେ ବିରହରେ ପ୍ରତାରଣାରେ
ପାଦ ଦୁଇକୁ ମୋର ସମ୍ଭାଳୁ ଥିବା
ମାଟି ଏନ୍ତୁଡ଼ିର ମାୟା ।

ଆଉ ତୁମେ ମୋର
ପୂରୁବ ଆକାଶର ନାଲି ମନଟେ
ହୁଅ ଯେବେ ଅନ୍ଧାର
ପଶ୍ଚିମ ଆକାଶରେ ଧରେ ମୁଁ
ନୀଳଜହ୍ନ !

ଗାଏ
ଜୋଛନା ଲୁଚନା.....

ପରଦା ଟେକି ଧରି
ଲାଜରେ ଲୁଚିଲୁଚି କେବେ କେବେ
ବାଟ ପାଉ ନଥିବା
ଚାରିକାନ୍ଥ ଭିତରର ପ୍ରଜାପତିକୁ
ମୁଁ ଫୁଲମାନଙ୍କର
ରଙ୍ଗବାସ କଥା କୁହେ ।

❤ ଲାଇନ୍ ପଡା, ପାଟଣାଗଡ଼
ବଲାଙ୍ଗୀର, ଫୋନ : ୮୨୮୭୩୮୧୫୬୦

# ଏକପଦୀ : ଜୀବନ


## ଗୋଦାବରୀଶ ମିଶ୍ର


॥ ୧॥
କିଏ ସେ ଗଢ଼ିଛି ଜୀବନକୁ ସତେ
ଜୀବନ ଅବୁଝା ଗୀତ,
ଆରମ୍ଭ ଇତିକୁ ପାଇବା ପୂର୍ବରୁ
ଜୀବନ ହୁଏ ସମାପ୍ତ ।
ଅସରନ୍ତି କବି ଗୀତ,
ଲେଖା ଚାଲିଅଛି ଲେଖା ଚାଲିଥିବ
କେତେ ଗୀତା-ଭାଗବତ ।

॥ ୨ ॥
ଆମେ ଦୁଇଜଣ କେବଳ ଜାଣିଛେ
ସେ ଦିନର ଯେତେ କଥା,
ଆମ ପାଖେ ଆମ କାହାଣୀକୁ ରଖି
ସହିଯିବା ଯେତେ ବ୍ୟଥା ।
ବିଶ୍ୱାସ ବନେ ରହି,
ଆମେ ଗାଇଯିବା ଜୀବନ ଗୀତିକା
ବେଳାଭୂମି ଦୃଶ୍ୟ ଚାହିଁ ।

॥ ୩ ॥
ଜୀବନ ମୃତ୍ୟୁର ଉପତ୍ୟକାରେ
କେତେ ଖେଳ କେତେ ମେଳ
ବେଳେ ବେଳେ ଲାଗେ ଜିତିଗଲା ପରି
ବେଳେ ବେଳେ ଅସଫଳ ।



▲ କବି ଗୋଦାବରୀଶ ମିଶ୍ର



▼ ଚିତ୍ର : ଶିଳ୍ପୀ ବିଭୁଦତ୍ତ ଦାସ

ଦୁଷ୍ଟ ସମୟ ଆସି,
କହି ଦେଉଥାଏ ହସୁଥାଆ ଧନ
ନଯାଆ କେବେହେରେ ରୁଷି ।

॥ ୪ ॥
ଦେହ ଦାହ ଦ୍ରୋହ ଏ ତିନିଙ୍କ ପାଇଁ
ଏ ଜୀବନେ କେତେ ନାଟ,
ଏ ତିନିଙ୍କ ଲାଗି ସୁନ୍ଦର ଜୀବନ
ହୁଏ ଓଲଟ ପାଲଟ ।
ଅଦିନ ବତାସ ଆସି,
କାହାକୁ ଦିଏ ସେ କେତେ ପୁରସ୍କାର
କାହାକୁ ଦିଅଇ ଫାଶୀ ।

॥ ୫ ॥
ଅବଧାରିତ ସେ ନିଷ୍ଠୁର ବେଳାଟି
ଭରିଦିଏ ପ୍ରାଣେ ଦୁଃଖ
ନୀରବରେ ଆସି ପହଞ୍ଚିଯାଏ ସେ
ଭାଙ୍ଗିଦେଇ ସବୁ ସୁଖ ।
ମରଣ ନାମ ତାହାର,
କାହାର ପାଖରେ କେବେ ପହଞ୍ଚଇ
ଠିକଣା ନଦାଏ ତା'ର ।


♥ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଅରବିନ୍ଦନଗର, ଲେଙ୍କୁଡ଼ିପଦା,
ନୟାଗଡ଼-୭୫୨୦୭୦, ଫୋନ:୯୦୪୦୭୭୫୧୮୪

# ଲମ୍ବାରାତି ଦୀର୍ଘପ୍ରୀତି

ଡ. ମମତା ସାହୁ




▲ ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

ନଈରୁ ନାରୀ ହେବା ପାଇଁ
ତୋ ପାହାନ୍ତି ପହର ଟିକେ
ଡେରି ହେଉଥିଲା
ଗଜୁରିଲା ଦାନ୍ତ ଓ ନଖ
ଅଙ୍ଗାର ପଣର କୋହ
ପାଚି ପାଚି ଲାଲ ହେଲା
ନାରୀରୁ ମୋତେ ନିଆଁ ଡକା ହେଲା
ଆକାଶ ଛାତିରେ ମୋ ଧୂମାଭ୍ର ଭଉଁରୀ ଦେଖି
ବର୍ଷାର ଉଚ୍ଚାଟପଣ ଫିଙ୍ଗି ଦେଇ
ତୁ ସ୍ଥିର ହେଲୁ ଗାଢ ହେଲୁ
ମୋତେ କୃତଜ୍ଞ କଲୁ ।

ଏଥିପାଇଁ ଯେ
ମୁଁ ଖୁବ୍ ସହୁଥିଲି
ସହିବାର ମୌନପଣରେ ମୋ ଦେହ
ଗଛ ବନିଗଲା ।
କାଠଗଛ !
ମୁଁ ଜଳେଇ ଜଳେଇ ତାକୁ ଅଙ୍ଗାର କଲି
ରଡ ନିଆଁର ଧାସରେ
ଦୁଃଖକୁ ସିଝାଇ
ଗୋଟେ ଅସ୍ତ୍ର ତିଆରିଲି
ଖୁବ୍ ତୀକ୍ଷ୍ଣ ସେ ..... ।

ଏବେ ତୋ ଦେହରେ ଦିଇଟା ପନ୍ଦର
ମୋ ଦେହ ସାରା ରକ୍ତ
କିଛିଟା ମୋ ହାତରେ



▲ ଡ଼ଃ ମମତା ସାହୁ

କିଛି ଛାଟିଦେଲି ତୋ ଅନ୍ଧାରୀ ଆକାଶକୁ
ଯେଉଁଠୁ କିଛି ହିଂସୁକ ତାରା
ମୋ ଯୋଜନାକୁ ସ୍ଥିର ହୋଇ ଦେଖୁଥିଲେ
ତାଙ୍କ ମୁହଁ ପୋଡିଯାଉ ।

ସେ କେମିତି ବୁଝିବେ
ଭୟ ଭ୍ରାନ୍ତି ନିଃଶବ୍ଦ ଆର୍ତ୍ତନାଦ
କେମିତି ଝୁଲନ୍ତି କଳିଜା ବାଡାରେ
ଗହନ ହେଲେ
ବସାବାନ୍ଧନ୍ତି ବତାସ କି ବାରୁଦ
ରୁନ୍ଧିଲା ଛାତିରେ
ଫଟା କପାଳକୁ ସଙ୍ଗୋଳି ସଙ୍ଗୋଳି
ଲଙ୍ଗଳ ଯୁଆଳି ସଜାଉଥିବା
ଚଷାପୁଅର ହାତଶିରା ଫାଟି
ନିଗିଡି ପଡୁଥିବା ରକ୍ତକୁ ବିଲର ଆଁରେ ।

ତୁ କହ ! ପ୍ରତ୍ୟେକ ଦିନ
ପ୍ରେମ ନଥିବା ପ୍ରେମର ଆସର
ଆଇଁଷିଣିଆ ଗନ୍ଧର ଚାବୁକ ପ୍ରହାର
ମୋ ଦେହକୁ ଚାଟିଚୁଟି ସଫା କରିବାର
ଗୋଟେ କୁତ୍ସିତ ଶୋଷ
ମୋତେ ଡାହାଣୀ କରିଦେଲା
ସେ ଡାହାଣୀ ପଣଟା
ଜିଇଁ ଉଠିଲା ତୋ ସାହାରାରେ
ରକ୍ତକୁ ଚାଟିଚୁଟି ସଫା କରି
ଭୋରୁ ପୁଣି ନାରୀ ହୋଇଗଲା
ଛଳଛଳ  ବହିଲା ।

❤ ଅଧ୍ୟାପିକା: ସମାଜ ବିଜ୍ଞାନ
ଜମ୍ବୁବତୀ ନିବାସ, ଜଗନ୍ନାଥପୁର,
କଲେଜ ଛକ, ଭଦ୍ରକ-୭୫୬୧୦୦,
ଫୋନ:୯୮୬୧୧୫୩୩୬୪



▲ ଚିତ୍ର : **Ankita Kumar**

# ଶବ୍ଦ ଅଶ୍ୱ

## ଡ. ସୁମିତ୍ରା ମିଶ୍ର

ଆବେଗର ଭଉଁରୀରେ ଆଉଟି ହେଲେ ହୃଦୟ
ଶବ୍ଦମାନେ ଝପଟି ଆସନ୍ତି ପାଗଳ ଅଶ୍ୱ ପରି
ଉତ୍ସାହରେ ଖୁରା ଟେକି, ଲାଞ୍ଜ ହଲାଇ, ଗ୍ରୀବା ଉଚ୍ଚ କରି !

ବେଳେ ବେଳେ ବାନ୍ଧି ରଖେ ମୁଁ ସେମାନଙ୍କୁ
ମୋ କାର୍ଯ୍ୟ ବ୍ୟସ୍ତତାର ଲଗାମ ଲଗାଇ ତ
କେତେବେଳେ ପୁଷ୍ଟ କରେ ଚେତନା ଭିତରେ
କଳ୍ପନାର ଚଣା, ଗୁଡ ଖୁଆଇ, ବେକ ଆଉଁସି !

କେବେ କେବେ ଚାବୁକ୍ ମାରି ଶବ୍ଦ ଅଶ୍ୱମାନଙ୍କୁ
ଦୌଡାଏ ମୁଁ ଭାବନାର ରେସ୍ କୋର୍ସରେ,
ବାଜି ଲଗାଏ ନିଜ ସହିତ
ଆଜି ଗୋଟାଏ କବିତା ଲେଖିବି,
କିନ୍ତୁ ହାରିଯାଏ ବାଜି, ହଜିଯାଏ ବୁଦ୍ଧି
ଦୌଡିବାକୁ ସାହସ କରନ୍ତି ନାହିଁ ଶବ୍ଦଅଶ୍ୱମାନେ
କଳ୍ପଲୋକର ମିଂଜି ମିଂଜି ନକ୍ଷତ୍ର ପରି
ପଦମାନେ ପଡି ରହନ୍ତି ସତେକି ନିର୍ବେଦ, ନିଶ୍ଚଳ !

ଆବେଗର ଅଗ୍ନି ଜ୍ୱାଳାମୁଖୀ ହେଲେ ମନ କନ୍ଦରରେ
ଶବ୍ଦଅଶ୍ୱମାନେ ହ୍ରେସାରବ କରନ୍ତି
ହିଁ ହିଁ ହସି ବ୍ୟଙ୍ଗ କରନ୍ତି କୋହର ଉଚ୍ଛ୍ୱାସକୁ
ଯେତେ ଚାବୁକ୍ ମାରିଲେ କି ଲଗାମ ଭିଡିଲେ
ସମ୍ଭାଳି ହୁଏନା ସେମାନଙ୍କ ଉତ୍ପାତ !

ଯେବେ ଗାଢ ହୁଏ ଆବେଗର ରଙ୍ଗ
ଶବ୍ଦଅଶ୍ୱମାନେ ପାଲଟି ଯାଆନ୍ତି ପ୍ରଜାପତି
ଫଡ଼ଫଡେଇ ହୁଅନ୍ତି ପ୍ରତିଛବି, ବିମ୍ବ, ଅଳଂକାର, ଚିତ୍ରକଳ୍ପର ରୂପ ନେଇ
ମୋ କଲମର ବିଳାସ ମହଲରେ
ଧରା ଦିଅନ୍ତି କବିତା କି ଗଳ୍ପର ଇଜେଲ୍ ଉପରେ !

ଯେବେ ଆବେଗ ଉତ୍ତାଳ ହୁଏ
ସଇଶ ସାଜି ଚଢିଯାଏ ଶବ୍ଦଅଶ୍ୱର ପିଠିରେ
ମୁଁ ପ୍ରସ୍ତୁତ ହୁଏଁ ଅଶ୍ୱମେଧ ଯଜ୍ଞ ପାଇଁ
ବଳି ଦେବାକୁ ହୁଏ ସମସ୍ତ ଯୋଦ୍ଧା, ବଳବାନ୍ ଅଶ୍ୱଙ୍କୁ
ଜୀବନର ଯଜ୍ଞବେଦୀରେ
ମୋ କବି ଆତ୍ମା ଡରିଯାଏ
କାଳେ ଶବ୍ଦଅଶ୍ୱଙ୍କୁ ବଳି ଦେଇ ମୁଁ ନିଜେ ପାଲଟି ଯିବି ଗୋଟେ କାଳିସୀ
କାରଣ ମୋ ହାତରୁ ଖସି ପଡିଥାଏ ସମସ୍ତ ଖିଆଲ୍‌ର ଢାଲ
ତୁଣୀର ଭର୍ତ୍ତି ଛଳନାର ଶର !


♥ ଲାମୋର୍, ୧୨୬/୭୨୨, କୋଳଥିଆ, ଭୁବନେଶ୍ୱର-୭୫୧୦୧୯
ଫୋନ: ୯୯୨୦୬୯୬୮୧୫



▶ ଫଟୋ ଚିତ୍ର

# ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ

**ସୁନନ୍ଦା ମିଶ୍ର**



▲ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ
ଏବେ ତମେ କେମିତି ଅଛ, ଗାନ୍ଧୀ ?
ତମେ  ଏବେ ବି
ସେଇ ଆଁଠୁ ଲୁଚୁ ନଥିବା
ଖଦଡ଼ ଧୋଡ଼ି ଆଉ ଯୋଡ଼ ପିନ୍ଧୁଛ
ଆଖିରେ ଲଗଉଛ ମୋଟା ଚଷମା
ପାଞ୍ଚ ଫୁଟ୍‌ର ଠେଙ୍ଗା ଧରିଛ ହାତରେ
ପାଦରେ ପିନ୍ଧୁଛ କଠଉ
ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ବି
କିଛି ବଦଳିନ !

ଏଠି କିନ୍ତୁ
ବଦଳିଛି ବହୁତ କିଛି
ତମେ ଯୋଉ ରାମ ରାଜ୍ୟର
ସ୍ୱପ୍ନ ଦେଖୁଥିଲ
ତାହା ଏବେ
ରାବଣମାନଙ୍କ କବ୍‌ଜାରେ ।
ଏଠି ରାତି ନୁହେଁ
ଦିନରେ ହୁଏ ଚୋରି, ଲୁଣ୍ଠନ,
ରାହାଜାନି, ଖୁଲମ୍‌ଖୁଲା ।
ଏଠି ନ'ବର୍ଷର



▲କବି ସୁନନ୍ଦା ମିଶ୍ର

କୁଆଁରୀ ଝିଅ
ଆଉ ନବେ ବର୍ଷର ବୁଢ଼ୀ
ଅକାଳରେ ବଳି ପଡ଼ନ୍ତି ।
ଶବ ପଚୁଥାଏ
ସବୁଜିମା ଭରା ଜଙ୍ଗଲରେ ।
ସେଥିରୁ ଖଣ୍ଡେ ଖଣ୍ଡେ
ସଡ଼ା ମାଂସ ଭିଡୁଥାନ୍ତି
ଜଙ୍ଗଲି ପଶୁ ।

ଯୋଉ ଲୁଣ ପାଇଁ
ତମେ ସତ୍ୟାଗ୍ରହ
ଜାରି ରଖିଲ
ଏବେ ସେଇ ଲୁଣ
ସବୁଠୁ ମହଙ୍ଗା ।
ଲୁଣ ଖାଇଲେ
ନିଗାଡ଼ିବାକୁ ପଡୁଛି ଦେହରୁ
ବୁନ୍ଦା ବୁନ୍ଦା ରକ୍ତ ।
ଯୋଉ ଅହିଂସାର
ମୂଳଦୁଆ ତମେ ପକେଇଥିଲ ନା,ଗାନ୍ଧୀ
ଏବେ ତାହା ହିଂସାର
ପାଚେରୀ ତଳେ ଏମିତି
ଶ୍ୱାସରୁଦ୍ଧ ହେଇଯାଇଛି ଯେ
ମୁକୁଳିବାକୁ ଚାହିଁଲେ ବି
ଧକେଇ ଯାଉଛି ।

ଏଠି ତ ଚାରିଆଡ଼େ
ବିଦ୍ରୋହର ସ୍ୱର
ପାଣିରେ ମିଶୁଛି,
ପବନରେ ଘୁରୁଛି ।
କଲମ ମୂନରୁ
ଓଠର ଫାଙ୍କରୁ
ଭୋକର ତ୍ରାସରୁ
ହୃଦୟର କୋହରୁ
ଅନ୍ତରାତ୍ମାର ବିଳାପରୁ
ବିସ୍ଫୁରିତ ହେଉଛି
ନୂଆ ଢଙ୍ଗରେ, ନୂଆ ବାଗରେ ।

ଭଲ ହେଲା
ଏସବୁ ଦେଖିବାକୁ
ତମେ ଏବେ ମର୍ତ୍ତ୍ୟରେ ନାହଁ ।
ନଚେତ୍ ଏସବୁ ଦେଖି
ତମ ଆଖି ଶୁଖୁ ନଥା'ନ୍ତା
ଓଟାରି ହେଇ ଯାଉଥା'ନ୍ତା କଳିଜା ଛାତି ଭିତରୁ ।
ଲୁହରେ ଲୁହରେ ଭିଜି ଯାଉଥାନ୍ତ ତମେ,
ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ବି ।

♥ ସୂଚନା ଓ ଲୋକସମ୍ପର୍କ ଭବନ, ଭୁବନେଶ୍ୱର
ଫୋନ:୮୭୬୩୮୧୭୬୮୫

# ନିଦର୍ଶନ



# କେଶବଚନ୍ଦ୍ର ରାଉତରାୟ

ଆକ୍ରକ୍ସ ନିଅନ୍, ଫ୍ଲାଟ୍ ନମ୍ବର- ସି୦୦୧
ହଂସପାଳ, ରୁଦ୍ରପୁର, ପୋ-ନହରକଣ୍ଟା
ଭୁବନେଶ୍ୱର-୭୫୨୧୦୧
ଫୋନ : ୯୪୩୭୭୬୧୩୦୭


ଚିତ୍ର : ମାନମୟୀ ରଥ
ଲୋପାମୁଦ୍ରା ପରିଡ଼ା

"ହଇହୋ ହେଡ୍ ସାରେ, କୁଆଡ଼େ ସିଆଡ଼େ ମାଡ଼ିଯାଉଛ, ଇଆଡ଼େ ଟିକେ ଆସ !"

"ଆଜ୍ଞା ବାବୁ, ଅନ୍ୟମନସ୍କ ଥିଲି, ଜାଣିପାରିଲି ନାହିଁ । ପ୍ରଣାମ ।"

"ହଉ ହେଲା, ଏବେ କୁହ ପୁଅ ସନ୍ତରା କ'ଣ ସେଇ ଅଷ୍ଟମ ଶ୍ରେଣୀରେ ଥିବ ନା ଉପର ଶ୍ରେଣୀକୁ ଉଠିବ ?" ସାରେ ଟିକେ ଥତମତ ହେଇପଡ଼ିଲେ, କି ଯଥାତଥା ଉତ୍ତର ଦେଇ ଖୁସି କରିବେ ।

"ପଢ଼ାରେ ମୋଟେ ମନ ଦଉନି । ଯେତେ ବୁଝେଇ କହିଲେ ବୁଝିବାର ଆଶା ଦେଖାଯାଉନି । ଆଜି ସ୍କୁଲ୍‌କୁ ଗଲେ ସବୁ ସାର୍‌ଙ୍କୁ କହିବି, ସନ୍ତରା ପ୍ରତି ନଜର ଦେବାକୁ ।"

"ଏଇ କଥା ତ ମୁଁ ତିନିବର୍ଷ ହେଲା ଶୁଣୁଚି । ଫଳ ନିର୍ମୂଳ । ହଉ ତମେ ଯାଅ, ସିଆଡ଼େ କଷ୍ଟୋମର୍‌ଙ୍କ ଭିଡ଼ ବଢ଼ି ଯିବଣି, ଷ୍ଟୋର୍ ଖୋଲିବାକୁ ପଡ଼ିବ । ପରେ କେବେ ସମୟ ଦେଖି କଥା ହବା ।"

ସେ ସମୟ କେବେ ଆସେନା ।

ବାଟିକିଆ ଚାଷ ସାଙ୍ଗକୁ ଗୋସେରୀ ହୋଲ୍‌ସେଲର୍ । ଲକ୍ଷ୍ମଣ ଘର କରିଛନ୍ତି । ସରସ୍ୱତୀ ମୁହଁ ମୋଡ଼ି ଦେଇଛନ୍ତି ।

ସନ୍ତରା ଦୁଷ୍ଟ ବା ଫାଜିଲ ନୁହେଁ । ସବୁବେଳେ ଆଜ୍ଞା ଅବଧାନ । ହେଲେ ପାଠ ଘରଟାକୁ ଯେମିତି ରାହୁଗ୍ରାସ କରିଛନ୍ତି । ସେଇବର୍ଷ କିଶୋର କଣ୍ଣୁ ବୋଲି ପିଲାଟିଏ ବିଂଝାରପୁର ଶିକ୍ଷା ସର୍କଲରେ ଶତକଡ଼ା ପଞ୍ଚାନବେ ରଖି ପ୍ରଥମ ହୋଇଥାଏ । ଚାହିଁଥିଲେ ସରକାରୀ ହାଇସ୍କୁଲ୍‌ରେ ଖୁସିରେ ନାଁ ଲେଖାଇ ପାରିଥା'ନ୍ତା । ସ୍କୁଲ୍ ଗାଁ ଠାରୁ ପ୍ରାୟ ତିରିଶି କିଲୋମିଟର ଦୂରରେ । ହଷ୍ଟେଲ୍‌ରେ ରହି ପଢ଼ିବା ଅର୍ଥ ବାଧକ ହେଲା । ଗାଁ ହାଇସ୍କୁଲ୍‌ରେ ନାମ ଲେଖାଇଲା । ଅଳ୍ପଦିନ ଭିତରେ ସନ୍ତରା ଓ କିଶୋର ଅନ୍ତରଙ୍ଗ ହେଇଗଲେ । ଗାଁରେ ଦୁହିଙ୍କ ଘର ପ୍ରାୟ ଲଗାଲଗି ।

"ସନ୍ତରା, ତୁ କାହିଁକି ମନ ଦୁଃଖ କରୁଛୁ ? ଆମେ ସାଙ୍ଗ ହେଇ ପଢ଼ିବା । ତୁ ବୁଝି ନପାରିଲେ ମୁଁ ତତେ ସବୁ ବୁଝେଇ ଦେବି । ଏକା ସାଙ୍ଗରେ ପଢ଼ିବା ।"

"ହଁ ଯେ, ମୋର ପାଠ ଘର ନାହିଁ । ଶାଠ ଘର ଫୁଲ୍ । ତୁ ବିଲ୍‌କୁଲ୍ ଭାଙ୍ଗି ପଡ଼ନା । ଦେଖିବୁ ଆମେ ଦୁହେଁ ଉପର ଶ୍ରେଣୀକି ଡେଇଁ ଡେଇଁ ଯିବା ।"

ସନ୍ତରା ଦମ୍ଭିଲା ଘରର ପିଲା । ଅଭାବ କ'ଣ ଜାଣେନା । ଯାହା ଯେତେବେଳେ ଚାହେଁ ସହଜରେ ପାଇଯାଏ । କିଶୋର କଥା କିନ୍ତୁ ପୂରାପୂରି ଅଲଗା । ବାଡ଼ି ଗୋବରରେ ଗୋବେ ଚାଷ ଜମି ନାହିଁ । ଚାଷବାସ ନିଲ୍ । ସନ୍ତରା ଘରେ ବାପ ତାର ଗୁମାସ୍ତାଗିରି କରେ । ସଚ୍ଚୋଟତାର ସଚ୍ଚା ନମୁନା । ଅଭାବ ଅନଟନ ଭିତରେ ତଳୁଥା'ନ୍ତି ।

ଯାଜପୁର ଟାଉନ ହାଇସ୍କୁଲରେ ସାଇନ୍ସ ଏକ୍‌ଜିବ୍‌ସନ (ବିଜ୍ଞାନ ମେଳା) ପଡ଼େ । ପ୍ରତିଯୋଗୀ ପଠାଇବା ପାଇଁ ସ୍କୁଲ୍‌କୁ ଚିଠି ଆସେ । ସାର୍‌ମାନେ କିଶୋରକୁ ସିଲେକ୍ଟ କରନ୍ତି । ହେଲେ କିଶୋରର ମୁହଁ ଶୁଖିଯାଏ । କିପରି ଯିବ ? ଅର୍ଥ ଅନର୍ଥର କାରଣ ହେଇ ଛିଡ଼ାହୁଏ ।

"ମୁହଁ କାଇଁକି ଶୁଖେଇଚୁ ? ମୁଁ ଅଛି ନା । ତୁ ବିଜ୍ଞାନ ମେଳାକୁ ନିଶ୍ଚୟ ଯିବୁ । ଟଙ୍କା ପଇସା କଥା ମୋ ଉପରେ ଛାଡ଼ିଦେ ।"

ଛୋଟ ପିଲା ହେଲେ କ'ଣ ହବ କିଶୋର ଖୁବ୍ ସ୍ୱାଭିମାନୀ ଥିଲା ।

"ନା ସାଙ୍ଗ, ତୋ ବାପା ଜାଣିଲେ, ତୁ ତ ବେଜାଏ ମାଡ଼ ଖାଇବୁ । ମୋ ନାଁରେ ଦୁର୍ନାମ ରଟିବ, ମୋ ବାପାର ତମ ଘରେ ଚାକିରିଟା ବି ବାଏଁ ବାଏଁ ଉଡ଼ିଯିବ । ସବୁଠୁଁ ଭଲ ଆଟେଣ୍ଡ୍ ନକରିବା । ଜଗନ୍ନାଥଙ୍କ ଦ୍ୱାହି ଦେଉଛି । ଆମ ବନ୍ଧୁତାର ଦ୍ୱାହି ଦେଉଛି । ଏଇ ଗୋଟାଏ କଥା ରଖ ।" କ'ଣ କହି ନା କରିବ କିଛି ବିଚାରି ପାରିଲା ନାହିଁ । "ହଉ ଯିବି । କଥା ଦେ, ତୁ ସବୁ ସମ୍ଭାଳି ନେବୁ ।" "ଆରେ ଯାର ସମ୍ଭାଳି ନେବି । ଆଉ ଏସବୁ କାର୍ଯ୍ୟରେ ତୋ ବାପା ସୁନା ମଉସା ସହାୟତା କରୁଛନ୍ତି । ବାପା ବ୍ଲଡ଼ କ୍ୟାନ୍‌ସର୍‌ରେ ପୀଡ଼ିତ । ଡାକ୍ତର ଲାଗିଛନ୍ତି । ପଇସା ପାଣି ପରି ବହି ଯାଉଚି । ସେଥିପାଇଁ ପରବାଏ ନାହିଁ । ଆଗକୁ ଆଗକୁ ତୁ ମତେ ଖୁବ୍ ଖୁସି କରିବୁ ବୋଲି କଥା ଦେ । ମୁଁ ତହବିଲରୁ ଚୋରି କରି ତତେ ସାହାଯ୍ୟ କରୁନି । ଏ ବାବଦରେ ବାପାଙ୍କୁ ଜଣେଇ ଦେଇଚି । ବାପା ହଁ ଭରିଛନ୍ତି । ମୋ ବାପା ସୁନା ମଉସାକୁ ଖୁବ୍ ଭରସା କରନ୍ତି । କହନ୍ତି, ସୁନା ଠାରୁ କଣ ବେଙ୍ଗି ପିତଳ ସୃଷ୍ଟି ହୁଏ ।" ଖୁସ୍ ମିଜାଜରେ ଗାଇ ଦିଏ, ୟାର ମେରା ଜିନ୍ଦେଗି ହେ, ପ୍ୟାର ମେରା ବନ୍ଦେଗି । ଭୁଲ୍



▶ ଗାଳ୍ପିକ କେଶବ ଚନ୍ଦ୍ର ରାଉତରାୟ

**କାହାଣୀ ପଛର କାହାଣୀ**

ଜନୈକ ଅଧ୍ୟାପକ ବନ୍ଧୁ । ବିବାହିତ । ଏକ ପୁତ୍ର ସନ୍ତାନର ଜନକ । ପତ୍ନୀ କର୍ମଜୀବୀ । ସାହାଯ୍ୟକାରୀ ଭାବେ ରାଜୁ ନାମକ ତରୁଣ କାମ କରୁଥାଏ । ପିଲାଟି ଖୁବ୍ ବିଶ୍ୱାସୀ । ଦୁଃଖ ଆସେ, ଘଣ୍ଟା ବଜାଇ ଆସେନା । ଅଧ୍ୟାପକ ହଠାତ୍ ଅସୁସ୍ଥ ହେଇପଡ଼ନ୍ତି । ଦୁଃଖରେ ମ୍ରିୟମାଣ ହୁଅନ୍ତି । ଦୁଃଖର କାରଣ ଜଣାପଡ଼େ । ସେ ଫୁସ୍‌ଫୁସ୍ କ୍ୟାନ୍‌ସର୍‌ରେ ଆକ୍ରାନ୍ତ । ଅଧ୍ୟାପକଙ୍କୁ ନଜଣାଇ ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ଗୋଟିଏ କିଡ୍‌ନୀ ଦାନ କରିଦିଅନ୍ତି । ଦୁଃଖର କଥା ସେ ପିଲାର ଅନ୍ୟ କିଡ୍‌ନୀଟି ଠିକ୍‌ରେ କାମ କରୁ ନଥାଏ । ଏବେ ମୃତ୍ୟୁର ନିକଟରେ ଜୀବନ । କିଛି ସତ କିଛି କଳ୍ପନାର ଫେଣ୍ଟାଫେଣ୍ଟିରେ ଗଳ୍ପଟି ରୂପ ନେଇଛି ।

ଭାଲ୍‌କୁ ନିଘା ନଥାଏ । ମନର ଭାବ ପ୍ରକାଶ କରିଦିଏ । ବେଳ ପାଇଲେ ସନ୍ତରା ସିନେମା ହଲର ମାଟି ମାଡ଼ି ପକାଏ । ସିନେମାର କେତେ ଗୀତ, ଡାଇଲଗ ଓକାଳି ପକାଏ ।

ଘୋଷାରି, ଓଟାରି ହେଇ ଅଷ୍ଟମ ଡେଇଁ ନବମରେ ପହଞ୍ଚିଲା । ଚାରିବର୍ଷ ଲାଗିଲା । ତା'ର ସ୍କୁଲ୍‌କୁ ଯିବା ଆସିବା ପିକ୍‌ନିକ୍ ଯିବା ଆସିବା ସହିତ ସମାନ । ବୋଉ ଆଗରୁ ବାଟ କାଟିଥିଲା । ବାପାକୁ ବଞ୍ଚାଇବା ପାଇଁ ହାତ ଖୋଲିଦେଲା । ହେଲେ ବାପା ତାର ହାତ ମୁଠାରୁ ଖସିଗଲେ । ବଞ୍ଚିଥିବା ସଂପତ୍ତିକୁ ତଦାରଖ କରିବାର ଅନୁଭୂତି ନଥିଲା । ସେତିକି ବେଳକୁ ସୁନା ମଉସା ଅସୁସ୍ଥତା ବଶତଃ ବିଛଣା ଧଇଲେ ।

ପାଣି ବାଡ଼େଇଲେ ମାଛ ଚହଟେ, ଖାଳେଇ ଭର୍ତ୍ତି ହୁଏ, ହାଟ ବଜାରରେ ମସ୍ତ ବେପାର ହୁଏ । ସେମିତି କିଶୋର ପ୍ରାଣମୂର୍ଚ୍ଛା ପରିଶ୍ରମ କରି ମାଟ୍ରିକ କୃତିତ୍ୱର ସହ ପାସ୍ କଲା । କଲେଜ୍‌ରେ ପଢ଼ିବ । ଭାଳେଣି ପଡ଼ିଲା । ଓଳିଏ ଟିଉସନ କରି କିଛି ଯୋଗାଡ଼ କରିଥାଏ । ତଥାପି ନିଅଣ୍ଟ ।



"ଚିନ୍ତାଦକ ପଛରେ ପକା, ଯେତେ ପଢ଼ିବୁ ପଢ଼ । ମୁଁ ତୋ ପଛରେ ଅଛି । ତୁ ଏକା ବୋକା ନୋହୁଁ । ମୁଁ ଗୋଟେ ବୋକୋ ତୋ ସାଥିରେ ଅଛି । ଦି'ବୋକା ମିଶି ସୁପର୍ ବୁଦ୍ଧି ବାହାର କରି ଡଙ୍ଗାକୁ ନିଶ୍ଚେ କୂଳରେ ଲଗାଇବା । ତୁ ଲଢ଼ିଯା' । ମୁଁ ତୋ ପଛରେ ଅଭଙ୍ଗା କାନ୍ଥ ଭଳି ଛିଡ଼ା ହେଇଚି । ଶୋଚନା କରନା ।" ଅଠର ବର୍ଷର ପିଲା । ବଡ଼ ମଣିଷଙ୍କ ଭଳି କଥା । କିଶୋର ଚାକିରି ପାଇବା ପର୍ଯ୍ୟନ୍ତ ପଛଘୁଞ୍ଚା ଦେଇନି ।

ପରିଶ୍ରମର ଫଳ ଖୁବ୍ ସ୍ୱାଦିଷ୍ଟ । ନିର୍ମେଘ ଆକାଶ ହଠାତ୍ ମେଘମେଦୁରିତ ହେଇ ଉଠିବା ମୌସୁମୀ ଆଗମନର ଶୁଭ ସୂଚନା ହେଇପାରେ । ଆଇ.ଏ.ଏସ୍. ରିଟିନ୍‌ରେ ଅଲ୍ ଇଣ୍ଡିଆ ସିରିୟଲ ଲିଷ୍ଟ୍‌ରେ ଏକବିଂଶ ସ୍ଥାନ ଅଧିକାର କରି ନିଜ ଉପରେ ବିଶ୍ୱାସ ବଳବତ୍ତର ହୁଏ । ଭାଇବାରେ ଭାର ବି ଖୁବ୍ ଲଘୁ ମନେହେଲା । ବର୍ତ୍ତମାନ ସେ କିଶୋର କଣ୍ଣ, ଆଇ.ଏ.ଏସ୍ ।

ସେତେବେଳକୁ କିଶୋର ଥାଏ ରାଜଧାନୀରେ ଆଉ ସନ୍ତରା ଗାଁରେ । ବିଜୁଳି ବେଗରେ ଖବରଟା ବ୍ୟାପିଗଲା । ଛକ ମିଠା ଦୋକାନ ଉଠାଇ ଆଣି ଗାଁରେ ବାଣ୍ଟି ଦେଲା । ଅଦେଖା ଲୋକ ନାକ ଟେକିଲେ । କୁହାକୁହି ହେଲେ, "ସଂପତ୍ତିସବୁ ତ ହରେଇ ସାରିଲାଣି, ଆଉ କେତେଦିନ ପରେ ଦେଖ କ'ଣ କ'ଣ ଘଟୁଚି । ଭିକ ମାଗିବ ଭିକ ।"

ଅଦିନରେ ଝିପିଝିପି ବର୍ଷାର ଖୁସି ଅନୁଭବ କଲା ଭଳି ବେଳକୁ ବେଳ ଆନନ୍ଦରେ କୁରୁଳି ଉଠୁଥାଏ ସନ୍ତରା । ହଠାତ୍ କୁଢ଼େଇ ହେଇପଡ଼ିଲା ବର୍ଷା । ଗାଁଟା କମ୍ପି ଉଠୁଥାଏ । କିଶୋରକୁ କାନ୍ଧରେ ବସାଇ ଗାଁଟା ସାରା ବୁଲେଇଲା ସନ୍ତରା ନିରୋଳା ଆନନ୍ଦରେ ନିଜକୁ ଭିଜେଇ ଦେଲା ।

ରୋଗଗ୍ରସ୍ତ ବାପାର ପାଦ ଛୁଇଁଲା କିଶୋର । ନିଷ୍ପଲକ ଆଖି ଦିଇଟା ଯେପରି ଖୋଜୁଥିଲା ରକ୍ତର ସନ୍ତକକୁ । ମଥା ଛୁଇଁଲା ଥରଥର ହାତ ନିଥର ହେଇଗଲା । ଆଶୀର୍ବାଦର ଅଶିଣ ବର୍ଷା ଢାଳି ହେଇଗଲା । ମୁହଁରେ ଥାଏ କେନାଏ ଶୁଷ୍କ ହସ । ଥର ଥର ହାତ ନିଥର ହେଇଗଲା । ତଳ ବରଡ଼ାର ଖସିବାର ଆଭାସ । ହସ ଲିଭିଗଲା ଟେଳାଏ ରକ୍ତପାଟିରୁ ଟପ୍‌କି ପଡ଼ିଲା । ଦିଇଟା ମର୍ମାହତ ଯୁବକଙ୍କର ହୋସ୍ ଉଡ଼ିଯିବା ଅବସ୍ଥା । ସାଇ ଭାଇ ମାଡ଼ି ଆସିଲେ । ପାଟି ଶୁଭିଲା, ଶବ ଉଠା, ବାସି ଶବକୁ କେତେବେଳେ ପର୍ଯ୍ୟନ୍ତ ପକେଇ ରଖିବ ।

କୋକେଇ ବନ୍ଧା ହେଲା । ଶେଷ ବାହୁଡ଼ାର ସବୁ ବନ୍ଦୋବସ୍ତ କରାଗଲା । ମଶାଣିରେ ଜୁଇ ହୁହୁ ହେଇ ଜଳିଲା । କେଇଟା ମୁହୂର୍ତ୍ତରେ ସଜ ଶରୀରଟା ପଞ୍ଚଭୂତରେ ଲୀନ ହେଇଗଲା ।

ମୃତକ ବ୍ୟକ୍ତିର ଆତ୍ମା ଶାନ୍ତି ପାଇଁ ଶାସ୍ତ୍ରାନୁମୋଦିତ କ୍ରିୟାକର୍ମ କରିବାକୁ ହୁଏ । ତାପରକୁ ବ୍ରାହ୍ମଣ ଭୋଜନ, ସାଇ ଭାଇଙ୍କ ପଙ୍‌କ୍ତି ଭୋଜନ ଇତ୍ୟାଦି ପାଇଁ ଟଙ୍କା ଦରକାର । କିଶୋର ତ ରିକ୍ତ ହସ୍ତ । ସନ୍ତରା ସାହସ ଦିଏ । ଆରେ ସାଙ୍ଗ, ମୁଁ ଅଛି ନା, ଚିନ୍ତା କରନା । ସବୁ ଠିକ୍ ଠିକ୍ ହବ ।"

ବାପା ଦ୍ୱାରା ଖଳ ଖେଳରେ ଅର୍ଜିତ ସଂପତ୍ତି କେଇଟା ବର୍ଷ ଭିତରେ ଧୂଆଁ ହେଇଯାଏ । ଷ୍ଟୋର ଘର ଛପର ଉଡ଼ି ଯାଇଥାଏ । ସେ ବେଛପର ଘରକୁ ଶାଗ ମାଛ ମୂଲରେ ବିକିଦିଏ । ନିଜ ଘରଡିହକୁ ଲାଗି ଯୋଗୀ ଚକଡ଼ା ଖଣ୍ଡକ ଯାହା ଥାଏ । ପଇସାଟିଏ ଦେଇ ପାଞ୍ଚ ପଇସା ଖାତାରେ ଚଢ଼େଇ ବାପ ତା'ର ଯୋଗୀ ବୁଢ଼ା ଠାରୁ ଖାତା ଖତିୟାନ କରି ନେଇଥାଏ । ସବୁଦିନ ପାଇଁ ରାଜେନ୍ଦ୍ରାସନ କାଏମ ରହେନା । ଫକୀର ସମୟର ଆବର୍ତ୍ତନରେ ଫତେଇ ପିନ୍ଧି ଗାଁ ଦାଣ୍ଡରେ ଛାତି ଫୁଲେଇ ମାଟି ଦୁଲୁକେଇ ଚାଲିପାରେ । ସବୁ ସମୟର ଖେଳ ଚକଡ଼ାଟା ଛଡ଼େଇବା ପାଇଁ ପହଞ୍ଚେ ଯୋଗୀ ବୁଢ଼ା ପାଖରେ ।

ବୁଢ଼ାର ଏବେ ପାଞ୍ଚ ପାଞ୍ଚଟା ପାଞ୍ଚ ହତା ମରଦ ।

"ଯୋଗୀ ଅଜା, ଚକଡ଼ାଟା ବିକନ୍ତି ରଖିବ ?"

"ତୋ ବାପ ଆମ ଅସୁବିଧା ସମୟରେ ଫାଇଦା ଉଠେଇ ଚକଡ଼ାଟା ନିଜ ନାଁରେ କରି ନେଇଥିଲା । ମୁଁ ଅମଣିଷ ନୁହଁ ମ, ତୋ ଅସୁବିଧା ସମୟରେ ତୋ ପିଠିରେ ଦି'ବିଧା ଦେଇ ଜୋର୍‌ଜବର ଚକଡ଼ାଟା ହାସଲ କରି ନିଅନ୍ତି । କିନ୍ତୁ ତାହା ମୁଁ କରିବି ନାହିଁ । ଏ ପର୍ଯ୍ୟନ୍ତ ଭଗବାନଙ୍କୁ ଲାଜ,ଭୟ କରି ଆସିଛି ।" କଥାଗୁଡ଼ା ସନ୍ତରା ଦେହରେ ଛୁଞ୍ଚି ଭଳି ଗଳି ଯାଉଥାଏ । ନିର୍ବାକ ଠିଆ ହେଇ ଶେଷ କଥାକୁ ଅପେକ୍ଷା କରିଥାଏ । "ହଉ ହେଲା, ବଜାରଦର ଯାହା ହବ ଦେବି, କବଲା କରିଦବୁ । ତୋର ଆଗକୁ କାମ, କାଲି ଚାଲ ସବ୍‌ରେଜିଷ୍ଟ୍ରି ଅଫିସ୍‌ରେ କାମ ତୁଟେଇ ଦବା ।"

ଷ୍ଟୋର ଘର, ଚକଡ଼ା ବିକାରୁ ପଚିଶ ହଜାର ମିଳିଲା । ପନ୍ଦର ହଜାରରେ ମୃତକର କ୍ରିୟାକର୍ମ, ଭୋଜିଭାତ ହେଇଗଲା । କଥାରେ ପରା ଅଛି । ଛାଡ଼୍ ପିତୃ କାର୍ଯ୍ୟ, କର ରାଜ କାର୍ଯ୍ୟ । ଆସନ୍ତା ପନ୍ଦର ତାରିଖରେ ଟ୍ରେନିଂ ପାଇଁ କିଶୋର ଦିଲ୍ଲୀ ଯିବ । ଆଉ ଦି'ଦିନ ପରେ । କିଶୋର କୃତଜ୍ଞତାରେ କର ଯୋଡ଼ିଲା । ଚାକିରି ପରେ ମୁଁ ସବୁ ଶୁଝିଦେବି । ତଥାପି, ମୁହଁ ଟାଣ କରି ସନ୍ତରା କହିଲା,

"ସେକଥା ମନରୁ ପୋଛିଦେ । ତୁ ଏ ଦଶ ହଜାର ଧର୍ । ଦିଲ୍ଲୀ ବାହାରି ଯା' ।"

"ତମେ ଚଳିବ କେମିତି ?" "ମୋ କଥା ଛାଡ ମ, ଗୋଟାଏ ବୋଲି ପେଟ ଯୋଗାଡ଼ କରି ନେବିନି ।" କିଶୋର କାନ୍ଦି ପକାଇଲା । ବୋଧ କଲା ସନ୍ତରା । "ଭାଇଟା ପରା ତୁ ଖୁସିରେ ଖୁସିରେ ଗଲେ ତୋ ସହିତ ଆଗକୁ ଦେଖା ହେଲା ବେଳକୁ ମୁଁ ଖୁବ୍ ଖୁସିରେ ଥିବି ।"

ପାଦ ଛୁଇଁଲା କିଶୋର । ନିର୍ଦ୍ଦିଷ୍ଟ ଦିନ ସେ ଚାଲିଗଲା । ଜୋରଜବର ମୁହଁରେ ହସ ଖେଳେଇ ସନ୍ତରା ତାକୁ ବିଦାକଲା । ଏବେ ଚଳିବ କେମିତି, ଖାଇବ କ'ଣ ? କାହିଁରେ କେତେ ସଂପତ୍ତି ବଢ଼ିଥିଲା, ଛିଡ଼ିବାକୁ ବା କେତେ ସମୟ ଲାଗିଲା । "ବାପ ତାର ଅୟସ ଆରାମ କରି ସେପାରିକି ପାର୍ ହେଇଗଲା । ପୁଅ ଏବେ ଭୋଗୁଛି । ବାପା ଖାଏ ଡାଳ, ପୁଅକୁ ହୁଏ କାଳ ।" ସତ୍ୟବଚନ । ବର୍ତ୍ତମାନ ସନ୍ତରା ପାଇଁ ଅୟସ, ଆରାମ ଆଭିଧାନିକ ଶବ୍ଦ ଦ୍ୱୟ ମାତ୍ର । ଏବେ ଖଟିବ ତ ଖାଇବ, ନହେଲେ ପେଟରେ ଓଦାକନା ଦେଇ ଶୋଇବ ।

**ପାଦ ଛୁଇଁଲା କିଶୋର । ନିର୍ଦ୍ଦିଷ୍ଟ ଦିନ ସେ ଚାଲିଗଲା । ଜୋରଜବର ମୁହଁରେ ହସ ଖେଳେଇ ସନ୍ତରା ତାକୁ ବିଦାକଲା । ଏବେ ଚଳିବ କେମିତି, ଖାଇବ କ'ଣ ? କାହିଁରେ କେତେ ସଂପତ୍ତି ବଢ଼ିଥିଲା, ଛିଡ଼ିବାକୁ ବା କେତେ ସମୟ ଲାଗିଲା । "ବାପ ତାର ଅୟସ ଆରାମ କରି ସେପାରିକି ପାର୍ ହେଇଗଲା । ପୁଅ ଏବେ ଭୋଗୁଛି । ବାପା ଖାଏ ଡାଳ, ପୁଅକୁ ହୁଏ କାଳ ।" ସତ୍ୟବଚନ । ବର୍ତ୍ତମାନ ସନ୍ତରା ପାଇଁ ଅୟସ, ଆରାମ ଆଭିଧାନିକ ଶବ୍ଦ ଦ୍ୱୟ ମାତ୍ର । ଏବେ ଖଟିବ ତ ଖାଇବ, ନହେଲେ ପେଟରେ ଓଦାକନା ଦେଇ ଶୋଇବ ।**

ଦିଲ୍ଲୀରେ ପହଞ୍ଚି ଫୋନ କରେ କିଶୋର । ସନ୍ତରା ଖୁସିରେ ଖାସ୍ତା ହେଇଯାଏ । "ଟ୍ରେନ୍ ପ୍ରାୟ ଛଅ ଘଣ୍ଟା ଲେଟ୍ ଥିଲା । ଭଲରେ ପହଞ୍ଚିଲା । କାଲି ଠାରୁ ଟ୍ରେନିଂ ଆରମ୍ଭ ହେବ । ତମେ କେମିତି ଅଛ କହୁ ନାହିଁ ଯେ ।"

"ଖୁବ୍ ଭଲରେ । ଖାଇପିଇ ଲାଟ୍‌ସାହେବ୍ ଭଳି ବୁଲୁଚି । ସବୁବେଳେ ମନ କିନ୍ତୁ ତତେ ଖୋଜୁଚି ।" "ଭାଇଟା ପରା, ଟିକେ ସବୁର୍ କରିଯା' । ଅନଉ ଅନଉ ଟ୍ରେନିଂ, ପ୍ରୋବେସନ ସରିଯିବ । ଯାଯାବର ଜୀବନର ଅନ୍ତ ଘଟିବ । ତାପରେ କୌଣସି ଏକ ନିର୍ଦ୍ଦିଷ୍ଟ ଜାଗାରେ ପୋଷ୍ଟିଂ ହେଇଯିବ । ଭାଇନା, ସୁଖ ଦୁନିଆର ସ୍ୱପ୍ନ ଏବେଠୁଁ ଦେଖୁଥା ।"

"ହଁ, ତା'ଛଡ଼ା ମୁଁ ଆଉ କ'ଣ କରିପାରିବି । ଗୋଟିଏ କଥା କିନ୍ତୁ କରି ପାରିବି ।"

"କଅଣ ?"

"ତୋର ମଙ୍ଗଳ କାମନା କରି ଠାକୁରଙ୍କୁ ଗୁହାରୀ କରି ପାରିବି ।"

"ହଉ ରଖୁଚି, କ୍ଳାନ୍ତ ଲାଗୁଛି, ଟିକେ ଶୋଇପଡ଼ିବି ।"

"ହଉ ଶୋଇପଡ଼ । ଉଠି ଫୋନ୍ କରିବୁ ।"

ପ୍ରତ୍ୟେହ ସକାଳ ଫିଟେ ମନ୍ଦିରର ଘଣ୍ଟାଘଣ୍ଟ, ଶଙ୍ଖ ନିନାଦରେ ଦୀପ, ଧୂପ ପ୍ରଜ୍ଜ୍ୱଳନରେ ଓ ଓଁକାର ଗୁଞ୍ଜନରେ । ଦିନ ନିଅଣ୍ଟ ହୁଏ କାର୍ଯ୍ୟକାରଣରେ । ମନ୍ଦିର ବ୍ୟତିରେକେ ଦୀପାଳି ଜଳେ ଚଉରାମୂଳେ । ଗୋଠକୁ ଫେରନ୍ତି ଗୋଧନ । ନୀଡ଼ ମୁହାଁ ହୁଅନ୍ତି ପକ୍ଷୀକୁଳ । ଖେଳ ପଡ଼ିଆରୁ ଘରମୁହାଁ ହୁଅନ୍ତି ପିଲାମାନେ । ପ୍ରତ୍ୟେହ ସକାଳୁ ଶୌଚ, ସ୍ନାନାଦି କର୍ମସାରି କିଶୋର ବାହାରି ପଡ଼େ ଟ୍ରେନିଂ ପାଇଁ ତା ପରବର୍ତ୍ତୀ କାର୍ଯ୍ୟକ୍ରମ ପ୍ରୋବେସନ ପାଇଁ । ଟ୍ରେନିଂ ପରେ ପ୍ରୋବେସନ୍ ବିଭିନ୍ନ ଜାଗାରେ ପଡ଼େ । ଦୈନନ୍ଦିନ କାମ ପରେ ଫୋନ୍ । ଫୋନ୍ ଲଗାଏ ସନ୍ତରାକୁ । କଥା ହୁଅନ୍ତି । ଦୁଃଖରେ ଦିନ ଅନ୍ତ ହେଉଥାଏ ସନ୍ତରାର । ଥୁ ଥୁ କରି ଫିଙ୍ଗୁଥିବା ଖାଦ୍ୟ ଆଜି ତା ପାଇଁ ସାତସପନ । କେଉଁଠି କା'ଘରେ ମୂଲ ଲାଗେ, ସେଇଠି ଯାହା ଅଇଁଠାକଣ୍ଟା ଖାଇ ଘରକୁ ଫେରେ । ପେଟେ ପାଣି ପିଇ ଶୋଇଯାଏ । ଦହଦହ ଦୁଃଖରେ ମ୍ରିୟମାଣ ହୋଇପଡ଼େ । ତଥାପି ସୋରାଏ ସୁଖ ଉଜ୍ଜୀବିତ ଥାଏ । ଦିନେ ନା ଦିନେ କିଶୋର ହାକିମ ହେଇ ଫେରିବ । ପୁଣି ଆତସବାଜି, ବାଜାବାଇଦ, ରୋଶଣିରେ ଦାଣ୍ଡ ଦୁଲୁକିବ । ସମୟ ସରି ଆସୁଛି । ଅଳ୍ପଦିନ ବ୍ୟବଧାନ ପରେ କିଶୋର ଘରକୁ ଫେରିବ ।

ସେଇ ବାଟ ଦେଇ ଯାଉଥିବା ଲୋକେ ଘଡ଼ିଏ ଅଟକି ଯାଆନ୍ତି । କୁହାକୁହି ହୁଅନ୍ତି, ଧନ୍ୟ ଏ ଗୁହାଳ ପରି ଘର ଯାହା କୋଳ ମଣ୍ଡନ କରିଛି ଏକ ବିରଳ ପ୍ରତିଭାସଂପନ୍ନ ପିଲା । ପଙ୍କରୁ ପଦ୍ମ ଜନ୍ମ ଲାଭ କଲା ପରେ ଯେପରି ପୁଷ୍କରିଣୀର ଶ୍ରୀବୃଦ୍ଧି ଘଟାଏ, ଏ ଅଖ୍ୟାତ ଗାଁର ଖ୍ୟାତି ଏ ପିଲାର ଜନ୍ମରେ ବୃଦ୍ଧି ପାଇଛି । ପକ୍ଷାନ୍ତରେ ଦେଖ, ଭାଙ୍ଗିତୁଟି ଯାଉଥିବା ଏକ ଖଞ୍ଜାମରା ଘର ଯୋଉଠି ଦିନେ ବୃଦ୍ଧ ଶାଗୁଣା ପକ୍ଷ ମେଲି ତୀକ୍ଷ୍ଣ ଥଣ୍ଟରେ ଖୁଣ୍ଟା ମାରି ଲୋକମାନଙ୍କୁ କ୍ଷତାକ୍ତ, ରକ୍ତାକ୍ତ କରୁଥିଲା । ତାରି ଏକୋଇରବାଳା ବିଶିକେଶନ ଆଜି ଦୁଆର ଦୁଆର ବୁଲି ମୂଲ ଲାଗୁଛି । ପେଟ ଚାଖଣ୍ଡକ ପାଇଁ ଘୂରି ବୁଲୁଛି ଯା ଘର ତା ଘର ଓଳି । କୁହା ଯାଇଛି ପରା, "ପିତାମାତା ସୁକୃତରୁ ପୁତ୍ର କନ୍ୟା ସୁଖୀ ।" ସୁକୃତି କାହିଁ ଯେ, ବାପ ତ ଥିଲା ଦୁଷ୍କୃତିର ଦାରୁ ।

ଏବେ କିଶୋର କଣ୍ଣ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ । ସମୟ ପାଇଲେ ସନ୍ତରା ସହ କଥାହୁଏ । ଆଗପରି ସନ୍ତରା ଖୋଲାମେଲା କଥା କରି ପାରେନା । କିଶୋର ଅନୁମାନ କରିନିଏ ସନ୍ତରା ନିଶ୍ଚୟ କିଛି ଅସୁବିଧାରେ ଅଛି । ସମୟ ମିଳୁନି ଗାଁକୁ ଯିବାକୁ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ସାଙ୍ଗକୁ କରୋନା ସଂକ୍ରମଣ ନିଦ ହଜେଇ ଦେଇଛି । କେତେଥର ଯିବ ବୋଲି କହି ଯାଇପାରୁନି । ଜଏନ କରିବାର ଛଅ ମାସ ହେଇଗଲାଣି, ଏଥର ନିଶ୍ଚୟ କଲା ଯେମିତି ହେଲେ ଆସନ୍ତା ରବିବାର ଗାଁକୁ ଯିବ । ସନ୍ତରାକୁ ଯିବା କଥା ଜଣାଇ ଦେଲା । ହାଜତରେ ପୁଞ୍ଜି ନାହିଁ । କେମିତି ବାଜା ବାଜିବ, ବାଣ ଫୁଟିବ ଚିନ୍ତାରେ ପଡ଼ିଲା ସନ୍ତରା, ଯୋଗୀ ବୁଢ଼ା ପାଖରେ ପହଞ୍ଚିଲା । ଘରଡିହ ବନ୍ଧା ପକାଇ

କାମ ଚଳାଇ ଦେଲା । ସନ୍ତରାର ଚେହେରା ଚାରିଭାଗ ଝଡ଼ି ଯାଇଥାଏ । ମୁଣ୍ଡରେ ଜଟାଜୁଟ ଗୋଛାଏ ଚୁଳ । ରୂଢ଼ ଭର୍ତ୍ତି ମୁହଁ । ଗୋରା ତୋରା ଚେହେରା ଚେମାଣିଆ ରଙ୍ଗରେ ପରିବର୍ତ୍ତିତ ହେଇଥାଏ । କିଶୋର ଗାଁକୁ ସବୁ ଖବର ପାଇଥାଏ ।

"ସନ୍ତରା ଭାଇ, ଏମିତି କାହିଁକି କଲ ! ମୋ ପାଇଁ ସବୁ ସଂପତ୍ତିକୁ ସ୍ୱାହା କରିଦେଲ ।"

"ନାରେ ସେମିତି କିଛି ନାହିଁ । ତୁ କାହିଁକି ବ୍ୟସ୍ତ ହଉଚୁ । ମୁଁ ଭଲରେ ଅଛି ।"

"ଶେଷରେ ଯୋଗୀ ବୁଢ଼ା ପାଖରେ ଏ ନାଟତାମସା ପାଇଁ ଘରଡିହ ବନ୍ଧା ପକେଇ ଦେଲ । ଚାଲ ମୁକୁଳେଇ ଆଣିବା ।"

"ବ୍ୟସ୍ତ କାହିଁକି, ମୁଁ ମୁକୁଳେଇ ଆଣିବିନି ।" ତମ କଥା ମୁଁ ଆଉ ଶୁଣିବିନି । ତମେ ଏବେଠୁଁ ମୋ କଥା ଶୁଣିବ ।"

ଯୋଗୀ ବୁଢ଼ା ସନ୍ତରା ସହ କିଶୋରକୁ ଦେଖି ପିଣ୍ଡାରୁ ଦାଣ୍ଡକୁ ଉଠି ଆସିଲା । କିଶୋର ନମସ୍କାର କଲା । କୃତକୃତ୍ୟ ହେଲା ଯୋଗୀ ବୁଢ଼ା । ବନ୍ଧାଦେଇ ସନ୍ତରା କେତେ ଟଙ୍କା ନେଇଛି ? ଡରିଗଲା ଯୋଗୀବୁଢ଼ା, ନିୟମ ଅନୁଯାୟୀ ଶୁଧ କାରବାର ପାଇଁ ଲାଇସେନ୍ସ ନଥିଲା ।

"ଡରିବାର କିଛି ନାହିଁ । ସନ୍ତରା ସଇକରିଥିବା କାଗଜଟା ଆଣ ।" ଥରଥର ହାତରେ କାଗଜ ବଢ଼େଇ ଦେଲା । କିଶୋର ଫାଡ଼ିଦେଲା କାଗଜ, ଧରେଇ ଦେଲା ପାଞ୍ଚ ହଜାର ଟଙ୍କା ।

"ତୁ ତା'ହେଲେ ମୋ ସ୍ନେହ, ଶ୍ରଦ୍ଧାକୁ ଟଙ୍କାରେ ତଉଲିଲୁ ।"

"ନା, ତାହା ନୁହେଁ, ସାନ ଭାଇର କର୍ତ୍ତବ୍ୟ କଲି । ମୁଁ କାଲି ସକାଳୁ ବାହାରି ଯିବି । ଆମ ଅଫିସ ତରଫରୁ ବିଜ୍ଞାପନ ବାହାରିଛି ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ । ଏ ପ୍ଲେନ ପେପର୍‌ରେ ଦସ୍ତଖତ କରିଦେ । ହଁ, ଏକଥା ଯେପରି କାନକୁ ଦି'କାନ ନହୁଏ । କେହି କେବେ ବି ଜାଣିବେ ନାହିଁ ଯେ ତୁମ ସହିତ ମୋର ଏତେ ନିଗୂଢ଼ ସଂପର୍କ । ତମେ ମତେ ଚିହ୍ନିନାହଁ କି ମୁଁ ତମକୁ ଚିହ୍ନି ନାହିଁ, ଅଫିସରେ ମୁଁ କଲେକ୍ଟର, ତମେ ଚପରାସୀ । ହଁ, ଏ ହଜାରେ ଟଙ୍କା ରଖ । ଯିବା ପର୍ଯ୍ୟନ୍ତ ଖର୍ଚ୍ଚବାର୍ଚ୍ଚ କରିବ, ଗାଡ଼ି ଭଡ଼ା ଦେଇ ଇଣ୍ଟରଭ୍ୟୁ ଦିନ ଠିକ୍ ସମୟରେ ପହଞ୍ଚିବ ।"

"ଆରେ ତୁ କ'ଣ ପାଗଳ ହେଇଗଲୁ କି । ଏତିକିଟା ଟଙ୍କା କ'ଣ ମୁଁ ଯୋଗାଡ଼ କରି ପାରିବିନି ।"

"ନା, ତମେ ପାରିବନି । ତମେ ଆଉ ମୂଲ ଲାଗିବାକୁ ଯିବନି । ଏକଥା ଯେମିତି ମନେରହେ । ହଁ, ଯୋଗୀ ବୁଢ଼ା ଦୁଆରକୁ ଯିବନି ।"

ନିର୍ଦ୍ଦିଷ୍ଟ ଦିନ ଇଣ୍ଟରଭ୍ୟୁ ହେଲା । ଏ ଥିଲା ଫର୍‌ମାଲଟି, ଆଗରୁ ଇଣ୍ଟରଭ୍ୟୁ ବୋର୍ଡ଼ରେ ଥିବା ପ୍ରଭାବଶାଳୀ ମେମ୍ବରମାନଙ୍କ ଭିତରେ ଭାଗବଣ୍ଟାରା ହେଇ ସାରିଥିଲା । ଶେଷରେ ନୋଟିଫିକେସନ ହେଲା । ସନ୍ତରା ସିଲେକ୍ଟ ହେଇଥିଲା । ସାତଦିନ ଭିତରେ ଜଏନ୍ କରିବାକୁ ନିର୍ଦ୍ଦେଶ ଥିଲା ।

ଜଣ ଜଣ କରି ସବୁ ସିଲେକଟେଡ଼୍ କ୍ୟାଣ୍ଡିଡେଟ ସୌଜନ୍ୟ ଦୃଷ୍ଟିରୁ କଲେକ୍ଟରଙ୍କୁ ଦେଖା କରି ବିଦାୟ ନେଉଥାନ୍ତି । ଅଫିସର ଆଡ଼ମ୍ବର ପୂର୍ଣ୍ଣ ପରିବେଶ ଦେଖି କ୍ଷଣେ ସନ୍ତରା ପଛକୁ ଘୁଞ୍ଚି ନମସ୍କାର କଲା । ପ୍ରତି ନମସ୍କାର ପାଇଲା ନାହିଁ ସନ୍ତରା । ହେଡ଼୍‌କ୍ଲର୍କଙ୍କ ଇସାରାରେ ସନ୍ତରା ବାହାରକୁ ଆସିଲା । ସନ୍ତରା ମନରେ ଟିକେ ଖଟକା ଲାଗିଲା । ହେଲେ କିଶୋର କହିଥିବା କଥା ମନେ ପଡ଼ିଯିବାରୁ ମନସ୍ଥିର କରିନେଲା ।

ସନ୍ତରା କଲେକ୍ଟରଙ୍କ ଅର୍ଡ଼ର୍‌ଲି ଭାବରେ ଜଏନ୍ କରେ । ଖୁବ୍ ଖୁସିଟାଏ ହୁଏ । ପର୍ଦା ପଛରେ ରହି ସବୁ ଆରେଞ୍ଜମେଣ୍ଟ କରୁଥାଏ କିଶୋର । ତା ପାଖରେ କାମ କଲେ ଅନ୍ୟ କେହି ତା ଉପରେ ହାକିମାତି କରିପାରିବେ ନାହିଁ । ବରଂ ତା ପ୍ରତି ଅନ୍ୟମାନଙ୍କର ଡରଡର ଭାବ ରହିବ । ଟୁର୍‌ରେ କଲେକ୍ଟର ଗଲେ ସାଙ୍ଗରେ ଅଡର୍‌ଲି ଯାଏ । ଅନ୍ୟମାନଙ୍କ ଆଗରେ କଲେକ୍ଟର ସନ୍ତରା ଠାରୁ ଖୁବ୍ ଡିସ୍‌ଟାନ୍ସ ମେଣ୍ଟେନ୍ କରନ୍ତି । କେହି ନଥିଲେ କିଶୋର ଓ ସନ୍ତରା ସାଙ୍ଗ ହେଇଯାଆନ୍ତି । ଦୁଃଖ, ସୁଖ ହୁଅନ୍ତି ।

"ସନ୍ତରା ଭାଇ, ଗୋଟିଏ କଥା କହିବି ?" "ହଁ, କହ ।"

"ମୋର ବାପା, ମା' ନାହାନ୍ତି । ମୁଁ ତୁମକୁ ମୁରବି ବୋଲି ମାନେ । ରେଭିନ୍ୟୁ ଅଫିସର ପ୍ରିୟା ଦାସଙ୍କୁ ତମେ ଜାଣିଥିବ । ରେଜିଷ୍ଟ୍ରି ମ୍ୟାରେଜ୍ କରିବାକୁ ଚାହୁଁଛି । ତମେ ହଁ କଲେ ଆଗେଇବି ।"

"ବେଶ୍ ଭଲ ହେବ । ଯଥାଶୀଘ୍ର ଶୁଭ କାର୍ଯ୍ୟ କରିନେ ।"

ଯଥା ସମୟରେ ବିବାହ ସଂପନ୍ନ ହୁଏ । ପ୍ରିୟା ବୋହୂ ହେଇ ଆସନ୍ତି । ଦାମ୍ପତ୍ୟ ଜୀବନରେ ଆଉ ଗୋଟିଏ ସୁଖଦ ଖିଅ ଯୋଡ଼ି ହେଇଯାଏ । ପୁତ୍ର ସନ୍ତାନଟିଏ କୋଳ ମଣ୍ଡନ କରେ । ଖୁସିର ଖମାର ଖୋଲିଯାଏ ।

ଏମିତି ଏମିତି ଦଶବର୍ଷ କଟିଯାଏ । ଏଇ କେତେଦିନ ହେବ କଲେକ୍ଟର ଦୁଃଖରେ ଦୁଃଖରେ ଦିନ କାଟୁଥାନ୍ତି । ଫୂର୍ତ୍ତିଭାବ ଉଭେଇ ଯାଇଥାଏ । କାମରେ ମନ ଲଗାଇ ପାରୁନଥାନ୍ତି । କାରଣ କ'ଣ ବୁଝି ପାରୁ ନଥାଏ । ଅନୁମାନ ଲଗାଏ । ପ୍ରାୟ ପନ୍ଦର ଦିନ ପୂର୍ବରୁ ସେ କଳିଙ୍ଗ ହସ୍‌ପିଟାଲ ଯାଇ ଡକ୍ଟରଙ୍କ ଚାମ୍ବରକୁ ଯାଆନ୍ତି । ବହୁତ ସମୟ ରହନ୍ତି । ବାହାରିଲା ବେଳକୁ ମୁହଁ ଶେତା ପଡ଼ି ଯାଇଥାଏ । ଦେହ ମୁଣ୍ଡରୁ ଗମଗମ ହୋଇ ଝାଳ ବହିଯାଉଥାଏ ।

କଫି ଆଣିବା ପାଇଁ ସନ୍ତରା ରେସ୍ ଯାଇଥାଏ । ବହୁତ ସମୟ କଲିଂବେଲ୍ ବଜାଇବା ପରେ ଡୋର୍ ଖୋଲେ । କାନ୍ଦି କାନ୍ଦି ଆଖି ଫୁଲି ଯାଇଥାଏ । ସନ୍ତରାକୁ ଦେଖି ସେ କୋହ ସମ୍ଭାଳି ପାରନ୍ତି ନାହିଁ । ସେ ଆଗରୁ କିଶୋର ଓ ସନ୍ତରାର ସଂପର୍କ ବିଷୟରେ ଜାଣିଥାନ୍ତି ।

"ବୋହୂ ମା', କଥା କ'ଣ କୁହ । ଲୁଚାଅନା ।"

"ତାଙ୍କର ଗୋଟାଏ କିଡନି ଡ୍ୟାମେଜ ହେଇଛି । କିଡନି ନ ବଦଳାଇଲେ ଆରଟା ବି ଖରାପ ହେଇଯିବ ।"

"କିଛି ବି ହବନି । ସେସବୁ ଏବେ ମୋ ଉପରେ ଛାଡ଼ିଦିଅ ।"

ସନ୍ତରା ଦିନେ ଛୁଟି ନିଏ । କଳିଙ୍ଗ ଯାଏ । ଡାକ୍ତରଙ୍କୁ ଭେଟେ । ଡାକ୍ତର ତାକୁ ସବୁ ବୁଝାଇ ଦିଅନ୍ତି । ସେ ତାର ଗୋଟିଏ କିଡ୍‌ନି ଦବାକୁ ପ୍ରସ୍ତୁତ ବୋଲି କହେ । କିନ୍ତୁ ଗୋଟିଏ ସର୍ତ୍ତରେ । ଏ କଥା ଯେପରି କଲେକ୍ଟର ନଜାଣନ୍ତି । ଗୋଡ଼ ଧରି ଶୋଇଯାଏ । ଡାକ୍ତର ହଁ କରନ୍ତି । କାରଣ ଗୋଟାଏ କିଡ୍‌ନିରେ ଜୀବନ ନିର୍ବାହ କରିହେବ ।

କିଡ୍‌ନି ରିପ୍ଲେସ୍‌ମେଣ୍ଟ ହେଇଯାଏ । କିଡ୍‌ନି ବାହାର କଲା ପରେ ଅନ୍ୟ ଗୋଟାଏ ଖରାପ ବୋଲି ଜଣାପଡ଼େ । ସନ୍ତରାର ଜିଇବା ବିପନ୍ନ ହୋଇଉଠେ । ଡାକ୍ତର ଆଶା ଛାଡ଼ି ଦିଅନ୍ତି । ସନ୍ତରା ଶେଷ ଅନୁରୋଧ କରେ, କଲେକ୍ଟରଙ୍କୁ ଭେଟିବ । ଅନୁନୟ ବିନୟ କରେ ।

ଡାକ୍ତର ପରମିସନ୍ ଦିଅନ୍ତି । ଡାକ୍ତର କହନ୍ତି, ଏଇ ଲୋକ ଆପଣଙ୍କୁ କିଡ୍‌ନି ଦାନ କରିଛନ୍ତି । ବେଡ୍‌କୁ ବେଡ୍ ଲାଗି କରି ରଖା ଯାଇଥାଏ । ହାତ ବଢ଼ାଏ ସନ୍ତରା । ଜାବ ପଡ଼ିଯାଏ ହାତ । ଚାରିଆଖିରୁ ଲୁହ ଛୁଟି ପଡ଼େ । ହୁଗୁଳା ହେଇଯାଏ ହାତ, ବନ୍ଦ ହେଇଯାଏ ଲୁହ । ଶେଷ ଅବସ୍ଥାର ସିଗ୍‌ନାଲ୍ । "ଡକ୍ଟର ଶୁଣନ୍ତୁ । ଏ ମଣିଷ ନୁହନ୍ତି ଦେବତା । ମୋ କ୍ୟାରିୟର ଗଢ଼ିବାରେ ଯାଙ୍କ ଅବଦାନର ପଟାନ୍ତର ନାହିଁ । ମୋ ପାଇଁ ସବୁ ସଂପତ୍ତିକୁ ହରେଇଛନ୍ତି । ବେଡ୍‌ଟିକୁ ଟିକେ ବୁଲାଅ ଯେପରି ତାଙ୍କ ପାଦକୁ ମୋ ହାତ,ମୁଣ୍ଡ ସ୍ପର୍ଶ କରିବ ।" ପାଦ ଛୁଇଁ ପ୍ରଣାମ କରନ୍ତି, ପାଦଧୂଳି ମଥାରେ ବୋଳନ୍ତି । ବୋହୂମା'ମଧ୍ୟ ପାଦଧୂଳି ନେଇ ମଥାରେ ଲଗାନ୍ତି ।

"ଶୁଣ ପ୍ରିୟା, ବିଧିବଦ୍ଧ ଭାବରେ ସଂସ୍କାର କ୍ରିୟା କରାଇବ । ମୁଁ ଡିସ୍‌ଚାର୍ଯ୍ୟ ହେଇଗଲା ପରେ ଯାହା କିଛି କରିବି ।"

ପର୍ଯ୍ୟଟନ-୭

# ମରୁତୀର୍ଥର



# ରହସ୍ୟମୟ 'ରନ୍'


**ମୀନା ସ୍ୱାଇଁ**

ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ବିଦ୍ୟାଳୟ, ମାନବର, କୋରାପୁଟ-୭୬୪୦୨୦
ଫୋନ: ୯୪୩୭୭୮୩୫୧୫


ଫଟୋ ସୌଜନ୍ୟ : ଲେଖିକା



▲ଲେଖିକା ମୀନା ସ୍ୱାଇଁ

'କଚ୍ଛ୍' ନହିଁ ଦେଖା ତୋ କୁଛ୍ ନହିଁ ଦେଖା'

ଚଳଚ୍ଚିତ୍ର ତାରକା ଅମିତାଭ ବଚ୍ଚନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଶୁଣିଥିବା ଏଇ ଧାଡ଼ିକ କଥା ଯେକୌଣସି ବ୍ୟକ୍ତିମନରେ କୌତୁହଳ ସୃଷ୍ଟି କରିବା ସ୍ୱାଭାବିକ କଥା । ଆଉ ମୋ ଭଳି ରହସ୍ୟମୟୀ ମନରେ ଏଇ ଧାଡ଼ିଟି ସେହି ସ୍ଥାନ ପ୍ରତି ସମ୍ମୋହନ ସୃଷ୍ଟି କରିବାକୁ ଯଥେଷ୍ଟ । ଏମିତିରେ ବି ଯେ କୌଣସି ପର୍ଯ୍ୟଟନ ସ୍ଥଳୀକୁ ଯିବା ପୂର୍ବରୁ ସେହି ସ୍ଥାନ ବିଷୟରେ ପୁଙ୍ଖାନୁପୁଙ୍ଖ



# ଗାଥା

ଜାଣି ତଦନୁଯାୟୀ ଭ୍ରମଣର ପ୍ରସ୍ତୁତି କରିବା ମୋର କେବଳ ଅଭ୍ୟାସ ନୁହେଁ, ଏକ ସଉକ ମଧ୍ୟ । ଭ୍ରମଣ ବେଳେ ମୁଁ ଯେଉଁ ଆନନ୍ଦ ପାଏ, ତାର ପୂର୍ବ ପ୍ରସ୍ତୁତିରେ ମିଳୁଥିବା ଆନନ୍ଦ ତା' ଠାରୁ କୋଉ ଗୁଣରେ କମ୍ ନୁହେଁ ।

ଭୋର୍ ସାଢ଼େ ଛଅଟାରେ ଦ୍ୱାରିକାରୁ ଭୁଜ୍‌ରେ ପହଞ୍ଚିଲୁ, ଦ୍ୱାରିକାରୁ ଭୁଜ୍ ଯିବାକୁ ସମସ୍ତ ପ୍ରକାର ଯୋଗାଯୋଗର ବ୍ୟବସ୍ଥା ରହିଛି । ବସ୍ ସେବା, ଟ୍ୟାକ୍ସି ସେବା, ଟ୍ରେନ୍ ସେବା ମିଳିଯିବ । ଭୁଜ୍‌ରେ ପହଞ୍ଚିବା ପରେ ମୁଁ ରାସ୍ତାର ଉଭୟ ପାର୍ଶ୍ୱକୁ ତନ୍ନ ତନ୍ନ କରି ଚାହିଁଲି । ୨୦୦୧ ମସିହା ଜାନୁଆରୀ ଛବିଶ ତାରିଖ ଦିନ ସକାଳେ ଘଟିଥିବା ଭୟଙ୍କର ଭୂମିକମ୍ପରେ ଧ୍ୱଂସବିଧ୍ୱଂସ ହୋଇଥିବା ଭୁଜ୍‌ର ଚିତ୍ର ଯାହାକି ଦୂରଦର୍ଶନରେ ବାରମ୍ବାର ପ୍ରଦର୍ଶିତ ହୋଇଥିଲା ଓ କୋଟି କୋଟି ଦେଶବାସୀଙ୍କ ହୃଦୟକୁ ବିଗଳିତ କରିଥିଲା, ସେଇ ଦୃଶ୍ୟ ମୋ ଆଖି ଆଗରେ ପହଁରିଗଲା । ସେଦିନ ଭୂମିକମ୍ପର ଧ୍ୱଂସସ୍ତୁପ ତଳୁ ଚିତ୍କାର କରୁଥିବା ଭୁଜ୍ ବେଶ୍ ସଜେତ, ଆକର୍ଷକ, ନିର୍ଭୀକ ଓ ଆତ୍ମବିଶ୍ୱାସର ସହ ଠିଆ ହୋଇଥିଲା ମୋ ସମସ୍ତ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି । ଖୁସୀ ଲାଗିଲା, ଭାବପ୍ରବଣ ହେଲି ।

ଟ୍ୟାକ୍ସି ଆମକୁ ପହଞ୍ଚାଇ ଦେଇଥିଲା 'ଶିବ୍ ରେସିଡେନ୍‌ସି' ସମ୍ମୁଖରେ । ଯଦିଓ ଘଣ୍ଟାରେ ସକାଳ ସାଢ଼େ ଛଅଟା ବାଜି ସାରିଥିଲା, ବାହାରେ ଅନ୍ଧାର ତଥାପି ବାକି ରହିଥିଲା । ଗୁଜୁରାଟ ପଶ୍ଚିମରେ ଅବସ୍ଥିତ ଥିବାରୁ ଡେରିରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହୁଏ ।

ହୋଟେଲ କାଉଣ୍ଟରରେ ମ୍ୟାନେଜର ବାରମ୍ବାର ଆମର ଆଧାର କାର୍ଡ଼ ପରଖୁଥାନ୍ତି । ଭୁଜ୍ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ କଡ଼ାକଡ଼ି ଯାଞ୍ଚ୍ ହୁଏ ପରିଚୟ ପତ୍ର । ମୋ ସହ ମୋର ସ୍ୱାମୀ ଶ୍ରୀ ରୁଦ୍ରପ୍ରସନ୍ନ ବିଶ୍ୱାଳ ଓ ବଡ଼ ମଝିଆ ଭାଇ ଶ୍ରୀ ଅକ୍ଷୟ କୁମାର ସ୍ୱାଇଁ ଥିଲେ । ମ୍ୟାନେଜର ବାବୁ ବିଶ୍ୱାଳ ବାବୁଙ୍କୁ ମୋର ସ୍ୱାମୀ ବୋଲି ମାନିବାକୁ ପ୍ରସ୍ତୁତ ନଥିଲେ । କାରଣ ଥିଲା ଆମ ଦୁହିଁଙ୍କ ସାଙ୍ଗାରେ ପାର୍ଥକ୍ୟ । ଅଲଗା ଅଲଗା ରୁମ୍ ନେଇ ପାରିବେ ବୋଲି ଜଣାଇ ଦେଲା । ହସିଲି ମୁଁ । କହିଲି ଯେ ମୁଁ ସରକାରୀ ଚାକିରୀ କରୁଥିବାରୁ ମୋର ନାମ ସ୍କୁଲ୍ ସାର୍ଟିଫିକେଟ୍ ଅନୁଯାୟୀ ଅଛି ଓ ରହିବ । ବଦଳାଇବାର

ଆବଶ୍ୟକତା ନାହିଁ ଓ ବଦଳାଇଲେ ଯେଉଁ ସବୁ ଅସୁବିଧା ହେବାର ଅଛି, ତାର ସମ୍ମୁଖିନ ହେବାରେ ମୋର କୌଣସି ଆଗ୍ରହ ବି ନାହିଁ । ଅବଶ୍ୟ ଏ କଥା କହିଲି ନାହିଁ ଯେ ମୋ ନିଜର ନାମ ଓ ସାଙ୍ଗିଆ ମୋର ପରିଚୟ ଓ ସ୍ୱାଭିମାନ ।

ମନେ ପଡ଼ିଗଲା, ମୋର ଝିଅ ଜନ୍ମବେଳେ, ସୁନାବେଡ଼ା ଏଚ୍.ଏ.ଏଲ୍ ଚିକିତ୍ସାଳୟରେ ମୋର ଚେକ୍‌ଅପ୍ କରୁଥିବା ମହିଳା ଡାକ୍ତର ସିପ୍ରା ସେନ୍ ମୋତେ ଆକ୍ଷେପ କରି କହିଥିଲେ, "ସ୍ୱାମୀଙ୍କ ସାଙ୍ଗିଆ ବିଶ୍ୱାଳ ଆଉ ତୁମର ସ୍ୱାଇଁ? ସାଙ୍ଗିଆ କାହିଁକି ବଦଳେଇନ?" ସେଦିନ ଚକିତ ଓ ଆହତ ହେଇଥିଲି । ଜଣେ ଉଚ୍ଚଶିକ୍ଷିତ ନାରୀଙ୍କର ଏଭଳି ମାନସିକତାରେ ।

'ମ୍ୟାରେଜ୍ ସାର୍ଟିଫିକେଟ୍ ଅଛି?' ପଚାରିଲେ ମ୍ୟାନେଜର୍ । ଯାତ୍ରା ସମୟରେ ମ୍ୟାରେଜ୍ ସାର୍ଟିଫିକେଟ୍ ଧରି ବୁଲିବାର ଆବଶ୍ୟକତା ଆଜି ପର୍ଯ୍ୟନ୍ତ ଅନୁଭବ କରିନୁ ବୋଲି ମନ୍ତବ୍ୟ ଦେଲୁ । ମ୍ୟାନେଜର୍ ଜଣକ ଫୋନ୍ ମାଧ୍ୟମରେ ନିଜ ମାଲିକଙ୍କ ସହ ଅନେକ ଆଲୋଚନା ପରେ ରୁମ୍ ଦେଲେ । ଲିଫ୍‌ଟ୍‌ରେ ଉପର ମହଲାକୁ ଯିବାବେଳେ ମୁଁ ନିଜକୁ କହୁଥିଲି, ଗୋଟିଏ ଦମ୍ପତି ସ୍ୱାମୀ ସ୍ତ୍ରୀ ବୋଲି ନିଜକୁ ପ୍ରମାଣିତ କରିବାକୁ କିଛି ପ୍ରମାଣପତ୍ର ଅବଶ୍ୟ ସାଥିରେ ରଖିବା ଉଚିତ । 'ସାଙ୍ଗିଆ' ସବୁବେଳେ ଏକ ସନ୍ଦେହରହିତ ପ୍ରମାଣ ହୋଇନପାରେ ।

ଗୁଜୁରାଟର ପଶ୍ଚିମ ସୀମାନ୍ତରେ କଚ୍ଛ ଏକ ଜିଲ୍ଲା ଯାହାର ମୁଖ୍ୟ କାର୍ଯ୍ୟାଳୟ ଭୁଜ୍ ଅଟେ । କଚ୍ଛ ଭାରତର ବୃହତ୍ତମ ଜିଲ୍ଲା । ଏହି ଜିଲ୍ଲାର କ୍ଷେତ୍ରଫଳ ୪୫୬୭୪ ବର୍ଗ କି.ମି. ଯାହାକି ହରିୟାଣା, କେରଳ ଭଳି ରାଜ୍ୟ ଠାରୁ ବି ଅଧିକା ଅଟେ ।

ଗୁଜୁରାଟର କଚ୍ଛ ଜିଲ୍ଲା ଅନେକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛି । ହସ୍ତକଳା, ଲୋକନୃତ୍ୟ ଓ ଗୀତ, ସମୁଦ୍ର ତଟ, ଦୁର୍ଗ, ଶୁଭ୍ର ମରୁଭୂମି, ଖାଦ୍ୟ । ଏତଦ୍‌ବ୍ୟତୀତ ବସ୍ତ୍ର ଶିଳ୍ପରେ ବାନ୍ଧ୍‌ନୀ, ବ୍ଲକ୍ ପ୍ରିଣ୍ଟିଂ, ବାଟିକ୍ ପ୍ରିଣ୍ଟ୍, ଛୋଟ ଦର୍ପଣ ବସାଇ ସିଲାଇବା ଆଦି ଖୁବ୍ ଜନପ୍ରିୟ । ଏଠାରେ ରହିଛି ସିନ୍ଧୁ ସଭ୍ୟତାର ଅଂଶ ବିଶେଷ ଢୋଲାବିରା । ଏହା ଅଦ୍ୟାବଧି ମିଳିଥିବା ପାଞ୍ଚଟି ହରପ୍ପା ସଭ୍ୟତା ମଧ୍ୟରେ ଅନ୍ୟତମ ।

କଚ୍ଛ ଜିଲ୍ଲାରେ ଅଧିକାଂଶ ଅଞ୍ଚଳ 'ରନ୍ ଅଫ୍ କଚ୍ଛ' ନାମରେ ପ୍ରସିଦ୍ଧ । ଏହିସବୁ ଅଞ୍ଚଳ ଅଗଭୀର ଆର୍ଦ୍ରଭୂମି । ବର୍ଷା ଋତୁରେ ପାଣି ତଳେ ବୁଡ଼ି ରହେ ଓ ଅନ୍ୟ ଋତୁରେ ଶୁଷ୍କ ରହେ ।

ପୂର୍ବାହ୍ନ ସମୟ ମାଣ୍ଡବୀ ପରିଦର୍ଶନ ପାଇଁ ନିର୍ଦ୍ଧାରିତ ଥିଲା । ମାଣ୍ଡବୀରୁ ଫେରି ପଶିଲୁ ନିଲମ୍ ରେଷ୍ଟୁରାଣ୍ଟରେ । ବେଶ୍ ସୁନ୍ଦର, ସୁସଜ୍ଜିତ, ପରିଷ୍କାର ରେଷ୍ଟୁରାଣ୍ଟ । ଗୁଜୁରାଟର ଅଧିକାଂଶ ରେଷ୍ଟୁରାଣ୍ଟ ବାହାରେ ଲେଖା ହୋଇଥିବା ଦେଖିବାକୁ ମିଳେ: "ଗୁଜୁରାତି, ପଞ୍ଜାବୀ ଓ ସାଉଥ୍ ଇଣ୍ଡିଆନ୍ ଖାଦ୍ୟ ମିଳେ" ବୋଲି । ଧଳା ପୋଷାକ ପରିହିତ ୱେଟର୍ ଅପେକ୍ଷା କରିଥିଲା ଅର୍ଡ଼ର ନେବାକୁ । 'ଗୁଜୁରାତି ଥାଳି' । ଭାଇ ଉତ୍ତର ଦେଲେ । ସେ ଜାଣିଥିଲେ, ମୁଁ ଯେଉଁ ଅଞ୍ଚଳ ପର୍ଯ୍ୟଟନ କରେ, ସେଠାକାର ଖାଦ୍ୟ, ସଂସ୍କୃତି, ଚଳିଚଳନ, ଆଚରର ବ୍ୟବହାର ଜାଣିବାକୁ ଇଚ୍ଛୁକ ଥାଏ । ହୋଟେଲ୍‌ରେ ଅସମ୍ଭବ ଭିଡ଼ ଥିଲା । ଷ୍ଟିଲ୍‌ର ବଡ଼ଥାଳିରେ ଚାରି ପାଞ୍ଚ ଜଣ ୱେଟର୍ ଜଣେ ପରେ ଜଣେ ଆସି ଗରମା ଗରମ ୨୨ ପ୍ରକାରର ଖାଦ୍ୟ ପରଷିଲେ ।

ଗୁଜୁରାତି ଖାଦ୍ୟରେ ଆମିଷ ନଥାଏ । ପନିପରିବା ବି ନାହିଁ କହିଲେ ଚଳେ । ତରକାରୀ କହିଲେ ବିଶେଷତଃ ଗାଣ୍ଠିଆ ସେଓ ଓ ଟମାଟ ତରକାରୀ, ଗ୍ରୀନ୍ ମଟର ଆଳୁ ତରକାରୀ, ପନିର ମସଲା, ବାଇଗଣ ଟମାଟ ଭର୍ତ୍ତା, ରାଜମା ତରକାରୀ, ଗୋଟା ମୁଗ ତରକାରୀ, ଝଟାମଞ୍ଜି/ ବରଗୁଡ଼ି ମଞ୍ଜି ତରକାରୀ ଏସବୁ ଦେଖିବାକୁ ମିଳେ । ଖାଦ୍ୟରେ ତେଲ ଓ ବଟର୍‌ର ମାତ୍ରା ଯଥେଷ୍ଟ ଅଧିକ । ଖାଦ୍ୟ ସ୍ୱାଦିଷ୍ଟ ଥାଏ । ଖାଦ୍ୟରେ ଭାତ ପରିମାଣ ଛୋଟ ଗିନାରେ ଗିନାଏ, ଲହୁଣୀ ଲାଗିଥିବା ରୁଟି ତିନିଚାରିଟା ସହ ବାଜରା ରୁଟିର ଏକ ଚତୁର୍ଥାଂଶ ବି ଥାଏ । ବିରି ଚାଉଳରେ ତିଆରି ଢୋକ୍‌ଲା, ଦହି ଓ ବେସନରେ ତିଆରି ଖମଣ, ମିଠା ବୁଟଡାଲି ପୁର ଥିବା ପୁରଣ ପୋଳି ବି ଗୁଜୁରାତି ଥାଳିର ଅଂଶ ବିଶେଷ । ପ୍ରତ୍ୟେକ ହୋଟେଲ୍‌ରେ ଦହି ଚହ୍ଲା ବା ଛାଚ୍ ଗୋଟିଏ ଗ୍ଲାସ୍ ନିହାତି ଥାଏ । ଅବଶ୍ୟ ନିଜ ଆବଶ୍ୟକତା ଅନୁଯାୟୀ ଏକାଧିକ ଗ୍ଲାସ୍ ଛାଚ୍ ପିଇବାର ବ୍ୟବସ୍ଥା ବି ଥାଏ, ଯାହା ପାଇଁ ଅଧିକା ପଇସା ଦେବାକୁ ପଡ଼େନାହିଁ । ଗୁଜୁରାଟର ଗରମ ଜଳବାୟୁରେ ଛାଁଚ୍‌ର ଆବଶ୍ୟକତା, ଉପଯୋଗୀତା ଯେ କେତେ ଅଧିକ, ସେଠାକୁ ଗଲେ ହିଁ ଅନୁଭବ କରିହୁଏ ।

ମଧ୍ୟାହ୍ନ ଭୋଜନ ପରେ ପନ୍ଦର ମିନିଟ୍ ବିଶ୍ରାମ ନେଇ ସାଢ଼େ ତିନିଟାରେ ଟ୍ୟାକ୍ସି ଯୋଗେ ଯାତ୍ରା ଆରମ୍ଭ କଲୁ କଚ୍ଛ ଜିଲ୍ଲାର 'ରନ୍' ଅଭିମୁଖେ । ଏ କଥା କହି ରଖେ, କଚ୍ଛ ଜିଲ୍ଲା ଗୁଜୁରାଟର ଉତ୍ତର-ପଶ୍ଚିମ ପ୍ରାନ୍ତରେ ରହିଛି ଓ ଏହି ଜିଲ୍ଲା ଭୂ-ଭାଗରେ ପାକିସ୍ତାନ ସହ ଲାଗିଛି । ଭୁଜ୍ ଏହାର ଜିଲ୍ଲା ମହକୁମା । ଭୁଜ୍ ଠାରୁ ୮୬ କି.ମି. ଦୂରରେ 'ରନ୍' ଅବସ୍ଥିତ । ଟ୍ୟାକ୍ସି ଡ୍ରାଇଭର୍ ନବାଜ୍ କହିଲା, "ଏହି ରାସ୍ତା ବର୍ତ୍ତମାନ ଖୁବ୍ ନିର୍ଜନ ଓ ଶୁଷ୍କ । ଏହି ସମୟରେ ଟୁରିଷ୍ଟ ପ୍ରାୟ ରନ୍ ଅଭିମୁଖେ ଯାଆନ୍ତି ନାହିଁ । ରନ୍ ଅଭିମୁଖେ ଲମ୍ବିଥିବା ପିଚୁ ରାସ୍ତା ଭଲ ଓ ଟ୍ରାଫିକ୍ ବିହୀନ । ଏକ ଅଦେଖା ଓ ରହସ୍ୟମୟ ଅଞ୍ଚଳକୁ ଦେଖିବାର ଦୁର୍ବାର ଲାଳସା ଏପ୍ରିଲ ମାସରେ ଗୁଜୁରାଟର ଡହଡହ ଖରାରେ ବି ମୋତେ ବ୍ୟାକୁଳିତ କରୁଥିଲା । ଲକ୍ଷ୍ୟସ୍ଥଳ ପ୍ରତି ଥିବା ଆଗ୍ରହ, ମୋହ, ଆକର୍ଷଣ ବୋଧେ ରାସ୍ତାକୁ ଆମୋଦଦାୟକ ଓ କଷ୍ଟ ରହିତ କରିଥାଏ ।



ରନ୍ ଅର୍ଥ ମରୁଭୂମି । କଚ୍ଛ ଜିଲ୍ଲାର ଏହିଅଞ୍ଚଳଟି ମରୁଭୂମି ଅଟେ । ଏଣୁ ଏହାକୁ 'ରନ୍ ଅଫ୍ କଚ୍ଛ' କୁହାଯାଏ । ଏହା ପ୍ରାୟ ୨୬୦୦୦ ବର୍ଗ କି.ମି. ପରିମିତ ଅଞ୍ଚଳରେ ବିସ୍ତୃତ । ଯିବା ରାସ୍ତାର ଉଭୟ ପାର୍ଶ୍ୱ ଶୁଷ୍କ । କେବଳ ଅସମତଳ, ରୁଗୁଡ଼ିଆ ଶୁଖିଲା ମାଟି । କୌଣସି ବଡ଼ ଗଛ ଦେଖିବାକୁ ମିଳେ ନାହିଁ । ଠାଏଁ ଠାଏଁ ବଡ଼ ବଡ଼ ବମ୍ବୁର ଗଛ (କଣ୍ଟା ଗଛ) । ଚାରି/ପାଞ୍ଚଟି ଲାଗି ଲାଗି ଥିବା ବମ୍ବୁର ଗଛର ଛାଇ ତଳ ସ୍ଥାନମାନଙ୍କରେ ମାଟି ଓ ଚାଳର ଅସ୍ଥାୟୀ ଘରମାନ ଦେଖିବାକୁ ମିଳେ । ପଲେ ମଇଁଷୀ ଦିଶନ୍ତି । ପାରମ୍ପରିକ ଧଳା ଗୁଜୁରାତି ପୋଷାକ ପରିହିତା ପୁରୁଷ ଓ ଘେରଥିବା ଶାୟା, ବ୍ଲାଉଜ ସହ ରଙ୍ଗୀନ୍ ଓଢ଼ଣୀ ପକେଇଥିବା ମହିଳାମାନେ ଛାଇତଳେ କର୍ମ ବ୍ୟସ୍ତ ଥାଆନ୍ତି । ଗୁଜୁରାଟର ସବୁ

Ohm
PVC HDPE Pipes & Fittings

# OHM PIPES PVT. LTD.




## "An ISO 9001-2015 Certified Company"

## OHM PIPES, Symbol of Trust

**A leading manufacturer of
PVC & HDPE Pipes & Fittings**

**Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com**



ପ୍ରାନ୍ତରେ ସେମାନଙ୍କର ପାରମ୍ପରିକ ଖାଦ୍ୟ, ପାନୀୟ, ପୋଷାକ ଓ ନୃତ୍ୟଗୀତର ଝଲକ ଦେଖିବାକୁ ମିଳେ । ନିଜ ପରମ୍ପରାକୁ ଜାବୋଡ଼ି ଧରିଥିବା ଜାତି । ନିଜ ସଂସ୍କୃତିକୁ ନେଇ ଗର୍ବ କରୁଥିବା ଜାତି ।

ଗାଡ଼ି ଆଗକୁ ଚାଲିଥିଲା । ଏତେ ଶୁଷ୍କ ଅଞ୍ଚଳ ଓ ବମୁର ଗଛ ଛାଇ ତଳର କାଁ ଭାଁ ବସତି ଦେଖି ହୃଦୟ ବିଗଳିତ ହେଉଥିଲା । କିଲୋମିଟର କିଲୋମିଟର ବ୍ୟାପୀ ଚାଷବାସ ସ୍ୱପ୍ନ ଥିଲା । ହୁଏତ ଚାଉଳ କିମ୍ବା ଗହମ ବହୁ ଦୂରରୁ ଆଣିବାକୁ ପଡୁଥିବ ଶୁଖିଲା ମଟର, ରାଜମା ବରଗୁଡ଼ି ଆଦି ମଞ୍ଜି ସଞ୍ଚିତ ରହୁଥିବ । ମଇଁଷୀ କ୍ଷୀର, ଲହୁଣୀ, ଛେନା, ଦହି ଲଗେଇ ରୁଟି/ ଭାତ ଖାଉଥିବେ । ମୋର ଚିନ୍ତାର ରାଜ୍ୟ ବିସ୍ତାରୀ ଚାଲିଥିଲା । ତା' ସହ ଉଦ୍‌ବେଗ ବି । ମୋର ପ୍ରଶ୍ନର ଉତ୍ତର ଦେଇ ନବାଜ କହିଲେ, "ଭୁଜ୍‌ର ବେପାରୀ ମାନେ ଆସନ୍ତି, ଏମାନଙ୍କ ଠାରୁ କ୍ଷୀର କିଣି ନେଇଯାଆନ୍ତି । ନଚେତ୍ ଏମାନେ ଯାଇ ହାଟରେ ବିକ୍ରୀ କରି ଆସନ୍ତି । ମଇଁଷୀ ଏମାନଙ୍କର ଜୀବିକାର ମୁଖ୍ୟ ଓ ଏକମାତ୍ର ସମ୍ବଳ । ଏହି ମଇଁଷୀମାନେ ଏଭଳି ପ୍ରତିକୂଳ ପରିସ୍ଥିତି ଓ ପରିବେଶ ସହ ବଞ୍ଚିବାରେ ଏତେ ଅଭ୍ୟସ୍ତ ଯେ ଛାଇ ଓ ଆରାମଦାୟକ ପରିବେଶରେ ଏମାନେ ରୋଗୀଣା ହୋଇଯାଆନ୍ତି ।" ଚତୁଃପାର୍ଶ୍ୱରେ ଘାସ କିମ୍ବା ବଣବୁଦାର ଚିହ୍ନବର୍ଣ୍ଣ ନଥିଲା । "ଏମାନେ କ'ଣ ଖାଇ ବଞ୍ଚନ୍ତି ? ବମୁର ଗଛର ପତ୍ର ?" ହସିଲେ ନବାଜ୍ । "ନା, ଭୁଜ୍‌ରେ ଘାସଚାଷ ବହୁତ ହୁଏ । ଫଳ ଧରିବା ପୂର୍ବରୁ ମକାଗଛକୁ କାଟି ବିକ୍ରୀ କରି ଦିଆଯାଏ । ମଇଁଷୀ ପାଳକମାନେ ତାହା କିଣି ଆଣିଥାନ୍ତି ।"

ମଝିରେ ମଝିରେ ରାସ୍ତା କଡ଼ରେ ଅଳ୍ପ କେତୋଟି ଘରକୁ ନେଇ ଗୋଟିଏ ଗୋଟିଏ ଗାଁ ପଡୁଥିଲା । "ଏଭଳି ଶୁଷ୍କ ମରୁଭୂମିରେ ଜଳ କୋଉଠୁ ପାଆନ୍ତି ଏମାନେ ?" ଷ୍ଟିଅରିଂ ଘୁରାଉ ଘୁରାଉ ନବାଜ ଉତ୍ତର ଦେଲେ, "ଆଗରୁ ଟାଙ୍କର ମାନଙ୍କରେ ନର୍ମଦା ନଦୀର ଜଳ ଆସୁଥିଲା । ପାଳି କରି ଭିନ୍ନ ଭିନ୍ନ ଗାଁକୁ ଦିଆ ଯାଉଥିଲା । ଆଜିକାଲି ନର୍ମଦା ନଦୀର ଜଳ ମ୍ୟୁନିସିପାଲ୍‌ଟି ତରଫରୁ ଗାଁମାନଙ୍କୁ ପାଇପ୍ ଯୋଗେ ଯୋଗାଣ ହେଉଛି ।"

ପାଖ ହୋଇ ଆସୁଥିଲା 'ରନ୍' । ରାସ୍ତା କଡ଼ରେ ଚିତ୍ର ଅଙ୍କା ହୋଇଥିବା ମାଟି ଘର ସବୁ ଦୃଶ୍ୟମାନ ହେଲା । କେତେକ ସ୍ଥାନରେ ସୁଦୃଶ୍ୟ ପାଚେରୀ ଓ ଗେଟ୍ ସମ୍ମୁଖରେ ସିକ୍ୟୁରିଟି ଗାର୍ଡ଼ ଥାଇ ଚିତ୍ରିତ ମାଟିଘର ସବୁର ରିସୋର୍ଟ । ନବାଜ୍ କହି ଚାଲିଥିଲା ନନ୍‌ଷ୍ଟପ୍: ନଭେମ୍ବରରୁ ଫେବୃଆରୀ ଯାଏଁ ଚାରିମାସ ଏଠାରେ ରନ୍ ମହୋତ୍ସବ ଚାଲେ । ସରକାରଙ୍କ ତରଫରୁ ଶହ ଶହ ଟେଣ୍ଟ୍ ହାଉସ୍ ବା ତମ୍ବୁଘର ଲାଗେ । ଶହ ଶହ ମାଟିଘର ଚିତ୍ରିତ ହୋଇ ସଜ୍ଜିତ ହୁଏ । ଅନେକ ବେସରକାରୀ ସଂସ୍ଥା ମଧ୍ୟ ମାଟିରେ ନିର୍ମିତ କୁଡ଼ିଆ ବା ବୁଙ୍ଗା ତିଆରି କରିଥାନ୍ତି । ଏହିସବୁ ଘରମାନଙ୍କ ଭିତରେ ମାଟିରେ ନିର୍ମିତ ସୁସଜ୍ଜିତ ଖଟ, ଟେବୁଲ୍, ଚେୟାର୍ ଆଦିର ବ୍ୟବସ୍ଥା ଥାଏ । ଶୌଚାଳୟ, ଜଳ, ବିଦ୍ୟୁତ୍ ଆଦିର ସୁବିଧା ଥାଏ । ଛୁଟି ଆସନ୍ତି ଶହ ଶହ ପର୍ଯ୍ୟଟକ । ପ୍ରତ୍ୟେକ ସଂସ୍ଥା ତାଙ୍କ ନିଜ ପରିସର ମଧ୍ୟରେ ପାରମ୍ପରିକ ଗୁଜୁରାତି ଖାଦ୍ୟର ବ୍ୟବସ୍ଥା କରନ୍ତି । ରାତ୍ରୀରେ ପାରମ୍ପରିକ ନୃତ୍ୟ, ଗୀତ, କ୍ୟାମ୍ପ ଫାୟାର, ବିଭିନ୍ନ ଖେଳ ଇତ୍ୟାଦି ହୁଏ । ଏଥିପାଇଁ ଦୁଇ/ତିନି/ପାଞ୍ଚ ଦିନ ପାଇଁ ପ୍ୟାକେଜ୍‌ର ବ୍ୟବସ୍ଥା ଥାଏ । ପ୍ୟାକେଜ୍ ସହ ରୁମ୍‌ର ଭଡ଼ା ଆଠ ଦଶ ହଜାରରୁ ଆରମ୍ଭ ହୋଇ ପନ୍ଦର/କୋଡ଼ିଏ ହଜାର ପର୍ଯ୍ୟନ୍ତ ହୋଇପାରେ । ଦୁଇମାସ ଆଗରୁ ଅର୍ଥାତ୍ ନଭେମ୍ବର ମାସରୁ ଅନ୍‌ଲାଇନ୍ ବୁକିଂ ଆରମ୍ଭ ହୁଏ । ଘରଗୁଡ଼ିକ ଦୁଇ/ ଚାରି/ଆଠ ଶଯ୍ୟା ବିଶିଷ୍ଟ ହୋଇପାରେ । ତଦନୁଯାୟୀ ମୂଲ୍ୟ ହୋଇଥାଏ । ଗୁଜୁରାଟରେ ଯୌଥ ପରିବାରର ପ୍ରଚଳନ ଅଦ୍ୟାବଧି ବଳବତ୍ତର ରହିଛି । ତେଣୁ ପର୍ଯ୍ୟଟନ ବେଳେ ଏକାଧିକ ବ୍ୟକ୍ତି ଘରର ବୟସ୍କ ବ୍ୟକ୍ତିଙ୍କୁ ସାଥିରେ ଧରି ବାହାରନ୍ତି । ତେଣୁ ଯେ କୌଣସି ହୋଟେଲ୍‌ରେ ମଧ୍ୟ ଦୁଇରୁ ଅଧିକ ବ୍ୟକ୍ତି ରହିବା ଭଳି କୋଠରୀମାନ ରହିଥାଏ । ମୋର ମନେ ଅଛି, ଦକ୍ଷିଣ ଭାରତ ଯାତ୍ରା ବେଳେ ଅଧିକାଂଶ ହୋଟେଲ୍‌ରେ ନିଜ ପୁତ୍ର କନ୍ୟାକୁ ବି ସାଥିରେ ରହିବାକୁ ଅନୁମତି ଦିଆଯାଏ ନାହିଁ । ନତୁବା ଏଥିପାଇଁ ଅତିରିକ୍ତ ଅର୍ଥ ଦେବାକୁ ବାଧ୍ୟ କରାଯାଏ । ବିଜୟନଗରମ୍ ଗସ୍ତ ବେଳେ ଅନେକ ହୋଟେଲ୍ ଖୋଜିବା ପରେ ବି ଦୁଇଟି ପଲଙ୍କ ଯୋଡ଼ା ହୋଇ ରହିଥିବା ରୁମ୍‌ଟିଏ ମିଳିନଥିଲା । ପ୍ରତ୍ୟେକ ରୁମ୍‌ରେ ଦୁଇଟି ଖଟ ଯଥେଷ୍ଟ ବ୍ୟବଧାନରେ ଥାଏ । ସାଥିରେ ସନ୍ତାନଟି ଥିଲେ, ଅସୁବିଧାଜନକ ନିଶ୍ଚୟ । ଏହା ସେମାନଙ୍କର ପ୍ରଖର ବ୍ୟବସାୟିକ ମନୋବୃତ୍ତିର ପରିଚୟ ଦିଏ ।

'ରନ୍ ମହୋତ୍ସବ' ବେଳେ ରନ୍‌ର ଅଧିବାସୀ ଓ ସରକାର ଭଲ ଉପାର୍ଜନ କରିଥାନ୍ତି । ତେବେ ଏହାର ପରିକଳ୍ପନା କେବେ, କିଏ, କେମିତି କଲା ? ନୱାଜ୍ କହିଲେ, 'କୌଣସି କାରଣରୁ ଆମର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ସୀମାନ୍ତ ଧଡ଼ରୋ ଗ୍ରାମରେ ଦୁଇମାସ ଅବସ୍ଥାନ କରିଥିଲେ । ସେହି ସମୟରେ ସେ ଏହି ଅଞ୍ଚଳକୁ ତନ୍ନ ତନ୍ନ ଦେଖିଥିଲେ, ଲୋକଙ୍କ କଷ୍ଟକୁ ନିଜେ ଜୀଇଁଥିଲେ । ତେଣୁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେବା ପରେ ସେ 'ରନ୍' ଅଞ୍ଚଳର ରାସ୍ତା, ପାନୀୟ ଜଳ ଯୋଗାଣ ଓ 'ରନ୍ ମହୋତ୍ସବ' କାର୍ଯ୍ୟକାରୀ କରିଥିଲେ ।

ମଥା ନଇଁ ଯାଇଥିଲା ନିଜ ଅଜାଣତରେ । ଟେଣ୍ଟ୍ ହାଉସ୍ ଲାଗିଥିବା ଅଞ୍ଚଳ ବର୍ତ୍ତମାନ ନିର୍ଜନ ଥିଲା । ଟେଣ୍ଟ୍ ସବୁ ଉଠି ଯାଇଥିଲା । ପୁଣି ନଭେମ୍ବର ମାସରେ ଲାଗିବା ପାଇଁ । କିନ୍ତୁ ମାଟି ଘର ଗୁଡ଼ିକ ଠିଆ ହୋଇଥିଲା । ଏପ୍ରିଲ ଠାରୁ ଖରାର ପ୍ରକୋପ ଆରମ୍ଭ ହୁଏ । ତେଣୁ ପ୍ରାୟତଃ ଟୁରିଷ୍ଟ୍ ଆସନ୍ତି ନାହିଁ । ଜୀବନ ଭଳି ଉପାର୍ଜନ ବି ଶୁଷ୍କ ।

ରାସ୍ତାରେ ସୁରକ୍ଷା କର୍ମୀ । ଚେକ୍ ଗେଟ୍ । ପରମିଟ୍ ନେବାକୁ ପଡ଼ିଲା । ଶେଷ ଗାଁ 'ଧଡ଼ରୋ' ଅତିକ୍ରମ କରି ପହଞ୍ଚିଲୁ 'ରନ୍'ରେ । ଅନେକ ପ୍ରତୀକ୍ଷିତ 'ରନ୍' । ଟ୍ୟାକ୍ସି ଅଟକିଲା । ନୱାଜ୍ କହିଲେ, "ଏଇଠୁ ଆପଣମାନଙ୍କୁ ଚାଲିବାକୁ ପଡ଼ିବ ।" ସମ୍ମୁଖରେ ଥିଲା ଲୁହାର ସୁଉଚ୍ଚ ୱାଚ୍ ଟାୱାର୍ । ଉପରୁ ଉପଭୋଗ କରିହୁଏ ବିସ୍ତୃତ 'ରନ୍' ଅଞ୍ଚଳକୁ ।



ସମ୍ମୁଖରେ 'ହ୍ୱାଇଟ୍ ଡେଜର୍ଟ' । ଶୁଭ୍ର ମରୁଭୂମି । 'ଲୁଣର ମରୁଭୂମି' । ସିମେଣ୍ଟ ଚବୁତରାରୁ ଓହ୍ଲାଇଲୁ ତଳକୁ । ଆମ ପାଦ ତଳେ ମରୁଭୂମିର ବାଲି ପରିବର୍ତ୍ତେ ଥିଲା ଲୁଣର ବହଳ ଆସ୍ତରଣ । କିଲୋମିଟର କିଲୋମିଟର ବ୍ୟାପୀ ଲୁଣର ଆସ୍ତରଣ । ମାର୍ବଲ ଚଟାଣ ଭଳି ଚମକୁ ଥାଏ 'ହ୍ୱାଇଟ୍ ଡେଜର୍ଟ' । ଆଗକୁ ଆଗକୁ ଗଲେ, ଲୁଣର ଆସ୍ତରଣ ଅଧିକା ଦେଖିବାକୁ ମିଳେ । ଶୁଭ୍ରତା ସେତେ ଅଧିକ ଦିଶେ । ସୂର୍ଯ୍ୟ କିରଣ ଚକ୍ ଚକ୍ କରୁଥିଲା 'ହ୍ୱାଇଟ୍ ଡେଜର୍ଟ'ର ଛାତିରେ । ଆଖି ଝଲସା ଉଜ୍ଜ୍ୱଳତା । ଇଚ୍ଛା ହେଉଥାଏ ମୁଠା ମୁଠା ଲୁଣ ଚାପି ଧରିବାକୁ ହାତରେ । ଯେ କେହି ବି 'ହ୍ୱାଇଟ୍ ଡେଜର୍ଟ'ର ରହସ୍ୟରେ ରୋମାଞ୍ଚିତ ହେବ, ସୌନ୍ଦର୍ଯ୍ୟରେ ବିମୁଗ୍ଧ ହେବ ।

ଏପ୍ରିଲ ମାସର ଖରା । ଶୀତ ଦିନେ ହୁଏତ ଚାଲି ହୋଇଥାଆନ୍ତା । ଏହି ଲୁଣର ମରୁଭୂମି ଉପରେ ଅନେକ ଗୁଡ଼ିଏ ଓଟ ଗାଡ଼ିବାଲା ଧାଡ଼ିରେ ଠିଆ ହୋଇଥାନ୍ତି । ଓଟ ପଛରେ ପଟା ରିକ୍ସା, ଉପରେ ଝାଲେର୍ ଲାଗିଥିବା ଚାନ୍ଦୁଆ । ଏକାଥରକେ ଦଶ/ବାର ଜଣ ବସି ହେଲା ଭଳି ।

ଢିଲା ସଲ୍ୱାର ପଞ୍ଜାବୀ ପିନ୍ଧା ପିଲାଟିଏ ଆସି କହିଲା, "ମୋ ଓଟ ଗାଡ଼ିରେ ତିନି କି.ମି. ଭିତରକୁ ନେଇଯିବି । ସବାରୀ ଜଣକୁ ଦୁଇଶହ ଟଙ୍କା । ଆମେ ରାଜି ହେଲୁ । ମାତ୍ର ତିନିଜଣ ସବାରୀ ଦେଖି କହିଲା, ପୁରା ଗାଡ଼ି ବୁକ୍ କରିବାକୁ ପଡ଼ିବ, ପନ୍ଦରଶହ ଟଙ୍କାରେ । ଟାଣ ଖରାରେ 'ହ୍ୱାଇଟ୍ ଡେଜର୍ଟ'ରେ ଆଖିଏ ଆଶା ନେଇ ଉପାର୍ଜନ ଲାଗି ଅନେଇ ବସିଥିବା ଓଟ ଗାଡ଼ିବାଲାମାନଙ୍କୁ ଦେଖି ଛାତି ଭିତରଟା ନରମି ଆସିଲା ।

ଓଟ ଗାଡ଼ି ଚାଲିଲା ଶୁଭ୍ର ମରୁଭୂମି ଭିତରକୁ, ଲୁଣର ଶଯ୍ୟା ଉପରେ । ସଲ୍‌ସଲ୍ ପବନ ପିଟି ହେଉଥିଲା । ଓଟ ଚାଲିଥାଏ ମନ୍ଦ୍ର ମଧୁର ଗତିରେ । ତା' ପାଦ ସହ ତାଳ ଦେଉଥାଏ ବେକରେ ଥିବା ଘଣ୍ଟି । ପ୍ରାୟ ତିନି କି.ମି. ଚାଲିବା ପରେ କେନାଲ୍‌ଟିଏ ପଡ଼ିଲା । ସମୁଦ୍ରରେ କେନାଲ୍ ! ସେଇ କେନାଲ୍‌ଟି ଯାଇଥିଲା 'କାଲୋ ଡଙ୍ଗର' ପାହାଡ଼ ପର୍ଯ୍ୟନ୍ତ । କହିବା ବାହୁଲ୍ୟ, ସମୁଦ୍ରର ପାଣି ୱାଚ୍ ଟାୱାର ଯାଏଁ ମାଡ଼ିଆସେ । ଖରାଦିନେ ପାଣି ଶୁଖିଯାଏ, ଲୁଣ ରହିଯାଏ । କେନାଲ୍‌ଟିକୁ କାଲୋ ଡଙ୍ଗର ଯାଏ ବଢ଼େଇ ନେବାର ଉଦ୍ଦେଶ୍ୟ ଶୁଭ୍ର ଲୁଣର ମରୁଭୂମିର ବିସ୍ତୃତିକୁ ବୃଦ୍ଧି କରିବା ।



ସୂର୍ଯ୍ୟ ଅସ୍ତ ହେବାକୁ ଆରମ୍ଭ କରିଥିଲେ । 'ହ୍ୱାଇଟ୍ ଡେଜର୍ଟରେ ସନ୍‌ସେଟ୍' । ସୂର୍ଯ୍ୟଙ୍କ କିରଣ ଲୁଣର ସ୍ଫଟିକ ଉପରେ ବିଚ୍ଛୁରିତ ହୋଇ ଏକ ମାୟାପୁରୀର ଭ୍ରମ ସୃଷ୍ଟି କରୁଥିଲା । ମେହେମୁଦ ଆଗକୁ ହାତ ବଢ଼ାଇ କହିଲା, "ଏମିତି ଚାଲି ଚାଲି ଗଲେ ପଡ଼ିବ ପାକିସ୍ତାନର ସୀମା ।"

ମେହେମୁଦ ବସିଥିଲା ଆଗରେ । ପଚାରିଲି, "ଦିନକୁ କେତେ ରୋଜଗାର ହୁଏ ? ପଛକୁ ଫେରି ଚାହିଁ ହସିଲା ସେ । ଶୁଷ୍କ ହସ । କହିଲା, "ବର୍ତ୍ତମାନ ଟୁରିଷ୍ଟ୍ ସିଜିନ୍ ନାହିଁ । ଆମେ ସବୁ ଓଟ ଗାଡ଼ିବାଲା ଲାଇନ୍ ଲଗାଇଥାଉ । ତିନିଦିନ ପରେ ମୋ ପାଳି ପଡ଼ିଲା ।" "ତିନି ଦିନ ପରେ !" ଦୁଃଖର ହାବୁକାଟିଏ ଉହୁଁକି ଆସିଲା ମୋ ଭିତରୁ ।

"କ୍ଷେତିବାଡ଼ି ତ ହଉ ନଥିବ ଏଇଠି । ଚଳୁଛ କେମିତି ?"

"ସରକାରୀ ଚାଉଳ ଓ ଗହମ ମିଳେ । ମାସକୁ କେଜିଏ ଡାଲି ବି । ଚଳିଯାଉ । ମଇଁଷୀଟିଏ ଅଛି । କ୍ଷୀର, ଦହି, ଲହୁଣୀ ମିଳେ । ଆଠଜଣିଆ ପରିବାର । ଓଟ ମାସକୁ କୋଡ଼ିଏ ହଜାର ଟଙ୍କାର ଘାସ ଖାଏ । ରୋଜଗାର ପଇସାରୁ ଓଟର ଖାଦ୍ୟ ବାବଦ ପଇସା ଗଲା ପରେ ଯାହା ବଳେ, ସେଥିରେ ଆମେ ଚଳୁ । କରିବାକୁ ଆଉ କିଛି ନାହିଁ । ଟୁରିଷ୍ଟ୍ ସିଜିନ୍‌ରେ ଭଲ ରୋଜଗାର ହୁଏ । ଚାରିମାସ । ବାକି ମାସ ଗୁଡ଼ିକରେ ଲୁଣର ମରୁଭୂମି ଆଉ ଆମେ ଓଟବାଲା ।

ଚାହିଁଲି ମେହେମୁଦ୍‌କୁ । ତା'ପରେ ଆକାଶ ଓ ପୃଥିବୀକୁ । ପ୍ରକୃତି ନିଷ୍ଠୁର ବା ଅବିବେକୀ ନୁହେଁ । ସବୁଠି ଖଞ୍ଜିଛି କିଛି ରହସ୍ୟମୟ କିମ୍ବା ରମଣୀୟ ସ୍ଥାନ । ସେ ହେଉ ଶୁଭ୍ର ଲୁଣର ମରୁଭୂମି ଅଥବା କାଲୋ ଡଙ୍ଗର । କାଲୋ ଡଙ୍ଗର ଯିବା ରାସ୍ତାରେ ପଡ଼େ ଅଦ୍ଭୁତ ଚୁମ୍ବକୀୟ କ୍ଷେତ୍ର ଯାହା ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ କାର୍ଯ୍ୟ କରେ । ଗାଡ଼ି ଆପେ ଆପେ ଉପରକୁ ଚାଲେ । ରହସ୍ୟ ଯୁଗେ ଯୁଗେ ମନୁଷ୍ୟକୁ ଆକର୍ଷିତ କରିଛି, ସମ୍ମୋହିତ କରିଛି ।

ଫେରିଲା ବେଳକୁ ବ୍ୟକ୍ତିଟିଏ ଗୁଜୁରାଟି ପୋଷାକ ଓ କ୍ୟାମେରା ଧରି ଅପେକ୍ଷା କରିଥିଲା । "ମାଡାମ୍ ଫଟୋ !" ଗୁଜରାଟୀ ପରିପାଟୀରେ ଓଟ ସହ ହ୍ୱାଇଟ୍ ଡେଜର୍ଟରେ ଫଟୋ ଉଠାଇବାର ଇଚ୍ଛାଟିଏ ଯେତେ ପ୍ରବଳ ହେଉଥିଲା ତା'ଠାରୁ ପ୍ରବଳତର ହେଉଥିଲା ଟୁରିଷ୍ଟ ନଥିବା ସିଜିନ୍‌ରେ ବ୍ୟକ୍ତିଟିକୁ କିଛି ରୋଜଗାର କରିବାର ସୁଯୋଗଟେ ଦେବା । ଦୁର୍ଭାଗ୍ୟବଶତଃ ଆମ ହାତରେ ସମୟ କମ୍ ଥିଲା । ଅହମଦାବାଦ ଯିବା ପାଇଁ ଗାଡ଼ି ସମୟ ପାଖେଇ ଆସିଥିଲା । ପଛରେ ରହିଗଲା ରହସ୍ୟର ଗନ୍ତାଘର 'ଲିଟିଲ୍ ରନ୍' ଓରଫ୍ 'ସଲ୍ଟ ଡେଜାର୍ଟ' ଓରଫ୍ 'ହ୍ୱାଇଟ୍ ଡେଜାର୍ଟ' ଓରଫ୍ 'ରନ୍ ଅଫ୍ କଚ୍ଛ' ।

ପର୍ଯ୍ୟଟନ-୭



# ହମ୍ପେଟର

## ମଧ୍ୟଯୁଗୀୟ ପୃଥିବୀର ଦ୍ୱିତୀୟ ବିଶାଳ ସହର

# ଭାରତର ହମ୍ପି


**ଲକ୍ଷ୍ମୀପ୍ରିୟା ଓଝା**

ଟାୱାର୍ ବି-୪୦୧, ଦି ଆଟ୍ଲାଣ୍ଟିକ୍, ଏସ୍ଆର୍ପି ଗ୍ରାଉଣ୍ଡ୍-୯ ପାଖ,
ମକରପୁରା ରୋଡ଼, ବରୋଦା-୩୯୦୦୧୦, ଗୁଜରାଟ
ଫୋନ:୭୪୯୦୯୯୬୮୬୫


ଫଟୋ ସୌଜନ୍ୟ: ଲେଖିକା



▶ ଲେଖିକା ଲକ୍ଷ୍ମୀପ୍ରିୟା ଓଝା


# ହସ : ହମ୍ପି



ଖାଲି ଆଖିରେ ଦେଖିଲେ ଦିଶିବ କେବଳ ବିପର୍ଯ୍ୟୟ କାହାଣୀ, ଆଉ ଖୋଜି ବସିଲେ ମିଳିବ ପୁରାଣ, ଇତିହାସ, ଭୂତତ୍ତ୍ୱ, ସ୍ଥାପତ୍ୟ ଆଉ ଅତ୍ୟାଧୁନିକ ଜୀବନଚିତ୍ର ।

ହମ୍ପି, ଯେଉଁଠି ପର୍ବତ ପ୍ରାକୃତିକ ନୁହେଁ, ଲାଗିବ ହାତଗଢ଼ା କଳାକୃତି ପରି । ଯେଉଁଠି ମୁଣ୍ଡ ଉପରେ ସୂର୍ଯ୍ୟଙ୍କର ଅସହ୍ୟ ତାତି । ଦେହରେ ବାଜୁଥିବ ସୁଲୁସୁଲିଆ ଶୀତଳ ପବନ, ପାଦତଳେ ମାଟି ନୁହେଁ ଖାଲି ପଥର ଆଉ ପଥର । ମୃତ୍ତିକାମୟର ସୁନ୍ଦର ଉଦାହରଣ ନେଇ କାର୍ଡ଼ବୋର୍ଡ଼ ପରି ଖଞ୍ଜା ବିଶାଳ ବିଶାଳ ମାଟିଆ ପଥରର ଟାଙ୍ଗରା ପାହାଡ଼, ପାହାଡ଼ ପାଦଦେଶ ଦେଇ ସ୍ୱଚ୍ଛଜଳ ନେଇ ବହି ଯାଉଥିବା ତୁଙ୍ଗଭଦ୍ରା ନଦୀ, କମଳାନଗର ହ୍ରଦ, ଆଖୁ, ଚିନାବାଦାମ, ଧାନ, ନଡ଼ିଆ ଚାଷରେ ଶସ୍ୟଶ୍ୟାମଳା ସମଗ୍ର ପରିବେଶ । ଉପରଟା ଯେମିତି ପାହାଡ଼ ତଳେ ମଧ୍ୟ ସେମିତି । ପାହାଡ଼ ଯୋଗୁଁ ଏଠି ଭୂମିକମ୍ପ ହୁଏ ନାହିଁ ବୋଲି ଜାଣିବାକୁ ପାଇଲି ।

ଭାରତର କର୍ଣ୍ଣାଟକ ରାଜ୍ୟର ବିଜୟନଗର ଜିଲ୍ଲା ଅନ୍ତର୍ଗତ ହସ୍ପେଟ୍ ସହର ପାଖରେ ଅବସ୍ଥିତ ହମ୍ପି । ବାଙ୍ଗାଲୋରରୁ ହମ୍ପି ଏକ୍ସପ୍ରେସ୍‌ରେ ରାତିରେ ବସିଲେ ସକାଳୁ ସକାଳୁ ପହଞ୍ଚିଯିବେ ହସ୍ପେଟ୍ । ସେଠୁ ହମ୍ପି ଜମା ତେର କିଲୋମିଟର । ଛୋଟ ସହର ହେଲେ ହେଁ ହସ୍ପେଟ୍‌ରେ ରହିବା ପାଇଁ ସବୁ ବର୍ଗର ହୋଟେଲ ଅଛି । ହମ୍ପିରେ ମଧ୍ୟ ରହିହେବ । ହସ୍ପେଟ୍ ହେଉ ବା ହମ୍ପି ଯେଉଁଠି ରହିଲେ ମଧ୍ୟ ଅଟୋ ବା ଟ୍ୟାକ୍ସି ରିଜର୍ଭ କରି ବୁଲିବାକୁ ପଡ଼େ, କାରଣ ୪,୧୦୦ ହେକ୍ଟର ବ୍ୟାପ୍ତ ହମ୍ପିରେ ପ୍ରାୟ ୧୬୦୦ ଭଗ୍ନାବଶେଷ ବିଛେଇ ହୋଇ ପଡ଼ିଛି । ଦେଖିବାକୁ ଗୋଟେ ସପ୍ତାହ ମଧ୍ୟ ଯଥେଷ୍ଟ ନୁହେଁ । ଆମେ ହସ୍ପେଟ୍‌ରେ ଥିଲୁ ଆଉ ଆମ ଅଟୋବାଲା ଦିନକୁ ୧୫୦୦ ହିସାବରେ ୪୫୦୦ ନେଇଥିଲା ତିନିଦିନ ବୁଲେଇବା ପାଇଁ । ସେ ତା' ନିଜ ଇଚ୍ଛାରେ ଆମକୁ ଅନେକ ସ୍ଥାନ ଦେଖାଇଲା ଓ ଗାଇଡ୍ ମଧ୍ୟ କଲା । ତେଣୁ ଫେରିଲା ବେଳକୁ ମୁଁ ତା' ବ୍ୟବହାରରେ ଖୁସି ହେଇ ଆଉ ୫୦୦ଟଙ୍କା ଦେଇଥିଲି । ହମ୍ପିରେ ମୁଖ୍ୟ ମୁଖ୍ୟ ସ୍ଥାନରେ ଗାଇଡ୍ ନେବା ଜରୁରୀ । ନହେଲେ କିଛି ବୁଝି ହେବ ନାହିଁ । ହମ୍ପିରେ ପ୍ରବଳ ଗରମ ହୁଏ । ତେଣୁ ସେପ୍ଟେମ୍ବରରୁ ଫେବୃଆରୀ



ପର୍ଯ୍ୟଟନ ପାଇଁ ଭଲ ସମୟ । ତା'ପରେ ଖୋଲା ସ୍ଥାନରେ ଚାଲିଚାଲି ପ୍ରବଳ ଗରମରେ ବୁଲିବା ସମ୍ଭବ ନୁହେଁ । ଲୋକଙ୍କ କଥାନୁସାରେ "ଆଖି ଅଛି ତ ତାଜ୍‌ମହଲ ଦେଖ, ଗୋଡ଼ ଅଛି ତ ହମ୍ପି ଦେଖ ।" କାରଣ ଏଠି ବହୁତ ଚାଲିବାକୁ ପଡ଼େ ।


ହମ୍ପିରେ ପହଞ୍ଚି ସବୁ ଦେଖୁ ଦେଖୁ ଗୋଳିଆମିଶା ଲାଗେ । କିଛି ବୁଝିହୁଏନି । ପରେ ତା' ସଂପର୍କରେ ଶାନ୍ତିରେ ପଢିଲେ ଧିରେ ଧିରେ ଚିତ୍ର ସ୍ପଷ୍ଟ ହୁଏ । ବାକି ପର୍ଯ୍ୟଟନସ୍ଥଳ ପରି ଏତେ ସହଜ ନୁହେଁ ହମ୍ପିକୁ ବୁଝିବା । ଏଠି ପୁରାଣ ଓ ଇତିହାସ ଏକା ସାଙ୍ଗରେ ସାଙ୍ଗ ହୋଇ ଚାଲନ୍ତି ।

ଏଠିକାର ପାର୍ବତୀୟ ଗଢ଼ଣ, ଗୁମ୍ଫା, ପ୍ରାକୃତିକ ପରିବେଶ ରାମାୟଣର କିସ୍କିନ୍ଧ୍ୟା ସର୍ଗର ଅଦ୍‌ଭୂତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ତେଣୁ ହମ୍ପିର ପୌରାଣିକ ନାମ କିସ୍କିନ୍ଧ୍ୟା ବୋଲି ଲୋକଙ୍କ ବିଶ୍ୱାସ ।

ପୁରାଣ ଅନୁସାରେ ସମୁଦ୍ର ମନ୍ଥନ ପରେ ଦେବତାମାନେ ନିଜେ ସମସ୍ତ ଅମୃତ ପିଇ ଦାନବମାନଙ୍କ ସହ ଧୋକା ବା ମାଙ୍କଡ଼ାମି କରିଥିଲେ । ତେଣୁ ଦାନବମାନେ ତାଙ୍କୁ ମାରି ଗୋଡ଼ାଇଲେ । ନିଜକୁ ରକ୍ଷା କରିବା ପାଇଁ ଦେବତାମାନେ ତାଙ୍କୁ ମାରି ଗୋଡ଼ାଇଲେ । ନିଜକୁ ରକ୍ଷା କରିବା ପାଇଁ ଦେବତାମାନେ ବ୍ରହ୍ମାଙ୍କ ଶରଣ ପଶିଲେ । ସତ୍ୟଯୁଗରେ ବ୍ରହ୍ମା କିଛି ନକରି ପାରିବାର ଅସହାୟତା ପ୍ରକାଶ କରି କିସ୍କିନ୍ଧ୍ୟାରେ ପହଂଚି ପାହାଡ଼ମାନଙ୍କୁ ଭାଙ୍ଗି ସେଥିରେ ଗୁମ୍ଫା ତିଆରି କରି ବାନର ବେଶରେ ଆତ୍ମଗୋପନ କରିବାକୁ ଦେବତାମାନଙ୍କୁ ନିର୍ଦ୍ଦେଶ ଦେଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର, ଲକ୍ଷ୍ମଣ ସୀତାଙ୍କୁ ଖୋଜିଖୋଜି ଆସି ଏଠି ପହଞ୍ଚି ହନୁମାନ, ସୁଗ୍ରୀବଙ୍କ ସହ ଭେଟ ହେଲେ । ବାଳିକୁ ବଧ କଲା ପରେ ଏଇଠି ରହି ହନୁମାନଙ୍କ ଦ୍ୱାରା ସୀତାଙ୍କ ଠାବ କରାଇ ନଳ, ନୀଳ, ଅଙ୍ଗଦ ଆଦି ବାନର ସେନାଙ୍କ ସହାୟତାରେ ଏଇଠାରୁ ଲଙ୍କା ଅଭିଯାନ ଆରମ୍ଭ କରିଥିଲେ ।

ଏଠି ଅଛି ବାଳିଗୁମ୍ଫା, ଯେଉଁଠି ସୁଗ୍ରୀବ ବିରାଟ ପଥର ଲଗେଇ ବାଳିକୁ ବନ୍ଦ କରିଥିଲା । ଏଠି ଅଛି ସୁଗ୍ରୀବ ଗୁମ୍ଫା । ଯେଉଁଠି ବାଳିର ଭୟରେ ସୁଗ୍ରୀବ ଆତ୍ମଗୋପନ କରିଥିଲା । ଅତ୍ମନେନ୍ଦ୍ରି ପାହାଡ଼ରେ ଅଛି ହନୁମାନଙ୍କ ଜନ୍ମସ୍ଥାନ । ମାତଙ୍ଗ ପର୍ବତରେ ମାତଙ୍ଗ ଋଷିଙ୍କ ଆଶ୍ରମ । ବାଳିକୁ ବଧ ପରେ ସୀତାଙ୍କ ଠାବ ପୂବରୁ ବର୍ଷା ଚାରିମାସ ଶ୍ରୀରାମ ଓ ଲକ୍ଷ୍ମଣ ବିତାଇଥିବା ମାଲ୍ୟବନ୍ତ ପର୍ବତ ଉପରେ ପଟକଶୀଳା ଶ୍ରୀ ରଘୁନାଥ ମନ୍ଦିର । ଏଠାରେ ଶ୍ରୀରାମଚନ୍ଦ୍ରଙ୍କ ହାତରେ ଧନୁତୀର ନାହିଁ । ପ୍ରଭୁ ଶ୍ରୀରାମଚନ୍ଦ୍ର ଧ୍ୟାନ ମୁଦ୍ରାରେ । ଏଠିକାର ସମସ୍ତ ବ୍ରାହ୍ମଣ ଉତ୍ତରପ୍ରଦେଶ ଓ ବିହାରର । ସ୍ଥାନୀୟ ଲୋକଙ୍କୁ ହିନ୍ଦୀ ଆସୁନଥିବାରୁ ହିନ୍ଦୀ ଭାଷୀ ରାଜ୍ୟରୁ ବ୍ରାହ୍ମଣମାନେ ଆସିଛନ୍ତି ବୋଲି ଜାଣିଲି । ଏଠି ଗତ ପନ୍ଦରବର୍ଷରୁ ବର୍ଷସାରା ୨୪ଘଣ୍ଟା ରାମାୟଣ ପାଠ ହେଉଛି, ମନ୍ଦିର ପଛପଟେ ପାହାଡ଼ରେ ଗୋଟିଏ ପଥରର ଦିପଟେ ପ୍ରାୟ ତିରିଶଟି ଶିବଲିଙ୍ଗ, ଯାହା ରାମଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ । ପଥରଟି ମଝିରୁ ଏକଦମ୍ ସିଧାରେ ଦିଖଣ୍ଡ ହେଇଯାଇଛି ଓ ତା' ମଝିରେ ପାଣି ଅଛି । ଲକ୍ଷ୍ମଣ ରାମଚନ୍ଦ୍ରଙ୍କ ଶିବ ପୂଜା ପାଇଁ ତୀର ମାରି ପଥର ଫଟେଇ ପାଣି ବାହାର କରିଥିଲେ ବୋଲି ପୂଜାରୀ କହିଲେ । ପାଣି ଭିତରେ ବହୁତ ବେଙ୍ଗ । ମୁଁ ଭାବିଲି କେବେ ଯଦି ପାଣି ଶୁଖିଯାଏ ଏତେ ଗହୀରରୁ ବେଙ୍ଗ ତ ଉପରକୁ ଆସି ପାରିବେନି । ବିଚରା ଅକାଳେ ମୃତ୍ୟୁବରଣ କରିବେ । ପାଣି କେବେ ଶୁଖେନି ବୋଲି ପୂଜାରୀ କହିଲେ । ଏଠିକାର ପାହାଡ଼ ଉପରୁ ସୂର୍ଯ୍ୟାସ୍ତ ଖୁବ୍ ମନୋମୁଗ୍ଧକର ।

ଭଗୀରଥିଙ୍କ ତପସ୍ୟା ଫଳରେ ଗଙ୍ଗା ଯେବେ ଶିବଙ୍କ ଜଟା ଦେଇ ଧରିତ୍ରୀ






ପୃଷ୍ଠକୁ ଓହ୍ଲାଇ ଆସିଲେ ତା'ର ବହୁପୂର୍ବରୁ ସତ୍ୟଯୁଗରେ ବ୍ରହ୍ମା ଚାରିଟି ସରୋବର ସୃଷ୍ଟି କରିଥିଲେ । ସେଗୁଡ଼ିକ ହେଲା ମାନସରୋବର, ବିନ୍ଦୁ ସରୋବର, ପମ୍ପା ସରୋବର । ଶିବ ଯେବେ ସଂସାର ମାୟାରୁ ନିର୍ଲିପ୍ତ ହେଇ ଧ୍ୟାନମୁଦ୍ରାରେ ଥିଲେ ଶିବଙ୍କୁ ପାଇବା ପାଇଁ ପାର୍ବତୀ ଏଠି ଏଇ ପମ୍ପା ସରୋବର କୂଳରେ ଧ୍ୟାନମଗ୍ନ ଥିଲେ । ପାର୍ବତୀଙ୍କ ଅନ୍ୟ ନାମ ପମ୍ପା । ସେଇ ପମ୍ପାର ଅପଭ୍ରଂଶ ହେଇ ସ୍ଥାନର ନାମ ହମ୍ପି ହେଇଛି ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ । ଏଇ ପମ୍ପା ସରୋବର କୂଳରେ ଅଛି ସାବରୀ ଗୁମ୍ଫା ଓ ଲକ୍ଷ୍ମୀ ମନ୍ଦିର, ଏବେ ଏଠି ଏ.ଏମ୍.ଆଇ. ସହାୟତାରେ ପୁନରୁଦ୍ଧାର କାମ ଚାଲିଛି ।

ଅଞ୍ଜନେନ୍ଦ୍ରି ପାହାଡ଼ ଉପରେ ୫୭୦ ଶିଢ଼ି ଚଢ଼ିଲେ ହନୁମାନଙ୍କ ଜନ୍ମସ୍ଥଳୀ ଛୋଟ ମନ୍ଦିରଟେ । ଦୁଇଜଣ ଲୋକ ଠିଆ ହେଲା ପରି ଛୋଟ ଛୋଟ ପାହାଡ଼ । ଠାଏ ଠାଏ ବସିବା ବ୍ୟବସ୍ଥା ସହ ଶେଡ୍ ମଧ୍ୟ ଅଛି । କିନ୍ତୁ ପାହାଚରେ ଲାଇନ ଲଗାଇବା ବହୁ କଷ୍ଟସାଧ୍ୟ କାମ । ତେଣୁ ଶନିବାର ବା ହନୁମାନ ଜୟନ୍ତୀ ଆଦି ଦିନରେ ଏଠିକୁ ନଗଲେ ଭଲ । ଉପରେ ପହଞ୍ଚିଲେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇଯିବ ମନ ।

ଅଚ୍ୟୁତ ନାରାୟଣ ମନ୍ଦିର ଓ ବିରୁପାକ୍ଷ ମନ୍ଦିର ପାଖରେ ଅଛି ମାତଙ୍ଗ ପାହାଡ଼ ଉପରେ ମାତଙ୍ଗ ଋଷିଙ୍କ ଆଶ୍ରମ । ଏଠି ପାହାଡ଼ ଚଢ଼ିବା ବହୁ କଷ୍ଟସାଧ୍ୟ ଟ୍ରେଡିଙ୍ଗ୍ ପରି । ଅଞ୍ଜନେନ୍ଦ୍ରି ପାହାଡ଼ ଉପରକୁ ଯିବାବେଳେ ସବୁ ବୟସର ଲୋକ ମିଳିବେ ଏଠି । କିନ୍ତୁ ମାତଙ୍ଗ ପର୍ବତ ଉପରେ ଖୁବ୍ କମ ଯୁବକ ବା ଫରେନ୍ ଟୁରିଷ୍ଟ ଦେଖିବାକୁ ମିଳିବେ । ଚଢ଼ିବା କଷ୍ଟସାଧ୍ୟ ଯୋଗୁଁ । ତେବେ ଏଠିକାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଖୁବ୍ ମନୋମୁଗ୍ଧକର । ଉଭୟ ପର୍ବତ ଉପରୁ ସମଗ୍ର ହମ୍ପି ସହର ଓ ତାର ମନୁମେଣ୍ଟ୍ ଖୁବ୍ ସ୍ପଷ୍ଟ ଦିଶେ ।




କିସ୍କିନ୍ଧାରେ ପୁରାଣର ଛାପ ଦେଖି ଧାର୍ମିକ ଭାବନାରେ ମନ ଯେମିତି ବିହ୍ୱଳ ହୁଏ, ଇତିହାସର ଧ୍ୱଂସାବଶେଷ ଦେଖି ସେମିତି ମନ ଉଦ୍‌ବେଳିତ ହୁଏ 'ରୁନିସ୍ ଅଫ୍ ହମ୍ପି'କୁ ଦେଖି । ଏଠି କହିରଖେ କିସ୍କିନ୍ଧା ଓ ହମ୍ପି ଗୋଟିଏ ସହର । ପୌରାଣିକ ନାମ କିସ୍କିନ୍ଧା ଓ ବର୍ତ୍ତମାନ ନାମ ହମ୍ପି ।

ତେରଶହ ଶତାବ୍ଦୀରେ ମୁସଲମାନମାନଙ୍କ ଆଧିପତ୍ୟ ବିସ୍ତାର ଦେଖି ଦକ୍ଷିଣ ଭାରତୀୟ ରାଜାମାନେ ଏକାଠି ହେଲେ ଓ ହରିହର ବଂ ବୁକା ନାମକ ଦୁଇଭାଇ ସ୍ୱଘୋଷିତ ରାଜାହେଇ ଦକ୍ଷିଣ ଭାରତରେ ବିଜୟ ନଗର ରାଜ୍ୟ ସ୍ଥାପନ କଲେ । ଯାହାର ରାଜଧାନୀ ହେଲା ହମ୍ପି । ସମଗ୍ର ଦକ୍ଷିଣ ଭାରତରେ ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା ଏବଂ ପ୍ରାୟ ତିନିଶହ ବର୍ଷଧରି ହିନ୍ଦୁ ରାଜାମାନେ ଦକ୍ଷିଣ ଭାରତକୁ ଶାସନ କଲେ ।  ତନ୍ମଧ୍ୟରୁ କୃଷ୍ଣଦେବରାୟ ଅନନ୍ତ ନାରାୟଣ ଆଦି ପ୍ରଶିଦ୍ଧ ରାଜାଥିଲେ । ଇବନ ବରୁଣ, ବରବୋସା, ଅବଦୁଲ ରଜାକ୍ ଆଦି ଆରବ, ଇଟାଲୀ, ପର୍ଶିଆ, ରୁଷିଆ ଦେଶରୁ ଆସିଥିବା ପରିବ୍ରାଜକମାନଙ୍କ ଭ୍ରମଣ ବୃତ୍ତାନ୍ତରୁ ସେ ସମୟର ହମ୍ପି ସମ୍ପର୍କରେ ଜାଣିହୁଏ । ସେମାନଙ୍କ ମତରେ ମଧ୍ୟଯୁଗୀୟ ସହର ମଧ୍ୟରୁ ବିଜିଙ୍ଗ ପରେ ହମ୍ପି ପୃଥିବୀର ଦ୍ୱିତୀୟ ସବୁଠାରୁ ବଡ଼ ସହର ଏବଂ ଭାରତର ସବୁଠାରୁ ବିତ୍ତଶାଳୀ ସହର ଥିଲା । ଏଠିକାର ବଜାରରେ ବହୁ ମୂଲ୍ୟ ପଥର, ଖାଦ୍ୟପେୟ, ପଶୁ ଆଦିଙ୍କର କିଣାବିକା ହେଉଥିଲା ଏବଂ ଏହି କିଣାବିକା ପାଇଁ ପୃଥିବୀର ବିଭିନ୍ନ ଦେଶରୁ ବ୍ୟବସାୟୀମାନେ ଆସୁଥିଲେ । ଅଗଣିତ ଜିନିଷ ଭର୍ତ୍ତି ଶଗଡ଼ ଯେବେ ହମ୍ପି ରାସ୍ତା ଦେଇ ଯାଉଥିଲା ପରିବ୍ରାଜକମାନଙ୍କ ଭାଷାରେ ରାସ୍ତା ପାର ହେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା ।

ପ୍ରାୟ ତିନିଶହ ବର୍ଷ ଶାସନ ପରେ ମୁସଲମାନ ଶାସକ ମାନଙ୍କର ବାରମ୍ବାର ମିଳିତ ଆକ୍ରମଣ ପରେ ହମ୍ପିକୁ ଧ୍ୱଂସ ସ୍ତୁପରେ ପରିଣତ କରିଦିଆଗଲା ୧୫୬୫ ମସିହାରେ । ହମ୍ପିରେ ଏତେ ପ୍ରାଚୁର୍ଯ୍ୟ ଥିଲା ଯେ ୬ ମାସ ପର୍ଯ୍ୟନ୍ତ ବୋହି ବୋହି ସେମାନେ ଥକିଗଲେ କିନ୍ତୁ ତଥାପି ସରିଲାନି, ଏବେ ମଧ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଖୋଦନ ସମୟରେ ମାଟିତଳୁ ମୂଲ୍ୟବାନ ପଥରମାନ ବାହାରୁଛି । ମୁସଲମାନ ଶାସକମାନେ ଲୁଟ୍‌ପାଟ୍ କରିବା ସହ ହମ୍ପିର ସମସ୍ତ ମନୁମେଣ୍ଟ, ମନ୍ଦିର, ବଜାର ରାଜନଅର ମନ୍ତ୍ରୀମାନଙ୍କ ଘର, ମନ୍ଦିରର ମୂର୍ତ୍ତିସବୁକୁ ଭାଙ୍ଗି ସଂପୂର୍ଣ୍ଣ ଧ୍ୱଂସ କରିଦେଇଛନ୍ତି ।

ହମ୍ପିର ଧ୍ୱଂସ ପରେ ଅବହେଳିତ ଏ ବିରାଟ କ୍ଷେତ୍ର ଧିରେ ଧିରେ ଜଙ୍ଗଲ ଭିତରେ ଲୁଚିଗଲା । ବୋଧହୁଏ ଲୋକମାନଙ୍କୁ ମାରିଦିଆ ଯାଇଥିଲା ବା ଯେଉଁମାନେ ବଞ୍ଚିଥିବେ ଭୟରେ ଛାଡ଼ି ପଳେଇଥିବେ । ୧୮୦୦ ମସିହାରେ ଜଣେ ଇଂରେଜ Colin Mackenzie ହମ୍ପିକୁ ଆବିଷ୍କାର କରି ଭାରତ ସରକାରଙ୍କୁ କହିଲେ । ଆରକିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଅଧିନରେ ବର୍ତ୍ତମାନ ହମ୍ପିର ସମସ୍ତ ମନୁମେଣ୍ଟ ଏବଂ UNESCO World Heritage site ଭାବରେ ଘୋଷିତ ।

ପ୍ରାୟ ଶହେ କିଲୋମିଟର ଧରି ହମ୍ପିର ପ୍ରାଚୀର ଠାଏ ଠାଏ ଦେଖିବାକୁ ମିଳେ । ଦିପଟେ ପଥର ମଝିରେ ଇଟାର ଶକ୍ତ ଫିଲିଙ୍ଗ୍ । ହାତୀ ମଧ୍ୟ ଭାଙ୍ଗି ପାରିବନି ଏ ପ୍ରାଚୀର । ତୁଙ୍ଗଭଦ୍ରା ନଦୀ ଉପରେ ପଥରର ଖୁବ୍ ଉଚ୍ଚ ଶକ୍ତ ପୋଲର ଭଗ୍ନାବଶେଷ ରାସ୍ତାରେ ଗଲାବେଳେ ଦେଖାଯାଏ । ଗୋଟିଏ ଭିଉଇଙ୍ଗ୍ ପଏଣ୍ଟ୍‌ରୁ ଦିଶେ ନୋବେଲ ମ୍ୟାନସ୍ କ୍ୱାର୍ଟରର ୧୫ଟି ଘର । ଆଉ ପାଖରେ ରାଜାଙ୍କ ନଅର ସହ ମୁଦ୍ରା ଛାପା କାରଖାନା । ଏଠି କେବଳ ମାଟି ସହ ଲାଗି କିଛି ଇଟା ପଥର ଆଦିର ଚିହ୍ନ ବଞ୍ଚିଛି ଯାହା ରାସ୍ତାରେ ମଧ୍ୟ ପଡ଼େ କୃଷ୍ଣଦେବ ରାୟଙ୍କ ଦରବାରରେ ପ୍ରସିଦ୍ଧ କବି ତେନାଲୀ ରାମଙ୍କ ଘର । ସବୁ କେବଳ ଧ୍ୱଂସସ୍ତୁପ ଆମ ଅଟୋବାଲା ରମେଶର କହିବା ଅନୁସାରେ ସମସ୍ତ ଘର ଚନ୍ଦନକାଠରେ ନିର୍ମିତ । ବିରାଟକାୟ ରାଜବାଟୀ ପରିସର ମଧ୍ୟରେ ସିକ୍ରେଟ ଚ୍ୟାମ୍ବର, ଦୁର୍ଗା ମଣ୍ଡପ, ପୁଷ୍କରିଣୀ ଆଦି ଯାହା ମାଟିତଳେ ପୋତି ହେଇଯାଇଥିଲା




ଏଏସ୍ଆର୍‌ଙ୍କ ଖୋଦନ ପରେ ଧ୍ୱଂସାବଶେଷ ନେଇ ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

ହମ୍ପିର ଶାସକ ଯିଏ ଓ କୃଷ୍ଣ ଉପାସକ ଥିଲେ । ତେଣୁ ହମ୍ପିରେ ନିର୍ମିତ ହେଇଥିଲା ଶହଶହ ବିରାଟ ବିରାଟ ମନ୍ଦିର । କେବଳ ବିରୁପାକ୍ଷ ମନ୍ଦିରକୁ ଛାଡ଼ିଦେଲେ ଆଉ କୌଣସି ମନ୍ଦିରରେ ପୂଜାପାଠ ହେଉନି । ସବୁ ମନ୍ଦିରର ମୂର୍ତ୍ତି ଖଣ୍ଡିତ ଅବସ୍ଥାରେ ମ୍ୟୁଜିୟମରେ ସୁରକ୍ଷିତ । ତେଣୁ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ । ପ୍ରତ୍ୟେକ ମନ୍ଦିରର ଗୋପୁରମ୍ ବା ମୁଖ୍ୟ ଦ୍ୱାର ମନ୍ଦିର ଠାରୁ ଢେର ଉଚ୍ଚ । ଛାତ ପର୍ଯ୍ୟନ୍ତ ପଥରରେ ଏବଂ ପରେ ଇଟାରେ ନିର୍ମିତ । ପ୍ରତ୍ୟେକ ମନ୍ଦିରର ପିଲାର୍ ବା ସ୍ତମ୍ଭ ଏଭଳି ନିର୍ମିତ ଯେ ବଜାଇଲେ ସେଥିରୁ ସାରେଗାମାପା ବା ବିଭିନ୍ନ ବାଦ୍ୟଯନ୍ତ୍ରର ସ୍ୱର ଶୁଣାଯାଏ । ପ୍ରାୟତଃ ସମସ୍ତ ମନ୍ଦିର ସାମ୍ନାରେ ଧାଡ଼ିଧାଡ଼ି ବଜାର ଥିଲା । ଏବେ ଯାହା ଖୁଣ୍ଟ ଖାଲି ଠିଆ ହେଇଛି । ସବୁ ସ୍ଥାନରେ ବଜାର ଅଲଗା ଅଲଗା ପ୍ରକାରର ଥିଲା, ଯଥା: ପାନ ସୁପାରି ବଜାର, ହାତୀ ଘୋଡ଼ା ବଜାର, ଖାଦ୍ୟପେୟ ବଜାର ବା ମୂଲ୍ୟବାନ ପଥରର ବଜାର, ସବୁ ମନ୍ଦିର ପାଖରେ ପୁଷ୍କରିଣୀ ଥିଲା ଏବଂ ତାହା ତୁଙ୍ଗଭଦ୍ରା ନଦୀ ସହ ସଂଯୋଗ ହେଇଥିଲା । ସବୁ ମନ୍ଦିରରେ ଅତିଥିଶାଳା, ନାଟ ମଣ୍ଡପ ଏବଂ ଚାରିପଟେ ବିଶାଳ ପ୍ରାଚୀର ଥିଲା । ବଜାରରେ ଜିନିଷ କିଣାବିକା ପାଇଁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ବାହାରେ ରହିବା ଖାଇବାର ବ୍ୟବସ୍ଥା ଥିଲା ।

ପ୍ରାୟ ପ୍ରତ୍ୟେକ ମନ୍ଦିରର ମୂର୍ତ୍ତି ଗୋଟିଏ ପଥରରେ ଗଢ଼ା ଯାଇଥିଲା । ସେ ବିରୁପାକ୍ଷ ମନ୍ଦିର ବା ଅନ୍ୟାନ୍ୟ ଶିବଲିଙ୍ଗ ହୁଅନ୍ତୁ କି ବିରୁପାକ୍ଷ ମନ୍ଦିର ସାମ୍ନାରେ ଥିବା ୭୫୦ ମିଟର ମନୋଲିଥିକ୍ ବୁଲ ହୁଅନ୍ତୁ ବା ୨.୪ମିଟର ଉଚ୍ଚ ଶଶିଭିକାଲୁ ଗଣେଷ ବା ୬.୭୦ ମିଟର ଲମ୍ବ ଲକ୍ଷ୍ମୀ ନରସିଂହ ମୂର୍ତ୍ତି ହୁଅନ୍ତୁ, କି ରାମ ଲକ୍ଷ୍ମଣ ସୀତାଙ୍କ ମୂର୍ତ୍ତି ବା କାଡ଼େଲକାଲ ଗଣେଷ ହୁଅନ୍ତୁ ସବୁ ମୂର୍ତ୍ତି ଗୋଟିଏ ଗୋଟିଏ ପଥରରେ ନିର୍ମିତ । ଏମିତିକି ପାଣି ପିଇବା ପାଇଁ ନିର୍ମିତ କୁଣ୍ଡ ପ୍ରମାଦ ପାଇଁ ନିର୍ମିତ ହଣ୍ଡା ସବୁ ଗୋଟିଏ ଗୋଟିଏ ପଥର ଦେହରେ ତାଟିଆ ଥାଳି ଖୋଳା ଯାଇଛି ଦୁଇ ପାର୍ଶ୍ୱରେ ମଝିରେ କେନାଲ ପରି ପାଣିର ବ୍ୟବସ୍ଥା । ସତରେ ମଥାନତ ହେଇଗଲା ସେ ସମୟର ସ୍ଥାପତ୍ୟ, ବ୍ୟବସ୍ଥା ଏବଂ ବୁଦ୍ଧିମତା






ନିକଟରେ ପଥର ପଠାଇବା ପାଇଁ ପଥର ଦେହରେ ଧାଡ଼ି ଧାଡ଼ି କିଣାକରି ସେଥିରେ ଚନ୍ଦନକାଠ ଭର୍ତ୍ତିକରି ପାଣି ଢଳା ଯାଉଥିଲା । ଧିରେ ଧିରେ ଚନ୍ଦନକାଠ ଫୁଲି ପଥର ଫଟେଇ ଦେଉଥିଲା । କି ସୁନ୍ଦର ଶୈଳୀ ସତରେ ।

କୃଷ୍ଣ ମନ୍ଦିରରେ ଥିବା ବାଳକୃଷ୍ଣଙ୍କ ମୂର୍ତ୍ତି ଓଡ଼ିଶାର ଉଦୟଗିରିରୁ ଆସିଥିଲା ବୋଲି ରମେଶ କହିଲେ । ହଜାର ରାମଚନ୍ଦ୍ର ମନ୍ଦିରର ସମଗ୍ର କାନ୍ଥରେ ରାମାୟଣର ଚିତ୍ର ପଥରରେ ଖୁବ୍ ସୁନ୍ଦର ଭାବରେ ଖୋଦେଇ ହେଇଛି । ବିଠଲ ମନ୍ଦିର ସାମ୍ନାରେ ଥିବା ପଥରର ରଥ ବର୍ତ୍ତମାନ ୫୦ଟଙ୍କା ନୋଟ୍‌ରେ ପ୍ରିଣ୍ଟ୍ ହେଉଛି । ଏହି ଚଳନ୍ତି ରଥଟି ସଂପୂର୍ଣ୍ଣ ପଥରରେ । ଏହାର ଚକ ମଧ୍ୟ ସଂପୂର୍ଣ୍ଣ ପଥରରେ । ଏହାର କାରୁକାର୍ଯ୍ୟ ମନୋମୁଗ୍ଧକର । ବିଏଲ ବା ବିଷ୍ଣୁ ମନ୍ଦିରରେ ବିଷ୍ଣୁଙ୍କର ବିଭିନ୍ନ ଅବତାର ଖୋଦିତ । ତତ୍‌ସହ ପ୍ରାୟ ସବୁ ମନ୍ଦିରରେ ନାରୀମାନେ ଯୁଦ୍ଧ କରିବା, ଶିକାର କରିବା, ଶୃଙ୍ଗାର କରିବା, ଭ୍ୟାନିଟି ଧରି ବାହାରକୁ ଯିବାର ଚିତ୍ର ସେ ସମୟର ନାରୀ ସ୍ୱାଧୀନତାକୁ ଦର୍ଶାଏ । ହମ୍ପିରେ ଏକାସାଙ୍ଗରେ ଏତେଗୁଡ଼ିଏ ମନ୍ଦିର ମୂର୍ତ୍ତି ଆଦି ଦେଖିବା ସେ ସମୟର ବ୍ୟବସ୍ଥା, ସ୍ଥାପତ୍ୟ ଆଦି ଦେଖି ଯେତିକି ଆଶ୍ଚର୍ଯ୍ୟ ଲାଗେ ତା'ଠୁ ବେଶୀ ଦୁଃଖ ଲାଗେ ତା'ର ଏ ଧ୍ୱଂସ ଲୀଳା ।

ହମ୍ପିରେ ପ୍ରାୟ ପ୍ରତ୍ୟେକ ଛୋଟ ବଡ଼ ହୋଟେଲରେ ଏବଂ ମୁଖ୍ୟତଃ ହମ୍ପି ଆଇଲାଣ୍ଡରେ ଅତ୍ୟାଧୁନିକତାର ବିଦେଶୀ ଜୀବନଶୈଳୀ ଦେଖିବାକୁ ମିଳେ ।

ବର୍ତ୍ତମାନ ସମଗ୍ର ହମ୍ପି ଏ.ଏସ.ଆଇ ଅଧୀନରେ । ପୁନରୁଦ୍ଧାର କାମ ଖୁବ୍ ଜୋର୍‌ରେ ଚାଲିଛି । ପ୍ରତ୍ୟେକ ଭାରତୀୟଙ୍କୁ ଜୀବଦ୍ଦଶାରେ ଥରେ ମୁସଲମାନ ଶାସକଙ୍କ ବର୍ବରତାରେ ସ୍ୱର୍ଣ୍ଣମୟ ହମ୍ପିର ଧ୍ୱଂସାବଶେଷକୁ ଦେଖିଆସିବା କଥା ।



# ହସେ ହଂସ ନାଚେ ହଂସିନୀ



# ସରସ୍ୱତୀ ବାହନ ହଂସ


## ଦେବଯାନୀ ରାୟ

ରାମଚନ୍ଦ୍ରପୁର ବଜାର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଛପାଖ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ଫୋନ:୯୪୩୭୪୧୩୩୧୪


ଫଟୋ ସୌଜନ୍ୟ : ଲେଖିକା

ଅନ୍ୟାନ୍ୟ ଧର୍ମ ତୁଳନାରେ ହିନ୍ଦୁ ଦେବତା ତ୍ରିମୂର୍ତ୍ତି ଦେବ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଏବଂ ତାଙ୍କର ସହଯୋଗୀ ଭାବରେ ଦେବୀ ସରସ୍ୱତୀ ପୁରାଣ ପ୍ରସିଦ୍ଧ । ସରସ୍ୱତୀଙ୍କ ବିନା ବ୍ରହ୍ମାଙ୍କର ବେଦ ସୃଷ୍ଟି ଅସାର । ତେଣୁ ସରସ୍ୱତୀଙ୍କ ଆକ୍ଷରିକ ଅର୍ଥ ହେଉଛି 'ସାର' ବା 'ମୂଳ' ଏବଂ 'ସ୍ୱାର' ଅର୍ଥ ହେଉଛି 'ଆତ୍ମା' । ସରସ୍ୱତୀଙ୍କୁ ତିନୋଟି ମୁଖୀ ନିୟମରେ ଜଣାଯାଏ, ଯଥା- ନଦୀ, ଭାଷଣ ବା ବାକ୍ୟ ଏବଂ ଦେବୀ । ବାକ୍‌ଦେବୀ ସରସ୍ୱତୀଙ୍କର ବାହନ ହେଉଛି ହଂସ ବା ମରାଳ । ହଂସ ଏକ ଆତ୍ମା ଧାରଣ ପକ୍ଷୀ, ଯାହା ସହିତ ହିନ୍ଦୁଶାସ୍ତ୍ର, ଉପନିଷଦ ଏବଂ ପୌରାଣିକ ଗାଥାବଳୀ ଓତଃପ୍ରୋତ ଭାବରେ ଜଡ଼ିତ । ହଂସ ପକ୍ଷୀ ସହିତ ଜୀବର ଜୀବନତତ୍ତ୍ୱର ଗୂଢ଼ ସାମଞ୍ଜସ୍ୟ ରହିଛି । ହିନ୍ଦୁଧର୍ମ ତଥା ଅନ୍ୟାନ୍ୟ କେତେକ ଧର୍ମରେ ପଶୁପକ୍ଷୀ ବୃକ୍ଷଲତାଙ୍କୁ ଈଶ୍ୱରଙ୍କ ପ୍ରତିରୂପ ଭାବେ ବିବେଚନା କରାଯାଇ ପୂଜାପୂଜି କରାଯାଇଥାଏ । ହଂସପକ୍ଷୀ ଜ୍ଞାନର ପ୍ରତୀକ ଅଟେ ।

ହାମ୍‌ସା କିମ୍ବା ହଂସ ହେଉଛି ଏକ ସୁନ୍ଦର ଜନଜାତୀୟ ପକ୍ଷୀ । ପ୍ରାଚୀନ ସଂସ୍କୃତି ଗ୍ରନ୍ଥରେ ପଣ୍ଡିତମାନେ ହଂସକୁ ଏକ ସ୍ଥାନାନ୍ତରିତ ପକ୍ଷୀ ଭାବରେ ଉଲ୍ଲେଖ କରିଛନ୍ତି । ଏହାର ଚିତ୍ରକୁ ଭାରତୀୟ ଏବଂ ଦକ୍ଷିଣପୂର୍ବ ଏସୀୟ ସଂସ୍କୃତିରେ ଆଧ୍ୟାତ୍ମିକ ପ୍ରତୀକ ଏବଂ ସାଜସଜ୍ଜା ସାମଗ୍ରୀ ବା ଉପାଦାନ ଭାବରେ ବ୍ୟବହୃତ କରାଯାଏ । କ୍ଷୀର ଏବଂ ଜଳର ମିଶ୍ରଣରୁ ଦୁଗ୍ଧ ବାହାର କରିବାର ପୌରାଣିକ କ୍ଷମତା ଏହିପକ୍ଷୀ ସହିତ ଏକ ସାଙ୍କେତିକ ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଆସିଛି । ହିନ୍ଦୁ ସଂସ୍କୃତିରେ ହାମସା ହେଉଛି, ବ୍ରହ୍ମା, ଗାୟତ୍ରୀ, ସରସ୍ୱତୀ ଏବଂ ବିଶ୍ୱକର୍ମାଙ୍କର ବାହନ । ଏସୀୟ ଭାଷା ପ୍ରଫେସର ମୋନିଅର ୱିଲିୟମ୍‌ସ୍ ଏହି ଶବ୍ଦକୁ (ହଂସ) ସଂସ୍କୃତିରୁ ଅନୁବାଦ କରିଛନ୍ତି । ଭାରତୀୟ ଦାର୍ଶନିକ ସାହିତ୍ୟରେ ହାମ୍‌ସା ହେଉଛି ବ୍ୟକ୍ତିଗତ ପ୍ରାଣ ବା ଆତ୍ମା ଯାହା ସୂର୍ଯ୍ୟକିରଣ ପରି ଧଳା ଓ ସ୍ୱଚ୍ଛ । ହଂସକୁ ସର୍ବ ଭାରତୀୟ ଗ୍ରନ୍ଥାବଳୀରେ 'ଆମା' ଓ 'ସର୍ବୋଚ୍ଚ ଆତ୍ମାର' ଆଖ୍ୟା ପ୍ରଦାନ କରାଯାଇଛି ।

ଭାରତର ସାଂସ୍କୃତିକ ଓ ପ୍ରାକୃତିକ ହ୍ରଦ ମନସା (ମାନସରୋବର) ହ୍ରଦକୁ ହଂସମାନଙ୍କର ପ୍ରକୃତ ବାସସ୍ଥାନ ଭାବରେ ବିବେଚନା କରାଯାଏ । ସୁଦୂର ତିବ୍‌ବତରୁ ଏହି ପକ୍ଷୀ ପ୍ରତି ବର୍ଷ ଶୀତଋତୁରେ ପାୟ ୧୦୦୦ ମାଇଲ୍ ସ୍ଥାନାନ୍ତରିତ ହୋଇଥାନ୍ତି । ଉତ୍ତର-ପଶ୍ଚିମ ଭାରତ ହଂସମାନଙ୍କ ପାଇଁ ଶୀତ ସ୍ଥାନାନ୍ତରଣ ଗୃହ ମଧ୍ୟରୁ ଅନ୍ୟତମ । କୋରିଆକୁ ମଧ୍ୟ ଶୀତ ସ୍ଥାନାନ୍ତରଣ ଗୃହ ଭାବରେ ମାନ୍ୟତା ଦିଆ ଯାଇଛି । ଆସାଦ୍ ରହମାନି ଏବଂ ଜାଫର୍-ଉଲ୍-ଇସ୍‌ଲାମ ସେମାନଙ୍କର ୨୦୦୯ ପୁସ୍ତକରେ ଭାରତର ତିନିପ୍ରକାର ହଂସକୁ ବର୍ଣ୍ଣନା କରିଛନ୍ତି । ମୁଖ୍ୟତଃ ସେମାନେ ପାକିସ୍ଥାନରେ ଦେଖା ଯାଆନ୍ତି କିନ୍ତୁ ଶୀତଋତୁରେ ଭାରତର ଉତ୍ତର-ପଶ୍ଚିମ ଦିଗରେ ମଧ୍ୟ ସେମାନେ ଶେଷ ପର୍ଯ୍ୟନ୍ତ ଦେଖା ଯାଇଥାନ୍ତି । ଓଡ଼ିଶାର ମୁଖ୍ୟ ହ୍ରଦ ଚିଲିକାକୁ ଶୀତଋତୁରେ ଅନେକ ପ୍ରକାରର ପକ୍ଷୀମାନଙ୍କ ସହିତ ହଂସମାନଙ୍କର ଆଗମନ ହୋଇଥାଏ । ସେଥିପାଇଁ କବିବର ରାଧାନାଥ ରାୟ ତାଙ୍କର 'ଚିଲିକା' ଖଣ୍ଡକାବ୍ୟରେ ଲେଖିଛନ୍ତି-

"ଉତ୍କଳା କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନିଳାମ୍ବୁ ଚିଲିକା



▶ ଲେଖିକା ଦେବଯାନୀ ରାୟ

ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳେ ଭୁବନେ ଶୋଭାର ଭଣ୍ଡାର ।"

ଏଠାରେ କବିବର ରାଧାନାଥ ରାୟ ଚିଲିକାକୁ 'ମରାଳମାଳିନୀ'ର ଆଖ୍ୟା ଦେଇଛନ୍ତି । ଏମିତି ବି ଓଡ଼ିଶାର ଅନେକ ଜାଗାରେ ଲୋକମାନେ ହଂସ ପାଳିବାକୁ ଭଲ ପାଇଥାନ୍ତି ।

## ବିବରଣୀ

ହଂସ ପକ୍ଷୀର ସୁନ୍ଦରତା ପାଇଁ ସେ ସର୍ବଦା ବହୁଚର୍ଚ୍ଚିତ । ପୁରାଣ ସାହିତ୍ୟରେ ହଂସର ଖାଦ୍ୟ ହୀରାମୋତି ବି ହୋଇଥାଏ ବୋଲି ବର୍ଣ୍ଣିତ ଅଛି । କିନ୍ତୁ ଏହା ଏକ କାଳ୍ପନିକ କଥା । ସାହିତ୍ୟରେ ଏହା ଏକ ଉପମା ଅଟେ । ବିଶ୍ୱରେ ହଂସର କୁଳବଂଶ ୭ପ୍ରକାରର ବୋଲି ଜଣାଯାଏ । ହଂସ ପକ୍ଷୀକୁ ପ୍ରବାସୀ କୁହାଯାଏ । ସାଉଦି ଆରବ, ୟୁରୋପ, ଅଷ୍ଟ୍ରେଲିଆରେ ଲୋକମାନେ ରାଜହଂସର ମାଂସକୁ ଖାଇଥାନ୍ତି । ଆମେରିକାରେ ସବୁଠାରୁ ବଡ଼ ହଂସ ଦେଖା ଯାଆନ୍ତି ଏବଂ ସେମାନେ ୨୪ବର୍ଷ ବଞ୍ଚିଥାନ୍ତି ବୋଲି କୁହାଯାଏ । ଭାରତୀୟ ପୁରାଣରେ ଏହି ହଂସ ପକ୍ଷୀକୁ ବିବେକୀ ପକ୍ଷୀ ଭାବରେ ବିବେଚନା କରାଯାଇଛି । ଏହି ବିବେକତା ପାଇଁ ସେ ନୀର-କ୍ଷୀର-ବିବେକର ପାର୍ଥକ୍ୟ ବୁଝି ପାରିଥାଏ । ଏହି ପକ୍ଷୀ ଅନ୍ୟ ପକ୍ଷୀମାନଙ୍କ ପରି ସାଥୀ ପରିବର୍ତ୍ତନ କରିନଥାଏ । ଏକ ପତି ବା ଏକ ପତ୍ନୀ ବ୍ରତ ଧାରଣ ପୂର୍ବକ ସେ ପ୍ରେମର ଗାଢ଼ତ୍ୱକୁ ମାନ୍ୟତା ଦେଇଥାଏ । ବେଳେବେଳେ ସାଥୀର ମୃତ୍ୟୁ ଘଟିଲେ ସେ ଅନ୍ୟ ଏକ ପକ୍ଷୀକୁ ସାଥୀ ଭାବେ ଗ୍ରହଣ କରିଥାଏ । ସେଥିପାଇଁ ଏହି ପକ୍ଷୀକୁ ପ୍ରେମ ଓ ପବିତ୍ରତାର ପ୍ରତୀକ ମନାଯାଏ । ନିଜର ଜୀବନସାଥୀକୁ ସେମାନେ ବହୁତ ଭଲ ପାଇଥାନ୍ତି । ହଂସ ଜଳରେ ରହୁଥିବା ଅନ୍ୟ ପକ୍ଷୀଙ୍କ ତୁଳନାରେ ଅପେକ୍ଷାକୃତ ବହୁତ ବଡ଼ ହୋଇଥାନ୍ତି ଏବଂ ଏମାନଙ୍କ ଶରୀରର ଓଜନ ମଧ୍ୟ ଅଧିକ ହୋଇଥାଏ । ଏହି ଉତ୍ତମ ଏବଂ ଦୁର୍ଲ୍ଲଭ ପକ୍ଷୀ ବର୍ତ୍ତମାନ ଲୋପ ପାଇବାକୁ ବସିଲେଣି ।

## ହଂସର ପ୍ରକାରଭେଦ

- ଧଳା ହଂସ ବ୍ୟତୀତ ଅଷ୍ଟ୍ରେଲିଆରେ କଳାହଂସ ମଧ୍ୟ ଦେଖିବାକୁ ମିଳିଥାନ୍ତି ।
- ହଂସ ଉଡୁଥିବା ପକ୍ଷୀମାନଙ୍କ ମଧ୍ୟରୁ ଅନ୍ୟତମ ଏମାନଙ୍କର ଓଜନ ୧୫ କିଲୋ ପର୍ଯ୍ୟନ୍ତ ହୋଇଥାଏ ।
- ଦୁଇହଂସ ଯୋଡ଼ିକୁ ପ୍ରେମର ପ୍ରତୀକ ମନାଯାଏ । କାରଣ ଏହି ପକ୍ଷୀ ନିଜର ଜୀବନ ସାଥୀକୁ ବହୁତ ଭଲ ପାଇବା ସହ ସାରା ଜୀବନ ସାଥୀ ହୋଇ ରହିଥାନ୍ତି ।
- ହଂସର ଭିନ୍ନ ପ୍ରଜାତି ବିଶ୍ୱର ସବୁଦେଶରେ ଦେଖାଯାଆନ୍ତି । କିନ୍ତୁ ଆଫ୍ରିକା ଓ ଆଣ୍ଟାର୍କଟିକାରେ ଏହି ପକ୍ଷୀ ଦେଖା ଯାଇନଥାନ୍ତି ।
- ହଂସ ପକ୍ଷୀ ବହୁତ ହିଁ ଶାନ୍ତ ସ୍ୱଭାବର ହୋଇଥାନ୍ତି । ଏମାନେ ପାଣିରେ ଧୀରେ ଧୀରେ ପହଁରିବା ସହ ଉଡ଼ିବା ବେଳେ ଘଣ୍ଟାକୁ ୬୦ ମିଲି ବେଗରେ ଉଡ଼ିଥାନ୍ତି । ଅନେକ ଗୁଡ଼ିଏ ହଂସ ଏକା ସଙ୍ଗରେ ଉଡ଼ିବା ବେଳେ ଗୋଟିଏ ଆକାରର ମଜା ନେଇଥାନ୍ତି ।



- ମାତା ହଂସ ଅଣ୍ଡା ଏବଂ ଛୁଆମାନଙ୍କ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥାଏ । ସେହି ସମୟରେ ନିଜ ପରିସର ମଧ୍ୟକୁ ଅନ୍ୟପକ୍ଷୀ କିମ୍ବା ଜୀବଜନ୍ତୁ ତଥା କୁକୁର ଇତ୍ୟାଦିଙ୍କ ପ୍ରବେଶକୁ ଆକ୍ରମଣାତ୍ମକ ଭାବରେ ବିରୋଧ କରିଥାଏ । ଏହି ସମୟରେ ସେମାନେ ଏକ ବଡ଼ ଶବ୍ଦ କରିଥାନ୍ତି ଯାହା ୧ କି.ମି. ପର୍ଯ୍ୟନ୍ତ ଶୁଭିଥାଏ ।
- ହଂସ ସର୍ବହାରୀ ପକ୍ଷୀମାନଙ୍କ ମଧ୍ୟରେ ସ୍ଥାନ ପାଇଅଛି । ହଂସ ଛୋଟ ଛୋଟ ଗଛ ପତ୍ର ଏବଂ ପୋକଯୋକ ଇତ୍ୟାଦି ଖାଇଥାଏ । କିନ୍ତୁ କେତେକଙ୍କ ମତରେ ଏମାନେ ସମ୍ପୂର୍ଣ୍ଣ ଶାକାହାରୀ ହୋଇଥାନ୍ତି । ଏକା ସଙ୍ଗରେ ହଂସର ୨୫ହଜାରରୁ ଅଧିକ ପର ମିଳିଥାଏ ।
- ହିନ୍ଦୁଧର୍ମରେ ହଂସକୁ ମାରିବା ଅର୍ଥ ପିତା ଗୁରୁଙ୍କୁ ମାରିବା ସମାନ ହୋଇଥାଏ । ତେଣୁ ଯିଏ ହଂସକୁ ମାରିଥାଏ, ତାକୁ ଏକ ବଡ଼ ପାପୀ ବୋଲି ଧରି ନିଆଯାଏ ।
- ହଂସମାନେ ବର୍ଷରେ ପ୍ରାୟ ୨ଥର ଅଣ୍ଡା ଦେଇଥାନ୍ତି । ଏମାନେ ଏକାଥରକେ ୩ ରୁ ୮ଟି ଅଣ୍ଡା ଦେଇଥାନ୍ତି । ଗୋଟେ ଥର ଅଣ୍ଡା ଦେଲା ପରେ ୧ କିମ୍ବା ୨ଦିନ ପରେ ପୁଣି ଥରେ ଦିଅନ୍ତି । ଏମିତି କରି ହଂସ ୩୦ର ୪୦ଟି ଅଣ୍ଡା ଦେଇଥାନ୍ତି । ୧୦ରୁ ୧୧ମାସ ପରେ ରାଜହଂସ ଅଣ୍ଡା ଦେବାକୁ ସକ୍ଷମ ହୋଇଥାନ୍ତି । ଉଭୟ ପୁରୁଷ ହଂସ ଏବଂ ମହିଳା ହଂସ ନିଜ ଅଣ୍ଡା ଏବଂ ଛୁଆମାନଙ୍କର ଯତ୍ନ ନିଅନ୍ତି । ମହିଳା ହଂସ ଅଣ୍ଡା ଉଷୁମାଇଥାଏ । ଏହି ପକ୍ଷୀର ମନେ ରଖିବା ଶକ୍ତି ବହୁ ପ୍ରଖର ଅଟେ ।
- ଯେକୌଣସି ତାପମାତ୍ରାରେ ହଂସପକ୍ଷୀ ରହିପାରନ୍ତି ଏବଂ ଏମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବହୁ ପ୍ରବଳ ଆଉ କୌଣସି ପ୍ରକାର ସଂକ୍ରମଣରେ ଏମାନେ ଏତେ ଶୀଘ୍ର ସଂକ୍ରମିତ ହୁଅନ୍ତି ନାହିଁ ।
- ଏମାନେ ୧୨ରୁ ୧୫ ବର୍ଷ ବୟସ ଜୀବନ ଧାରଣ କରିଥାନ୍ତି । ପୁରୁଷ ହଂସର ଆକାର ମହିଳା ହଂସର ଆକାର ଠାରୁ ବହୁତ ବଡ଼ ଏବଂ ଓଜନ ମଧ୍ୟ ଅଧିକ ହୋଇଥାଏ । ମାତା ହଂସ ପୁରା ଜୀବନକାଳ ଅଣ୍ଡା ଦେବାକୁ ସକ୍ଷମ ହୋଇଥାଏ ।

## ହଂସର ପ୍ରଜାତି

ପୁରୁଷ ହଂସକୁ କୋବ୍ ଏବଂ ମହିଳା ହଂସକୁ କଲମ (ପେନ୍) କୁହା ଯାଉଥିବା ବେଳେ ଯୁବକମାନଙ୍କୁ ସ୍ୱିପେଟ୍ (ସିଗ୍ନାଲ୍) କୁହାଯାଇଥାଏ ।



ବିଶ୍ୱବ୍ୟାପି ହଂସଗୁଡ଼ିକ ୭ ପ୍ରକାର ଅଟନ୍ତି । ତନ୍ମଧ୍ୟରୁ ଟ୍ରମ୍ପେଟର, ଓ୍ୱିପରହୋର୍ଣ୍ଣ ତୁନ୍ଦ୍ରାହଂସ, କଳାହଂସ, କଳାବେକ ହଂସ, କଳାଥଣ୍ଟ ହଂସ ହୁପର ହଂସ, ମ୍ୟୁଟ୍ ହଂସ ଅନ୍ୟତମ ।

ଏମାନେ ପ୍ରାୟତଃ ଆନଟିଡାଏ ଫ୍ୟାମିଲିର ଅଂଶୀଦାର ଅଟନ୍ତି । ଯଦିଓ ହଂସ ସିଗ୍ନସ୍ ବଂଶରେ ବିଭକ୍ତ, ସେହି କାରଣରୁ ସ୍ଥାନାନ୍ତରିତ ହଂସମାନଙ୍କୁ ମାଇଗ୍ରେଟ୍ କୁହାଯାଏ ।

## ଟ୍ରମ୍ପେଟିର୍ ସ୍ୱାନ୍ (Trumpater Swan)

ଉତ୍ତର ଆମେରିକାରେ ମିଳୁଥିବା ଏହି ହଂସ ଏକ ବୃହତ୍ତମ ପ୍ରଜାତିର ପକ୍ଷୀ । ଯାହାର ଡେଣା ୧୮୫ରୁ ୨୫୦ସେଣ୍ଟି ମିଟର । ଏହା ଆନାଟିଡାଏ ବଂଶର ଅନ୍ତର୍ଭୁକ୍ତ ।

## ତୁନ୍ଦ୍ରା ସ୍ୱାନ୍ (Tundra Swan)

ତୁନ୍ଦ୍ରା ହଂସ ହେଉଛି ହୋଲିଟ୍ରିକର ଏକ ଛୋଟ ହଂସ । ଏହା ମଧ୍ୟରେ ଥିବା ଦୁଇଟି ଟାକ୍ସା ସାଧାରଣତଃ ଷଡ଼ଯନ୍ତ୍ରକାରୀ ଭାବରେ ପରିଗଣିତ ହୁଏ । କିନ୍ତୁ ଏହା ବେଳେବେଳେ ଦୁଇଟି ପ୍ରଜାତିରେ ମଧ୍ୟ ବିଭକ୍ତ ହୋଇଥାଏ । ଯଥା:

୧. ପାଲେୟାରଟ୍ରିକ ବେଓ୍ୱିକଂସ୍ ସ୍ୱାନ୍
୨. ନାର୍କଟିକ୍ସର ହ୍ୱିସିଲ୍ ସ୍ୱାନ୍

## ବ୍ଲାକ୍ ସ୍ୱାନ୍


କୃଷ୍ଣସାର ହଂସ ବା କଳାହଂସ ହେଉଛି ଏକ ବଡ଼ ୱାଟର୍ ବାର୍ଡ଼ । ଏହି ପକ୍ଷୀ ଅଷ୍ଟ୍ରେଲିଆର ଦକ୍ଷିଣପୂର୍ବ ଏବଂ ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ପ୍ରଜନନ କରିଥାଏ । ଏହି ବୃହଦାକାୟ ପକ୍ଷୀ ମୁଖ୍ୟତଃ କଳାରଙ୍ଗର ଏବଂ ଏହାର ଲାଲ୍ ଥଣ୍ଟ ବା ଚଞ୍ଚୁ ରହିଛି । ଏହି ପକ୍ଷୀ ଆନାଟିଡାଏ ପରିବାରର ସଦସ୍ୟ ।

## ହୁପର୍ ସ୍ୱାନ୍

ହୁପର୍ ସ୍ୱାନ୍ ଯାହାକୁ ସାଧାରଣ ହଂସ ମଧ୍ୟ କୁହାଯାଏ । ଏହା ଏକ ବୃହତ୍ ଗୋଲାର୍ଦ୍ଧ ହଂସ ଯିଏକି ଉତ୍ତର ଆମେରିକୀୟ ଟ୍ରମ୍ପେଟର ହଂସର ଇଉରାସିଆନ୍ ପ୍ରତିପକ୍ଷ ଏବଂ ଆନାଟିଡାଏ ଓ ସିଗ୍ନିସ୍ ବଂଶର ଏକ ପ୍ରଜାତି ଅଟେ ।

## ଅଷ୍ଟ୍ରେଲିଆନ୍ ଗୁଲ୍‌ବିଜ୍

ଚଥମ ଦ୍ୱୀପପୁଞ୍ଜ ଏବଂ ନ୍ୟୁଜିଲାଣ୍ଡର ଦକ୍ଷିଣ ଦ୍ୱୀପରେ ଏହା ଏକ ବିଲୁପ୍ତ ସ୍ୱଦେଶୀ ହଂସ । ଏହାର ବୈଜ୍ଞାନିକ ନାମ- ଚେନୋପିସ୍ ।





ହିନ୍ଦୁ ଅଭିମତରେ ହିନ୍ଦୁପୁରାଣ ଉପନ୍ୟାସ ତଥା ଭାରତୀୟ ଗ୍ରନ୍ଥ ରାମାୟଣ, ସ୍କନ୍ଦ ପୁରାଣ, ପଦ୍ମପୁରାଣ ଇତ୍ୟାଦିରେ କେ.ଏନ୍.ଡେଭ୍ କହିଛନ୍ତି ଯେ, ହଂସର, ବିଭିନ୍ନ ପ୍ରଜାତି ବିଶେଷ ଭାବରେ ଭାରତରେ ଦେଖା ଯାଉଥିବା ହଂସର ପ୍ରଜାତିଗୁଡ଼ିକ ହେଲା: ମହାହଂସ, କଳହଂସ, ରାଜହଂସ ଇତ୍ୟାଦି । ଭାରତର ଅଜନ୍ତା ଗୁମ୍ଫାରେ ହଂସମାନଙ୍କର ଚିତ୍ର ଚିତ୍ରିତ ଅଛି ।

ସମସ୍ତ ସାତୋଟି ବିସ୍ଫୋରିତ ହଂସ ପ୍ରଜାତି ଗୁଡ଼ିକ ସିଗ୍ନସ୍ ବଂଶ ଗୋଷ୍ଠୀଭୁକ୍ତ । ସିଗ୍ନସ୍ ପ୍ରଜାତି ଗୁଡ଼ିକ ମଧ୍ୟରୁ ତିନିଗୋଟି ପ୍ରଜାତି ଭାରତୀୟ ମହାଦେଶମାନଙ୍କରେ ଦେଖା ଯାଆନ୍ତି । ସେଗୁଡ଼ିକ ଯଥାକ୍ରମେ: ୧- ମ୍ୟୁଟ୍ ସ୍ୱାନ, ୨- ତୁନ୍ଦ୍ରା ସ୍ୱାନ୍, ୩- ହୁପର ସ୍ୱାନ୍ ।

## ମ୍ୟୁଟ୍ ସ୍ୱାନ୍ ବା ମହାହଂସ:

ମ୍ୟୁଟସ୍ୱାନ୍ ବା ମହାହଂସ ପଶ୍ଚିମ ଏବଂ ମଧ୍ୟ ଏସିଆ ଓ ୟୁରୋପର କିଛି ଅଂଶରେ ପ୍ରଜନନ କରନ୍ତି । ଶୀତ ଋତୁରେ ମଧ୍ୟପୂର୍ବ, ଦକ୍ଷିଣ ୟୁରୋପ କେନ୍ଦ୍ରିୟ ଏବଂ ପୂର୍ବଚୀନ୍ ଏବଂ ଭାରତୀୟ ଉପମହାଦେଶରେ ଦେଖା ଯାଆନ୍ତି । ଇଣ୍ଟରନ୍ୟାସନାଲ୍ ୟୁନିଅନ ଫର୍ କନ୍‌ଭେର୍ସନ୍ ଅଫ୍ ପ୍ରକୃତି (IUCN) ଏହାକୁ LC ବା ସର୍ବନିମ୍ନ ଭାବରେ ତାଲିକାଭୁକ୍ତ କରିଛି । ଏହି ପ୍ରଜାତି ମନୋଟାଇପିକ୍ ଅଟନ୍ତି ।

## ତୁନ୍ଦ୍ରାସ୍ୱାନ୍ ବା ହଂସ

ତୁନ୍ଦ୍ରାସ୍ୱାନ ଉତ୍ତର ଏବଂ ଉତ୍ତରପୂର୍ବ ଏସିଆ ଏବଂ ଉତ୍ତର ଆମେରିକାର ଉତ୍ତର ଭକାଗରେ ପ୍ରଜନନ କରିଥାଏ । ଶୀତକାଳରେ ଏହା ପୂର୍ବ ପଶ୍ଚିମ ୟୁରୋପ ପୂର୍ବ ଏବଂ ଦକ୍ଷିଣ ପୂର୍ବ ଚୀନ୍ ଏବଂ ଦକ୍ଷିଣ ପଶ୍ଚିମ, ଉତ୍ତର ଆମେରିକା ଏବଂ ଭାରତୀୟ ଉପମହାଦେଶରେ ଦେଖା ଯାଆନ୍ତି । ଇଣ୍ଟରନ୍ୟାସନାଲ ୟୁନିଅନ ଫର୍ କନ୍‌ଭେର୍ସନ ଅଫ ପ୍ରକୃତି (IUCN) ଏହାକୁ ସର୍ବନିମ୍ନ (LC) ଭାବରେ ତାଲିକାଭୁକ୍ତ କରିଅଛି । ଏହି ପକ୍ଷୀ ପଲିଟାପିକ୍ ଏବଂ କଲମ୍ବି ଆନସ୍ ପ୍ରଜାତି ଅନ୍ତର୍ଭୁକ୍ତ ।

## ହୁପର୍ ସ୍ୱାନ୍ ବା ସାଧାରଣ ହଂସ

ହୁପର୍ ସ୍ୱାନ୍ ଉତ୍ତର ଆର୍କଟିକ୍ ଏବଂ ସବାର୍କଟିକ୍ ଏସିଆ ୟୁରୋପର ପ୍ରଜନନ କରନ୍ତି । ଶୀତକାଳରେ ଏମାନେ ମଧ୍ୟ ପୂର୍ବ ଦକ୍ଷିଣ ଏବଂ ପଶ୍ଚିମ ୟୁରୋପ ପୂର୍ବଚୀନ ଜାପାନ ଓ ଉତ୍ତର କୋରିଆ ଏବଂ ଭାରତୀୟ ଉପମହାଦେଶରେ ଦେଖିବାକୁ ମିଳନ୍ତି । ଇଣ୍ଟରନ୍ୟାସନାଲ ୟୁନିଅନ ଫର୍ କନ୍‌ଭେର୍ସନ ଅଫ୍ ପ୍ରକୃତି (IUCN) ସିଗ୍ନସ୍ ସାଇଗସ୍ ପ୍ରଜାତିକୁ ସର୍ବନିମ୍ନ (LC) ତାଲିକାଭୁକ୍ତ କରେ । ଏହା ମେବୋଟାଇପିକ୍ ପ୍ରଜାତିର ଅଟନ୍ତି । ଲମ୍ୱା ପତଳା ଇଂରାଜୀ ଅକ୍ଷର S ଆକୃତିର ବେକ ଏବଂ ଅପେକ୍ଷାକୃତ ଛୋଟ ମୁଣ୍ଡ ସହିତ ହଂସ ବୃହଦାକାୟ ଜଳାଶୟ ମଧ୍ୟରେ ବାସ କରିପାରନ୍ତି । ସେମାନଙ୍କ ଲମ୍ୱା ଡେଣା ପାଇଁ ସେମାନେ ଉତ୍କୃଷ୍ଟ ଉଡ଼ାଳି ଭାବରେ ପରିଚିତ । ତାଙ୍କର ୱେବ୍ (ଜାଲ) ପାଦ ପାଇଁ ସେମାନେ ଭଲ ସନ୍ତରଣକାରୀ ଭାବରେ

ବିଶ୍ୱବିଖ୍ୟାତ । ହଂସର ପ୍ରଶସ୍ତ ଏବଂ ଚଉଡ଼ା ଥଣ୍ଟ ରହିଛି ।

## ପୌରାଣିକ ମତ

ହାମ୍‌ସା କିମ୍ବା ହଂସ ଭାରତୀୟ ପୁରାଣର ଏକ ଅଂଶ । ହଂସ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଭକ୍ତ ଉଦ୍ଧବଙ୍କୁ ଜୀବନର ଗୂଢ଼ ତତ୍ତ୍ୱକୁ ବୁଝାଇଛନ୍ତି । ଆର୍ଯ୍ୟନା ହଂସ ହିମାଳୟର ମାନସରୋବରରେ ବାସ କରନ୍ତି ବୋଲି ହିନ୍ଦୁ ମହାକାବ୍ୟ ରାମାୟଣରେ ଉଲ୍ଲେଖ କରାଯାଇଛି । ହଂସ, ନଳ ଓ ଦମୟନ୍ତୀଙ୍କର ପୌରାଣିକ ପ୍ରେମ କାହାଣୀର ଏକ ଅଂଶ, ଯେଉଁଠାରେ ଏହା ଦୁଇ ଅପରିଚିତ ବ୍ୟକ୍ତିଙ୍କ ମଧ୍ୟରେ କାହାଣୀ, ଐତିହାସିକ ସୂଚନା ଏବଂ ବାର୍ତ୍ତା ବହନ କରିଥାଏ । ନନ୍ଦିତା କୃଷ୍ଣଙ୍କ କହିବା ଅନୁଯାୟୀ ଉତ୍ତର ଭାରତୀୟ ପରମ୍ପରାରେ ହଂସକୁ ଜ୍ଞାନର ପୌରାଣିକ ପ୍ରତୀକ ଭାବରେ ସର୍ବୋତ୍ତମ ପରିଚିତ କରାଯାଇଛି । ହଂସର ଉଡ଼ାଣ ମୋକ୍ଷର ପ୍ରତୀକ ଓ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି । ଜୀବର ପୁନର୍ଜନ୍ମ 'ସମସାରା' ନାମରେ ଜଣାଶୁଣା । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମନୁଷ୍ୟର ନିଃଶ୍ୱାସରେ 'ହା', ଶ୍ୱାସରେ 'ସା' ଓ 'ନା' ଆସିଥାଏ । ସେଥିପାଇଁ ମନୁଷ୍ୟର ନିଃଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟା ସହିତ ହଂସକୁ ତୁଳନା କରାଯାଏ ।

## ବୌଦ୍ଧ ଧର୍ମ ମତରେ

ଶାକ୍ୟମୁନି ବୁଦ୍ଧଙ୍କ ପ୍ରତିଛବି ସହିତ ଗାନ୍ଧାର କଳାରେ ହଂସର ଚିତ୍ର ବହୁଳ ଭାବରେ ବ୍ୟବହୃତ ହୋଇଛି । ଗାନ୍ଧାରାଣ ପ୍ରସଙ୍ଗରେ ନନ୍ଦିତା କୃଷ୍ଣ ଏହି ପକ୍ଷୀକୁ ହଂସ ଭାବରେ ଅନୁବାଦ କରିଛନ୍ତି । ପବିତ୍ର ବୌଦ୍ଧ ଧର୍ମରେ ହଂସକୁ ଜ୍ଞାନର ପ୍ରତୀକ ଭାବରେ ବିବେଚନା କରାଯାଏ । ତିବ୍‌ବତୀୟ ଭିକ୍ଷୁମାନେ ତାଙ୍କ ସଂସ୍କୃତିରେ ହଂସକୁ ପବିତ୍ର ପକ୍ଷୀ ଭାବରେ ଗ୍ରହଣ କରିଥିଲେ ।

## ପରମହଂସ ଉପନିଷଦ

ପରମହଂସ ବା ପରମହାମସା ଏକ ସଂସ୍କୃତ ଶବ୍ଦ ଯାହାକୁ ସର୍ବୋଚ୍ଚ ହଂସ ଭାବରେ ଅନୁବାଦ କରାଯାଇଛି । ସଂସ୍କୃତ ଶବ୍ଦ 'ପରମା' ଅର୍ଥ ହେଉଛି ସର୍ବୋଚ୍ଚ ଏବଂ 'ହାମସାର' ଅର୍ଥ 'ହଂସ' । ପରମ ହେଉଛି ପରମେଶ୍ୱର ଅର୍ଥାତ୍ ଭଗବାନଙ୍କର ଅନ୍ୟ ନାମ । ହିନ୍ଦୁ ପରମ୍ପରାରେ ଶୃଙ୍ଖଳା ଦୃଢ଼ତା ଅନୁଗ୍ରହ ଏବଂ ସୌନ୍ଦର୍ଯ୍ୟର ଗୁଣ ପାଇଁ ହଂସମାନଙ୍କୁ ଉଲ୍ଲେଖ କରାଯାଇଛି । ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ବର୍ଣ୍ଣିତ 'ଯୋଗୀଙ୍କ ଆତ୍ମଜୀବନୀ'ରେ ସେ ଦର୍ଶାଇଛନ୍ତି 'ହାନା' ଶବ୍ଦର ଅର୍ଥ 'ହଂସ' । ଜଳ ଓ କ୍ଷୀରର ମିଶ୍ରଣରୁ କ୍ଷୀରକୁ ଅଲଗା କରିପାରୁଥିବା ଶକ୍ତିଶାଳୀ ପକ୍ଷୀ ମନୁଷ୍ୟ ତଥା ଜୀବର ନିଃଶ୍ୱାସ ପ୍ରଶ୍ୱାସ ସହିତ ଏକ ସ୍ପନ୍ଦନ ସଂଯୋଗ ଧାରଣ କରିଥାଏ । ଏହିପରି ଜୀବ (ମନୁଷ୍ୟ) ଅଜ୍ଞାତରେ ତାଙ୍କ ସତ୍ତାର ସତ୍ୟତା ପ୍ରମାଣ କରେ ।

'ଆହାମ' ଏବଂ 'ସା' ଶବ୍ଦଗୁଡ଼ିକ 'ହାମସା' ହେବା ପାଇଁ ଯୋଡ଼ି ହୋଇଛି । 'ଆହାର' ଅର୍ଥ 'ମୁଁ' ଏବଂ 'ସା' ଅର୍ଥ ସେ । ଏକତ୍ର ଅର୍ଥ ହେଉଛି 'ମୁଁ' ଜୀବନ୍ତ ଆତ୍ମା ଏବଂ ସେ ପରମାତ୍ମା ବା ସର୍ବୋଚ୍ଚ ପ୍ରାଣକୁ ଦର୍ଶାଏ । ଆହାମ୍‌ରୁ ଅହମ୍‌କାର ବା ଅହଂକାର ଉତ୍ପନ୍ନ । ହିନ୍ଦୁଧର୍ମ ବିଶ୍ୱାସ ରହିଛି ଈଶ୍ୱର ସର୍ବଦା ପଶୁପକ୍ଷୀଙ୍କ ଜରିଆରେ ଅବତାର ଗ୍ରହଣ କରିଥାନ୍ତି । ପରମହଂସ ଉପନିଷଦ ଅନୁଯାୟୀ ଯୋଗୀଙ୍କୁ ପରମହଂସ ଆଖ୍ୟା ଦିଆ ଯାଇଥାଏ । ଯେଉଁମାନେ ନିଜର ସୁନାମ ଦୁର୍ନାମ ବା ବଡ଼ନାମ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ଛଳନା, ହିଂସା, ଈର୍ଷା, ପରଶ୍ରୀକାତର, ମାୟା, ମୋହ ଇତ୍ୟାଦି ସମସ୍ତ ମାନବୀୟ ଦୁର୍ବଳତା ଠାରୁ ଏମାନେ ବହୁ ଦୂରରେ ରହିଥାନ୍ତି । ନିଜ ଶରୀରକୁ ସେମାନେ ଏକ ଶବ ସଦୃଶ ଦେଖିଥାନ୍ତି । ବ୍ରହ୍ମକୁ ହୃଦୟଙ୍ଗମ କରି ସେ ତାଙ୍କର ଜୀବନଯାପନ କରିଥାନ୍ତି । ପରମହଂସ ଉପନିଷଦ ଯିଏକି ଜ୍ଞାନର କର୍ମକର୍ତ୍ତା ଅଟନ୍ତି । ଯିଏ ଯନ୍ତ୍ରଣାକୁ ଭୟ କରନ୍ତି ନାହିଁ କି ଭୋଗର ଇଚ୍ଛା ରଖନ୍ତି ନାହିଁ । ସେ ପ୍ରେମକୁ ପରିତ୍ୟାଗ କରିଥାନ୍ତି । ସେମାନେ କୌଣସି ସୁଖଦ କିମ୍ବା ଅପ୍ରୀତିକର ଘଟଣା ସହିତ ସଂପୃକ୍ତ ନଥାନ୍ତି । ଘୃଣା କି ଆନନ୍ଦ ତାଙ୍କ ପକ୍ଷରେ କୌଣସି ମାନେ ରଖେ ନାହିଁ । ଜ୍ଞାନ ସହିତ ତାଙ୍କର ଆତ୍ମା ଦୃଢ଼ ଭାବରେ ନିବଦ୍ଧ ବା ସ୍ଥିର ଥାଏ । ସୁ-ପ୍ରତିଷ୍ଠିତ ଆଧ୍ୟାତ୍ମିକ ଗୁରୁମାନେ ଅନେକ ପଦ ପାଇଥାନ୍ତି । ଯେପରିକି, ଅଭିରାମ ପରମହଂସ, ଚନ୍ଦ୍ରଧ୍ୱଜ ପରମ ହଂସଦେବ, ପରମହଂସ ଶ୍ରୀ ଗଜାନନ ମହାରାଜ, ପରମହଂସ ବିଶ୍ୱାନନ୍ଦ, ପରମହଂସ ହରିହର ନନ୍ଦ, ପରମହଂସ ପ୍ରଜାନନ ନନ୍ଦ, ପରମହଂସ ହରିହର ନନ୍ଦ, ପରମହଂସ ପ୍ରଜାନନନନ୍ଦ, ପରମହଂସ ନିତ୍ୟାନନ୍ଦ, ରାମକୃଷ୍ଣ ପରମହଂସ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଆଦି ସନ୍ଥ ମହାପୁରୁଷ ।

## କେଉଁଠାରେ କିପରି ନାମ

ହାମସା ବା ହଂସ ଶବ୍ଦଟି ଲାଟିନ୍ (h) anser ଗ୍ରୀକ୍ ଭାଷାରେ xnv ଜର୍ମାନ୍ Gans ଇଂଲିଶ୍ 'goose' ସ୍ପାନିସ୍ gunso ଏବଂ ରୁଷିଆ 'ryeb' । ପକ୍ଷୀମାନଙ୍କର ନାମକରଣ ସେମାନଙ୍କର ଡାକ, ରଙ୍ଗ, ଅଭ୍ୟାସ, ଗତି, ଖାଇବା ପଦ୍ଧତି କିମ୍ବା ଅନ୍ୟାନ୍ୟ ପର୍ଯ୍ୟବେକ୍ଷଣ ଗୁଣ ଉପରେ ଆଧାରିତ ଥାଏ । ଓଡ଼ିଶାର ପକ୍ଷୀ ବିଶେଷଜ୍ଞ ତଥା 'Birds of Odisha'ର ଲେଖକ **ଶ୍ରୀ ପ୍ରମୋଦ ଧଳ**ଙ୍କ ଅନୁଯାୟୀ ଓଡ଼ିଶା ତଥା ଭାରତରେ ଦେଖା ଯାଉଥିବା ଦୁଇ ପ୍ରଜାତିର ଗୁଜ୍ (ହଂସ) ୧- ଗ୍ରେ ଲ୍ୟାଗ୍ ଗିଜ୍ ୨- ବାର ହେଡେଡ୍ ଗୁଜ୍ ଉପରେ ସେ ବିଶେଷ ଆଲୋକପାତ କରିଛନ୍ତି ।


## ଗ୍ରେଲ୍ୟାଗ୍ ଗିଜ୍ (Grey Lag Goose)

ଗ୍ରେଲ୍ୟାଗ୍ ଗିଜ୍ ହେଉଛି ଆନସର ବଂଶର ଧୂସର ଗିଜ୍ ମଧ୍ୟରୁ ସବୁଠାରୁ ବଡ଼ । ଏହାର ଏକ ଘୂର୍ଣ୍ଣନ ଭାରୀ ଶରୀର, ମୋଟା ଏବଂ ଲମ୍ବା ବେକ, ବଡ଼ମୁଣ୍ଡ ସହ ଗୋଲାପୀ ଗୋଡ଼ ଏବଂ ପାଦ, କମଳା ରଙ୍ଗର ଥଣ୍ଟ ରହିଛି । ୪୧.୨ରୁ ୪୮ ସେଣ୍ଟିମିଟର (୨୯ରୁ ୩୬ ଇଞ୍ଚ) ଏହାର ଓଜନ ୨.୧୬ରୁ ୪.୫୬ କିଲୋଗ୍ରାମ ସହିତ ହାରାହାରି ଓଜନ ୩.୩ କିଲୋଗ୍ରାମ । ପୁରୁଷମାନେ ସାଧାରଣତଃ ମହିଳାମାନଙ୍କ ଅପେକ୍ଷା ବଡ଼ ଅଟନ୍ତି ଏବଂ ପୂର୍ବ ସବୁ ପ୍ରଜାତି ରୁବିରୋଷ୍ଟ୍ରିସଜିମ୍ ନାମାଙ୍କିତ ଉପପ୍ରଜାତି ଅଟନ୍ତି ।

ଗ୍ରେଲ୍ୟାଗ୍ ସ୍ୱାନ୍‌ର ଗାଢ଼ ଧୂସର ଓ ବାଦାମୀ ରଙ୍ଗର ମୁଣ୍ଡ ଏବଂ କଳାଦାଗଯୁକ୍ତ ପେଟ ସହିତ ଏହାର ଉପର ପରଗୁଡ଼ିକ ହାଲ୍‌କା ଧଳାରେଖାଯୁକ୍ତ ହୋଇଥାଏ ଏବଂ ଭିତରର ରଙ୍ଗ ଉଡ଼ିବା ସମୟରେ ଦେଖା ଯାଇଥାଏ । କିଶୋରମାନଙ୍କ ଠାରେ ଏହା ଦେଖାଯାଇ ନଥାଏ ।

## ବାର୍‌ହେଡେଡ୍ ଗୁଜ୍ : (Bar headed Goose)

ବାର୍ ହେଡେଡ୍ ଏପରି ଏକ ହଂସ ଯିଏ ମଧ୍ୟ ଏସିଆ ଦକ୍ଷିଣ ଏସିଆର ପାର୍ବତ୍ୟ ହ୍ରଦ ନିକଟରେ ହଜାରେରୁ ଉର୍ଦ୍ଧ୍ୱ ଉପନିବେଶରେ ପ୍ରଜନନ କରେ । ଏମାନେ ଏକାଥରକେ ୩ରୁ ୮ ଅଣ୍ଡା ଦେଇଥାନ୍ତି । ବାର୍‌ହେଡେଡ୍ ହଂସ ସମ୍ଭବତଃ ଭାରତୀୟ ପୁରାଣର ହାନ୍‌ସା ହୋଇଥିବା ବେଳେ ହାମସା ସାଧାରଣ ହଂସ । ଏମାନେ କ୍ଷୁଦ୍ର ଘାସ ଉପରେ ଥାନ୍ତି । ଏହି ପ୍ରଜାତି ହିମାଳୟ ପାରିହେବା ପୂର୍ବରୁ ତିବ୍‌ବତ, କାଜାଖାସ୍ତାନ, ମଙ୍ଗୋଲିଆ ଏବଂ ରୁଷ୍‌ରୁ ଦକ୍ଷିଣକୁ ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି । ମେଡ଼ିକାଲ ସାଇନ୍ସରେ ଏହା ଅତ୍ୟାଧିକ ସଂକ୍ରମିତ ହଂସ ପକ୍ଷୀ ଭାବେ ପରିଚିତ । ବାର୍‌ହେଡେଡ୍ ଗୁଜ୍ ହେଉଛି ପୃଥିବୀର ସବୁଠାରୁ ଉଚ୍ଚରେ ଉଡୁଥିବା ପକ୍ଷୀମାନଙ୍କ ମଧ୍ୟରୁ ଅନ୍ୟତମ । ପୃଥିବୀର ସର୍ବୋଚ୍ଚ ପଞ୍ଚମ ପର୍ବତ ମାକାଲୁ ୮, ୪୮୧ ମିଟର (୨୭.୮୨୫ଫୁଟ) ଏବଂ ଏଭେରେଷ୍ଟ ପର୍ବତରେ ୮.୮୪୮ ମିଟର (୨୯.୦୨୯ଫୁଟ୍‌ରେ)ଉଡ଼ିବାର ଶୁଣାଯାଇଥାଏ । ତଥାପି ଏହି ତଥ୍ୟର କୌଣସି ପ୍ରାମାଣିକ ସତ୍ୟତା ନାହିଁ । ବାରହେଡେଡ୍ ପକ୍ଷୀ ହାଲକା ବାଦାମୀ ରଙ୍ଗର ଏବଂ ଏହାର ମୁଣ୍ଡରେ ଥିବା କଳାରେଖା ଦ୍ୱାରା ଅନସର ବଂଶର ଅନ୍ୟ ଧୂସର ଗିଜ୍‌ମାନଙ୍କ ତୁଳନାରେ ଏହା ଅଧିକ ପତଳା ଲାଗେ । ଏହାର ସମୁଦାୟ ଲମ୍ୱ ୭୧ରୁ ୭୬ ସେମି (୨୮ରୁ ୩୦ଇଞ୍ଚ) ଏବଂ ଓଜନ ୧.୮୭ ରୁ ୩.୨ କିଲୋଗ୍ରାମ୍ ହୋଇଥାଏ ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



# କେତକୀ କିଆ
## ବାସ୍ନା କିମିଆ

# କିଆ କେତକୀର କଥା

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ,
ପ୍ଲଟ୍ ନଂ ୨୩୬, କଟକ ରୋଡ, ଲକ୍ଷ୍ମୀସାଗର,
ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା

ଫୁଲ ଆମ ଜୀବନରେ ବିଶେଷ ମହତ୍ତ୍ୱ ରଖେ । ସେଥିପାଇଁ ସେ ସମସ୍ତ ସୃଷ୍ଟିର ସୌନ୍ଦର୍ଯ୍ୟକୁ ସତେ ଯେମିତି ନିଜ ଭିତରେ ପରିପୁଷ୍ଟ କରିଥାଏ । ଯେତେବେଳେ ଫୁଲ ଗଛରେ ଫୁଟିଥାଏ, ତାର ସୌନ୍ଦର୍ଯ୍ୟ, ରଙ୍ଗ, ମହକ ବଗିଚାକୁ ସୁଶୋଭିତ କରିଥାଏ । ଯେତେବେଳେ ଆମେ ତାକୁ ତୋଳିଆଣି ମାଳା ଗୁନ୍ଥି ଦେଉ, ସେ ଭଗବାନଙ୍କୁ ଅର୍ପିତ ହୋଇଯାଏ । ଯେତେବେଳେ ଫୁଲଟିଏ ନିଜ ପ୍ରିୟ ତଥା ପ୍ରିୟତମାକୁ ଦିଆଯାଏ, ତାହା ହୃଦୟର ପ୍ରେମ ଭାବକୁ ପ୍ରକଟ କରିଥାଏ । ସଭାମଞ୍ଚରେ ପ୍ରଦାନ କଲେ ସେ ଶୁଭେଚ୍ଛା ବା ସ୍ୱାଗତର ସମ୍ମାନ ହୋଇଯାଏ । ଶବ ଉପରେ ସମର୍ପଣ କଲେ ତାହା ଶ୍ରଦ୍ଧାଞ୍ଜଳି ହୋଇଯାଏ, ଈଶ୍ୱରଙ୍କ ପ୍ରତିମାରୁ ଖସି ପଡ଼ିଲେ ତାହା ଆଶୀର୍ବାଦ ହୋଇଯାଏ, ସାଜସଜ୍ଜାରେ ବ୍ୟବହାର କଲେ ଫୁଲ ପ୍ରସନ୍ନତା ବଢ଼ାଇଥାଏ । ତେଣୁ ଫୁଲ ସବୁବେଳେ ଆମର ଭାବକୁ ପ୍ରକଟ କରେ, ପ୍ରସନ୍ନତା ବଢ଼ାଏ, ବିଶ୍ୱାସକୁ ଦୃଢ କରେ, ଜୀବନକୁ ଆନନ୍ଦମୟ ବାତାବରଣ ଦେବା ସହିତ ମାନସିକ ସନ୍ତୋଷ ଭରିଦେଇଥାଏ । ଅନେକ ସ୍ଥାନରେ ଫୁଲମାନଙ୍କର ରାଜା କୁହାଯାଉଥିବା ସେଭଳି ଏକ ଫୁଲ ହେଉଛି 'କେତକୀ ଫୁଲ' । କେତକୀ କେବଳ ମନମୋହକ ବା ସୁଗନ୍ଧିତ ଫୁଲ ନୁହେଁ, ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ ହୋଇଥାଏ । ତେବେ ଆସନ୍ତୁ ଜାଣିବା କିଆକେତକୀ ବିଷୟରେ ଜାଣିବା କଥା ।

## କେତକୀର ପରିଚୟ

କେତକୀ ଏକ କୋମଳ, ସୁଗନ୍ଧମୟ ଫୁଲ, ଯାହା ଦେଖିବାକୁ ସ୍ୱତନ୍ତ୍ର ଏକ ଝାଡ ପରି । ଏହାର ପତ୍ରଗୁଡ଼ିକ ବା ପାଖୁଡାଗୁଡ଼ିକ ଲମ୍ବା, ମୁନିଆ, ଚେପ୍‌ଟା, କୋମଳ ଏବଂ ଖୁବ୍ ଚିକ୍କଣ । ପାଖୁଡାର ପିଠି ଉପରେ ଓ ଧାରରେ ଛୋଟ ଛୋଟ କଣ୍ଟା ଥାଏ । ଏହି ଫୁଲ ଦୁଇପ୍ରକାର ହୋଇଥାଏ । ଧଳା ରଙ୍ଗର ଫୁଲକୁ 'କିଆ' ଓ ଈଷତ ହଳଦିଆ ରଙ୍ଗର ଫୁଲକୁ 'ସୁବର୍ଣ୍ଣ କେତକୀ' ବା 'କେତକୀ' କୁହାଯାଏ । ଜାନୁଆରୀ ଓ ଫେବୃୟାରୀ ସମୟରେ ଏହି ଫୁଲ ଫୁଟିଥାଏ ଓ ଜୁନ୍ ସମୟରେ କିଆ ଫୁଲ ଫୁଟିଥାଏ । ଏହି କେତକୀ ଫୁଲ ଗଙ୍ଗାନଦୀର ସୁନ୍ଦରବନ ଡେଲ୍‌ଟାରେ ବହୁମାତ୍ରାରେ ଦେଖାଯାଏ । କେତକୀ ଗଛର ଉଚ୍ଚତା ୪ ମିଟରରୁ ୧୨ ମିଟର ପର୍ଯ୍ୟନ୍ତ ହୋଇଥାଏ, ଏହାର ପତ୍ର ୪୦-୭୦ ସେ.ମି. ପର୍ଯ୍ୟନ୍ତ ଲମ୍ବା, ସବୁଜ ରଙ୍ଗର ହୋଇଥାଏ । ପତ୍ରଗୁଡ଼ିକ ତଲୁଆର୍ ଭଳି ସିଧାସିଧା ଓ ଗୁଚ୍ଛ ଆକାରରେ ରହିଥାଏ । କେତକୀର ସୁଗନ୍ଧ ଅତି ମନମୋହକ ହୋଇଥିବାରୁ ଏହାକୁ ପରଫ୍ୟୁମ୍, ଧୂପ, ପ୍ରସାଧନ ସାମଗ୍ରୀରେ ଉପଯୋଗ କରାଯାଇଥାଏ । ସାଉଥ୍ ଏସିଆ, ଦକ୍ଷିଣ ଭାରତ, ପୋଲିନୀଶିୟା, ବର୍ମା ଏବଂ ଫିଲିପାଇନ୍ସ ଆଦି ଦେଶରେ ବହୁ ମାତ୍ରାରେ ଓ ଆମ ଓଡ଼ିଶାର ପ୍ରାୟ ସବୁ ସ୍ଥାନରେ ସବୁ ଜଳବାୟୁରେ କିଆ, କେତକୀକୁ ଦେଖିବାକୁ ମିଳେ । ଏହା ଏତେ ପତ୍ର ଆଚ୍ଛାଦିତ ଥାଏ ଯେ ଫୁଲ ଦେଖାଯାଏ ନାହିଁ, ଏହାର ସୁଗନ୍ଧକୁ ବାରି ଫୁଲ ପାଖରେ ପହଞ୍ଚି ହୁଏ । ଏହି ଫୁଲରୁ ଏକ ସୁଗନ୍ଧିତ ଜଳ ପ୍ରସ୍ତୁତ କରାଯାଏ, ଯାହାକୁ 'କେଓ୍ୱଡାଜଲ୍' କୁହାଯାଏ ଓ ଏହାକୁ ଖାଦ୍ୟରେ ମିଶାଯାଇ ଖାଦ୍ୟକୁ ବାସ୍ନାୟିତ କରାଯାଏ ।

## କେତକୀର ବିଭିନ୍ନ ନାମ

କେତକୀକୁ ବିଭିନ୍ନ ସ୍ଥାନରେ ବା ବିଭିନ୍ନ ଭାଷାରେ ଅନେକ ନାମରେ ଜାଣିଥାନ୍ତି ଯଥା: ସଂସ୍କୃତରେ – 'ସୂଚୀକା, ସୂଚୀପୁଷ୍ପା, ଧୂଳିପୁଷ୍ପିକା, ନୃପପ୍ରିୟା, ସୁଗନ୍ଧା, ତ୍ରିନାଶୂନ୍ୟା, କେତକୀ, କମ୍ବୁକା, କରତରୂଣ, ଲଲିନାକା, କ୍ରାକଚତବାଚା, ସୁବର୍ଣ୍ଣା, ଦୀର୍ଘପତ୍ରା, ଚାମର ପୁଷ୍ପା, ସତିପୁଷ୍ପ, କଣ୍ଟଦଳ ଓ ସ୍ଥିରଗନ୍ଧା', ତେଲୁଗୁରେ- 'ଗୋଜଙ୍ଗୀ, ଉଇ କେଉରା, ମୋଗଲୀ ଚେଟ୍ଟୁ', ଇଂରାଜୀରେ- ସ୍କୃପାଇନ୍, ବଙ୍ଗଳାରେ – କେୟା, କେତକୀ, ଗୁଜୁରାଟରେ- କେଉଡ଼ା, କନ୍ନଡରେ- କେଦଗେ, ମରାଠୀରେ- କେଉଡା, ତାମିଲ୍‌ରେ- 'ଜବନାନା ଚେଦି, କେଦଗୟୀ, କେଦଗୀ', ଲାଟିନ୍‌ରେ- ପେଣ୍ଡେନସ୍ ଓଡୋରା ଟିସିନସ୍, ପାର୍ସୀରେ- କରଂଜ, ଆରବୀରେ – କରଂଦ, ଅଲକାଦୀ, ମାଲାୟଲମ୍‌ରେ- 'କେତକୀ, ପୁକ, କୈଥା (ଗଛ), ଥାଜମସ୍ପୁ (ଫୁଲ) ଓ ଓଡ଼ିଆରେ ଏହାକୁ ଦୁଇଟି ନାମରେ ଜାଣିଥାନ୍ତି । ଧଳାରଙ୍ଗର ଫୁଲ (ପୁରୁଷ ଫୁଲ)କୁ 'କିଆ' ଓ ହଳଦିଆ ରଙ୍ଗର ଫୁଲ (ସ୍ତ୍ରୀ ଫୁଲ)କୁ 'କେତକୀ' କହିଥାନ୍ତି । ହିନ୍ଦୀରେ – 'କେଉଡା, କେତକୀ, ଗନ୍ଧପୁଷ୍ପ' ଆଦି କୁହାଯାଇଥାଏ ।

## ପୌରାଣିକ କଥାରେ କେତକୀ

ହିନ୍ଦୁ ଧର୍ମରେ ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ଫୁଲର ବଡ଼ ମହତ୍ତ୍ୱ ରହିଛି । ଯଦିଓ ସମସ୍ତ ଧଳା ରଙ୍ଗର ଫୁଲ ମହାଦେବଙ୍କ ପ୍ରିୟ ହୋଇଥାଏ, କିନ୍ତୁ କେତକୀକୁ ମହାଦେବ ପସନ୍ଦ କରନ୍ତି ନାହିଁ । ଅତି ମଧୁର ସୁଗନ୍ଧଯୁକ୍ତ ହୋଇଥିବା ସତ୍ତ୍ୱେ କେତକୀ ମହାଦେବଙ୍କ ପୂଜାରେ ଲାଗେନାହିଁ । ଶିବ ପୁରାଣ ଅନୁସାରେ ଏକଦା ମହାଦେବଙ୍କ ସାଧନା ସ୍ଥଳରେ ଏକ ବିରାଟ ଶିବଲିଙ୍ଗ ପ୍ରକଟ ହେଲେ ।



▶ ଲେଖିକା ଶ୍ୱେତା ରାଉତ

ବ୍ରହ୍ମା ଓ ଶ୍ରୀ ବିଷ୍ଣୁଙ୍କ ମଧ୍ୟରେ ବିବାଦ ପଡ଼ିଥିଲା ଶ୍ରେଷ୍ଠ କିଏ ବୋଲି । ଦୁହିଁଙ୍କ ଶ୍ରେଷ୍ଠତାର ସମାଧାନ ଶିବଶଙ୍କରଙ୍କୁ କରିବାକୁ ପଡ଼ିଲା । ତେଣୁ ମହାଦେବ ଉକ୍ତ ଜ୍ୟୋତିର୍ଲିଙ୍ଗର ଆଦି-ଅନ୍ତ ଯିଏ କହି ଦେଇପାରିବ ସେ ଶ୍ରେଷ୍ଠ ବିବେଚିତ ହେବ ବୋଲି ଦୁହିଁଙ୍କୁ କହିଲେ । ଶିବଙ୍କ କଥାରେ ଖୁସି ହୋଇ ବ୍ରହ୍ମଦେବ ଜ୍ୟୋତିର୍ଲିଙ୍ଗର ଆରମ୍ଭ ଖୋଜିବା ପାଇଁ ତଳକୁ ତଳକୁ ଚାଲିଲେ ଏବଂ ଶ୍ରୀବିଷ୍ଣୁ ଉପରକୁ ଉପରକୁ ଲିଙ୍ଗର ଅନ୍ତ ଖୋଜିବାକୁ ଚାଲିଲେ । ଅନେକ ବାଟ ଯିବା ପରେ ଶ୍ରୀ ବିଷ୍ଣୁ ବୁଝି ପାରିଲେ ଯେ ମହାଦେବଙ୍କର ଆଦି ଅନ୍ତ ନାହିଁ, ତେଣୁ ସେ ନ ଖୋଜି ପୁନଃ ଫେରି ଆସି ଶିବଙ୍କ  ନିକଟରେ ସମର୍ପଣ କଲେ, "ପ୍ରଭୁ ତୁମର କୌଣସି ଆଦି-ଅନ୍ତ ନାହିଁ, ମୁଁ ଖୋଜିବି କୋଉଠି, ତୁମେ ସର୍ବ ବିଦ୍ୟମାନ ଦେବାଦିଦେବ ମହାଦେବ ।" ବିଷ୍ଣୁଙ୍କ କଥାରେ ଖୁସି ହୋଇ ଶିବ ଅଳ୍ପ ହସିଦେଲେ । ବ୍ରହ୍ମଦେବ କିନ୍ତୁ ହାରିବାକୁ ପ୍ରସ୍ତୁତ ନଥିଲେ, ଅନେକ ଆଡ଼େ ଖୋଜିଖୋଜି ଲିଙ୍ଗର କୌଣସି ସନ୍ଧାନ ନପାଇବାରୁ ସେ ମିଛର ଆଶ୍ରା ନେଇ ଶ୍ରେଷ୍ଠ ବିବେଚିତ ହେବେ ବୋଲି ମନସ୍ଥ କଲେ ଓ ଲିଙ୍ଗର ସନ୍ଧାନ ପାଇଗଲେ ବୋଲି ସାକ୍ଷୀ ଦେବା ପାଇଁ 'କେତକୀ ଫୁଲ'କୁ ରାଜି କରାଇ ଦେଇଥିଲେ । ବ୍ରହ୍ମା ଯେତେବେଳେ ଶିବଙ୍କୁ ଆଦିଅନ୍ତ  (ଜ୍ୟୋତିର୍ଲିଙ୍ଗ)ର ଠିକଣା ପାଇଗଲେ ବୋଲି କହିଲେ, ମହାଦେବ ବ୍ରହ୍ମାଙ୍କ କଥାକୁ କେମିତି ବିଶ୍ୱାସ କରିବେ ବୋଲି ପାଲଟା ପ୍ରଶ୍ନ ପଚାରିଲେ । ବ୍ରହ୍ମା ନିଜ ସଫେଇରେ ସାକ୍ଷୀ ଦେବା ପାଇଁ କେତକୀକୁ କହିଲେ ଓ କେତକୀ ମହାଦେବଙ୍କୁ ସାକ୍ଷୀ ଦେଇ କହିଲା ଯେ ବ୍ରହ୍ମା ଆଦି ଅନ୍ତର ଠିକଣା ପାଇବାର ସେ ନିଜେ ଦେଖିଛି । କେତକୀର ମିଛ ଶୁଣିବା ପରେ ମହାଦେବ କ୍ରୋଧିତ ହୋଇ କେତକୀକୁ ଅଭିଶାପ ଦେଲେ: "ଯେତେ ମନମୋହକ ହେଲେ ସୁଦ୍ଧା କେତକୀ ତୁ ମୋ ପୂଜାରେ କେବେ ଲାଗିବୁ ନାହିଁ ।" ମୁଁ ହିଁ ଆଦି, ମୁଁ ହିଁ ଅନ୍ତ, ମୋ'ଠୁ ଜାତ ସକଳ ସୃଷ୍ଟି, ବ୍ରହ୍ମା, ବିଷ୍ଣୁ ଏବଂ ଏ ଜ୍ୟୋତିର୍ଲିଙ୍ଗ ମୋର ହିଁ ସ୍ୱରୂପ କହି ମହାଦେବ ବ୍ରହ୍ମା ଓ ବିଷ୍ଣୁଙ୍କ ବିବାଦର ସମାଧାନ କଲେ । ବ୍ରହ୍ମଦେବ ନିଜର ତ୍ରୁଟି ପାଇଁ କ୍ଷମା ମାଗିଲେ ଓ ଜ୍ୟୋତିର୍ଲିଙ୍ଗର ଆରାଧନା କଲେ । କିନ୍ତୁ କେତକୀ ଅଭିଶାପ ପାଇ ଖୁବ୍ ଅନୁତାପ କଲା ଓ ବିଷ୍ଣୁଙ୍କୁ ନିଜ ପଶ୍ଚାତାପ ଜଣାଇଲା ।

କେତକୀ ଏକ ଗନ୍ଧର୍ବ କନ୍ୟା । ସେ ମହାଦେବଙ୍କୁ ପତିରୂପେ ପାଇବାକୁ ଅନେକ ତପସ୍ୟା କରିଥିଲା । କିନ୍ତୁ ମହାଦେବ ସତ୍ୟନିଷ୍ଠ ଓ ଏକ ପତ୍ନୀବ୍ରତ ଥିଲେ, ତେଣୁ ସେ ଗାନ୍ଧର୍ବୀ କେତକୀକୁ ନିଜର ପତ୍ନୀ ରୂପେ ଗ୍ରହଣ କରିବାକୁ ମନା କରିଦେଲେ । କେତକୀ ତଥାପି ମହାଦେବଙ୍କ ତପସ୍ୟାରେ ଲୀନ ଥିଲା । ମହାଦେବଙ୍କ ନିକଟରେ ବ୍ରହ୍ମାଙ୍କ ସପକ୍ଷରେ ମିଛ ସାକ୍ଷୀ ଦେଇ ଅଭିଶାପ ପାଇବା ପରେ କେତକୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା । କେତକୀର ଦୁଃଖ ଓ ପଶ୍ଚାତାପ ଦେଖି ଶ୍ରୀ ବିଷ୍ଣୁ, ମହାଦେବଙ୍କୁ ଗୁହାରୀ କଲେ କେତକୀକୁ କ୍ଷମା କରିଦେବା ପାଇଁ ଏବଂ ମହାଦେବ ଶ୍ରୀବିଷ୍ଣୁଙ୍କ ମାନ ରଖିବା ପାଇଁ କହିଲେ, "ଦେଇଥିବା ଅଭିଶାପ ମୁଁ ଫେରାଇ ପାରିବି ନାହିଁ, କିନ୍ତୁ ବର୍ଷରେ କେବଳ ଗୋଟିଏ ଦିନ ମୁଁ କେତକୀକୁ ଶୀରରେ ଧାରଣ କରିବାକୁ ବରଦାନ ଦେଉଛି । ଶିବରାତ୍ରୀ ବା ଜାଗର ଦିନ କେତକୀ ମୋ ପୂଜାରେ ଲାଗି ପାରିବ । ସେହି ଦିନଠୁ ସମଗ୍ର ସୃଷ୍ଟିରେ କେହି କେତକୀକୁ ମହାଦେବଙ୍କୁ ଅର୍ପଣ କରନ୍ତି ନାହିଁ, କେବଳ ଜାଗର ଦିନ ହିଁ ଅର୍ପଣ କରିଥାନ୍ତି ।

## କେତକୀର ରାସାୟନିକ ଓ ଉପଯୋଗ

କିଆ ଓ କେତକୀ ଫୁଲରେ ତେଲ ପ୍ରସ୍ତୁତ ପାଇଁ ମୁଖ୍ୟ ତତ୍ତ୍ୱ ଭାବେ ବିଟା ଫେନିଲେଥାଇଲ୍ ଆଲ୍‌କହଲର ମିଥାଇଲ୍ ରହିଛି । ତେଲରେ ଡାଇଟରପିନ୍ ଡି-ଲିନାଲୁଲ୍, ଫେନିଲଏଥିଲ ଏସିଟେଟ୍ ସିଟ୍ରଲ, ଫେନିଲଥାଇଲ୍ ଆଲକହଲ, ଫ୍ୟାଟି ଏସିଡ୍, କେଥୋଲିକ୍ ଏସିଡ୍‌ର ଏଷ୍ଟର ଏବଂ ଷ୍ଟିୟରୋପ୍ଟିନ୍ ମଧ୍ୟ ରହିଥାଏ । କେତକୀ ପତ୍ରରେ ରହିଥାଏ ଥେପାଇପରିଡୀନ୍ ଏଲ୍କାଲାଇଡ୍ । କେତକୀ ଫୁଲ ଅନେକ ଆୟୁର୍ବେଦ ଔଷଧରେ ବ୍ୟବହାର କରା ଯାଇଥାଏ । ଆୟୁର୍ବେଦରେ ଏକ ତୈଳ ଅଛି 'ନିର୍ଗୁଣ୍ଡ୍ୟାଡି ତୈଳ' ଯାହାକି ନାକ, କାନ, ଗଳା ରୋଗ ପାଇଁ ବ୍ୟବହାର କରାଯାଏ । ଅନ୍ୟ ଏକ ଔଷଧି ରହିଛି 'ତ୍ରିଫଳାଦି ତୈଳ' ଯାହାକୁ ମୁଣ୍ଡବ୍ୟଥା, କେଶ ଝଡ଼ିବା ବା ବାହ୍ୟ ଉପଚାର ପାଇଁ ବ୍ୟବହାର କରାଯାଏ । ଆୟୁର୍ବେଦ ବିଜ୍ଞାନ ଅନୁସାରେ କେତକୀ, ବିଷ ନାଶକ, କାମୋଦ୍ଦୀପନ ହୋଇଥାଏ, ଏହା ସୌନ୍ଦର୍ଯ୍ୟ ବଢାଇବାରେ ସାହାଯ୍ୟ କରେ । କେତକୀର ଜଡକୁ ଘୋରି ସେଥିରେ ଚିନି ଓ ଗାଈ କ୍ଷୀର ମିଶାଇ ସେବନ କଲେ ରକ୍ତପ୍ରଦର





ଦୂର ହୋଇଥାଏ । ହୃଦୟକୁ ଓ ମସ୍ତିଷ୍କକୁ କେତକୀ ଶକ୍ତି ଦିଏ ଓ ରକ୍ତ ପରିଷ୍କାର ରଖିବାକୁ ସାହାଯ୍ୟ କରେ । ଏହାର କେଶରକୁ ମୁଣ୍ଡବିନ୍ଧା ବାତ ଓ କାନ ଦରଜ ପାଇଁ ବ୍ୟବହାର କରାଯାଏ । କେତକୀର ପାଖୁଡାକୁ ବଳି ବିଡ଼ି ଭଳି କରି ପିଇଲେ ଗଳାର ସବୁ ରୋଗ ଦୂର ହୋଇଥାଏ । କେଉଡା ବା କେତକୀର ତେଲକୁ କମର ବା ଅଣ୍ଟା ଦରଜ ପାଇଁ ବ୍ୟବହାର କରାଯାଇଥାଏ । କେତକୀର ରସ ୪୦-୬୦ ମିଲିଲି ମାତ୍ରାନୁସାରେ ଜ୍ୱରରେ ପୀଡିତ ରୋଗୀକୁ ପିଆଇଲେ ଦେହରୁ ଝାଳ ବାହାରିଥାଏ ଓ ଜ୍ୱର କମିଯାଏ । କୁଣ୍ଡିଆ ବା ଅନ୍ୟ ଚର୍ମରୋଗ ହୋଇଥିଲେ କିଆ ପତ୍ରକୁ ବାଟି ଲେପ ଦେଲେ ଉପଶମ ମିଳେ । ମାଇଗ୍ରେନ୍ ବା ଅତ୍ୟଧିକ ଗରମରୁ ମୁଣ୍ଡ ବଥା ହେଉଥିଲେ କିଆକୁ ପାଣି ଓ ଧଳା ଚନ୍ଦନ ସହିତ ଘୋରି ଏକ ପାତ୍ରରେ ରଖି କପଡ଼ା ସାହାଯ୍ୟରେ ବାନ୍ଧି ଶୁଙ୍ଘିଲେ ମୁଣ୍ଡବଥା ଦୂର ହୋଇଥାଏ । କେତକୀ ରସ (୨୦ ମିଲିଲି)କୁ ଗରମ କରି ସେଥିରେ ଚିନି ମିଶାଇ ପିଇଲେ ପ୍ରମେହ ରୋଗ ନଷ୍ଟ ହୋଇଥାଏ । କିଆର ଶୁଖିଲା ଚେରକୁ ଛୋଟ ଛୋଟ ଖଣ୍ଡ କରି ଏକ ମାଟି ହାଣ୍ଡିରେ ଭରି ଦିଆଯାଏ ଓ ଢାଙ୍କୁଣୀ ଦ୍ୱାରା ଚାରିକଡ଼ ଚକଟା ଅଟା ଦେଇ ବନ୍ଦ କରି ଦିଆଯାଏ । ଏହି ଚେରଭର୍ତ୍ତୀ ହାଣ୍ଡିକୁ ଚୁଲି ଉପରେ ରଖି ଜଳାଯାଏ ଓ ଚେରଗୁଡ଼ିକ ପାଉଁଶ ହୋଇଯାଏ । ଏହି ପାଉଁଶ ସହିତ ଚାରିଗୁଣ ପାଣି ମିଶାଇ ଗୋଳାଇ ୨୪ ଘଣ୍ଟା ପାଇଁ ରଖିଦିଆଯାଏ । ୨୪ଘଣ୍ଟା ପରେ ପାଉଁଶ ତଳ ସ୍ତରକୁ ଚାଲିଯାଏ ଓ ପାଣି ସ୍ୱଚ୍ଛ ହୋଇଥାଏ । ଏହି ପାଣିକୁ ଛାଣି ଗରମ କରି କିଆର କ୍ଷାର ୧ ଗ୍ରାମ, ସୋଡା ବାୟୋକାର୍ବ ୧ ଗ୍ରାମ ଓ କୂଟ ବା କଞ୍ଚାଫଳ ମିଶାଇ (୧ ଗ୍ରାମ) ୪୮ ଗ୍ରାମ୍ ତିଳ ତେଲ ସହିତ ମିଶାଇ ରଖାଯାଏ ଓ ଏହାକୁ ଅଳ୍ପମାତ୍ରାରେ ସେବନ କଲେ ବାୟୁ ରୋଗ ବା ରକ୍ତ ପଶିବା କମ୍ ହୋଇଥାଏ । କିଆଗଛ କ୍ୟାନସର ଓ ମୂତ୍ରରୋଗରୁ ଉପଶମ ଦେଇଥାଏ । କିଆ ବା କେତକୀ ବିଶେଷକରି ଆୟୁର୍ବେଦ ଔଷଧି ପାଇଁ ଉପଯୋଗ ହୋଇଥାଏ ।



### ମୋହମ୍ମଦ ନଗର ଓ କେତକୀ ଫୁଲ

ସମଗ୍ର ଭାରତ ବର୍ଷରେ କେତକୀ ଯଦିଓ ପରିଚିତ କିନ୍ତୁ ସବୁଆଡ଼େ ଦେଖିବାକୁ ମିଳିନଥାଏ । ଆମେ ଯେଉଁ ପ୍ରକାର କେତକୀକୁ ସର୍ବତ୍ର ଦେଖିବାକୁ ପାଉ ତାହା କେତକୀର ପୁରୁଷ ଫୁଲ, ଯାହାକୁ 'କିଆ' କୁହାଯାଏ । କିଆ ଓଡ଼ିଶାରେ ସର୍ବତ୍ର ଦେଖିବାକୁ ମିଳେ ଏବଂ ଶ୍ରାବଣ ଓ ଭାଦ୍ରବ ମାସରେ ଅଧିକ ଫୁଟିଥାଏ । ଏହା ଖୁବ୍ ସୁଗନ୍ଧିତ ଓ କୋମଳ ପାଖୁଡା ଯୁକ୍ତ । କେତକୀ ଫୁଲ ଏକ ଦୁର୍ଲ୍ଲଭ ଫୁଲ ଯାହା 'ମୋହମ୍ମଦନଗର'ର 'ମେହେନ୍ଦି' ବଗିଚାରେ ହିଁ ଦେଖିବାକୁ ମିଳିଥାଏ । ଐତିହାସିକ ସହର ମୋହମ୍ମଦ ନଗର କେତକୀ ଫୁଲ ପାଇଁ ପ୍ରସିଦ୍ଧ । ମୌସୁମୀ ସମୟରେ କେତକୀ ମେ ଓ ଜୁନ୍ ମାସରେ ସୂର୍ଯ୍ୟକିରଣର ଉତ୍ତାପ ସହିତ ସମଗ୍ର ବାୟୁମଣ୍ଡଳକୁ ଆକର୍ଷଣୀୟ ସୁଗନ୍ଧରେ ଭରି ଦେଇଥାଏ । ଉଦ୍ଭିଦ ବିଜ୍ଞାନୀମାନେ ଏହି ଦୁର୍ଲ୍ଲଭ ଫୁଲ କେତକୀ କେବଳ ମୋହମ୍ମଦ ନଗରରେ ପ୍ରଚୁର ମାତ୍ରାରେ ଫୁଟୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି । ସେଠାକାର ପୌରପାଳିକାଙ୍କ ଲେଖା ଯାଇଥିବା ରେକର୍ଡ ଅନୁସାରେ ନବାବ ମେହନ୍ଦି ଅଲ୍ଲୀ ୧୭୯୯-୧୮୭୦ ମଧ୍ୟରେ ଏକ ସୁନ୍ଦର ବଗିଚା ନିର୍ମାଣ କରିଥିଲେ । ତାଙ୍କ ନାମାନୁସାରେ ବଗିଚାର ନାମ ରଖା ଯାଇଥିଲା 'ମେହେନ୍ଦି ବାଗ' ।

## କେତକୀ ସମ୍ପର୍କରେ ଜାଣିବା କଥା :

(୧) କେତକୀର ଜଡ଼କୁ ତିଳ ତେଲରେ ପକାଇ ସଂଶୋଧନ କରାଯାଇଥାଏ ଏବଂ ଶରୀରର ବାହ୍ୟ ଅଂଶ ଯଥା: ଆଣ୍ଠୁ ଦରଜ, ମୁଣ୍ଡ ବଥା ପାଇଁ ବ୍ୟବହାର କରାଯାଏ ।

(୨) କେତକୀ ଫୁଲର କେଶରକୁ ତେଲରେ ପକାଇ ରଖାଯାଏ ଏବଂ ବାତ ମାରୁଥିବା ବ୍ୟକ୍ତିଙ୍କ ନାକପୁଡାରେ ଦୁଇ ବୁନ୍ଦା ପକାଇଦେଲେ ଠିକ୍ ହୋଇଯାଏ ।

(୩) କେତେକୀର ତେଲକୁ ନଡ଼ିଆ ତେଲରେ ମିଶାଇ ରଖାଯାଏ ଏବଂ ଏହି ମିଶ୍ରଣକୁ ମୁଣ୍ଡର ଖପୁରୀରେ ସଂକ୍ରମଣ ରୋକିବାକୁ, କେଶକୁ ଚମକଦାର କରିବାକୁ ଲଗାଯାଇଥାଏ ।

(୪) କେତକୀ ତେଲକୁ ହାଲୁକା ଉଷୁମ କରି କାନରେ ପକାଇଲେ, କାନର ଯନ୍ତ୍ରଣା ଦୂର ହୋଇଥାଏ ।

(୫) ଜ୍ୱର ବା ଶର୍ଦ୍ଦି ହୋଇଥିଲେ କେତକୀର ଜଡ଼ ସହିତ ଅରଖ କ୍ଷୀର ୩୦-୪୦ ମିଲିଲିଟର ମିଶାଇ ସେବନ କଲେ ଜ୍ୱର କମ୍ ହୋଇଥାଏ ।

(୬) କେତକୀର ଚେରକୁ କ୍ଷୀରରେ ଫୁଟାଇ ଗର୍ଭବତୀ ମହିଳା ପାନ କଲେ, ଗର୍ଭାଶୟର ମାଂଶପେଶୀଗୁଡ଼ିକ ମଜବୁତ୍ ହୋଇଥାଏ ଓ ଗର୍ଭପାତର ଆଶଙ୍କା ନଥାଏ ।

(୭) କେତକୀ ଚେରରୁ ପ୍ରସ୍ତୁତ ପେଷ୍ଟକୁ ତ୍ୱଚାରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦିଶେ ଏବଂ କଳା ଦାଗ ଦୂର ହୋଇଥାଏ ।

(୮) କେତକୀ ଚେରର ଚୂର୍ଣ୍ଣକୁ ୨-୩ ଗ୍ରାମ୍ ମାତ୍ରାନୁସାରେ ଗରମ ପାଣି ସହିତ ପିଇଲେ ମଧୁମେହ ରୋଗ ଦୂର ହୋଇଥାଏ ।





ମେହେନ୍ଦୀ ଅଲ୍ଲୀ କେଉଁଆଡୁ ମଗାଇ କେତକୀର ଗଛ ବଗିଚାରେ ରୋପଣ କରିଥିଲେ । ତା'ପରଠୁ ସେଠାରେ ବହୁମାତ୍ରାରେ କେତକୀ ଫୁଟିବାକୁ ଲାଗିଲା, ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ମୋହମ୍ମଦ ନଗର ନଗରପାଳିକାରେ କାର୍ଯ୍ୟରତ ଶିବନନ୍ଦନ ରସ୍ତୋଗୀଙ୍କ କହିବା ଅନୁସାରେ ଯଦିଓ ଅନ୍ୟ ସବୁଆଡ଼େ କେତକୀ ରୋପଣ କରାଯାଇଥିଲା, କିନ୍ତୁ କେବଳ 'ମେହନ୍ଦି ବାଗ୍'ରେ ହିଁ ଗଛ ଗୁଡ଼ିକ ବଞ୍ଚିଥିଲା ଓ ହୃଷ୍ଟପୁଷ୍ଟ ଭାବେ ବଢ଼ିବା ସହିତ ପ୍ରଚୁର ଫୁଲ ଫୁଟୁଥିଲା । ରସ୍ତୋଗୀଙ୍କ ଅନୁସାରେ ବ୍ରିଟିଶ୍ ଶାସନ ସମୟରେ ଯେତେବେଳେ ଏହି ବଗିଚାରେ ପ୍ରଥମ ଫୁଲ ଫୁଟୁଥିଲା, ତାକୁ ବ୍ରିଟିଶ୍ ସରକାରଙ୍କୁ ଉପହାର ସ୍ୱରୂପ ଦିଆଯାଉଥିଲା । ବହୁବର୍ଷ ଧରି ବ୍ରିଟିଶ୍‌ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିସ୍ୱରୂପ 'କେତକୀ' ପ୍ରଦାନ କରାଯାଉଥିଲା । ଗତ କିଛି ବର୍ଷ ହେବ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀଙ୍କୁ ଉପହାର ସ୍ୱରୂପ ଏହି କେତକୀ ଫୁଲ ଦିଆଯାଇ ଆସୁଛି । ବର୍ତ୍ତମାନ ଏହି କେତକୀ ବଗିଚାର ଦେଖାଶୁଣା ଦାୟିତ୍ୱ ସ୍ଥାନୀୟ ନଗରପାଳିକାଙ୍କ ହାତରେ ଦିଆ ଯାଇଛି ଏବଂ ସେଠାରେ ଚୌକିଦାର ନିଯୁକ୍ତ କରାଯାଇଛି । ସେହିଭଳି ପ୍ରଚୁର କେତକୀ ଫୁଟୁଥିବା ସ୍ଥାନ ହେଉଛି ଓଡ଼ିଶାର 'ଗଞ୍ଜାମ' ଜିଲ୍ଲା । ଯେଉଁଠି କେତକୀକୁ ବ୍ୟବସାୟ ଭିତ୍ତିକ ଚାଷ କରାଯାଇଥାଏ ।

## ଗଞ୍ଜାମର କିଆ କେତକୀ

ସମଗ୍ର ଭାରତବର୍ଷରେ ଯଦିଓ କିଆ କେତକୀ ଫୁଲ ଦେଖିବାକୁ ମିଳେ, ଆମ ଓଡ଼ିଶାରେ ଏହା ୯୦% ଆମଦାନୀ ହୋଇଥାଏ । ଭାରତ ସରକାରଙ୍କ ଦ୍ୱାରା ଜି.ଆଇ. ମାନ୍ୟତାପ୍ରାପ୍ତ (ଆବେଦନ ସଂଖ୍ୟା ୨୨୯) ସଂରକ୍ଷଣ ଓ ପଞ୍ଜିକରଣ ହୋଇଥିବା କେତକୀ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର ଏବଂ ଜଗନ୍ନାଥପୁର ଆଦି ସ୍ଥାନରେ ପ୍ରଚୁର ଉତ୍ପାଦନ କରାଯାଇଥାଏ । ସମଗ୍ର ଭାରତରେ କିଆରୁ ପ୍ରସ୍ତୁତ ହେଉଥିବା ତେଲ, ଅତର, ସାବୁନ୍, ଧୂପକାଠି ପାଇଁ ବଡ଼ ବଡ଼ କମ୍ପାନୀମାନେ ଗଞ୍ଜାମ ଉପରେ ନିର୍ଭର କରିଥାନ୍ତି । କେତକୀ, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳମାନଙ୍କରେ ଭଲ ଉର୍ବର ହୋଇଥାଏ । ଏକ ପରିପକ୍ୱ କିଆଗଛ ପାଖାପାଖି ୩୦- ୪୦ଟି ଫୁଲ ଫୁଟାଇଥାଏ । ବର୍ଷକୁ ତିନିଥର ଗ୍ରୀଷ୍ମ, ମୌସୁମୀ ଓ ଶୀତ ସମୟ ଋତୁ ଅନୁସାରେ ଏହା ଫୁଟେ । ମୌସୁମୀ ସମୟରେ ଅଧିକ ଫୁଲ ଫୁଟିଥାଏ । ପ୍ରତ୍ୟେକ ଉଦ୍ଭିଦର ଯେମିତି ପୁରୁଷ ଫୁଲ ଓ ସ୍ତ୍ରୀ ଫୁଲ ଥାଏ,ଏହାର ମଧ୍ୟ ସେମିତି ପୁରୁଷ ଫୁଲକୁ 'କିଆ' ଓ ସ୍ତ୍ରୀ ଫୁଲକୁ 'କେତକୀ' କୁହାଯାଏ । ପୁରୁଷ ଫୁଲ ବା କିଆ ଫୁଲକୁ ବୁକେ ବା ଫୁଲତୋଡା ପାଇଁ ବ୍ୟବହାର କରାଯାଏ । ଏହାର ରଙ୍ଗ ଧଳା ଓ ଲମ୍ବ ୧ ଫୁଟ ହୋଇଥାଏ । ସ୍ତ୍ରୀ ଫୁଲ ବା ମହିଳା ଫୁଲର ରଙ୍ଗ ଈଷତ୍ ହଳଦିଆ, ନରମ ପାଖୁଡାଯୁକ୍ତ ଓ ଅଧିକ ସୁଗନ୍ଧଯୁକ୍ତ ହୋଇଥାଏ । କିଆ ଫୁଲକୁ 'କେତକୀ ବିଫଳା' ଓ କେତକୀ ଫୁଲକୁ 'ସୁବର୍ଣ୍ଣ କେତକୀ' କୁହାଯାଏ । ସଂସ୍କୃତିରେ 'ମଦା ଫୁଲ' ବୋଲି ମଧ୍ୟ କୁହାଯାଏ । କିଆ ଫୁଲ କେଶରରୁ ତେଲ ପ୍ରସ୍ତୁତ କରାଯାଏ । ଆୟୁର୍ବେଦରେ ଏହାକୁ ଉତ୍ତେଜକ ଦ୍ରବ୍ୟ ଭାବେ ଏବଂ ଆଥ୍ରାଇଟସ୍‌ର ଚିକିତ୍ସା ପାଇଁ ବ୍ୟବହାର କରାଯାଏ । କିଆ ଫୁଲକୁ ଚନ୍ଦନ ତେଲରେ ମିଶାଯାଇ ଏକପ୍ରକାର ଅତର ପ୍ରସ୍ତୁତ କରାଯାଏ ଯାହା ଭାରତର ବହୁତ ଲୋକପ୍ରିୟ ଅଟେ । ଏହି ଅତରରେ ପ୍ରାୟ ୩-୫ ମିଲିଲି. କିଆ ରସଏବଂ ବାକି ଚନ୍ଦନ ତେଲ ରହିଥାଏ । ସୁବାସିତ ହାଇଡ୍ରୋସେଲ୍‌ରେ ୦.୦୨ ପ୍ରତିଶତ କିଆଫୁଲ ତେଲ ଯାହାକୁ ରସଗୋଲା, ରସ ମଲେଇ, ଗୁଲାବଜାମୁ ପରି ମିଠାଜାତୀୟ ଖାଦ୍ୟ, ସିରପ୍, ଥଣ୍ଡାପାନୀୟ ଏବଂ ବିରିୟାନୀରେ ବ୍ୟବହାର କରାଯାଏ, ଏହାକୁ 'କେଓ୍ୱଡା ଜଳ' କୁହାଯାଏ । ପ୍ରସାଧନ ସାମଗ୍ରୀ, ଅଗରବତୀ, ତମାଖୁ, ଆଦିରେ ଏହି 'କେଓ୍ୱଡା ଜଲ୍' ମଧୁର ବାସ୍ନା ପାଇଁ ବ୍ୟବହାର କରାଯାଏ । ଗଞ୍ଜାମ କିଆଫୁଲର ତେଲ ପ୍ରସ୍ତୁତି ପାଇଁ ଖୁବ୍ ପରିଚିତ । ପ୍ରାୟ ଏଠାକାର ଚାରୋଟି ସାମୁଦ୍ରିକ ଅଞ୍ଚଳ ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି ଓ ଗୋପାଳପୁରରେ ଏହି କିଆଫୁଲର ପ୍ରଚୁର ପରିମାଣରେ ଚାଷ କରାଯାଇଥାଏ । ଅତର ଶିଳ୍ପ ଛଡ଼ା ଗୁଟକା ତିଆରିରେ ମଧ୍ୟ ବ୍ୟବହାର କରାଯାଇଥାଏ । କିଆଫୁଲରୁ ରସ ବାହାର କରିବା ପାଇଁ ଜିଲ୍ଲାରେ ପ୍ରାୟ ୧୩୬ଟି ଭାଟି ରହିଛି । ସେଠାକାର ଲୋକମାନେ ଏହି କିଆ କେତକୀର ଚାଷ କରି ବ୍ୟବସାୟରେ ଖୁବ୍ ଲାଭବାନ୍ ହୋଇଥାନ୍ତି ।



ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୧୯ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ତା ଜୀବନରେ କ୍ଷଣପ୍ରଭା ଭଳି ଆବିର୍ଭୂତ ହୋଇଥିଲେ ଦୁର୍ଗାବତୀ ତ୍ରିପାଠୀ । ନନ୍ଦିନୀଙ୍କ ସମବୟସୀ ସହପାଠିନୀ ଦୁର୍ଗାବତୀ । ଅସାମାନ୍ୟା ସୁନ୍ଦରୀ । ରହୁଥିଲେ ବାରିପଦାର ଦୁର୍ଗାପୁର ଗ୍ରାମରେ ।

ଶ୍ୱଶୁର / ସ୍ୱାମୀ ମୟୂରଭଂଜ ରାଜାଙ୍କ ଠାରୁ ସର୍ଦ୍ଦାର ଉପାଧି ପାଇଥିଲେ । ବିରାଟ ଚାଷବନ୍ଦୀ ଘର । ରାସାୟନିକ ସାର ଓ ଔଷଧ ପ୍ରୟୋଗ ନକରି ସେ 'ଲକ୍ଷ୍ମୀ କଜଳ' ଓ 'ପିମ୍ପୁଡ଼ି ବାସ' ନାମରେ ଦୁଇଟି ନୂତନ ପ୍ରକାରର ବାସନା ଧାନ ଉତ୍ପାଦନ କରିଥିଲେ । ତାଙ୍କର ଏଇ ଅଭିନନ୍ଦନୀୟ ପଦକ୍ଷେପ ପାଇଁ ୨୦୦୬ ମସିହାରେ ଇଟାଲୀର ଟୁରିନ୍ ଠାରେ ବିଶ୍ୱର ୧୭୩ଟି ଦେଶର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ସମାବେଶରେ ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ସେ ଥିଲେ ଶସ୍ୟର ଦେବୀ । ଶାସ୍ତ୍ରର ଦେବୀ । ରେଭେନ୍ସା ମହାବିଦ୍ୟାଳୟର ପ୍ରଫେସର୍ ତଥା ଗଙ୍ଗାଧର ମେହେର କଲେଜର ପ୍ରଥମ ଅଧ୍ୟକ୍ଷ ନାରାୟଣ ମିଶ୍ରଙ୍କ କନ୍ୟା ଦୁର୍ଗାବତୀ ବାଲ୍ୟକାଳରୁ ମାଆଙ୍କୁ ହରାଇ ବହୁ ବାଧାବିଘ୍ନ ଭିତରେ ବିଦ୍ୟାଳୟ ଶିକ୍ଷା ଲାଭ କରିଥିଲେ । ମୟୂରଭଂଜ କୁରାଡ଼ିହା ପ୍ରଗଣାର ସର୍ଦ୍ଦାର ଅମରେନ୍ଦ୍ର ନାଥ ତ୍ରିପାଠୀଙ୍କ ସହ ବିବାହ କରି ଅଳ୍ପ ବୟସରୁ ଏକ ବିରାଟ ସଂସାରର ଦାୟିତ୍ୱ ନେଇଥିଲେ । ସାହିତ୍ୟ ପ୍ରତି ତାଙ୍କର ଆକର୍ଷଣ ଥିଲା ଦୁର୍ନିବାର । ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ ଚାରିଟି ଭାଷାରେ ତାଙ୍କର ଦଖଲ ଥିଲା । ଏଇ ଚାରି ଭାଷାରେ ସେ କହି ପାରୁଥିଲେ । ଲେଖି ପାରୁଥିଲେ ।

ଅଶୀତିପର ବୟସରେ ବେବି ତାଙ୍କୁ ଭେଟିଥିଲା ପ୍ରଥମେ ଭୁବନେଶ୍ୱରର ଏକ ସାହିତ୍ୟ ସଭାରେ । ପ୍ରଥମ ଦେଖାରୁ ହିଁ ସେ ବେବିକୁ ଆପଣାର କରିନେଲେ । ପରିଧାନରେ, ଠାଣିରେ, କଥାରେ, ହସରେ ଫୁଟି ଉଠୁଥିଲା ଆତ୍ମୀୟତାର ଭାବ । ସମ୍ଭ୍ରାନ୍ତ ଛାପ । ବୟସ ଅନୁମତି ନେଇ କେବଳ ଆସ୍ଥାନ ଘେନିଥିଲା କେଶର ରଙ୍ଗରେ । ଆଉ କେଉଁଠି ନୁହେଁ । ମନରେ ଥିଲେ ଚଞ୍ଚଳା, ଚପଳା କିଶୋରୀ । ବେବି ତାଙ୍କୁ ଦେଖିବା ଆଗରୁ ଜାଣିଥିଲା । ତାଙ୍କ ଲେଖା ପଢ଼ିଥିଲା । ତାଙ୍କ ସହ ଫୋନ୍‌ରେ କଥା ହେଉଥିଲା । ତାଙ୍କର ସେଇ ଅପୂର୍ବ ସ୍ନେହବୋଳା ସମ୍ବୋଧନ 'କେମିତି ଅଛୁ ଧନ...'- ଏଇ କେଇଟି ଶବ୍ଦରେ ଯାଦୁ ଥିଲା । ତା'ର ହୃଦୟକୁ ଶକ୍ତ ରଜ୍ଜୁରେ ବାନ୍ଧି ଦେଉଥିଲା ।

ତାଙ୍କ ସହିତ ଫୋନ୍‌ରେ କଥା ହେଲାବେଳେ ବି ତାକୁ ଦିଶୁଥିଲା ସୁଦୂର ବାରିପଦାର ଦୁର୍ଗାପୁର ଗାଁ । ତା' ଭିତରେ ଏକ ସମ୍ଭ୍ରାନ୍ତ ପରିବାରର ଦୃଶ୍ୟ । ଶିଶୁକାଠର ପଲଙ୍କ, ବେତବୁଣା କାଠର ଆର୍ମଚେୟାର, କାନ୍ଥରେ ଟଙ୍ଗା ଯାଇଥିବା ତାଙ୍କ ପ୍ରାଣର ବନ୍ଧୁ ତଥା ସ୍ୱର୍ଗତ ସ୍ୱାମୀଙ୍କ ଫଟୋ । ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଚାଉଳ କଳ, ତାଙ୍କ ଭଣ୍ଡାରଘର, ଖୋଲା ଅଗଣା, ବହି ଭର୍ତ୍ତି କାଠ ଆଲମାରୀ । ତାଙ୍କ ହାତ ତିଆରି ନଡ଼ିଆ ପାଚେଡ଼ି । ନଡ଼ିଆ କୋରା । ଶାଗ, ସରୁ ଚକୁଳିର ବାସ୍ନା ଆଘ୍ରାଣ କରିପାରୁଥିଲା । ସେ ପିଉଥିବା କଫି ଗିଲାସର ଉଷ୍ମତା ଅନୁଭବ କରିପାରୁଥିଲା । ପାଉଥିଲା ତାଙ୍କ ଆଶ୍ୱାସନାର ସ୍ପର୍ଶ । ନିବିଡ଼ ସ୍ନେହ ନଥିଲେ ଏଭଳି ଗଭୀର ଅନୁଭବ ଆସେ ନାହିଁ ।

ବେବିର ଅନ୍ତରର ଅବସାଦ ଦୂରୀଭୂତ ହେଉଥିଲା ତାଙ୍କ ସ୍ୱର ଶୁଣି । କଥାରେ କଥାରେ ସେ ଜଗାଇ ଦେଉଥିଲେ ପୁଲକ । ମନରେ ଖେଳି ଉଠୁଥିଲା ତାରୁଣ୍ୟର ତରଙ୍ଗ । ଭାବବତୀ, ଅତୁଳ ପ୍ରେମ ଐଶ୍ୱର୍ଯ୍ୟର ଅଧିକାରିଣୀ ଦୁର୍ଗାବତୀଙ୍କ ହୃଦୟ ପରିପୂର୍ଣ୍ଣ ଥିଲା ମଧୁର ସ୍ମୃତିରେ । ପରିଣତ ବୟସର ନିରୋଳା ମୁହୂର୍ତ୍ତରେ ସେଇ ସ୍ମୃତିକୁ ବାଣ୍ଟିବାରେ ସେ ସୁଖ ପାଉଥିଲେ ।

ନବୀନ ବୟସୀ ଅନୂଢ଼ା କନ୍ୟା । ବାପାଙ୍କ ସରକାରୀ ବାସଭବନର ପରିସର ଭିତରେ ବିତୁଥିଲା ଦିନ । ଘର ଚାରିପାଖେ ଛପି ଛପି ଘୁରି ବୁଲୁଥିଲେ ପ୍ରେମିକ । ତାଙ୍କ ଭାବୀ ସ୍ୱାମୀ । ତାଙ୍କ ଅନ୍ତରର ଆବେଗ ଉଚ୍ଛ୍ୱସଭରା ପତ୍ରମାନ ପାଉଥିଲେ । ଭୟରେ, ଶଙ୍କାରେ ପଢ଼ି ପାରୁନଥିଲେ ।

ଚିରି ପକେଇ ଦେଉଥିଲେ କୂଅ ଭିତରେ । ତାଙ୍କର ସୌଭାଗ୍ୟ ଯେ, ବରପକ୍ଷର ଅଭିଭାବକଙ୍କ ଠାରୁ ଆସିଥିବା ବିବାହ ପ୍ରସ୍ତାବରେ ତାଙ୍କର ପିତା ସମ୍ମତି ପ୍ରଦାନ କରିଥିଲେ । କଟକ ସହରରୁ ଦୁର୍ଗାବତୀ ବଧୂବେଶରେ ଗଲେ ବାରିପଦାର ଦୁର୍ଗାପୁର ଗାଁ । ଶାଶୁଘରର କଡ଼ା ନିୟମ କାନୁନ୍ । ପାହାନ୍ତା ପହରରୁ ଉଠି ରାତି ଅଧ ଯାଏଁ କାମ । ଶାଶୁ ଶ୍ୱଶୁରଙ୍କୁ ବେଳ ଦେଖି ପଥ୍ୟ ଦେବା, ପିଲାମାନଙ୍କୁ ଖୁଆଇ ପିଆଇ ସ୍କୁଲ୍‌କୁ ପଠେଇବା, ହଳିଆ, ମୂଲିଆଙ୍କୁ ପେଟ ଜାଣି ଖାଇବାକୁ ଦେବା, ଠାକୁରଘର ରୀତିକ୍ରାନ୍ତି ମାନି ଠାକୁର ଘର କାମ ସମ୍ଭାଳିବା । ଏମିତି କେତେ କାମର ଅଡୁଆ ଖିଅ । ସେଥିରେ ଥକି ପଡୁ ନଥିଲେ ଦୁର୍ଗାବତୀ । ମନରେ ଅମାପ ସାହସ । ଦେହରେ ଅତୁଟ ଫୁର୍ତ୍ତି । ଶ୍ୱଶୁର ବୁଝିଥିଲେ ବୋହୂଟି ଅତ୍ୟନ୍ତ ସାହିତ୍ୟ ଅନୁରାଗିଣୀ । ଜୀବନ ପାଇଁ ଖାଦ୍ୟ ଠୁ ବେଶି ଲୋଡ଼େ ବହି । ସେ ଘରେ ଶୁଣେଇ ଦେଇଥିଲେ ଆଦେଶ । ଅବସର ସମୟରେ ଶ୍ୱଶୁରଙ୍କୁ ପଢ଼ି ଶୁଣାଉଥିଲେ ଉପନ୍ୟାସ । ଉଚ୍ଚାଙ୍ଗ

ଗପ । ସେଇ ପଢ଼ିବା ସମୟରେ କେହି ତାଙ୍କୁ ଘର କାମ ପାଇଁ ମଝିରେ ଡାକିଲେ ଶ୍ୱଶୁର ବିରକ୍ତ ହେଉଥିଲେ । ଭିନ୍ନ ଭିନ୍ନ ଭାଷାରେ ପୁସ୍ତକ ପଠନ ଦୁର୍ଗାବତୀଙ୍କ ଭିତରର ସର୍ଜନ ପ୍ରକ୍ରିୟାକୁ କରିଥିଲା ତ୍ୱରାନ୍ୱିତ । ଘରର ସବୁ କାମ ସାରି, ସମସ୍ତେ ଶୋଇଯିବା ପରେ ସେ ଲେଖି ବସୁଥିଲେ । ଲେଖୁଥିଲେ ରାଶି ରାଶି ଗପ, କବିତା, ପ୍ରବନ୍ଧ । 'ନାରୀର ନିଜକଥା', 'ଶିଳାଲିପି' 'ନୈବେଦ୍ୟ', 'ଲିପିକା', My Identity, 'ସୁନେଲି ସ୍ୱପ୍ନର ସୁରଭି'(ଆତ୍ମ କାହାଣୀ), ତାଙ୍କର ଏ ସମସ୍ତ କୃତି ବହୁ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ପ୍ରଜାତନ୍ତ୍ର ପ୍ରଚାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଇମ୍‌ଫା ଇତ୍ୟାଦି ବହୁ ସାରସ୍ୱତ ଅନୁଷ୍ଠାନ ତରଫରୁ ସେ ସମ୍ମାନିତା ସମ୍ବର୍ଦ୍ଧିତା ହୋଇଥିଲେ ।



ସର୍ଜନାତ୍ମକ କ୍ରିୟାରେ ସ୍ୱାମୀଙ୍କର ସହଯୋଗ ଥିଲା । ମାଇଲ ମାଇଲ ବାଟ ସେ ଯାଉଥିଲେ ସ୍ୱାମୀଙ୍କ ପଛରେ ସ୍କୁଟର୍‌ରେ ବସି ସାହିତ୍ୟ ସଭାରେ ଯୋଗ ଦେବାକୁ । ସେଇ ସହଯାତ୍ରାର ସ୍ମୃତି ମନେ ପକେଇ ସେ ରୋମାଞ୍ଚିତ ହୋଇ ଉଠୁଥିଲେ ।

ବେବି ଉଲ୍ଲସିତ ହୋଇ ଉଠୁଥିଲା ତାଙ୍କ କଥା ଶୁଣି । "ଆପଣଙ୍କ ଜୀବନକୁ ନେଇ ଏକ ଉଚ୍ଚାଙ୍ଗ ଚଳଚ୍ଚିତ୍ର କରିହେବ । ଆପଣ ପୂର୍ବଜନ୍ମରେ ରାଣୀ ଦୁର୍ଗାବତୀ ଥିଲେ ନିଶ୍ଚୟ ।"

ବେବିର କଥା ଶୁଣି ପ୍ରାଣ ଖୋଲି ହସି ଉଠୁଥିଲେ ଦୁର୍ଗାବତୀ । କହୁଥିଲେ ମା ଦୁର୍ଗା । ଦଶଭୂଜା ।

ପରେ ପରେ ମାଟି ମନସ୍କ, ଜୀବନ ମନସ୍କ ହୋଇ ଉଠୁଥିଲେ । କହୁଥିଲେ "ମୋତେ ପଞ୍ଚାଅଶୀ ବର୍ଷ ହେଲାଣି । ମୁଁ ଏଯାଏଁ ବଞ୍ଚିଛି କାହିଁକି । ମୋର ମୁଣ୍ଡ ଟିକେ ବିନ୍ଧୁନି କି ମୋତେ ଟିକିଏ ଜ୍ୱର ବି ହେଉନି । ତୋ' ମଉସାଟା ବଦମାସ୍ । ମତେ ଫାଙ୍କି ଦେଇ ଚାଲିଗଲା । ସବୁବେଳେ ପାଖେପାଖେ ରହିବ ବୋଲି କଥା ଦେଇଥିଲା । ଗଲା କୁଆଡ଼େ ।"

ହସର ହିଲ୍ଲୋଳ ଭିତରୁ ଫୁଟି ଦିଶୁଥିଲା ଦୁଃଖର ବିରହର ପୀଡ଼ା ।

ଏଇ ସ୍ୱପ୍ନମୟୀ, କଳ୍ପନାମୟୀ, ପ୍ରେମମୟୀ ନାରୀଙ୍କ ବ୍ୟକ୍ତିତ୍ୱର ଔଜଲ୍ୟରେ ଉଦ୍‌ଭାସିତ ହୋଇ ଉଠିଥିଲା ବେବିର ଜୀବନ କିଛି କାଳ । ତାଙ୍କ ମମତାସିକ୍ତ କଥାରେ ସେ ବେବିର ମାତୃ ଶୋକକୁ ପ୍ରଶମିତ କରିଥିଲେ । ବୋଉକୁ ମନେ ପକେଇ ସେ ଗୁମୁରି ଗୁମୁରି କାନ୍ଦୁଥିବା ବେଳେ ସେ ପାଖରୁ ଭାସି ଆସୁଥିଲା ଫୋନ୍‌ରେ ତାଙ୍କର ଆଶ୍ୱାସନା:

"ତୋ ବୋଉ ନାହିଁ ତ କ'ଣ ହେଲା । ମୁଁ ତୋ ବୋଉ । ଏଇଠି ଅଛି । ଆ ମୋ ପାଖକୁ ।"

୨୦୧୫ ଜାନୁଆରୀ କୋଡ଼ିଏ । ଚିର ନିଦ୍ରାରେ ଶୋଇଗଲେ ଏଇ ମହୀମଣ୍ଡନା ।

ବେବିର ଯୋଜନା ଥିଲା ଯିବ ତାଙ୍କ ପାଖକୁ । ତାଙ୍କ କୋଳରେ ମୁଣ୍ଡ ଦେଇ ଶୋଇବ । ତାଙ୍କ ପାଖରୁ ପିମ୍ପୁଡ଼ିବାସ, ଲକ୍ଷ୍ମୀକଜଳ ଧାନ ଆଣିବ ସଂଗ୍ରହାଳୟରେ ପ୍ରଦର୍ଶନ କରିବା ପାଇଁ । ସେ ଶୁଣିଥିବା ମୁଗେଇ, ପାଟଣି, ଅଗ୍ନିଝାଲ, ଜଙ୍ଗଲିଜଟା, କଳାବତୀ ସାଠିଆ, ଶୃଙ୍ଗ, ପଙ୍ଖ, ଜୟନ୍ତୀ....ଏସବୁ କିସମର ଧାନ ବିଷୟରେ ତାଙ୍କୁ ପଚାରିବ । ଆଜିକାଲି ବନ୍ୟା, ବାତ୍ୟା ଓ ଲୁଣିପାଣି ସହୁଥିବା ନୂତନ କିସମର ଧାନ ବିହନ ବିଷୟରେ ଆଲୋଚନା କରିବ ତାଙ୍କ ସହ ।

ସେ ଯିବା ପର୍ଯ୍ୟନ୍ତ ଅପେକ୍ଷା କଲେ ନାହିଁ ତାର ବୟସ୍କା ବାନ୍ଧବୀ । ଶଯ୍ୟାଶାୟୀ ଥିଲେ ଅଳ୍ପଦିନ । "ଧନ, ଯେଉଁଦିନ ଶୁଣିବୁ ମୁଁ ନାହିଁ, ମନ୍ଦିରକୁ ଯିବୁ । ଦୁଇଜଣଙ୍କୁ ପେଟପୂରା ଖାଇବାକୁ ଦେବୁ ।" ସେଇଥିଲା ତାଙ୍କର ଶେଷ କଥା ତା'ସହ ।

ଜାନୁଆରୀ କୋଡ଼ିଏ, ତା' ପାଇଁ ସ୍ୱତନ୍ତ୍ର ସ୍ମୃତିର ଦିନ ହୋଇ ରହିଗଲା । ସୁଯୋଗ୍ୟ ପୁତ୍ର, କନ୍ୟା, ବଧୂ, ଜାମାତା, ପୌତ୍ର ପୌତ୍ରୀଙ୍କୁ ନେଇ ପରିପୂର୍ଣ୍ଣ ସଂସାର ଥିଲା ତାଙ୍କର । ସେଇ ସ୍ନେହର ବଳୟରେ ଯିଏ ଥରେ ପାଦ ଥାପିଛି, ସେ ବାହାରି ପାରି ନାହିଁ । ଦୁର୍ଗାବତୀ ବାଲ୍ୟକାଳରୁ ମାତୃହୀନା ଥିଲେ । ପରିଣତ ବୟସରେ ଶତପୁତ୍ରର ଜନନୀ ହେବାର ଗୌରବ ଲାଭ କରିଥିଲେ । ତାଙ୍କ ହାତରେ କ୍ଷମତାର ଦଣ୍ଡ ନଥିଲା । ଥିଲା ପ୍ରତ୍ୟାଶାହୀନ ଆଦରର ରଜ୍ଜୁ । ତାଙ୍କ ଅନ୍ତରରୁ ଅନାବିଳ ଭଲ ପାଇବାର ଯେଉଁ ନିର୍ଝର ଝରୁଥିଲା, ତାହା ପୃଥିବୀର କେଉଁ ସଂଗ୍ରହାଳୟ, କେଉଁ ଅଭିଲେଖାଗାର ପ୍ରଦର୍ଶନ କରିପାରିବ ?

ଦୁର୍ଗାବତୀଙ୍କ ଆବିଷ୍କୃତ ଧାନର ନମୁନା ଆଣି ନପାରିବାର ଅବସୋସ ଥିଲା ମନରେ । ୨୦୧୭ ମସିହାରେ ବ୍ରହ୍ମପୁରର କୁମୁଦିନୀ ପଟ୍ଟନାୟକ ସ୍ୱେଚ୍ଛାକୃତ ଭାବେ ଆସି ଦେଇଗଲେ ସ୍ୱହସ୍ତନିର୍ମିତ ଧାନର ଅଳଙ୍କାର ବାକ୍ସ । ଏବଂ ଗୋଟିଏ ଧାନର ବିଞ୍ଚଣା । ଏଇ କଳା ସାମଗ୍ରୀ ପାଇଁ ସେ କ୍ରୟମୂଲ୍ୟ ରଖିଲେ ନାହିଁ । ସେହି ବର୍ଷ ଡିସେମ୍ବର ୨୯ ତାରିଖରେ ସଂଗ୍ରହାଳୟର ଷାଠିଏ ବର୍ଷର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଗଲା । ମୁଖ୍ୟ ଅତିଥି ଭାବେ ଆସିଥିଲେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ମାନ୍ୟବର ଏସ୍ ସି ଜମିର । ବେବିର ନିମନ୍ତ୍ରଣ ରକ୍ଷା କରି କୁମୁଦିନୀ ଆସିଥିଲେ ପୁତ୍ର, ପୁତ୍ରବଧୂ ଓ କନ୍ୟାଙ୍କ ସହ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ । ମଞ୍ଚ ଉପରକୁ ଉଠି ପାରିଲେ ନାହିଁ । ଗୋଡ଼ରେ ଅସମ୍ଭବ ଯନ୍ତ୍ରଣା ସତ୍ତ୍ୱେ ସେ ଆସିଥିଲେ ଉତ୍ସବରେ ଯୋଗ ଦେବାକୁ । ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ମଞ୍ଚ ଉପରକୁ ଉଠି ପାରିଲେ ନାହିଁ । ମୁଖ୍ୟ ଅତିଥି ମାନ୍ୟବର ରାଜ୍ୟପାଳ ମଞ୍ଚ ତଳକୁ ଓହ୍ଲେଇ ଆସି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କଲେ । ସେଇ ମୁହୂର୍ତ୍ତରେ ଅଶ୍ରୁ ସଂବରଣ କରି ପାରିଲେ ନାହିଁ କୁମୁଦିନୀ ।

ସେ ଅଶ୍ରୁ କ'ଣ ଆନନ୍ଦର ଅଶ୍ରୁ ଥିଲା ? ଯଥାର୍ଥ ମାନ୍ୟତା ପାଇବାର ଆନନ୍ଦ ! କଳାକୃତି ସ୍ୱୀକୃତି ପାଇବାର ଆନନ୍ଦ !

ନା....ସେ ଅଶ୍ରୁ ଦୁଃଖର ଅଶ୍ରୁ ଥିଲା ? ଶରୀରର ଚଳନ ଶକ୍ତି କ୍ଷୟ ହୋଇ ଯାଉଥିବାର ଦୁଃଖ ?

ନିତିଦିନିଆ କାମ କରି କରି ଗୃହର ଅଙ୍ଗନ ଭିତରେ ଦିନ ବିତଉଥିବା ନାରୀର ମନ ତଳେ କଣ ଥାଏ....ତା'ର ହିସାବ କିଏ ରଖେ ?

ନିରବରେ କିଛିକ୍ଷଣ ଚାହିଁ ରହିଥିଲା ବେବି ତାଙ୍କ ମୁହଁକୁ । ତା'ର ମନେ ପଡ଼ିଥିଲା ଅକାଳରେ ଜୀବନ ହାରିଥିବା ପ୍ରଚଣ୍ଡ ପ୍ରତିଭାଶାଳିନୀ କବି ବିଦ୍ୟୁତ୍‌ପ୍ରଭାଙ୍କ କବିତା ।

– ଏଣେ ପିଠଉ ହୋଇଛି ଦରବଟା ।
ଆଲୋ କୁଆଡ଼େ ଗଲୁ କି ବଡ଼ ବୋହୂ ।

ଆଜି ଘର ଗୋଟାକର ବାରଛଟା ।
ଆଜି ରାତି ହେଲା ଯାଏଁ ପଢ଼ିଥାଉ...
ନାରୀ ଜନମ ଗୋଟାକ ରଡ଼ ନିଆଁ
ତହିଁ ଗୃହ ଜଂଜାଳ କିରାସିନି
କିଛି ଲେଖିବାକୁ ବେଳ ମିଳେ ନାହିଁ
ତେଣେ ନ ଲେଖିଲେ
ମନ  ଖିନି ଖିନି.... ।"

ନିଜ ଭାବନାକୁ ସଂବରଣ କରି ସେ ଉତ୍ସବକୁ ଆଗେଇ ନେବାରେ ମନଦେଲା ।

ମୁଖ୍ୟ ଅତିଥିଙ୍କ ସଦ୍ୟ ପ୍ରକାଶିତ ଆତ୍ମଜୀବନୀରୁ କିଛି ଅଂଶ ସେ ଉଦ୍ଧାର କରିଥିଲା ସ୍ୱାଗତ ଭାଷଣ ଦେଲାବେଳେ "Learning, great minds have agreed, is a lifelong process and at times, learning is a hand and bitter process. This when if comes to politics the learning process is harder. That was what fate had ordained for me.

In Politics and can always was phrase "did not succed' is place of failed."

ଏମିତି ଆହୁରି କେତୋଟି ଉପାଦେୟ ଜୀବନଧର୍ମୀ ବାକ୍ୟ । ସବୁ ସେ ମନଦେଇ ଶୁଣୁଥିଲେ । କୁମୁଦିନୀଙ୍କୁ ସମ୍ବର୍ଦ୍ଧିତ କରି ମଂଚକୁ ଉଠିଲା ବେଳେ ବେବିକୁ ଚାହିଁ ହସିହସି କହିଥିଲେ, "ମୋ ବହିକୁ ମନଦେଇ ପଢ଼ିଛନ୍ତି । ସେଥିପାଇଁ ଧନ୍ୟବାଦ ।"

ସେଦିନ ଉତ୍ସବ ସାଫଲ୍ୟମଣ୍ଡିତ ହୋଇଥିଲା । ତେବେ କୁମୁଦିନୀଙ୍କର ଲୋତକାପ୍ଲୁତ ମୁହଁ ବେବିର ମାନସପଟରେ ଜିଇଁ ରହିଲା ।

ସେଇ ସଭାକୁ ନିମନ୍ତ୍ରିତ ହୋଇ ଆସିଥିଲେ ଏଭରେଷ୍ଟ ଶୃଙ୍ଗ ବିଜୟିନୀ କଳ୍ପନା ଦାସ । ଏଭରେଷ୍ଟ ଶୃଙ୍ଗ ଆରୋହଣ କାଳରେ ସେ ପିନ୍ଧିଥିବା ପୋଷାକ, ଜୋତା, ଲାଇଫ୍ ସେଭିଂଙ୍କ ଜ୍ୟାକେଟ, ଲୁହାକଂଟା ସବୁ ସେ ଦାନ କରିଥିଲେ ସଂଗ୍ରହାଳୟକୁ ।

ଆଶ୍ଚର୍ଯ୍ୟ ବିରୋଧାଭାସ ଥିଲା ସେଦିନର ସଭାରେ । ଜଣେ ଚାଲି ପାରୁନଥିଲେ । ଆଉ ଜଣେ ବିଶ୍ୱର ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିଲେ । ସମତଳରେ ତାଙ୍କ ପାଦ ସ୍ଥିର ରହୁନଥିଲା । କଳ୍ପନାଙ୍କ ସାହସ, ମନୋବଳ, କଳ୍ପନାତୀତ । ଦି ଦିଥର ଏଭରେଷ୍ଟ ଆରୋହଣରେ ବିଫଳ ମନୋରଥ ହୋଇ ଫେରିବା ପରେ ବହୁ ଲୋକଙ୍କର ବ୍ୟଙ୍ଗ, ବିଦ୍ରୂପ ଶୁଣିବାକୁ ପଡ଼ିଥିଲା ତାଙ୍କୁ । ଅସହଣି ଲୋକେ କହୁଥିଲେ- ସତରେ ଯାଇଛି ନା ମିଛରେ ଏମିତି ଡେଙ୍ଗୁରା ପିଟୁଛ । ହାଡ଼ ଜଳେଇବା ପରି ପଚାରୁଥିଲେ ଆଉଥରେ କେବେ ଯିବ ? ତମେ ନ ଗଲେ ହିମାଳୟ କାନ୍ଦିବ ନା ! ଏସବୁ ସତ୍ତ୍ୱେ ମନୋବଳ ଭାଙ୍ଗିନଥିଲା ତାଙ୍କର । ତୃତୀୟ ଥର ଅଭିଯାନ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ ସେ ।



ସେ ପୋଷାକ ଦେବାକୁ ଆସିଥିଲା ବେଳେ ମାନସିକ ସ୍ତରରେ ଭାବ ସଂପର୍କର ସୂତ୍ରପାତ ହୋଇଥିଲା ବେବି ସହିତ । ଦୁଇ ଚାରିପଦ କଥା ହେବା ପରେ ବେବିକୁ ସେ ମ୍ୟାଡାମ୍ ବଦଳରେ 'ନାନୀ' ବୋଲି ସମ୍ବୋଧନ କରିଥିଲେ । ପ୍ରଗଳ୍ଭ ହୋଇ ବର୍ଣ୍ଣନ କରିଥିଲେ ହିମାଳୟ ଚଢ଼ିବା ବେଳର ଅନୁଭୂତି । ହିମାଳୟ ଉପରେ ଚାଲିବା ବେଳେ ଭୋକ ଲାଗେ ନାହିଁ । ଝାଳ ବହେ ନାହିଁ ।

ବାଟରେ କେତେ ବରଫାବୃତ ଗୁମ୍ଫା । ଗୁମ୍ଫା ଭିତରେ ଧ୍ୟାନମଗ୍ନ ତପସ୍ୱୀ । ସେଇ ତପସ୍ୱୀମାନଙ୍କ ମୁହଁରେ ସୂର୍ଯ୍ୟର ତେଜ । ଜ୍ୟୋତ୍ସ୍ନାୟିତ ପୂର୍ଣ୍ଣିମା ରାତିରେ ହିମାଳୟ ସ୍ୱର୍ଗ ପରି ପ୍ରତୀୟମାନ ହୁଏ । ଅଦ୍ଭୁତ ସୁନ୍ଦର

ଦୁର୍ଗାବତୀ ତ୍ରିପାଠୀ
ଫଟୋ ସୌଜନ୍ୟ:ପ୍ରବୀଣା ମହାନ୍ତି



ଫୁଲର ମହକ ଆତ୍ମାକୁ ବିମୋହିତ କରିଦିଏ ।

ଆହୁରି କେତେ କଥା କହିଥିଲେ ପର୍ବତ କନ୍ୟା କଳ୍ପନା । କେବଳ ଏଭରେଷ୍ଟ ନୁହେଁ । ଦକ୍ଷିଣ ଆମେରିକାର ତାନ୍‌ଜିନ୍ ରେଞ୍ଜ୍ । ଉତ୍ତର ଆମେରିକାର ମାଉଣ୍ଟ ଡାନିଏଲ ବି ଆରୋହଣ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା ଥିଲା ପ୍ରକୃତି କୋଳରୁ । ପ୍ରଥମ ଶିକ୍ଷକ ଥିଲେ ବାପା । ଢେଙ୍କାନାଳର ସପ୍ତଶଯ୍ୟା । କପିଳାସ ପାହାଡ଼ ଚଢ଼ିବାକୁ ଯାଉଥିଲେ ବାପାଙ୍କ ସାଙ୍ଗରେ । ଝଡ଼ବାତ୍ୟାରେ ଅଧାରୁ ଅଧିକ ଉପୁଡ଼ି ଯାଉଥିବା ଗଛର ଶାଖା ପ୍ରଶାଖାକୁ କାଠୁରିଆମାନେ କାଟିନେବା ପରେ ବି ସେଥିରେ କଅଁଳୁଥିବା ପତ୍ରକୁ ଦେଖେଇ ବାପା କହୁଥିଲେ, "ଦେଖ୍ କେତେ ଚୋଟ ଖାଇଲାଣି । ତଥାପି ଗଛର ଜିଇଁବାକୁ ମନ । ବଢ଼ିବାକୁ ମନ । ତୁ ଏମିତି ହେବୁ । ଗଛ ପରି । ସହଜରେ ହାରିଯିବୁନି ।"

ସହଜରେ ହାର୍ ମାନି ନଥିଲେ କଳ୍ପନା ।

ଏଭରେଷ୍ଟ ଶୃଙ୍ଗ ଉପରେ ଜୈତ୍ରବାନା ଉଡ଼େଇ ଆସିବା ପରେ ବି ସ୍ଥିର ହୋଇ ବସି ପାରି ନଥିଲେ । ପର୍ବତାରୋହଣର ପୋଷାକ ସଂଗ୍ରହାଳୟକୁ ପ୍ରଦାନ କରି ସାରିବା ପରେ ପୁନଶ୍ଚ ହିମାଳୟର ଦୁର୍ବାର ଆକର୍ଷଣରେ ଟାଣି ହୋଇ ଯାଇଥିଲେ । ଅଭିନବ କଳ୍ପନା । ଅଦ୍ଭୁତ ଖିଆଲ । ଶାଢ଼ି ପିନ୍ଧି ଚଢ଼ିବେ ଏଭରେଷ୍ଟ । ଚଢ଼ିଲେ ବି ।

ଓହ୍ଲେଇ କରି ତଳକୁ ଆସି ପାରିଲେ ନାହିଁ । ହିମାଳୟ ଟାଣିନେଲା ତାଙ୍କୁ କୋଳକୁ । ଆଉ ଭୂମି ସ୍ପର୍ଶ କରିବାର ନଥିଲା ।


ଝରଣା ଆମ ମାଟିର ସ୍ୱର

# ହସଖୁସିର ପରିବାର - ୩୪

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ଆମ ଘରେ ମୁଁ ବଡ଼ ଝିଅ । ପିଲାବେଳଠୁ ମୋର ବାପା ଚାଲି ଯାଇଛନ୍ତି । ମୁଁ ସାନବେଳଠୁ ମାମୁଁ ମାଇଁଙ୍କ ପାଖେ ବଡ଼ ହୋଇଛି । ମୋର ମାମୁଁଙ୍କର ଦୁଇ ଝିଅ ଅଛନ୍ତି । ସେମାନେ ମୋତେ ନିଜ ଭଉଣୀ ପରି ଭଲପାଆନ୍ତି । ମାମୁଁ ମାଇଁ ମଧ୍ୟ ଆମ ପିଲାମାନଙ୍କ ମଧ୍ୟରେ କେବେ ପାତରଅନ୍ତର କରନ୍ତି ନାହିଁ । ମୋତେ ନିଜ ଝିଅ ପରି ସ୍ନେହଶ୍ରଦ୍ଧା କରନ୍ତି । ମାମୁଁଙ୍କର କେହି ପୁଅ ନାହାନ୍ତି । ମାମୁଁମାଇଁ ନ କହିଲେ ମଧ୍ୟ ମୁଁ ବୁଝିପାରେ ଯେ ପୁଅଟିଏ ନ ଥିବାରୁ ସେମାନଙ୍କ ମନରେ ଟିକେ ଦୁଃଖ ଅଛି । ମୁଁ ମଧ୍ୟ ବେଳେବେଳେ ଭାବେ ଯେ ଝିଅମାନଙ୍କୁ ବିବାହ କରିବା ପରେ ସେମାନେ କିପରି ଏକୁଟିଆ ଜୀବନ ବିତାଇବେ । ତେଣୁ ମୁଁ ଚାହୁଁଛି ଭଲ ଚାକିରିଟିଏ କରି ଗୋଟିଏ ପୁଅପରି ମାମୁଁ ମାଇଁଙ୍କର ଦାୟିତ୍ୱ ନେବାକୁ । କିନ୍ତୁ ଆମର ବନ୍ଧୁବାନ୍ଧବ ଓ ଶୁଭାକାଙ୍‌କ୍ଷୀମାନେ କହୁଛନ୍ତି ଯେ ମୁଁ ଯେହେତୁ ଘରେ ବଡଝିଅ ତେଣୁ ମୋର ଭଲ ଘର ଦେଖି ବିବାହ କରିଦେଲେ ଅନ୍ୟ ଭଉଣୀମାନଙ୍କର ବିବାହ ଭଲରେ ହୋଇ ପାରିବ । ସେଥିପାଇଁ ସମସ୍ତେ ମୋତେ ବାଧ ବି କରୁଛନ୍ତି । କିନ୍ତୁ ଏହା କେତେଦୂର ଯୁକ୍ତିଯୁକ୍ତ ତାହା ମୁଁ ବୁଝିପାରୁନି । ମୋର ବିବାହ ହେଇଗଲେ ଯେ ମୋର ଭଉଣୀମାନେ ଭଲ ଘରେ ବିବାହ କରିପାରିବେ ତାହା ମୋତେ କୌଣସି ପ୍ରକାରେ ଠିକ ଲାଗୁନି । କିନ୍ତୁ ମୋର



▼ଅଭିଜିତ ଜେନାଙ୍କ ହସଖୁସିର ପରିବାର




**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍

ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍

ଭୁବନେଶ୍ୱର


ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**


ଡକ୍ଟର ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର

ପୋଖରୀପୁଟ, ଭୁବନେଶ୍ୱର

ଫୋନ : ୯୪୩୭୦୧୧୦୨୨

କିମ୍ବା

ସମ୍ପାଦକ

'ରେବତୀ ଆମ ମାଟିର ସ୍ୱର'

ଓ.ଟି. ରୋଡ୍

ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର

ବାଲେଶ୍ୱର-୭୫୬୦୦୧

ଫୋନ୍ : ୭୦୦୮୮୪୫୯୨୦

ମନର କଥା ମୁଁ ଅନ୍ୟମାନଙ୍କୁ କେମିତି ବୁଝାଇବି ତାହା ଜାଣିପାରୁନି । ବିବାହ ଯେ ମୋର ଜୀବନର ଲକ୍ଷ୍ୟ ନୁହେଁ ତାହାକୁ କେମିତି ଅନ୍ୟମାନଙ୍କୁ ବୁଝାଇ ପାରିବି । ମୋ ପରିବାର ପାଇଁ, ମାମୁଁମାଇଁଙ୍କ ପାଇଁ ଭଉଣୀମାନଙ୍କ ପାଇଁ ତଥା ନିଜ ପାଇଁ ମୋର ବହୁତ କିଛି କରିବାର ଅଛି । ତାହା ହିଁ ମୋ ଜୀବନର ମୂଳ ଉଦ୍ଦେଶ୍ୟ । ଏହିପରି ଦ୍ୱନ୍ଦ୍ୱ ଭିତରେ ମୁଁ ଜୀବନ କାଟୁଛି । ଦୟାକରି ଏହାର ସମାଧନର ସୂତ୍ର ବତାଇଲେ ଉପକୃତ ହେବି ।

**ଝରଣା ସ୍ୱାଇଁ, ନୟାଗଡ଼**

### ସମାଧାନର ସୂତ୍ର

ଭବିଷ୍ୟତ ବିଷୟରେ ତୁମେ ଯାହ ଭାବିଛ ତାହା ସମ୍ପୂର୍ଣ୍ଣ ଭାବରେ ଠିକ୍ । ପୁଅ ହେଉ ବା ଝିଅ ହେଉ ବାହାଘରଟା କେବେହେଲେ ଜୀବନର ଶେଷ ଲକ୍ଷ୍ୟ ନୁହେଁ । ବହୁତ ଶିକ୍ଷିତ ପୁଅ ଝିଅ ବାହା ହେଇ ନାହାନ୍ତି କିନ୍ତୁ ସମାଜର ଅତି ଉଚ୍ଚ ସ୍ଥାନରେ ରହି ଘର ଲୋକଙ୍କର ତଥା ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେଇଛନ୍ତି । ବନ୍ଧୁବାନ୍ଧବ ତଥା ଶୁଭେଚ୍ଛୁ ଲୋକମାନେ ତାଙ୍କର ନିଜସ୍ୱ ବିଚାର ଅନୁସାରେ ତୁମକୁ ବାହାଘର ପାଇଁ ପରାମର୍ଶ ଦେବେ । କିନ୍ତୁ ତୁମେ ସେଥିରେ ଆଦୌ ବିଚଳିତ ହୁଅ ନାହିଁ ଅବା ସେମାନଙ୍କୁ ତୁମର ନିଜସ୍ୱ ବିଚାର ବିଷୟରେ ବୁଝାଇବାର ଆବଶ୍ୟକତା ନାହିଁ । ପ୍ରତ୍ୟେକ ମଣିଷ ନିଜର ଭବିଷ୍ୟତର ଦାୟିତ୍ୱ ନିଜେ ନେବା ଜରୁରୀ । ଏଣୁ ତୁମେ ନିଜ ମନକୁ ଦୃଢ କରି ନିଜର ସିଦ୍ଧାନ୍ତରେ ଅଟଳ ରୁହ । ଯଦି ନିଜେ ଠିକ୍ ଭାବରେ ଜୀବନର ଲକ୍ଷ୍ୟକୁ ବୁଝି ପାରିଛ ତେବେ ସେହି ଅନୁସାରେ କାମ କର । ତୁମର କାହାକୁ କିଛି ବୁଝାଇବା ଦରକାର ନାହିଁ । ନିଜର ଯୋଗ୍ୟତା ଅନୁସାରେ ତୁମେ ଚାକିରି ଖୋଜିବାରେ ଲାଗିଯାଅ । ଯେଉଁ କାମ ତୁମକୁ ଭଲ ଲାଗୁଛି ସେହିଭଳି କାମଟିଏ ଖୋଜ । ନଚେତ ନିଜର ମନ ମୁତାବକ ଅନ୍ୟ ଯେ କୌଣସି କାମ କରିପାରିବ । ଯେଉଁଥିରେ ତୁମକୁ ମାନସିକ ଶାନ୍ତି ମିଳିବ ତଥା ତୁମେ ଖୁସିରେ ରହିବ । ସ୍ୱାବଲମ୍ବୀ ହେବା ପାଇଁ ଦୃଢମନା ଲୋକମାନେ ବହୁତ କିଛି କାମ କରି ପାରୁଛନ୍ତି । ଅନେକ ଝିଅ ଟ୍ୟୁସନ୍ ଆରମ୍ଭ କରି ପରେ ନିଜର କୋଚିଙ୍ଗ୍ ସେଣ୍ଟରଟିଏ ବି କରି ପାରୁଛନ୍ତି । ତୁମେ ତିନି ଭଉଣୀ ତିନି ପୁଅଙ୍କ ଠାରୁ ବି ମୂଲ୍ୟବାନ । ଖାଲି ଭାବିଲେ ହେବ ନାହିଁ । କାମରେ କରି ଦେଖାଇବାକୁ ହେବ । ଆଶା କରୁଚି ତୁମେ ଆଉ ଡେରି ନ କରି ନିଜ ପାଇଁ ଚାକିରିଟିଏ ଖୋଜିବ ଅବା ନିଜର କିଛି ବୃତ୍ତି ଆରମ୍ଭ କରିବ । ନିଜ ଉପରେ ଦୃଢ ବିଶ୍ୱାସ ରଖ । ଆତ୍ମବିଶ୍ୱାସ ଥିଲେ ସବୁ ସମ୍ଭବ ହେଇପାରିବ ।

▼ଅପର୍ଣ୍ଣା ତ୍ରିପାଠୀ ଓ ଅମୀୟ ପାଣ୍ଡବଙ୍କ ହସଖୁସିର ପରିବାର



### ସମସ୍ୟା: ୨

ମୁଁ କଲେଜରେ ପଢ଼ିଲା ବେଳେ, ମୋ କ୍ଲାସ୍‌ର ଗୋଟିଏ ଝିଅକୁ ଭଲ ପାଉଥିଲି । ଆମର ଭଲପାଇବା ପାଇଁ ଉଭୟଙ୍କ ଘରେ କେହି ରାଜି ନ ଥିଲେ । ତଥାପି ଆମ ଭିତରେ ଭଲ ପାଇବା ଏତେ ଥିଲା ଯେ ବିବାହ କରିବୁ ବୋଲି ଆମେ ମନେ ମନେ ସ୍ଥିର କରିଥିଲୁ । ଆମେ ଉଭୟ ଭଲ ପାଠ ପଢୁଥିଲୁ । ତେଣୁ ପାଠପଢା ସରୁ ସରୁ ଆମକୁ ଚାକିରି ମିଳିଗଲା । ତାହାପରେ ଆମେ ନିଜ ଇଚ୍ଛାରେ ଘରେ କାହାରି କଥା ନ ଶୁଣି ବାହା ହେଇଗଲୁ । ବାହାଘର ପରେ ଦୁହେଁ ବହୁତ ଖୁସିରେ ଥିଲୁ । ପ୍ରାୟ ବର୍ଷେ ଦୁଇବର୍ଷ ଯାଏଁ ସବୁ ଠିକ୍‌ଠାକ୍ ଚାଲିଥିଲା । ମୋ ଅଫିସ୍‌ରେ କିଛି ଅସୁବିଧା ଯୋଗୁଁ ମୁଁ ଚାକିରି ଛାଡ଼ିଦେଲି । ଦୁଇ ମାସ ପରେ ମୋ ସ୍ତ୍ରୀ ବି ତା ଚାକିରି ଛାଡ଼ିଦେଲା । ଏବେ ଦୁଇ ଜଣଙ୍କର ଚାକିରି ନାହିଁ । ଅର୍ଥର ଘୋର ଅଭାବ । ଅର୍ଥ ହିଁ ଅନର୍ଥର ମୂଳ । ସବୁବେଳେ ଅଭାବ ଅସୁବିଧା ରହିବାରୁ ଆମ ଦୁହିଁଙ୍କ ଭିତରେ ମନୋମାଳିନ୍ୟ ତଥା ଯୁକ୍ତିତର୍କ ଆରମ୍ଭ ହେଇଗଲା । ନିଜ ଇଚ୍ଛାରେ ବାହା ହେଇଥିବାରୁ ଆମର ନିଜ ପରିବାର ଲୋକଙ୍କ ସହିତ ବି ସଂପର୍କ ନାହିଁ । ତେଣୁ ଆମକୁ କେହି ବୁଝାଇବାକୁ ନାହାନ୍ତି । ଆମ ଭିତରେ ଦିନକୁ ଦିନ ଅଶାନ୍ତି ବଢ଼ି ଚାଲିଛି । ଏବେ ଭାବୁଛି, ଆମେ ଦୁହେଁ ହଠାତ୍ ଏପରି ବାହା ହେବାର ନ ଥିଲା । ଏଥିପାଇଁ ମୋ ସ୍ତ୍ରୀ ବି ମତେ ଦୋଷ ଦେଉଛନ୍ତି । ବେଳେବେଳେ ଭାବୁଛି ସବୁ ଛାଡି କୁଆଡେ ପଳାଇବି ଅଥବା ବିବାହ ବିଚ୍ଛେଦ ପାଇଁ ଯୋଗାଯୋଗ କରିବି । କିନ୍ତୁ କଣ କରିବି କିଛି ସ୍ଥିର କରି ପାରୁନାହିଁ ।

**ଉମେଶ ମିଶ୍ର, ରାଉରକେଲା**

### ସମାଧାନର ସୂତ୍ର

ତୁମେ ଅତୀତକୁ ନ ଭାବି ବରଂ ବର୍ତ୍ତମାନର ପରିସ୍ଥିତି ବିଷୟରେ ଭାବିବାକୁ ଆରମ୍ଭ କର । ଅତୀତକୁ ମନେ ପକାଇଲେ ତାହା ଆଉ ଫେରିଆସିବ ନାହିଁ । ତେଣୁ ଅତୀତ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ ବରଂ ସମୟ ନଷ୍ଟ ହେବା ସହିତ ଦୁଃଖ ବଢ଼ିବ ଓ ମନ ଭାଙ୍ଗିଯିବ । ତେଣୁ ଆଜି ଠାରୁ ତୁମକୁ ନିଜର ଭବିଷ୍ୟତ ପାଇଁ କାମ କରିବାକୁ ପଡ଼ିବ । ନିଜ ଉଜ୍ଜ୍ୱଳ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡିବ । ବିବାହ ବିଚ୍ଛେଦ କେବେହେଲେ ସମସ୍ୟା ସମାଧାନର ବାଟ ନୁହେଁ । ଅବା ସମସ୍ୟା ଠାରୁ ଦୂରେଇବା ପାଇଁ ସବୁ ଛାଡି କେଉଁଆଡେ ପଳାଇବାରେ ମଧ୍ୟ ସମସ୍ୟାର ସମାଧାନ ମିଳେ ନାହିଁ । ମୋ ମତରେ ବର୍ତମାନ ସମୟରେ ତୁମେ ନିଜ ପାଇଁ ଚାକିରୀଟିଏ ଖୋଜିବା ତଥା ନିଜର ଆର୍ଥିକ ଅବସ୍ଥାକୁ

ଦୃଢ଼ କରିବା ହିଁ ତୁମର ମୁଖ୍ୟ କାମ ହେବା ଆବଶ୍ୟକ । ସେହିପରି ତୁମେ ସ୍ତ୍ରୀଙ୍କୁ ଉତ୍ସାହିତ କରି ତାଙ୍କର ମନୋବଳ ବଢ଼ାଇବାକୁ ହେବ । ଫଳରେ ସେ ବି ଏସବୁ ଅଯଥା କଥାରୁ ନିଜକୁ ଦୂରେଇ ରଖି ନିଜ ପାଇଁ ଉପଯୁକ୍ତ ଚାକିରୀଟିଏ ଖୋଜିବାରେ ଲାଗି ପଡ଼ିବେ । କାମ ଉପରେ ଧ୍ୟାନ ରହିଲେ ମାନସିକ ଦୁଃଶ୍ଚିନ୍ତା କମିଯିବ । ତାହା ସହିତ ଯୁକ୍ତିତର୍କ ତଥା ମନୋମାଳିନ୍ୟ ବି ହେବ ନାହିଁ । ଦୁହିଁଙ୍କର ଚାକିରୀ ହେଇଗଲେ ହିଁ ତୁମର ଅନେକ ସମସ୍ୟାର ସମାଧାନ ଆପେ ଆପେ ହେଇଯିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଗଲେ, ମାନସିକ ଶାନ୍ତି ଫେରି ଆସିବ । ତାପରେ ଦୁହେଁ ବସି ଥଣ୍ଡା ମୁଣ୍ଡରେ ଆଲୋଚନା କରି ନିଜ ନିଜ ପରିବାର ସହିତ ପୂର୍ବର ସଂପର୍କ ଫେରାଇ ଆଣିବାର ଉପାୟ କାଢ଼ିବ । ରାତି ପରେ ଦିନ ଓ ଦିନ ପରେ ରାତି ହେବ ହିଁ ହେବ । ଏଥିରେ ଦ୍ୱିମତ ନାହିଁ । ସମସ୍ୟା ଯେତେ ଜଟିଳ ହେଉନା କାହିଁକି, ତାହାର ସମାଧାନର ବାଟ ନିଶ୍ଚିତରୂପେ ରହିଛି । ସେଥିପାଇଁ ଆମେ ନିଜ ମୁଣ୍ଡକୁ ଥଣ୍ଡା ରଖି ଧୈର୍ଯ୍ୟ ତଥା ସକାରାତ୍ମକ ମନୋଭାବର ସହିତ ଭାବିବାକୁ ପଡ଼ିବ । ତେବେ ଯାଇ ଆମକୁ ଉପଯୁକ୍ତ ରାସ୍ତା ମିଳିବ । କୌଣସି ସମସ୍ୟାର ସମାଧାନ କେବେ ରାତାରାତି ହୁଏ ନାହିଁ । ଏଣୁ ନିଜେ ନିଜର ଭୁଲକୁ ସ୍ୱୀକାର କରି ତାହାର ଉପଯୁକ୍ତ ସମୀକ୍ଷା କରି ପାରିଲେ ହିଁ ଆମେ ସେଥିରୁ ଶିଖି ପାରିବା । ଯାହା ଆମକୁ ଏକ ସୁନ୍ଦର ଭବିଷ୍ୟତ ଗଢିବାରେ ସହାୟକ ହେବ ।

### ସମସ୍ୟା: ୩

ମୁଁ ଏବେ ଯୁକ୍ତ ତିନି ପଢୁଛି । ଦଶମ ଶ୍ରେଣୀ ଯାଏଁ ଭଲ ପାଠ ପଢୁଥିଲି । ପରୀକ୍ଷାରେ ଭଲ ମାର୍କ ରଖି ପାଶ୍ ମଧ କରିଥିଲି । କିନ୍ତୁ ଦଶମ ପରେ ମୋର ନିଜ ଭିତରେ ଅନେକ ପରିବର୍ତ୍ତନ ହେଲା । କାରଣ ମୁଁ ଯେତେବେଳେ +୨ ରେ ନାମ ଲେଖାଇଲି, ଭାବିଲି କଲେଜ ପାଠ ବହୁତ ସହଜ । ପାଖରେ ଦୁଇ ବର୍ଷ ଅଛି ପାଠ ପଢିବା ପାଇଁ । ମୁଁ ବହୁତ ସହଜରେ ପାସ୍ କରିଯିବି । ହେଲେ ସେପରି କିଛି ହେଲା ନାହିଁ । ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ମୁଁ ଯୁକ୍ତ ଦୁଇ ପାଶ୍ କରିଲି ହେଲେ ପରୀକ୍ଷାରେ ମୋର ଭଲ ମାର୍କ ରହିଲା ନାହିଁ । ମୁଁ ଜଣେ ଭଲ ଛାତ୍ର ହେଇଥିବାରୁ ସମସ୍ତଙ୍କର ମୋ ଉପରେ ବହୁତ ଆଶା ଓ ବିଶ୍ୱାସ ଥିଲା ଯେ ମୁଁ ନିଶ୍ଚିତ କିଛି ଭଲ କରି ଦେଖାଇବି । ମାତ୍ର ମୁଁ ସମସ୍ତଙ୍କର ଭରସାକୁ ଭାଙ୍ଗି ଦେଇଥିଲି । ଘରେ ସମସ୍ତେ ଅସନ୍ତୁଷ୍ଟ ହେଲେ ଗାଳି ମଧ କରିଲେ । ଏବେଯାଏଁ ମଧ ଘରେ ସମସ୍ତେ ମୋ ଉପରେ ବିରକ୍ତ ହେଉଛନ୍ତି । ମୁଁ କିଛି କହିଲେ ଅବା କରିଲେ ସେମାନେ ସମସ୍ତେ ମୋତେ ଭୁଲ ବୁଝୁଛନ୍ତି । ଅନ୍ୟ ପିଲାମାନଙ୍କ ଉଦାହରଣ ମତେ ଦେଉଛନ୍ତି । ମୋ ପାଇଁ ବାପାମାଆ ସବୁବେଳେ ଚିନ୍ତାରେ ରହୁଛନ୍ତି । ମୋତେ ଲାଗୁଛି ଏବେ କେବଳ ମୋ ପାଇଁ ହିଁ ଆମ ପରିବାରରେ ଅଶାନ୍ତି ବଢିଚାଲିଛି । ବେଳେ ବେଳେ ଭାବୁଛି ଘରଛାଡି କୁଆଡ଼େ ପଳେଇବି । ପୁଣି ମନରେ ଅନେକ ଖରାପ ଚିନ୍ତା ମଧ୍ୟ ଆସୁଛି । ମୁଁ କଣ କରିବି ଯେ ସବୁକିଛି ପୁଣି ପୂର୍ବପରି ଠିକ୍ ହେଇଯିବ ସେଥିପାଇଁ ମୋତେ କିଛି ବୁଦ୍ଧିବାଟ ଦେଖା ଯାଉନି । ମୋତେ ଟିକେ ଏହାର ଉପାୟ ବତାନ୍ତୁ ।

**ବିଜନ ମହାନ୍ତି, କଟକ**

### ସମାଧାନର ସୂତ୍ର



▼ନୀଳଲୋହିତ ମହାପାତ୍ରଙ୍କ ହସଖୁସିର ପରିବାର

ତୁମେ ନିଜେ ହିଁ ଲେଖିଛ ଯେ ତୁମେ ଜଣେ ଭଲ ଛାତ୍ର ଥିଲ । ଦଶମ ଶ୍ରେଣୀଯାଏଁ ଭଲ ପାଠ ବି ପଢୁଥିଲ । ଏଥିରୁ ହିଁ ଜଣାପଡୁଛି ଯେ ତୁମର ଜ୍ଞାନ ଓ ଦକ୍ଷତା ନିଶ୍ଚିତ ଭାବରେ ବହୁତ ଭଲ । ତୁମର ମାନସିକ ବଳ ଓ ଆତ୍ମବିଶ୍ୱାସ ମଧ୍ୟ ରହିଛି । ଆତ୍ମବିଶ୍ୱାସ ରଖିବା ଭଲ କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ଆମ ଜୀବନକୁ ନଷ୍ଟ କରିଦିଏ । ତୁମେ ଯୁକ୍ତ ଦୁଇରେ କମ ମାର୍କ ରଖିବାରୁ ତୁମ ମନରେ ନକାରାତ୍ମକ ଭାବନା ଆସିଯାଇଛି । ତଥା ଘରର ଲୋକମାନେ ମନଦୁଃଖ କରିଛନ୍ତି । କିନ୍ତୁ ତୁମେ ଯୁକ୍ତ ଦୁଇରେ ଭଲ ମାର୍କ ରଖିପାରିଲନି ବୋଲି ଯେ ତୁମର ସବୁକିଛି ନଷ୍ଟ ହୋଇଗଲା ତାହା ଭାବିବା ଉଚିତ୍ ନୁହେଁ । ଯେଉଁଥିପାଇଁ ତୁମେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବି ମନରେ ଅନେକ ଦୁଶ୍ଚିନ୍ତା ସୃଷ୍ଟି କରୁଛ । ତୁମେ ଜଣେ ଭଲ ଛାତ୍ର ବୋଲି ସମସ୍ତଙ୍କର ତୁମ ଉପରେ ଆଶା ଓ ବିଶ୍ୱାସ ଥିଲା । ସେମାନଙ୍କର ଏବେ ବି ତୁମ ଉପରେ ସେହି ଭରଷା ଓ ବିଶ୍ୱାସ ରହିଛି । ଘରେ ତୁମକୁ ଅନ୍ୟପିଲାଙ୍କ ଉଦାହରଣ ଦେବା କିଛି ଭୁଲ ନୁହେଁ । ତୁମକୁ ଉତ୍ସାହିତ କରିବା ତଥା ତୁମର ମନୋବଳ ବଢ଼ାଇବା ପାଇଁ ସେମାନେ ଏପରି କହୁଛନ୍ତି । କାରଣ ତୁମେ ତୁମ ପରିବାରର ଏକ ସଦସ୍ୟ ଏବଂ ତୁମର ପିତାମାତା ହିସାବରେ ତୁମର ମଙ୍ଗଳ କାମନା କରିବା ସେମାନଙ୍କର ଏକ ଗୁରୁ ଦାୟୀତ୍ୱ । ଅନ୍ୟମାନେ ତୁମକୁ ଖରାପ ଭାବୁଛନ୍ତି କି ନାହିଁ ତାହା ଜଣା ନାହିଁ । କିନ୍ତୁ ତୁମେ ନିଜେ ନିଜକୁ ବହୁତ ଖରାପ ଭାବୁଛ । ନିଜକୁ ନିଜେ ଧିକ୍କାର କରୁଛ । ଯାହା ଆଦୌ ଉଚିତ ନୁହେଁ । କାରଣ ତୁମେ ଅଯଥାରେ ଏତେଗୁଡ଼ିଏ ନକାରାତ୍ମକ କଥା ମୁଣ୍ଡରେ ପୁରାଇ ନିଜକୁ ନିରୁତ୍ସାହିତ କରିଲେ ନିଜେ ହିଁ ନିଜପାଇଁ ବାଧା ସୃଷ୍ଟି କରିବ । ଫଳରେ ତୁମର ମନୋବଳ ହ୍ରାସ ପାଇବ । ତେଣୁ ତୁମେ ଆଗ ନିଜ ମନକୁ ସ୍ଥିର ରଖି ଥଣ୍ଡା ମୁଣ୍ଡରେ ତୁମ କମ୍ ମାର୍କ ରହିବାର କାରଣ ଖୋଜି ବାହାର କର । କେଉଁ ଅବହେଳା ଯୋଗୁଁ ଏପରି ହେଲା ତାହା ଜାଣି ହୃଦୟଙ୍ଗମ କରିପାରିଲେ ହିଁ ତୁମେ ତାହାର ପ୍ରତିକାର କରିପାରିବ । ଅନେକ ଛାତ୍ରଙ୍କ ଜୀବନରେ ଏହିଭଳି ଘଟଣା ଘଟିଛି । ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ କରି ମଧ ପରେ ଫେଲ୍ ଅବା ଥାର୍ଡ଼ ଡିଭିଜନରେ ପାସ୍ କରିଛନ୍ତି । ତେଣୁ ତୁମକୁ ହିଁ ଏହାର କାରଣ ଖୋଜି ବାହାର କରିବାକୁ ହେବ । ପ୍ରକୃତ କାରଣ ଜାଣି ପାରିଲେ ହିଁ ତୁମେ ତାହାର ସମାଧାନ ପାଇଁ ଚେଷ୍ଟା କରିପାରିବ । ତେଣୁ ମନରେ ଏଣୁତେଣୁ କଥା ନ ଭାବି ନିଜର ଦକ୍ଷତାର ସଦ୍‌ବ୍ୟବହାର କରି ଆଗାମୀ ପରୀକ୍ଷାରେ କିପରି ଅଧିକ ମାର୍କ ରଖିବ ସେଥିପାଇଁ ଧ୍ୟାନ ଦିଅ । ଯଦି ତୁମର ଖରାପ ସାଙ୍ଗ ଥାଆନ୍ତି ତେବେ ସେମାନଙ୍କଠାରୁ ନିଜକୁ ଦୂରେଇ ରଖ । ମନକୁ ସବୁବେଳେ ସକାରାତ୍ମକ ରଖିବା ପାଇଁ ଯୋଗ ଅବା ପ୍ରାଣାୟାମର ଅଭ୍ୟାସ କର । ମନ ପ୍ରଫୁଲ୍ଲ ତଥା ସକାରାତ୍ମକ ରହିଲେ ତୁମେ ତୁମ ସମସ୍ୟାର ସମାଧାନ କରି ପାରିବ ।

# ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ


## ରଷିକା ରୁଚିରମ୍ୟା

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ-୨୦୪, ବୈଦ୍ୟନାଥ ନଗର, ସେଲ୍ସଟ୍ୟାକ୍ସ ଅଫିସ୍ ସ୍କୋୟାର, ବ୍ରହ୍ମପୁର-୭୬୦୦୧୦, ଫୋନ:୯୦୭୮୪୪୧୭୧୧

ଫଟୋ ସୌଜନ୍ୟ : ଲେଖିକା






◀ ଲେଖିକା ରଷିକା ରୁଚିରମ୍ୟା

### ରାଗି (ମାଣ୍ଡିଆ)ଚକୋଲେଟ୍ କେକ୍

ମୋର ପୂର୍ବରୁ ପ୍ରକାଶିତ ରେସିପିରେ ମାଣ୍ଡିଆର ଭରପୁର ଖାଦ୍ୟମୂଲ୍ୟ, ବିଭିନ୍ନ ପୋଷାକତତ୍ତ୍ୱ ସମ୍ପର୍କରେ ମୁଁ ପ୍ରାଞ୍ଜଳ ଭାବେ ଆଲୋଚନା କରିଛି । ବର୍ତ୍ତମାନ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଲୋକମାନଙ୍କ ନିକଟରେ ପହଞ୍ଚେଇବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ବିଷୟରେ ପ୍ରାୟ ସମସ୍ତେ ଜାଣିଥିବେ । ନିଜକୁ ସୁସ୍ଥ ନିରୋଗ ଓ କାର୍ଯ୍ୟକ୍ଷମ କରିବାକୁ ହେଲେ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ ଜରୁରୀ ଅଟେ । ଆମେ ଆମ ଦୈନନ୍ଦିନ ଖାଦ୍ୟ ତାଲିକାରୁ ମଇଦା ଚିନି ଆଦି କ୍ଷତିକାରକ ଜିନିଷକୁ ଯେତେ ହଟେଇବା ସେତେ ଭଲ । ତେବେ ଖାଦ୍ୟରେ ସ୍ୱାଦ ବି ଜରୁରୀ । ବିଶେଷକରି ପିଲାମାନଙ୍କ ପାଇଁ, ଆଜିକାଲି ପିଲାମାନେ କେକ୍ ବର୍ଗର୍ ପିଜ୍ଜା ଇତ୍ୟାଦି ପାଇଁ ଅଧିକ ଆଗ୍ରହୀ । ଆଉ ଏସବୁକୁ ଆମେ ସାଧାରଣତଃ ସହଜରେ ମାର୍କେଟ୍‌ର ବେକେରିମାନଙ୍କରୁ କିଣି ଆଣିଥାଉ । ଏଥିରେ ମଇଦା ସହ ପ୍ରିଜର୍ଭେଟିଭ୍ ଭଳି ବହୁ କ୍ଷତିକାରକ ପଦାର୍ଥ ମିଶିଥାଏ । କିନ୍ତୁ ଆମେ ଘରେ ଶରୀର ପାଇଁ ଉପକାରୀ ପଦାର୍ଥର ଉପଯୋଗ କରି ଅଧିକ ସ୍ୱାଦିଷ୍ଟ କେକ୍ ଆଦି କରି ପିଲାମାନଙ୍କୁ ଦେଇ ପାରିବା । ସେଥିପାଇଁ ଆଜି ମୁଁ ଏଠାରେ ଦୁଇଟି ସ୍ୱାସ୍ଥ୍ୟକର ସ୍ୱାଦିଷ୍ଟ କେକ୍‌ର ରେସିପି ଦେଉଛି । ଗୋଟିଏ ରାଗି ବା ମାଣ୍ଡିଆ ଚକୋଲେଟ୍ କେକ୍ ଓ ଅନ୍ୟଟି ଗାଜର କେକ୍ ।

**ଆବଶ୍ୟକ ସାମଗ୍ରୀ :** ରାଗି (ମାଣ୍ଡିଆ) ଗୁଣ୍ଡ-୧କପ୍, ଗହମ ଅଟା-୧କପ, ବଟର-୧୦୦ଗ୍ରାମ, ଭାନିଲା ଏସେନ୍ସ-୨ଚାମଚ, କୋକୋ ପାଉଡ଼ର-୩ ବଡ଼ ଟେବୁଲ ଚାମଚ, ଗୁଡ଼ଗୁଣ୍ଡ-୧କପ, ଦହି-୧/୨କପ୍, କ୍ଷୀର ୧ରୁ ୨ ଚାମଚ, ବେକିଙ୍ଗ ପାଉଡ଼ର-୧ ଚାମଚ, ବେକିଙ୍ଗ ସୋଡ଼ା-୧/୨ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ କଡ଼େଇ ଗ୍ୟାସ୍‌ରେ ବସାଇ ଗରମ କରନ୍ତୁ । କଡ଼େଇ ଗରମ ହେଲେ ମାଣ୍ଡିଆ ଗୁଣ୍ଡ ଏକ କପ୍ ଦେଇ ଶୁଖିଲା ଭାଜନ୍ତୁ । ଭାଜିବା ବାସ୍ନା ଆସିଲେ ସଙ୍ଗେ ସଙ୍ଗେ ଅଲଗା ଗୋଟିଏ ପ୍ଲେଟ୍‌କୁ ବାହାର କରି ଥଣ୍ଡା ହେବାକୁ ଦିଅନ୍ତୁ । ଭାଜିବା ବେଳେ ମଧ୍ୟମ ଆଞ୍ଚରେ ଲଗାତର ଚଳାଉଥିବେ । ଗୁଣ୍ଡ ଭାଜି ହେବ କିନ୍ତୁ ପୋଡ଼ିବ ନାହିଁ । ଏଥିରେ ଥିବା ଗୁଳା ଅଂଶ ବି ଭାଙ୍ଗି ଗୁଣ୍ଡ ହୋଇଯିବ ।

ମାଣ୍ଡିଆ ଗୁଣ୍ଡ ଥଣ୍ଡା ହେଲା ପରେ ଏଥିରେ ଏକ କପ୍ ଅଟା ମିଶାଇ ଦିଅନ୍ତୁ । କୋକୋ ପାଉଡ଼ର, ବେକିଙ୍ଗ୍ ସୋଡ଼ା ଇତ୍ୟାଦି ଶୁଖିଲା ଗୁଣ୍ଡ, (ଗୁଡ଼କୁ ଛାଡ଼ି) ସବୁ ମିଶାଇ ଚଳାଇ ନିଅନ୍ତୁ । ଏହାଦ୍ୱାରା ସବୁ ଶୁଖିଲା ସାମଗ୍ରୀ ଭଲ ଭାବେ ମିଶିଯିବ ଓ କେକ୍‌ଟି ଭଲ ଭାବେ ଫୁଲି ହେବ । ଏହାପରେ ୧୦୦ଗ୍ରାମ ବଟର୍‌କୁ ତରଳାଇ ଗୋଟିଏ ବଡ଼ ପାତ୍ରରେ ରଖନ୍ତୁ । ଏଥିରେ ଦହି, ଗୁଡ଼ଗୁଣ୍ଡ, ଏସେନ୍ସ ପକାଇ ଭଲ ଭାବେ ଫେଣ୍ଟି ନିଅନ୍ତୁ । ଏହାପରେ ଏହି ମିଶ୍ରଣରେ ଆଗରୁ ପ୍ରସ୍ତୁତ କରି ରଖିଥିବା ଶୁଖିଲା ଗୁଣ୍ଡ ସାମଗ୍ରୀକୁ ମିଶାଇ ଗୋଟିଏ ସ୍ପାଟୁଲାରେ cut and fold ମେଥଡ୍‌ରେ ସବୁକୁ ଭଲ ଭାବେ ମିଶାନ୍ତୁ । ଏପରି ମିଶାଇବା ଦ୍ୱାରା ଗୁଳା ରହେ ନାହିଁ । ମିଶ୍ରଣରେ ୨ ଚାମଚ କ୍ଷୀର ମିଶାଇ କେକ୍ ପାଇଁ Flowy Consistency ଆଣିବାକୁ ଯଦି ଆବଶ୍ୟକ କରନ୍ତି ଆଉ ୧/୨ ଚାମଚ କ୍ଷୀର ମିଶାଇ ପାରନ୍ତି ।

ଏହାପରେ କେକ୍ ଟିଣରେ ବଟର୍ ଲଗାଇ ବା ବଟର୍ ପେପର୍ ପକାଇ, ତାପରେ ମିଶ୍ରଣକୁ ଢାଳି ଦିଅନ୍ତୁ । କେକ୍ ଟିଣକୁ ଟିକେ tap କରି ଦିଅନ୍ତୁ । ଫଳରେ ମିଶ୍ରଣରେ ପବନ ଥିଲେ ବାହାରିଯିବ । ଏହାପରେ ଟିଣକୁ ମାଇକ୍ରୋୱେଭ୍‌ରେ ୩୦ମିନିଟ୍ ବେକ୍ କରି କେକ୍ ବାହାର କରନ୍ତୁ ବା ଯଦି କଡ଼େଇ କି ପ୍ରେସର୍ କୁକର୍‌ରେ କରୁଛନ୍ତି ତ ପ୍ରଥମେ ସେଥିରେ କିଛି ଲୁଣ ଦେଇ ପ୍ରୀ ହିଟ୍ କରି ଟିଣ ରଖି ୪୦ ମିନିଟ୍ ପର୍ଯ୍ୟନ୍ତ ଆଦୌ ନଖୋଲି ବେକ୍ କରନ୍ତୁ । ପ୍ରେସର୍ କୁକର୍‌ର ଢାଙ୍କୁଣୀରେ ହୁଇସିଲ୍ ବାହାର କରି ଲିଡ୍ ଦେବେ । କଡ଼େଇରେ ଠିକ୍ ଖାପ ଖାଉଥିବା ଢାଙ୍କୁଣୀ ଦେବେ । କେକ୍ ହେଲା କି ନାହିଁ ୪୦ମିନିଟ୍ ପରେ ଛୁରୀ ମାରି ଦେଖିବେ । ଯଦି ଛୁରୀରେ କିଛି ନ ଲାଗିଛି ତ ଜାଣିବେ କେକ୍ ଭଲ ଭାବେ ହୋଇଛି, ନହେଲେ ଆଉ ୫/୭ ମିନିଟ୍ ବସାଇ



କେକ୍ ହେବାଯାଏଁ ଅପେକ୍ଷା କରିବେ । ହଁ କେକ୍‌କୁ ସବୁବେଳେ ଅଳ୍ପ ମଧ୍ୟମ ଆଞ୍ଚରେ ବେକ୍ କରିବେ । କେକ୍ ହୋଇଗଲା ପରେ ଥଣ୍ଡା କରି ଟିଣରୁ ବାହାର କରି କାଟି ପିଲାଙ୍କୁ ଦିଅନ୍ତୁ । ପିଲାମାନଙ୍କ ପାଇଁ ଅଧିକ ସ୍ୱାଦିଷ୍ଟ ଓ ଆକର୍ଷଣୀୟ କରିବାକୁ କେକ୍ ମିଶ୍ରଣରେ ଚକୋଲେଟ୍ ଖଣ୍ଡ, କେକ୍ ହେବା ପରେ ଚକୋଲେଟ୍ ସସ୍ ପକାଇ ପାରନ୍ତି ।

**ଚକୋଲେଟ୍ ସସ୍ କିପରି କରିବେ:** ଗୋଟିଏ ସସ୍‌ପ୍ୟାନକୁ ଗ୍ୟାସରେ ମଧ୍ୟମ ଆଞ୍ଚରେ ବସାନ୍ତୁ, ସେଥିରେ ଅମୁଲ୍‌କ୍ରିମ୍ ଗୋଟେ ପାକେଟ୍, ପୁରା ପକାନ୍ତୁ- ୧ ରୁ ୨ଟା କାଡ଼ବେରୀ ବା ଯେକୌଣସି ଚକୋଲେଟ୍ ଖଣ୍ଡଖଣ୍ଡ କରି ପକାନ୍ତୁ- ୧ଚାମଚ ଭର୍ଜିନ ନଡ଼ିଆ ତେଲ ମିଶାନ୍ତୁ, ଭଲ ଭାବେ ମିଶିଗଲେ, ଏହାକୁ କେକ୍ ଉପରେ ଢାଳିଦିଅନ୍ତୁ । ପିଲାମାନଙ୍କ ପାଇଁ ଏହା ଉପରେ କେକ୍ ପାଇଁ ମିଳୁଥିବା କେକ୍ ସ୍ପ୍ରିଙ୍କଲ୍, ବିଭିନ୍ନ ରଙ୍ଗର ଜେମ୍ସ ସଜାଇ ପାରନ୍ତି ଯାହା ପିଲାଙ୍କୁ ଅଧିକ ଆକର୍ଷିତ କରିବ । ଏହିପରି ଭାବେ ମା'ମାନେ ମାଣ୍ଡିଆ ଓ ଅଟାରୁ ପିଲାଙ୍କୁ ସ୍ୱାଦିଷ୍ଟ ଖାଦ୍ୟ କରି ଖୁଆଇ ପାରିବେ, ମଇଦାର ବ୍ୟବହାରକୁ ବନ୍ଦ କରିପାରିବେ ।

## ଗାଜର୍ କେକ୍

ଗାଜର ତାର ପୋଷକତତ୍ତ୍ୱ ଦୃଷ୍ଟିରୁ ଏକ ଚମତ୍କାର ପରିବା । ଏଥିରେ ଥିବା ନ୍ୟୁଟ୍ରିସନ୍ ଭାଲ୍ୟୁ ଯୋଗୁଁ ଶରୀରର ତ୍ୱଚା, କେଶ, ଚକ୍ଷୁ, ହୃତ୍‌ପିଣ୍ଡ ପାଇଁ ଉପକାରୀ ହେବା ସହ ୬ ମାସରୁ ଅଧିକ ଶିଶୁଙ୍କ ପାଇଁ ମଧ୍ୟ ଏକ ଉତ୍ତମ ଖାଦ୍ୟ ।

**ଆବଶ୍ୟକ ସାମଗ୍ରୀ :** ଗାଜରର ପୋଷକତତ୍ତ୍ୱ ୧୦୦ଗ୍ରାମ, ଏନର୍ଜି- ୪୧କିଲୋ କ୍ୟାଲୋରୀ, କାର୍ବୋହାଇଡ୍ରେଟ୍- ୯.୫ଗ୍ରାମ, ସୁଗର୍- ୪.୭୪ଗ୍ରାମ୍, ପ୍ରୋଟିନ- ୦.୯୩ ଗ୍ରାମ, ଫ୍ୟାଟ୍- ୦.୨ଗ୍ରାମ, ଫୋଲେଟ-୧୯ ମାଇକ୍ରୋ ଗ୍ରାମ, ଭିଟାମିନ୍ ଏ-୧୬,୭୦୬ ୟୁନିଟ୍, ଭିଟାମିନ ସି-୫.୯ମିଲିଗ୍ରାମ, କ୍ୟାଲସିୟମ- ୩୩ ମି.ଗ୍ରା, ଫ୍ଲୋରାଇଡ୍- ୩.୨ମିଗ୍ରା, ଆଇରନ- ୦.୩୦ମିଲିଗ୍ରା, ମ୍ୟାଗ୍ନେସିୟମ- ୧୨ମିଗ୍ରା, ପୋଟାସିୟମ- ୩୨୦ମିଲିଗ୍ରା, ଫସ୍‌ଫରସ୍- ୩୫ମିଲିଗ୍ରା. ଜିଙ୍କ୍-୦.୨୪ମିଗ୍ରା. ।

ଗାଜରର ବିଜ୍ଞାନ ସମ୍ମତ ନାଁ ହେଉଛି 'Daucus Carota' Carota ଏକ ଲାଟିନ ଶବ୍ଦ ଯାହାର ମାନେ busut, ବୋଧହୁଏ ଏହା ତାର ରଙ୍ଗ ପାଇଁ ଦିଆ ଯାଇଛି । ରେକର୍ଡ଼ରୁ ଜଣାଯାଏ ଯେ ୪୦୦୦ବର୍ଷରୁ ଉର୍ଦ୍ଧ୍ୱ ସମୟରୁ ମଣିଷ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରି ଆସୁଛି । ପ୍ରାଚୀନ ରୋମାନ ଓ ଗ୍ରୀକ୍‌ମାନେ ଏହାକୁ ଔଷଧୀୟ ବୃକ୍ଷ ଭାବେ ବ୍ୟବହାର କରୁଥିଲେ । ଗାଜର ପାହାଡ଼ିଆ ଅଞ୍ଚଳରେ ବର୍ଷସାରା ସମତଳ ଅଞ୍ଚଳରେ ଶୀତଦିନେ ହୋଇଥାଏ ।

**ଗାଜରର ସ୍ୱାସ୍ଥ୍ୟଗତ ଉପକାର :** ଗାଜର ବେଟା କରୋଟିନର ଏକ ଉତ୍ତମ ସ୍ରୋତ, ଯାହା ସୂର୍ଯ୍ୟର ୟୁଭି କିରଣର କ୍ଷତିକାରକ ପ୍ରଭାବରୁ ତ୍ୱଚାକୁ ରକ୍ଷା କରିଥାଏ । ଏଥିରେ ଥିବା Lycopene ତ୍ୱଚାର ରୁକ୍ଷତାକୁ କମ୍ କରେ ଓ ଏହା photo protective ଏଜେଣ୍ଟ ହୋଇଥିବାରୁ ତ୍ୱଚାକୁ sunburn ଓ uv ରୁ ରକ୍ଷା କରିଥାଏ । ଏଥିରେ ଥିବା ଭିଟାମିନ ସି ତ୍ୱଚାର ସୁସ୍ଥତା ରକ୍ଷା କରିଥଏ । ଯଥା skin disorders like psoriasis, skin rashes ରୁ ରକ୍ଷା କରିଥାଏ । Aging ପ୍ରୋସେସ୍‌କୁ କମ୍ କରିଥାଏ, ଏଥିରେ ଥିବା collagen ତ୍ୱଚାକୁ ଟାଇଟ୍ ଓ ଚିକ୍କଣ ରଖିଥାଏ । ଏହା ଓଜନ କମାଇବରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫାଇଭର୍ ଓ କମ୍ କ୍ୟାଲୋରୀଯୁକ୍ତ ହୋଇଥିବାରୁ ଖାଇଲେ ବହୁ ସମୟ ଯାଏଁ ପେଟ ପୁରା ଲାଗେ, ଭୋକ କମ୍ ହୁଏ । ଗାଜର ତିଆରି ଖାଦ୍ୟ ଲିଭର୍‌ରେ Bile Secretion କରାଏ ଯାହା ଫ୍ୟାଟ୍‌କୁ ଏନର୍ଜିରେ ପରିଣତ କରିଥାଏ । ଗାଜରରେ ଥିବା Carotenoids Vit A ରେ ପରିଣତ ହୁଏ ଏବଂ enzymes ସୃଷ୍ଟି କରେ ଯାହା କ୍ୟାନସର ସେଲ୍‌କୁ ନଷ୍ଟ କରିଥାଏ । ଗାଜର ଲିଭରକୁ ସୁସ୍ଥ ରଖେ ଏବଂ cardiovascular health ପାଇଁ ଅତି ଉତ୍ତମ ଅଟେ ।

**ଛୋଟ ପିଲାଙ୍କ ପାଇଁ :** ଛୋଟ ପିଲାଙ୍କ ପାଇଁ ଗାଜର ଏକ ଚମତ୍କାର ଖାଦ୍ୟ, Safe in consistency and sweet in taste, ଏହା ସେମାନଙ୍କ ସାମଗ୍ରିକ ବିକାଶ ଓ ବୃଦ୍ଧିରେ ଅତ୍ୟନ୍ତ ସାହାଯ୍ୟକାରୀ ଅଟେ । ପିଲାମାନଙ୍କ ପାଇଁ ଗାଜର ହାଲୁଆ ସହ ଲଡୁ କରି ପାରିବେ । ଗାଜର କେକ୍ ପିଲାଙ୍କ ପାଇଁ ବେଶ୍ ୟମି, ମନ ପସନ୍ଦର ଖାଦ୍ୟ, ଯାହା ପିଲାମାନେ ଅତି



ଆନନ୍ଦରେ ଖାଇପାରିବେ ।

**ଆବଶ୍ୟକ ସାମଗ୍ରୀ:** ଗାଜର କୋରା-୧ ବଡ଼ କପ୍, ଗହମ ଅଟା-୨କପ, ଦହି-୧/୨କପ୍, ବଟର୍-୧୦୦ଗ୍ରାମ/ତେଲ-୧/୨କପ୍, ଗୁଣ୍ଡ ଗୁଡ଼-୧କପ୍, ଅମୁଲ ପାଉଡ଼ର-୨ ଚାମଚ, ବେକିଙ୍ଗ୍ ପଉଡ଼ର ୧ଚାମଚ, ବେକିଙ୍ଗ୍ ସୋଡ଼ା-୧/୨ଚାମଚ, ଟିପେ ଲୁଣ, କାଜୁ ଖଣ୍ଡ/୧୨କ, କ୍ଷୀର-୨/୩ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ବଡ଼ ପାତ୍ରରେ ଅଟା ଇତ୍ୟାଦି ସବୁ ଗୁଣ୍ଡ ଜିନିଷକୁ ଛାଣି ନେଇ ମିଶାଇ ରଖନ୍ତୁ । ଆଉ ଗୋଟେ ପାତ୍ରରେ ଦହି, ତେଲ ବା ବଟର୍‌କୁ ତରଳାଇ ଗୁଡ଼ ମିଶାଇ ଭଲ ଭାବେ ଫେଣ୍ଟି ନିଅନ୍ତୁ । ଭଲ ଭାବେ ଫେଣ୍ଟି ହୋଇଗଲେ ଶୁଖିଲା ମିଶ୍ରଣକୁ ମିଶାଇ ପୁଣି ଫେଣ୍ଟି ନିଅନ୍ତୁ । ମିଶ୍ରଣ ହାଲୁକା ହେବା ଯାଏଁ ସେଥିରେ କାଜୁ ଖଣ୍ଡ ପକାଇ ଦିଅନ୍ତୁ । କେକ୍ ଟିଣରେ ବଟର୍ ପେପର୍ ବା ତେଲ ମାରି ମିଶ୍ରଣକୁ ଢାଳି ଟିକେ ଟେପ୍ କରି ନିଅନ୍ତୁ । ପ୍ରୀ ହିଟ୍ ଓଭନ୍‌ରେ ୧୫୦-୧୬୦ଡିଗ୍ରୀରେ ୪୦ ମିନିଟ୍ ବସାଇ, ଚେକ କରି ବାହାର କରନ୍ତୁ । ଯଦି କଡ଼େଇ ବା ପ୍ରେସର୍ କୁକର୍‌ରେ ବସାନ୍ତି ତ ଲୁଣ ଦେଇ ଗରମ କରି କେକ୍ ଟିଣ ରଖି, ଢାଙ୍କୁଣୀ ଦେଇ ୪୦-୪୫ ମିନିଟ୍ ଯାଏଁ ବସାଇ ଚେକ୍ କରି ଓହ୍ଲାଇ ଦିଅନ୍ତୁ । ପ୍ରେସର୍‌ରେ କଲେ ହୁଇସିଲ୍ ବାହାର କରି ଢାଙ୍କୁଣୀ ଦେବେ, ଥଣ୍ଡା କରି କାଟି ଖାଇବାକୁ ଦିଅନ୍ତୁ ।

**ଗାଜର ଜୁସ୍ :** ୧ ଗାଜର, ୧ସେଓ, ୧- ଚାମଚ ମହୁ, ୧/୨ଇଞ୍ଚ ଅଦା, ୧୦ଗ୍ରାମ- ଧନିଆପତ୍ର, ୪ଖଣ୍ଡ ବରଫ । ଏସବୁକୁ ବ୍ଲେଣ୍ଡ୍ କରି ଏକ ସ୍ୱାସ୍ଥ୍ୟକର ଡ୍ରିଙ୍କ୍‌ସ୍ କରି ନିୟମିତ ଗ୍ରହଣ କରାଯାଇପାରେ । ଏହାଛଡ଼ା ସାଲାଡ୍, ଆଚାର, ମୁରବା ଆଦି ବହୁପ୍ରକାରେ ଗାଜରକୁ ଖାଦ୍ୟରେ ସାମିଲ କରାଯାଇପାରେ ।

# ରୋନାଲିସାଙ୍କ ରାନ୍ଧଣା


## ରୋନାଲିସା ପଣ୍ଡା

ମାର୍ଫତ : ଅରୁଣାଂଶୁ ପାଣିଗ୍ରାହୀ, ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ଫୋନ:୭୦୦୮୪୮୬୭୩୮


ଫଟୋ ସୌଜନ୍ୟ : ଲେଖିକା



### ପଣସ କୋଫ୍ତା ତରକାରୀ

**ଆବଶ୍ୟକ ସାମଗ୍ରୀ :** ପଣସ କଟା ୨୫୦ଗ୍ରାମ, ଆଳୁ ସିଝା ୧, କଟା ପିଆଜ ୧, ଅଦା ରସୁଣ ପେଷ୍ଟ ୨ ଚାମଚ, ବଟା ଟମାଟୋ ୨ଟା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ ଅଧା ଚାମଚ୍ ଲେଖାଁ, ଗୋଟା ଗରମ ମସଲା, ଲୁଣ, ତେଲ, ବେସନ ୪ ଚାମଚ । ଧନିଆ ପତ୍ର ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଟା ପଣସକୁ ଅଳ୍ପ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ ଓ ପରେ ତାର ପାଣି ବାହାର କରି ଦିଅନ୍ତୁ । ସେଥିରେ କଟା ପିଆଜ ଆଳୁସିଝା, ହଳଦୀ ଓ ଅଳ୍ପ ଧନିଆ ଜିରା ଗୁଣ୍ଡ, ବେସନ ପକାଇ ଭଲଭାବରେ ଗୋଳାଇ ଦିଅନ୍ତୁ । ପରେ ଗୋଲ ଗୋଲ କରି ତେଲରେ ଛାଣି ରଖନ୍ତୁ । କରେଇରେ ଅଳ୍ପ ତେଲ ଦେଇ ସେଥିରେ ଗୋଟା ମସଲା ପକାନ୍ତୁ । ତାପରେ କଟା ପିଆଜ, ଅଦା ରସୁଣ ପେଷ୍ଟ ଓ ଟମାଟୋ ବଟା ପକାନ୍ତୁ । ଜିରା ଓ ଧନିଆ, ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ । ସେଥିରେ ୨ କପ୍ ପାଣି ପକାଇ ଫୁଟିବାକୁ ଦିଅନ୍ତୁ । ଏବେ ପୂର୍ବରୁ ପ୍ରସ୍ତୁତ ପଣସ କୋଫ୍ତାକୁ ସେଥିରେ ପକାଇ ଗରମ ମସଲା ପକାନ୍ତୁ ଓ ଚୁଲି ବନ୍ଦ କରି ଦିଅନ୍ତୁ । ଧନିଆ ପତ୍ର ପକାଇ ପରଷନ୍ତୁ ।

### କୋବି ଝାଲ୍‌ଫ୍ରାଏ

**ଆବଶ୍ୟକ ସାମଗ୍ରୀ :** କୋବି ଛୋଟ ପିସ୍ ୨୦୦ଗ୍ରାମ, ଅଦା ରସୁଣ ବଟା ୨ ଚାମଚ, ହଳଦୀ ଗୁଣ୍ଡ ୧ଚାମଚ, ଗୋଲମରିଚ ଗୁଣ୍ଡ ୧ଚାମଚ, ଜିରା ୧ ଚାମଚ, କଞ୍ଚା ଲଙ୍କା ବଟା ୧ ଚାମଚ, କଟା କେପ୍ସିକମ୍ ୧ଟା, କଟାପିଆଜ ୨ଟା, ଟମାଟୋ ୨ଟା, ଟମାଟୋ ସସ୍ ୨ଚାମଚ, ବେସନ ୨ଚାମଚ, କର୍ନଫ୍ଲୋର୍ ୩ ଚାମଚ, ଲୁଣ ସ୍ୱାଦ ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କୋବି ଛୋଟ ଛୋଟ ଖଣ୍ଡ କରି କାଟି ତାକୁ ଅଳ୍ପ ସିଝାଇ ପାଣି ବାହାର କରି ଦିଅନ୍ତୁ । ସେଥିରେ ହଳଦୀ ଓ ଲୁଣ ପକାଇ ଭଲ ଭାବରେ ଗୋଳାଇ ରଖି ଦିଅନ୍ତୁ । ପରେ ଗୋଲ ମରିଚ ଗୁଣ୍ଡ, ବେସନ ଓ କର୍ନଫ୍ଲୋର୍ ଦେଇ ଗୋଳାଇ, ତେଲ ଗରମ କରି ସେଥିରେ ଫୁଲକୋବିକୁ ଛାଣନ୍ତୁ । କରେଇରେ ତେଲ ପକାଇ ସେଥିରେ ଜିରା, ଅଦା ରସୁଣ ବଟା, ଲଙ୍କା ବଟା, କଟା ପିଆଜ ପକାଇ ଭାଜନ୍ତୁ । ପରେ ଟମାଟୋ ଦେଇ ଲୁଣ ଦେଇ ଭାଜନ୍ତୁ । ଏହା ସିଝିଗଲେ ଥଣ୍ଡା କରି ଭଲ ଭାବରେ ବାଟି ରଖନ୍ତୁ । କରେଇରେ ପ୍ରଥମେ ତେଲ ଦେଇ ସେଥିରେ କଟା କେପ୍ସିକମ୍ ଦେଇ ବଟା ପେଷ୍ଟକୁ ପକାଇ ଭାଜନ୍ତୁ । ତା'ପରେ ଛଣା କୋବି ପକାଇ ଭାଜନ୍ତୁ । ପରେ ଲୁଣ ଗୋଲମରିଚ ଗୁଣ୍ଡ ପକାଇ ସେଥିରେ ୨ ଚାମଚ ଟମାଟୋ ସସ୍ ଦେଇ ଚୁଲି ବନ୍ଦ କରି ଦିଅନ୍ତୁ । ଏବେ ସର୍ଭ କରନ୍ତୁ କୋବି ଝାଲ୍‌ଫ୍ରାଏ ।

### ଚିଲି ପଣସ

**ଆବଶ୍ୟକ ସାମଗ୍ରୀ :** ପଣସ ଛୋଟ ପିସ୍ ୫୦୦ଗ୍ରାମ, ଅଦା ରସୁଣ ବଟା ୨ଚାମଚ, ଗୋଲ ମରିଚ ଗୁଣ୍ଡ ୧ଚାମଚ, କଞ୍ଚା ଲଙ୍କା ବଟା ୧ ଚାମଚ, କଟା କେପ୍ସିକମ୍ ୨ଟା, କଟା ପିଆଜ ୨ଟା, ବେସନ ୨ଚାମଚ, କର୍ନଫ୍ଲୋର୍ ୫ ଚାମଚ । ସୋଆ ସସ୍ ୨ ଚାମଚ, ଟମାଟୋ ସସ୍ ୧/୨କପ୍, ଚିଲି ସସ୍ ୪ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପଣସକୁ ଛୋଟ ଛୋଟ ଖଣ୍ଡ କରି କାଟି ତାକୁ ଅଳ୍ପ ସିଝାଇ ପାଣି ବାହାର କରି ଦିଅନ୍ତୁ । ସେଥିରେ ଅଦା ରସୁଣ ଓ କଞ୍ଚା ଲଙ୍କା ବଟା ଦେଇ ଗୋଳାଇ ଦିଅନ୍ତୁ । ସୋୟା ସସ୍ ଓ ଲୁଣ ପକାଇ ଭଲ ଭାବରେ ଗୋଳାଇ ୩୦ ମିନିଟ୍ ପାଇଁ ରଖି ଦିଅନ୍ତୁ । ୩୦ମିନିଟ୍ ପରେ ଗୋଲ ମରିଚ ଗୁଣ୍ଡ, ବେସନ ଓ ୨ ଚାମଚ କର୍ନଫ୍ଲୋର୍ ଦେଇ ଗୋଳାଇ, ତେଲ ଗରମ କରି ସେଥିରେ ପଣସକୁ ଛାଣନ୍ତୁ ଓ ବାକି କର୍ନଫ୍ଲୋର୍‌କୁ ଅଳ୍ପ ପାଣିରେ ଗୋଳାଇ ଦିଅନ୍ତୁ । କରେଇରେ ତେଲ ପକାଇ ସେଥିରେ କଟା ପିଆଜ, କଟା କେପ୍ସିକମ୍ ପକାଇ ଭାଜନ୍ତୁ । ପରେ ଛଣା ପଣସ ପକାଇ ଭାଜନ୍ତୁ । ତା'ପରେ ଲୁଣ ଗୋଲମରିଚ ଗୁଣ୍ଡ ପକାଇ ସେଥିରେ ଶସ୍ତକ ପକାଇ ଘାଂଟି କର୍ନଫ୍ଲୋର ଗୋଳା ପାଣି ଦେଇ ଭଲ ଭାବରେ ଗୋଳାଇ ଚୁଲି ବନ୍ଦ କରି ଦିଅନ୍ତୁ । ଏବେ ରେଡ଼ି ହେଇଗଲା ଚିଲି ପଣସ ।





▲ ଲେଖିକା ରୋନାଲିସା ପଣ୍ଡା

# ଗୀତିକାଙ୍କ ରେସିପି


ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ଗୀତିକା ଜ୍ୟୋତିପର୍ଣ୍ଣା



## ପନିର୍ ସାଲାଡ଼୍

**ଆବଶ୍ୟକ ସାମଗ୍ରୀ :** ୨୦୦ ଗ୍ରାମ୍ ପନିର୍, ଅଧାକପ୍ କଟା କ୍ୟାପ୍ସିକମ୍, ଅଧାକପ୍ କଟା ପିଆଜ, ଅଧାକପ କଟା ଟମାଟୋ, ଦୁଇ ଚାମଚ ଅଲିଭ୍ ତେଲ, ଅଧା ଚାମଚ ଚାଟ୍ ମସଲା, ୧ ଚାମଚ ଲେମ୍ବୁରସ, ଅଧା ଚାମଚ ଗୋଟା ଜିରା ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିର୍‌କୁ ଛୋଟ ଛୋଟ ଆକାରରେ କାଟି ରଖନ୍ତୁ । ବର୍ତ୍ତମାନ ଏକ ପ୍ୟାନ୍‌ରେ ଅଲିଭ୍ ତେଲ ପକାଇ ସେଥିରେ ଜିରା ପକାଇ ଭାଜନ୍ତୁ । ଜିରା ଭାଜି ହୋଇଗଲା ପରେ ସେଥିରେ ପନିର୍, ପିଆଜ, କ୍ୟାପସିକମ୍ ସବୁକୁ ପକାଇ ଅଳ୍ପ ଭାଜନ୍ତୁ, ଅଳ୍ପ ଭାଜି ହେବା ପରେ ବର୍ତ୍ତମାନ ସେଥିରେ କଟା ଟମାଟୋ ଏବଂ ଲୁଣ ପକାଇ ଆଉ ୨ରୁ ୩ ମିନିଟ୍ ଭାଜନ୍ତୁ । ପନିର୍ ଏବଂ ପରିବା ସବୁ ଭାଜି ହେବା ପରେ ଏହାକୁ ଏକ ପ୍ଲେଟ୍‌କୁ ବାହାର କରନ୍ତୁ । ସେଥିରେ ଚାଟ୍ ମସଲା ଏବଂ ଲେମ୍ବୁରସ ପକାଇ ଖାଆନ୍ତୁ । ଆପଣ ଚାହିଁଲେ ସେଥିରେ କଟା ଧନିଆପତ୍ର ମଧ୍ୟ ପକାଇ ପାରିବେ । **(ପନିର୍ ସାଲାଡ଼୍ ଓଜନ କମାଇବାରେ ସାହାଯ୍ୟ କରିଥାଏ । ସାଲାଡ଼୍‌ରେ ଅଲିଭ୍ ତେଲ ପକାଇଲେ ତାହା ସ୍ୱାସ୍ଥ୍ୟ ଏବଂ ଓଜନ ନିୟନ୍ତ୍ରଣ ପାଇଁ ଲାଭଦାୟକ ହୋଇଥାଏ ।)**

## ତନ୍ଦୁରୀ ଚିକେନ୍

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ ଚିକେନ, ୧କପ୍ ବସାଦହି, ୨ ଚାମଚ ସୋରିଷ ତେଲ, ୨ ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ୨ରୁ ୩ ଚାମଚ ତନ୍ଦୁରୀ ମସଲା, ୧ ଚାମଚ ବଟର, ଅଧା ଚାମଚ ଗରମ ମସଲାଗୁଣ୍ଡ, ଚିମୁଟାଏ ରେଡ୍ ଫୁଡ୍ କଲର୍, ୩ ରୁ ୪ ଚାମଚ ରିଫାଇନ ତେଲ, ସ୍ୱାଦ ଅନୁଯାୟୀ ଲୁଣ ଏବଂ ୨ ଚାମଚ ଅଦା ରସୁଣ ପେଷ୍ଟ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ସୋରିଷ ତଲ, ରେଡ୍ ଚିଲ୍ଲି ପାଉଡ଼ର୍, ତନ୍ଦୁରୀ ମସଲା, ଗରମ ମସଲା, ଫୁଡ୍‌କଲର୍, ଲୁଣ ପକାଇ ଭଲ ଭାବେ ଚାମଚରେ ଗୋଳାଇ ଦିଅନ୍ତୁ ଏବଂ ତା' ସହିତ ଦହି ପକାଇ ଭଲ ଭାବେ ମସଲା ସହିତ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ସେଥିରେ ଚିକେନ୍ ପକାଇ ମସଲା ସହିତ ଭଲ ଭାବେ ମିଶାନ୍ତୁ (ଚିକେନ୍‌ର ଗୋଡ଼ ପିସ୍‌ରେ ଛୁରୀ ସହାୟତାରେ ୨ରୁ ୩ଟି କଟାଦାଗ ଦେଇ ଦିଅନ୍ତୁ । ଏତଦ୍ ଦ୍ୱାରା ଚିକେନ୍ ଭିତରକୁ ମଧ୍ୟ ମସଲାର ସ୍ୱାଦ ଯାଇଥାଏ । ଚିକେନ୍ ମିଶାଇବା ପରେ ବର୍ତ୍ତମାନ ସେଥିରେ ଅଦାରସୁଣ ପେଷ୍ଟ୍ ପକାଇ ଗୋଳାନ୍ତୁ । ଏବେ ଚିକେନ୍‌କୁ ୨ରୁ ୩ ଘଣ୍ଟା ମେରିନେଟ୍ କରନ୍ତୁ । ଚିକେନ୍ ଭଲ ଭାବେ ମେରିନେଟ୍ ହେବା ପରେ ଏବେ ଏକ ପ୍ୟାନ୍‌ରେ ତେଲ ସହିତ ବଟର୍ ପକାନ୍ତୁ । ଏହା ଗରମ ହେବା ପରେ ସେଥିରୁ ଚିକେନ୍ ପକଇ ୧୦ ମିନିଟ୍ ଭାଜନ୍ତୁ । ୧୦ ମିନିଟ୍ ପରେ ଏହାକୁ ଓଲଟାଇ ଦେଇ ଆଉ ୧୦ମିନିଟ୍ ଭାଜନ୍ତୁ । (ଗ୍ୟାସ୍‌ର ଆଞ୍ଚ ଧିମା ରଖି ଚିକେନ୍ ବନାନ୍ତୁ, ଏତଦ୍ୱାରା ଚିକେନ୍ ଭଲ ଭାବେ ସିଝିଥାଏ ଏବଂ ସ୍ୱାଦିଷ୍ଟ ଲାଗିଥାଏ) । ଚିକେନ୍‌ର ରଙ୍ଗ ବଦଳିବା ପରେ ଏହାକୁ ପ୍ଲେଟ୍‌ରେ ପରଷି ଦିଅନ୍ତୁ । ତନ୍ଦୁରୀ ଚିକେନ୍‌କୁ ଗରମ ଗରମ ଏବଂ ପୁଦିନା ଚଟଣି, ପିଆଜ ସହିତ ଖାଆନ୍ତୁ ।



# ସବିତାଙ୍କ ବ୍ୟଞ୍ଜନ


## ସବିତା ମହାଲିକ

ସାର୍ଟିଫାଏଡ୍ ନିଉଟ୍ରିସନିଷ୍ଟ, ଫାଉଣ୍ଡର୍ : ଚିନିକମ୍,
ସାଇଣ୍ଟିଷ୍ଟ ଆପାର୍ଟମେଣ୍ଟ, ବାର୍‌ୱା ରୋଡ୍,
ଧାନ୍‌ବାଦ୍, ଝାରଖଣ୍ଡ-୮୨୬୦୦୧
ଫୋନ:୯୧୬୨୫୩୪୬୨୩
ଇନ୍‌ଷ୍ଟାଗ୍ରାମ୍: cheenikum5


ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ସବିତା ମହାଲିକ

## ସଜନାଫୁଲ ଓ ମାଣ୍ଡିଆ ବରା



**ଆବଶ୍ୟକ ସାମଗ୍ରୀ :** ସଜନା ଫୁଲ ୨କପ, ଫକ୍‌ସଟଟେଲ ମାଣ୍ଡିଆ ୧/୨କପ, ଲୁଣ ସ୍ୱାଦ ଅନୁସାରେ, ହଳଦୀ, ଚାଉଳ ଗୁଣ୍ଡ ୧/୪କପ, ବେସନ ୧/୪କପ, ପିଆଜ ୧ଟା, କଞ୍ଚାଲଙ୍କା ୨ଟା, ମସଲା (ଜିରା, ଚାଟ୍, ୧/୨), ତେଲ ଛାଣିବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଣ୍ଡିଆକୁ ଭଲଭାବରେ ଧୋଇ ତାକୁ ଶିଝେଇ ଦେବେ । ସଜନା ଶାଗ ଧୋଇ ଶିଝେଇ ପାଣି ବାହାର କରିଦେବେ । କଞ୍ଚା ଲଙ୍କା, ପିଆଜ ଛୋଟ ଛୋଟ କରି କାଟିଦେବେ । ଚାଉଳ ଗୁଣ୍ଡ, ବେସନ ଟିକେ ପାଣି ଦେଇ ତାର ଗୋଟେ ଘୋଳ ବନେଇବେ । ଘୋଳକୁ ବେଶୀ ପାଣିଆ କରିବେ ନାହିଁ । ଘୋଳରେ ସବୁ ସାମଗ୍ରୀ ମିଶେଇ ଦେବେ । ସବୁ ଭଲରେ ମିଶେଇଲା ପରେ ତାକୁ ଛୋଟ ଛୋଟ ଗୁଳା ହାତରେ ବନେଇବେ । ଗୁଳାକୁ ହାତରେ ଟିକେ ଚେପ୍‌ଟା କରିଦେବେ । ପ୍ୟାନ୍‌ରେ ଆବଶ୍ୟକ ଅନୁଯାୟୀ ତେଲ ନେବେ, ଭଲରେ ଗରମ ହେଲା ପରେ ଆଞ୍ଚ ଟିକେ କମେଇ ଦେବେ । ଗୁଳା ସବୁ ଧିରେ ଧିରେ ତେଲରେ ପକେଇବେ, ବେଶୀ ଜୋର୍‌ରେ ଗ୍ୟାସ୍ ଫ୍ଲେମ୍ ଦେବେନାହିଁ । ଦୁଇ ପଟ ଭଲରେ ଭାଜି ହୋଇଗଲେ ଓହ୍ଲେଇ ରଖିବେ । ଏହାକୁ ଚାହା ସଂଗେ ଖାଇଲେ ବି ଭଲ ଲାଗେ ।

## ନିମ୍ବପତ୍ର ପରିବା ଭଜା

**ଆବଶ୍ୟକ ସାମଗ୍ରୀ :** ନିମ୍ବପତ୍ର ୫/୬ଟି, ଛୋଟ ବାଇଗଣ ୧, କଖାରୁ ଅଧା ଛୋଟ ଗିନା, ଆଳୁ ଅଳ୍ପ ଟିକେ, କଞ୍ଚାଲଙ୍କ ୨ଟା, ଫୁଟଣ, ତେଲ, ଲୁଣ ଓ ହଳଦୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପତ୍ର ଭଲରେ ଧୋଇଦେଇ ରଖିବେ । ତାପରେ ତାକୁ ବିନା ତେଲରେ ଭାଜିବେ । ଥଣ୍ଡା ହେଲା ପରେ କୁରକୁରା ହେଇଗଲେ ତାକୁ ହାତରେ ମଳି ଦିଅନ୍ତୁ । କଡ଼େଇରେ ତେଲ ଗରମ କରିବେ । ସେଥିରେ ଫୁଟଣ, ପିଆଜ, ଲଙ୍କା, ସବୁ କଟା ପରିବା ପକେଇବେ । ସବୁ ପରିବା ଭଲ ଭାବରେ ଭାଜିବେ, ଲୁଣ ହଳଦି ପକେଇକି ଘୋଡ଼େଇ ଦେବେ । ପତ୍ରକୁ ହାତରେ ମଳି ଦେବେ, ସବୁ ଗୁଣ୍ଡ ହେଇଯିବ । ପରିବା ସବୁ ଶିଝି ହେଇ ଆସିଲା ବେଳକୁ ନିମ ପତ୍ର ଗୁଣ୍ଡ ପକେଇ ଟିକିଏ ସମୟ ଘୋଡ଼େଇ ଦେବେ । ନିମର ଉପକାରିତା ବହୁତ । ପେଟ ପାଇଁ, ଦେହ ପାଇଁ ବହୁତ ଭଲ ।





HIGHLAND
A Highland Group Entity
HIGHLAND
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in

# ସାହିତ୍ୟିକ ଓ ପୁରସ୍କାର

ନିକଟରେ ସୋସିଆଲ୍ ମିଡ଼ିଆରେ ବରିଷ୍ଠ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ 'ପୁରସ୍କାରକୁ ନମସ୍କାର' ଶୀର୍ଷକ ଦେଇ ନିଜର ଏକ ପୋଷ୍ଟିଂ ଦେଇଥିବା ମୋ ନଜରକୁ ଆସିଥିଲା । ଏକଦା ଗୋଟେ ବଡ଼ ପୁରସ୍କାରକୁ ଅଗ୍ରାହ୍ୟ କରି ଦେଇଥିବା ଏ ଲେଖକଙ୍କର ବିଚାର ସହିତ ମୁଁ ଅନେକାଂଶରେ ସହମତ ଥିବାରୁ ପୋଷ୍ଟିଂଟି ମୋତେ ପ୍ରରୋଚିତ କଲା ପ୍ରସଙ୍ଗଟିକୁ ମୁଁ ମୋର 'ଶେଷପୃଷ୍ଠା' ଅନୁଚିନ୍ତାରେ ଆଲୋଚନା କରିବା ଉଚିତ ।

ମୋର କହିବାର କଥା ହେଉଛି ପୁରସ୍କାର ସାହିତ୍ୟିକଙ୍କୁ ସମ୍ମାନିତ କରିବା ପାଇଁ ଦିଆଯାଏ ତ ? ଯଦି ହଁ, ତେବେ ପୁରସ୍କାର ପାଇବା ପରେ ଜନମୁଖରୁ ଗାଳି ଓ ଭର୍ତ୍ସନା ଶୁଣିବାକୁ ମିଳେ କାହିଁକି ? ଏତଦ୍ୱାରା ପୁରସ୍କାର ପାଇଥିବା ସାହିତ୍ୟିକଟିର ଅବସ୍ଥା ବାରଣ୍ଡା ଦି'କଡ଼ା ହୋଇଯାଏ ନାହିଁକି ? କାହିଁକି ଲୋକମାନେ ପସନ୍ଦ କରନ୍ତି ନାହିଁ ପୁରସ୍କାର ପ୍ରଦାନର ବିଚାରକୁ ! ଏ କଥାକୁ ପ୍ରମାଣିତ କରିବା ପାଇଁ ଜେ.ପି.ଦାସଙ୍କ ପୋଷ୍ଟିଂରେ ରହିଛି, କିପରି ରବୀନ୍ଦ୍ରନାଥଙ୍କୁ ନୋବେଲ ପୁରସ୍କାର ପାଇବା ପରେ ପରେ ଅତି ରୁକ୍ଷ ଭାବେ ସମାଲୋଚନା କରା ଯାଇଥିଲା । ଯଦିଓ ପୁରସ୍କାର ପାଇବା ବେଳକୁ ରବୀନ୍ଦ୍ରନାଥ ବଙ୍ଗଳାରେ ଲେଖକ ଭାବେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ମଧ୍ୟ ପୁରସ୍କାର ପ୍ରାପ୍ତି ପରର ସମାଲୋଚନାରୁ ରକ୍ଷା ମିଳିନାହିଁ- ଏ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗିବା ସହ ପୁନଶ୍ଚ ସେଇକଥା ମନକୁ ଆସେ ଯେ, ପୁରସ୍କାର ସତରେ ସମ୍ମାନ ନା ତିରସ୍କାର ?

କିନ୍ତୁ ଆଶ୍ଚର୍ଯ୍ୟର କଥା ଆମ ସାହିତ୍ୟିକମାନଙ୍କ ଭିତରେ ପୁରସ୍କାରକୁ ନେଇ ଅନେକଙ୍କ ଭିତରେ ବେଶ୍ ଆଲର୍ଜି ଥିବାବେଳେ ଅନେକଙ୍କର ରହିଛି ଅହେତୁକ ଲାଳାଂଶ । ଛଳେ ବଳେ କୌଶଳେ ପୁରସ୍କାରଟିଏ ପାଇବା ପାଇଁ ବିକଳପଣରେ ମରୁଥିବା ଲେଖକଟିଏ ପୁରସ୍କାର ଲାଭ ପରେ ଯେତେ ସମାଲୋଚନା ବା ଭର୍ତ୍ସନା ଶୁଣେ, ସବୁକୁ ଏ କାନରେ ପୂରେଇ ସେ କାନରେ ବାହାର କରିଦେବା ପରି 'ଜାଣି ସିଆଣା' ରୂପେ ଆମରି ଭିତରେ ଚଳପ୍ରଚଳ ହୁଏ । ଯେମିତି କିଛି ତ ଘଟିନି ! ତା'ପରର କଥାଟି ସାଙ୍ଘାତିକ । ଅର୍ଥାତ୍ ସେଇ ଲେଖକଟି ଆଉ ଲେଖାଲେଖି ଜଗତରେ ସକ୍ରିୟ ଭାବେ ରହେନା । ସଠିକ୍ ଅର୍ଥରେ କହିଲେ ସର୍ଜନଶୀଳକର୍ମରୁ ସେ ନିଷ୍କ୍ରାନ୍ତ ହୋଇଯାଏ । ଯେପରି ଏତିକି ପାଇବାକୁ ସେ ଆସିଥିଲା ଏବଂ ପାଇଗଲା ତ ସରିଗଲା ତା'ର ଲେଖାଲେଖି କଥା ।

ମୋର ନିର୍ଦ୍ଦିଷ୍ଟ ପ୍ରଶ୍ନ : ପୁରସ୍କାର କ'ଣ ଲେଖକଙ୍କର ସୃଜନଶୀଳତାକୁ ଅକାମୀ କରିଦିଏ ? ପୁରସ୍କାର କ'ଣ ଲେଖକକୁ ମାରିଦିଏ ? ଏହାର ଉତ୍ତରରେ ସେହି ପୋଷ୍ଟିଂରେ ଜେପି ଦାସ ଲେଖିଛନ୍ତି: ୧୯୪୮ରେ ନୋବେଲ୍ ପୁରସ୍କାର ପାଇବା ପରେ ଇଲିଅଟ୍ କହିଥିଲେ, ଏ ପୁରସ୍କାର ନିଜର ଶବଯାତ୍ରା ପାଇଁ ଟିକେଟ୍, ଏହା ପାଇବା ପରେ କେହି କିଛି କହିନାହାନ୍ତି । ଯଥାର୍ଥରେ ଇଲିଅଟ୍ଙ୍କ କଥାଟି ସତ୍ୟ । ଆଜିର ସମୟରେ ପୁରସ୍କାର ପାଇ ସାରିବା ପରେ ଅନେକ ଲେଖକଙ୍କୁ ଆଉ ସାହିତ୍ୟ ଜଗତରେ ସକ୍ରିୟ ଥିବା ଲକ୍ଷ୍ୟ କରି ହୁଏନା । ଅନେକ ନିରବି ଯାଇଥିବାର ମଧ୍ୟ ପ୍ରମାଣ ଅଛି । କେବଳ ବଡ଼ ବଡ଼ ପୁରସ୍କାର ନୁହେଁ, କିମ୍ବା କେବଳ ବୟସ୍କ ଲେଖକ ନୁହଁନ୍ତି, ଏ ପ୍ରକାର ଏକ ରୋଗରେ ଏବେ ଆମର ଯୁବଗୋଷ୍ଠୀ ମଧ୍ୟ ପୀଡ଼ିତ । ଅର୍ଥାତ୍ ଯୁବଗୋଷ୍ଠୀଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପୁରସ୍କାର ଏକାଡ଼େମୀ ଏବଂ ବଡ଼ବଡ଼ ସଂଗଠନ ତରଫରୁ ଦିଆ ଯିବାର ବ୍ୟବସ୍ଥା ରହିଛି । ଏଥିପାଇଁ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟ ରହିଛି । ଯେଉଁମାନେ ପାଉଛନ୍ତି ଏ ପୁରସ୍କାର, ସେମାନେ ଯେ ଅଯୋଗ୍ୟ ତା' ନୁହେଁ, ସେମାନେ ଯୋଗ୍ୟ ଲେଖକ, କିନ୍ତୁ ପ୍ରଶ୍ନ ହେଉଛି, ପୁରସ୍କାର ପାଇବା ପରେ ସେମାନଙ୍କର ଆଉ ଲେଖାଲେଖି କ୍ଷେତ୍ରରେ ବିଶେଷ ଦର୍ଶନ ମିଳେନା । କାହିଁକି ? ପୁରସ୍କାର ପାଇବା ପୂର୍ବରୁ ସେମାନେ ଯେତିକି ସକ୍ରିୟ ଓ ପ୍ରଖର ଥିଲେ, ପୁରସ୍କାର ପାଇବା ପରେ ସେମାନେ ସେତିକି ନିରବ ଓ ମନ୍ଥର ହୋଇ ଯାଉଥିବା ମୁଁ ଲକ୍ଷ୍ୟ କରିଛି । ଏହାର କାରଣ ପାଇଁ ଆମେ ଇଲିଅଟ୍ଙ୍କ ସେଇ ଉକ୍ତିକୁ ମନେ ପକାଇ ପାରିବା । ପୁରସ୍କାର ଲେଖକଙ୍କୁ ଦାୟିତ୍ୱଶୀଳ କରେ, ଆହୁରି ପ୍ରେରଣା ଦିଏ ବୋଲି ଯାହା କୁହାଯାଏ, ତାହା କେବଳ କହିବା ପାଇଁ, ଅସଲ କଥା ହେଲା, ପୁରସ୍କାର ସହିତ ଲେଖାଲେଖିର ସମ୍ପର୍କ କିଛି ନାହିଁ । କାରଣ ଯିଏ ଭଲ ଲେଖକ ସେ କେବେ ପୁରସ୍କାର ପାଇଁ ଲେଖୁନଥାଏ ବା ଭଲଲେଖାଟିଏ ପୁରସ୍କାର ନପାଇ ମଧ୍ୟ କାଳଜୟୀ ହେବାର ଅନେକ ପ୍ରମାଣ ଆମ ପାଖରେ ମହଜୁଦ ଅଛି । ଆଜିର ସମୟରେ ପୁରସ୍କାରକୁ ନେଇ ଆଉ ଗୋଟିଏ ବେଶ୍ ରୋଚକ କଥା ଘଟୁଛି । ଯେକୌଣସି ଏକ ଅନୁଷ୍ଠାନର ବାର୍ଷିକୋତ୍ସବ ହେଉଛି ମାନେ ଦଶ ପନ୍ଦର ଜଣ (ସ୍ଥଳ ବିଶେଷରେ ଆହୁରି ଅଧିକ ବଢ଼ିପାରେ ଏ ସଂଖ୍ୟା) ପୁରସ୍କୃତ ହେବେ । ଏ ପୁରସ୍କାର ସହିତ କୌଣସି ଅର୍ଥ ରାଶି ନଥାଏ । ତଥାପି ଗୋଟିଏ ମାନପତ୍ର ଏବଂ ଉତ୍ତରୀୟ ନେବା ପାଇଁ ବହୁ ଲେଖକଙ୍କ ସମାଗମ ଫଳରେ ବିଚରା ଆୟୋଜକଙ୍କ ଶ୍ରୋତାମଣ୍ଡଳିଙ୍କ ସ୍ଥାନଟି ଭରପୂର ଲାଗେ ।

ସବୁଠାରୁ ବଡ଼କଥା, କିଏ ଦେଉଛି ପୁରସ୍କାର, ସେ ଅନୁଷ୍ଠାନ ହେଉ କି ବ୍ୟକ୍ତି, ତାର ସମାଜରେ ପ୍ରତିଷ୍ଠା ଓ ନିଷ୍ଠା କେତେ ସତ୍, ସେ କେତେ ଲୋକପ୍ରିୟ ସେ ବିଷୟରେ ଆମେ ଭାବୁନା, କି ଜାଣିବାକୁ ଚେଷ୍ଟା କରୁନା । ସଠିକ୍ ଭାବେ ଓଡ଼ିଆ ଭାଷାରେ ନିର୍ଭୁଲ୍ ବାକ୍ୟ ଲେଖି ଜାଣି ନଥିବା ଅନେକ ଉଦ୍ୟୋକ୍ତ ମଧ୍ୟ ମାନପତ୍ର ବାଣ୍ଟିବାର ଦେଖାଯାଏ ଏବଂ ସେଠାରେ ବେଶ୍ ବେଶ୍ ଲେଖକଙ୍କ କୋଳାହଳ ମଧ୍ୟ ଶୁଭେ ।

କିଛି କିଛି ସ୍ଥାନରେ ଲେଖାଲେଖି ଆରମ୍ଭ କରି ଏକୋଇଶା କଟେଇ ନଥିବା ଲେଖକଲେଖିକାଙ୍କୁ ମଧ୍ୟ ସମ୍ମାନିତ କରାଯିବାର ପରମ୍ପରା ଆରମ୍ଭ ହୋଇଛି । 'ମୋତେ ପୁରସ୍କାର କାହିଁକି ଦିଆଯିବ ?'- ଏ ପ୍ରକାର ଏକ ଆତ୍ମସମୀକ୍ଷା ଆମେ କରୁନା । ଜଣେ ନିଜ ସାଧନାରେ କିଛିଟା ସଫଳତା ପାଇବା ପରେ ଆମେ ତାଙ୍କୁ ପୁରସ୍କାର ଦେବା କଥା । ମାତ୍ର ଆଜିକାଲି ସେତେ ପର୍ଯ୍ୟନ୍ତ ମଧ୍ୟ ସମ୍ଭାଳି ରହିପାରୁ ନାହାନ୍ତି କେହି ।

ତେଣୁ ପୁରସ୍କାର ପାଇବା ବା ନପାଇବା ଭିତରେ ଫରକ କିଛି ନାହିଁ । ପୁରସ୍କାର ଦେଇ କେହି ଯଦି ଭାବୁଛନ୍ତି ଦୟା କଲେ, ତେବେ ଲେଖକମାନେ ତା'ର ଜବାବ୍ ଦେବା ଉଚିତ୍ । ସମ୍ମାନିତ କରିବାର ସୁସ୍ଥ ପରମ୍ପରା ଭିତରେ ସବୁକିଛି ଘଟୁ । ଯାହାକୁ ସମ୍ମାନିତ କରିବା ତାକୁ ଆଣିବାଠୁ ବିଦାୟ ଦେବା ଯାଏଁ ଆମେ ବିନମ୍ରତାର ସହ ତାଙ୍କ କଥା ବୁଝିବା ହେଉଛି ପୁରସ୍କାରର ବଡ଼ ଦିଗ । ନିକଟରେ ଜଣେ ଅଶିତିପର ବ୍ୟକ୍ତିଙ୍କୁ ସମ୍ମାନିତ କରିବାକୁ କହି ଆୟୋଜକମାନେ ତାଙ୍କୁ କାର୍ଡ଼ ସୁଦ୍ଧା ପଠାଇନଥିବା ଭଳି ଦୁର୍ଭାଗ୍ୟଜନକ କଥା ଶୁଣିବାକୁ ମିଳିଲା । ଏଥିପ୍ରତି ଆମେ ସତର୍କ ରହିବା ଜରୁରୀ ।




SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797

The **REBATI AMA MATIRA SWARA** ● March 2023 Vol - 5 Issue - 05 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**